# କୃତି

## କଳାଶିକ୍ଷା ନିମନ୍ତେ ପାଠ୍ୟପୁସ୍ତକ

### ଅଷ୍ଟମ ଶ୍ରେଣୀ

ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ
ଓଡ଼ିଶା ସରକାର

ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟ ଏବଂ
ରାଜ୍ୟ ଶିକ୍ଷା ଗବେଷଣା ଓ
ପ୍ରଶିକ୍ଷଣ ପରିଷଦ, ଓଡ଼ିଶା, ଭୁବନେଶ୍ୱର

ଓଡ଼ିଶା ବିଦ୍ୟାଳୟ ଶିକ୍ଷା
କାର୍ଯ୍ୟକ୍ରମ ପ୍ରାଧିକରଣ, ଭୁବନେଶ୍ୱର

https://withteachers.in/

# କୃତି

ପରୀକ୍ଷାମୂଳକ ସଂସ୍କରଣ - ୨୦୨୬

**ସମ୍ପାଦକ ମଣ୍ଡଳୀ**

ଶ୍ରୀ ସୀମନ୍ତ ମହାନ୍ତି

ଡ. ନିଳାଦ୍ରୀ କଲ୍ୟାଣ ଦାସ

ଡ. ମୀନକେତନ ପଟ୍ଟନାୟକ

ଶ୍ରୀ କମଳ ଲୋଚନ ମହାନ୍ତ

**ସମୀକ୍ଷକ ମଣ୍ଡଳୀ**

ଡ. ମନୋଜ କୁମାର ବେହେରା

ଶ୍ରୀ ସୀମନ୍ତ ମହାନ୍ତି

ଡ. ନିଳାଦ୍ରୀ କଲ୍ୟାଣ ଦାସ

ଡ. ମୀନକେତନ ଦାସ

**ସଂଯୋଜକ**

ଡ. ପୂର୍ଣ୍ଣ ଚନ୍ଦ୍ର ବ୍ରହ୍ମା

**ମୁଖ୍ୟ-ସଂଯୋଜିକା**

ଡ. ସବିତା ସାହୁ

**ବିଷୟ ବିଶେଷଜ୍ଞ**

ଡ. ନିଳାଦ୍ରୀ କଲ୍ୟାଣ ଦାସ

**ପ୍ରକାଶକ :** ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ, ଓଡ଼ିଶା ସରକାର

**ମୁଦ୍ରଣ ବର୍ଷ :** ୨୦୨୬

**ପ୍ରସ୍ତୁତି :** **ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟ ଏବଂ ରାଜ୍ୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ, ଓଡ଼ିଶା, ଭୁବନେଶ୍ୱର**

**ଡି.ଟି.ପି ଓ ଡିଜାଇନ୍ :** **ଓଡ଼ିଶା ରାଜ୍ୟ ପାଠ୍ୟପୁସ୍ତକ ପ୍ରଣୟନ ଓ ପ୍ରକାଶନ ସଂସ୍ଥା, ଭୁବନେଶ୍ୱର**

**ମୁଦ୍ରଣ :** ପାଠ୍ୟ ପୁସ୍ତକ ଉତ୍ପାଦନ ଓ ବିକ୍ରୟ, ଭୁବନେଶ୍ୱର

https://withteachers.in/

# ପ୍ରସ୍ତାବନା

ଜାତୀୟ ଶିକ୍ଷାନୀତି (NEP) ୨୦୨୦ ଭାରତୀୟ ଆଦର୍ଶ, ସଭ୍ୟତାଗତ ସଫଳତା, ମାନବୀୟ ପ୍ରୟାସ ଏବଂ ଜ୍ଞାନର ସମସ୍ତ କ୍ଷେତ୍ରରେ ଭିତ୍ତିଭୂମି ସହିତ ଏକ ଶିକ୍ଷା ପ୍ରଣାଳୀର କଳ୍ପନା କରିଅଛି । ଏହା ଏକବିଂଶ ଶତାବ୍ଦୀର ସମ୍ଭାବନା ଓ ଆହ୍ୱାନଗୁଡ଼ିକ ସହିତ ଛାତ୍ରଛାତ୍ରୀମାନେ କିପରି ଗଠନାତ୍ମକ ମନୋଭାବ ସହ ନିଜକୁ ପ୍ରସ୍ତୁତ କରିବେ, ସେ ବିଷୟ ଉପରେ ଗୁରୁତ୍ୱ ପ୍ରଦାନ କରୁଛି । ଏହି ଆକାଂକ୍ଷୀ ଦୃଷ୍ଟିଭଙ୍ଗୀ ପାଇଁ ଜାତୀୟ ପାଠ୍ୟକ୍ରମ ଆଧାର (ବିଦ୍ୟାଳୟ ଶିକ୍ଷା) ୨୦୨୩ ଦ୍ୱାରା ସମସ୍ତ ପର୍ଯ୍ୟାୟର ପାଠ୍ୟକ୍ରମ କ୍ଷେତ୍ରରେ ସ୍ପଷ୍ଟ ଭାବରେ ଉଲ୍ଲେଖ କରାଯାଇଛି । ଆଧାର (Foundational) ଓ ପ୍ରସ୍ତୁତି (Preparatory) ପର୍ଯ୍ୟାୟର ଛାତ୍ରଛାତ୍ରୀଙ୍କ ଅନ୍ତର୍ନିହିତ କ୍ଷମତା (ମାନବୀୟ ଅସ୍ତିତ୍ୱର ପାଞ୍ଚଟି ସ୍ତର – ପଞ୍ଚକୋଷ) କୁ ଆଧାର କରି, ସେମାନଙ୍କର ଶିକ୍ଷଣର ପରବର୍ତ୍ତୀ ପ୍ରଗତି ପାଇଁ ପଥ ପ୍ରସ୍ତୁତ କରାଯାଇଛି । ସେହିପରି, ମଧ୍ୟମ (Middle) ପର୍ଯ୍ୟାୟ ଯାହା ଷଷ୍ଠ ଶ୍ରେଣୀ ଠାରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ବ୍ୟାପ୍ତ, ପ୍ରସ୍ତୁତି ପର୍ଯ୍ୟାୟ ଓ ମାଧ୍ୟମିକ (Secondary) ପର୍ଯ୍ୟାୟ ମଧ୍ୟରେ ଏକ ସେତୁ ଭଳି କାମ କରେ ।

ମଧ୍ୟ ପର୍ଯ୍ୟାୟ (ଷଷ୍ଠ ଶ୍ରେଣୀ ଠାରୁ ଅଷ୍ଟମ ଶ୍ରେଣୀ) ଛାତ୍ରଛାତ୍ରୀମାନଙ୍କୁ ଜୀବନରେ ଆଗକୁ ବଢ଼ିବାପାଇଁ ଆବଶ୍ୟକ କୌଶଳ ଶିଖାଇ ଥାଏ । ଏହା ଛାତ୍ରଛାତ୍ରୀମାନଙ୍କର ଭାବିବା କ୍ଷମତା, ବର୍ଣ୍ଣନା କରିବା ଦକ୍ଷତା ଓ କାହାଣୀ କହିବାର କ୍ଷମତାକୁ ଉନ୍ନତ କରିବା ସହିତ ଭବିଷ୍ୟତ ସୁଯୋଗ ଓ ସମସ୍ୟା ପାଇଁ ପ୍ରସ୍ତୁତ କରେ । ଏହି ପର୍ଯ୍ୟାୟ ପାଇଁ ଏକ ବିବିଧ ପାଠ୍ୟକ୍ରମର ବ୍ୟବସ୍ଥା ରହିଛି । ଏହି ସ୍ତରରେ ୯ଟି ବିଷୟ ପଢ଼ାଯିବ - ତିନୋଟି ଭାଷା (ଯେଉଁଥିରେ ଅତି କମରେ ଦୁଇଟି ଭାରତୀୟ ଭାଷା ଥିବ), ବିଜ୍ଞାନ, ଗଣିତ, ସମାଜ ବିଜ୍ଞାନ, କଳା, ଶାରୀରିକ ଶିକ୍ଷା, ଯୋଗ ଓ ସ୍ୱାସ୍ଥ୍ୟ ଓ ଧନ୍ଦାମୂଳକ ଶିକ୍ଷା ପାଇବାର ସୁଯୋଗ ରହିଛି । ଏହି ବିଷୟଗୁଡ଼ିକ ଛାତ୍ରଛାତ୍ରୀମାନଙ୍କର ସମଗ୍ର ବିକାଶକୁ ସାହାଯ୍ୟ କରିବ ।

ଏପରି ଶିକ୍ଷାକୁ ସଫଳ କରିବା ପାଇଁ କିଛି ଦରକାରୀ ବ୍ୟବସ୍ଥା ହେବା ଜରୁରୀ । ସେଥିରେ ସବୁଠାରୁ ମୁଖ୍ୟ ହେଉଛି – ଉତ୍ତମ ଓ ଆକର୍ଷଣୀୟ ପାଠ୍ୟପୁସ୍ତକ । ପାଠ୍ୟପୁସ୍ତକର ବିଷୟବସ୍ତୁ ଓ ପଢ଼ାଇବା ପ୍ରକ୍ରିୟା (Pedagogy) ମଧ୍ୟରେ ଏକ ସେତୁର କାମ କରେ । ଏହା ଶିକ୍ଷଣ କ୍ଷେତ୍ରରେ ଅନ୍ୱେଷଣ /ପ୍ରଶ୍ନକରିବା ଅବସରକୁ ସମନ୍ୱୟ କରିଥାଏ । ଅନ୍ୟାନ୍ୟ ଆବଶ୍ୟକତା ଗୁଡିକ ହେଲା ଶ୍ରେଣୀକକ୍ଷର ଭଲ ଶୈକ୍ଷିକ ବ୍ୟବସ୍ଥା, ପ୍ରଯୁକ୍ତିର ସୁଯୋଗ ଓ ଶିକ୍ଷକଙ୍କ ସଠିକ୍ ପ୍ରସ୍ତୁତି । ଏହିଥିରେ, ଛାତ୍ରଛାତ୍ରୀମାନେ ବିଭିନ୍ନ ବିଷୟରେ ସମ୍ପର୍କ ବୁଝିପାରିବେ ।


ଓଡିଶାର SCERT ରାଜ୍ୟର ଛାତ୍ରଛାତ୍ରୀମାନଙ୍କୁ ଏପରି ଉଚ୍ଚ-ମାନର ପାଠ୍ୟପୁସ୍ତକ ଦେବାକୁ ପ୍ରତିବଦ୍ଧ । ଏଥିପାଇଁ ବିଭିନ୍ନ ପାଠ୍ୟକ୍ରମ ଦଳ ତିଆରି ହୋଇଛି । ସେଥିରେ ବିଷୟ ବିଶେଷଜ୍ଞ, ଶିକ୍ଷକ, କଳାକାର ଓ ପ୍ରାୟୋଗିକ ଶିକ୍ଷକମାନେ ରହିଛନ୍ତି ଏବଂ ପାଠ୍ୟପୁସ୍ତକ ପ୍ରସ୍ତୁତ



https://withteachers.in/

କରିଛନ୍ତି । ଅଷ୍ଟମ ଶ୍ରେଣୀ ପାଇଁ ଉଦ୍ଦିଷ୍ଟ କଳା-ଶିକ୍ଷାର ପାଠ୍ୟପୁସ୍ତକ 'କୃତି' ଗୋଟିଏ ଉଦାହରଣ । 'କୃତି' ପାଠ୍ୟପୁସ୍ତକରେ ନାଟକ, ସଙ୍ଗୀତ, ନୃତ୍ୟ ଓ ଦୃଶ୍ୟ କଳା ସମ୍ପର୍କୀୟ ପାଠ୍ୟବିଷୟବସ୍ତୁ ରହିଛି । ଏହି ପୁସ୍ତକର ଉଦ୍ଦେଶ୍ୟ ହେଉଛି - ଛାତ୍ରଛାତ୍ରୀମାନେ ନିଜର ସୃଜନଶୀଳତାକୁ ଅନ୍ୱେଷଣ କରିବେ ଓ ନିଜକୁ ବ୍ୟକ୍ତ କରିବେ । 'କୃତି'ର ଚିତ୍ର, ବିଷୟବସ୍ତୁ ଓ ଅନ୍ୟାନ୍ୟ ପ୍ରସଙ୍ଗ ଭାରତୀୟ ଜ୍ଞାନ ପ୍ରଣାଳୀ, କଳା-ସଂସ୍କୃତିର ଐତିହ୍ୟ ଓ ମୂଲ୍ୟବୋଧକୁ ସମୃଦ୍ଧ ଭାବରେ ପ୍ରତିଫଳିତ କରିଛି । ସମସ୍ତ ବର୍ଗର ଛାତ୍ରଛାତ୍ରୀ ଓ ବିଶେଷ କ୍ଷମତାସମ୍ପନ୍ନ (CWSN) ଛାତ୍ରମାନଙ୍କୁ ସମାନ ସୁଯୋଗ ଦେଇ, ସମାବେଶୀତାର ମୂଲ୍ୟକୁ ପ୍ରତିପାଦନ କରିଛି । ପୁସ୍ତକର ଅଧ୍ୟାୟ ଓ ବିଭାଗଗୁଡ଼ିକ ପ୍ରାସଙ୍ଗିକ ଭାବରେ ପ୍ରସ୍ତୁତ କରାଯାଇଛି, ଯେଉଁଥିରୁ ଛାତ୍ରଛାତ୍ରୀମାନେ ଭିନ୍ନ-ଭିନ୍ନ କାର୍ଯ୍ୟର ଅନୁଭବ ନେଇପାରିବେ ଓ ଯୋଗଦେଇପାରିବେ । ମୋ ମତରେ, 'କୃତି' ବିଦ୍ୟାଳୟ ପାଠ୍ୟକ୍ରମର ଲକ୍ଷ୍ୟ ସଫଳ କରିଛି । ଠିକ୍ ବିଷୟବସ୍ତୁ ଓ ବିଷୟ-ଚୟନ କରି ଏହା ଛାତ୍ରଛାତ୍ରୀମାନଙ୍କର ଜିଜ୍ଞାସୁଭାବକୁ (Natural Curiosity) ବଢ଼ାଇଛି । ଏଥିସହିତ, ଜାତୀୟ ପାଠ୍ୟକ୍ରମ ଆଧାର – ବିଦ୍ୟାଳୟ ଶିକ୍ଷା (NCF-SE 2023) ପ୍ରସ୍ତାବନା କରିଥିବା ସୃଜନଶୀଳତା, ଅନ୍ୱେଷଣ ଦକ୍ଷତା, ଅଭିଜ୍ଞତା ଓ ବିଭିନ୍ନ କଳା ଶିକ୍ଷା ମାଧ୍ୟମରେ ସେଥିରେ ମୂଳ କୌଶଳ (Core Competencies) ବିକାଶ ହୋଇପାରିବ ।

ଏହି ପାଠ୍ୟପୁସ୍ତକ ତିଆରି କାମରେ ଯେଉଁମାନେ ଯୋଗଦେଇଛନ୍ତି, ସେମାନଙ୍କ ପ୍ରତି ମୁଁ କୃତଜ୍ଞତା ଜ୍ଞାପନ କରୁଛି । ଆଶା କରେ, ଏହି ପୁସ୍ତକ ଛାତ୍ରଛାତ୍ରୀ, ଶିକ୍ଷକ ଓ ଅନ୍ୟ ସମସ୍ତଙ୍କ ଆଶା ପୂରଣ କରିପାରିବ । ଏହା ସହିତ ଆଗାମୀ ଦିନରେ ଏହାକୁ ଅଧିକ ଉତ୍ତମ କରିବା ପାଇଁ ସମସ୍ତଙ୍କର ପ୍ରସ୍ତାବ ଓ ପ୍ରତିକ୍ରିୟାକୁ ଆମନ୍ତ୍ରଣ କରୁଛି ।




**(ମନୋଜ କୁମାର ପାଢୀ)**
ନିର୍ଦ୍ଦେଶକ
ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟ ଏବଂ
ରାଜ୍ୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ
ଓଡ଼ିଶା, ଭୁବନେଶ୍ୱର




https://withteachers.in/

## ପୁସ୍ତକ ସମ୍ବନ୍ଧରେ

ମଧ୍ୟ ପର୍ଯ୍ୟାୟରେ କଳାର ଗୁରୁତ୍ୱ ଜାତୀୟ ଶିକ୍ଷାନୀତି ୨୦୨୦ ଓ ଜାତୀୟ ପାଠ୍ୟକ୍ରମ ଆଧାର (ବିଦ୍ୟାଳୟ ଶିକ୍ଷା) ୨୦୨୩ ଏବଂ ଓଡିଶା ପାଠ୍ୟକ୍ରମ ଆଧାର ୨୦୨୫ (OCF) ଅନୁଯାୟୀ, ବିଦ୍ୟାଳୟ ଶିକ୍ଷାର ମଧ୍ୟ ପର୍ଯ୍ୟାୟରେ କଳା (Arts) ଶିକ୍ଷା ସମସ୍ତ ଛାତ୍ରଛାତ୍ରୀଙ୍କ ପାଇଁ ଏକ ଅତ୍ୟାବଶ୍ୟକ ବିଷୟ। ଏହାର ଉଦ୍ଦେଶ୍ୟ ହେଉଛି – ଛାତ୍ରଛାତ୍ରୀମାନଙ୍କର ଦୃଷ୍ଟିକୋଣକୁ ବୃଦ୍ଧି କରିବା, ନିଜକୁ ବ୍ୟକ୍ତ କରିବାର କ୍ଷମତା ବଢ଼ାଇବା, ନିଜର ସଂସ୍କୃତି ପ୍ରତି ଆଦର ଓ ସଚେତନତା ସୃଷ୍ଟି କରିବା ଏବଂ ସୃଜନଶୀଳ ଅଭ୍ୟାସ ବୃଦ୍ଧି କରିବା ।

ଷଷ୍ଠ ଓ ସପ୍ତମଶ୍ରେଣୀରେ ଯାହା ପଢ଼ାଯାଇଛି, ସେହି ବିଷୟବସ୍ତୁକୁ ଆଗକୁ ନେଇ ଅଷ୍ଟମ ଶ୍ରେଣୀ ପାଇଁ କଳା ଶିକ୍ଷା ଆଧାରିତ ପାଠ୍ୟପୁସ୍ତକ 'କୃତି' ପ୍ରସ୍ତୁତ କରାଯାଇଛି, ଯାହା ଛାତ୍ରଛାତ୍ରୀମାନଙ୍କର ବୁଝିବା ଶକ୍ତି ବୃଦ୍ଧି କରିବ । ଏହି ପୁସ୍ତକରେ କଳା ଶିକ୍ଷାର ଚାରିଟି ବିଭାଗ ରହିଛି :

୧. ନାଟକ (Theatre)

୨. ସଙ୍ଗୀତ (Music)

୩. ନୃତ୍ୟ ଓ ଗତି (Dance and Movement)

୪. ଦୃଶ୍ୟ କଳା (Visual Arts)

ଏହି ପୁସ୍ତକରେ ଅଭ୍ୟାସ, କାର୍ଯ୍ୟକଳାପ ଓ ତଥ୍ୟ ସହିତ, ଅନେକ ପ୍ରାୟୋଗିକ ଓ ସୃଜନଶୀଳ ଧାରଣାର ଉଦାହରଣ ଦିଆଯାଇଛି। ଆମେ ବୁଝିବା ଉଚିତ୍ ଯେ କଳା-ଶିକ୍ଷାରେ ମୂଲ୍ୟାୟନର ଉଦ୍ଦେଶ୍ୟ ହେଉଛି ଛାତ୍ରଛାତ୍ରୀମାନଙ୍କୁ ସୃଜନଶୀଳ କରିବା, ତାଙ୍କର ବିଚାର କ୍ଷମତା ଓ ବିଶ୍ଲେଷଣ କ୍ଷମତା ବିକାଶ କରିବା। କଳାରେ "ପରିପୂର୍ଣ୍ଣତା" (Perfection) ଏହାର ମାନଦଣ୍ଡ ନୁହେଁ। ନିଜେ ଓ ଦଳରେ ବିଭିନ୍ନ ପ୍ରକାର କଳାତ୍ମକ ଅଭ୍ୟାସ କରିବା—ଏହା ହିଁ ଆନନ୍ଦମୟ ଓ ପ୍ରାସଙ୍ଗିକ କଳା ଶିକ୍ଷାର ଉଦ୍ଦେଶ୍ୟ । ଏହି ପାଠ୍ୟପୁସ୍ତକରେ ପ୍ରତ୍ୟେକ ବିଷୟ ଓ ଧାରଣାକୁ ଛାତ୍ର-ହିତକାରୀ ଓ ଆକର୍ଷଣୀୟ ଭାବରେ ପ୍ରସ୍ତୁତ କରିବାକୁ ଚେଷ୍ଟା କରାଯାଇଛି ।



### ନାଟକ (Theatre)

୮ମ ଶ୍ରେଣୀ ନାଟକ ବିଭାଗଟି ପୂର୍ବବର୍ତ୍ତୀ ଶ୍ରେଣୀରେ ଶିକ୍ଷା ଲାଭ କରିଥିବା ବିଭିନ୍ନ କୌଶଳ ଓ ଦକ୍ଷତା ସହିତ ବିଭିନ୍ନ ଅନାବିଷ୍କୃତ ପର୍ଯ୍ୟାୟ ବିଷୟରେ ନୂତନ ଅନ୍ତର୍ଦୃଷ୍ଟିର ସମନ୍ୱୟରେ ସଙ୍ଗତ ହୋଇଛି । ଶିକ୍ଷାର୍ଥୀମାନେ ଏହି ଶ୍ରେଣୀରେ ଗୋଟିଏ ଦଳ ଭାବରେ ନିଜର ନାଟକ ରଚନ କରି ନିଜକୁ ବିକଶିତ କରିବେ । ଛାତ୍ରଛାତ୍ରୀମାନେ କେବଳ ନିଜ ନିଜ ମଧ୍ୟରେ ଭାବ ଓ ବୁଦ୍ଧିର ଆଦାନ ପ୍ରଦାନ କରି ନାଟକ ରଚନ କରିବେ ନାହିଁ, ପୂର୍ବ ଶ୍ରେଣୀ ଗୁଡିକରେ ଶିକ୍ଷା ଲାଭ କରିଥିବା କଣ୍ଢେଇ ନାଚ,



https://withteachers.in/

ମୂକାଭିନୟ, ନୃତ୍ୟ ଓ ସଙ୍ଗୀତଗୁଡିକୁ ଏଥିରେ ସମନ୍ୱିତ କରିବା ନିମନ୍ତେ ଦୃଷ୍ଟି ଦେବେ । ସେମାନଙ୍କ ପାଣ୍ଡୁଲିପି ପ୍ରସ୍ତୁତ ହୋଇଗଲା ପରେ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଭୂମିକା ବଣ୍ଟନ କରିବେ । ସଙ୍ଗୀତ, ପୋଷାକ, ମଞ୍ଚ ସଜ୍ଜା ଓ ଉପକରଣ ତିଆରି କିମ୍ବା ଯୋଗାଡ଼ କରିବାପାଇଁ ବିଭିନ୍ନ ଦଳ ଗଠନ କରି ସେମାନଙ୍କୁ ଦାୟିତ୍ୱ ପ୍ରଦାନ କରିବେ ଏବଂ ଅବଶେଷରେ ଶିକ୍ଷକମାନଙ୍କ ସ୍ୱଳ୍ପ ସହାୟତାରେ ପୂର୍ଣାଙ୍ଗ ନାଟକ ପରିବେଷଣ କରିବେ । ଏହି ପ୍ରକ୍ରିୟା ଶ୍ରେଣୀରେ ସମସ୍ତ ଛାତ୍ରଛାତ୍ରୀମାନଙ୍କୁ ନାଟକ ତିଆରି ପ୍ରକ୍ରିୟା ଭିତରେ ବୁଡାଇ ଦେବ । ଏହା ସେମାନଙ୍କୁ ନାଟକ ତିଆରି ନିମନ୍ତେ ଆବଶ୍ୟକ ହେଇଥିବା ନାଟକ ଉପାଦାନ ଗୁଡିକ ବିଷୟରେ ସିଧାସଳଖ ଅଭିଜ୍ଞତା ଯୋଗଇ ଦେବ। ସର୍ବଶେଷରେ ନାଟକର ମୂଲ୍ୟାୟନ ତଥା ସମୀକ୍ଷା ରଚନା ସହିତ ସେମାନେ ପରିଚିତ ହେବେ । ଦର୍ଶକ ଭାବେ ନାଟକ ଦେଖିସାରି ବିଚାରବନ୍ତ ହୋଇ ନାଟକର ସମୀକ୍ଷା ଲେଖିବେ । ଫଳରେ ସେମାନେ ନାଟ୍ୟ ପରିବେଷଣକୁ ଭିନ୍ନ ଦୃଷ୍ଟିରେ ଦେଖିବାର ସୁଯୋଗ ପାଇପାରିବେ। ଯେହେତୁ ସେମାନେ ନାଟକ ପ୍ରଯୋଜନା କରି ମାଧ୍ୟମିକ ସ୍ତରକୁ ପ୍ରବେଶ କରିବେ ତେଣୁ ପରବର୍ତ୍ତୀ ଶ୍ରେଣୀରେ ସେମାନେ ନାଟକ ବିଷୟରେ ଆହୁରି ଜ୍ଞାନର ସହିତ ପ୍ରସ୍ତୁତ ହୋଇ ରହିବେ ।

## ସଙ୍ଗୀତ (MUSIC)



ସଙ୍ଗୀତର ଭିତ୍ତି ହେଉଛି ସ୍ୱର (Swar), ଲୟ (Laya) ତାଳ (Tala) ଓ ଧ୍ୱନି (Sound) । ଏହାର ଆଧାରରେ, ଛାତ୍ରଛାତ୍ରୀମାନେ ଅଧିକ ଗଭୀରତାରେ ସଙ୍ଗୀତକୁ ବୁଝିବାକୁ ଆରମ୍ଭ କରନ୍ତି। ସଙ୍ଗୀତର ବିଭିନ୍ନ ପ୍ରକାରର ଅଭିବ୍ୟକ୍ତି ରହିଛି ଯେମିତି – ସଂସ୍କୃତ ଶ୍ଳୋକ ପାଠ କରିବା (ସ୍ୱର ଓ ଲୟ ସହିତ), ଭାରତର ଭିନ୍ନ ଭାଷାରେ ଗୀତ ଗାଇବା (ଲୋକଗୀତ କିମ୍ବା ପାରମ୍ପରିକ ଗୀତ), ଛୋଟ ସଙ୍ଗୀତ (Jingles) କିମ୍ବା ବିଜ୍ଞାପନର ସ୍ୱର ପ୍ରଦର୍ଶନ କରିବା ଏବଂ ସାତଟି ସ୍ୱରର ଜଟିଳ ଗଠନଗୁଡ଼ିକୁ ବିଭିନ୍ନ ଲୟରେ ଅଭ୍ୟାସ କରିବା ଏହି ସବୁ ପ୍ରୟାସ ଛାତ୍ରମାନଙ୍କୁ ସଙ୍ଗୀତର ବିଶାଳ ଓ ନମନୀୟ ଜଗତକୁ ଅନୁସନ୍ଧାନ କରିବାରେ ସାହାଯ୍ୟ କରେ। ପାଠ୍ୟକ୍ରମର ଆଉ ଏକ ଲକ୍ଷ୍ୟ ହେଉଛି— ଗାୟନ (Singing) ଓ ବାଦ୍ୟଯନ୍ତ୍ର (Musical Instruments) ବଜାଇବାରେ ମୂଳଭୂତ କୌଶଳ ଅଧିଗତ କରିବା ଏବଂ ହିନ୍ଦୁସ୍ତାନୀ ଓ କାର୍ଣ୍ଣାଟକୀ ସଙ୍ଗୀତର ସୂକ୍ଷ୍ମତା, ରାଗ ପରିବେଷଣ ପ୍ରକ୍ରିୟା ଓ ପ୍ରସ୍ତୁତି ପ୍ରଣାଳୀକୁ ମଧ୍ୟ ଏଠାରେ ସମାବେଶ କରାଯାଇଛି।



https://withteachers.in/

ଅନୁଶାସନ-ମଧ୍ୟର୍ଥ (inter disciplinary concept) ଧାରଣା ଗୁଡ଼ିକ ମଧ୍ୟ ଦିଆଯାଇଛି- ଯେପରି ବିଜ୍ଞାନ ଓ ସଙ୍ଗୀତର ସମ୍ପର୍କ ଓ ସଙ୍ଗୀତ ବାଦ୍ୟଯନ୍ତ୍ର କିପରି ତିଆରି ହୁଏ। ଛାତ୍ରଛାତ୍ରୀମାନଙ୍କୁ ପ୍ରେରଣାଦାୟକ ସଙ୍ଗୀତଜ୍ଞମାନଙ୍କର କଥା ପରିଚୟ କରାଇବା ସହିତ, ସେମାନଙ୍କୁ ନିଜର ସ୍ଥାନୀୟ ସଙ୍ଗୀତଜ୍ଞମାନଙ୍କୁ ଜାଣିବାକୁ ଓ ସେମାନଙ୍କ ଅବଦାନ ବୁଝିବାକୁ ପ୍ରୋତ୍ସାହନ ଦିଆଯାଇଛି। ପୁସ୍ତକରେ ଏକ ବିଶେଷ ଅଂଶରେ ସଙ୍ଗୀତକୁ କିପରି ନିଜ ଜୀବନର ଅଂଶ କରିବା, ସେ ବିଷୟରେ ଚିନ୍ତନ କରିବା ପାଇଁ ଛାତ୍ରଛାତ୍ରୀମାନଙ୍କୁ ପ୍ରେରିତ କରାଯାଇଛି। ଆଜିକାଲି ସଙ୍ଗୀତ ସହିତ ଅନେକ ପେଶା (Careers) ଯୋଡ଼ାହୋଇଛି । ଏଗୁଡ଼ିକରେ କେବଳ ସଙ୍ଗୀତଜ୍ଞାନ ଓ ଆଗ୍ରହ ନୁହେଁ, ସଙ୍ଗୀତର ସମ୍ପର୍କ, ଟେକ୍ନୋଲୋଜି, ଡିଜାଇନ୍, ସ୍ୱାସ୍ଥ୍ୟ କ୍ଷେତ୍ର ଇତ୍ୟାଦି ସହିତ ସମ୍ପର୍କ ମଧ୍ୟ ରହିଛି। ପାଠ୍ୟପୁସ୍ତକରେ ପେଶା ପରିଚୟ ଦିଆଯାଇଥିଲେ ମଧ୍ୟ, ଏହି ଅବସ୍ଥାରେ ଛାତ୍ରଛାତ୍ରୀମାନେ ଶିକ୍ଷକଙ୍କ ପ୍ରେରଣା ଓ ପରାମର୍ଶରେ ନିଜେ ମଧ୍ୟ ସେଗୁଡ଼ିକୁ ଅନୁସନ୍ଧାନ କରିବାରେ ସକ୍ଷମ ହେବେ।




## ନୃତ୍ୟ (DANCE) ଓ ଗତି (Movement)

ନୃତ୍ୟରେ ଛାତ୍ରଛାତ୍ରୀମାନେ ପୂର୍ବରୁ ଯାହା ଶିଖିଛନ୍ତି, ତା'ର ଉପରେ ଆଧାର କରି ଲୟ (Rhythm) ଓ ଗତି (Movement) ନୀତିକୁ ଅଧିକ ଗଭୀରତାରସହ ଶିଖନ୍ତି। ଏହି ବର୍ଷରେ ସେମାନଙ୍କୁ— ଶ୍ୱାସ (ପ୍ରାଣ) ଓ ନୃତ୍ୟର ସମ୍ପର୍କ, ସ୍ଥିତି ଓ ଗତିର ନୀତି ଏବଂ ଛୋଟ-ଛୋଟ ନୃତ୍ୟ-ଭାବକୁ ଏକାକାର କରି ପୂର୍ଣ୍ଣ ଅଭିନୟ ପ୍ରସ୍ତୁତ କରିବା ବିଷୟରେ ପରିଚୟ କରାଯାଏ। ସେମାନେ ଭାରତର ଆଠଟି ପ୍ରମୁଖ ଶାସ୍ତ୍ରୀୟ ନୃତ୍ୟରୂପ ସହିତ ଅନ୍ୟାନ୍ୟ ପାରମ୍ପରିକ ନୃତ୍ୟ ଓ ପ୍ରସିଦ୍ଧ ନୃତ୍ୟଶିଳ୍ପୀମାନଙ୍କ ବିଷୟରେ ଜାଣନ୍ତି। ନୃତ୍ୟରେ ଭାବନା (Emotions)କୁ ଅଭିବ୍ୟକ୍ତ କରିବା, ଏକ ମନୋଶାନ୍ତି (Cathartic Experience) ଭାବେ ଶିଖାଯାଏ। ସେମାନେ ଭାରତୀୟ ଯୋଧାକଳା (Martial Arts) ଓ ସେଗୁଡ଼ିକୁ କିପରି ନୃତ୍ୟରେ ମିଶାଯାଇଥାଏ ତା ସହିତ ପରିଚିତ ହୁଅନ୍ତି । ପାଠ୍ୟପୁସ୍ତକରେ ନୃତ୍ୟ ମାଧ୍ୟମରେ ସମତା (Inclusivity) ଓ ସମାଜିକ ପରିବର୍ତ୍ତନକୁ ମଧ୍ୟ ଗୁରୁତ୍ୱ ଦିଆଯାଇଛି। ଶେଷ ଅଧ୍ୟାୟରେ, ସମସ୍ତ ଶିଳ୍ପକଳାର (Arts) ଅଭିଜ୍ଞତାକୁ ଏକାଠି କରି, ଛାତ୍ରଛାତ୍ରୀମାନେ କିପରି ଏକ ସମ୍ମିଳିତ ପ୍ରଦର୍ଶନ (Integrated Pperformance) ପ୍ରସ୍ତୁତ କରିବେ ସେଥିପାଇଁ ବିଭିନ୍ନ ବିଷୟର ସମନ୍ୱୟ (Interdisciplinarity) ବିଷୟରେ ଆଲୋଚନା କରାଯାଇଛି।



https://withteachers.in/



## ଦୃଶ୍ୟ କଳା (VISUAL ART)

ଏହି ଅଂଶର ଲକ୍ଷ୍ୟ ହେଉଛି ଛାତ୍ରଛାତ୍ରୀମାନଙ୍କର ମୌଳିକ ଜ୍ଞାନ ଓ କୌଶଳକୁ ସୁଦୃଢ଼ କରିବା ଓ ଅଧିକ ବିକାଶ କରିବା । ପ୍ରଥମ ଅଧ୍ୟାୟ: ଛାତ୍ରଛାତ୍ରୀମାନେ ଦୃଶ୍ୟ କଳା ଓ ଡିଜାଇନ୍‌ର ମୂଳ ଉପାଦାନ ଓ ସିଦ୍ଧାନ୍ତକୁ ଅଧିକ ଭଲଭାବେ ବୁଝିପାରିବେ । ଦ୍ୱିତୀୟ ଅଧ୍ୟାୟ: ଛାତ୍ରଛାତ୍ରୀମାନେ ରଙ୍ଗ ବ୍ୟବହାର କରି ନିଷ୍ପ୍ରାଣ ଜିନିଷର ଚିତ୍ର ତିଆରି କରିବା ଶିଖିବେ । ସେମାନେ ନିଜ ପାଇଁ ଅର୍ଥପୂର୍ଣ୍ଣ ବସ୍ତୁ ବାଛିବେ ଓ ସୁନ୍ଦର ଭାବେ ସଜାଇବେ । ତୃତୀୟ ଅଧ୍ୟାୟ: ସ୍ୱ-ଦୃଷ୍ଟିକୋଣରେ ଚିତ୍ରାଙ୍କନ ଓ ମାନବ ଦେହର ଅନୁପାତ ବିଷୟରେ ଶିଖିବେ ଯାହା ତାଙ୍କର ଚିତ୍ରାଙ୍କନରେ କୌଶଳ ଓ ବିଶ୍ୱାସ ବୃଦ୍ଧି କରିବ । ଚତୁର୍ଥ ଅଧ୍ୟାୟ: ଦୈନିକ ଜୀବନରେ କଳା ଓ ପିଢ଼ୀ-ପରେ-ପିଢ଼ୀରେ ଚାଲିଆସୁଥିବା କଳା ଅଭ୍ୟାସକୁ ବୁଝାଇବ । ସେଥିରେ ପୁନଃ ବ୍ୟବହାର ଉପରେ ଭାବିବାର ସୁଯୋଗ ମିଳିବ—ଯେପରି ତାଶ, କପଡ଼ା ଓ କାଗଜ ବ୍ୟବହାର କରି ସୁନ୍ଦର କଳାକୃତି ତିଆରି କରିବା । ପଞ୍ଚମ ଅଧ୍ୟାୟ: ଛାତ୍ରଛାତ୍ରୀମାନେ ନିଜର ଡିଜାଇନ୍ କୌଶଳ ବ୍ୟବହାର କରି କିପରି ଜନଚେତନା ଅଭିଯାନ କରିପାରିବେ । ସେଥିରେ କଳା ଓ ତା'ର ପ୍ରୟୋଗକୁ ପ୍ରଚାର କରିବେ । ପ୍ରତ୍ୟେକ ଅଧ୍ୟାୟରେ ଅନେକ କାର୍ଯ୍ୟକଳାପ (activities) ରହିଛି, ଯାହା ମାଧ୍ୟମରେ ଛାତ୍ରଛାତ୍ରୀମାନେ ଦୃଶ୍ୟ କଳାର କୌଶଳ ଶିଖିବେ ଓ ଆଗାମୀ ଜୀବନରେ ସେଗୁଡ଼ିକୁ ଉପଯୋଗ କରିପାରିବେ ।



https://withteachers.in/

## ସମୟ ବଣ୍ଟନ ଓ ଆକଳନ

କଳା ବିଷୟର ପାଠ୍ୟପୁସ୍ତକରେ ଚାରିଟି ଅଲଗା ଅଲଗା କଳାରୂପ ସମ୍ପର୍କିତ ଅଂଶ ରହିଛି । ବର୍ଷର ସମଗ୍ର ସମୟ ମିଶାଇ ସମସ୍ତ କଳାରୂପର ଶିକ୍ଷଣ ସମାନଭାବେ ବଣ୍ଟନ ହେବା ପାଇଁ ସମୟ ନିର୍ଘଣ୍ଟ ଯଥାଯଥ ଭାବେ ପ୍ରସ୍ତୁତ କରିବା ଅତ୍ୟାବଶ୍ୟକ । ଜାତୀୟ ପାଠ୍ୟକ୍ରମ ଆଧାର – ୨୦୨୩ ଅନୁଯାୟୀ, ସମଗ୍ର ଶିକ୍ଷାବର୍ଷ ପାଇଁ କଳା ବିଷୟରେ ମୋଟ ନିର୍ଦ୍ଦିଷ୍ଟ ସମୟ ୧୦୦ ଘଣ୍ଟା (ବା ୪୦ ମିନିଟ୍‌ର ୧୫୦ ଟି ପିରିଅଡ୍) । ପାଠ୍ୟପୁସ୍ତକଟି ଏହି ସମୟ ବଣ୍ଟନକୁ ଧ୍ୟାନରେ ରଖି ଲେଖାଯାଇଛି । ପ୍ରତି ସପ୍ତାହରେ ସମସ୍ତ କଳାରୂପକୁ ଭିନ୍ନ ଦିନରେ ସମାନ ଭାବରେ ପ୍ରସ୍ତୁତ କରିବା ଉପଯୁକ୍ତ । ଗୋଟିଏ କଳାରୂପ ସମ୍ପୂର୍ଣ୍ଣ କରି ସାରିବା ପରେ ଅନ୍ୟଟି ଆରମ୍ଭ କରିବା ପଦ୍ଧତିକୁ ଏଡ଼ାଇବା ଉଚିତ୍ । ଜାତୀୟ ପାଠ୍ୟକ୍ରମ ଆଧାର (ବିଦ୍ୟାଳୟ ଶିକ୍ଷା) ୨୦୨୩ ର ଉଦାହରଣ ଆଧାରିତ ସମୟ ନିର୍ଘଣ୍ଟରେ ସପ୍ତାହରେ କଳା ପାଇଁ ୪ଟି ପିରିଅଡ୍ ଏବଂ ଶନିବାରରେ ୧ ଟି ପିରିଅଡ୍ ନିର୍ଦ୍ଦିଷ୍ଟ କରାଯାଇଛି । ଏଥିରେ ବ୍ଲକ୍ ପିରିଅଡ୍ (ଦୁଇଟି ୪୦-ମିନିଟ୍ ପିରିଅଡ୍‌କୁ ମିଶାଇ ୮୦ ମିନିଟ୍‌ର ସମୟ) ଉପଯୋଗ କରିବାକୁ ମଧ୍ୟ ସୁପାରିଶ କରାଯାଇଛି । ଏହା ବିଭିନ୍ନ କ୍ରିୟାକଳାପ ପାଇଁ ଅବିଚ୍ଛିନ୍ନ ସମୟ ଦେଇଥାଏ । ଏହି ବିକଳ୍ପଗୁଡ଼ିକ ଆଧାରରେ, ସପ୍ତାହର ୪ଟି ପିରିଅଡ୍‌କୁ ଚାରି କଳାରୂପ ପାଇଁ ବଣ୍ଟନ କରାଯାଇପାରେ, ଏବଂ ଶନିବାରକୁ ଅନ୍ତରବିଷୟକ କାର୍ଯ୍ୟକଳାପ କିମ୍ବା ଛାତ୍ରଛାତ୍ରୀମାନଙ୍କୁ କଳା-ଭିତ୍ତିକ ଭ୍ରମଣ (ଯଥା ସଙ୍ଗୀତ ଅନୁଷ୍ଠାନ, ପ୍ରଦର୍ଶନ କିମ୍ବା କଳା ପ୍ରଦର୍ଶନୀ ଇତ୍ୟାଦି) ପାଇଁ ବ୍ୟବହାର କରାଯାଇପାରେ ।

## ବିଭିନ୍ନ କଳାର ସମ୍ମେଳନ (Integration of all Art Forms)

ଅଷ୍ଟମ ଶ୍ରେଣୀ ପାଇଁ କୃତି ପୁସ୍ତକରେ ଥିବା ଚାରିଟି କଳାରୂପ (ନାଟକ, ସଙ୍ଗୀତ, ନୃତ୍ୟ ଓ ଦୃଶ୍ୟ କଳା) ରେ ଯେପରି ପାଠଦାନ ପ୍ରଣାଳୀ ଦିଆଯାଇଛି, ତାହା ଛାତ୍ରଛାତ୍ରୀମାନଙ୍କୁ ବିଭିନ୍ନ କଳାରୂପର ମୌଳିକ ଧାରଣା ବୁଝିବାକୁ ଓ ଭାରତର ଅସାଧାରଣ କଳା-ଐତିହ୍ୟକୁ (Artistic Legacy) ଆନନ୍ଦର ସହ ପାଳନ କରିବାକୁ ସୁଯୋଗ ଦେବ । ଛାତ୍ରଛାତ୍ରୀମାନଙ୍କ ପାଇଁ ଏହା ରୋଚକ ହେବ ଯେ, ପ୍ରତ୍ୟେକ କଳାର କାର୍ଯ୍ୟକଳାପ ବିଜ୍ଞାନ, ଗଣିତ, ଭାଷା ଓ ସମାଜ ବିଜ୍ଞାନ ପରି ଅନ୍ୟ ବିଷୟ ସହିତ ମିଶି, ସମଗ୍ର (Holistic) ଶିକ୍ଷାର ଅନୁଭବ ଦେଇଥାଏ । ଏହିପରି ଅଷ୍ଟମ ଶ୍ରେଣୀରେ ଛାତ୍ରଛାତ୍ରୀମାନେ ରୋମାଞ୍ଚକର ଓ ଆକର୍ଷକ କଳା-ଜଗତକୁ ଅନୁସନ୍ଧାନ କରିବେ ।



https://withteachers.in/

## ଜାତୀୟ ପାଠ୍ୟକ୍ରମ ଆଧାର (ବିଦ୍ୟାଳୟ ଶିକ୍ଷା) ୨୦୨୩ ଅନୁଯାୟୀ ସମୟ ବଣ୍ଟନ

| କଳାରୂପ | ଦୃଶ୍ୟ କଳା | ସଙ୍ଗୀତ | ନୃତ୍ୟ | ନାଟକ | ବହୁବିଷୟକ / ଅନୁଭବମୂଳକ କାର୍ଯ୍ୟ |
|---|---|---|---|---|---|
| ସମୟ (ଘଣ୍ଟାରେ) | ୨୦ | ୨୦ | ୨୦ | ୨୦ | ୨୦ |
| ୪୦ ମିନିଟର ପିରିୟଡ ସଂଖ୍ୟା | ୩୦ | ୩୦ | ୩୦ | ୩୦ | ୩୦ |

## ସମୟ ନିର୍ଘଣ୍ଟ (TIMETABLE) ପୃଥକ୍ ପୃଥକ୍ ୪୦ ମିନିଟର ସମୟ ନିର୍ଘଣ୍ଟ

| ସୋମବାର | ମଙ୍ଗଳବାର | ବୁଧବାର | ଗୁରୁବାର | ଶୁକ୍ରବାର | ଶନିବାର |
|---|---|---|---|---|---|
| | କଳା ଶିକ୍ଷା (ସଙ୍ଗୀତ) | | କଳା ଶିକ୍ଷା (ଦୃଶ୍ୟକଳା) | | କଳା ଶିକ୍ଷା (ଅଭ୍ୟାସ ଓ କ୍ଷେତ୍ର ଭ୍ରମଣ) |
| | | | | | |

## ବ୍ଲକ ପାଇଁ ୮୦ ମିନିଟର ସମୟ ନିର୍ଘଣ୍ଟ

| ସପ୍ତାହ | ସୋମବାର | ମଙ୍ଗଳବାର | ବୁଧବାର | ଗୁରୁବାର | ଶୁକ୍ରବାର | ଶନିବାର |
|---|---|---|---|---|---|---|
| ସପ୍ତାହ ୧ | | କଳା ଶିକ୍ଷା (ସଙ୍ଗୀତ)(ଦୁଇଟି ନିର୍ଘଣ୍ଟ ମିଶାଇ ୮୦ ମିନିଟ ସମୟ ରହିବ ) | | କଳା ଶିକ୍ଷା (ଦୃଶ୍ୟ କଳା) (ଦୁଇଟି ନିର୍ଘଣ୍ଟ ମିଶାଇ ୮୦ ମିନିଟ ସମୟ ରହିବ ) | | କଳା ଶିକ୍ଷା (ଅଭ୍ୟାସ ଓ କ୍ଷେତ୍ର ଭ୍ରମଣ) |
| ସପ୍ତାହ ୨ | | କଳା ଶିକ୍ଷା (ନାଟକ) (ଦୁଇଟି ନିର୍ଘଣ୍ଟ ମିଶାଇ ୮୦ ମିନିଟ ସମୟ ରହିବ ) | | କଳା ଶିକ୍ଷା (ନୃତ୍ୟ ) (ଦୁଇଟି ନିର୍ଘଣ୍ଟ ମିଶାଇ ୮୦ ମିନିଟ ସମୟ ରହିବ ) | | |

୪୦ଟି ପିରିଅଡ୍‌ର ପ୍ରଥମ ପ୍ରସ୍ତାବନାରେ ପ୍ରତ୍ୟେକ ସପ୍ତାହରେ ସମସ୍ତ ଚାରି କଳାରୂପର ଶ୍ରେଣୀ ହେବ; ଯେଉଁଠାରେ ଦ୍ୱିତୀୟ ପ୍ରସ୍ତାବନାରେ ପ୍ରତ୍ୟେକ ସପ୍ତାହରେ କେବଳ ଦୁଇଟି କଳାରୂପ ରହିବ । ପ୍ରତ୍ୟେକ ଅଲଗା କଳାରୂପର ଶ୍ରେଣୀ ପରବର୍ତ୍ତୀ ସପ୍ତାହରେ (ବିକଳ୍ପ ସପ୍ତାହରେ) ହେବ । ସମସ୍ତ କଳାରୂପ ସମାନାନ୍ତରରେ ଅଗ୍ରଗତି କରିବା ଅତ୍ୟାବଶ୍ୟକ, କାରଣ ଏହା ଛାତ୍ରଛାତ୍ରୀମାନଙ୍କୁ ଭିନ୍ନ କଳାରୂପମାନଙ୍କ ମଧ୍ୟରେ ଅନ୍ତରସମ୍ପର୍କ ବୁଝିବାରେ ସହାଯ୍ୟ କରିଥାଏ, ଯାହା ପିଲାମାନଙ୍କର ସାମଗ୍ରିକ ଶିକ୍ଷଣକୁ ସୁବିଧା ଯୋଗାଇଥାଏ ।



https://withteachers.in/

## ଆକଳନ

କଳା ବିଷୟରେ ଆକଳନ ଛାତ୍ରଛାତ୍ରୀମାନଙ୍କର ସୃଜନଶୀଳ କ୍ଷମତା ଓ କଳାତ୍ମକ ବିକାଶକୁ ବୁଝିବା ଏବଂ ପୋଷଣ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ବହନ କରିଥାଏ । ଏହା ଅନ୍ୟ ବିଷୟଗୁଡ଼ିକର ଆକଳନ ପ୍ରକ୍ରିୟା ଠାରୁ ଭିନ୍ନ । କଳାରେ ଛାତ୍ର ଛାତ୍ରୀମାନଙ୍କର କଳ୍ପନାଶକ୍ତି, ସମାଲୋଚନାମୂଳକ ଚିନ୍ତାଧାରା, ପ୍ରାକୃତିକ କୌଶଳତା ଓ ଅଭିବ୍ୟକ୍ତି କ୍ଷମତା ସହିତ ଜଡିତ ବିଭିନ୍ନ ପ୍ରକାର କୌଶଳସବୁର ଆକଳନ କରାଯାଏ । ଏହି ଆକଳନ କେବଳ ପ୍ରଗତି ଏବଂ ଦକ୍ଷତାକୁ ମାପିବା ପାଇଁ ନୁହେଁ, ବରଂ ଅନୁସନ୍ଧାନ, ସ୍ୱୟଂ-ଅଭିବ୍ୟକ୍ତି ଏବଂ କଳା ପ୍ରତି ଗଭୀର ଭାବରେ ଆନୁଭୂତି ଗଢ଼ି ତୋଳିବାକୁ ପ୍ରୋତ୍ସାହନ ଦେବା ପାଇଁ ବ୍ୟବସ୍ଥା କରାଯାଇଛି । ସମାପ୍ତି ସୂଚକ ଆକଳନ (Summative assessment) ପାଇଁ ଅଲଗା ଦିନ ନିର୍ଦ୍ଦିଷ୍ଟ କରାଯିବା ଉଚିତ । ବର୍ଷଭରି ଶ୍ରେଣୀରେ କରାଯାଇଥିବା କାର୍ଯ୍ୟକଳାପ ଓ ସେମାନଙ୍କର ଭିନ୍ନ ଭିନ୍ନ ରୂପାନ୍ତରଣ ଛାତ୍ରଛାତ୍ରୀଙ୍କ ଦକ୍ଷତା ଏବଂ କୁଶଳତାରେ ତାଙ୍କର ଅବଗତି ଓ କ୍ଷମତାକୁ ଆକଳନ କରିବାରେ ବ୍ୟବହାର କରାଯାଇପାରେ । ପ୍ରତ୍ୟେକ ଅଂଶର ଶେଷରେ ଆକଳନର ଉଦାହରଣ ଦିଆଯାଇଛି, ଯାହା ଏକ ଉତ୍ତମ ଶୈକ୍ଷିକଯୋଜନା ପାଇଁ ସହାୟକ ହେବ । ଯେଉଁଠାରେ ଛାତ୍ରଛାତ୍ରୀମାନଙ୍କର ସ୍ୱତସ୍ଫୂର୍ତ୍ତ ସୃଜନଶୀଳତା ପ୍ରକାଶ ପାଏ, ସେଥିରେ ସେମାନଙ୍କୁ ପୁରସ୍କାର ଦେଇ ସମ୍ମାନିତ କରିବା ଉଚିତ ।

## ଆକଳନ ପ୍ରକ୍ରିୟା

କଳାର ବିଷୟବସ୍ତୁ ଦକ୍ଷତା ଓ କୌଶଳ ଆଧାରିତ ହୋଇଥିବାରୁ, ଏହା ଛାତ୍ରଛାତ୍ରୀ ଦେଇଥିବା 'ଠିକ୍ କିମ୍ବା ଭୁଲ୍ ଉତ୍ତର' ଉପରେ ନିର୍ଭର କରେ ନାହିଁ । ସେହିପରି, ପ୍ରଶ୍ନପତ୍ର ଏବଂ ଲିଖିତ ଉତ୍ତର ସହ ପ୍ରଶ୍ନ ପ୍ରସ୍ତୁତ କରିବାକୁ ଏଡ଼ାଇବା ଅତ୍ୟାବଶ୍ୟକ । ଏହା କଳା ପାଠ୍ୟକ୍ରମର ଉଦ୍ଦେଶ୍ୟ ଏବଂ ଆଭିଗମକୁ ସମ୍ପୂର୍ଣ୍ଣ ଭାବେ ବିଫଳ କରିଦେବ । ବିଭିନ୍ନ ପ୍ରକାରର ଆକଳନ ପ୍ରଣାଳୀ ଯଥା- ପୋର୍ଟଫୋଲିଓ, କଳା ପ୍ରଦର୍ଶନ ଭିତ୍ତିକ ଆକଳନ, ପ୍ରକଳ୍ପ-ଭିତ୍ତିକ ଆକଳନ ଏବଂ ପ୍ରତିବିମ୍ବୀ ସ୍ୱ-ଆକଳନ ପ୍ରତ୍ୟେକ ଛାତ୍ରଛାତ୍ରୀଙ୍କ ଅନନ୍ୟ କଳାତ୍ମକ ଯାତ୍ରାକୁ ବୁଝିବାରେ ଗଭୀର ଅନୁଭୂତି ଦେଇପାରେ ।

## ଗଠନମୂଳକ (Formative) ଏବଂ ସମାପ୍ତି ସୂଚକ (Summative) ଆକଳନ

ଗଠନମୂଳକ ଆକଳନ ପ୍ରତ୍ୟେକ ଶ୍ରେଣୀରେ ଛାତ୍ରଛାତ୍ରୀଙ୍କ ଆଚରଣ, ଦକ୍ଷତା ଏବଂ ପ୍ରତ୍ୟେକ କାର୍ଯ୍ୟରେ ସେମାନଙ୍କର ପାରଦର୍ଶିତା ଉପରେ ଆଧାରିତ । ପ୍ରତ୍ୟେକ ଅଧ୍ୟାୟର ଶେଷରେ ଦିଆଯାଇଥିବା ରୁବ୍ରିକ୍ ସମଗ୍ର ବର୍ଷ ପାଇଁ ନମ୍ବର କିମ୍ବା ଗ୍ରେଡ୍ ଦେବାରେ ଶିକ୍ଷକଙ୍କୁ ସହାୟତା କରିଥାଏ ।



https://withteachers.in/

## ଗ୍ରେଡ୍ ଏବଂ ସ୍କୋର୍

କଳା ସୃଜନଶୀଳତା, ଅଭିବ୍ୟକ୍ତି ଏବଂ କଳ୍ପନାଶକ୍ତି ସମ୍ବନ୍ଧୀୟ ହୋଇଥିବାରୁ, ଏଠାରେ 'ଠିକ୍' କିମ୍ବା 'ଭୁଲ୍' ଉତ୍ତର ହୋଇପାରେ ନାହିଁ। ସେହିପରି, ଏଠାରେ ନିର୍ଦ୍ଦିଷ୍ଟ ମାର୍କ ଦେବା ଦ୍ୱାରା ସମ୍ପୂର୍ଣ୍ଣ ଭାବେ ଛାତ୍ରଛାତ୍ରୀଦ୍ୱାରା ଅର୍ଜିତ ଦକ୍ଷତାର ମାତ୍ରା ଏବଂ ସେମାନଙ୍କ ଭିତରେ ବିକଶିତ ହୋଇଥିବା ଦକ୍ଷତା (Competencies) ଉପରେ ଆଧାରିତ ହୁଏ। ନ୍ୟାୟସଙ୍ଗତ ତଥା ଅର୍ଥପୂର୍ଣ୍ଣ ଆକଳନ ପାଇଁ ଶିକ୍ଷକଙ୍କ ପାଇଁ ପ୍ରତ୍ୟେକ କାର୍ଯ୍ୟର ଦକ୍ଷତା ଓ ଶିକ୍ଷଣ ଫଳାଫଳ ସମ୍ପର୍କରେ ପୁରାପୁରି ପରିଚିତ ହେବା ଅତ୍ୟାବଶ୍ୟକ।

ପ୍ରତ୍ୟେକ ମାନଦଣ୍ଡ ପାଇଁ ୫-ପଏଣ୍ଟ ସ୍କେଲ୍ ମାଧ୍ୟମରେ ଆକଳନ କରିବାକୁ ସୁପାରିଶ କରାଯାଇଛି। ଏହା ଶିକ୍ଷକ, ଅଭିଭାବକ ଏବଂ ଛାତ୍ରଛାତ୍ରୀମାନଙ୍କୁ ସେମାନେ କେମିତି ଅଗ୍ରଗତି କରୁଛନ୍ତି ବୋଲି ସ୍ୱଷ୍ଟ ଧାରଣା ଦେବ। ନିମ୍ନରେ ଦିଆଯାଇଥିବା ସାରଣୀ ଅନୁସାରେ ପ୍ରତ୍ୟେକ ଅଧ୍ୟାୟର ଶେଷରେ ଥିବା ରୁବ୍ରିକ୍‌ରେ ୫-ପଏଣ୍ଟ ସ୍କେଲ୍ ଦର୍ଶାଇବା ପାଇଁ ଉଦାହରଣ ଭାବେ ବ୍ୟବହାର କରିହେବ। ଉଭୟ ପରିମାଣାତ୍ମକ ମୂଲ୍ୟାଙ୍କନ (ରୁବ୍ରିକ୍ ଆଧାରିତ ସ୍କୋର୍ କିମ୍ବା ଗ୍ରେଡ୍) ସହ ସହିତ ଗୁଣାତ୍ମକ ଆକଳନ (ଶିକ୍ଷକଙ୍କ ପର୍ଯ୍ୟବେକ୍ଷଣ—ଛାତ୍ରଛାତ୍ରୀଙ୍କ ବ୍ୟବହାର, ରୁଚି, ପ୍ରଗତି ଓ ଅନ୍ୟାନ୍ୟ ଅଲିଖିତ ପରିମାଣ) ଯୋଗ କରିବା ଅତ୍ୟାବଶ୍ୟକ।

| ଶିକ୍ଷାର୍ଥୀର ଶିକ୍ଷଣ ସ୍ତର | ସଙ୍ଖ୍ୟାତ୍ମକ ପରିମାପ (Numerical Scale) | ଗ୍ରେଡ |
|---|---|---|
| ପ୍ରାରମ୍ଭିକ (Beginning) | ୧ | **E** |
| ବିକାଶଶୀଳ (Developing) | ୨ | **D** |
| ଆଶାଜନକ (Promising) | ୩ | **C** |
| ପାରଦର୍ଶୀ (Proficient) | ୪ | **B** |
| ଅତି ଉତ୍କୃଷ୍ଟ (Excellent) | ୫ | **A** |

ଆକଳନ ମାନଦଣ୍ଡ ଜାତୀୟ ପାଠ୍ୟକ୍ରମ ଆଧାର (ବିଦ୍ୟାଳୟ ଶିକ୍ଷା) ୨୦୨୩ ର ଶୈକ୍ଷିକ ଲକ୍ଷ୍ୟ (Curricular Goal) ଏବଂ ଦକ୍ଷତା (Competency) ଉପରେ ଆଧାରିତ।



https://withteachers.in/

# କଳାର ଏହି ରୋମାଞ୍ଚକର ଜଗତକୁ ସ୍ୱାଗତ

ପ୍ରିୟ କୁନି କଳାକାର,

ଆପଣମାନେ କଳାର ଜଗତରେ ଏକ ରୋମାଞ୍ଚକ ଯାତ୍ରା ପାଇଁ ପ୍ରସ୍ତୁତ କି ? – ଯେଉଁଠାରେ ରଙ୍ଗ, ଲୟ, କାହାଣୀ ଏବଂ ଚଳନଗତି ମିଶି ମାୟା ତିଆରି କରେ। ଏହି ପୁସ୍ତକ କେବଳ ଥିଏଟର ସଙ୍ଗୀତ, ନୃତ୍ୟ ଏବଂ ଦୃଶ୍ୟକଳା ମାଧ୍ୟମରେ ଶିଖିବା ପାଇଁ ନୁହେଁ, ବରଂ ଆମର ସମୃଦ୍ଧ ସାଂସ୍କୃତିକ ଐତିହ୍ୟରେ ଭିତ୍ତିରୋପିତ ସମସ୍ତ କଳାର ସାରକୁ ଅନୁଭବ କରିବା ପାଇଁ ମଧ୍ୟ ଏକ ସୁଯୋଗ । ସୃଜନ କରନ୍ତୁ, ଅଭିବ୍ୟକ୍ତି ପ୍ରକାଶ କରନ୍ତୁ, ପ୍ରେରଣା ଦିଅନ୍ତୁ !

ଏହି ପୁସ୍ତକ ମାଧ୍ୟମରେ, ଆପଣ ଦେଖିବେ ଯେ ସମସ୍ତ କଳାରୂପ ପୁରାତନ ସ୍ଥାପତ୍ୟକଳାର ଏକ ଆକର୍ଷଣୀୟ ଧାରଣା ଦ୍ୱାରା କିପରି ଏକାଠି ବନ୍ଧାହୋଇଛି, ଏବଂ କଳାର ପ୍ରତ୍ୟେକ ରୂପରେ ଅନ୍ତର୍ନିହିତ ରହିଛି- ସମାନତା, ସମାବେଶ ଏବଂ ସାମାଜିକ ପରିବର୍ତ୍ତନର ସନ୍ଦେଶ । ଏହି ପୁସ୍ତକ ପଢ଼ିବା ପରେ, ପୁରୁଣା ଭାବନାଗୁଡ଼ିକୁ ଆପଣ ପୂର୍ବପରି କେବେ ଦେଖିବେ ନାହିଁ । ନୂଆ ଦୃଷ୍ଟିକୋଣ ଏବଂ ନୂଆ ଧାରଣା ସହିତ ଆପଣ ଭାବିବାକୁ, ସୃଜନ କରିବାକୁ ଏବଂ ନିଜ ଧାରଣାକୁ ଜୀବନ୍ତ କରିବାକୁ ପ୍ରସ୍ତୁତ କି ? ଆସନ୍ତୁ, ଆମ ଏହି ରୋମାଞ୍ଚକର ଯାତ୍ରାକୁ ଏକାଠି ଆରମ୍ଭ କରିବା ।

**ନୃତ୍ୟ** ଆପଣଙ୍କୁ ବିଭିନ୍ନ ନୃତ୍ୟ ଶୈଳୀର ଯାତ୍ରାରେ ନେଇଯିବ। ଆପଣ ହସ୍ତମୁଦ୍ରା ଓ ମୁଦ୍ରାମାନଙ୍କୁ ଶିଖିବେ, ଚଳନର ସମୃଦ୍ଧିକୁ ଅନୁସନ୍ଧାନ କରିବେ ଏବଂ ଦେଖିବେ କିପରି ନିଜେ ଛୋଟ ନୃତ୍ୟରଚନା (choreography) କରିପାରିବେ ।




**ଦୃଶ୍ୟକଳା (Visual art)** ଆପଣଙ୍କ ପାଇଁ ଏକ ଅଦ୍ଭୁତ ଜଗତ ଖୋଲିଦେବ- ଯାହା 'ଲୋକଙ୍କ ପାଇଁ, ଲୋକଙ୍କ ଦ୍ୱାରା, ଲୋକଙ୍କର' କଳା । ଆପଣ କଳାର ତତ୍ତ୍ୱଗୁଡ଼ିକ ଶିଖିବେ ଏବଂ ଦ୍ୱି-ମାତ୍ରିକ ଓ ତ୍ରି-ମାତ୍ରିକ ଚିତ୍ରାଙ୍କନର ବ୍ୟବହାର ଶିଖିବେ, ଯାହା ମାଧ୍ୟମରେ କାହାଣୀ କହିବା, ପରମ୍ପରାକୁ ସୁରକ୍ଷା କରିବା ଏବଂ ଅନନ୍ୟ ସୃଜନ କରିବା ସମ୍ଭବ ।



**ଥିଏଟର୍ /ନାଟକ** ଆପଣଙ୍କୁ ବିଭିନ୍ନ ପାତ୍ରରେ ପ୍ରବେଶ କରାଇବ, ଅନୁକରଣ (ମାଇମ୍)ର ଅଦ୍ଭୁତ ଶକ୍ତିକୁ ଅନୁଭବ କରାଇବ, ନାଟକ ପ୍ରଚ୍ଛଦପଟ ଦକ୍ଷତା ଶିଖାଇବ, ଏବଂ ଲୋକ କାହାଣୀ କଥନର ମାୟାରେ ବୁଡ଼ାଇଦେବ । କେବଳ ଅଭିନୟ ନୁହେଁ ଏହା ଆପଣଙ୍କୁ ଭାବନାତ୍ମକ ବୁଦ୍ଧି ଗଢ଼ିବାରେ ମଧ୍ୟ ସହାୟତା କରିବ ।



**ସଙ୍ଗୀତ** ଆପଣଙ୍କୁ ହିନ୍ଦୁସ୍ତାନୀ ଏବଂ କର୍ଣ୍ଣାଟକ ସଙ୍ଗୀତର ସୌନ୍ଦର୍ଯ୍ୟ ସହ ପରିଚିତ କରାଇବ । ତାଳ, ଲୟ ଏବଂ ସୃଜନମୂଳକ ଅଭିବ୍ୟକ୍ତିକୁ କ୍ରିୟାକଳାପ ମାଧ୍ୟମରେ ଅନୁସନ୍ଧାନ କରିବେ । ଆପଣ ଅନୁଭବ କରିବେ କିପରି ସଙ୍ଗୀତ ଆମକୁ ସଂସ୍କୃତି, ଭାବନା ଏବଂ ମାନବୀୟତା ସହିତ ଯୋଡ଼ିଦେଇଥାଏ ।





https://withteachers.in/

# ସିଲାବସ ଓ ପାଠ୍ୟପୁସ୍ତକ ସମୀକ୍ଷା ପାଇଁ କୋର କମିଟି

| | | |
|---|---|---|
| ୧. | କମିଶନର ତଥା ଶାସନ ସଚିବ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ | ଅଧ୍ୟକ୍ଷ |
| ୨. | ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ, ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ | ସଦସ୍ୟ |
| ୩. | ନିର୍ଦ୍ଦେଶକ, ଉଚ୍ଚ ମାଧ୍ୟମିକ ଶିକ୍ଷା | ସଦସ୍ୟ |
| ୪. | ନିର୍ଦ୍ଦେଶକ, ମାଧ୍ୟମିକ ଶିକ୍ଷା | ସଦସ୍ୟ |
| ୫. | ନିର୍ଦ୍ଦେଶକ, ପ୍ରାଥମିକ ଶିକ୍ଷା | ସଦସ୍ୟ |
| ୬. | ସଭାପତି, ମାଧ୍ୟମିକ ଶିକ୍ଷା ପରିଷଦ | ସଦସ୍ୟ |
| ୭. | ଅଧ୍ୟକ୍ଷ, ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ | ସଦସ୍ୟ |
| ୮. | ନିର୍ଦ୍ଦେଶକ, ପାଠ୍ୟ ପୁସ୍ତକ ଉତ୍ପାଦନ ଓ ବିକ୍ରୟ ନିର୍ଦ୍ଦେଶାଳୟ | ସଦସ୍ୟ |
| ୯. | ନିର୍ଦ୍ଦେଶକ, ବୈଷୟିକ ଶିକ୍ଷା ଓ ପ୍ରଶିକ୍ଷଣ ନିର୍ଦ୍ଦେଶାଳୟ | ସଦସ୍ୟ |
| ୧୦. | ନିର୍ଦ୍ଦେଶକ, ଓଡ଼ିଆ ଭାଷା ପ୍ରତିଷ୍ଠାନ | ସଦସ୍ୟ |
| ୧୧. | ନିର୍ଦ୍ଦେଶକ, ସମାଜ କଲ୍ୟାଣ, ମହିଳା ଓ ଶିଶୁ ବିକାଶ ବିଭାଗ, ଓଡ଼ିଶା | ସଦସ୍ୟ |
| ୧୨. | ଏନ ସି ଇ ଆର ଟି ପ୍ରତିନିଧି | ସଦସ୍ୟ |
| ୧୩. | ଅଧ୍ୟକ୍ଷ, ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ, ଭୁବନେଶ୍ୱର | ସଦସ୍ୟ |
| ୧୪. | ପ୍ରଫେସର ନିତ୍ୟାନନ୍ଦ ପ୍ରଧାନ, ଅବସରପ୍ରାପ୍ତ ଅଧ୍ୟକ୍ଷ,<br>ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ, ଭୋପାଳ ଏବଂ ଅଧ୍ୟକ୍ଷ, ଏସ ସି ଏଫ, ଓଡ଼ିଶା | ସଦସ୍ୟ |
| ୧୫. | ଡକ୍ଟର ଗୋପାଳ ପ୍ରସାଦ ମହାପାତ୍ର,<br>ଅବସରପ୍ରାପ୍ତ ପ୍ରାଧ୍ୟାପକ, ସଂସ୍କୃତ ବିଭାଗ | ସଦସ୍ୟ |
| ୧୬. | ଡକ୍ଟର କିଶୋର ଚନ୍ଦ୍ର ମହାନ୍ତି, ଅବସରପ୍ରାପ୍ତ ଶିକ୍ଷାବିତ (ବିଜ୍ଞାନ) | ସଦସ୍ୟ |
| ୧୭. | ଡକ୍ଟର ବିନୟ ପଟ୍ଟନାୟକ, ମୁଖ୍ୟ ପରାମର୍ଶଦାତା,<br>ଏନ ଏସ ଟି ସି କାର୍ଯ୍ୟକ୍ରମ, ଏନ ସି ଇ ଆର ଟି | ସଦସ୍ୟ |
| ୧୮. | ଡକ୍ଟର ସୁଶାନ୍ତ କୁମାର ଦାସ, ପୂର୍ବତନ ସଭାପତି,<br>ମାଧ୍ୟମିକ ଶିକ୍ଷା ପରିଷଦ, ଓଡ଼ିଶା | ସଦସ୍ୟ |
| ୧୯. | ଡକ୍ଟର ଲଳିତ କୁମାର ଲେଙ୍କା, ଅବସରପ୍ରାପ୍ତ ପ୍ରାଧ୍ୟାପକ, ଓଡ଼ିଆ ବିଭାଗ,<br>ଏକାମ୍ର କଲେଜ, ଭୁବନେଶ୍ୱର | ସଦସ୍ୟ |
| ୨୦. | ଡକ୍ଟର ସରୋଜଲକ୍ଷ୍ମୀ ସିଂ, ଅଧ୍ୟକ୍ଷ, ରମାଦେବୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ,<br>ଭୁବନେଶ୍ୱର | ସଦସ୍ୟ |
| ୨୧. | ଡକ୍ଟର ଖଗେଶ୍ୱର ଦାସ, ଇଂରାଜୀ ବିଶେଷଜ୍ଞ, ଅଧ୍ୟକ୍ଷ,<br>ପଦ୍ମପୁର କଲେଜ, ବରଗଡ଼ | ସଦସ୍ୟ |
| ୨୨. | ଡକ୍ଟର ବଳରାମ ସାହୁ, ପ୍ରଫେସର ମାଇକ୍ରୋବାଇଓଲୋଜି,<br>ସୋଆ ବିଶ୍ୱବିଦ୍ୟାଳୟ,<br>ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର | ସଦସ୍ୟ |
| ୨୩. | ଡକ୍ଟର ଗୌରାଙ୍ଗ ମହାନ୍ତି, ପଦାର୍ଥ ବିଜ୍ଞାନ ବିଶେଷଜ୍ଞ, ଅବସରପ୍ରାପ୍ତ ଅଧ୍ୟକ୍ଷ,<br>ଖଲ୍ଲିକୋଟ ସ୍ୱୟଂଶାସିତ କଲେଜ, ବ୍ରହ୍ମପୁର, ଗଞ୍ଜାମ | ସଦସ୍ୟ |
| ୨୪. | ନିର୍ଦ୍ଦେଶକ, ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟ ଏବଂ ରାଜ୍ୟ ଶିକ୍ଷା ଗବେଷଣା ଓ<br>ପ୍ରଶିକ୍ଷଣ ପରିଷଦ, ଓଡ଼ିଶା | ସଦସ୍ୟ<br>ସଚିବ |



https://withteachers.in/





# ସୂଚୀପତ୍ର



| | | |
|---|---|---|
| | **ପ୍ରସ୍ତାବନା** | |
| | **ପୁସ୍ତକ ବିଷୟରେ** | |
| | **ସମୟ ବଣ୍ଟନ ଓ ଆକଳନ** | |
| | **ନାଟକ** | |
| ୧. | ଶବ୍ଦକୁ ଜୀବନ୍ତ କରିବା ନାଟ୍ୟ ପଠନ | ୪ |
| ୨. | ଏକ ମଞ୍ଚ ଅନେକ ପାଣ୍ଡୁଲିପି | ୧୭ |
| ୩. | ରଚନାଠାରୁ ମଞ୍ଚନ ପର୍ଯ୍ୟନ୍ତ | ୨୮ |
| ୪. | କରତାଳି ଓ ଉପଦେଶ | ୪୭ |
| | **ସଙ୍ଗୀତ** | |
| ୫. | ସଙ୍ଗୀତର ଉପାଦାନଗୁଡ଼ିକୁ ଆବିଷ୍କାର କରିବା | ୫୮ |
| ୬. | ସଙ୍ଗୀତମୟ ବାଦ୍ୟଯନ୍ତ୍ର | ୬୮ |
| ୭. | ଭାରତୀୟ ଶାସ୍ତ୍ରୀୟ ସଙ୍ଗୀତ | ୭୭ |
| ୮. | ପ୍ରେରଣା ଏବଂ କଳ୍ପନା | ୯୫ |
| ୯. | ମୋ ସଙ୍ଗୀତର ଜଗତ | ୧୦୨ |




https://withteachers.in/




| | | |
|---|---|---|
| | **ନୃତ୍ୟ ଓ ଗତି** | |
| ୧୦. | ନୃତ୍ୟର ଅଭ୍ୟନ୍ତରୀଣ ଗତିବିଧି (ଶକ୍ତି) | ୧୧୪ |
| ୧୧. | ସର୍ବଭାରତୀୟ ନୃତ୍ୟଶୈଳୀ | ୧୨୯ |
| ୧୨. | ସୁସ୍ଥତା ପାଇଁ ନୃତ୍ୟ | ୧୪୧ |
| ୧୩. | ଅଭିନବ, ସମାବେଶ ଓ ପରିବର୍ତ୍ତନ ପାଇଁ ପ୍ରେରଣା | ୧୫୧ |
| ୧୪. | ନୃତ୍ୟ ପରିବେଷଣ ପାଇଁ ନୃତ୍ୟ ସଂରଚନା | ୧୫୯ |
| | **ଦୃଶ୍ୟ କଳା** | |
| ୧୫. | ଦୃଶ୍ୟକଳା ତଥା ରୂପାଙ୍କନରେ ମୌଳିକତା ଓ ସିଦ୍ଧାନ୍ତ | ୧୭୨ |
| ୧୬. | ସ୍ଥିର ବସ୍ତୁ ଚିତ୍ରଣରେ ରଙ୍ଗର ପ୍ରୟୋଗ | ୧୮୪ |
| ୧୭. | ବିଭିନ୍ନ ସ୍ଥାନଗୁଡ଼ିକରେ ଲୋକମାନେ | ୧୯୩ |
| ୧୮. | କଳା; ଜନତାଙ୍କର, ଜନତାଙ୍କ ପାଇଁ ଓ ଜନତାଙ୍କ ଦ୍ୱାରା | ୨୦୫ |
| ୧୯. | କଳା ସଚେତନତା ପାଇଁ ପ୍ରଚାର-ପ୍ରସାର | ୨୧୪ |



https://withteachers.in/



# ନାଟକ

ଯଥା "ବେଷ୍ଟିତମଥିତଗୁମ୍ଫସଂହତୈରାତତେଷ୍ଟ
କୁସୁମୈସ୍ୱପଦବୈଃ" ଇତ୍ୟାଦୌ ବିଦ୍ୟା ଦଣ୍ଡନୀତ୍ୟାଦି ।

*-ଅଭିନବ ଗୁପ୍ତଙ୍କ ଅଭିନବ ଭାରତୀ, ପ୍ରଥମ ଅଧ୍ୟାୟ*

ଯେତେବେଳେ ଗୋଟିଏ ନାଟ୍ୟ ପରିବେଷଣରେ ପାଣ୍ଡୁଲିପି, ଅଭିନୟ, ସଙ୍ଗୀତ ଓ ଅନ୍ୟାନ୍ୟ ସମସ୍ତ ଅଂଶ ଉପଯୁକ୍ତ ଭାବେ ମିଳିତ ହେବେ ଏବଂ ସୁନ୍ଦର ଭାବେ ସଜ୍ଜିତ ହୋଇ ଏହିଗୁଡ଼ିକର ମନ୍ଥନ କରାଯିବ ଏହା ଗୋଟିଏ ସୁନ୍ଦର ଫୁଲମାଳ ଭଳି ଦେଖାଯିବ । ଏହା ଦର୍ଶକମାନଙ୍କୁ ସମସ୍ତ ଚାରିପ୍ରକାର ଜ୍ଞାନ ପ୍ରଦାନ କରିବ ।

ଅଭିନବ ଗୁପ୍ତ ୧୦ମ ଓ ୧୧ଦଶ ଶତାବ୍ଦୀ ମଧ୍ୟରେ କାଶ୍ମୀରରେ ବାସ କରୁଥିଲେ । ସେ ନାଟ୍ୟଶାସ୍ତ୍ରର ବ୍ୟାଖ୍ୟା କରିଥିଲେ ଏବଂ ଶାନ୍ତ ରସକୁ ନବମ ରସ ଭାବେ ନବରସ ସହିତ ସଂଯୋଜିତ କରିଥିଲେ ।

https://withteachers.in/



# ଶିକ୍ଷକ ଓ ଶିକ୍ଷୟିତ୍ରୀମାନଙ୍କ ନିମନ୍ତେ ସୂଚନା

**ପ୍ରିୟ ନାଟ୍ୟ ଶିକ୍ଷକ ଓ ଶିକ୍ଷୟିତ୍ରୀ,**

ଅଷ୍ଟମ ଶ୍ରେଣୀର ଶିକ୍ଷାର୍ଥୀମାନେ ସେମାନଙ୍କ ସୃଜନ ତଥା ନାଟ୍ୟ ଯାତ୍ରାର ମଧ୍ୟମ ପର୍ଯ୍ୟାୟ ଶେଷ କରୁଛନ୍ତି । ଏହା ସେମାନଙ୍କୁ ଦୃଢ଼ ତଥା ସଶକ୍ତ କରି ସେମାନଙ୍କ ଆତ୍ମବିଶ୍ୱାସ ବୃଦ୍ଧି କରିବାର ସମୟ ।

ଏହି ପର୍ଯ୍ୟାୟରେ କିଶୋର ଶିକ୍ଷାର୍ଥୀମାନେ କେବଳ ତିଆରି ହେଉଥିବା ଜଣେଜଣେ ପରିବେଷଣକାରୀ ନୁହନ୍ତି ବରଂ ଚିନ୍ତାଶୀଳ ସହଯୋଗୀ ଓ ପ୍ରତିଫଳନକାରୀ ବ୍ୟକ୍ତି ମଧ୍ୟ । ଗତବର୍ଷ ସେମାନେ ନାଟକର ଗତି, ବେଗ, କାହାଣୀ ଶୁଣି ପ୍ରତିକ୍ରିୟା ପ୍ରକାଶ କରିବା ଏବଂ ମଞ୍ଚକଳା ଆଦି ବିଷୟରେ ଶିକ୍ଷାଲାଭ କରିଛନ୍ତି । ସେହି ସବୁକୁ ଭଲଭାବେ ବା ସମ୍ପୂର୍ଣ୍ଣଭାବେ ବୁଝି ଗ୍ରହଣ କରିବା ଏହି ପୁସ୍ତକର ଲକ୍ଷ୍ୟ । ଏଥିରେ ଥିବା କ୍ରିୟାକଳାପ ଓ ଅଭ୍ୟାସଗୁଡ଼ିକ ପିଲାମାନଙ୍କ ନାଟ୍ୟ କୌଶଳକୁ ସୂକ୍ଷ୍ମ କରିଥାଏ । ଏହା ସେମାନଙ୍କର ପ୍ରକାଶ କରିବା ଦକ୍ଷତା ଓ ଯୋଗାଯୋଗ ସ୍ଥାପନ କରିବା କୌଶଳକୁ ଶାଣିତ କରି ସେମାନଙ୍କ ଭିତରେ ଦାୟିତ୍ୱବୋଧ ସୃଷ୍ଟି କରିବାରେ ସାହାଯ୍ୟ କରିବ । କେବଳ ଜଣେ କଳାକାର ଭାବେ ନୁହେଁ ବରଂ ଦଳର ଜଣେ ବନ୍ଧୁ ଭାବେ, ସମସ୍ୟା ସମାଧାନକାରୀ ଏବଂ ସମୀକ୍ଷାତ୍ମକ ଚିନ୍ତକ ଭାବେ ମଧ୍ୟ ସେମାନଙ୍କୁ ଗଢ଼ିତୋଳିବା ନିମନ୍ତେ ଏହି କ୍ରିୟାକଳାପ ସାହାଯ୍ୟ କରିବ ।

ଏହି ପୁସ୍ତକ ସେମାନଙ୍କୁ ନାଟକର ଯୋଜନା, ଅଭ୍ୟାସ, ସମୀକ୍ଷା ଏବଂ ଆତ୍ମସମୀକ୍ଷାପାଇଁ ଉପାଦାନ ଯୋଗାଇ ଦେବ । ସେମାନଙ୍କୁ ଶକ୍ତିଶାଳୀ ପରିବେଷଣକାରୀ ଏବଂ କୁଶଳୀ ମଞ୍ଚ ଅନ୍ତରାଳ କର୍ମୀ ହେବା ନିମନ୍ତେ ମଧ୍ୟ ଉତ୍ସାହିତ କରିବ ।

ଏହା ନାଟ୍ୟ ପରିବେଷଣ କୌଶଳ ପ୍ରତି ଧ୍ୟାନ ଦେବା ସହିତ ଶୃଙ୍ଖଳା ଏବଂ ଦାୟିତ୍ୱବୋଧକୁ ମଧ୍ୟ ଗୁରୁତ୍ୱ ପ୍ରଦାନ କରେ । ମୂଲ୍ୟବୋଧର ଶିକ୍ଷା ଦିଏ ଯାହାକି ମଞ୍ଚ ବ୍ୟତୀତ ଜୀବନର ଆହୁରି ଅନେକ କ୍ଷେତ୍ରରେ ସେମାନଙ୍କୁ ସାହାଯ୍ୟ କରିଥାଏ ।


ଏହି ବର୍ଷଟି ଉଦ୍ଭାବନ, ଅଭିବ୍ୟକ୍ତି ଏବଂ ଶ୍ରେଷ୍ଠତା ପ୍ରତିପାଦନ କରିବାର ବର୍ଷ ହେଉ, ଯେଉଁଠି କି ଅଭ୍ୟାସଗୃହ ଏକ ଦର୍ପଣ, ଏକ ମଞ୍ଚ ଓ ଅଗ୍ରଗତିର ଏକ ପାହାଚ ପାଲଟିଯିବ । ପରଦା ଉଠିବାକୁ ପ୍ରସ୍ତୁତ । ଗୌରବ ଓ ଉଦ୍ଦେଶ୍ୟର ସହିତ ତୁମ ନାଟକ ଆଗେଇ ଚାଲିବ ।

**ମାନନିର୍ଦ୍ଧାରଣ**

ବିଦ୍ୟାଳୟର ମୁଖ୍ୟ ପାଠ୍ୟକ୍ରମରେ ନାଟ୍ୟକଳା ଶିକ୍ଷା ସମସ୍ତ ପ୍ରକ୍ରିୟା ମଧ୍ୟରେ ମାନନିର୍ଦ୍ଧାରଣ ମହତ୍ୱପୂର୍ଣ୍ଣ । ଅନ୍ୟାନ୍ୟ ବିଷୟପରି ଏଥିରେ ନମ୍ବର ବା ଶ୍ରେଣୀ ପାଇବା । ଯେତିକି ଆବଶ୍ୟକ, ନାଟକର ଆତ୍ମାକୁ ଅତୁଟ ରଖିବା ମଧ୍ୟ ସେତିକି ଗୁରୁତ୍ୱପୂର୍ଣ୍ଣ । ଏହାକୁ ମାନନିର୍ଦ୍ଧାରଣ ପ୍ରଶ୍ନପତ୍ର ଏବଂ କାଗଜ କଲମର ପରୀକ୍ଷା ସ୍ତରକୁ ଅଣାଯିବା ଉଚିତ ନୁହେଁ । କ୍ରିୟାକଳାପଗୁଡ଼ିକର ଅନ୍ତରାଳରେ ଥିବା ଚିନ୍ତାଧାରା ଏବଂ ପ୍ରକ୍ରିୟାକୁ ମଧ୍ୟ ନିମ୍ନୋକ୍ତ ଦିଗଗୁଡ଼ିକ ସହିତ ବିବେଚନା କରାଯିବା ଆବଶ୍ୟକ ।

- ଜ୍ଞାନର ବିନିଯୋଗ
- ପ୍ରଚେଷ୍ଟା ଏବଂ ଅଂଶଗ୍ରହଣ
- ସୃଜନଶୀଳତା ଏବଂ ଉପସ୍ଥାପନା
- ଦଳଗତ କାର୍ଯ୍ୟ ଏବଂ ସହଭାଗିତା

ଏସବୁକୁ ସ୍ପଷ୍ଟ ଭାବେ ବୁଝିବାପାଇଁ ପୁସ୍ତକର ଆରମ୍ଭରେ ଥିବା ସମୟସୀମା ଏବଂ ମୂଲ୍ୟାୟନ ବିଷୟରେ ପଢ଼ନ୍ତୁ । ନାଟ୍ୟକଳାର ମାନନିର୍ଦ୍ଧାରଣ ନିମନ୍ତେ ଭିନ୍ନଭିନ୍ନ ସ୍ତର ଓ ପର୍ଯ୍ୟାୟର ଯୋଜନା କରାଯାଇଅଛି ।



https://withteachers.in/



## ଗଠନମୂଳକ ମାନନିର୍ଦ୍ଧାରଣ :


କ୍ରିୟାକଳାପ ଓ ଅଧ୍ୟାୟଗୁଡ଼ିକର ପାଠକୁ ଦୁଇଟି ପର୍ଯ୍ୟାୟରେ ଶେଷ କରିବାପରେ ଏହାକୁ ଶ୍ରେଣୀଗୃହରେ କରାଯିବ ।

**ସର୍କଲ୍ ଟାଇମ୍ :** ଏହି ପ୍ରକ୍ରିୟାଟିକୁ ପ୍ରତି ଶ୍ରେଣୀ ଏବଂ ପ୍ରତି କ୍ରିୟାକଳାପ ଶେଷରେ ଆୟୋଜନ କରାଯିବ । ପିଲାମାନେ କି କି କାମ କଲେ ସେହି ବିଷୟରେ ପ୍ରଶ୍ନ ପଚାରିବାକୁ ଶିକ୍ଷକମାନେ ପିଲାମାନଙ୍କ ସହିତ ଶ୍ରେଣୀରେ ଚିରାଚରିତ ଢଙ୍ଗରେ ବସିବା ଭଳି ନ ବସି ସାଧାରଣ ଆରାମଦାୟକ ଭାବରେ ବସିବେ ଯେପରିକି ଶିକ୍ଷାର୍ଥୀମାନେ ସରଳ, ଅନୌପଚାରିକ ଭାବରେ ସେମାନଙ୍କ ପ୍ରତିକ୍ରିୟା ପ୍ରକାଶ କରିପାରିବେ । ସେମାନେ ପ୍ରକାଶ କରିଥିବା ଚିନ୍ତାଧାରା ଓ ଅଭିଜ୍ଞତାକୁ ଆଧାର କରି ଶିକ୍ଷକମାନେ ପ୍ରତ୍ୟେକ ଶିକ୍ଷାର୍ଥୀଙ୍କ ବିଷୟରେ ମନ୍ତବ୍ୟ ଲେଖି ରଖିବେ । ପାଠ୍ୟ ପୁସ୍ତକରେ କେତେଗୁଡ଼ିଏ ପ୍ରଶ୍ନ ଦିଆଯାଇଛି । ଏହା ବ୍ୟତୀତ ଶ୍ରେଣୀଗୃହର ପ୍ରତିକ୍ରିୟା ଅନୁସାରେ ଶିକ୍ଷକମାନେ ଆହୁରି ଅଧିକ ପ୍ରଶ୍ନ ମଧ୍ୟ ପଚାରିପାରିବେ ।

**ରୁବ୍ରିକ୍ସ :** ପ୍ରତି ଅଧ୍ୟାୟ ଶେଷ ହେବା ପରେ, ଆବଶ୍ୟକ ଶିକ୍ଷଣ ଫଳାଫଳ ସହିତ ଗୋଟିଏ ରୁବ୍ରିକ୍ସକୁ ମିଶାଯାଇଛି ଯାହାକୁ ପ୍ରତି ଶିକ୍ଷକ ଧ୍ୟାନଦେବେ । ଶିକ୍ଷାର୍ଥୀମାନେ ସେହି ଅଧ୍ୟାୟରେ ନିଜର କାର୍ଯ୍ୟକଳାପକୁ ଅନୁଶୀଳନ କରି ନିଜେ ନିଜକୁ ଶ୍ରେଣୀ ବା ଗ୍ରେଡ୍ ପ୍ରଦାନ କରିବେ । ସେମାନଙ୍କର ଏହି ଆତ୍ମବିଶ୍ଳେଷଣ ଶିକ୍ଷକମାନଙ୍କ ନିମନ୍ତେ ପ୍ରତିପୁଷ୍ଟି ରୂପେ ମଧ୍ୟ କାର୍ଯ୍ୟ କରିବ ।

**ସମାପ୍ତି ସୂଚକ ମାନନିର୍ଦ୍ଧାରଣ :** ଏହା ଏକ କ୍ରିୟାକଳାପ ଆଧାରିତ ସାଧନ ଯାହା କି ବର୍ଷ ଶେଷରେ କରାଯିବ । ପିଲାମାନେ ବର୍ଷକ ମଧ୍ୟରେ ଶିକ୍ଷା କରିଥିବା ସମସ୍ତ ପାଠକୁ ବିଷୟ କରି ଏହି କ୍ରିୟାକଳାପଗୁଡ଼ିକ କରାଯିବା ଆବଶ୍ୟକ । ଛାତ୍ରଛାତ୍ରୀମାନଙ୍କର କୌଶଳ ଓ କ୍ଷମତାର ବ୍ୟକ୍ତିଗତ ଓ ଦଳଗତ ମାନନିର୍ଦ୍ଧାରଣ କରାଯିବ । ଏହି ବିଭାଗ ଶେଷରେ କେତେକ ପ୍ରଶ୍ନର ନମୁନା ପ୍ରଦାନ କରାଯାଇଅଛି ।





https://withteachers.in/

# ୧ ଶବ୍ଦଗୁଡ଼ିକୁ ଜୀବନ୍ତ କରିବା
## ନାଟ୍ୟ ପଠନ



ନାଟକର ପାଣ୍ଡୁଲିପି ପଢ଼ିବା ଏକ ପୂର୍ଣ୍ଣାଙ୍ଗ ନାଟ୍ୟ ପ୍ରଯୋଜନାର ପ୍ରଥମ ପାହାଚ । କିନ୍ତୁ ତୁମେମାନେ ଜାଣ କି ଏହି ପ୍ରଥମ ପାହାଚ ମଧ୍ୟ ଏକ ଅନ୍ତିମ ପରିବେଷଣ ହୋଇପାରେ ବୋଲି ?

ପଠନ ଅଭ୍ୟାସ କିମ୍ବା ମଞ୍ଚରେ ପାଣ୍ଡୁଲିପି ପଠନ ମଧ୍ୟ ଏକ ପ୍ରକାରର ନାଟକ ।

**ପଠନ ଅଭ୍ୟାସ :** ଏହାକୁ ମଞ୍ଚସଜ୍ଜା, ଉପକରଣ, ପୋଷାକ କିମ୍ବା ରୂପସଜ୍ଜା ନଥାଇ ପରିବେଷଣ କରାଯାଇଥାଏ । ଏଥିରେ ଅଭିନେତାମାନେ ସାଧାରଣ ପୋଷାକ ପିନ୍ଧି ମଞ୍ଚ ଉପରେ ପଡ଼ିଥିବା ଚୌକି ଉପରେ ବସି ପାଣ୍ଡୁଲିପିରୁ ନିଜନିଜ ଚରିତ୍ରର ସଂଳାପଗୁଡ଼ିକୁ ବଡ଼ ପାଟିରେ ପଢ଼ନ୍ତି । ତଥାପି, ଏହା କେବଳ ବଡ଼ ପାଟିରେ ପଢ଼ିବା ନୁହେଁ, ତା'ଠାରୁ ଆହୁରି ଅଧିକ ଅନେକ କିଛି । ଏହା ଏକ କଳା ଯାହା କି ଚରିତ୍ର, ରସ ଓ କାହାଣୀକୁ ପ୍ରାଣବନ୍ତ କରି ତୋଳେ । ଏଥିପାଇଁ ପ୍ରତ୍ୟେକ ଶବ୍ଦ, ବିରାମ ବା ନିରବତା ଓ ଅଭିବ୍ୟକ୍ତିଗୁଡ଼ିକୁ ସମାନ ଭାବରେ ଗୁରୁତ୍ୱ ପ୍ରଦାନ କରାଯିବା ଆବଶ୍ୟକ । ଫଳରେ, ପ୍ରତ୍ୟେକ ସଂଳାପ ଏକ ଚିତ୍ତାକର୍ଷକ ଅଭିଜ୍ଞତା ପାଲଟିଯିବ ।

ଏହି ଅଭିଜ୍ଞତା କେବଳ ଛାତ୍ରଛାତ୍ରୀମାନଙ୍କ କଳ୍ପନାଶକ୍ତିକୁ ଶାଣିତ କରେନାହିଁ ବରଂ ମଞ୍ଚସଜ୍ଜା, ପୋଷାକ ଆଦି ଦୃଶ୍ୟ ପରିବର୍ଦ୍ଧନକାରୀ ଉପାଦାନ ନ ଥାଇ ମଧ୍ୟ କାହାଣୀକୁ ସିଧାସଳଖ ଦର୍ଶମାନଙ୍କ ସହିତ ଯୋଡ଼ିଦିଏ ।

**ତୁମେମାନେ ଶିକ୍ଷାଲାଭ କରିବ**

- ନାଟକ ପଠନ : ଏକ ପରିବେଷଣାତ୍ମକ କଳା
- ସ୍ୱର ତାଲିମ
- ପ୍ରଭାବଶାଳୀ ଭାବେ କଥାକହିବା



ତୁମେ କହିପାର; "ଏହା ବହୁତ ସହଜ... । ମୁଁ କରିଦେଇପାରିବି ।"

ନିଶ୍ଚୟ, ତୁମେ ଏହା କରିପାରିବ । କିନ୍ତୁ ଏଥିପାଇଁ ମଧ୍ୟ ଅନେକ କଠିନ ପରିଶ୍ରମ, ଅଭ୍ୟାସ ଓ ପ୍ରଚେଷ୍ଟା ଆବଶ୍ୟକ । କେବଳ ପ୍ରଭେଦ ଏତିକି ଯେ ତୁମର ସମସ୍ତ ପ୍ରଚେଷ୍ଟା ତୁମର ସ୍ୱରକୁ ଶୁଦ୍ଧ କରିବା, ଚରିତ୍ରର ବ୍ୟାଖ୍ୟା କରିବା ଏବଂ ଭାବ ପ୍ରକାଶ କରିବା ।

https://withteachers.in/

ଏହି ପ୍ରକ୍ରିୟା ଏକ ସଙ୍ଗୀତ ଅଭ୍ୟାସ ସହିତ ସମାନ । ଉଭୟେ ତୁମର ସ୍ୱରତନ୍ତ୍ରୀ, ଶବ୍ଦର ତୀବ୍ରତା, ଶବ୍ଦ ମାତ୍ରା ଏବଂ ଏହା କିପରି ରସ ସୃଷ୍ଟି କରୁଛି ତାହା ଉପରେ କାର୍ଯ୍ୟ କରେ ।



ରସ ଉନ୍ମୋଚନ ନିମନ୍ତେ ଆବଶ୍ୟକ । ପଠନ ସମୟରେ ଅଭିନେତାମାନେ ଆରମ୍ଭରୁ ଶେଷ ଯାଏଁ ଚରିତ୍ର ମଧ୍ୟରେ ରହି, ସ୍ୱର ମାଧ୍ୟମରେ ରସ ସୃଷ୍ଟି କରିବାପାଇଁ ନିଜର ସମସ୍ତ ଶକ୍ତି ଉପଯୋଗ କରନ୍ତି ।

ଭଲ ଲାଗୁଛି ? ଆସ, କେତେକ କ୍ରିୟାକଳାପ ଏବଂ ଅଭ୍ୟାସ ଆରମ୍ଭ କରିବା ଯାହା କି ତୁମକୁ ଜଣେ ସ୍ୱର-ଅଭିନେତା କରିପାରିବ ।

ଯେହେତୁ ଏହି ପ୍ରକାରର ଅଭିନୟ ଶୈଳୀ ମୂଳତଃ କଥା ଓ ସଂଳାପ ପ୍ରକ୍ଷେପ ପ୍ରତି ଗୁରୁତ୍ୱ ଦେଇଥାଏ, ତେଣୁ ଆମେ ଯେଉଁସବୁ କାମ କରିବା ସେଗୁଡ଼ିକ ଏହି କଥା ଓ ସଂଳାପ ପ୍ରକ୍ଷେପଣ ଆଧାରିତ । ଆମେ ଆମ ସ୍ୱରର ଉନ୍ନତି ନିମନ୍ତେ ଚେଷ୍ଟା କରିବା–

- କଥାର ସ୍ୱଷ୍ଟତା
- ସ୍ୱର ଓ କଥା କହିବା ଶୈଳୀ
- କଥା ବା ସଂଳାପର ଭାବ ମାଧ୍ୟମରେ ରସ ଉଦ୍ରେକ କରିବା

ଏହାର ସାମାନ୍ୟ ପରିବର୍ତ୍ତିତ ଶୈଳୀ ହେଲା– ବେତାର ନାଟକ, ସ୍ୱର ଅଭିନୟ ଏବଂ ସ୍ୱର ପ୍ରଦାନ । ଏହାର ତତ୍ତ୍ୱ ସମାନ ହୋଇଥିଲେ ମଧ୍ୟ ଏହା ମଞ୍ଚ ଉପରେ ଘଟି ନ ଥାଏ ।



ଏହି ସମସ୍ତ ଦିଗ ସମ୍ପୂର୍ଣ୍ଣରୂପେ ତୁମର ଶାରୀରିକ ଅବସ୍ଥା ଉପରେ ନିର୍ଭରଶୀଳ । ତୁମେ ଏହାର ପ୍ରତିକ୍ରିୟାକୁ ବୃଦ୍ଧି କରିବାପାଇଁ କୌଣସି ଯନ୍ତ୍ରପାତିର ସାହାଯ୍ୟ ନେଇପାରିବ ନାହିଁ । ତେଣୁ, ଆମେ ପ୍ରଥମେ ଜାଣିବା ଦରକାର ଯେ ଆମ ଶରୀରରୁ ସ୍ୱର କିପରି ସୃଷ୍ଟି ହୁଏ ।

ପ୍ରାୟ ଆମେ ସମସ୍ତେ ଭାବିନେଉ ଯେ ସ୍ୱରତନ୍ତ୍ରୀରୁ ହିଁ ସ୍ୱର ସୃଷ୍ଟି ହୁଏ । ତୁମେ ଜାଣି ଆଶ୍ଚର୍ଯ୍ୟ ହେବ ଯେ, ଆମକୁ ବିଭିନ୍ନ ପ୍ରକାର ଧ୍ୱନି, କଥା ଏବଂ ସ୍ୱର ସୃଷ୍ଟି କରିବାରେ ସାହାଯ୍ୟ କରୁଥିବା ଆମ ଶରୀରର ଅନେକ ଅଙ୍ଗପ୍ରତ୍ୟଙ୍ଗମାନଙ୍କ ଭିତରେ ଏହି ସ୍ୱରତନ୍ତ୍ରୀ ମଧ୍ୟ ଅନ୍ୟତମ ।



https://withteachers.in/

## ତୁମେମାନେ ଅନୁଭବ କରିଛ କି !

**ମୂକାଭିନୟ**

ଏହା ସ୍ୱରବିହିନ କେବଳ ଅଭିନୟ ମାଧ୍ୟମରେ ଏହାକୁ ପରିବେଷଣ କରାଯାଏ।



**ନାଟକ ପଠନ**

ଏହା ଏକ ପ୍ରକାରର ପରିବେଷଣ ଯାହା ଅଭିନୟ ନ ଥାଇ କେବଳ ସ୍ୱର ସଞ୍ଚାଳନ ଦ୍ୱାରା କରାଯାଇଥାଏ ।



## ସ୍ୱରର ତିନୋଟି ଉପପଦ୍ଧତି

| ଉପପଦ୍ଧତି | ସ୍ୱରଯନ୍ତ୍ର | ସ୍ୱର ସୃଷ୍ଟି ନିମନ୍ତେ ଭୂମିକା |
|---|---|---|
| ବାୟୁ ଚାପ ପଦ୍ଧତି | ଉଦର ଓ ବକ୍ଷ ବିଭେଦକ ପେଶୀ, ଛାତିର ମାଂସପେଶୀ, ପଞ୍ଜରା, ତଳିପେଟର ମାଂସପେଶୀ ଏବଂ ଫୁସ୍‌ଫୁସ୍ | ସ୍ୱରତନ୍ତ୍ରୀରେ କମ୍ପନ ସୃଷ୍ଟିପାଇଁ ବାୟୁଚାପକୁ ନିୟନ୍ତ୍ରିତ କରି ଯୋଗାଇଦିଏ । |
| କମ୍ପନ ପଦ୍ଧତି | ସ୍ୱର ବାକ୍ସ (larynx) ଏବଂ ସ୍ୱରର କୋଠରୀ (କିମ୍ବା ସ୍ୱରତନ୍ତ୍ରୀ) | ସ୍ୱରତନ୍ତ୍ରୀ କମ୍ପନ, ବାୟୁଚାପକୁ ଶବ୍ଦ ତରଙ୍ଗରେ ପରିବର୍ତ୍ତନ କରି ସ୍ୱରରୁ ଧ୍ୱନି-ଶବ୍ଦ ସୃଷ୍ଟି କରେ । |
| ପ୍ରତିଧ୍ୱନିକାରୀ ପଦ୍ଧତି | ସ୍ୱର ପ୍ରଣାଳୀ ଅଂଶ : ଗଳା(pharynx) ପାଟିର ଛିଦ୍ର, ନାକର ଛିଦ୍ର | ଗୁଣୁଗୁଣୁ, ଅସ୍ପଷ୍ଟ ଶବ୍ଦକୁ ଜଣଙ୍କର ପରିଚିତ ସ୍ୱରକୁ ପରିବର୍ତ୍ତନ କରେ । |

https://withteachers.in/

ଏହାକୁ ବୁଝିବା ଫଳରେ ଏହା ତୁମ ସ୍ୱରକୁ ଉନ୍ନତ ଭାବରେ ନିୟନ୍ତ୍ରଣ କରିବାରେ ସାହାଯ୍ୟ କରେ । ଫଳରେ ପାଣ୍ଡୁଲିପିର ଶବ୍ଦ ଓ ବାକ୍ୟଗୁଡ଼ିକ ଯେଉଁଭଳି ଭାବରେ ଉଚ୍ଚାରଣ ହେବା ଆବଶ୍ୟକ, ସେହିପରି ଉପଯୁକ୍ତ ସ୍ୱର ସୃଷ୍ଟି କରିବାପାଇଁ ଏହା ତୁମକୁ ସକ୍ଷମ କରାଇବ । ସ୍ୱରର ତୀବ୍ରତା, ଶବ୍ଦ ମାତ୍ରା ଏବଂ ରସ ଉଦ୍ରେକ କରିବାର କ୍ଷମତା ଶରୀରର ଏହି ସବୁ ଅଂଶରୁ ସୃଷ୍ଟି ହୋଇଥାଏ । ନାଟ୍ୟଶାସ୍ତ୍ର ଅନୁସାରେ ଏହାକୁ ବାଚିକ ଅଭିନୟ କୁହାଯାଏ । ବାଚିକର ଅର୍ଥ 'ସଂଳାପ ବା ଭାଷା' । ଯେକୌଣସି ପରିବେଷଣ, ଯେଉଁଥିରେ କେବଳ ସଂଳାପ କିମ୍ବା ଭାଷାର ବ୍ୟବହାର କରାଯାଇଥାଏ ତାହାକୁ ବାଚିକ ଅଭିନୟ କୁହାଯାଏ । ନୃତ୍ୟ ପରିବେଷଣ ବେଳେ ବୋଲା ଯାଉଥିବା ସଙ୍ଗୀତ ମଧ୍ୟ ବାଚିକ ଅଭିନୟ ।

## କ୍ରିୟାକଳାପ ୧.୧ : ସଂଳାପର ସ୍ପଷ୍ଟ ଉଚ୍ଚାରଣ

ସଂଳାପ କହିଲାବେଳେ ପଦାଂଶ ବା ଶବ୍ଦାଂଶଗୁଡ଼ିକ କେତେ ଭଲ ଭାବରେ ଉଚ୍ଚାରିତ ହେଉଛି, କେତେ ସ୍ପଷ୍ଟ ଓ ସ୍ୱତନ୍ତ୍ର ଭାବରେ ଶବ୍ଦଗୁଡ଼ିକ ପ୍ରକାଶିତ ହେଉଛି, ତାହାଦ୍ୱାରା ହିଁ ସଂଳାପର ସ୍ପଷ୍ଟତା ନିରୂପଣ ହୁଏ । ଏପରିକି ଅତି ଉତ୍ତମ ଭାବରେ ସଂଳାପ କହୁଥିବା କଳାକାରମାନଙ୍କର ମଧ୍ୟ ପାଟି ଖନିମାରେ, ଶବ୍ଦ ଉପରେ ଶବ୍ଦ ଚଢ଼ିଯାଏ; ଏସବୁ ନ ହେବାପାଇଁ ଉତ୍କୃଷ୍ଟ ଉପାୟ ହେଲା, କ୍ଲିଷ୍ଟ ଶବ୍ଦ ବା କ୍ଲିଷ୍ଟ ଶବ୍ଦ ଥିବା ବାକ୍ୟଗୁଡ଼ିକୁ ନିୟମିତ ଭଲଭାବେ କହିବା ଅଭ୍ୟାସ କରିବା । ଥରେ ତୁମେ ଏହାକୁ ଅକ୍ତିଆର କରିନେଇପାରିଲେ, ସଂଳାପ ପବନ ଭଳି ପ୍ରବାହିତ ହେବ ।

ସେହି ଶବ୍ଦ କିମ୍ବା ବାକ୍ୟଗୁଡ଼ିକୁ ଅଳଙ୍କାର ଅନୁପ୍ରାସ ଭାବେ ବିବେଚନା କରାଯାଏ । ସମାନ ପ୍ରକାରର ଧ୍ୱନି ସୃଷ୍ଟି କରୁଥିବା ସେହି କ୍ଲିଷ୍ଟ ତଥା ଆଳଙ୍କାରିକ ବାକ୍ୟଗୁଡ଼ିକୁ ଉଚ୍ଚାରଣ କରିବା କଷ୍ଟକର । ତୁମେ ଯେତେ ଉଚ୍ଚାରଣ ଅଭ୍ୟାସ କରିବ ତାହା ସେତେ ସ୍ପଷ୍ଟ ହେବା ସହିତ ଧ୍ୱନି ପ୍ରକ୍ଷେପଣ ମଧ୍ୟ ଉନ୍ନତ ହୋଇପାରିବ ।

ପାଣ୍ଡୁଲିପିକୁ ଧୀରେଧୀରେ ପଢ଼ିବା ଆରମ୍ଭକର । କ୍ରମେକ୍ରମେ ଏହାର ବେଗକୁ ବଢ଼ାଇଚାଲ, ଶବ୍ଦ ଓ ସଂଳାପଗୁଡ଼ିକୁ ନିର୍ଭୁଲ ଭାବରେ ଉଚ୍ଚାରଣ କରି କହିପାରିଲା ପର୍ଯ୍ୟନ୍ତ । ପଢ଼ିଲାବେଳେ ଯଦି କେଉଁଠି ସଂଳାପ ଗୋଳେଇଘାଣ୍ଟି ହୋଇଯାଏ ତେବେ ଆଉଥରେ ଆରମ୍ଭ କର ଏବଂ ପ୍ରଚେଷ୍ଟା କରି ଚାଲ ।

ଏଠାରେ କେତେକ ସରଳ ଓ ଆଳଙ୍କାରିକ ଶବ୍ଦ ଥିବା ବାକ୍ୟ ଉଚ୍ଚାରଣ ଅଭ୍ୟାସ ନିମନ୍ତେ ଦିଆଯାଇଛି–

- କଟକ ନଗର ଧବଳ ଟଗର
- ଅକଲ ମକଲ ଟକଲ ଟିଆଁ, କୋଉଠୁ ଆଇଚ କ'ଣ ନାଁ' ।
- ମାଙ୍କଡ଼ ଖାଏ କାଙ୍କଡ଼ କଷି, ବାଙ୍କ ବାବୁଙ୍କ ବାଡ଼ିରେ ପଶି ।
  ତାଙ୍କ କୁକୁର ଆସିଲା ଧାଇଁ, ହନୁମାଙ୍କଡ଼ ଗଲା ପଳାଇ ।
- ଦେଖରେ ନଳିନି ନଳିନୀ ନଳିନୀରେ ପୂରିତ
  ଭ୍ରମନ୍ତି ଭ୍ରମରେ ଭ୍ରମରେ ଭ୍ରମରେ ଏ ଶୋଭିତ ।
- କାର୍ମୁକ ଟଙ୍କାର ଅମ୍ବର ଝଙ୍କାର ହୁଙ୍କାର ନିର୍ଘୋଷ ଶୁଣିହେ–
- ଅହି ମକର ତାପ ନାଶେ ଶୋଭା ସାରସ ଚକ୍ରେ ।
- ଟଙ୍କିଳା ତରଙ୍ଗାୟିତ ଲୋହିତ କର୍କର....
- ଉତ୍କଳ କମଳା ବିଳାସ ଦୀର୍ଘିକା ମରାଳ ମାଳିନୀ ନୀଳାମ୍ବୁ ଚିଲିକା ।



ଏହିପରି ଆହୁରି ଅନେକ ଶବ୍ଦ ଓ ବାକ୍ୟ ମଧ୍ୟ ରହିଛି ଯାହାକୁ ତୁମେମାନେ ନିଜେ ନିଜେ ବାଛି ଉଚ୍ଚାରଣ କରିପାରିବ। ୨ୟ ଅଧ୍ୟାୟରେ କେତେଗୁଡ଼ିଏ ସଂଳାପ ଅଛି ସେଗୁଡ଼ିକୁ ମଧ୍ୟ ଅଭ୍ୟାସ କରିପାର।



https://withteachers.in/

## କ୍ରିୟାକଳାପ ୧.୨ : ସଂଳାପ କହିବା ଶୈଳୀ

ତୁମ ସଂଳାପ କହିବା ଶୈଳୀକୁ ଉନ୍ନତ କରିବାକୁ ହେଲେ ତୁମେ ଧୀରେ କହିବା ଏବଂ ବାକ୍ୟ କିମ୍ବା ଚିନ୍ତାଧାରା ପ୍ରକାଶ କରିବା ମଧ୍ୟରେ ବିରାମ ନେବା ବା ନିରବ ରହିବା ଅଭ୍ୟାସ କରିପାର । ଏହା ତୁମର ଶବ୍ଦଗୁଡ଼ିକୁ ସୁସ୍ପଷ୍ଟ ଭାବେ କହିବା, ମୁଖ୍ୟ ସୂଚନାଗୁଡ଼ିକୁ ଗୁରୁତ୍ୱ ପ୍ରଦାନ କରିବା ଏବଂ ସୂଚନାଗୁଡ଼ିକୁ ଦର୍ଶକମାନଙ୍କ ମନରେ ପ୍ରଭାବ ପକାଇବାପାଇଁ ସାହାଯ୍ୟ କରିବ । ତୁମେ ଦର୍ଶକମାନଙ୍କ ମନରେ ଆଗ୍ରହ, ସଂଶୟ କିମ୍ବା ରସ ସୃଷ୍ଟିପାଇଁ ସଂଳାପ ମଝିରେ ବିରାମ ନେଇପାର ।



**ବେଗ :** ତୁମେ ଯେଉଁ କଥାଭାଷା କରୁଛ ତାହାର ବେଗ କେତେ ?

ତୁମେ କହୁଥିବା ଶବ୍ଦଶବ୍ଦ ମଧ୍ୟରେ ବେଗ କେତେ ? ଧୀର ନା ଦ୍ରୁତ ବେଗରେ ସଂଳାପଟି ପରିବେଷଣ ହେବା ଦରକାର ? ଆଳଙ୍କାରିକ ଶବ୍ଦ ବା ବାକ୍ୟଗୁଡ଼ିକୁ ଭିନ୍ନଭିନ୍ନ ବେଗରେ ଉଚ୍ଚାରଣ କର । ଏହିପରି କରିବା ଫଳରେ କେତେ ପ୍ରକାରର ରସ ତୁମେ ତୁମ ସ୍ୱର ମାଧ୍ୟମରେ ପ୍ରକାଶ କରିପାରିବ ତାହା ଜାଣିପାରିବ ।

**ସ୍ୱର ସଞ୍ଚାଳନ :** ସଂଳାପ ମଧ୍ୟରେ କୌଣସି ନିର୍ଦ୍ଦିଷ୍ଟ ଶବ୍ଦକୁ ଗୁରୁତ୍ୱ ପ୍ରଦାନ କରିବାପାଇଁ ସେହି ଶବ୍ଦ ଉପରେ ଚାପ ଏବଂ ଜୋର୍ ଦେଇ କହିବାକୁ ସ୍ୱର ସଞ୍ଚାଳନ କୁହାଯାଏ । ଯେଉଁ ଶବ୍ଦ ଗୁରୁତ୍ୱପୂର୍ଣ୍ଣ ଆମେ ସାଧାରଣତଃ ସେହି ଶବ୍ଦକୁ ଜୋର୍ କରି ବା ଚାପଦେଇ କହିଥାଉ । ଆଳଙ୍କାରିକ ଶବ୍ଦମାନଙ୍କୁ ଥରକୁ ଥର କହିଲାବେଳେ ସେଥିରେ ଥିବା ଭିନ୍ନଭିନ୍ନ ଶବ୍ଦଗୁଡ଼ିକୁ ତୁମେ ଭିନ୍ନଭିନ୍ନ ସମୟରେ ଚାପ ବା ଜୋର୍ ଦେଇ କୁହ ଏବଂ ପରେପରେ ଏକାଧିକ ଶବ୍ଦମାନଙ୍କୁ ଜୋର୍ ଦେଇ କୁହ, ଦେଖିବ ସେଗୁଡ଼ିକର ଅର୍ଥ କିପରି ବଦଳିଯିବ ।



**ଶବ୍ଦର ପ୍ରଭାବ :** ବ୍ୟାକରଣଗତ ଭାବେ ଠିକ୍ ଥିବା ଗୋଟିଏ ସରଳ ବାକ୍ୟକୁ ନିଅ ଏବଂ ତାଇ ପ୍ରତ୍ୟେକ ଶବ୍ଦକୁ ଭିନ୍ନଭିନ୍ନ ଭାବରେ ଗୁରୁତ୍ୱ ପ୍ରଦାନ କର କୁହ । ଏହା କିପରି ଭାବରେ ବାକ୍ୟର ଅର୍ଥ ପରିବର୍ତ୍ତନ କରୁଛି ସେ ବିଷୟରେ ଆଲୋଚନା କର ।

**ଉଦାହରଣ :** 'ମୁଁ ଆଜି ବିଦ୍ୟାଳୟକୁ ଗଲି ନାହିଁ ।'



ତୁମେ ତୁମ ସାଙ୍ଗମାନଙ୍କ ସହିତ ମିଶି ଏହାକୁ ଜଣକ ପରେ ଜଣେ ପଢ଼ । ଅକ୍ଷରରେ ଲେଖା ହୋଇଥିବା ଶବ୍ଦଗୁଡ଼ିକୁ ଗୁରୁତ୍ୱ ଦେଇ କୁହ । ଏହି ବାକ୍ୟର ଅର୍ଥ କ'ଣ ହୋଇପାରିବ ଆଲୋଚନା କର ।

ମୁଁ ଆଜି ବିଦ୍ୟାଳୟ ଗଲି ନାହିଁ (... କିନ୍ତୁ ମୋ ସାଙ୍ଗମାନେ ଗଲେ)

ମୁଁ ଆଜି ବିଦ୍ୟାଳୟ ଗଲି ନାହିଁ (... ତେଣୁ ମୁଁ ଖେଳକୁ ହରାଇଲି)

ମୁଁ ଆଜି ବିଦ୍ୟାଳୟ ଗଲି ନାହିଁ (... କିନ୍ତୁ ସବୁ ଶିକ୍ଷା ପାଇଗଲି)


ମୁଁ ଆଜି ବିଦ୍ୟାଳୟ ଗଲି ନାହିଁ (... କିନ୍ତୁ ସେହିବାଟେ ମେଳା ଦେଖିବାକୁ ଚାଲିକରି ଗଲି)

https://withteachers.in/

## ଶବ୍ଦର ମାତ୍ରା ଓ ତୀବ୍ରତା :

ଯଦିଚ ଶବ୍ଦର ମାତ୍ରା ଓ ତୀବ୍ରତା ତତ୍ତ୍ୱ ମୁଖ୍ୟତଃ ସଙ୍ଗୀତରେ ବ୍ୟବହାର ହୋଇଥାଏ ତଥାପି ନାଟକର ଛାତ୍ରମାନଙ୍କ ନିମନ୍ତେ ମଧ୍ୟ ଏହା ଅତି ତାତ୍ପର୍ଯ୍ୟପୂର୍ଣ୍ଣ । କାରଣ ଭଲ ଅଭିନୟ ଏହି ତତ୍ତ୍ୱ ଉପରେ ସମ୍ପୂର୍ଣ୍ଣ ନିର୍ଭରଶୀଳ । ଅଭ୍ୟାସ କଲାବେଳେ ତୁମେ ତୁମ ସଙ୍ଗୀତ ଶିକ୍ଷା ଅଧ୍ୟାୟକୁ ମନେ ପକାଅ ।

**ମାତ୍ରା** ହେଉଛି ଗୋଟିଏ ଶବ୍ଦ କେତେ ଜୋର୍ ବା ଧୀର ଭାବରେ ଶୁଣାଯାଏ । ତୁମେ ତୁମ ବାଦ୍ୟଯନ୍ତ୍ର ବଜାଇଲାବେଳେ ନିଶ୍ଚେ ଏହି ଚେଷ୍ଟା କରିଥିବ । ନାଟକ ଅଭିନୟ ସମୟରେ ଏହି ଶବ୍ଦର ମାତ୍ରାକୁ ନିୟନ୍ତ୍ରଣ କରିପାରିଲେ ଏହା ଦର୍ଶକଙ୍କ ନିକଟରେ ରସ ଏବଂ ସୂଚନା ଗୁଡ଼ିକୁ ଉପଯୁକ୍ତ ଭାବରେ ପହଞ୍ଚାଇବାରେ ସାହାଯ୍ୟ କରିଥାଏ । ଏହା ଆମ ନିତିଦିନିଆ ଜୀବନରେ ମଧ୍ୟ ଘଟିଥାଏ । ତୁମେ ରାଗିଥିଲାବେଳେ ବଡ଼ପାଟିରେ ଚିତ୍କାର କରନି କି ? ପଶୁମାନେ ମଧ୍ୟ ଶବ୍ଦ ମାତ୍ରା ବ୍ୟବହାର କରନ୍ତି । ସିଂହ ଶକ୍ତି ଓ ଆଧିପତ୍ୟ ଦେଖାଇବାକୁ ଜୋର୍‌ରେ ଗର୍ଜନ କରେ । ତା' ଗମ୍ଭୀର ଗର୍ଜନ ଦ୍ୱାରା ସତେ ବା ସେ ଘୋଷଣା କରେ, "ଏ ମୋ ଇଲାକା ।" କିନ୍ତୁ ବିଲେଇ କଅଁଳ ଭାବେ ମ୍ୟାଉଁ ମ୍ୟାଉଁ ହୋଇ ସ୍ନେହ ଓ ସୁଖ, ଶାନ୍ତି ପ୍ରଦର୍ଶନ କରିଥାଏ । ନାଟକରେ ଉଚ୍ଚ ସ୍ୱର କ୍ରୋଧ କିମ୍ବା ଆହ୍ଲାଦ ଭଳି ସୁଦୃଢ଼ ଭାବ ପ୍ରକାଶ କରିଥାଏ । କିନ୍ତୁ କ୍ଷୀଣ ସ୍ୱର କରୁଣ, ଭୟ ଓ ଦୟା ଆଦିକୁ ପ୍ରଦର୍ଶିତ କରିଥାଏ । ସ୍ୱରର ମାତ୍ରାକୁ ନିୟନ୍ତ୍ରଣ କରି ଶିଖିଲେ ଏହା ନାଟକର ରସଗୁଡ଼ିକୁ ଅଧିକ ସ୍ପଷ୍ଟ ଭାବେ ପ୍ରକାଶ କରି ସେଗୁଡ଼ିକୁ ଦର୍ଶକଙ୍କ ସହିତ ଭଲଭାବେ ଜଡ଼ିତ କରିବାରେ ସାହାଯ୍ୟ କରେ । ସେହିପରି ଜୀବଜନ୍ତୁମାନେ ମଧ୍ୟ ଜଙ୍ଗଲରେ ସେମାନଙ୍କ ମନୋଭାବ ପ୍ରକାଶ କରନ୍ତି ।





**ତୀବ୍ରତା** ହେଉଛି ଶବ୍ଦ କେତେ ଉଚ୍ଚ ବା ନୀଚ । ଉଚ୍ଚ ତୀବ୍ରତା ସମ୍ପନ୍ନ ଶବ୍ଦ ଭୟ, ଉତ୍ତେଜନା ଏବଂ କୌତୁକ ପ୍ରଦର୍ଶନ କରିଥାଏ । ହଠାତ୍ ଆଶ୍ଚର୍ଯ୍ୟଜନକ ଭାବେ ତୁମେ କୌଣସି ଉପହାର ପାଇଗଲେ କିଭଳି ଚିତ୍କାର କର ? ନୀଚ ତୀବ୍ରତା ସମ୍ପନ୍ନ ଶବ୍ଦ ଗୁରୁତ୍ୱ, ଶାନ୍ତ ଓ କ୍ରୋଧକୁ ମଧ୍ୟ ସୂଚାଇ ଦିଏ । ଉଦାହରଣ ସ୍ୱରୂପ- ମୂଷା ଯେତେବେଳେ ଅତି ତୀବ୍ର ଭାବେ ଚିଁ ଚିଁ ଶବ୍ଦକରି ବୋବାଏ ସେତେବେଳେ ସେ ଭୟଭୀତ ବା ଉତ୍ତେଜିତ ହୋଇପଡ଼ିଥାଏ । କିନ୍ତୁ ଭାଲୁ ଗଭୀର ବା ନୀଚ ତୀବ୍ରତା ସମ୍ପନ୍ନ ଶବ୍ଦରେ ଗଁ ଗଁ ହୋଇ ତାହାର ରାଗ ଦେଖାଇ ଅନ୍ୟମାନଙ୍କୁ ସତର୍କ କରିଥାଏ । ନାଟକରେ ଅଭିନେତାମାନେ ଅଭିନୟ କରୁଥିବା ଚରିତ୍ରଟିକୁ ପ୍ରାଣବନ୍ତ କରିବାପାଇଁ ସ୍ୱରର ତୀବ୍ରତା ପରିବର୍ତ୍ତନ କରିଥାନ୍ତି । ଉଦାହରଣ ସ୍ୱରୂପ ଜଣେ ପିଲାଳିଆ ଚରିତ୍ର ଉଚ୍ଚ ତୀବ୍ର ସ୍ୱରରେ କଥା କହୁଥିବାବେଳେ ଜଣେ ବୃଦ୍ଧ ବିଦ୍ୱାନ ରାଜା ଗମ୍ଭୀର ଓ ନୀଚ ସ୍ୱରରେ କଥା କୁହନ୍ତି । ତୀବ୍ରତା ବିଷୟରେ ଜ୍ଞାନ ଆହରଣ କଲେ ଏହା ବିଭିନ୍ନ ଚରିତ୍ର ଚିତ୍ରଣ ଏବଂ ବହୁ ପ୍ରକାର ରସ ପ୍ରକାଶ କରିବାରେ ସାହାଯ୍ୟ କରେ ।

ଆମେ ଜୀବଜନ୍ତୁମାନଙ୍କ ଉଦାହରଣରୁ ଏହି ତୀବ୍ରତା ତତ୍ତ୍ୱ ଏବଂ ଏହା କି ସୂଚନା ଦେଇପାରେ ସେକଥା ଜାଣିବାକୁ ଚେଷ୍ଟା କରୁଛେ । ଏଠାରେ ତୁମକୁ ସାହାଯ୍ୟ କରିବାପାଇଁ ଏକ ତାଲିକା ଦିଆଯାଇଛି । ପ୍ରତି ଜୀବଜନ୍ତୁମାନଙ୍କ ସ୍ୱରର ମାତ୍ରା ଓ ତୀବ୍ରତା ଗୁଡ଼ିକର ସଂହତି ଓ ସଂଯୋଗକୁ ଲକ୍ଷ୍ୟ କର ।



https://withteachers.in/

| ପଶୁପକ୍ଷୀ | ମାତ୍ରା | ତୀବ୍ରତା | ଭାବ-ରସ |
|---|---|---|---|
| ସିଂହ - ଗର୍ଜନ | ଅତି ଜୋର୍‌ରେ | ନିମ୍ନ | ଶକ୍ତି, ଆଧିପତ୍ୟ |
| ମୂଷା - ଚିଁ ଚିଁ | କୋମଳ | ଉଚ୍ଚ | ଭୟ, ଉତ୍ତେଜନା |
| ପେଚା - ହୁଟ୍ ହୁଟ୍ | କୋମଳ | ନିମ୍ନ | ଜ୍ଞାନ, ଶାନ୍ତ |
| ସାପ - ହିସ୍ ହିସ୍ | କୋମଳ | ମଧ୍ୟମ-ଉଚ୍ଚ | ଆତଙ୍କ, ଭୟ |
| ଘୋଡ଼ା - ହ୍ରେସାରାବ | ଜୋର୍‌ରେ | ଉଚ୍ଚ | ବିପଦ, ଭୟ |
| ଭାଲୁ - ଗଁ ଗଁ | ଜୋର୍‌ରେ | ନିମ୍ନ | କ୍ରୋଧ, ଆତଙ୍କ |

## କ୍ରିୟାକଳାପ ୧.୩ : ପଶୁପକ୍ଷୀଙ୍କ ରସ ଅନୁମାନ କର !

ବର୍ତ୍ତମାନ ତୁମେମାନେ ଗୋଟିଏ ଗୋଟିଏ ପଶୁ ପାଲଟି ଯାଇପାର । ମଣିଷ ଭଳି ରସ ପ୍ରଦର୍ଶନ କରିପାରୁଥିବା ପଶୁ । ଶବ୍ଦର ମାତ୍ରା ଓ ତୀବ୍ରତାକୁ ବ୍ୟବହାର କରି ସେହି ଅନୁସାରେ ପଶୁମାନଙ୍କ ସ୍ୱର (ଶବ୍ଦ) ସହିତ ସେଥିରୁ ନିର୍ଗତ ହେଉଥିବା ରସକୁ ମିଶାଅ । ତୁମମାନଙ୍କ ଭିତରୁ ଜଣେ ଆସି ଗୋଟିଏ ପଶୁର ଶବ୍ଦ କରିପାର । ଆନନ୍ଦ, ଭୟ, କ୍ରୋଧ, ଦୁଃଖ କିମ୍ବା ଅନ୍ୟ ଯେ କୌଣସି ଭାବକୁ ଗୁପ୍ତ ଭାବରେ ବାଛି ସେମାନଙ୍କ ଶବ୍ଦ ସହିତ ମିଶାଅ । ଶ୍ରେଣୀର ଅନ୍ୟ ପିଲାମାନେ ଶବ୍ଦର ମାତ୍ରା (ଧୀରେ/ଜୋର୍‌ରେ) ଏବଂ ତୀବ୍ରତା (ଉଚ୍ଚ/ନୀଚ)କୁ ଆଧାର କରି ପଶୁ ଓ ତାହାର ରସକୁ ଅନୁମାନ କର ।

ତୁମେମାନେ ଭିନ୍ନଭିନ୍ନ ଜୀବ ଏବଂ ସେମାନଙ୍କ ରସକୁ ଯୋଡ଼ିବାକୁ ଚେଷ୍ଟା କରିପାର । ଉଦାହରଣ ସ୍ୱରୂପ, ଖୁସିରେ ଥିବା ସିଂହ କୋମଳ ଭାବେ ଗଁ ଗଁ ହୋଇପାରେ ଏବଂ ଭୟଭୀତ ହୋଇଥିବା ମୂଷା ଅତି ଧୀର ଭାବରେ ଚିଁ ଚିଁ କରିପାରେ । ତୁମେ ଗୋଟେ ଖୁସି ଓ ରାଗି କୁକୁର କିମ୍ବା କ୍ଳାନ୍ତ, ଉତ୍ତେଜିତ ଛେଳି ଭଳି ଶବ୍ଦ ସୃଷ୍ଟି କରିପାର ।

**ମନେରଖ :** ମୁହଁରେ କୌଣସି ଭାବ କିମ୍ବା ଶାରୀରିକ ଭାଷା (ଅଙ୍ଗଭଙ୍ଗୀ) ପ୍ରକାଶ କରିବାକୁ ଚେଷ୍ଟାକର ନାହିଁ ନଚେତ ତାହା ତୁମ ରସକୁ ନଷ୍ଟ କରିଦେଇପାରେ । ଏହି କ୍ରିୟାକଳାପ କେବଳ ତୁମ ସ୍ୱର ଦ୍ୱାରା କରାଯିବ ।

https://withteachers.in/

## କ୍ରିୟାକଳାପ ୧.୪ : ତୁମେ ଯଦି ଜଣେ ଅଭିନେତା–

ତୁମେ କଳ୍ପନା କର ଯେ, ତୁମେ ଜଣେ ଅଭିନେତା ଏବଂ ତୁମେ ଗୋଟିଏ ନାଟକର ପାଣ୍ଡୁଲିପି ପଢୁଛ । ତୁମେ ଏହି ଧାଡ଼ିଗୁଡ଼ିକୁ ମଞ୍ଚ ଉପରେ କହିବ । ଜଣେ ଅଭିନେତା ଭାବରେ ତୁମେ କେଉଁକେଉଁ ତୀବ୍ରତା ଓ ଶବ୍ଦ ମାତ୍ରା ବ୍ୟବହାର କରିବ ତାହା ସଠିକ ଭାବରେ ପୂରଣ କର ।



"ମୁଁ ତତେ ଗୋଟେ ଗୁପ୍ତ କଥା କହିବି... ସେ ଅସୁସ୍ଥ ଅଛି... ।"

ମାତ୍ରା ------------------------------

------------------------------

------------------------------

ତୀବ୍ରତା------------------------------

------------------------------

------------------------------



"ହେ ବୀର ସୈନିକ ! ଆମ ଦେଶପାଇଁ ଲଢ଼େଇ କର... ଜୟହୀନ୍ଦ୍ ।"

ମାତ୍ରା ------------------------------

------------------------------

------------------------------

ତୀବ୍ରତା------------------------------

------------------------------

------------------------------



"ମତେ ବହୁତ କ୍ଳାନ୍ତ ଓ ଦୁର୍ବଳ ଲାଗୁଛି... ଏବଂ ଖଣ୍ଡିଆଟା ଯନ୍ତ୍ରଣାଦାୟକ । ଆଃ !"

ମାତ୍ରା ------------------------------

------------------------------

------------------------------

ତୀବ୍ରତା------------------------------

------------------------------

------------------------------



https://withteachers.in/

## କୃତି । ୧୨

### କ୍ରିୟାକଳାପ ୧.୫ : ସଂଳାପ ଦ୍ୱାରା ରସ ଉଦ୍ରେକ କରିବା

**ଭାଷାହୀନ କଥା କହିବା !**

ତୁମେ କେବେ ଜାଣିବାକୁ ଚେଷ୍ଟା କରିଛ କି, ଆମେ କହୁଥିବା ପ୍ରତ୍ୟେକ ଶବ୍ଦ ସହିତ ତାହାର ଅର୍ଥ କିପରି ଯୋଡ଼ି ହୋଇ ରହିଛି ? ଆମେ ଯଦି କେତେ ଗୁଡ଼ାଏ ଅର୍ଥହୀନ ଶବ୍ଦକୁ ଯେମିତି ଇଚ୍ଛା ସେମିତି କହିବା, ତେବେ କ'ଣ ଦର୍ଶକମାନେ ସେହି ଶବ୍ଦ ଓ ଆମର ଭାବକୁ ସହଜରେ ବୁଝି ପାରିବେ ?

ତୁମେ କ'ଣ କହୁଛ, ତାହା ଉପରେ ଭାବ ପ୍ରକାଶ ନିର୍ଭର କରେନାହିଁ; ବରଂ କିପରି କହୁଛ ତାହା ଉପରେ ନିର୍ଭର କରେ । ପ୍ରକୃତରେ କେତେଗୁଡ଼ିଏ ଦୃଷ୍ଟାନ୍ତ ଅଛି, ଯେତେବେଳେ ଆମ ସହିତ କଥା ହେଉଥିବା ଲୋକର ଭାଷା ଆମେ ଜାଣି ନ ଥାଉ ତଥାପି ସିଏ କ'ଣ କହିଲେ ତାହାର ସାରାଂଶ ବୁଝିପାରୁ । ଏହା କିପରି ସମ୍ଭବ ହୁଏ ? ଏହାର କାରଣ ହେଉଛି ମଣିଷର ମସ୍ତିଷ୍କ ସେ ଶିଖିଥିବା ଭାଷା ଠାରୁ ଆହୁରି ଅଧିକ କିଛି ଗ୍ରହଣ କରିପାରେ । ଲୋକଟି କହୁଥିବାବେଳେ ତାହାର ସ୍ୱରଗୁଣ, ମୁହଁର ଭାବ, ଶରୀରର ଭାଷା ଓ ବିଷୟବସ୍ତୁରୁ ମଣିଷର ମସ୍ତିଷ୍କ ଅନେକ ସୂଚନା ପାଇପାରିଥାଏ ।



ବର୍ତ୍ତମାନ ଗୋଟିଏ ପରୀକ୍ଷା କରିବା । ଧରିନିଅ ତୁମେମାନେ ଅନ୍ୟଏକ ଗ୍ରହରୁ ଆସିଛ ଏବଂ ଏକ ଅଦ୍ଭୁତ ଭାଷା କହୁଛ, ଯାହାକୁ ଅନ୍ୟମାନେ କେହି ବୁଝିପାରୁନାହାନ୍ତି । କେତେଗୁଡ଼ିଏ ଧ୍ୱନିକୁ ଲକ୍ଷ୍ୟହୀନ ତଥା ଇତସ୍ତତଃ ଭାବେ କହିକହି ବାକ୍ୟ ତିଆରି କର । ଏଭଳି କହିବା ଶୈଳୀକୁ 'ଅବୋଧ ଭାଷା' (gibberish) କୁହାଯାଏ ।

**ମୌଳିକ**

ତୁମେ ଲକ୍ଷ୍ୟହୀନ ଭାବେ, ଇତସ୍ତତଃ କରି କହୁଥିବା ଧ୍ୱନିକୁ ଏକାଠି କରି କହିଲାବେଳେ କେହି ହେଲେ ସେଥିରୁ କିଛି ବୁଝିପାରିବେ ନାହିଁ । କିନ୍ତୁ, ବର୍ତ୍ତମାନ ସେହି ଗୁଡ଼ିକୁ ଗୋଟିଏ ନିର୍ଦ୍ଦିଷ୍ଟ ରସରେ କୁହ । ତୁମକୁ ପଢ଼ିବାକୁ ନ ଦେଇ ହଇରାଣ କରୁଥିବା ସାଙ୍ଗ ଉପରେ ବିରକ୍ତି ପ୍ରକାଶ କରି ପୂର୍ବର ସେହି 'ଅବୋଧ ଭାଷା' ଗୁଡ଼ିକୁ କୁହ । ଏହାକୁ ପ୍ରକାଶ କରିବାକୁ ତୁମର ସ୍ୱର, ଅଭିନୟ ଓ ଅଭିବ୍ୟକ୍ତିକୁ ବ୍ୟବହାର କର । ବର୍ତ୍ତମାନ ତୁମର ଅଧିକାଂଶ ସାଙ୍ଗ ଜାଣିପାରିବେ ତୁମେ କ'ଣ କହୁଛ । ଏହାକୁ ଆହୁରି ଭଲ ଭାବରେ ପ୍ରକାଶ କରିବାପାଇଁ ଧ୍ୱନି, ସ୍ୱରର ମାତ୍ରା ଓ ତୀବ୍ରତାକୁ ଏହା ସହିତ ମିଶାଇ ଦିଅ ।

ବର୍ତ୍ତମାନ ଏହାକୁ ବିଭିନ୍ନ ରସ ଓ ପରିସ୍ଥିତିରେ କହିବାକୁ ଚେଷ୍ଟା କର । ତୁମେମାନେ କ'ଣ କହିବାକୁ ଚେଷ୍ଟା କରୁଛ, ଶ୍ରେଣୀର ଅନ୍ୟ ପିଲାମାନେ ଅନୁମାନ କରିବେ । ସମସ୍ତେ ଏହି ଅବୋଧ ଭାଷା ଦ୍ୱାରା ଭାବ ପ୍ରକାଶ କରିବାକୁ ଚେଷ୍ଟା କର । ସେଥିରୁ କେତେଜଣଙ୍କ କଥା ତୁମେ ବୁଝିପାରିଲ ?

**ଉନ୍ନତ**

ଏହାର ପରବର୍ତ୍ତୀ ସୋପାନରେ ତୁମେମାନେ ଏହି ଅବୋଧ ଭାଷାରେ ସରଳ ସାଧାରଣ ଭାବରେ କଥାବାର୍ତ୍ତା କରିବ । ଜଣେ ସାଙ୍ଗ ସହିତ ବସ ଓ ଭାବର ସହିତ ଗୋଟିଏ ବାକ୍ୟ କୁହ । ସାଙ୍ଗକୁ ତୁମ କଥାର ପ୍ରତିକ୍ରିୟା ପ୍ରକାଶ କରିବାକୁ ଦିଅ । ୪-୫ ଧାଡ଼ି ଏହିପରି କଥାବାର୍ତ୍ତା କର । ବର୍ତ୍ତମାନ ରହିଯାଅ ଏବଂ ତୁମେ ଦୁଇଜଣ କଥା ହେଲାବେଳେ ପ୍ରକୃତରେ କ'ଣ ସବୁ କହୁଥିଲ ଆଲୋଚନା କର ।

ଗ୍ରାମର ମେଳା, କାର୍ଯ୍ୟାଳୟ, ବିଦ୍ୟାଳୟ, ଖେଳପଡ଼ିଆ ଓ ଅନ୍ୟାନ୍ୟ ସ୍ଥାନରେ ମଧ୍ୟ ଏହିପରି କଥାବାର୍ତ୍ତା ହୁଏ ।

https://withteachers.in/

**ଶିକ୍ଷକଙ୍କ ନିମନ୍ତେ ସୂଚନା**

ଯେଉଁ ଶିକ୍ଷାର୍ଥୀମାନେ ଜଟିଳ ନ ହୋଇ ସରଳ ଭାବରେ ଅବୋଧ ଭାଷାମାନଙ୍କୁ ବ୍ୟବହାର କରୁଛନ୍ତି ସେମାନଙ୍କୁ ଠାବ କରନ୍ତୁ । ଗୋଟିଏ ସରଳ ଅବୋଧ ଭାଷା ଅପେକ୍ଷା ଜଟିଳ ଅବୋଧ ଭାଷାରେ ଅନେକ ଧ୍ୱନି ଓ ବିଭିନ୍ନ ପଦାଂଶ ସଂଯୋଜିତ ହୋଇଥାଏ ।

ସରଳ ଅବୋଧ ଭାଷାର ଏକ ଉଦାହରଣ–

ଟଟ ଟଟଟ ଟ ଟଟଟ ଟଟଟ

କିମ୍ବା ପପପ ପପ ପପ ପପପ ପପପପ୍ ।"

ଜଟିଳ ଅସ୍ପଷ୍ଟ ଅବୋଧ ଭାଷା–

"ଟଗୁଚ୍ଚ ମୋ ଲେ ଢ଼ୋ ଇଙ୍ଗ୍‌ଜି କୋ'

ଏକାଧିକ ପଦାଂଶ ବ୍ୟବହାର କରି ଏବଂ ଧ୍ୱନି ଗୁଡ଼ିକର ତାଳ ପରିବର୍ତ୍ତନ କରିବାକୁ ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରନ୍ତୁ ।

ଭାବ ପ୍ରକାଶ ନିମନ୍ତେ ଜଟିଳ ଅବୋଧ ଭାଷା ବ୍ୟବହାର କରିବାକୁ ଶିକ୍ଷାର୍ଥୀମାନଙ୍କୁ ପ୍ରେରଣା ଦିଅନ୍ତୁ ।







https://withteachers.in/

## ସର୍କଲ୍ ସମୟ

୧. ଗୋଟିଏ ନାଟକ ପଠନ ପରିବେଷଣ ନିମନ୍ତେ ତୁମେ କେଉଁଭଳି ନାଟକ ଚୟନ କରିବ ?

୨. କେଉଁଟି ସହଜ : କ୍ରିୟାକର୍ମ ନ ଥାଇ କେବଳ ସ୍ୱର ମାଧ୍ୟମରେ ଅଭିନୟ କରିବା କିମ୍ବା ସ୍ୱର ବିନା କେବଳ କ୍ରିୟାକର୍ମ ମାଧ୍ୟମରେ ଅଭିନୟ କରିବା ?

୩. ଏହି ଅଧ୍ୟାୟ ତୁମର କଥାବାର୍ତ୍ତା କରିବା ଏବଂ ତାହାର ପ୍ରଭାବକୁ ବୃଦ୍ଧି କରିବାରେ ସାହାଯ୍ୟ କଲା କି ? ଏହା କେଉଁଠି ତୁମପାଇଁ ଉପାଦେୟ ହେବ ?



**ପଠନ ନିମନ୍ତେ କେତେକ ପ୍ରସ୍ତାବିତ ପୁସ୍ତକ**

ନିମ୍ନୋକ୍ତ ପୁସ୍ତକରୁ ଗୋଟିଏ ଦୃଶ୍ୟ ଚୟନ କରି ଦଳ ହୋଇ ତାକୁ ପଢ଼ । ଯଦି ତୁମେ ଭଲ ପଢୁଛ ବୋଲି ଭାବୁଛ ତେବେ ଏହି ଦୃଶ୍ୟଗୁଡ଼ିକ ମଧ୍ୟରୁ ଯେକୌଣସି ଗୋଟିଏ ଦୃଶ୍ୟକୁ ନେଇ ଏକ ନାଟକ ପଠନର ପରିବେଷଣ ତୁମ ଶ୍ରେଣୀରେ କରିପାର । ଏହି ପାଠ୍ୟ ପୁସ୍ତକର ୩ୟ ଅଧ୍ୟାୟରେ ଥିବା ନାଟକର ପାଣ୍ଡୁଲିପିକୁ ମଧ୍ୟ ପଢ଼ିପାର ।

| ନାଟକର ନାମ | ନାଟ୍ୟକାର |
|---|---|
| ଗୋପୀନାଥ ବଲ୍ଲଭ | ରଘୁନାଥ ପରିଛା |
| ବାବାଜୀ | ଜଗନ୍ମୋହନ ଲାଲ |
| ଯେକୌଣସି ଏକ ଗୀତିନାଟ୍ୟ | ବୈଷ୍ଣବ ପାଣି |
| ଭରସା | ଗୋପାଳ ଛୋଟରାୟ |
| ପେଟୁ | ପ୍ରାଣବନ୍ଧୁ କର |

https://withteachers.in/

# ମୁଖ୍ୟ ଶିକ୍ଷଣ - ଜୀବନ ଦୀକ୍ଷା

## ସଂଳାପର ଗୁରୁତ୍ୱ

**ବାଚି଼ ଯତ୍ନସ୍ତୁ କର୍ତବୌ ନାଟ୍ୟସ୍ୟୈଷା ତନୁଃସ୍ମୃତା ।**
**'ଅଙ୍ଗନୈପଥ୍ୟସତ୍ତ୍ୱାନି ବାକ୍ୟାର୍ଥ ବ୍ୟଞ୍ଜୟନ୍ତି ହି ।। ୨ ।।**

ଜଣେ ସଂଳାପ ପ୍ରତି ଯତ୍ନବାନ ହେବା ଆବଶ୍ୟକ କାରଣ ଏହା ନାଟ୍ୟକଳାର ଶରୀର ।
ଭାବଭଙ୍ଗୀ, ପୋଷାକ, ରୂପସଜ୍ଜା ଏବଂ ସତ୍ୱର (ସାତ୍ତ୍ୱିକ) ଅଭିନୟ ଶବ୍ଦ ବା ସଂଳାପର ଅର୍ଥକୁ ସ୍ପଷ୍ଟ କରିଥାଏ ।

*-ନାଟ୍ୟଶାସ୍ତ୍ର-୧୫ ଅଧ୍ୟାୟ, ୨ୟ ଶ୍ଲୋକ*

ନାଟ୍ୟଶାସ୍ତ୍ରର ଉପରୋକ୍ତ ଶ୍ଲୋକ ସୂଚାଇ ଦେଉଛି କି କଥା କହିବା ଦକ୍ଷତା ପ୍ରତି ଧ୍ୟାନ  ଦେବା ଅତି ଗୁରୁତ୍ୱପୂର୍ଣ୍ଣ । ନାଟକର ପଠନ ଓ ପରିବେଷଣ ତୁମକୁ କେବଳ ଅଭିନୟ ଅପେକ୍ଷା ଆହୁରି ଅନେକ କିଛି ଶିକ୍ଷାଦିଏ । ସଂଳାପର ପ୍ରକୃତ ଶକ୍ତିକୁ ବୁଝିବା ନିମନ୍ତେ ଏହା ସାହାଯ୍ୟ କରେ । ଏହି ଅଧ୍ୟାୟର କ୍ରିୟାକଳାପ ମାଧ୍ୟମରେ ତୁମେ ଶିକ୍ଷା କଲ ଯେ ମନଯୋଗ ସହକାରେ ସ୍ପଷ୍ଟ ଉଚ୍ଚାରଣ ମାଧ୍ୟମରେ ଭାବ ପ୍ରକାଶ କରିବା ଆବଶ୍ୟକ । ଏହା କେବଳ ମଞ୍ଚ ଉପରେ ନାଟକ ପରିବେଷଣ ନିମନ୍ତେ ନୁହେଁ ବରଂ ବାସ୍ତବ ଜୀବନରେ ମଧ୍ୟ ଅନେକ ସାହାଯ୍ୟ କରିଥାଏ । ସ୍ୱର ସଞ୍ଚାଳନ, ତୀବ୍ରତା, ମାତ୍ରା ଓ ଶବ୍ଦଚୟନ ତୁମର ଭାବ ପ୍ରକାଶକୁ ଦୃଢ଼ୀଭୂତ, ପ୍ରଭାବଶାଳୀ ଏବଂ ସମ୍ମାନସ୍ପଦ କରିଥାଏ । ତୁମେ ଯେତେବେଳେ ଭାବିଚିନ୍ତି ସ୍ପଷ୍ଟଭାବେ କଥା କୁହ–

- ଲୋକମାନେ ତୁମକୁ ଭଲ ଭାବେ ବୁଝିପାରନ୍ତି ।
- ତୁମେ ଅନାବଶ୍ୟକ ଦ୍ୱନ୍ଦ୍ୱ, ଅସୁବିଧା ସମୟ ଏବଂ ଭୁଲ ବୁଝାମଣା ଗୁଡ଼ିକୁ ଦୂର କରିପାର ।
- ଏହା ମନ ଭିତରେ ଭାବମାନଙ୍କୁ ଏକାଠି କରି ତୁମକୁ ଶାନ୍ତ କରେ ।

ତୁମକୁ ଆତ୍ମବିଶ୍ୱାସୀ କରିବା ସହିତ ଜୀବନର ଜଟିଳ ପରିସ୍ଥିତିଗୁଡ଼ିକୁ ପରିପକ୍ୱ ଭାବେ ସମାଧାନ କରିବା ନିମନ୍ତେ ଶିକ୍ଷା ଦିଏ । ଭଲ ଭାବେ କଥାବାର୍ତ୍ତା କରିବା କେବଳ ନାଟକୀୟ କୌଶଳ ନୁହେଁ– ଏହା ଏକ ଜୀବନ ଦକ୍ଷତା ।

https://withteachers.in/

## ମାନନିର୍ଦ୍ଧାରଣ

| ଅଧ୍ୟାୟ ଦକ୍ଷତା ୧ : ଶବ୍ଦକୁ ପ୍ରାଣବନ୍ତ କରିବା - ନାଟ୍ୟ ପଠନ | | | | |
|---|---|---|---|---|
| ଦକ୍ଷତା<br>C ୧.୨. ମିଳିତ ଭାବେ ନାଟକ ତିଆରି କଲାବେଳେ ନମନୀୟ ଭାବ ପ୍ରଦର୍ଶନ । | | | | |
| C.G | C | ଶିକ୍ଷଣ ଫଳାପଳ | ଶିକ୍ଷକ | ନିଜସ୍ୱ |
| ୧ | ୧.୨ | ପଠନ ଠାରୁ ମଞ୍ଚନ ପର୍ଯ୍ୟନ୍ତ ପାଣ୍ଡୁଲିପିର ବ୍ୟବହାରରେ ପରିବର୍ତ୍ତନକୁ ବୁଝିବା । | | |
| ୧ | ୧.୨ | ନିଜେ ନିଜର ସଂଳାପ କହିବା ଶୈଳୀ, ସ୍ପଷ୍ଟତା ଏବଂ ସ୍ୱର ସଞ୍ଚାଳନ ବିଷୟରେ କାର୍ଯ୍ୟକରିବାକୁ ଚେଷ୍ଟା କରିବା । | | |
| ୧ | ୧.୨ | ଅନ୍ୟାନ୍ୟ ଭାଷା ସହିତ ନିଜ ସ୍ୱର ଦକ୍ଷତାକୁ ବ୍ୟବହାର କରିବାକୁ ଚେଷ୍ଟା କରିବା । | | |
| ୧ | ୧.୨ | ସାଙ୍ଗସାଥୀ, ଶିକ୍ଷକ ଏବଂ ପିତାମାତାଙ୍କ ସହିତ କଥାବାର୍ତ୍ତା କଲାବେଳେ ସ୍ୱର କୌଶଳ ବ୍ୟବହାର କରିବା । | | |
| | | ଶ୍ରେଣୀରେ ସାମଗ୍ରୀକ ଭାବେ ଅଂଶଗ୍ରହଣ କରିବା | | |

**ଶିକ୍ଷକଙ୍କ ମତାମତ ଓ ଶିକ୍ଷାର୍ଥୀଙ୍କ ପର୍ଯ୍ୟବେକ୍ଷଣ**

-----------------------------------------------------------

-----------------------------------------------------------

-----------------------------------------------------------

https://withteachers.in/

# ୨ ଏକ ମଞ୍ଚ ଅନେକ ପାଣ୍ଡୁଲିପି



ଯେକୌଣସି ନାଟ୍ୟ ପରିବେଷଣର ମୌଳିକ ଆବଶ୍ୟକତା ହେଉଛି ନାଟକର ପାଣ୍ଡୁଲିପି । ତୁମର ବିଷୟବସ୍ତୁ ଓ ଚିନ୍ତାଧାରାଗୁଡ଼ିକୁ କାଗଜରେ ଲେଖିରଖ । ଯାହାକୁ ତୁମେ ଆହୁରି ଅଧିକ ଉନ୍ନତ କରିପାରିବ । ପ୍ରକୃତରେ, ସେଥିପାଇଁ ହିଁ ଏହି ପାଠ୍ୟ ପୁସ୍ତକ ରଚିତ ହୋଇଛି । ଜଣେ ଶିକ୍ଷକ କିମ୍ବା ଉପଦେଷ୍ଟା ନାଟକର ତତ୍ତ୍ୱକୁ କେବଳ କଥା ଦ୍ୱାରା ବୁଝାଇ ଭାବିନେବା ଉଚିତ ନୁହେଁ ଯେ ପିଲାମାନେ ସବୁକିଛି ବୁଝି ମନେ ରଖିଦେବେ ବୋଲି । ପାଣ୍ଡୁଲିପି ଅନେକ ପ୍ରକାର ସାହାଯ୍ୟ କରିଥାଏ–

- ସ୍ୱଷ୍ଟତା ସୃଷ୍ଟି ।
- ବିଷୟବସ୍ତୁକୁ ଅଧିକ ସୃଜନଶୀଳ ଭାବେ ତିଆରି କରିବା ।
- ସମ୍ମିଳିତ ଉଦ୍ୟମରେ କାର୍ଯ୍ୟ କରିବାପାଇଁ ଅନ୍ୟମାନଙ୍କ ସହିତ ଆଲୋଚନା କରିବା ।
- ଆବଶ୍ୟକ ସମୟରେ ତୁମକୁ ମନେ ପକାଇଦେବା ଏବଂ ପୂର୍ବ ଘଟଣାକୁ ସୂଚାଇ ଦେବାରେ ସାହାଯ୍ୟକରେ ।
- ଭବିଷ୍ୟତ ପିଢ଼ି ନିମନ୍ତେ ଲିପିବଦ୍ଧ ହୋଇ ରହିବା ।

ରଚନା ଅନେକ ରୂପ ଧାରଣ କରେ । ତୁମେମାନେ ହୁଏତ କ୍ଷୁଦ୍ରଗଳ୍ପ, ରଚନା, ପ୍ରବନ୍ଧ, କବିତା, ପତ୍ରଲିଖନ, e_mail କିମ୍ବା blogs ସହିତ ପରିଚିତ ହୋଇଥିବ । କେବଳ ସେତିକି ନୁହେଁ, ତୁମେ ଦେଖିଥିବା ସମସ୍ତ ଚଳଚ୍ଚିତ୍ର, ଟେଲିଭିଜନ କାର୍ଯ୍ୟକ୍ରମ, ୱେବ୍ ସିରିଜ୍, ଖବର ସଞ୍ଚାଳନ କିମ୍ବା ପ୍ରାମାଣିକ ଚଳଚ୍ଚିତ୍ର ନିମନ୍ତେ ବିସ୍ତୃତ ତଥା ପୂର୍ଣ୍ଣାଙ୍ଗ ପାଣ୍ଡୁଲିପି ଲେଖା ହୋଇଥାଏ । ରଚନା ବିଭିନ୍ନ ପ୍ରକାରର, ରଚନା ଭିତରେ ଥିବା ଅଦୃଶ୍ୟ ସୂତା ସମସ୍ତ ଭାବପ୍ରକାଶ ତଥା ଯୋଗାଯୋଗର ମାଧ୍ୟମଗୁଡ଼ିକୁ ଏକାଠି ବାନ୍ଧି ରଖିଥାଏ ।

**ତୁମେମାନେ ଶିକ୍ଷାଲାଭ କରିବ**

- **ବିଭିନ୍ନ ପ୍ରକାର ପାଣ୍ଡୁଲିପି ରଚନା**
- **ବିଭିନ୍ନ ରଚନାର ସ୍ୱତନ୍ତ୍ର ଶୈଳୀ**

ନାଟକ : ଶ୍ରୀଜଗନ୍ନାଥ ବଲ୍ଲଭ (ଖ୍ରୀଷ୍ଟୀୟ ଷୋଡ଼ଶ ଶତାବ୍ଦୀ)

ମୂଳ ସଂସ୍କୃତ ରଚନା : ରାୟ ରାମାନନ୍ଦ (ଓଡ଼ିଶା)

ଅନୁବାଦ : ଅଧ୍ୟାପିକା ଡଃ ଶ୍ରୀମତୀ ବିଷ୍ଣୁପ୍ରିୟା ଓତା ।

## ଚତୁର୍ଥ ଅଙ୍କ

### ଶ୍ରୀରାଧା ଅଭିସାର
### (ମଦନିକା ପ୍ରବେଶ)

**ମଦନିକା :** ମଦନ ମଞ୍ଜରୀ ଠାରୁ ଶୁଣିଲି, ବକୁଳ ତରୁ ମୂଳରେ ବ୍ରାହ୍ମଣ ପୁତ୍ର ମଧୁମଙ୍ଗଳ ସହିତ ଗୋବିନ୍ଦ ବସିଛନ୍ତି । ଯାଉଛି ସେହି ସ୍ଥାନକୁ ଯିବି । (ସମ୍ମୁଖକୁ ଚାହିଁ) ଏହିତ ସ୍ୱୟଂ ଗୋବିନ୍ଦ ବିଷନ୍ନ ଚିତ୍ତରେ ବ୍ରାହ୍ମଣ ପୁତ୍ର ସହିତ କୌଣସି ଗୋପନ କଥାବାର୍ତ୍ତାରେ ବ୍ୟସ୍ତ । ତେଣୁ ନିଶ୍ଚିତ ଭାବେ ଜାଣୁଛି ସ୍ୱୟଂ କନ୍ଦର୍ପ ବିଳାସ କରୁଅଛନ୍ତି । ମାଧବୀ କୁଞ୍ଜର ଅନ୍ତରାଳରେ ରହି ସେମାନଙ୍କର କଥାବାର୍ତ୍ତା ଶୁଣିବି । (ଲୁଚି ରହିଲେ)

https://withteachers.in/

**ନାଟକ : ଗୋପୀନାଥ ବଲ୍ଲଭ । ରଚନା : ରଘୁନାଥ ପରିଚ୍ଛା ।**
**ପ୍ରଥମ ପ୍ରକାଶ : ୧୮୬୮**
**ପୃ. ୨୨ (ପ୍ର. ଓଡ଼ିଶା ସାହିତ୍ୟ ଏକାଡେମୀ)**

## ଗଦ୍ୟ

ଶ୍ରୀରାଧା : ପଞ୍ଚାନନ ପରପଞ୍ଚାନନ ପରତାପ ସଞ୍ଚାରଣେ ପାଞ୍ଚେଶୁପାଞ୍ଚ ପାଞ୍ଚ ମାରିବାରେ । ବଞ୍ଚକ ବଞ୍ଚକରେ । ବଞ୍ଚାଇବାକୁ ନ ଥିବାରେ । ସଞ୍ଚିତ ପ୍ରୀତି ବିଚ୍ଛେଦରେ । କୁଞ୍ଚିତ କେଶୀ ବିପଞ୍ଚ । ଭାଷିନୀ କିଞ୍ଚିତ୍ ଥିର ନୋହି । ଘଞ୍ଚାଳନ ସହି ନିଃଶ୍ୱାସ ମୁଞ୍ଚି ମୁଞ୍ଚି । ଜଗଦାନନ୍ଦକୁନ୍ଦେନ୍ଦୁ କିରଣତାପରୁ । ମନ୍ଦ-ଗନ୍ଧ-ଶୀତ-ମରୁତ ଚନ୍ଦନ ବଣୁ ବହିବାରୁ । କୁନ୍ଦ ମନ୍ଦାର ବନ୍ଧୁକାରବିନ୍ଦ ମକରନ୍ଦ ସନ୍ଦୋହ ପାନୁ ମିଳିନ୍ଦ-ବୃନ୍ଦ ମନ୍ଦ-ମନ୍ଦ-ସଙ୍ଗୀତ ଗାନରୁ । ମନ୍ଦ-ପାଳିତ ମନ୍ଦ୍ରରୁତରୁ ଚିନ୍ତାକ୍ରାନ୍ତରୁ । ସ୍ୱାନ୍ତ । ଥିରୁ । ମଦନ ହିମକର ମଧୁକର ପିକ-ନିକର ପବନେ । ଶ୍ରୀମତୀ କଥିତ ବାଣୀ ଦୁଃଖିତ ମନେ ।

**ନାଟକ : ବାବାଜୀ(୧୮୭୭) । ରଚନା : ଜଗନ୍ମୋହନ ଲାଲ ।**

ବାବାଜୀ : ସ୍ଥାନ, ବାୟୁ ପରିବର୍ତ୍ତନ, ମନର ଦମ୍ପିତା ଇତ୍ୟାଦି ଅନେକ କାରଣରେ ରୋଗ କ୍ଷମା ହୁଏ ଓ ମଧ କୌଣସି କୌଣସି ସ୍ଥଳେ ରୋଗ ଆପଣା ସୁଖେ ଭଲ ହୋଇଯାଏ । କେତେକ ସ୍ଥଳେ ଔଷଧ ପଶ୍ଚାତ୍ ଗୁଣ କରେ ଓ କେହିକେହି ବାବାଜୀ ଆଜ୍ଞା ସହିତ ତୁଟୁକା ଔଷଧ ମଧ ଦିଅନ୍ତି । ବାସ୍ତବରେ ଏହି ହେତୁମାନଙ୍କରେ କେହିକେହି ରୋଗୀ ଭଲ ହେଲେ ଆଜ୍ଞାର ନାମ ହୁଏ କିନ୍ତୁ ଅନେକ ସ୍ଥଳେ ଆଜ୍ଞା ସଫଳ ହୁଏ ନାହିଁ ।

**ନାଟକ : ଶ୍ରୀମନ୍ଦିର । ରଚନା : ଅଶ୍ୱିନୀ କୁମାର ଘୋଷ ।**

ରାଣୀ : ନୁହେଁ ଖାଲି ତାହା-
କପଟୀ, ଲମ୍ପଟ-କୁଟିଳ ଅତିବ ।
ନାରାୟଣ ସମ ଆଉ କେ ଅଛି ଧରାରେ ?
ଯେତେ କିଛି ଅନାଚାର, ଅବିଚାର,
ଧ୍ୱଂସ-ଲୀଳା ଯେତେ-
ସବୁରି ଆଧାର ହରି

ଇନ୍ଦ୍ରଦ୍ୟୁମ୍ନ : ଶାନ୍ତ ହୁଅ- ଶାନ୍ତ ହୁଅ ରାଣୀ ।
ନ ବୁଝି, ନ ଶୁଣି କିଛି
କରନାହିଁ ଦୋଷାରୋପ ତାଙ୍କୁ
ସ୍ଥିର ଚିତ୍ତେ ଚିନ୍ତା କରି ଦେଖ -

https://withteachers.in/


## ନାଟକ ପାଇଁ ପାଣ୍ଡୁଲିପି

ପାଣ୍ଡୁଲିପି ଗୁଡ଼ିକ ରଚନା କରାଯାଇଥାଏ ମଞ୍ଚ, ଚଳଚ୍ଚିତ୍ର କିମ୍ୱା ଟେଲିଭିଜନ୍ ମାଧ୍ୟମରେ ପରିବେଷଣ ହେବାପାଇଁ । କେଉଁ ମାଧ୍ୟମରେ କିଭଳି ରୂପରେ ପରିବେଷଣ କରାଯିବ ସେହି ଅନୁସାରେ ଏହାର ଗଠନରୀତି, ଶୈଳୀ ଓ ଉଦ୍ଦେଶ୍ୟ ମଧ୍ୟ ଭିନ୍ନଭିନ୍ନ ହୋଇଥାଏ । କେତେକ ଅତି ସାଧାରଣ ପ୍ରକାରର ପାଣ୍ଡୁଲିପି ନିମ୍ନରେ ଦିଆଯାଇଛି ।

ପ୍ରତି ପାଣ୍ଡୁଲିପି ଭିନ୍ନଭିନ୍ନ କଳାତ୍ମକ ଉଦ୍ଦେଶ୍ୟ ସାଧନ କରେ । ସେଗୁଡ଼ିକ ମଣିଷମାନଙ୍କର ନିତିଦିନିଆ ଅଭିଜ୍ଞତା ପ୍ରତିଫଳିତ କରୁଥିବା ବିଷୟକୁ ଆଧାର କରି ଭିନ୍ନଭିନ୍ନ ଅଭିନବ ଉପାୟରେ ରଚନା କରାଯାଏ । ଏହି ସବୁକୁ ବୁଝିପାରିଲେ ଏହା ବିଭିନ୍ନ ପ୍ରକାରର ନାଟକୀୟ କାହାଣୀ ରଚନାକୁ ପ୍ରଶଂସା ଓ ଗ୍ରହଣ କରିବାରେ ସାହାଯ୍ୟ କରେ ।

### ପ୍ରାଚୀନ ଭାରତରେ ନାଟ୍ୟ ରଚନା

ପ୍ରାଚୀନ ଭାରତର ପଣ୍ଡିତମାନେ ନାଟକ ନିମନ୍ତେ ରୂପ ବା ରୂପକ ଶବ୍ଦ ବ୍ୟବହାର କରୁଥିଲେ । ପ୍ରାଚୀନ ଭାରତର ଲେଖକମାନେ ପ୍ରାୟତଃ ଦୃଶ୍ୟକାବ୍ୟ ଶବ୍ଦ ବ୍ୟବହାର କରୁଥିଲେ । ସାଧାରଣତଃ ସଂଳାପ (କଥା) ଓ କବିତାକୁ ମିଶାଇ ନାଟ୍ୟ ରଚନା କରାଯାଉଥିଲା । ତେଣୁ ସଂସ୍କୃତ ଭାଷାର ନାଟ୍ୟକାରମାନେ ମଧ୍ୟ ଜଣେଜଣେ କବି ଥିଲେ । ବିଭିନ୍ନ ପ୍ରକାରର ରଚନା ବିଷୟରେ ନାଟ୍ୟଶାସ୍ତ୍ରରେ ବର୍ଣ୍ଣନା କରାଯାଇଛି । ତାହାକୁ ବର୍ତ୍ତମାନ ରଚନା କରାଯାଉଥିବା ନାଟକ ସହିତ ତୁଳନା କରିବା ।



ବର୍ଚ୍ଚ ଗଛର ବଲ୍କଳରେ ରଚିତ କାଳିଦାସଙ୍କ କେତେକ ପ୍ରାଚୀନ ପାଣ୍ଡୁଲିପି



https://withteachers.in/

# ପାଣ୍ଡୁଲିପିର ପ୍ରକାରଭେଦ

| ଦଶ ରୂପକ (ନାଟ୍ୟ ଶାସ୍ତ୍ର) | ପାଣ୍ଡୁଲିପିର ଶ୍ରେଣୀ ବିଭାଜନ |
|---|---|
| **ନାଟକ :** ଏହା ରାଜା କିମ୍ବା ସ୍ୱର୍ଗୀୟ ଚରିତ୍ରମାନଙ୍କ ପ୍ରେମ, ବୀରତ୍ୱ ଓ କରୁଣ କାହାଣୀ ଉପରେ ଆଧାରିତ ୫ରୁ ୧୦ ଅଙ୍କ ବିଶିଷ୍ଟ । | **ଏକାଙ୍କିକା :** ଏହା ଗୋଟିଏ ଅଙ୍କ ମଧ୍ୟରେ ଗୋଟିଏ ମାତ୍ର ବଳିଷ୍ଠ ନାଟକୀୟ ପରିସ୍ଥିତିକୁ କିମ୍ବା ଦ୍ୱନ୍ଦ୍ୱକୁ କେନ୍ଦ୍ରକରି ୧୦ରୁ ୩୦ ମିନିଟ୍ ସମୟର ଏକ କ୍ଷୁଦ୍ର ନାଟକୀୟ ରଚନା । |
| **ପ୍ରକରଣ :** ଏହା ୧୦ଟି ଅଙ୍କ ପର୍ଯ୍ୟନ୍ତ ହୋଇପାରେ । ସମାଜକୁ ଆଧାରକରି ଏହାକୁ ରଚନା କରାଯାଇଥାଏ । | **ଦୁଇ ଅଙ୍କ ବିଶିଷ୍ଟ ନାଟକ :** ଏହାର କାହାଣୀ ମଧ୍ୟରେ ଏକ ଶୀର୍ଷବିନ୍ଦୁ ରହିଥାଏ ଯେଉଁଠାରୁ ମୁଖ୍ୟ ଚରିତ୍ରଙ୍କ ଲକ୍ଷ୍ୟ ପରିବର୍ତ୍ତନ ହୋଇ ନାଟକୀୟ ଉତ୍କଣ୍ଠା ବୃଦ୍ଧି ପାଇଥାଏ । |
| **ଭାଣ :** ଏହା ଏକ ସ୍ୱଗତଃ ଏକାଙ୍କିକା । ଏହା କାଳ୍ପନିକ କାହାଣୀ ଆଧାରିତ। ଯେଉଁଥିରେ ଶଠତା ଓ ବୀରତ୍ୱ ବର୍ଣ୍ଣିତ ହୋଇଥାଏ । | **ତିନି ଅଙ୍କ ବିଶିଷ୍ଟ ନାଟକ :** ଏହା ଏକ ସାଧାରଣ ଗଠନ ଶୈଳୀ ଯାହାକି ଚଳଚ୍ଚିତ୍ର ଏବଂ ଟେଲିଭିଜନ୍ ନିମନ୍ତେ ବ୍ୟବହୃତ ହୋଇଥାଏ । ଏହା ପ୍ରାରମ୍ଭ, ସଂଘର୍ଷ ଏବଂ ଉପସଂହାର ଆଦି ତିନୋଟି ଭାଗରେ ବିଭକ୍ତ ହୋଇଥାଏ । |
| **ପ୍ରହସନ :** ହସ କୌତୁକକୁ ଆଧାର କରି ଏକାଙ୍କିକା । ଏହା ହାସ୍ୟ ପ୍ରକୃତିର । | **ରୈଖିକ, ଚକ୍ରାକାର ଓ ଅଣ-ରୈଖିକ ଆଦି ନାଟକ ଗଠନର ଭିନ୍ନଭିନ୍ନ ମାର୍ଗ ।** |
| **ଡିମ :** ଏଥିରେ ଚାରୋଟି ଅଙ୍କ ଥାଏ । ଏହା ଦେବତା ଅସୁର ଏବଂ ଲୋକପ୍ରିୟ କାହାଣୀକୁ ଆଧାର କରି ରଚିତ ହୋଇଥାଏ । | **ରୈଖିକ :** ଯେଉଁ କଥାବସ୍ତୁ ବା କାହାଣୀ କ୍ରମାନ୍ୱୟ ଭାବେ ଗୋଟିଏ ନିର୍ଦ୍ଦିଷ୍ଟ ସମୟ ରେଖାରେ ଗତି କରେ ବା ଅଗ୍ରସର ହୁଏ । |
| **ଭ୍ୟାୟୋଗ :** ବୀର ରସାତ୍ମକ ଏକାଙ୍କିକା । ଏଥିରେ ହାସ୍ୟ ରସ ନ ଥାଏ । | **ଚକ୍ରାକାର :** ଯେଉଁ କାହାଣୀ ମାତ୍ର ଗୋଟିଏ କଥାବସ୍ତୁ ଚାରିପଟେ ସଂଯୋଜିତ ହୋଇଥାଏ । |
| **ସମବକାର :** ଦେବତା ଏବଂ ଅସୁରମାନଙ୍କ ପାରମ୍ପରିକ କାହାଣୀକୁ ଆଧାର କରି ୩-୪ ଅଙ୍କ ବିଶିଷ୍ଟ । | **ଅଣ ରୈଖିକ :** ଯେଉଁ କଥାବସ୍ତୁ କୌଣସି ନିର୍ଦ୍ଦିଷ୍ଟ ସମୟ ରେଖାରେ ଗତି କରେ ନାହିଁ ଏବଂ ପଶ୍ଚାତ୍ ଗମନ (Flash Back) ଓ କ୍ରମହୀନ ଭାବେ ବର୍ଣ୍ଣିତ ହୋଇଥାଏ । |
| **ଅଙ୍କ :** କରୁଣ ରସ ବିଶିଷ୍ଟ ଏକାଙ୍କିକା । | **ନାଟ୍ୟରୂପ :** ଏହା ପୂର୍ବରୁ ରଚିତ ହୋଇଥିବା ଉପନ୍ୟାସ, କ୍ଷୁଦ୍ରଗଳ୍ପ, କାବ୍ୟକବିତା କିମ୍ବା ଐତିହାସିକ ଘଟଣାମାନଙ୍କୁ ଆଧାର କରିଥାଏ । |
| **ଇହାମୃଗ :** ଏହା ଚାରି ଅଙ୍କ ବିଶିଷ୍ଟ ଲୋକପ୍ରିୟ କାହାଣୀ। ଏଥିରେ ପୌରାଣିକ ବିଷୟ ଆଧାରିତ କାଳ୍ପନିକ ବିଷୟ ବର୍ଣ୍ଣନା ହୋଇଥାଏ । | |
| **ବୀଥି :** ୨-୩ ଜଣ ଚରିତ୍ର ବିଶିଷ୍ଟ ଏକାଙ୍କିକା । ଏହା ଯେକୌଣସି ସ୍ଥାନରେ ପରିବେଷଣ କରାଯାଇଥାଏ । | |

https://withteachers.in/

## କ୍ରିୟା କଳାପ ୨.୧ : ପାଣ୍ଡୁଲିପି ହିଁ ତୁମର ଶୈଳୀ !

ଶହଶହ ବର୍ଷ ଧରି ଲେଖକମାନେ ବିଭିନ୍ନ ରୂପର ରଚନା ସମ୍ବନ୍ଧରେ ପରୀକ୍ଷାନିରୀକ୍ଷା କରି ଲେଖି ଚାଲିଥିବାବେଳେ ଆମେ ଶ୍ରେଣୀ ଭିତରେ ଗୋଟିଏ ସରଳ ପରୀକ୍ଷା କରିବା–

ସୂଚନା : ଏହାକୁ ବ୍ୟକ୍ତିଗତ କିମ୍ବା ଦଳଗତ ଭାବେ କରାଯାଇପାରେ ।

ଆମେ ଚାରି ପ୍ରକାର ପାଣ୍ଡୁଲିପି (ନାଟକ) ରଚନା କରିବା । ପ୍ରତି ଦଳ କିମ୍ବା ପ୍ରତି ପିଲା ନିମ୍ନରେ ଥିବା ଚାରି ପ୍ରକାର ପାଣ୍ଡୁଲିପି ମଧ୍ୟରୁ ଗୋଟିଏ ବାଛ–

- ସଂଳାପଧର୍ମୀ ପାଣ୍ଡୁଲିପି– ଚରିତ୍ରମାନେ ସିଧାସଳଖ କଥା କହିଥାନ୍ତି ।
- ବର୍ଣ୍ଣନାଧର୍ମୀ ପାଣ୍ଡୁଲିପି – ବର୍ଣ୍ଣନାକାରୀ ବା ସୂତ୍ରଧର କାହାଣୀ କହିଥାନ୍ତି ।
- ମୂକାଭିନୟଧର୍ମୀ ପାଣ୍ଡୁଲିପି – ଏଥିରେ କେବଳ ନାଟ୍ୟକ୍ରିୟା ଏବଂ ମଞ୍ଚ ନିର୍ଦ୍ଦେଶ ଲେଖା ହୋଇଥାଏ ।
- ସଙ୍ଗୀତଧର୍ମୀ ପାଣ୍ଡୁଲିପି – ଗୀତ ବା ତାଳ, ଲୟ ସମ୍ବଳିତ ସଂଳାପ ।

**ସମସ୍ତଙ୍କ ନିମନ୍ତେ ଏକ ବିଷୟ –** ଦୁଇଜଣ ସାଙ୍ଗ ଜଙ୍ଗଲରେ ଯାଉଥାନ୍ତି, ବାଟରେ ସେମାନେ ଗୋଟିଏ ବାକ୍ସ ପାଆନ୍ତି ଯାହା ଭିତରେ ବର୍ଚ ଗଛର ବକ୍କଳ ଏବଂ କାଳିଦାସ ବ୍ୟବହାର କରୁଥିବା ଅନ୍ୟ କେତେକ ଲେଖନ ସାମଗ୍ରୀ ରହିଛି ।

ତୁମେ ତୁମ ଇଚ୍ଛା ଅନୁସାରେ ଗୋଟିଏ ଶୈଳୀରେ ଏହା ବିଷୟରେ ଗୋଟିଏ ପୃଷ୍ଠା ରଚନା କର ଏବଂ ଅନ୍ୟ ସାଙ୍ଗମାନଙ୍କ ରଚନା ସହିତ ତୁଳନା କର । ଆଲୋଚନା–


- ବିଷୟବସ୍ତୁ ସହିତ ତୁମ ରଚନା ଶୈଳୀ ମେଳ ଖାଉଛି ତ ?
- ଦର୍ଶକମାନଙ୍କ ଅଭିଜ୍ଞତା କେମିତି ଭିନ୍ନଭିନ୍ନ ହେଉଛି ?



ନାଟ୍ୟଶାସ୍ତ୍ର ଅନୁସାରେ ପ୍ରଥମ ରଚନା କରାଯାଇଥିବା ପାଣ୍ଡୁଲିପି ହେଉଛି ବ୍ରହ୍ମାଙ୍କ ଦ୍ୱାରା ରଚିତ 'ସମବକାର'

ପୂର୍ବ ପୃଷ୍ଠାରେ ଥିବା ତାଲିକାର ୭ମ ସ୍ଥାନରେ ଏହା ବିଷୟରେ ରଚିତ ହୋଇଛି । ଏହା 'ଅମୃତ ମନ୍ଥନ' ବିଷୟ ଉପରେ ଆଧାରିତ । ପରିବେଷଣାତ୍ମକ କଳାର ସୃଷ୍ଟି ପ୍ରକ୍ରିୟାର (ନାଟ୍ୟୋତ୍ପତ୍ତି–୬ଷ୍ଠ ଶ୍ରେଣୀରେ ପଢ଼ାଯାଇଥିବ) ଯେହେତୁ ଦେବତା ଓ ଅଶୁରମାନଙ୍କ ମଧ୍ୟରେ ଆଲୋଚନା ଓ ତର୍କ ଭରି ରହିଥିଲା, ବ୍ରହ୍ମା ଭାବିଲେ ପ୍ରଥମ ପରିବେଷଣଟି ସେହିମାନଙ୍କ ବିଷୟରେ ପ୍ରଦର୍ଶିତ ହେବା ଠିକ୍ ହେବ । ଦେବତା ଅଶୁରମାନଙ୍କ ଦ୍ୱାରା ଅମୃତ ମନ୍ଥନ ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ ଯାହା ପୃଥିବୀର ବିଭିନ୍ନ ଅଞ୍ଚଳରେ ଚିତ୍ରିତ ହୋଇଅଛି । ଉପରୋକ୍ତ ଅମୃତ ମନ୍ଥନ ଚିତ୍ରଟି ଥାଇଲାଣ୍ଡ, ବ୍ୟାଙ୍କକ୍‌ର ସୁବର୍ଣ୍ଣଭୂମୀ ବିମାନ ବନ୍ଦରରେ ଥିବା ପ୍ରସିଦ୍ଧ ପ୍ରତିକୃତି ।



**ଶିକ୍ଷକଙ୍କ ନିମନ୍ତେ ସୂଚନା :** ଯଦିଚ ଉପରୋକ୍ତ କ୍ରିୟା ମାତ୍ର ଗୋଟିଏ ପୃଷ୍ଠାରେ ରଚନା କରାଯାଉଛି ଶିକ୍ଷକମାନେ ଛାତ୍ରଛାତ୍ରୀମାନଙ୍କୁ ସେମାନଙ୍କ ରଚନାକୁ ଦୀର୍ଘ କରିବାକୁ ଓ ସୃଜନଶୀଳଭାବେ କାହାଣୀ ଗଠନ କରିବାକୁ ଉତ୍ସାହିତ କରନ୍ତୁ । ସେମାନେ ବିଭିନ୍ନ ନୂଆନୂଆ ଶୈଳୀରେ ଲେଖିବାକୁ ଚେଷ୍ଟା କରିପାରନ୍ତି । କେବଳ ନାଟକ ରଚନା ମଧ୍ୟରେ ସୀମିତ ନ ରହି ସାହିତ୍ୟ, ସାମାଜିକ ବିଜ୍ଞାନ ଆଦି ଅନ୍ୟାନ୍ୟ ବିଷୟ ମଧ୍ୟ ରଚନା କରାଯାଇପାରେ । ରଚନା ଲେଖିବା ପରି ନ ଲେଖି ଛାତ୍ରଛାତ୍ରୀମାନେ କାହାଣୀ କିମ୍ବା ନାଟକ ପରି ଲେଖିପାରନ୍ତି ।



https://withteachers.in/

## କୃତି । ୨୨


## ଶୈଳୀ (Genres)

ତୁମେମାନେ କୌଣସି ସମୀକ୍ଷା ପଢ଼ିବାବେଳେ କିମ୍ବା ନାଟକ ଓ ଚଳଚ୍ଚିତ୍ରର ପ୍ରାଚୀରପତ୍ର ଦେଖିବାବେଳେ ଏହି ଶୈଳୀ ଶବ୍ଦ ସଂସ୍ପର୍ଶରେ ଆସିଥିବ । ଏହି ଶବ୍ଦଟି ଉପନ୍ୟାସ, କ୍ଷୁଦ୍ରଗଳ୍ପ ଓ ଅନ୍ୟାନ୍ୟ କାଳ୍ପନିକ ରଚନା ନିମନ୍ତେ ମଧ୍ୟ ବ୍ୟବହୃତ ହୋଇଥାଏ । ଏହାର ପ୍ରକୃତ ଅର୍ଥ କ'ଣ ?

ଏହା ଏକ ନିର୍ଦ୍ଦିଷ୍ଟ ପ୍ରକାର ବା ଶୈଳୀର କଳା, ସଙ୍ଗୀତ, ସାହିତ୍ୟ କିମ୍ବା ଚଳଚ୍ଚିତ୍ର ଯାହା ସ୍ପଷ୍ଟ ଗୁଣ ଓ ଲକ୍ଷଣ ଦ୍ୱାରା ଚିତ୍ରିତ ହୋଇଥାଏ । ସମାନ ଚାରିତ୍ରିକ ଗୁଣ ସମ୍ପନ୍ନ ଗୋଟିଏ ନିର୍ଦ୍ଦିଷ୍ଟ ପ୍ରକାରର କଳା ରୂପ ମଧ୍ୟରେ ଥିବା ଏକ ଶ୍ରେଣୀ ବା ବିଭାଗକୁ ଏହା ବୁଝାଇଥାଏ ।

ବିଷୟବସ୍ତୁ ଓ ଶୈଳୀ ଉଭୟର ଗୁଣ, ଲକ୍ଷଣ ଅନୁସାରେ ରଚନାର ଏହି ଶ୍ରେଣୀ ବିଭାଜନ ହୋଇଥାଏ । ସେଥିରୁ କେତେ ପ୍ରକାର ଲୋକପ୍ରିୟ ନାଟକ–

**କରୁଣ :** ଏହା ଉଦ୍‌ବେଗାତ୍ମକ ବିଷୟ ଆଧାରିତ । ଯେଉଁଥିରେ ଜଣେ ଦୋଷୀ ନାୟକର ପତନ ନିଜ ଭାଗ୍ୟ, ନିଜର ଭୁଲ କିମ୍ବା ସାମାଜିକ ଚାପ ଯୋଗୁ ହୋଇଥାଏ ।



**ହାସ୍ୟ :** ହାସ୍ୟ ଓ ଅମୋଦ ପ୍ରମୋଦ ନିମନ୍ତେ ଗଠିତ । ଏଥିରେ ହାସ୍ୟ ସଂଳାପ, ଭୁଲ ବୁଝାମଣା, ଅତିରଞ୍ଜନ ସ୍ଥାନ ପାଇଥାଏ ଏବଂ ଏହା ଆନନ୍ଦରେ ସମାପ୍ତ ହୋଇଥାଏ ।



**ଅତିନାଟକ :** ଅତିରଞ୍ଜିତ ଭାବପ୍ରବଣତା, ମୌଳିକ ଦ୍ୱନ୍ଦ୍ୱ ଏବଂ ନାୟକ ଓ ଖଳନାୟକଙ୍କ ମଧ୍ୟରେ ସ୍ପଷ୍ଟ ପ୍ରଭେଦକୁ ଗୁରୁତ୍ୱ ପ୍ରଦାନ କରିଥାଏ ।



**ଐତିହାସିକ ନାଟକ :** ଏହା ଐତିହାସିକ ଘଟଣାବଳୀ ଏବଂ ଐତିହାସିକ ଚରିତ୍ରମାନଙ୍କ ବାସ୍ତବ ଜୀବନରେ ଘଟିଥିବା ଘଟଣାଗୁଡ଼ିକର ନାଟ୍ୟରୂପ ।



**ସଙ୍ଗୀତଧର୍ମୀ :** ଏଥିରେ ନୃତ୍ୟ ସହିତ ସଙ୍ଗୀତ ଓ ମିତ୍ରାକ୍ଷର ସଂଳାପ ଦ୍ୱାରା ଏକ କାହାଣୀ କୁହାଯାଇଥାଏ ।



**ରହସ୍ୟମୟ :** ଏହା ବିଶେଷକରି ଏକ ଅପରାଧର ରହସ୍ୟ ଉନ୍ମୋଚନକୁ କେନ୍ଦ୍ର କରିଥାଏ । ଶେଷ ପର୍ଯ୍ୟନ୍ତ ଏହାର ସମାଧାନ ଉନ୍ମୋଚିତ ହୋଇପାରି ନ ଥାଏ ।



https://withteachers.in/

**ପରୀକ୍ଷାମୂଳକ :** ଏହା ଚିରାଚରିତ କାହାଣୀ ପ୍ରଧାନ ନାଟକ ବଦଳରେ ଅଣପାରମ୍ପରିକ ଗଠନରୀତି, ଉଦ୍ଭଟ ବିଷୟବସ୍ତୁ ଓ ଅତିବାସ୍ତବତାର ଉପାଦାନ ଦ୍ୱାରା ଗଠିତ ହୋଇଥାଏ ।



**ଅତିକଳ୍ପନା :** ଏଥିରେ କାଳ୍ପନିକ ଜଗତ, ଚରିତ୍ର ଓ ପରିସ୍ଥିତି ସହିତ ଯାଦୁକାରୀ ଉପାଦାନ ସଂଯୋଜିତ ହୋଇଥାଏ ।



**ପ୍ରାମାଣିକ ନାଟକ :** ଏଥିରେ ଗୋଟିଏ ବାସ୍ତବ ଘଟଣାକୁ ନାଟ୍ୟରୂପ ଦେଇ ପୁନଃ ଅଭିନୀତ କରାଯାଇଥାଏ ।






https://withteachers.in/


## କୃତି । ୨୪

ନାଟକର ଲେଖକଙ୍କୁ ନାଟ୍ୟକାର କୁହାଯାଏ ।

ଆମ ଦେଶରେ ଯୁଗଯୁଗ ଧରି ଶହଶହ ଦୀପ୍ତିମାନ ନାଟ୍ୟକାର ଜନ୍ମ ନେଇଛନ୍ତି । ଭାସ ଏବଂ କାଳିଦାସଙ୍କ ଭଳି ସଂସ୍କୃତ ନାଟ୍ୟକାରଙ୍କଠାରୁ ଆରମ୍ଭ କରି ଆଜି ପର୍ଯ୍ୟନ୍ତ ବିଭିନ୍ନ ଶୈଳୀରେ ଅନେକ ସଂଖ୍ୟକ ନାଟକ ରଚିତ ହୋଇଛି । ଏଠାରେ ଆମ ରାଜ୍ୟର ଦୁଇଜଣଙ୍କ ଉଦାହରଣ ଦିଆଯାଇଛି ।



**ଜଗନ୍ନାଥ ପାଣି (୧୮୩୬-୧୮୯୭) :** ଭଦ୍ରକ ଜିଲ୍ଲା ନଳାଙ୍ଗ ଗ୍ରାମରେ ଏହି ମହାନ ନାଟ୍ୟ ପ୍ରତୀଭାଙ୍କର ଜନ୍ମ । ସେ ଭାରତୀୟ ପୌରାଣିକ କଥାବସ୍ତୁକୁ ଆଧାର କରି ଅନେକ ବଳିଷ୍ଠ ସୁଆଙ୍ଗ (ଗୀତାଭିନୟ) ରଚନା କରିବା ସହିତ ସେଗୁଡ଼ିକୁ ନିର୍ଦ୍ଦେଶନା ଦେଇ ମଞ୍ଚସ୍ଥ ମଧ୍ୟ କରୁଥିଲେ । ଏହାର ଗଭୀର ପ୍ରଭାବ ସେତେବେଳର ଜନସାଧାରଣଙ୍କ ଉପରେ ପଡ଼ିଥିଲା । ପରବର୍ତ୍ତୀ ସମୟର ନାଟ୍ୟକାର ଓ ପରିବେଷଣକାରୀମାନେ ଏହାଙ୍କ ନାଟକ ଦ୍ୱାରା ଅନୁପ୍ରାଣିତ ହୋଇଥିଲେ । ସେଥିମଧ୍ୟରୁ ଗଣକବି ବୈଷ୍ଣବ ପାଣି ଅନ୍ୟତମ । ସେ ରଚନା କରିଥିବା ଅନେକ ଗୀତାଭିନୟ ମଧ୍ୟରୁ ଦକ୍ଷଯଜ୍ଞ, ଧ୍ରୁବଚରିତ, ପ୍ରହ୍ଲାଦ ଚରିତ, ମହିରାବଣ ବଧ ଆଦି ଅନ୍ୟତମ ।



**ଜଗନ୍ମୋହନ ଲାଲ (୧୮୩୮-୧୯୧୩) :** ଏ ହେଉଛନ୍ତି ପ୍ରଥମ ଓଡ଼ିଆ ଆଧୁନିକ ନାଟକ 'ବାବାଜୀ'ର ଲେଖକ ଓ ନିର୍ଦ୍ଦେଶକ । ସେ ଏହାକୁ ୧୮୭୭ ମସିହାରେ ସାଲେପୁର ନିକଟସ୍ଥ ମାହାଙ୍ଗା ଗ୍ରାମର ରାଧାକାନ୍ତ ରଙ୍ଗମଞ୍ଚରେ ପ୍ରଥମେ ମଞ୍ଚସ୍ଥ କରିଥିଲେ । ଏହାଙ୍କର ଆଉ ଏକ ନାଟକ ହେଉଛି 'ସତୀ' ।

### କ୍ରିୟାକଳାପ ୨.୨ : ଶୈଳୀ ଓ ପ୍ରତିଭା

ବର୍ତ୍ତମାନ ଆମେ ଶୈଳୀ ବିଷୟରେ ଏତେ କଥା ଆଲୋଚନା କଲେ । ତୁମେ ସେଗୁଡ଼ିକୁ ପଢ଼ିଥିବା ବିଭିନ୍ନ ବହି, ଦେଖିଥିବା ନାଟକ ଓ ଲୋକପ୍ରିୟ ଚଳଚ୍ଚିତ୍ରଗୁଡ଼ିକ ସହିତ ସମ୍ପର୍କିତ କରିପାରୁଥିବ । ଏହି ପଙ୍‌କ୍ତିଗୁଡ଼ିକୁ ତୁମେ ପଢ଼ିଥିବା ବିଭିନ୍ନ ଶୈଳୀରେ ବିଭକ୍ତ କରିବାକୁ ଚେଷ୍ଟା କର । ମନେରଖ, ସେଗୁଡ଼ିକ କୌଣସି ନିର୍ଦ୍ଦିଷ୍ଟ ଶୈଳୀ କିମ୍ବା ମିଶ୍ରିତ ଶୈଳୀ ହୋଇଥାଇପାରନ୍ତି ।

ଭାବିଚିନ୍ତି ପ୍ରତିକ୍ରିୟା ପ୍ରଦାନ କର-



ନାଟକର ବିଭିନ୍ନ ଶୈଳୀ ଭଳି ସଙ୍ଗୀତ, ନୃତ୍ୟ ଓ ଦୃଶ୍ୟକଳାର ମଧ୍ୟ ବିଭିନ୍ନ ଶୈଳୀ ରହିଛି । ସଙ୍ଗୀତ ଓ ନୃତ୍ୟର ବିଭିନ୍ନ ଶୈଳୀ-



- ଶାସ୍ତ୍ରୀୟ
- ଲୋକ
- ସାମ୍ପ୍ରତିକ
- ଉପଶାସ୍ତ୍ରୀୟ

- ପ୍ରତିଛବି (Portrait)
- ଭୂ-ଦୃଶ୍ୟ (Landscape)
- ସ୍ଥିରଚିତ୍ର (Still life)

..... ଏବଂ ଆହୁରି ଅନେକ ।





ବର୍ତ୍ତମାନ ପର୍ଯ୍ୟନ୍ତ କେତେ ଶିକ୍ଷା ଲାଭ କଲ ?

ତୁମେମାନେ ଜାଣ କି ?



**ନାମ :** ନିଖୋଜ ଦହିବରା ଆଳୁଦମ ରହସ୍ୟ

ଗୁଇନ୍ଦା ରିୟା ଖାଲି ଟିଫିନ୍ ବାକ୍ସକୁ ଶୁଙ୍ଘିଲା । "ଏଠି କିଏ ଅଛ ?", ସେ ତା' ସହପାଠୀମାନଙ୍କୁ ଟେରେଇକି ଚାହିଁ କହିଲା, "ପିଆଜ ନିଃଶ୍ୱାସ ନଉଛି କି ? ଗୋଟେ ଦୁଶ୍ଚିନ୍ତା... ଅପରାଧବୋଧ ।"

"ମୁଁ... ମୁଁ ଖାଲି ଦେଖୁଥିଲି ଏହା ସତେଜ ଥିଲା କି ନାହିଁ ।"

ଅବନୀର ପାଟି ଖନି ମାରିଗଲା । ଠିକ୍ ସେତିକିବେଳେ ପ୍ରଧାନ ଶିକ୍ଷକ ଚୋବାଇଚୋବାଇ ଆସିଲେ– "ସୁସ୍ୱାଦୁ ଖାଦ୍ୟ", ସେ ମନ୍ତବ୍ୟ ଦେଲେ ।

ଘଟଣା ଶେଷ ହେଲା । ଅବନୀ ସଞ୍ଜ୍ଞାହୀନ ହୋଇ ପଡ଼ିଗଲା ।

**ଶୈଳୀ :**

**ନାମ : ଡବା ଖାଦ୍ୟର କାବ୍ୟ**

ଘଣ୍ଟି ବାଜିଲା, ବ୍ୟାଗ୍ ଖୋଲାହେଲା
ହାତର ଚାମଚ ତାଳ ଧରିଲା
ସ୍ମିତା ନରମ ଇଡ଼ଲିର ଗୀତ ଗାଇଲା,
ରୋହନ୍ ପଣ୍ଡିତ ଭଳି ଆନନ୍ଦରେ ବାଜା ବଜାଇଲା
ଅରୁଣା ଚଟନୀ ଭଳି ନୃତ୍ୟ ଭଙ୍ଗୀ କଲା
ପଶିଆସିଲେ ଶିକ୍ଷକ, ତାଳରେ ତାଙ୍କର ପାଦ ପଡ଼ିଲା
ବର୍ତ୍ତମାନ ଖାଦ୍ୟ ଆଉ ସଙ୍ଗୀତର ଆନନ୍ଦ ଖେଳିଗଲା ।



**ଶୈଳୀ :**

ନାମ : **ଶେଷ କାଗଜ ଡଙ୍ଗା**



ଅନିଳ ତା' ଶେଷ କାଗଜ ଡଙ୍ଗା ତିଆରି କରି ବର୍ଷା ପାଣିରେ ଭସାଇଦେଲା । ଏହା ଟଳମଳ ହୋଇ ଭାସିଭାସି ଚାଲିଗଲା ।

ତାଙ୍କ ଭଉଣୀ ଅସୁସ୍ଥ ହେବା ପୂର୍ବରୁ ଏହିଭଳି ଶହଶହ ଡଙ୍ଗା ଭସାଇଥିଲେ ।

ସେ ଫୁସ୍‌ଫୁସ୍ ହୋଇ କହିଲା, "ଏହା ତୁମପାଇଁ ।"

ପବନ ତାଙ୍କ ଭଉଣୀର ହସ ଭଳି ଶୁଣାଗଲା ।

ଡଙ୍ଗା ଦୂରେଇ ଅନ୍ତର୍ଦ୍ଧାନ ହୋଇଗଲା । ତା' ସହିତ ତା' ପିଲାଦିନ ମଧ୍ୟ ଉଭେଇଗଲା ।

**ଶୈଳୀ :**

**ନାମ : ସମୟ - ପରିଭ୍ରମଣକାରୀ ତବଲା**

ପ୍ରାଚୀନ ମହେଞ୍ଜୋଦାରୋର ଭଙ୍ଗା ଟୁକୁଡ଼ା ଅଂଶ ଭିତରୁ ତାରା ଗୋଟେ ଝଲମଲ କରୁଥିବା ତବଲା ପାଇଲା । ସେ ତାକୁ ଯେତେବେଳେ ବଜାଇଲା ସେଥିରେ ଗୋଟେ କବାଟ ଖୋଲିଗଲା । ହଠାତ୍, ସେବାଟେ କାଳିଦାସ କାବ୍ୟ ଆବୃତି କରି ବାହାରି ଆସିଲେ ।

"ତୁମେ ତୁମ ସମୟକୁ ଫେରିଯାଅ ।" ସେ ତାଗିଦ କଲେ ।

ତାରା ତବଲା ବଜାଇବା ବନ୍ଦ କଲା–

ଏବଂ ଶ୍ରେଣୀକୁ ଫେରିଆସି ଆଖି ମିଟିମିଟି କଲା ।

ତାଙ୍କ ତବଲା ଫୁସ୍‌ଫୁସ୍ କରି କହିଲା, "ପରବର୍ତ୍ତୀ ରହଣି– ମରାଠା ରାଜତ୍ୱ ?"

**ଶୈଳୀ :**

**ଉତ୍ତର :** ୧ – ରହସ୍ୟ+ହାସ୍ୟ, ୨. ସାଙ୍ଗୀତିକ, ୩. କରୁଣ, ୪. ଅତିକଳ୍ପନା+ଐତିହାସିକ



https://withteachers.in/



ବର୍ତ୍ତମାନ ତୁମେମାନେ ଶୈଳୀର ଯାଦୁଘର ମଧ୍ୟକୁ ଉଙ୍କି ମାରିଛ- ରହସ୍ୟମୟ ଡବାଠାରୁ ସଙ୍ଗୀତମୟ ଘୁଙ୍ଗୁର ପର୍ଯ୍ୟନ୍ତ । ଲେଖିବା ଆରମ୍ଭ କରିବା ସମୟ ଆସିଯାଇଛି । ତୁମେମାନେ ତୁମର ପ୍ରିୟ ଶୈଳୀ କିମ୍ବା ଏକାଧିକ ଶୈଳୀକୁ ବାଛ । ଆଗେଇ ଚାଲ ଓ ଲେଖିବାକୁ ଚେଷ୍ଟା କର । କିଏ ଜାଣେ, ଆଜି ତୁମେ ହୁଏତ ଆଖିରୁ ଲୁହ ଝରିଲା ଭଳି କରୁଣ ନାଟକ ଲେଖିବ ଏବଂ କାଲି ହାସ୍ୟ ନାଟକ ଲେଖିବ ଯାହା ତୁମ କୁକୁରକୁ ହସାଇବ । ତୁମେ ମଧ୍ୟ ଏକ ନୂଆ ଶୈଳୀର ନାଟକ ସୃଷ୍ଟି କରିପାର । ତୁମ ଇଚ୍ଛାର ସାମ୍ରାଜ୍ୟ ଅସୀମ ଅନନ୍ତ ।

**ମନେରଖ :**

୬ଷ୍ଠ ଓ ୭ମ ଶ୍ରେଣୀରେ ପଢ଼ିଥିବା କାହାଣୀ ଓ ନାଟକ ରଚନାର ମୌଳିକ ଉପାଦାନଗୁଡ଼ିକୁ ଭୁଲି ଯାଅନାହିଁ ।

ନାଟକର 'ଆରମ୍ଭ-ମଧ୍ୟ-ସମାପ୍ତ'କୁ ଭଲଭାବରେ ଯୋଜନା କର ଏବଂ ଗୋଟିଏ ଆକର୍ଷଣୀୟ ଦ୍ୱନ୍ଦ୍ୱ ସୃଷ୍ଟି କର ।

ଏହା ତୁମେ ଲେଖୁଥିବା ସବୁପ୍ରକାରର ପାଣ୍ଡୁଲିପିପାଇଁ ନିହାତି ଆବଶ୍ୟକ ।

ତେଣୁ ତୁମ କାଗଜ କଲମ ବାହାର କର-ତୁମର ସଫଳ କାହାଣୀ ଅପେକ୍ଷା କରିଛି । ତୁମ ପିତାମାତା ଏବଂ ଶିକ୍ଷକମାନଙ୍କୁ ଡାକି ବସାଇ ତୁମ ନାଟକକୁ ପରିବେଷଣ କରି ଆନନ୍ଦିତ ହୁଅ ।

## ସର୍କଲ୍ ସମୟ

୧. କେଉଁ ଶୈଳୀର ନାଟକ ତୁମର ପ୍ରିୟ ଓ କାହିଁକି ?

୨. ତୁମକୁ କ'ଣ ଲେଖିବାକୁ ଭଲ ଲାଗେ; ଉପନ୍ୟାସ ପରି ଲମ୍ବା ରଚନା କିମ୍ବା ପାଞ୍ଚଅଙ୍କ ବିଶିଷ୍ଟ ନାଟକ କିମ୍ବା କ୍ଷୁଦ୍ରଗଳ୍ପ କିମ୍ବା କ୍ଷୁଦ୍ରନାଟକ ?

୩. ଗୋଟେ ପ୍ରାଚୀନ ଯୁଗ ଓ ବର୍ତ୍ତମାନ ସମୟର ନାଟକର ଗୋଟିଏ ଦୃଶ୍ୟକୁ ପଢ଼ । ଦୁଇଟିଯାକର ଶୈଳୀ ଏବଂ ଚିନ୍ତାଧାରା ଭିତରେ ଥିବା ପ୍ରଭେଦଗୁଡ଼ିକୁ ଆଲୋଚନା କରି ଲେଖିରଖ । କେଉଁଟିକୁ ତୁମେ ଅଧିକ ପସନ୍ଦ କରୁଛ ?



https://withteachers.in/

## ମାନନିର୍ଦ୍ଧାରଣ

### ଅଧ୍ୟାୟ–୨ : ଏକ ମଞ୍ଚ, ଅନେକ ପାଣ୍ଡୁଲିପି

C ୨.୧. ଚାରିପାଖରେ ଘଟୁଥିବା ଗତାନୁଗତିକ ଧାରାକୁ (ଦ୍ୱନ୍ଦ୍ୱ) ଦୋଷାରୋପ କରୁଥିବା ବିଷୟରେ ଏକ ନାଟକ ରଚନା କରି ତାହାର ପରିବେଷଣ କରିବା ।

C ୨.୨. ବିଷୟବସ୍ତୁ, ନିଜ ଅଭିଜ୍ଞତାରୁ ସୃଷ୍ଟି ହେଉଥିବା ପ୍ରତୀକ, ରସ ଏବଂ ପରିକଳ୍ପନା ଆଦି ନାଟକୀୟ ଉପାଦାନଗୁଡ଼ିକୁ ସଂଯୋଜିତ କରିବା ।

| C.G | C | ଶିକ୍ଷଣ ଫଳାଫଳ | ଶିକ୍ଷକ | ନିଜସ୍ୱ |
|---|---|---|---|---|
| ୨ | ୨.୧ | ସେମାନଙ୍କ ସହିତ ଶୈଳୀ ଓ ଗତାନୁଗତିକତା ବିଷୟରେ ଚିନ୍ତାଧାରାର ଆଦାନ ପ୍ରଦାନ କରିବା । | | |
| ୨ | ୨.୨ | ପଢ଼ିଥିବା କାହାଣୀ ଓ ଦେଖିଥିବା ଚଳଚ୍ଚିତ୍ରଗୁଡ଼ିକର ଶୈଳୀ ବିଭାଜନ କରିବା । | | |
| ୨ | ୨.୨ | ପ୍ରତ୍ୟେକ ଶୈଳୀର ଗୋଟିଏ ଗୋଟିଏ ସରଳ କାଳ୍ପନିକ କାହାଣୀ ରଚନା କରିବାକୁ ଚେଷ୍ଟା କରିବା । | | |
| ୨ | ୨.୨ | ନିଜ ଅଭିଜ୍ଞତାରୁ କାହାଣୀ ତିଆରି କରି ସେଗୁଡ଼ିକର ଶୈଳୀ ବିଭାଜନ କରିବା । | | |
| ୨ | ୨.୨ | ବିଭିନ୍ନ ପ୍ରକାର ନାଟକ ପଢ଼ି ତାହାର ପ୍ରକାରଭେଦ କରିବା । | | |
| | | ଶ୍ରେଣୀରେ ସାମଗ୍ରୀକ ଭାବେ ଅଂଶଗ୍ରହଣ କରିବା | | |

**ଶିକ୍ଷକ ଶିକ୍ଷୟିତ୍ରୀଙ୍କ ମତାମତ ଓ ଶିକ୍ଷାର୍ଥୀଙ୍କ ପର୍ଯ୍ୟବେକ୍ଷଣ**

---------------------------------------------------------------

---------------------------------------------------------------



https://withteachers.in/

# ୩ ରଚନାଠାରୁ ମଞ୍ଚନ ପର୍ଯ୍ୟନ୍ତ



## ନାଟ୍ୟ ସୃଷ୍ଟି

ବର୍ତ୍ତମାନ ଆମେ ନାଟକ ସୃଷ୍ଟି କରିବାର ଆମୋଦ ଦାୟକ ଜଗତ ଭିତରକୁ ପ୍ରବେଶ କରିଛେ । ଯେଉଁଠି ରଚିତ ବିଷୟବସ୍ତୁ ଅଭିନୟ ରୂପକୁ ରୂପାନ୍ତରିତ ହେବ ଏବଂ କାହାଣୀ ଦଳଗତ କର୍ମଦ୍ୱାରା ଜୀବନ୍ତ ଦେଖାଯିବ । ଏହି ଅଧ୍ୟାୟରେ ତୁମେମାନେ କେବଳ ନାଟକ ବିଷୟରେ ପଢ଼ିବ ନାହିଁ ବରଂ ନାଟ ସୃଷ୍ଟି କରିବ । ଦୃଶ୍ୟ ସଂଯୋଜନା ଠାରୁ ପଠନ ଅଭ୍ୟାସ ଏବଂ ପୋଷାକ ତିଆରି ଠାରୁ ମଞ୍ଚସଜ୍ଜା ପର୍ଯ୍ୟନ୍ତ ଛୋଟଛୋଟ ଭୂମିକା ବଡ଼ବଡ଼ ଦୃଶ୍ୟ ତିଆରିରେ ସାହାଯ୍ୟ କରେ । ତୁମେ ଯେହେତୁ ମଧ୍ୟମ ପର୍ଯ୍ୟାୟ ଶେଷରେ ଆସି ପହଞ୍ଚି ଯାଇଛ ଏଠାରେ ତୁମେ ବର୍ତ୍ତମାନ ପର୍ଯ୍ୟନ୍ତ ଶିକ୍ଷାଲାଭ କରିଥିବା ସମସ୍ତ ଉପାଦାନକୁ ଏକାଠି କରିବ ।

ପୋଷାକ ତିଆରି ଏବଂ ରୂପସଜ୍ଜାଠାରୁ କଣ୍ଢେଇ ନାଚ ଏବଂ ମୂକାଭିନୟ ;

ନିଜ ନାଟକ ଓ ସଂଳାପଠାରୁ ରଚନା ସ୍ୱର ଓ ଶରୀର ମାଧ୍ୟମରେ ତାହାର ରସପୂର୍ଣ୍ଣ ଓ ଅଭିନୟ କରିବ ।

ପୂର୍ବ ଶ୍ରେଣୀମାନଙ୍କରେ ପଢ଼ିଥିବା ପାଠଗୁଡ଼ିକୁ ମନେପକାଅ । ବର୍ତ୍ତମାନ ତୁମେ ତୁମ କଳ୍ପନାକୁ ପରିବେଷଣର ରୂପ ଦେବାକୁ ପ୍ରସ୍ତୁତ । ନାଟକ ପ୍ରସ୍ତୁତି ଆରମ୍ଭ ହେଉ ।

ବିଷୟବସ୍ତୁ ଠାରୁ ଆରମ୍ଭ କରି ସଫଳ ପରିବେଷଣ ପର୍ଯ୍ୟନ୍ତ ପ୍ରତ୍ୟେକ କ୍ଷେତ୍ର ଦେଇ ଗତି କରିବା ଏହି ଅଧ୍ୟାୟର ଲକ୍ଷ୍ୟ । ଏହାକୁ ଆକର୍ଷଣୀୟ କରିବାପାଇଁ ଏହି ପ୍ରକ୍ରିୟା ନାଟ୍ୟ ରଚନା ଭାବେ ରଚିତ ହୋଇଛି । ଅଷ୍ଟମ ଶ୍ରେଣୀ ଶିକ୍ଷାର୍ଥୀମାନେ ନିଜେ ଗୋଟିଏ ନାଟକ ପରିବେଷଣ କରିବା ବିଷୟରେ ଏହି ପାଣ୍ଡୁଲିପି ରଚନା କରାଯାଇଛି । ଏଥିରେ ଗୋଟିଏ ନାଟକ ପ୍ରସ୍ତୁତିପାଇଁ ବର୍ତ୍ତମାନ ପର୍ଯ୍ୟନ୍ତ ଯେଉଁଯେଉଁ ବିଭାଗରେ ତୁମେମାନେ କାମ କରିସାରିଛ, ସେହି ସମସ୍ତ ବିଷୟ ଏଥିରେ ଗ୍ରହଣ କରାଯାଇଛି । ନାଟକରେ କିପରି ନୃତ୍ୟ, ସଙ୍ଗୀତ ସଂଯୋଜନା କରାଯିବ ତାହା ମଧ୍ୟ ଏଥିରେ ସୂଚାଇ ଦିଆଯାଇଛି ।

**ତୁମେମାନେ ଶିକ୍ଷାଲାଭ କରିବ–**

- ନାଟକ ପରିବେଷଣର ପ୍ରକ୍ରିୟା ।
- ନାଟକ ରଚନାର ଉପାଦାନ ।
- ନାଟକର ଆତ୍ମା ।



ଏହି ପାଣ୍ଡୁଲିପିକୁ ନାଟକ ପଠନ ଅଭ୍ୟାସର ୧ମ ଅଧ୍ୟାୟ ନିମନ୍ତେ ମଧ୍ୟ ଉଦାହରଣ ଭାବେ ବ୍ୟବହାର କରାଯାଇପାରିବ ।

ଏହାକୁ ପ୍ରୟୋଗାତ୍ମକ ଭାବେ ବ୍ୟବହାର କରି କିପରି ତୁମେମାନେ ତୁମ ବିଦ୍ୟାଳୟରେ ନାଟ୍ୟ ପରିବେଷଣ କରିବ ସେଥି ନିମନ୍ତେ କେତେକ ନିର୍ଦ୍ଦେଶ ଓ ଉପଦେଶ ଏହି ଅଧ୍ୟାୟ ଶେଷରେ ପ୍ରଦାନ କରାଯାଇଛି । ମନେରଖ, ସୁବିଧା, ସୁଯୋଗ ଓ ଉପକରଣଗୁଡ଼ିକ ନିହାତି ଆବଶ୍ୟକ ନୁହେଁ । ତେଣୁ ତୁମ ପାଖରେ ଯାହା ସବୁ ନାହିଁ ସେଥିପାଇଁ ବ୍ୟସ୍ତ ହୁଅ ନାହିଁ ବରଂ ତୁମ ପାଖରେ ଯାହାଯାହା ଅଛି ତାହାକୁ ବ୍ୟବହାର କରି ଯେକୌଣସି ସ୍ଥାନରେ ତୁମେ ନାଟକ ମଞ୍ଚସ୍ଥ କରିପାରିବ । ଏଥି ନିମନ୍ତେ ଉତ୍ସର୍ଗୀକୃତ ମନୋଭାବ ଏବଂ ଉତ୍ସାହ ରହିଥିବା ଗୁରୁତ୍ୱପୂର୍ଣ୍ଣ ଅଟେ ।

ଚାଲ ନାଟ୍ୟ ପ୍ରସ୍ତୁତିରେ ଲାଗିପଡ଼ିବା ।

https://withteachers.in/

## ନାଟକର ସମସ୍ତ ନାଟକ

୮ମ ଶ୍ରେଣୀଗୃହରେ ନାଟକ ଆରମ୍ଭ ହୁଏ । ଗୋଟିଏ ନାଟକ ପରିବେଷଣପାଇଁ ଯୋଜନା ଓ ପ୍ରସ୍ତୁତି ଆରମ୍ଭ କରିବାକୁ ବିଦ୍ୟାଳୟର ପ୍ରଧାନ ଗୁରୁମା' ସାଙ୍ଗେସାଙ୍ଗେ ଖବର ପଠାଇଛନ୍ତି । ପ୍ରଦର୍ଶନ ତାରିଖ ମଧ୍ୟ ଘୋଷଣା ହୋଇସାରିଛି । ଦିନ ଗଣିବା ଆରମ୍ଭ ହୋଇସାରିଛି ଏବଂ ଛାତ୍ରଛାତ୍ରୀମାନେ ଉତ୍ସାହିତ, ଭୟଭୀତ ସେମାନେ ନିଶ୍ଚିତ ହୋଇପାରୁନାହାନ୍ତି କେମିତି ଏହାକୁ ମଞ୍ଚସ୍ଥ କରିପାରିବେ । ଶ୍ରେଣୀ ପ୍ରତିନିଧି ଅନନ୍ୟା ଶ୍ରେଣୀକୁ ସମ୍ବୋଧନ କରି ଆରମ୍ଭ କରନ୍ତି ।

### ଦୃଶ୍ୟ ୧ : ମାନସ ମନ୍ଥନ

ଗୋଟିଏ ଶ୍ରେଣୀଗୃହରେ ଉତ୍ସାହିତ ଛାତ୍ରଛାତ୍ରୀମାନେ ଦଳଦଳ ହୋଇ ଆଲୋଚନା କରିବାରେ ବ୍ୟସ୍ତ ଅଛନ୍ତି । Black Boardରେ ଲେଖା ହୋଇଛି "ବାର୍ଷିକ ନାଟକ ପ୍ରକଳ୍ପ"–

**ଅନନ୍ୟା :** ଠିକ୍ ଅଛି ଆମେ ଏଇ ସାଙ୍ଗେସାଙ୍ଗେ ଯେଉଁ ଖବର ପାଇଲେ, ଆମ ନାଟକ ଆଉ ୬ ସପ୍ତାହ ବାକି ରହିଲା । ନାଟକଟି ୩୦ କିମ୍ବା ୪୦ ମିନିଟ୍‌ର ହେବା ଉଚିତ । ଆମେ ସମସ୍ତ ଚେଷ୍ଟା କରି ଗୋଟେ ସୁନ୍ଦର ନାଟକ ପରିବେଷଣ କରିବା ।

**ସଂକଳ୍ପ :** ହଁ, ଆମେ ସବୁଠୁ ଭଲ କରିବା । ପ୍ରଥମେ ଆମକୁ ଗୋଟେ ଭଲ କାହାଣୀ ଖୋଜିବାକୁ ହବ । ଆମେ କ'ଣ କରିବା, ହାସ୍ୟ ରସାତ୍ମକ, ରହସ୍ୟମୟ ନା ଅତିକାଳ୍ପନିକ ? ଓଃ... ତା' ଆଗରୁ — ଆଚ୍ଛା ପ୍ରମାଣ କିଏ ରଖୁଛି ? ଫଟୋ, ଭିଡ଼ିଓ ? ଏହାର ରେକର୍ଡ଼ ଆମକୁ ରଖିବାକୁ ହବ- ଆମେ ଆମ ନିଜ ନାଟକ ପରିବେଷଣ କରୁଛେ ।

**ଅନନ୍ୟା :** ହଁ ଭଲ କଥା । ତୁ ମନେ ପକେଇଦେଲୁ । ମୁଁ ଏଇଟା କରିପାରିବି । ଫଟୋ ଉଠେଇବାକୁ ମତେ ଭାରି ଭଲ ଲାଗେ ।

**ମୀରା :** ଆମେ ପଞ୍ଚତନ୍ତ୍ର କରିପାରିବା ନା ହିତୋପଦେଶ କାହାଣୀ ?




**ରିତୁ :** (କୁଣ୍ଠିତ ଭାବେ–) ଲୋକକଥା ବିଷୟରେ କ'ଣ କରିବା ? କିମ୍ବା ଗୋଟେ ଭାରତୀୟ ଗପ ? ଆମେ ଏଥିରେ କିଛି ଶାସ୍ତ୍ରୀୟ କିମ୍ବା ଲୋକ ନୃତ୍ୟ ମିଶେଇ ଦେବା ।

**ମୀରା :** ହଁ, ଆମେ କଣ୍ଢେଇନାଚ କି ମୂକାଭିନୟ ବି ମିଶେଇପାରିବା । ଭାରି ମଜା ହବ ।

**ଅନିଲ :** (ଉତ୍ସାହିତ ହୋଇ–) ଓଃ ! ମୁଁ ଢୋଲକ ଆଉ ହାରମୋନିୟମ୍‌ରେ ଭଲଭଲ ସଙ୍ଗୀତ ତିଆରି କରିଦେବି ।

**ଅନନ୍ୟା :** ଭାରି ବଢ଼ିଆ । ତା'ହେଲେ ଆମ ଭାରତୀୟ କାହାଣୀ ହବ । ସମସ୍ତେ ଆମ ଏଠାକାର କାହାଣୀ ସବୁ କୁହ ସେଥିରୁ ଗୋଟେ ବାଛିବା ।

**ତାରା :** ସାବିତ୍ରୀ ସତ୍ୟବାନଙ୍କ ଗପ କେମିତି ହବ ?

**ସୀମା :** ନା, ମିଛୁଆ ରାଧୁଆ ? ଭାରି ଭଲ ହବ- ମଜା ଲାଗିବ ।



https://withteachers.in/

**ଅନନ୍ୟା :** ଉଁ... (ଭାବି) ଅପେକ୍ଷା କର । ଆମ ପାଖରେ ତିନିଟା ଭଲଭଲ ଗପ ଅଛି । ସାବିତ୍ରୀ ସତ୍ୟବାନ ବହୁତ ଭାବପ୍ରବଣ, କଲୁରୀବେଣ୍ଟ- ମଜା ଆଉ 'କୁମ୍ଭୀର ମାଙ୍କଡ଼' ମଜାଦାର- ବଢ଼ିଆ ବଢ଼ିଆ ଦୃଶ୍ୟ ଅଛି ସେଥିରେ । ଆମେ କେମିତି ବାଛିବା ? ଭୋଟ୍ କରିବା ?

**ରିତୁ :** ଦି'ଟା ଗପକୁ ମିଶାଇ ଦବା । ମାନେ କଲୁରୀବେଣ୍ଟ ସଙ୍ଗେ କୁମ୍ଭୀର ମାଙ୍କଡ଼ ।

**ମୀରା :** ଏଇଟା ଗୋଳିଆମିଶା ହେଇଯାଇପାରେ !

**ଅନୀଲ :** ମୁଁ ଭାବୁଛି ଆମେ ଗୋଟେ ସରଳ, ନାଟକୀୟ ବିଷୟ... କିନ୍ତୁ ଆହୁରି ଭଲଭଲ ଗପ ବି ଅଛି ।

**ଅନନ୍ୟା :** ସମସ୍ତେ ପାଞ୍ଚମିନିଟ୍ ନିଅ । ଭାବ ଆଉ କୁହ ।

**ସଂକଳ୍ପ :** (ଆତ୍ମବିଶ୍ୱାସର ସହିତ-) ଶିମିଳପାଳ ଜଙ୍ଗଲରେ ରହୁଥିବା ଗୋଟେ ବୁଦ୍ଧିମାନ ଜେଜେମାଙ୍କ କାହାଣୀ ଜାଣିଛି । ଭାରି ବଢ଼ିଆ । ମୋ ବାପା ମତେ କହିଥିଲେ ଶୁଣିବ ?

**ସମସ୍ତେ :** ହଁ ହଁ ।

(ସେମାନେ ଟଣା ଓଟରା ହୋଇ ଆଲୋଚନା କରନ୍ତି ଏବଂ ଶେଷରେ ନିଷ୍ପତ୍ତି ନିଅନ୍ତି ଯେ ଶିମିଳିପାଳର ଲୋକକଥା ସାଙ୍ଗରେ ନାଚ, କଣ୍ଢେଇ ନାଚ ଆଉ ଲୋକ ସଙ୍ଗୀତକୁ ମିଶାଇ ପରିବେଷଣ କରିବେ-)

**ଅନନ୍ୟା :** ହେଇଗଲା । ମୁଁ ଭାବୁଛି ଏ ଗପର ନିଶ୍ଚେ ଗୋଟେ ବଢ଼ିଆ ଆରମ୍ଭ, ମଧ୍ୟ, ଶେଷ ଆଉ ଆକର୍ଷଣୀୟ ଦ୍ୱନ୍ଦ୍ୱ ଥିବ । ଆମେ ଦୃଶ୍ୟ ଓ ସଂଳାପ ଲେଖିବା ଆରମ୍ଭ କରିବା ? କିଏ ଲେଖିବ ?

**ସଂକଳ୍ପ :** (ଦୃଢ଼ଭାବେ-) ମୁଁ ଲେଖିବି । କିନ୍ତୁ ମୋର ସାହାଯ୍ୟ ଦରକାର । କିଏ ମୋ ସାଙ୍ଗରେ ରହିବ ?

(ତିନିଜଣ ଛାତ୍ର ସଂକଳ୍ପ ସହିତ ମିଶି ଦଳହୋଇ ପାଣ୍ଡୁଲିପି ଲେଖିବାକୁ ରାଜିହେଲେ-)



**ଅନନ୍ୟା :** ତା'ହେଲେ ସଂକଳ୍ପ ଆଉ ତାଙ୍କ ଦଳ ଏକାଠି ହୋଇ ପାଣ୍ଡୁଲିପିକୁ ଭଲଭାବେ ଲେଖି ଦେବେ । ତିନିଦିନ ଭିତରେ ହେଇପାରିବ ? ସେହି ହିସାବରେ ଅଭ୍ୟାସ (Rehearsal) ଆରମ୍ଭ କରିବାକୁ ଯୋଜନା କରିବା ।

**ରିତୁ :** ଶୁଣ, ନାଚ, କଣ୍ଢେଇ ନାଚ ଆଉ ଲୋକ ସଙ୍ଗୀତ ମିଶେଇବାକୁ ଭୁଲି ଯିବନି । ମୁଁ ନୃତ୍ୟ ସଂଯୋଜନା କରିବି ।

**ସଂକଳ୍ପ :** ନିଶ୍ଚେ । ଆମେ ତିନିଦିନରେ ଦେଇଦବୁ । କିନ୍ତୁ ଅଭ୍ୟାସ କଲାବେଳେ କିଛିକିଛି ଶବ୍ଦ କିମ୍ବା ବାକ୍ୟ କୋଉଠି କୋଉଠି ଯୋଡ଼ିପାରେ ନାଟକକୁ ଆଉ ଟିକେ ଭଲ କରିବାକୁ ।

**ଅନନ୍ୟା :** ବହୁତ ବଢ଼ିଆ ହବ । ଆମେ ସବୁବେଳେ ଭଲ କରିବାକୁ ଚେଷ୍ଟା କରିବା ।

**ମୀରା :** (ନିରୁତ୍ସାହିତ ହୋଇ-) ମତେ ବି ନାଚିବାକୁ ଭଲ ଲାଗେ । ମୁଁ ଗୀତରେ କାମ କରିବାକୁ ଚାହୁଁଥିଲି । ମତେ ପାଞ୍ଚ ବର୍ଷ ହେଲା ବେଳଠୁ ମୁଁ ନାଚ ଶିଖିବାକୁ ଯାଉଛି । ଏବେ ରିତୁ ଯେହେତୁ ନାଚିବ ମୁଁ ଆଉ ପାରିବିନି ।

**ଅନନ୍ୟା :** ଆରେ ନା ନା ସେମିତି ନୁହଁ । ତୁ ବି ଏକାଠି କାମ କରିପାରିବୁ । ଇଏ ଗୋଟେ ଦଳଗତ କାମ । ତୁ ଆଉ ରିତୁ ମିଶିକି ଗୀତ ବାଛିବ, ନାଚପାଇଁ ଯୋଜନା କରିପାରିବ ।

https://withteachers.in/

(ରିତୁ ଓ ମୀରା ଖୁସିରେ ହାତକୁ ହାତ ବାଡ଼ାନ୍ତି ଓ ଏକାଠି ବସି ଆଲୋଚନା କରନ୍ତି-)

**ଅନନ୍ୟା :** ଆମେ ଯେହେତୁ ଦୁଇଟି ଦଳ ଗଢ଼ି ସାରିଛେ, ମୁଁ ଭାବୁଛି ଆମେ ସେମାନଙ୍କୁ କିଛି କାମ ବାଣ୍ଟି ଦବା, ଫଳରେ ନାଟକ ଲେଖା ସରିଲାବେଳକୁ ଆମେ ପ୍ରସ୍ତୁତ ହେଇସାରିଥିବା ।

(ଅନନ୍ୟା ବ୍ଲାକ୍‌ବୋର୍ଡ଼୍‌ରେ ସବୁ ଦଳଙ୍କ ନାମ ଲେଖନ୍ତି ଓ ସେମାନଙ୍କୁ ସହଯୋଗ କରିବାକୁ କୁହନ୍ତି । କେତେକ ଆଲୋଚନା ପରେ ସେମାନେ ନିମ୍ନୋକ୍ତ ତାଲିକା ତିଆରି କରନ୍ତି-)



୧. ପାଣ୍ଡୁଲିପି – ସଂକଳ୍ପ, ନିତିନ୍, ଶ୍ୟାମା ଓ ରେଖା ।

୨. ମଞ୍ଚସଜ୍ଜା ଓ ଉପକରଣ – ନିଖିଳ ।

୩. ରୂପସଜ୍ଜା ଓ ପୋଷାକ – ଇଶାନ୍, ତାରା ଓ ସୀମା ।

୪. କଣ୍ଢେଇ ନାଚ – ଅନିତା ।

୫. ସଙ୍ଗୀତ – ଅନିଲ ।

୬. ନୃତ୍ୟ – ରିତୁ, ମୀରା ।

୭. ପ୍ରାମାଣୀକ ତଥ୍ୟ ସଂଗ୍ରହ – ଅନନ୍ୟା ।




**ଅନନ୍ୟା :** (ବ୍ୟାକୁଳ ହୋଇ-) ଅନ୍ୟମାନଙ୍କ କଥା କ'ଣ କରିବା ? କଣ୍ଢେଇ ତିଆରି, ସଙ୍ଗୀତ, ମଞ୍ଚସଜ୍ଜା ଆଉ ଉପକରଣ ଏଥିପାଇଁ ଆମକୁ ଆହୁରି ଅଧିକ ପିଲା ଦରକାର । ଦୟାକରି ସାହାଯ୍ୟ କର । ଆଦିତ୍ୟ, ନୀତୁ, ପ୍ରିୟ, ଶ୍ରୀରାମ... ତମ ଦଳ ବାଛ ।

**ଆଦିତ୍ୟ ଓ ଶ୍ରୀରାମ :** (ଅନିଚ୍ଛାରେ-) ଆମେ ଏ ସବୁ କାମ କରିପାରିବୁନି । ଆମେ ଅଭିନେତା ଅଭିନେତ୍ରୀ ବାଛିବୁ ଆଉ ମଞ୍ଚରେ ଅଭିନୟ କରିବୁ ।



https://withteachers.in/



(ଏସବୁ କାମ କରିବାକୁ କେହି ଚାହିଁଲେନି । ଶ୍ରେଣୀର ଅନ୍ୟ ସମସ୍ତେ ମଧ୍ୟ ମଞ୍ଚରେ ଅଭିନୟ କରିବାକୁ ଚାହିଁଲେ । ସମସ୍ତ ଅନୁରୋଧ ସତ୍ତ୍ୱେ କେହି ସେହି କାମଗୁଡ଼ିକୁ କରିବାକୁ ଆଗ୍ରହ ପ୍ରକାଶ କଲେନାହିଁ । ଅନନ୍ୟା ଅସହାୟ ଅନୁଭବ କରି ସାହାଯ୍ୟପାଇଁ ଗୁରୁମା'ଙ୍କୁ ଅନୁରୋଧ କରନ୍ତି-)

**ଗୁରୁମା' :** ବହୁତ ଭଲ ଭାବରେ ସମସ୍ତେ ଆରମ୍ଭ କରିଛ । ପ୍ରକୃତରେ ମତେ ତମ କାହାଣୀ ଭଲ ଲାଗିଛି । କିନ୍ତୁ ମନେରଖ, ମଞ୍ଚ ପଛରେ ଥିବା କାମ ସବୁଠୁ ଗରୁତ୍ୱପୂର୍ଣ୍ଣ । ତମେମାନେ ୭ମ ଶ୍ରେଣୀରେ ପଢ଼ିଲ ଯେ ମଞ୍ଚ ପଛରେ ରହି କାମ କରୁଥିବା ବିଭାଗଗୁଡ଼ିକ ଗୋଟେ ଉତ୍ତମ ନାଟକ ପରିବେଷଣର ମୂଳଦୁଆ । ଶ୍ରେଣୀର ସମସ୍ତଙ୍କୁ ବ୍ଲାକ୍‌ବୋର୍ଡ୍‌ରେ ଲେଖାଯାଇଥିବା କୌଣସି ଗୋଟେ ଦଳରେ ରହି କାମ କରିବାକୁ ପଡ଼ିବ । ପାଣ୍ଡୁଲିପି ଦିଆଗଲା ପରେ ତମେମାନେ ମଧ୍ୟ ଅଭିନୟ କରିପାରିବ । ଗୋଟିଏ ଦଳ ହୋଇ ତମ ସମସ୍ତଙ୍କୁ କାମ କରିବାକୁ ହବ । ଆସ... । ତମ ଦଳ ବାଛିବା ଆରମ୍ଭ କର ।

(ଏହି କଥା ବୁଝିପାରି, ବାକି ସମସ୍ତ ଛାତ୍ରଛାତ୍ରୀ ବିଭିନ୍ନ ଦଳ ବାଛି କାମ ଆରମ୍ଭ କରନ୍ତି ।)

## ଦୃଶ୍ୟ ୨ : କାର୍ଯ୍ୟ ଆରମ୍ଭ

(୩ ଦିନ ପରେ – ଛାତ୍ରଛାତ୍ରୀମାନେ ଦଳ ହୋଇ କାମ କରୁଛନ୍ତି । ସଂକଳ୍ପ ଓ ତା' ଦଳ ନାଟକ ରଚନା କରୁଛନ୍ତି; ରିତୁ ଓ ଅନିତା ଚିତ୍ର ଆଙ୍କି କଣ୍ଢେଇ ତିଆରି କରୁଛନ୍ତି । ଅନିଲ ଓ ମୀରା ସଙ୍ଗୀତର ତାଳ ଓ ସେଥି ସହିତ ପାଦ ପକାଉଛନ୍ତି । ସେମାନେ ବେଳେବେଳେ ଗୁରୁମା'ଙ୍କ ପାଖକୁ ସାହାଯ୍ୟ ସହଯୋଗପାଇଁ ଯାଆନ୍ତି ଏବଂ ମତାମତ ଗ୍ରହଣ କରି ଫେରି ଆସି କାମ କରନ୍ତି-)

**ସଂକଳ୍ପ :** (ବଡ଼ ପାଟିରେ ଘୋଷଣା କରେ-) ଆମେ ପ୍ରାୟ ନାଟକ ଲେଖିବା ସାରି ଦେଇଛୁ । ଆମେ ତାକୁ ପଢ଼ିବୁ ?

(ସମସ୍ତେ ମୁଣ୍ଡ ହଲାଇ ସେମାନଙ୍କୁ ଅନାନ୍ତି-)

**ପ୍ରଥମ ଦୃଶ୍ୟ :** ଶିମିଳିପାଳ ଜଙ୍ଗଲ ପାଖରେ ଥିବା ଗୋଟେ ପୁରୁଣାକାଳିଆ ଘର । ଜଣେ ଜେଜେମା' ବସି ବହି ପଢୁଥାନ୍ତି । ତାଙ୍କ ନାତି ତାଙ୍କ ପାଖକୁ ଆସି କହେ, "ଜେଜେମା', ମତେ ଭୋକ କରୁଛି ।" ଜେଜେମା' ରୋଷେଇ ଘରକୁ ଯାଇ କିଛି ଖାଦ୍ୟ ଆଣି ଦିଅନ୍ତି ଏବଂ ସେମାନେ ଏକାଠି ବସି ଖେଳନ୍ତି ।



https://withteachers.in/

**ରିତୁ :** (ଆଖି ଡୋଳା ବୁଲାଇ-) ମୁଁ ଭାବୁଛି ଆରମ୍ଭଟା ଭାରି ବିରକ୍ତିକର । ମନେ ପକାଅ, ଆମେ ଗତ ବର୍ଷ ଶିଖିଛେ, ପ୍ରଥମ ଦୃଶ୍ୟରୁ ହିଁ ଦର୍ଶକଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ହବ ।



**ସଂକଳ୍ପ :** ହଉ ଅପେକ୍ଷାକର... ସେଇଟା ଆଗକୁ ଆସୁଛି । ମୁଁ ବର୍ତ୍ତମାନ ସୁଦ୍ଧା ମାତ୍ର ଗୋଟିଏ ଧାଡ଼ି ପଢ଼ିଛି । (ପଢ଼ି ଚାଲନ୍ତି-ସେମାନେ ଖେଳୁଥିବାବେଳେ ବାହାରେ ଗୋଟିଏ ଖୁବ୍ ବଡ଼ ଶବ୍ଦ ଶୁଣନ୍ତି । ସେମାନେ ଝରକା ପାଖକୁ ଧାଇଁ ଯାଇ ଦେଖନ୍ତି ଯେ ଗୋଟିଏ ମହାକାଶଯାନ ପାହାଡ଼ ଉପରେ ଓହ୍ଲେଇ ପଡ଼ିଛି ଏବଂ ସମସ୍ତ ପାଖ ପଡ଼ୋଶୀ ଭୟଭୀତ ହୋଇ ଆଶ୍ଚର୍ଯ୍ୟରେ ଅନାଇ ରହିଛନ୍ତି -)

**ନିଖିଳ :** ସଂକଳ୍ପ, ଆମେ ମଞ୍ଚରେ ଏସବୁ ଦେଖେଇପାରିବାନି । ଆମେ କେମିତି ଗୋଟେ ମହାକାଶଯାନକୁ ଓହ୍ଲାଇ ଦେଇ ପାରିବା ? କେମିତି ପାହାଡ଼ ଦେଖାଇବା ? ଯେଉଁଟି ସମ୍ଭବ ହବ ସେମିତିକା ଲେଖା ଲେଖିବା ଦରକାର ।

**ସଂକଳ୍ପ :** (କେହି ତାଙ୍କ ଲେଖାକୁ ପସନ୍ଦ କରୁ ନ ଥିବାରୁ ବିରକ୍ତ ହୋଇ-) ଦୟାକରି ଅପେକ୍ଷା କର ଆଉ ସମ୍ପୂର୍ଣ୍ଣ ନାଟକଟିକୁ ଶୁଣ । ମଞ୍ଚ ଉପରେ ତୁମକୁ ପାହାଡ଼ ତିଆରି କରିବାକୁ ପଡ଼ିବନି । ଏସବୁ ଗୁଡ଼ିକ ଜେଜେମା' ଆଉ ନାତି ଝରକାବାଟେ ଦେଖୁଥିବାବେଳେ ସେମାନଙ୍କ କଥାବାର୍ତ୍ତା ସାହାଯ୍ୟରେ ଦେଖାଇ ଦିଆଯିବ । ମୁଁ ବର୍ତ୍ତମାନ ପଢ଼ିପାରେ କି ? (ପଢ଼ନ୍ତି)

ନାତି ଡରିଯାଏ ଆଉ କୁହେ, "ଜେଜେମା', ସେଇଟା କ'ଣ ? ସିଏ ଆମର କିଛି କ୍ଷତି କରିବ କି ?" ଜେଜେମା କୁହନ୍ତି, "ଆମେ ଯଦି ବୀର ଆଉ ଶକ୍ତିଶାଳୀ ହେଇଥିବା ଆମର କେହି କିଛି କ୍ଷତି କରିପାରିବେନି । ଆମେ ଚାଲ ବାହାରକୁ ଯାଇ ଦେଖିବା ।" କିନ୍ତୁ ପିଲାଟି ଦୌଡ଼ିଯାଇ ଖଟ ତଳେ ଲୁଚିଯାଏ ।

**ଅନିଳ :** ଏଇଟା ଗୋଟିଏ ଆଧୁନିକ କାହାଣୀ- ଗୋଟିଏ ମହାକାଶଯାନ ଏବଂ ଏତେ ସବୁ କଥା ! ତା'ପରେ କ'ଣ ? ଅନ୍ୟ ଗ୍ରହର ଲୋକମାନେ ସେଥିରୁ ଓହ୍ଲାଇ ଆସିବେ (ଜୋର୍‌ରେ ହସନ୍ତି-) । ଇଏ ଗୋଟିଏ ଭବିଷ୍ୟତର ନାଟକ । ଲୋକନାଟକ ନୁହେଁ ।

**ମୀରା :** ହଁ ! ଜମା ଲୋକକଥା ନୁହଁ । ଏହା ଭିତରେ ଆମେ ନାଚ କୋଉଁଠି କରିବା ? (ଚିଡ଼େଇବା ଭଳି ସ୍ୱରରେ-) ମୁଁ ଅନ୍ୟ ଗ୍ରହର ଲୋକମାନଙ୍କ ସାଙ୍ଗରେ ଲୋକନୃତ୍ୟ କରିପାରିବିନି -)

**ଅନିତା :** ଏ ଭଳିଆ ଗୋଟେ କାହାଣୀପାଇଁ ମୁଁ କଣ୍ଟେଇ ନାଚ କଥା ଭାବି ପାରୁନି ।

**ସଂକଳ୍ପ :** (ରାଗିଯାଇ-) ଠିକ୍ ଅଛି... ଭଲ ହେଲା । ତମେ ତମ ନାଟକ ଲେଖ । କେହି ଶୁଣିବାକୁ ଚାହୁଁ ନାହାନ୍ତି । ମୁଁ ଏମିତି ଲେଖିପାରିବିନି । (ପାଣ୍ଡୁଲିପିକୁ ଟେବୁଲ୍ ଉପରେ ଜୋର୍‌ରେ ଶବ୍ଦକରି କଚାଡ଼ି ଦେଇ ପଳାନ୍ତି-)

**ଅନନ୍ୟା :** (ସଙ୍ଗେସଙ୍ଗେ ବାହାରକୁ ଦୌଡ଼ିଯାଇ ସଂକଳ୍ପକୁ ଶ୍ରେଣୀଗୃହକୁ ଟାଣି ଆଣନ୍ତି ଏବଂ ଶ୍ରେଣୀକୁ ଉଦ୍‌ବୋଧନ ଦିଅନ୍ତି-) ସଂକଳ୍ପ ଆଉ ତାଙ୍କ ଦଳ ବହୁତ ପରିଶ୍ରମ କରି ଏହାକୁ ଲେଖିଛନ୍ତି ।





https://withteachers.in/

ପ୍ରଥମେ, ସମ୍ପୂର୍ଣ୍ଣ ନାଟକକୁ ଶୁଣିବା । ମତାମତ ଦେବା ଗୁରୁତ୍ୱପୂର୍ଣ୍ଣ ଯେହେତୁ ଏହା ସଂକଳ୍ପକୁ ଲେଖାଟିକୁ ଆହୁରି ଉନ୍ନତ କରିବାରେ ସାହାଯ୍ୟ କରିବ । କିନ୍ତୁ ବର୍ତ୍ତମାନ ପଢ଼ା ମଝିରେ କିଛି କୁହନି । ଆମକୁ ପରସ୍ପରର କାମକୁ ସମ୍ମାନ ଦବାକୁ ହବ । ଆମେ ମଞ୍ଚରେ କ'ଣ ପ୍ରଦର୍ଶନ କରିପାରିବା ଏବଂ ଆମ ସ୍କୁଲ ଆମକୁ କ'ଣ କରିବାକୁ ଅନୁମତି ଦେଇଛି ସେକଥା ମଧ୍ୟ ସେ ଜାଣେ । କଥା କଣ୍ଢେଇ ନାଚ କଥା ସେ ନିଶ୍ଚୟ ତା' ମନରେ ରଖିଛି ।

(ସଂକଳ୍ପ ସମର୍ଥନ ସହକାରେ ମୁଣ୍ଡ ହଲାନ୍ତି-) ସଂକଳ୍ପ ତୁ ପଢ଼ିବା ଆରମ୍ଭ କର । ଆମେ ସମସ୍ତେ ଆମକୁ ଯୋଉଁଠି ଯାହା ଲାଗିବ ତାକୁ ଟିପି ରଖିବା ଆଉ ଶେଷରେ ମତାମତ ଦବା ।

(ସେମାନେ ସମସ୍ତେ ଶୁଣନ୍ତି, ଲେଖି ରଖନ୍ତି । ଚିନ୍ତାଧାରାର ଆଦାନପ୍ରଦାନ ଏବଂ ଆଲୋଚନା ହୁଏ । ମତାମତ ଅନୁସାରେ ସଂକଳ୍ପ କେତେକ ପରିବର୍ତ୍ତନ କରନ୍ତି । ଶେଷରେ ସମସ୍ତେ ଖୁସି ଦେଖାଯାଆନ୍ତି ଏବଂ ନିଶ୍ଚିତ ହୁଅନ୍ତି ଯେ ସେମାନଙ୍କ ନାଟକ ବହୁତ ଭଲ ହେବାକୁ ଯାଉଛି ।)

## ଦୃଶ୍ୟ ୩ : ଅଭ୍ୟାସ ଓ ପ୍ରସ୍ତୁତି

(ଅଭ୍ୟାସ ଆରମ୍ଭ ହେବା ଏକ ସପ୍ତାହ ବିତିଗଲାଣି । ଭୂମିକା ବା ଚରିତ୍ର ବଣ୍ଟା ସରିଲାଣି । ଖୁବ୍ ଜୋର୍‌ରେ ପ୍ରସ୍ତୁତି ଚାଲିଛି । ଛାତ୍ରଛାତ୍ରୀମାନେ ଯେହେତୁ ଯୁକ୍ତିତର୍କ କରୁଛନ୍ତି ଚିନ୍ତା ବଢ଼ି ଯାଉଛି-)

**ନିଖିଳ :** ଯେତେ ସବୁ ଅସୁବିଧା ! ପୋଷାକ ରଖାଯିବା ଜାଗାକୁ ସମସ୍ତେ ଖତଗଦା ଭଳିଆ ବ୍ୟବହାର କରୁଛନ୍ତି । ପାଣ୍ଡୁଲିପି ଅନୁସାରେ ମୁଁ ଯେତେଥର ପୋଷାକକୁ ସଜାଡ଼ି ରଖୁଛି କିଏ ଗୋଟେ ତାକୁ ଅଳିଆ କରିଦଉଛି ।

**ରିତୁ :** କୁମ୍ଭୀର କଣ୍ଢେଇଟିକୁ ଶୁଖାଇବାପାଇଁ ମୋର ଜାଗା ଦରକାର । ଅନିତା ! (ପାଟିକରି-) ଟିକେ ସାହାଯ୍ୟ କର !

**ସଂକଳ୍ପ :** ମୋ ଲେଖିବା ଦଳ ଏତେ ସବୁ ପାଟିତୁଣ୍ଡ ଭିତରେ ଧ୍ୟାନ ରଖି ପାରିବେନି । ଲେଖାରେ ପରିବର୍ତ୍ତନ କରିବାକୁ କହିଲ ଆଉ ବର୍ତ୍ତମାନ ଆମକୁ କାମ କରିବାକୁ ଦଉନ । ତୃତୀୟ ଦୃଶ୍ୟ ପାଇଁ ତୁମେମାନେ ଯୋଉ ମତାମତ ଦେଇଥିଲ ତାକୁ ବି ମନେ ରଖିପାରୁନୁ । ଏତେ ଗୋଳମାଳ କଲେ କିଛି କରି ହବନି ।

**ମୀରା :** ନାଚ ଅଭ୍ୟାସ କଥା ବି ପଚାରୁନ । କାହାର ଦେଖାନାହିଁ ।



https://withteachers.in/



**ଅନିଲ :** ମୁଁ ତିନିଟା ଗୀତ ତିଆରି କରି ସାରିଲିଣି ତଥାପି ନାଚ ଦଳ କହୁଛନ୍ତି ତାଙ୍କର ଆହୁରି ଦରକାର । ମୁଁ କ'ଣ ଏମିତି ତିଆରି କରି ଚାଲିଥିବି ନା କ'ଣ ?

**ଅନନ୍ୟା :** (ସମସ୍ତଙ୍କୁ ଚୁପ୍ ହେବାକୁ ଜୋର୍‌ରେ ପାଟି କରନ୍ତି–) ସମସ୍ତେ ଶୁଣ ! ଏମିତି କାମ କରାଯାଏନି । ଆମେ ଗୋଟିଏ ଦଳ ଭଳିଆ ।

**ପ୍ରଧାନ ଗୁରୁମା' :** (ପ୍ରବେଶ କରି–) ଏଠି କ'ଣ ଚାଲିଛି ? ଏତେ ପାଟିତୁଣ୍ଡ କାହିଁକି ? ଅନ୍ୟ ଶ୍ରେଣୀର ଗୁରୁମା', ଗୁରୁଜୀମାନେ ଅଭିଯୋଗ କରୁଛନ୍ତି ।

**ଅନନ୍ୟା :** କିଛି କାମ ସରିନି । ଗୁରୁମା', ଗୁରୁଜୀମାନଙ୍କ ଆଗରେ ନାଟକ ପରିବେଷଣପାଇଁ ଆଉ ମାତ୍ର ଗୋଟେ ସପ୍ତାହ ବାକି ରହିଲା ।

**ସଂକଳ୍ପ :** ସବୁ ଇଆଡ଼େସିଆଡ଼େ ହେଇ ପଡ଼ିଛି । ଆମେମାନେ କିଛି କରିପାରୁନେ । ଅଟକି ଯାଇଛେ ।

**ପ୍ରଧାନ ଗୁରୁମା' :** (ହସିହସି–) ତା'ମାନେ ତମେ ଠିକ୍ ବାଟରେ ଅଛ ।

**ସମସ୍ତେ :** ସତରେ ?

**ପ୍ରଧାନ ଗୁରୁମା' :** ସମସ୍ତଙ୍କ ଲକ୍ଷ୍ୟ ଏକ । ଗୋଟିଏ କାମପାଇଁ ସମସ୍ତେ ଲାଗିପଡ଼ିଛ । ସବୁ ଦଳ ସଫଳ ହବ । ସୃଜନ ପ୍ରକ୍ରିୟାର ଏହା ଏକ ଅଂଶ । ତୁମେମାନେ ସମସ୍ତେ ଆଗ୍ରହରେ ଲାଗିପଡ଼ିଛ– ସେଇଟା ସବୁଠୁ ଭଲ । କିନ୍ତୁ ବର୍ତ୍ତମାନ ଚୁପ୍ ହୁଅ, ଆରାମରେ ପରସ୍ପରର କଥା ଶୁଣ ।

**ଅନନ୍ୟା :** ଆମେ ଆମ କାମରେ ଏତେ ମନଧ୍ୟାନ ଦେଇ ଲାଗିପଡ଼ିଛୁ ଯେ ଭୁଲିଯାଇଛୁ ଏଇଟା ଗୋଟେ କାହାଣୀ, ଗୋଟେ ନାଟକ ପରିବେଷଣ ।

**ପ୍ରଧାନ ଗୁରୁମା' :** ଏକ୍‌ବାର ଠିକ୍ । ଗୋଟେ କଥା ଶୁଣ– ସମସ୍ତେ ଗୋଟିଏ କାହାଣୀ ପଟାର ତାଲିକା ବ୍ୟବହାର କର, ଫଳରେ ସମସ୍ତ ବିଭାଗ ସେଥିରେ ମିଶି ରହିପାରିବ । ତମେମାନେ ଭିନ୍ନଭିନ୍ନ ଜାଗାରେ ଯାଇ କାମ କର । କୋଉଠି ଖାଲି ବଖରା ଅଛି ଦେଖ କିମ୍ବା ଖେଳ ପଡ଼ିଆକୁ ମଧ୍ୟ ଯାଇପାର । ପ୍ରତି ଦୁଇଦିନରେ ଏକାଠି ହୁଅ ।

**ସଂକଳ୍ପ :** ହଁ ଗୁରୁମା' ଠିକ୍, ଏଇଟା ଭାରି ଭଲ ହବ । ଆମେ ଯେତେବେଳେ ଏକାଠି ହବା ସବୁ ଦୃଶ୍ୟକୁ ସଂକ୍ଷେପରେ ଅଭିନୟ କରିପାରିବା ଏବଂ ସବୁଦଳ ଦେଖିକି ଚିନ୍ତାକରିବେ ଆଉ କ'ଣ ଦରକାର ।

**ଅନିଲ :** ମୁଁ, ରିତୁ ଓ ଅନିତାଙ୍କ ସଙ୍ଗେ ରହିବି । ନାଚ ଆଉ କଣ୍ଢେଇ ନାଚପାଇଁ ମତେ ଅଲଗାଅଲଗା ସଙ୍ଗୀତ ତିଆରି କରିବାକୁ ହବ । (ମୀରା ତାକୁ ଗାଡ଼େଇ ଅନାଏ–) ଠିକ୍ ଅଛି... ଠିକ୍‌ଅଛି... ଏଥର ସିନେମା ଗୀତର କପି ନୁହଁ, ଶପଥ କରୁଛି ।

(ସମସ୍ତେ ହସନ୍ତି–)



https://withteachers.in/

**ପ୍ରଧାନ ଗୁରୁମା' :** ବଢ଼ିଆ । ବର୍ତ୍ତମାନ କାମ ଆରମ୍ଭ କର । ତମ କାମ କରିବା ଜାଗା ଖୋଜି ବାହାର କର । କେହି କାହାକୁ ହଇରାଣ କରନି । ମନେରଖ, ତମେମାନେ ସମସ୍ତେ ଗୋଟିଏ ଦଳ । ତେଣୁ ଏକାଠି ମିଶି କାମ କର ।

**ଦୃଶ୍ୟ ୪ : ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ପ୍ରଥମ ଅଭ୍ୟାସ ।**

(ବିଦ୍ୟାଳୟର ପେକ୍ଷାଳୟ । ମାତ୍ର ୪ କିମ୍ବା ୫ ଜଣ ଗୁରୁମା' ଓ ଗୁରୁଜୀ ଦେଖୁଛନ୍ତି । ଛାତ୍ରଛାତ୍ରୀମାନେ ଦୃଶ୍ୟ ପରେ ଦୃଶ୍ୟ ପରିବେଷଣ କରିଚାଲିଛନ୍ତି । ବହୁତ ଭୁଲ, ହସ ପରେ ହସ । ନାଟକ ଅଭ୍ୟାସ ସାରି ମତାମତ ଗ୍ରହଣ କରିବାପାଇଁ ସମସ୍ତେ ଗୋଟେ ଗୋଲାକାରରେ ବସନ୍ତି -)

**ଅନନ୍ୟା :** କ୍ଷମା କରିବେ ଗୁରୁମା'... ବହୁତ ଭୁଲ ହେଲା । ଆମେ ଅଭ୍ୟାସ କରିଥିଲୁ... କିନ୍ତୁ ...

**ପ୍ରଧାନ ଗୁରୁମା' :** ପ୍ରକୃତରେ ଗୋଟେ ନାଟକକୁ ଆରମ୍ଭରୁ ଶେଷ ଯାଏଁ ପରିବେଷଣ କରିବା ବହୁତ ବଡ଼ କାମ । ତମେ ତମ ଦଳପାଇଁ ଗୋଟେ କରତାଳି ଦିଅ । ଖୁବ୍ ଭଲ କରିଛ ।

ହଁ କ'ଣ ସବୁ ପରିବର୍ତ୍ତନ କରିବ ଶୁଣ, ତମେମାନେ ଗୋଟେ ଦୃଶ୍ୟ ସରିଗଲାପରେ ତା'ପର ଦୃଶ୍ୟ ଆରମ୍ଭ କରିବାକୁ ବହୁତ ଡେରି କରୁଛ । ସହଜରେ ଜଲ୍‌ଦି ଜଲ୍‌ଦି ଦୃଶ୍ୟ ପରିବର୍ତ୍ତନ କରିବା ଦରକାର । ମଞ୍ଚସଜ୍ଜା ଆଉ ଉପକରଣ ଦାୟିତ୍ୱରେ କିଏ ଅଛ ?

**ନିଖିଳ :** ମୁଁ । ମୁଁ ବି ଜାଣୁଛି, ପ୍ରତି ଦୃଶ୍ୟର ମଞ୍ଚସଜ୍ଜା ଆଉ ଉପକରଣ ପରିବର୍ତ୍ତନ କରି ଆଉ ଗୋଟେ ଦୃଶ୍ୟର ମଞ୍ଚସଜ୍ଜା ଆଉ ଉପକରଣ ସବୁ ଆଣି ସଜେଇ ରଖିବାକୁ ଆମକୁ ବହୁତ ସମୟ ଲାଗୁଥିଲା । ମୁଁ ଭାବୁଛି ପ୍ରତି ଦୃଶ୍ୟପାଇଁ ଦରକାର ହେଉଥିବା ଉପକରଣ ସବୁକୁ ଦୃଶ୍ୟ ଅନୁସାରେ ସଜାଇ ରଖିବୁ । ଆଉ ସମୟ ନଷ୍ଟ ହବନି । ଉପକରଣସବୁକୁ ଯୋଗାଡ଼ କରିବାକୁ ଏଣେତେଣେ ବୁଲି ବହୁତ ସମୟ ନଷ୍ଟ ହେଇଗଲା ।

**ଗୁରୁଜୀ :** ଠିକ୍ ଭାବିଛ । ତମମାନଙ୍କ ସ୍ୱରକୁ ଆଉ ଟିକେ ବଢ଼ାଅ । ବଡ଼ପାଟିରେ କୁହ । ତମମାନଙ୍କର କେତେଗୁଡ଼ିଏ ବାକ୍ୟ ମୁଁ ଭଲଭାବେ ଶୁଣି ପାରିଲିନି । ମଞ୍ଚରେ କେମିତି କଥା କହିବାକୁ ହୁଏ ସେଥିପାଇଁ ସାବଧାନ ରହିବା ଦରକାର । ତା' ମାନେ ନୁହଁ ଯେ ତମେ ବଡ଼ପାଟିରେ ଚିତ୍କାର କରିବ । ତମେ ତମ ଚରିତ୍ରର ଭାବ ରକ୍ଷାକରି ଏମିତି ସ୍ୱରରେ କଥାବାର୍ତ୍ତା ହବ ଯେ, ଯେମିତି ତମ କଥା ଶେଷଧାଡ଼ି ପର୍ଯ୍ୟନ୍ତ ଶୁଣାଯିବ ।

**ଅନନ୍ୟା :** ଧନ୍ୟବାଦ ଗୁରୁଜୀ । ଶେଷ ପରିବେଷଣ ପୂର୍ବରୁ ଆମେ ଏଗୁଡ଼ାକୁ ସବୁ ସଜାଡ଼ି ନବୁ ।

**ଗୁରୁମା' :** ଛୋଟ ପିଲାର ସ୍ୱପ୍ନ ଚିତ୍ରଣ କରିବାକୁ ତୁମେ ଯେମିତି କଣ୍ଢେଇ ନାଚକୁ ବ୍ୟବହାର କଲ ସେଇଟା ମତେ ଭାରି ଭଲ ଲାଗିଲା । କଣ୍ଢେଇ ନାଚର ସଙ୍ଗୀତ ସାଙ୍ଗେ ଲୋକନୃତ୍ୟକୁ ଯେମିତି ମିଶେଇଛ ସେଇଟା ବହୁତ ବଢ଼ିଆ ।



https://withteachers.in/

କିନ୍ତୁ ରିତୁ, କଣ୍ଢେଇକୁ ଭଲକି ଧରିଥିବୁ ଯେମିତି ନାଟକ ଚାଲିଲା ବେଳେ ଖସି ନ ପଡ଼େ !

**ରିତୁ :** (ମୁହଁ ଲୁଚାଇ-) କ୍ଷମା କରିବେ । ସେଇଟା ସେତେବେଳେ ହାତରୁ ଖସିଗଲା । ମୁଁ ଏଥର ଆହୁରି ଭଲକରି ଧରିବି ।

## ଦୃଶ୍ୟ ୫ : ମଞ୍ଚସ୍ଥ ସମୟ

(ଅନ୍ତରାଳରେ ଚାପାସ୍ୱର, ଫୁସ୍‌ଫୁସ୍ ହୋଇ କଥାବାର୍ତ୍ତା, ସଙ୍ଗୀତ ସୁର ଧରେଇବା ପରୀକ୍ଷା । ଅଭିନେତାମାନେ ପୋଷାକ ପିନ୍ଧି ସାରିଛନ୍ତି-)

**ରିତୁ :** କଣ୍ଢେଇ ସବୁ ପ୍ରସ୍ତୁତ ?

**ସାନା :** କାଠି ଭାଙ୍ଗି ଯାଇଥିଲା । ଏବେ ବଦଳେଇଲି... ହେଇଯାଇଛି ।

**ଅନନ୍ୟା :** (ଉଦ୍‌ବେଗ ସହକାରେ-) ପରିବେଷଣପାଇଁ ସମୟ ହେଇଗଲାଣି । ଆସ ସମସ୍ତେ ପ୍ରାର୍ଥନା କରିବା -)

(ସମସ୍ତେ ବୃତ୍ତାକାରରେ ଛିଡ଼ାହୋଇ ପରସ୍ପରର ହାତ ଧରନ୍ତି । ପ୍ରଧାନ ଗୁରୁମା' ମଧ୍ୟ ଏଥିରେ ଯୋଗ ଦିଅନ୍ତି ।

**ପ୍ରଧାନ ଗୁରୁମା' :** ତମେମାନେ ସମସ୍ତେ କଠିନ ପରିଶ୍ରମ କରିଛ । ମୁଁ ଜାଣେ ତମେ ତୁମର ସମସ୍ତ ସାମର୍ଥ୍ୟ ବ୍ୟବହାର କରିବ । ମୁଖ୍ୟଅତିଥି ଆସିଗଲେଣି । ତୁମ ନାଟକ ପରିବେଷଣ ସରିବା ପରେ ତୁମେ ତାଙ୍କ ସହିତ ଆଲୋଚନା କରିପାରିବ । ତାଙ୍କ ପାଖରୁ ନିଶ୍ଚୟ ଉତ୍ତମ ମତାମତ ପାଇବ । ବର୍ତ୍ତମାନ, ତୁମ ଆଖି ବନ୍ଦ କର, ଗୋଟେ ଦୀର୍ଘ ନିଃଶ୍ୱାସ ନିଅ । ପ୍ରାର୍ଥନା ଆରମ୍ଭ କର ।

## ପ୍ରସ୍ତାବିତ ପ୍ରାର୍ଥନା

କାୟନ ବାଚା ମନସୈନ୍ଦ୍ରୀୟର୍ବା ।
ବୁଦ୍‌ଧାତ୍ମନା ବା ପ୍ରକୃତିଃ ସ୍ୱଭାବାତ୍ ।
କରୋମି ୟଦ୍ୟାସ୍ତକଲଂ ପରସ୍ମୈ ।
ନାରାୟଣୟେତି ସମର୍ପୟାମି ।।

**ଅର୍ଥ :** ମୁଁ ମୋ କାୟ, ବାକ୍ୟ, ମନ, ଇନ୍ଦ୍ରିୟ ଓ ବୁଦ୍ଧି କିମ୍ବା ମନର ପ୍ରାକୃତିକ ପ୍ରବୃତ୍ତି ବଶତଃ ଅଚେତନ ଭାବେ ଯାହାସବୁ କରୁଛି କୌଣସି ଫଳପ୍ରାପ୍ତିର ଆସକ୍ତି ନ ରଖି ସେସବୁକୁ ପରମବ୍ରହ୍ମଙ୍କ ନିମନ୍ତେ କରୁଛି । ମୁଁ ସେସବୁକୁ ଶ୍ରୀନାରାୟଣଙ୍କ ପାଦପଦ୍ମରେ ସମର୍ପଣ କରୁଛି ।

(ପ୍ରଧାନ ଗୁରୁମା' ସମସ୍ତଙ୍କୁ ଆଶୀର୍ବାଦ କରି ଦର୍ଶକମାନଙ୍କ ମଧ୍ୟରେ ବସି ନାଟକ ଦେଖିବାକୁ ଯାଆନ୍ତି । ଛାତ୍ରଛାତ୍ରୀମାନେ ଏକତ୍ରିତ ହୁଅନ୍ତି -)



https://withteachers.in/



**ସମସ୍ତେ :** ଗୋଟିଏ ଦଳ, ଗୋଟିଏ ପ୍ରଦର୍ଶନ; ଆରମ୍ଭ ହେଉ ଯାଦୁଖେଳ ।

(ଅଭିନେତାମାନେ ଯିଏ ଯାହା ସ୍ଥାନ ଗ୍ରହଣ କରନ୍ତି । ମଞ୍ଚର ଆଲୋକ ଜଳେ । ନାଟକ ପ୍ରଦର୍ଶନ ଆରମ୍ଭ ହୁଏ । ଦୃଶ୍ୟ ପରେ ଦୃଶ୍ୟ ଅବାରିତ ଭାବେ ମଞ୍ଚସ୍ଥ ହୁଏ । ତୃତୀୟ ଦୃଶ୍ୟ, ଆଦିତ୍ୟ ପ୍ରବେଶ କରିବା କଥା । ସୂରଜ, ନନ୍ଦିନୀ ଓ ଅନ୍ୟାନ୍ୟ ଅଭିନେତାମାନେ ଅପେକ୍ଷା କରିଛନ୍ତି... ଆଦିତ୍ୟ କିନ୍ତୁ ମଞ୍ଚକୁ ଆସୁନି । ସେ ତା' ସଂଳାପ ନ କହିଲେ କଣ୍ଢେଇ ନାଚ ଆରମ୍ଭ ହୋଇପାରିବ ନାହିଁ । ଚିନ୍ତା । ଅଭିନେତାମାନେ କ'ଣ କରିବେ ଜାଣନ୍ତିନି-)

**ନନ୍ଦିନୀ :** (ପରିସ୍ଥିତିକୁ ସମ୍ଭାଳି ନେବାକୁ ନିଷ୍ପତ୍ତି ନେଇ, ଆଦିତ୍ୟର ସଂଳାପଗୁଡ଼ିକୁ କହି ଚାଲନ୍ତି-) ଓଃ ! ତମେ ଦି'ଜଣ ଏଇଠି ଅଛ, କେତେଗୁଡ଼େ ଆକର୍ଷଣୀୟ ଜିନିଷ ଦେଖାଇବାପାଇଁ ତୁମକୁ ପାହାଡ଼ ଉପରକୁ ନେଇଯିବାକୁ ଚାହୁଁଥିଲି । ଆସ – (ପ୍ରସ୍ଥାନ)

(କଣ୍ଢେଇ ନାଚ ଆରମ୍ଭ ହୁଏ । ଦର୍ଶକମାନେ ଆନନ୍ଦରେ ତାଳି ମାରନ୍ତି । ଶେଷ ଦୃଶ୍ୟ । ସଙ୍ଗୀତ ଛୁଟିଆସେ । ନୃତ୍ୟ ଗୁଚ୍ଛି ହୋଇଯାଏ ଏବଂ କାହାଣୀ ଶେଷ ହୁଏ । ସମସ୍ତ ଅଭିନେତା ଏବଂ ମଞ୍ଚ ଅନ୍ତରାଳରେ କାମ କରୁଥିବା ସବୁ ଦଳ ମଧ୍ୟ ଦର୍ଶକଙ୍କ ସହିତ ପରିଚିତ ହେବାପାଇଁ ମଞ୍ଚକୁ ଆସି ଠିଆ ହୁଅନ୍ତି । ଦର୍ଶକମାନେ ନିରବ ହୋଇଯାଇଛନ୍ତି । ପରିବେଷଣକାରୀମାନେ ଚିନ୍ତାରେ ଅଛନ୍ତି । ଦର୍ଶକମାନେ ଏହାକୁ ପସନ୍ଦ କଲେ କି ନାହିଁ ? ସେମାନେ ବୁଝିପାରିଲେନି କି ? ଆମେ କି କି ଭୁଲ କଲୁ ? ମୁହୂର୍ତ୍ତକ ମଧ୍ୟରେ ମୁଖ୍ୟଅତିଥି ଛିଡ଼ା ହୋଇପଡ଼ିଲେ ଆଉ ସହୃଦୟତାର ସହିତ କରତାଳି ଦ୍ୱାରା ବଧେଇ ଜଣାଇଲେ –)

**ଦର୍ଶକମାନେ :** (ସମସ୍ତେ ଛିଡ଼ାହୋଇ-) ବହୁତ ବଢ଼ିଆ ! ଚମତ୍କାର !

**ପ୍ରଧାନ ଗୁରୁମା' :** (ଅଶ୍ରୁଳ ନୟନରେ-) ମୁଁ ତୁମମାନଙ୍କପାଇଁ ଗର୍ବିତ ।

**ଅନନ୍ୟା :** (ମଞ୍ଚ ଉପରୁ ଦର୍ଶକଙ୍କୁ-) ଧନ୍ୟବାଦ ! ଧନ୍ୟବାଦ ! ଆମର ଏହି ଯାତ୍ରାରେ ଆପଣମାନେ ଆମ ସହିତ ଯୋଗ ଦେଇଥିବାରୁ ଆପଣ ସମସ୍ତଙ୍କୁ ଧନ୍ୟବାଦ। ଆମେମାନେ ଗୋଟିଏ ନାଟକ ପରିବେଷଣଠାରୁ ଆହୁରି ବହୁତ ଅଧିକ କଥା ଶିକ୍ଷାଲାଭ କଲୁ । ଶୃଙ୍ଖଳା, ଦଳଗତ କାର୍ଯ୍ୟ, ସୃଜନଶୀଳତା ନାଟକ ପରିବେଷଣର ପ୍ରତ୍ୟେକ ଅଂଶ ଗୁରୁତ୍ୱପୂର୍ଣ୍ଣ ବୋଲି ଜାଣିଲୁ । (ଚାପା ସ୍ୱରରେ ନନ୍ଦିନୀଙ୍କୁ-) ଧନ୍ୟବାଦ ନାଟକକୁ ବଞ୍ଚେଇଦେଲୁ । ଆଦିତ୍ୟ ଅନ୍ତରାଳରେ ପଡ଼ିଯାଇ ତା' ଗୋଡ଼ ମକଚି ହେଇଯାଇଛି ।

**ସମସ୍ତ କଳାକାର :** ଗୋଟେ ମହାନାଟକ ଶେଷ ହୋଇଛି... କିନ୍ତୁ ଆମର ନାଟକ ଯାତ୍ରା ଏଇ ମାତ୍ର ଆରମ୍ଭ ହେଲା ।



https://withteachers.in/

## କ୍ରିୟାକଳାପ ୩.୧ : ଭାବ ଉଦ୍ରେକ

ନାଟକଟିକୁ ସମ୍ପୂର୍ଣ୍ଣ ପଢ଼ି ସାରିବାପରେ ତତ୍‌କ୍ଷଣାତ୍ ତୁମମାନଙ୍କ ମନରେ କେଉଁକେଉଁ ଭାବନା ଉଦ୍ରେକ ହେଲା କହିପାରିବ ? ଏସବୁ ତୁମ ଶ୍ରେଣୀଗୃହରେ ଘଟୁଥିବା ପରି ଲାଗିଲା କି ? ତୁମମାନଙ୍କ ମନରେ କୌଣସି ପ୍ରଶ୍ନ ଅଛି କି ?

ତୁମ ମନରେ ତତ୍‌କ୍ଷଣାତ୍ ସୃଷ୍ଟି ହୋଇଥିବା ଭାବନାଗୁଡ଼ିକୁ ଏଠାରେ ଲେଖିରଖ । ତୁମ ମନରେ ଯାହାଯାହା ଅଛି ତାହାର ଚିତ୍ର କିମ୍ବା ଉଦ୍ଦେଶହୀନ ଚିତ୍ର ମଧ୍ୟ ଆଙ୍କିପାର ।

ତୁମେ ଯାହାଯାହା ଟିପି ରଖିଛ ସେଗୁଡ଼ିକୁ ଶ୍ରେଣୀର ଅନ୍ୟ ସାଙ୍ଗସାଥୀମାନଙ୍କ ସହିତ ଆଲୋଚନା କର ଏବଂ ଏହି ବିଷୟରେ ଅନ୍ୟମାନେ କ'ଣ ଭାବୁଛନ୍ତି ତା' ପ୍ରତି ମଧ୍ୟ ଧ୍ୟାନ ଦିଅ ।

ବର୍ତ୍ତମାନ ଆସ ନାଟକର ପାଣ୍ଡୁଲିପିକୁ ବିଶ୍ଳେଷଣ କରି ସେଥିରୁ କ'ଣ ସବୁ ଶିଖିପାରିବା ସେଥିପ୍ରତି ଧ୍ୟାନ ଦେବା ।

ପ୍ରତ୍ୟେକ ଦୃଶ୍ୟରେ ନାଟ୍ୟଗଠନର ଭିନ୍ନଭିନ୍ନ ଉପାଦାନ ଭରି ରହିଛି ଯାହାକୁ ତୁମେମାନେ ଶିଖିପାର ଏବଂ ସେଗୁଡ଼ିକୁ ତୁମ ନାଟକ ପରିବେଷଣପାଇଁ ପ୍ରସ୍ତୁତି ପ୍ରକ୍ରିୟାରେ ବ୍ୟବହାର କରିପାର । ଆମେ ଏହାକୁ ଦୃଶ୍ୟ ପରେ ଦୃଶ୍ୟ ଆଲୋଚନା କରିବା ।

ନାଟକ ଗଠନର ଅଂଶଗୁଡ଼ିକୁ ଚିହ୍ନଟ କରିବାପାଇଁ ତୁମେମାନେ ପୂର୍ବ ଦୃଶ୍ୟଗୁଡ଼ିକୁ ମଧ୍ୟ ସୂଚିତ କରିପାର ।



**ଶିକ୍ଷକଙ୍କପାଇଁ ସୂଚନା :** ନାଟକ ପରିବେଷଣ ନିମନ୍ତେ ଛାତ୍ରଛାତ୍ରୀମାନେ ନିଜର ଚିନ୍ତାଧାରାଗୁଡ଼ିକୁ ଏକାଠି କରି ନିଜେ ନିଜର ପାଣ୍ଡୁଲିପି ରଚନା କରିବାକୁ ସେମାନଙ୍କୁ ଉତ୍ସାହିତ କରାଯିବା ଉଚିତ । ଏହି ଅଧ୍ୟାୟରେ ଥିବା ନାଟକ ବା ପୂର୍ବରୁ ପ୍ରସ୍ତୁତ ହୋଇ ରହିଥିବା ନାଟକ ପରିବେଷଣ କରିବା ଉଚିତ ନୁହେଁ । ଏପରି କଲେ, ଛାତ୍ରଛାତ୍ରୀମାନେ ନାଟକ ରଚନା ବିଷୟରେ ୬ଷ୍ଠ ଓ ୭ମ ଶ୍ରେଣୀରେ ଯାହାସବୁ ଶିକ୍ଷାଲାଭ କରିଥିଲେ ତାହାକୁ ବ୍ୟବହାର କରି ନାଟ୍ୟ ରଚନା କରିବାରୁ ଏହା ସେମାନଙ୍କୁ ନିବୃତ କରିବ ।



https://withteachers.in/

| କ୍ରମିକ ସଂଖ୍ୟା | ଦୃଶ୍ୟ | ପ୍ରସ୍ତୁତି ନିମନ୍ତେ ବିଭିନ୍ନ ସୋପାନ | ଶିକ୍ଷାଲାଭ |
|---|---|---|---|
| ୧ | ମାନସ ମନ୍ଥନ | • ମିଳିତଭାବେ ବିଷୟବସ୍ତୁ ଏବଂ କାହାଣୀ ଚୟନ କରିବା ।<br>• ଆରମ୍ଭ-ମଧ୍ୟ ଓ ଶେଷକୁ ପରଖି ନେବା ।<br>• କାହାଣୀରେ ଯେମିତି ଆକର୍ଷଣୀୟ ଦ୍ୱନ୍ଦ୍ୱ ରହିପାରିବ ସେଥିପ୍ରତି ନିଶ୍ଚିତ ହେବା ।<br>• ନୃତ୍ୟ, କଣ୍ଢେଇ ନାଚ କିମ୍ବା ମୂକାଭିନୟକୁ ନାଟକରେ ମିଶାଇବାକୁ ଚେଷ୍ଟା କରିବା ।<br>• ଦଳମାନଙ୍କର ନାମ ତାଲିକା ପ୍ରସ୍ତୁତ କରିବା ।<br>• ପ୍ରତ୍ୟେକ ଛାତ୍ରଛାତ୍ରୀମାନଙ୍କୁ କୌଣସି ନା କୌଣସି ଦଳରେ ସମ୍ପୃକ୍ତ କରିବା । | • ଅନ୍ୟମାନଙ୍କ ଚିନ୍ତାଧାରାକୁ ସମ୍ମାନ ଜଣାଇବା ଗୁରୁତ୍ୱପୂର୍ଣ୍ଣ ।<br>• ବିଷୟବସ୍ତୁ ସୃଷ୍ଟିପାଇଁ ସୃଜନଶୀଳ ଭାବନା ।<br>• ସମସ୍ତଙ୍କର ଆଗ୍ରହ ଓ କୌଶଳ ଅଲଗା ଅଲଗା ହୋଇଥାଏ ।<br>• ମଞ୍ଚ ଅନ୍ତରାଳ କାର୍ଯ୍ୟରେ ସମସ୍ତେ ଅଂଶଗ୍ରହଣ କରିବା ନିହାତି ଆବଶ୍ୟକ । |
| ୨ | କାର୍ଯ୍ୟ ଆରମ୍ଭ | • ସମସ୍ତ ଚିନ୍ତାଧାରା ସମ୍ବଳିତ ଏକ ସୁଦୃଢ଼ ପାଣ୍ଡୁଲିପି ରଚନା କରିବା ।<br>• ନାଟକର ସମୟସୀମା ଏବଂ ପରିବେଷଣ ତାରିଖ ପ୍ରତି ସତର୍କ ରହିବା ।<br>• ପାଣ୍ଡୁଲିପି ପ୍ରସ୍ତୁତ ହେବାପରେ ହିଁ ଅଭ୍ୟାସ ଆରମ୍ଭ କରିବା । | • ସମସ୍ତଙ୍କୁ ନିଜ ନିଜର ଚିନ୍ତାଧାରା ବ୍ୟକ୍ତ କରିବାକୁ ସୁଯୋଗ ଦେବା ।<br>• ଧୈର୍ଯ୍ୟର ସହିତ ସମସ୍ତଙ୍କ କଥା ଶୁଣିବା, ହଠାତ୍ କୌଣସି ନିଷ୍ପତ୍ତି ନେବା ନାହିଁ ।<br>• ଯେତେ ଅଧିକ ଅଭ୍ୟାସ କରିବା ନାଟକ ସେତେ ଭଲ ହେବ । |
| ୩ | ଅଭ୍ୟାସ ଓ ପ୍ରସ୍ତୁତି | • ଏକକାଳୀନ ବହୁ କାମ ଚାଲେ ।<br>• ପ୍ରତିଟି ସୋପାନକୁ ସଂଗଠିତ କରି ରଖ ଓ ଶ୍ରେଣୀର ଅନ୍ୟମାନଙ୍କ ସହିତ ମତ ଆଦାନପ୍ରଦାନ କର ।<br>• ଏହା ବ୍ୟକ୍ତିଗତ ଓ ଦଳଗତ ପ୍ରଚେଷ୍ଟା ଆବଶ୍ୟକ କରେ । | • ନିଜ କାମରେ ଧ୍ୟାନ ଦେବା ଓ ଅନବରତ ପ୍ରଚେଷ୍ଟା କରିଚାଲିବା ।<br>• ଅନ୍ୟମାନଙ୍କ ଆବଶ୍ୟକତାକୁ ବିଚାର କରିବା ।<br>• ଆବଶ୍ୟକ ସ୍ଥଳେ ଅନ୍ୟମାନଙ୍କୁ ସାହାଯ୍ୟ ସହଯୋଗ କରିବା । |
| ୪ | ପ୍ରଥମ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଅଭ୍ୟାସ | • ନାଟକ ମଞ୍ଚସ୍ଥ ହେବା ପୂର୍ବରୁ ଗୋଟିଏ ପୂର୍ଣ୍ଣାଙ୍ଗ ଅଭ୍ୟାସ କରାଯିବା ଆବଶ୍ୟକ । ଯାହାକୁ Stage Rehearsal କୁହାଯାଏ ।<br>• ମତାମତକୁ ସକାରାତ୍ମକ ଭାବେ ଗ୍ରହଣ କରିବା । ଏହା ତୁମର ଉନ୍ନତି ନିମନ୍ତେ ଦିଆଯାଇଥାଏ ।<br>• ସବୁ ଦଳଗୁଡ଼ିକ କିପରି ସଂଗଠିତ ହେଉଛନ୍ତି ସେହି ବିଷୟରେ ଏହା ଏକ ଧାରଣା ସୃଷ୍ଟି କରିବ । | • ସମୀକ୍ଷା ଏବଂ ମତାମତ ନିଶ୍ଚିତ ଆବଶ୍ୟକ ।<br>• ଶୁଭେଚ୍ଛୁ ଏବଂ ଶିକ୍ଷକମାନେ ଏହାକୁ ଦେଖିଲେ ଏହାର ଗୁରୁତ୍ୱ ବୃଦ୍ଧି ପାଇବ ।<br>• ଆତ୍ମସମୀକ୍ଷା ଏବଂ ମତାମତ ଆଦାନପ୍ରଦାନ ସାହାଯ୍ୟ କରେ ।<br>• ଶେଷ ମୁହୂର୍ତ୍ତର ସାହାଯ୍ୟ ଓ ଦୋଷତ୍ରୁଟିଗୁଡ଼ିକୁ ଦଳଗତ ପ୍ରଚେଷ୍ଟାରେ ସମାଧାନ କରିବା ଦରକାର । |

https://withteachers.in/

| | | | |
|---|---|---|---|
| ୫ | **ମଞ୍ଚସ୍ଥ ସମୟ** | • ଶେଷ ମୁହୂର୍ତ୍ତରେ ସବୁ କିଛି ଠିକ୍‌ଠାକ୍ ଅଛି କି ନାହିଁ ଦେଖିନେବା ଉଚିତ୍ ।<br>• ସମସ୍ତ ଉପକରଣ, ପୋଷାକ, ଦୃଶ୍ୟସଜ୍ଜା ପରିବର୍ତ୍ତନସବୁକୁ ଦୃଶ୍ୟର କ୍ରମ ଅନୁସାରେ ସଜାଡ଼ି ରଖାଯିବା ଦରକାର ।<br>• ତୁମେ ଏକୁଟିଆ ଯାହାସବୁ କରିବା କଥା ସେଥିପ୍ରତି ଧ୍ୟାନ ଦିଅ ।<br>• ଦଳଗତ ପାର୍ଥନା ଦଳଗତ ଆତ୍ମବଳ ବୃଦ୍ଧିରେ ସାହାଯ୍ୟ କରିଥାଏ । | • ଯିଏ ଚାହାଁନ୍ତି ସେମାନଙ୍କୁ ସାହାଯ୍ୟ କର ।<br>• ଭୟ କରନାହିଁ । ସମସ୍ତେ ଏକାଠି ହୋଇ ନାଟକର ସଫଳତାପାଇଁ କାମ କରୁଛନ୍ତି ।<br>• ନାଟକ ମଞ୍ଚସ୍ଥ ହେବାବେଳେ ଦୋଷ, ତ୍ରୁଟି ଘଟିପାରେ ।<br>• ସତର୍କ ରୁହ ଏବଂ ତୁମର ପ୍ରତ୍ୟୁତ୍ପନ୍ନ ମନକୁ ବ୍ୟବହାର କର । |





**ଶିକ୍ଷକଙ୍କ ନିମନ୍ତେ ସୂଚନା :** ଛାତ୍ରଛାତ୍ରୀମାନଙ୍କୁ ନିଜେ ନିଜର ନାଟକ ରଚନାପାଇଁ ସୁଯୋଗ ଦିଅନ୍ତୁ । ଶିକ୍ଷକ କେବଳ ସେମାନଙ୍କୁ ଆବଶ୍ୟକ ସ୍ଥଳରେ ସହଯୋଗ କରନ୍ତୁ ।

ଛାତ୍ରଛାତ୍ରୀମାନେ ନିଷ୍ପତ୍ତି ନେଇ ସମସ୍ୟାର ସମାଧାନ କରିବା ଉଚିତ । ସେମାନଙ୍କୁ ଭୁଲ୍ କରିବାକୁ ଦିଅନ୍ତୁ । ସେମାନେ ଯେତେବେଳେ ସାହାଯ୍ୟ ଚାହାନ୍ତି ସେତେବେଳେ ସେମାନଙ୍କୁ ପରାମର୍ଶ ଓ କୌଶଳ ବତାଇ ଦିଅନ୍ତୁ ।

ଅଳ୍ପ କେତେକ ନିର୍ଦ୍ଦେଶ ଏହି ତାଲିକାରେ ଲେଖାଯାଇଛି । ତୁମେମାନେ ଦେଖିକରି ପ୍ରତି ଦୃଶ୍ୟରେ ଅଧିକ ନିର୍ଦ୍ଦେଶ ସଂଯୋଗ କରିପାର ।

ଗୋଟିଏ ସମ୍ପୂର୍ଣ୍ଣ ୩୦ ମିନିଟ୍‌ର ନାଟକ ପରିବେଷଣ ପୂର୍ବରୁ, ପ୍ରତି ଦୃଶ୍ୟକୁ ତୁମ ଶ୍ରେଣୀର ସାଙ୍ଗମାନଙ୍କ ସହିତ ଆଲୋଚନା କରିବା ଏବଂ ବିଭିନ୍ନ ସୋପାନଗୁଡ଼ିକୁ ବିଶ୍ଳେଷଣ କରିବା ଗୁରୁତ୍ୱପୂର୍ଣ୍ଣ ।

ନାଟକ ମଞ୍ଚସ୍ଥ ହେବାର ପ୍ରମାଣ ରଖିବାକୁ ଭୁଲିଯିବ ନାହିଁ । ଏହା ଯେକୌଣସି ପରିବେଷଣର ଏକ ଗୁରୁତ୍ୱପୂର୍ଣ୍ଣ ଦିଗ । ଫଟୋ କିମ୍ବା ଭିଡ଼ିଓ ସହିତ ଲିଖିତ ପ୍ରମାଣ ରଖିପାର । ପରିବେଷଣ ପ୍ରକ୍ରିୟା ଭିତରେ ସବୁଦିନ କ'ଣ କ'ଣ ଘଟୁଛି ଡାଏରୀରେ ବା ଟିପା ଖାତାରେ ଲେଖିରଖ ।



https://withteachers.in/

## କୃତି । ୪୨

### ନାଟକ ପ୍ରସ୍ତୁତି







### ନାଟକ ପ୍ରଦର୍ଶନ







## କ୍ରିୟାକଳାପ ୩.୨ : ପ୍ରଶ୍ନୋତ୍ତର ସମୟ

ଏହି ଅଧ୍ୟାୟରେ ଦିଆଯାଇଥିବା ନାଟକର ରଚନା ଶୈଳୀକୁ ପର୍ଯ୍ୟବେକ୍ଷଣ କର । ସାଧାରଣ ଭାବରେ ଏହି ଶୈଳୀରେ ନାଟକ ରଚନା କରାଯାଏ । ନାଟକ ରଚନାର ଏହା ଏକ ସାଧାରଣ ଶୈଳୀ ।

୧. ପାଣ୍ଡୁଲିପିରେ ରଚନା କରାଯାଇଥିବା ସମସ୍ତ ଧାଡ଼ି ସଂଳାପ କିମ୍ବା କଥୋପକଥନ ନୁହେଁ । ସଂଳାପହୀନ ଧାଡ଼ିଗୁଡ଼ିକୁ କ'ଣ କୁହାଯାଏ ? ପାଣ୍ଡୁଲିପିରେ ସେଗୁଡ଼ିକ କାହିଁକି ଥାଏ ? ସେଗୁଡ଼ିକ କେତେ ଗୁରୁତ୍ୱପୂର୍ଣ୍ଣ ?

------------------------------------------------------------

------------------------------------------------------------

୨. ସଂଳାପ ଓ ସଂଳାପହୀନ ଧାଡ଼ିଗୁଡ଼ିକୁ ପାଠକ କିଭଳି ଭାବରେ ଅଲଗାଅଲଗା କରି ଚିହ୍ନିପାରିବେ ?

------------------------------------------------------------

------------------------------------------------------------

୩. ଭିନ୍ନଭିନ୍ନ ଚରିତ୍ରମାନଙ୍କ ଦ୍ୱାରା ପ୍ରତ୍ୟେକ ଧାଡ଼ି ଭିନ୍ନଭିନ୍ନ ପ୍ରକାରରେ କୁହାଯାଇପାରିବ ଏବଂ ଅଭିବ୍ୟକ୍ତ ମଧ୍ୟ କରାଯାଇପାରିବ । ସ୍ୱର ସଞ୍ଚାଳନ, କହିବା ଶୈଳୀ, ଶବ୍ଦମାତ୍ରା (volume) ଏବଂ ସଂଳାପ ପ୍ରକ୍ଷେପର ଅନନ୍ୟ ଶୈଳୀକୁ (ଯାହା ପ୍ରଥମ ଅଧ୍ୟାୟରେ ଶିକ୍ଷାଲାଭ କରିଛ) ଆଧାର କରି ସେଗୁଡ଼ିକ ଅନେକ ଅର୍ଥ ପ୍ରକାଶ କରିଥାନ୍ତି । ନାଟକ ରଚନା କରିଥିବା ନାଟ୍ୟକାର କିଭଳି ନିଶ୍ଚିତ ଥାଆନ୍ତି ଯେ ନାଟକର ପ୍ରତିଟି ଧାଡ଼ି ଆବଶ୍ୟକୀୟ ରସ ଓ ଶୈଳୀରେ କୁହାଯିବ ବୋଲି ?

------------------------------------------------------------

------------------------------------------------------------

୪. ପାଣ୍ଡୁଲିପି ପଢ଼ିଲାବେଳେ ତୁମେମାନେ ଆଉ ଯାହାଯାହା ଲକ୍ଷ୍ୟ କରିଥିବ ସେହିଗୁଡ଼ିକୁ ମଧ୍ୟ ଟିପି ରଖ । ତୁମେ ନିଜେ ଗୋଟେ ନାଟକ ରଚନା ଚାହୁଁଛ କି ?

**ମନେରଖ :**
ସମସ୍ତଙ୍କର ସାମର୍ଥ୍ୟ ଓ ଦୁର୍ବଳତା ରହିଛି । ଏଥି ପ୍ରତି ସତର୍କତା ଅବଲମ୍ବନ ଆବଶ୍ୟକ । ତୁମ ଦଳ ସମ୍ପୂର୍ଣ୍ଣ ନାଟକ ପରିବେଷଣ ପ୍ରକ୍ରିୟାରେ ଏଥିପ୍ରତି ମନଦେବା ଦରକାର, ଫଳରେ ଏହା ତୁମ ସାମର୍ଥ୍ୟ ବୃଦ୍ଧି କରିବା ସହିତ ଦୁର୍ବଳତା ହ୍ରାସ କରିବାରେ ସାହାଯ୍ୟ କରିଥାଏ ।



**ଉତ୍ତର :**
୧. ସେଗୁଡ଼ିକୁ ମଞ୍ଚ ନିର୍ଦ୍ଦେଶ କୁହାଯାଏ । ଏହା ଅଭିନୟକୁ ସଞ୍ଚାରିତ କରିବାରେ ଏବଂ ଦୃଶ୍ୟର ଦୃଶୀୟ ଉପସ୍ଥାପନ ନିମନ୍ତେ ସାହାଯ୍ୟ କରେ ।
୨. ସଂଳାପହୀନ ଧାଡ଼ିଗୁଡ଼ିକ ଇଟାଲିକ୍ ଅକ୍ଷର ଓ ବନ୍ଧନୀ ଭିତରେ ଲେଖା ହୋଇଛି ।
୩. ସଂଳାପର ଭାବ-ରସ କେମିତି ପ୍ରକାଶିତ ହେବ ସେଗୁଡ଼ିକ ଚରିତ୍ରର ନାମ ପରେ ବନ୍ଧନୀ ଭିତରେ ଇଟାଲିକ୍ ଅକ୍ଷରରେ ଲେଖାଯାଇଅଛି ।



https://withteachers.in/

## ମୁଖ୍ୟ ଫଳାଫଳ - ଜୀବନର ଶିକ୍ଷା

**ନାଟକର ଉଦ୍ଦେଶ୍ୟ :** ନାଟକ ପ୍ରଦର୍ଶନ ନିଶ୍ଚୟ ଚାଲୁରହିବ – ତୁମ ଜୀବନ ପାଇଁ ମହାଶକ୍ତି !

ନାଟକର ଛାତ୍ର ଭାବରେ ଏହି ଧାଡ଼ିଟିକୁ ତୁମେ କେବେହେଲେ ଭୁଲିଯିବା ଉଚିତ ନୁହେଁ । ମୁଣ୍ଡରୁ ମୁକୁଟ ଖସି ପଡୁ, କେହି ଜଣେ ଜୋରରେ ଛିଙ୍କିଦେଉ କିମ୍ବା ଆଲୁଅ ଲିଭିଯାଉ- ଅଭିନେତାମାନେ କିନ୍ତୁ ଅଟକି ଯାଆନ୍ତି ନାହିଁ (ପୂର୍ବ ନାଟକରେ ନନ୍ଦିନୀ ଯେମିତି ସମ୍ଭାଳିନେଲା) ତୁମ ଆଗରେ ବସି ରହିଥିବା ଦର୍ଶକମାନେ ସେମାନଙ୍କ ମୂଲ୍ୟବାନ ସମୟ ଦେଇଛନ୍ତି (ବେଳେବେଳେ ଟଙ୍କା ମଧ୍ୟ ପ୍ରବେଶ ମୂଲ୍ୟ ଭାବରେ) । ତୁମେ ସେମାନଙ୍କ ନିକଟରେ ଋଣୀ । ଦର୍ଶକ ଯେପରି ନିରାଶ ନ ହୁଅନ୍ତି ସେଥିପ୍ରତି ଦୃଷ୍ଟିଦେବା ସମସ୍ତ ନାଟ୍ୟଶିଳ୍ପୀମାନଙ୍କର ଦାୟିତ୍ୱ । ତେଣୁ ଯାହା ବି ଘଟୁ, ସେମାନେ (ଅଭିନେତା) ହସନ୍ତି, ଉନ୍ନତି ସାଧନ କରାନ୍ତି ଏବଂ କାହାଣୀକୁ ଜୀବନ୍ତ କରି ରଖନ୍ତି । ଏହା ହିଁ 'ପ୍ରଦର୍ଶନ ନିଶ୍ଚେ ଆଗେଇ ଚାଲିବ' ପଛରେ ଥିବା ଯାଦୁ ।

**ତୁମମାନଙ୍କପାଇଁ :** ବାସ୍ତବ ଜୀବନରେ ଏହା ଏକ ମହାଶକ୍ତି ପାଇବା ଭଳି । ଯଦି ଗୋଟିଏ ଯୋଜନା ଭୁଲ ହୋଇଯାଏ କିମ୍ବା ତୁମେ ଗୋଟେ ତ୍ରୁଟି କରି ପକାଅ, ତଥାପି ବି ତୁମକୁ ଅଟକି ଯିବାକୁ, ଭୟ କରିବାକୁ କିମ୍ବା ଛାଡ଼ି ପଳାଇବାକୁ ହବନି । କେବଳ ଗୋଟିଏ ଦୀର୍ଘଶ୍ୱାସ ମାର ? ଜଲ୍‌ଦି ଚିନ୍ତାକର ଆଉ ଆଗେଇ ଚାଲ ଗୋଟିଏ ତାରା ଭଳି । ଏହା ତୁମକୁ ନମନୀୟ ଭାବେ ପରିବେଶ ସହିତ ଖାପ ଖୁଆଇ ଚଳିବାକୁ ଏବଂ ଯେକୌଣସି ଖରାପ ପରିସ୍ଥିତିରେ ଧୈର୍ଯ୍ୟର ସହିତ ନିରବ ରହିବାକୁ ଶିଖାଇଥାଏ । ନିତିଦିନିଆ ଜୀବନରେ ବିଭିନ୍ନ ସମସ୍ୟା, ଭୁଲ ତ୍ରୁଟି ଏବଂ ବିସ୍ମୟକର ଘଟଣା ଘଟିବା ସ୍ୱାଭାବିକ । କିନ୍ତୁ ମଞ୍ଚର ଅଭିନେତା ଭଳି, ଆମେ ଆତ୍ମବିଶ୍ୱାସର ସହିତ ପରିବେଷଣ ଚାଲୁ ରଖିବା ଶିଖିଛୁ । ବିପଦ ବା ସମସ୍ୟାର ପ୍ରଥମ ସୂଚନା ପାଉପାଉ ପଛେଇ ନ ଯାଇ ଧୈର୍ଯ୍ୟ ଆଉ ବୀରତ୍ୱର ସହିତ ଆମର ଶ୍ରେଷ୍ଠତା ପ୍ରତିପାଦନ କରିବା ଶିଖିଛୁ । ଏହା ଆମକୁ ମନେପକାଇ ଦିଏ ଯେ ନିଷ୍ଠା, କଠିନ ପରିଶ୍ରମ ଏବଂ ସକାରାତ୍ମକ ମନୋଭାବ ଆଦି ଶ୍ରେଷ୍ଠତା ପ୍ରତିପାଦନ ଅପେକ୍ଷା ଅଧିକ ଗୁରୁତ୍ୱପୂର୍ଣ୍ଣ । ଜୀବନ ତ୍ରୁଟିଶୂନ୍ୟ ହେବାର ବିଷୟ ନୁହେଁ- ବରଂ ଯାହାହେଉ ପଛେ, ସାହସର ସହିତ ଆଗେଇଯିବା ଦରକାର । କାରଣ ନାଟକ ପରିବେଷଣ ଭଳି ଜୀବନ ମଧ୍ୟ ଆଗେଇ ଚାଲେ ।

ଏଠାରେ ଗୋଟିଏ ବିଦ୍ୟାଳୟରେ ମଞ୍ଚସ୍ଥ ହୋଇଥିବା ନାଟକର ବାସ୍ତବ କାହାଣୀ ବର୍ଣ୍ଣନା କରାଯାଇଛି, ଯେଉଁଥିରେ ଛାତ୍ରଛାତ୍ରୀମାନେ ନାଟକର ଅମର ଆତ୍ମା ପ୍ରଦର୍ଶିତ କରିଥିଲେ—

https://withteachers.in/

୧୯୯୫ ମସିହା, କର୍ଣ୍ଣାଟକ ଧାରୱାଡ୍ ଜିଲ୍ଲାର ଗୋଟିଏ ପ୍ରେକ୍ଷାଳୟରେ ୨୦୦ ଦର୍ଶକଙ୍କ ଆଗରେ ଗୋଟିଏ ବିଦ୍ୟାଳୟର ଛାତ୍ରଛାତ୍ରୀ ନାଟକ ପରିବେଷଣ କରୁଥିଲେ । ଏହା ଏକ ପୁରୁଣା ପ୍ରେକ୍ଷାଳୟ ଥିଲା, ଯେଉଁଠାରେ କି ଜଙ୍ଗଲ, ରାଜବାଟୀ ଆଦି ଦୃଶ୍ୟପଟଗୁଡ଼ିକ ଉପରୁ ତଳକୁ ଓ ତଳୁ ଉପରକୁ ପୁଲିଦ୍ୱାରା ପକା-ଉଠା କରାଯାଇଥାଏ । ପରିବେଷଣ ସମୟରେ ମୁଖ୍ୟ ଅଭିନେତା ଠିକ୍ ଦୃଶ୍ୟପଟ ତଳେ ଛିଡ଼ା ହୋଇଥିଲେ । ପୁଲିର ଦଉଡ଼ି ଛିଡ଼ିଗଲା ଏବଂ ଦୃଶପଟ ତଳକୁ ଖସିବାକୁ ଲାଗିଲା । ଅଭିନେତ୍ରୀ ଜଣକ ଛିଡ଼ିବାର ଶବ୍ଦ ଶୁଣିପାରିଲେ ଏବଂ ଦୃଶ୍ୟପଟ ଖସିବା କଥା ମଧ୍ୟ ଜାଣିପାରିଲେ କିନ୍ତୁ ନିଜ ସ୍ଥାନରୁ ଘୁଞ୍ଚିଲେ ନାହିଁ କିମ୍ବା ସଂଳାପ କହିବା ବନ୍ଦ କଲେ ନାହିଁ । ସେ ଆଶା ଏବଂ ବିଶ୍ୱାସ କଲେ ଯେ ମଞ୍ଚ ଅନ୍ତରାଳ କର୍ମୀମାନେ କିଛି ଗୋଟେ କରିବେ ଏବଂ ବିବ୍ରତ ନ ହୋଇ, ଦୃଢ଼ତାର ସହିତ ନାଟକର ପ୍ରବାହକୁ ନଷ୍ଟ ନ କରି ଅଭିନୟ କରି ଚାଲିଲେ ।

ଅପେକ୍ଷା କରିଥିବା ଭଳି, ଦୁଇଜଣ ମଞ୍ଚ ଅନ୍ତରାଳ କର୍ମୀ ଯେଉଁମାନେ ଦଉଡ଼ି ଛିଣ୍ଡିବା ଜାଣିପାରିଲେ ସେମାନେ ତତ୍କ୍ଷଣାତ୍ ମଞ୍ଚର ଦୁଇପଟକୁ ଧାଇଁଯାଇ ଦଉଡ଼ିଗୁଡ଼ିକୁ ହାତରେ ଧରି ପକାଇଲେ । ଦୃଶ୍ୟପଟ ଖସି ନ ପଡ଼ି ଯୋଉ ସ୍ଥାନରେ ରହିବା କଥା ସେଠାରେ ଅଟକି ରହିଲା । କିନ୍ତୁ ସେମାନେ ହଲଚଲ ହୋଇ ପାରୁ ନ ଥିଲେ । ଯଦି ସେମାନେ ଛାଡ଼ିଦେବେ ତେବେ ତାହା ଖସି ପଡ଼ିବ । ତେଣୁ ସେମାନେ ଓଜନିଆ ଦୃଶ୍ୟପଟକୁ ଏକ ଘଣ୍ଟା କାଳ ହାତରେ ଭିଡ଼ି ଧରି ରଖିଲେ ନାଟକ ଶେଷ ହେବା ପର୍ଯ୍ୟନ୍ତ । ଅନ୍ତରାଳରେ ସେମାନେ ଅନ୍ୟାନ୍ୟ ଯେଉଁ ସବୁ କାମ କରିବା କଥା ସେଗୁଡ଼ିକୁ ଦଳର ଅନ୍ୟମାନେ କରିନେଲେ । ନାଟକ ପ୍ରଦର୍ଶନ ତ୍ରୁଟିଶୂନ୍ୟ ଭାବେ ସମାପ୍ତ ହେଲା । ସେହି ଦୁଇ ମଞ୍ଚ ଅନ୍ତରାଳ କର୍ମୀଙ୍କ ହାତ ସମ୍ପୂର୍ଣ୍ଣ ଆଞ୍ଚୁଡ଼ି ହୋଇ ରକ୍ତ ବାହାରୁଥାଏ । ଦର୍ଶକମାନେ ନାଟକ ଦେଖି ବହୁତ ଖୁସି ହେଲେ ଏବଂ ନାଟ୍ୟଦଳକୁ ପ୍ରଶଂସା କଲେ ।

ଏହି କାରଣରୁ, ସଫଳତାର ସହିତ ନାଟକ ପରିବେଷଣ କରିପାରିଥିବାର ଆନନ୍ଦ ଓ ତୃପ୍ତିର ମାତ୍ରା ଏତେ ଅଧିକ ଥିଲା ଯେ, ସେମାନେ ସମ୍ମୁଖୀନ ହୋଇଥିବା ସମସ୍ୟାର ସମସ୍ତ କଷ୍ଟକୁ ଭୁଲି ଯାଇଥିଲେ । ଦଳଗତ କାର୍ଯ୍ୟ ଏବଂ ଦୃଢ଼ତା ସହିତ ନାଟକ ଆଗେଇ ଚାଲିଲା ।

## ସର୍କଲ୍ ସମୟ

- ତୁମ ପ୍ରଚେଷ୍ଟାରେ ବିଦ୍ୟାଳୟରେ ଗୋଟିଏ ନାଟକ ପରିବେଷଣ କରିବାପାଇଁ ନିମ୍ନୋକ୍ତ ତାଲିକା ପ୍ରସ୍ତୁତ କର ।

| | ସାମର୍ଥ୍ୟ | ଦୁର୍ବଳତା |
|---|---|---|
| ମୋ ପାଇଁ (ବ୍ୟକ୍ତିଗତ) | | |
| ଶ୍ରେଣୀ ଭାବରେ (ଦଳଗତ) | | |

- ତୁମ ଦୁର୍ବଳତାଗୁଡ଼ିକୁ ତୁମେମାନେ କେମିତି ସଜାଡ଼ି ସଂଶୋଧନ କରିପାରିବ ତା'ର ଏକ ଯୋଜନା ପ୍ରସ୍ତୁତ କର ।
- ତୁମ ସୁବିଧାପାଇଁ ତୁମ ସାମର୍ଥ୍ୟକୁ ସୃଜନଶୀଳ ଭାବେ କିଭଳି ବ୍ୟବହାର କରିବ ?
- ଗୋଟିଏ ଦଳ ଭାବରେ ତୁମେ ଏଗୁଡ଼ିକୁ କିଭଳି ଭାବରେ ଉନ୍ନତ କରାଇପାରିବ ଆଲୋଚନା କର ।





https://withteachers.in/

## ମାନନିର୍ଦ୍ଧାରଣ

### ଅଧ୍ୟାୟ - ୩ : ରଚନା ଠାରୁ ମଞ୍ଚନ ପର୍ଯ୍ୟନ୍ତ

### ଦକ୍ଷତା

C ୧.୧ : ନାଟ୍ୟ କ୍ରିୟା ମାଧ୍ୟମରେ ସେମାନଙ୍କ ଦୈନନ୍ଦିନ ବ୍ୟକ୍ତିଗତ ଦକ୍ଷତା ଏବଂ ଜୀବନର ଅଭିଜ୍ଞତାଗୁଡ଼ିକୁ ଆତ୍ମବିଶ୍ୱାସର ସହିତ ଅଭିବ୍ୟକ୍ତ କରିବା ।

C ୩.୧ : ଯତ୍ନ ଓ ସାଧାରଣ ମଞ୍ଚ ଶୃଙ୍ଖଳା ପ୍ରଦର୍ଶନ କରିବା; ପାଇଥିବା ଜ୍ଞାନ ବା ସୂଚନା ଅନୁଯାୟୀ ନାଟକରେ ବିଭିନ୍ନ ଉପକରଣ, ହସ୍ତ ଯନ୍ତ୍ରପାତି ଓ କୌଶଳର ବ୍ୟବହାର କରିବା ।

C ୪.୧ : ବିଭିନ୍ନ ସ୍ଥାନୀୟ ଓ ଆଞ୍ଚଳିକ ନାଟକ ଶୈଳୀ ସହିତ ଆତ୍ମୀୟତା ପ୍ରଦର୍ଶନ କରିବା ।

| CG | C | ଶିକ୍ଷଣ ଫଳାଫଳ | ଶିକ୍ଷକ | ନିଜସ୍ୱ |
|---|---|---|---|---|
| ୧ | ୧.୧ | ଜୀବନର ଉପାଦେୟ ଅଭିଜ୍ଞତାଗୁଡ଼ିକୁ କାହାଣୀ ଓ ନାଟକ ଭିତରକୁ ଆଣିବା । | | |
| ୧ | ୧.୧ | ଅନ୍ୟମାନଙ୍କ ଅଭିଜ୍ଞତା ଏବଂ କାହାଣୀକୁ ଆଧାର କରି ନାଟକ ରଚନା କରିବା । | | |
| ୩ | ୩.୧ | ପ୍ରସ୍ତୁତି ପ୍ରକ୍ରିୟା ଚାଲିଥିବାବେଳେ ଅନ୍ୟମାନଙ୍କ କାର୍ଯ୍ୟକୁ ସମ୍ମାନ ଜଣାଇବା ଏବଂ ଦରକାରବେଳେ ଅନ୍ୟମାନଙ୍କୁ ସାହାଯ୍ୟ କରିବା । | | |
| ୩ | ୩.୧ | କିଛି ନଷ୍ଟ ହେବାକୁ ନ ଦେଇ, ମିଳୁଥିବା ସାମଗ୍ରୀକୁ ନେଇ କାମ କରିବା । | | |
| ୪ | ୪.୧ | ନୃତ୍ୟ, ସଙ୍ଗୀତ, କଣ୍ଢେଇ ନାଚ ଆଦି କଳା ରୂପଗୁଡ଼ିକୁ ଉପଯୁକ୍ତ ସ୍ଥାନରେ ସଂଯୋଜିତ କରି ନାଟକ ସୃଷ୍ଟି କରିବା । | | |
| | | ଶ୍ରେଣୀରେ ସାମଗ୍ରୀକ ଭାବେ ଅଂଶଗ୍ରହଣ କରିବା। | | |

**ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ମତାମତ ଏବଂ ଛାତ୍ରଛାତ୍ରୀମାନଙ୍କର ପର୍ଯ୍ୟବେକ୍ଷଣ**

https://withteachers.in/

# ୪ କରତାଳି ଓ ଉପଦେଶ



ନାଟ୍ୟ ପରିବେଷଣକାରୀ ଭାବରେ ଦର୍ଶକମାନଙ୍କୁ ଖୁସି କରିବାକୁ ତୁମେମାନେ ମଞ୍ଚ ଅନ୍ତରାଳରେ ଓ ମଞ୍ଚ ଉପରେ ସମସ୍ତ ପ୍ରଚେଷ୍ଟା କରୁଛ । ନାଟକ ପରିବେଷଣ କଲାବେଳେ ତୁମେମାନେ ମଧ୍ୟ ପ୍ରତିବଦଳରେ ଦର୍ଶକମାନଙ୍କ ନିକଟରୁ କିଛି ପାଇବାକୁ ଆଶା କରିଥାଅ । କରନି କି ? କେତେକ ସାଧାରଣ ବ୍ୟବହାର ଓ କଠିନ ପରିଶ୍ରମ ତୁମେମାନେ ଅଜାଡ଼ି ଦେଇଥାଅ ନାଟକ ପ୍ରଦର୍ଶନ ଶେଷରେ କିଛି କରତାଳି ଓ ସହଯୋଗ ପାଇବାକୁ ।

ପୂର୍ବ ଶ୍ରେଣୀମାନଙ୍କରେ ତୁମକୁ କୁହାଯାଇଛି ଯେ ନାଟକ ଦେଖିଲେ ତାହା ତୁମକୁ ଜଣେ ଉତ୍ତମ ଅଭିନେତା ହେବାରେ ସାହାଯ୍ୟ କରିଥାଏ । ଯେକୌଣସି ପରିବେଷଣାତ୍ମକ କଳାକୁ ଦେଖିଲାବେଳେ, ଜଣେ ଉତ୍ତମ ଦର୍ଶକର ଦାୟିତ୍ୱ ଓ କର୍ତ୍ତବ୍ୟକୁ ବୁଝିପାରିବା ତୁମପାଇଁ ଗୁରୁତ୍ୱପୂର୍ଣ୍ଣ ।

**ପରିବେଷଣାତ୍ମକ କଳାର ଜଣେ ଉତ୍ତମ ଦର୍ଶକ ହେବା :**

ତୁମେ ଯେତେବେଳେ ଦର୍ଶକମାନଙ୍କ ମଧ୍ୟରେ ବସ ସେତେବେଳେ ମଞ୍ଚ ଉପର ଅଭିନେତାମାନଙ୍କ ପରି ତୁମର ଭୂମିକା ମଧ୍ୟ ଗୁରୁତ୍ୱପୂର୍ଣ୍ଣ । ତୁମର କର୍ତ୍ତବ୍ୟ ହେଲା–

- ପରିବେଷଣକୁ ମନ ଧ୍ୟାନ ଦେଇ ସମ୍ମାନର ସହିତ ଦେଖିବା ଓ ଶୁଣିବା ।
- କଥାବାର୍ତ୍ତା ନ କରିବା, ଅସ୍ଥିର ଭାବେ ନ ବୁଲିବା କିମ୍ବା ମୋବାଇଲ୍ ଫୋନ୍ ବ୍ୟବହାର ନ କରିବା ଜରୁରୀ ।
- ତୁମର ସାମାନ୍ୟ ସାମାନ୍ୟ ଅନ୍ୟମନସ୍କତା ଅଭିନେତା ଓ ଅନ୍ୟ ଦର୍ଶକମାନଙ୍କୁ ବିଚଳିତ କରିପାରେ ।

**ତୁମେମାନେ ଶିକ୍ଷାଲାଭ କରିବ–**

- କଳାର ଜଣେ ଉତ୍ତମ ଦର୍ଶକ ହେବା ।
- ସମୀକ୍ଷା ରଚନା କରିବା ।

- ସହୃଦୟତା ସହକାରେ ପ୍ରତିକ୍ରିୟା ପ୍ରକାଶ କରି ଉପଯୁକ୍ତ ସମୟରେ କରତାଳି ସହିତ ପରିବେଷଣକାରୀମାନଙ୍କ ଉଦ୍ୟମକୁ ପ୍ରଶଂସା କରିବା ।

ଉପରୋକ୍ତ ତାଲିକାରେ ତୁମେ କୌଣସି ପରିବେଷଣାତ୍ମକ କଳାର ଦର୍ଶକ ହେବାବେଳେ କ'ଣ କରିବ (ତାଳି ମାରିବା, ପ୍ରଶଂସା କରିବା, ବଧେଇ ଜଣାଇବା, ସାହାଯ୍ୟ କରିବା) ଏବଂ କ'ଣ ନ କରିବ (ପରିବେଷଣକାରୀଙ୍କୁ ଅସମ୍ମାନ, ତୁମର କାର୍ଯ୍ୟକଳାପ ଦ୍ୱାରା କାହାକୁ ଅନ୍ୟମନସ୍କ କରିବା) ତାହାର ସରଳ ଆବଶ୍ୟକତାଗୁଡ଼ିକ ବର୍ଣ୍ଣିତ ହୋଇଛି । ଏହି ମନୋଭାବ ନାଟ୍ୟଶାସ୍ତ୍ରର ୨୭ତମ ଅଧ୍ୟାୟରେ ପ୍ରତିଫଳିତ ହୋଇଛି ଯେଉଁଥିରେ ପରିବେଷଣର ସଫଳତା ବିଷୟରେ କୁହାଯାଇଛି । ଦର୍ଶକମାନଙ୍କ ପ୍ରଶଂସା ପରିବେଷଣକାରୀଙ୍କ ନିକଟରେ କିଭଳି ପହଞ୍ଚିପାରିବ ସେହି କଥା ତୃତୀୟ ଶ୍ଳୋକରେ ବର୍ଣ୍ଣନା କରାଯାଇଛି–



https://withteachers.in/

> **ଦଶାଙ୍ଗା ମାନୁଷୀ ସିଦ୍ଧିର୍ଦୈବିକୀ ଦ୍ୱିବିଧା ସ୍ମୃତା ।**
> **ନାନାସତ୍ତ୍ୱାଶ୍ରୟକୃତା ଶରୀରୀ ବଡ୍‌ଙମୟୀ ତଥା ।। ୩ ।।**
>
> ***-ନାଟ୍ୟଶାସ୍ତ୍ର, ଅଧ୍ୟାୟ ୨୭***
>
> ଏହି ଦୁଇଟି ମଧ୍ୟରୁ ମଣିଷ (ସଫଳତା)ର ଦଶଟି ଗୁଣଅଛି ଏବଂ ଦୈବୀ (ସଫଳତା)ର ଦୁଇଟି ଗୁଣ ଅଛି; ଏହି ଗୁଣଗୁଡ଼ିକ ବିଭିନ୍ନ ସତ୍ତ୍ୱ ଆଧାରିତ ଏହା ସ୍ୱର (ବାଡ୍‌ଙମୟୀ) ଓ ଶରୀର (ଶରୀରୀ) ମାଧ୍ୟମରେ ପ୍ରକାଶିତ ହୋଇଥାଏ ।


**ଏହାର ଅର୍ଥ, ସଫଳତାର ଦୁଇଟି ମାଧ୍ୟମ:**

୧. ସ୍ୱର, ଶବ୍ଦ ମାଧ୍ୟମରେ - କଥାରେ, ଆନନ୍ଦ ସୂଚକ ଶବ୍ଦରେ ଏବଂ ଲେଖା ମାଧ୍ୟମରେ ।

୨. ଶରୀର, କ୍ରିୟା ମାଧ୍ୟମରେ - ତାଳି ମାରିବା, ପ୍ରଦର୍ଶନ ପରେ ସମ୍ମାନ ଜଣାଇବାକୁ ଛିଡ଼ା ହୋଇ ପଡ଼ିବା ଏବଂ ଉପହାର ପ୍ରଦାନ କରିବା ।

ଏହି ଅଧ୍ୟାୟରେ, ପ୍ରଥମଟିକୁ ଧ୍ୟାନ ଦେବା- ପରିବେଷଣ ବିଷୟରେ ଲେଖ ଏବଂ କଳାର ଜଣେ ଭଲ ଦର୍ଶକ ହୁଅ । ଅନ୍ୟମାନେ ପଢ଼ି, ପ୍ରଦର୍ଶନର ବିଭିନ୍ନ ଉପାଦାନ ଓ ମନୋଭାବକୁ ହୃଦୟଙ୍ଗମ କରିବା ନିମନ୍ତେ ପରିବେଷଣ ବିଷୟରେ ଯାହାସବୁ ରଚନା କରାଯାଏ ତାକୁ ସମୀକ୍ଷା କୁହାଯାଏ । ଏହା ଏପରି ଲେଖାହେବା ଉଚିତ ଯାହାଫଳରେ ପାଠକମାନେ ଏହାକୁ ପଢ଼ିଲାବେଳେ ପରିବେଷଣକୁ ଆଉ ଥରେ ଦେଖୁଛନ୍ତି ବୋଲି ଭାବିବେ । ତୁମେ ସମୀକ୍ଷା କର । ଚାଲ ଦେଖିବା ସମୀକ୍ଷାର ସଂଜ୍ଞା କ'ଣ, ଯାହାକି କେବଳ ପରିବେଷଣ ବିଷୟରେ ସୀମିତ ନୁହେଁ । ପୁସ୍ତକ, ଚିତ୍ର, ଉତ୍ପନ୍ନ ଦ୍ରବ୍ୟ, ପ୍ରକଳ୍ପ ଏବଂ ଏମିତିକି ଖେଳ, ଚଳଚ୍ଚିତ୍ର, ସଙ୍ଗୀତ, ନାଟକ ଏବଂ ନୃତ୍ୟ ନିମନ୍ତେ ମଧ୍ୟ ଏହା ଆବଶ୍ୟକ ହୁଏ ।

**ସମୀକ୍ଷା** ହେଉଛି ମନଧ୍ୟାନ ଦେଇ କୌଣସି ପରିବେଷଣ, ଉତ୍ପାଦିତ ଦ୍ରବ୍ୟ କିମ୍ବା ଅଭିଜ୍ଞତାକୁ ପର୍ଯ୍ୟବେକ୍ଷଣ କରି ତାହା ବିଷୟରେ ସୁଚିନ୍ତିତ ମତାମତ ଦେବା । ସମୀକ୍ଷାପାଇଁ ଏଥିରେ କ'ଣ ସବୁ ଭଲ ଉଦ୍ୟମ ହୋଇଛି, ଆଉ କ'ଣ କ'ଣ ଉନ୍ନତି କରାଯାଇପାରିଥାନ୍ତା ଏବଂ କିଭଳି ମନଲାଖି ଫଳ ମିଳିଛି ଏହି ସବୁ ଦିଗକୁ ଅତି ଅନ୍ତରଙ୍ଗ ଭାବେ ନିରୀକ୍ଷଣ କରିବା । କେବଳ ଦୋଷ ଖୋଜି ବାହାର କରିବା ଏକ ଉତ୍ତମ ସମୀକ୍ଷା ନୁହେଁ । ଏହା ହେଉଛି ଭଲଗୁଣଗୁଡ଼ିକୁ ପ୍ରଶଂସା କରିବା, ପୁଙ୍ଖାନୁପୁଙ୍ଖ ଭାବରେ ନିରୀକ୍ଷଣ କରବା ଓ ମତାମତ ପ୍ରଦାନ କରିବା । ଏହା ସମାଲୋଚନାତ୍ମକ ଭାବନାକୁ ଶାଣିତ କରେ ଏବଂ ସମସ୍ତଙ୍କ ଉନ୍ନତିପାଇଁ ସାହାଯ୍ୟ କରେ ।



**ନାଟକ ସମୀକ୍ଷା** ଏକ ବିଶେଷ ଦକ୍ଷତା, ଯେଉଁଠି ତୁମେ କେବଳ ନାଟକ ଦେଖି ନ ଥାଅ ବରଂ ତାହା ସହିତ ଅଭିନେତାମାନେ କେତେ ସୁନ୍ଦର ଅଭିନୟ କରୁଛନ୍ତି, କାହାଣୀ କେମିତି କୁହାଯାଉଛି, ସ୍ୱରର ବ୍ୟବହାର କେମିତି ହେଉଛି, ଗତି, ପୋଷାକ, ଆଲୋକୀକରଣ ଏବଂ ଏପରିକି ମଞ୍ଚସଜ୍ଜାକୁ ମଧ୍ୟ ଧ୍ୟାନ ଦେବାକୁ ପଡ଼େ । ଏହା ସମାଲୋଚନା କରିବା ନୁହେଁ । କେଉଁ କେଉଁ ଉପାଦାନ ପରିବେଷଣକୁ ଶକ୍ତିଶାଳୀ କରିପାରିଛି ସେଥିପାଇଁ ଆନନ୍ଦିତ ହେବା ଏବଂ ଏହା ଦର୍ଶକମାନଙ୍କୁ କିଭଳି ଆହୁରି ଅଧିକ ଆନନ୍ଦ ଦେଇପାରିବ ସେଥିପାଇଁ ପରାମର୍ଶ ଦେବା । ନାଟକ ସମୀକ୍ଷା ତୁମକୁ ଜଣେ ଯତ୍ନବାନ ପର୍ଯ୍ୟବେକ୍ଷକ, ସମ୍ବେଦନଶୀଳ ଶ୍ରୋତା ଏବଂ ସମ୍ମାନସ୍ପଦ ସଞ୍ଚାରକ (ଯୋଗାଯୋଗକାରୀ ବ୍ୟକ୍ତି) ଭାବେ ତାଲିମ ଦେଇଥାଏ ।

**ତିନିପ୍ରକାରର ସମୀକ୍ଷା :**

- **ଆତ୍ମସମୀକ୍ଷା :** ଯେତେବେଳେ ସ୍ରଷ୍ଟାମାନେ ନିଜେ ନିଜ କଳାକୁ ପରୀକ୍ଷା କରନ୍ତି ଏବଂ ଦର୍ଶକମାନଙ୍କ ସମ୍ମୁଖରେ ଉପସ୍ଥାପନ କରିବା ପୂର୍ବରୁ ଉନ୍ନତିର ମାର୍ଗ ଚିନ୍ତା କରିଥାନ୍ତି ।
- **ସାଙ୍ଗମାନଙ୍କ ସମୀକ୍ଷା :** ପ୍ରଦର୍ଶନ ପୂର୍ବରୁ ବା ପରେ ନାଟକ କ୍ଷେତ୍ରରେ କାମ କରୁଥିବା ସମସାମୟିକ ବନ୍ଧୁମାନଙ୍କ ପ୍ରସ୍ତାବ ।
- **ସମାଲୋଚନାତ୍ମକ ସମୀକ୍ଷା :** ପ୍ରଦର୍ଶନ ପରେ ଏହା ସମସ୍ତଙ୍କଠାରୁ ମିଳିଥାଏ । ଯେଉଁଥିରେ ପରିବେଷଣର ସମସ୍ତ ପର୍ଯ୍ୟାୟ (ଉପାଦାନ)କୁ ବିଶ୍ଲେଷଣ କରାଯାଇଥାଏ । ଏଥିସହିତ ଉନ୍ନତି ନିମନ୍ତେ ଆଉ କ'ଣ ସୁଯୋଗ ରହିଛି ଏବଂ ପରିବେଷଣର ଶକ୍ତି ଓ ଦୁର୍ବଳତାକୁ ମଧ୍ୟ ଆଲୋଚନା କରାଯାଏ ।

**ଆତ୍ମସମୀକ୍ଷା ଆରମ୍ଭ କରିବା !**

ସମୀକ୍ଷକ ଭାବରେ ତୁମେ କେବଳ ଦର୍ଶକମାନଙ୍କ ମେଳରେ ବସିପାରିବ ନାହିଁ ଏଥିପାଇଁ ପ୍ରସ୍ତୁତ ହେବା ତୁମର ଦାୟିତ୍ୱ ।

## କ୍ରିୟାକଳାପ ୪.୧ : ନାଟକ ଦେଖିବା



ନାଟକର ଛାତ୍ର ଭାବରେ, ତୁମେ କେବଳ ନାଟକ କର ନାହିଁ ବରଂ ଦେଖ ମଧ୍ୟ । ତୁମେ ଦେଖିକରି ଅଧିକ ଶିକ୍ଷାଲାଭ କରିଥାଅ । ଯେତେବେଳେ ସମ୍ଭବ ହେଉଛି ଯେକୌଣସି ଭାଷାର ଯେକୌଣସି ପ୍ରକାରର ନାଟକ ଦେଖ । ଶିକ୍ଷକଙ୍କୁ ଅନୁରୋଧ କରି ସ୍କୁଲ ତରଫରୁ ସମସ୍ତ ଛାତ୍ରଛାତ୍ରୀ ଏକାଠି ହୋଇ ନାଟକ ଦେଖିବାକୁ ଯାଅ । ମନୋରଞ୍ଜନପାଇଁ ତୁମେ ମଧ୍ୟ ତୁମ ପରିବାରର ସଦସ୍ୟ ଓ ସାଙ୍ଗମାନଙ୍କ ସହିତ ନାଟକ ଦେଖିବାକୁ ଯାଇପାର । କିନ୍ତୁ ମନେରଖ, ଯେଉଁ ନାଟକ ତୁମେ ଦେଖିବ ତାହାର ସମୀକ୍ଷା ଲେଖିବାକୁ ଭୁଲିଯିବନି । ଏହି ଅଧ୍ୟାୟରେ ଦିଆଯାଇଥିବା ସୋପାନଗୁଡ଼ିକ ତୁମକୁ ସାହାଯ୍ୟ କରିବ ।

**ତୁମେମାନେ ଜାଣ କି ?**



ପ୍ରତି ଅଧ୍ୟାୟ ଶେଷରେ ତୁମେମାନେ ଯେଉଁ ସର୍କଲ୍ ସମୟ କରିଆସୁଛ ଏହା ପ୍ରତ୍ୟେକ କ୍ରିୟାକଳାପ ନିମନ୍ତେ ଗୋଟିଏ ପ୍ରକାରର ସମୀକ୍ଷା ଅଭ୍ୟାସ ।



https://withteachers.in/

**୧. ନାଟ୍ୟ ଗବେଷଣା**

- ନାଟକର ନାମ, ନାଟ୍ୟକାରଙ୍କ ନାମ ଏବଂ ମୂଳ ବିଷୟବସ୍ତୁ(ଅକ୍ଷୁର୍ଣ୍ଣ ରଖି)କୁ ଜାଣିବା ।
- ଯଦି ଏହା ପ୍ରସିଦ୍ଧ ବା ଐତିହାସିକ ନାଟକ ହୋଇଥାଏ ତାହାର ସମୟ ଓ ଦୃଶ୍ୟପଟକୁ ବୁଝିବା ।

**୨. ଶୈଳୀକୁ ଜାଣିବା**

- ଏହା ହାସ୍ୟରସାତ୍ମକ, କରୁଣ, ସାଙ୍ଗୀତିକ, ଐତିହାସିକ ନା ଆଧୁନିକ ନାଟକ ? ଏହା ଜାଣିପାରିଲେ, ଏହା ଉପଯୁକ୍ତ ମାନସିକତା ସହକାରେ ନାଟକ ଦେଖିବାପାଇଁ ସାହାଯ୍ୟ କରେ ।

**୩. ଯେଉଁ ନାଟ୍ୟଦଳ ପରିବେଷଣ କରୁଛନ୍ତି ସେମାନଙ୍କ ବିଷୟରେ ଜାଣ**

- ପରିବେଷଣ କରୁଥିବା ଦଳ ବିଷୟରେ ଜାଣିବା ଦରକାର । ସେମାନେ ପେଶାଦାର, ଶିକ୍ଷାର୍ଥୀ କିମ୍ବା ଗ୍ରାମ ବା ସହରର ଦଳ ଏହା ଜାଣିଲେ ସେମାନଙ୍କ ଦୃଷ୍ଟିଭଙ୍ଗୀ ବୁଝିହେବ ।

**୪. ପାଖରେ ଟିପାଖାତା ରଖ**

- ନାଟକ ମଞ୍ଚସ୍ଥ ହେବା ସମୟରେ ବା ଶେଷ ହେବାପରେ କୌଣସି ଗୁରୁତ୍ୱପୂର୍ଣ୍ଣ ଭାବନାକୁ ସଙ୍ଗେସଙ୍ଗେ ଲେଖି ରଖିବାକୁ ପାଖରେ ଗୋଟିଏ ଛୋଟ ଟିପାଖାତା ରଖ ।



**୫. ତୁମ ମାନସିକତା**

- ଖୋଲା ମନରେ ନାଟକ ଦେଖିବାକୁ ଯାଅ । ଆନନ୍ଦର ସହିତ ନାଟକ ପର୍ଯ୍ୟବେକ୍ଷଣ କର ।
- ଜଣେ ସମୀକ୍ଷକ ସଚ୍ଚୋଟ ହେବା ନିହାତି ଆବଶ୍ୟକ ତାହା ସହିତ ନିରପେକ୍ଷ ଓ ସମ୍ମାନସ୍ପଦ ହେବା ମଧ୍ୟ ଦରକାର । କୌଣସି ଦଳ ବା ଅଭିନେତାଙ୍କ ପ୍ରତି ପକ୍ଷପାତିତା ରହିଲେ ତାହା ସମୀକ୍ଷା ରଚନା କରାଇ ଦେବନାହିଁ ।

**୬. ଯାହାଯାହା ପର୍ଯ୍ୟବେକ୍ଷଣ କରିବାକୁ ଚାହଁ ଆଉ ଥରେ ମନେ ପକାଇ ନିଅ**


- **ଅଭିନୟ–** ଏହା ବିଶ୍ୱାସଯୋଗ୍ୟ ଓ ରସମୟ ହୋଇଥିଲା କି ?
- **ମଞ୍ଚସଜ୍ଜା–** ଏହା କାହାଣୀକୁ ସହଯୋଗ କରୁଥିଲା କି ?
- **ପୋଷାକ –** ସମୟ ଓ ଚରିତ୍ର ସହିତ ଖାପ ଖାଉଥିଲା କି ?
- **ଆଲୋକ ଓ ଶବ୍ଦ –** ନାଟକର ଭାବ ବୃଦ୍ଧି କରୁଥିଲା ନା ନାହିଁ ?
- **କାହାଣୀ –** ଏହା ସ୍ପଷ୍ଟ, ଆକର୍ଷଣୀୟ ନା ବୁଝି ନ ହେବା ଭଳି ?
- **ପ୍ରବାହ –** ଗୋଟିଏ ଦୃଶ୍ୟରୁ ଆଉ ଗୋଟିଏ ଦୃଶ୍ୟକୁ କାହାଣୀ ସାବଲୀଳ ଭାବରେ ପ୍ରବାହିତ ହେଉଥିଲା କି ନାହିଁ ? ଦୃଶ୍ୟରେ ଚରିତ୍ରମାନଙ୍କ ପ୍ରବେଶ, ପ୍ରସ୍ଥାନ ସୁଚାରୁରୂପେ ହେଉଥିଲା କି ନାହିଁ ?
- କେଉଁ ଦୋଷ ତ୍ରୁଟିଗୁଡ଼ିକ ସ୍ପଷ୍ଟ ଦେଖାଯାଉଥିଲା ? ସେଗୁଡ଼ିକୁ କିଭଳି ଭାବରେ ପରିଚାଳନା କରାଯାଉଥିଲା ?

**୭. କୌଣସି ଆଶା ରଖନାହିଁ**

- ପ୍ରତିଟି ପ୍ରଯୋଜନା ଅଲଗାଅଲଗା ହୋଇଥାଏ । ଆଗରୁ ଦେଖିଥିବା ଚଳଚ୍ଚିତ୍ର କିମ୍ବା ଏହି ନାଟକକୁ ପୂର୍ବରୁ ଆଉ କେହି ମଞ୍ଚସ୍ଥ କରିବା ଯଦି ଦେଖିଥାଅ, ତେବେ ଆଶା କରନାହିଁ ଯେ ଏହା ଅବିକଳ ସେହିପରି ହେବ ବୋଲି ।

https://withteachers.in/

## ସମୀକ୍ଷା ରଚନା



ତୁମେ ନାଟକ ଦେଖିସାରିଛ, ମୁଖ୍ୟ ବିନ୍ଦୁଗୁଡ଼ିକ ଛୋଟ ଟିପାଖାତାରେ ଲେଖି ରଖିଛ ଏବଂ ମନରେ ଆହୁରି ଅନେକ ବିନ୍ଦୁ ସାଇତି ରଖି ଅଭିବ୍ୟକ୍ତ କରିବାକୁ ଅପେକ୍ଷା କରିଛ । କିନ୍ତୁ ଲେଖିବା ଆଗରୁ କେତେକ ବିନ୍ଦୁକୁ ମନେରଖ ।

- **ସଂକୀର୍ଣ୍ଣମନା ବା ବ୍ୟକ୍ତିଗତ ହୁଅ ନାହିଁ-** ପରିବେଷଣର ସମାଲୋଚନା କର କୌଣସି ବ୍ୟକ୍ତିର ନୁହେଁ । କୌଣସି ଅଭିନେତା, ନିର୍ଦ୍ଦେଶକ ବା ଦଳକୁ ଅପମାନିତ କରନାହିଁ ।
- **କ୍ଷୁର୍ଣ୍ଣ କରନାହିଁ-** ଯଦି କାହାଣୀଟି ବିସ୍ମୟ ଭାବ ଉପରେ ଆଧାର କରିଥାଏ ଅନ୍ୟମାନଙ୍କ ପାଇଁ ଏହାକୁ ନଷ୍ଟ କରନାହିଁ ।
- **'ଏହା ମନ୍ଦ ନ ଥିଲା'**- ଏହପରି ଭାବ ପ୍ରକାଶ କରୁଥିବା ବାକ୍ୟ ବ୍ୟବହାର ଠାରୁ ଦୂରେଇ ରୁହ । ତୁମକୁ କାହିଁକି ଭଲ ଲାଗିଲା ଏବଂ ଏଥିରେ ଆଉ କ'ଣ କ'ଣ ଉନ୍ନତି କରିହେବ ବୁଝାଇ ଲେଖ । ତୁମର ମତାମତକୁ ସଠିକ୍ ବୋଲି ପ୍ରମାଣ କର ।
- **ସକାରାତ୍ମକ ଓ ନକାରାତ୍ମକ ଦିଗଗୁଡ଼ିକ ଭିତରେ ସନ୍ତୁଳନ ରକ୍ଷା-** ଯଦି ତୁମକୁ ନାଟକ ଭଲ ଲାଗିନାହିଁ ତଥାପି କେତେକ ସକାରାତ୍ମକ ବିନ୍ଦୁ ଖୋଜି ତାହାର ଉଲ୍ଲେଖ କର । ସମୀକ୍ଷାର ମୂଳ ଉଦ୍ଦେଶ୍ୟ ହେଉଛି ଗୋଟିଏ ଦଳ କିମ୍ବା ବ୍ୟକ୍ତିଙ୍କର ଉନ୍ନତି ସାଧନ।
- **ଅତି ବଡ଼ କିମ୍ବା ଛୋଟ ନୁହଁ -** ସନ୍ତୁଳନ ରକ୍ଷା କର- ବିସ୍ତୃତ ବା ପୁଙ୍ଖାନୁପୁଙ୍ଖଭାବେ ରଚନା କର କିନ୍ତୁ ତାହା ମଧ୍ୟ ପଢ଼ିବାକୁ ସହଜ ହେବା ଆବଶ୍ୟକ । ସମୀକ୍ଷା ରଚନା ଆରମ୍ଭ କରୁଥିବା ଲେଖକମାନଙ୍କ ନିମନ୍ତେ ୩୦୦ ଶବ୍ଦ ମଧ୍ୟରେ ରଚନା କରିବା ଉତ୍ତମ ।

ବର୍ତ୍ତମାନ, ସମୀକ୍ଷା କେମିତି ଲେଖିବ ?

ଏହିସବୁ ବିନ୍ଦୁକୁ ମନରେ ରଖି ତୁମେ ସମୀକ୍ଷା ଲେଖିବା ଆରମ୍ଭ କର । ତୁମେ ଏହାକୁ ସୃଜନଶୀଳ ଭାବରେ ଉପସ୍ଥାପନ କରିପାରିଲେ ଏହା ତୁମର ଅନନ୍ୟ ଶୈଳୀକୁ ପ୍ରତିପାଦିତ କରିବ । ଗୋଟିଏ ଗଠନ ରୀତିକୁ ଆଧାର କରି ରଚନା କର । ଏହା ସବୁ ଉପାଦାନଗୁଡ଼ିକୁ ଉପଯୁକ୍ତ କ୍ରମ ଅନୁସାରେ ଉପସ୍ଥାପନ କରିବାରେ ସାହାଯ୍ୟ କରିବ ଏବଂ ପାଠକମାନେ ଏହାକୁ ସହଜରେ ପଢ଼ିପାରିବେ ।

### ସର୍କଲ୍ ସମୟ

୧. ସମୀକ୍ଷା ରଚନା ପ୍ରକ୍ରିୟାକୁ ବୁଝିସାରିବା ପରେ ସେଥିରୁ ତୁମେ ଜଣେ ପରିବେଷଣକାରୀ ହେବାପାଇଁ କ'ଣ ଶିକ୍ଷାଲାଭ କରିଲ ?

୨. ନିଜର କାର୍ଯ୍ୟ ନା ଅନ୍ୟମାନଙ୍କ କାର୍ଯ୍ୟକୁ ସମୀକ୍ଷା କରିବା ସହଜ ?

୩. ତୁମେ ଯେପରି ଅନ୍ୟମାନଙ୍କ ପରିବେଷଣକୁ ସମୀକ୍ଷା କର, ଅନ୍ୟମାନେ ତୁମ କଳାକୃତିକୁ ସେପରି ସମୀକ୍ଷା କରିଲେ ତୁମେ କ'ଣ ତାହାକୁ ନିରପେକ୍ଷ ଭାବରେ ଗ୍ରହଣ କରି ପାରିବ କି ?





https://withteachers.in/

## କ୍ରିୟାକଳାପ ୪.୨ : ଦେଖ ଓ ସମୀକ୍ଷା କର





ଚିତ୍ରଗୁଡ଼ିକୁ ଦେଖି ତୁମର ବିଚାରଶକ୍ତି ଅନୁସାରେ ଏକ କ୍ଷୁଦ୍ର ସମୀକ୍ଷା ରଚନା କର ।

୧. ନାଟକଟି କେଉଁ ଶୈଳୀର ?

୨. କେଉଁ ଦୃଶ୍ୟ ଅଭିନୀତ ହେଉଛି ? ସମସ୍ତ ଅଭିନେତା ଏବଂ ସେମାନଙ୍କ ଅଭିନୟକୁ ପର୍ଯ୍ୟବେକ୍ଷଣ କର । ତୁମେମାନେ ଭାବିଚିନ୍ତି ସୃଜନାତ୍ମକ ଭାବେ କେତେକ ସମ୍ଭାବ୍ୟ ସଂଳାପ ରଚନା କର ।

୩. ଆଲୋକୀକରଣ, ପୋଷାକ, ରୂପସଜ୍ଜା ଓ ଉପକରଣ ଆଦି ବିଷୟରେ ତୁମ ମତାମତ କ'ଣ ?

https://withteachers.in/

# ମାନନିର୍ଦ୍ଧାରଣ

| ଅଧ୍ୟାୟ -୪ : କରତାଳି ଓ ଉପଦେଶ | | | | |
|---|---|---|---|---|
| ଦକ୍ଷତା | | | | |
| C | ୩.୨. | ପରିବେଷଣର ଯୋଜନା ଠାରୁ ଉପସ୍ଥାପନା ପର୍ଯ୍ୟନ୍ତ ଚିନ୍ତାଧାରା ଓ କୌଶଳଗୁଡ଼ିକୁ ପରିମାର୍ଜିତ କରି ବାହାରର ଦର୍ଶକଙ୍କ ନିମନ୍ତେ ନାଟକ ପ୍ରସ୍ତୁତ କରିବା ଏବଂ ସମ୍ପୂର୍ଣ୍ଣ ପ୍ରକ୍ରିୟାକୁ ସମୀକ୍ଷା କରିବା । | | |
| C | ୪.୨. | ନିଜ ଅଞ୍ଚଳ ଏବଂ ଭାରତର କେତେଜଣ ପ୍ରସିଦ୍ଧ ନାଟ୍ୟ କଳାକାର ଓ ପରିବେଷଣକାରୀଙ୍କ ଜୀବନ ଓ କର୍ମ ବିଷୟରେ ବର୍ଣ୍ଣନା କରିବା । | | |
| **C.G** | **C** | **ଶିକ୍ଷଣ ଫଳାଫଳ** | **ଶିକ୍ଷକ** | **ନିଜସ୍ୱ** |
| ୩ | ୩.୧ | ସମୀକ୍ଷା ପ୍ରକ୍ରିୟା ଭିତରେ ନାଟକ ମଞ୍ଚସ୍ଥ ହେବାର ବିଭିନ୍ନ ସ୍ତରଗୁଡ଼ିକୁ ବୁଝିବା । | | |
| ୩ | ୩.୨ | ସୂଚିତ ସୋପାନ ଅନୁଯାୟୀ ନିଜ ସମୀକ୍ଷା ରଚନାକୁ ମାର୍ଜିତ କରିବା ନିମନ୍ତେ ଚେଷ୍ଟା କରିବା । | | |
| ୪ | ୪.୨ | ଜଣେ ସମାଲୋଚକର ଭୂମିକାକୁ ବୁଝିବା ନିମନ୍ତେ ବୃତ୍ତିଗତ ସମୀକ୍ଷା ପାଠ କରିବା । | | |
| ୪. | ୪.୨ | ଓଡ଼ିଆ ଏବଂ ଇଂରାଜୀରେ ଲେଖୁଥିବା କେତେକ ନାଟ୍ୟ ସମାଲୋଚକଙ୍କ ଜୀବନୀ ଓ କାର୍ଯ୍ୟ ବିଷୟରେ ବର୍ଣ୍ଣନା କରିବା । | | |
| | | ଶ୍ରେଣୀରେ ସାମଗ୍ରୀକ ଭାବେ ଅଂଶଗ୍ରହଣ କରିବା । | | |

**ଶିକ୍ଷକ ଶିକ୍ଷୟିତ୍ରୀଙ୍କ ମତାମତ ଓ ଶିକ୍ଷାର୍ଥୀଙ୍କ ପର୍ଯ୍ୟବେକ୍ଷଣ**

--------------------------------------------------------------------------------

--------------------------------------------------------------------------------

--------------------------------------------------------------------------------



https://withteachers.in/

# ସମାପ୍ତି ସୂଚକ ମାନନିର୍ଦ୍ଧାରଣ

| | ମାନନିର୍ଦ୍ଧାରଣ ନିମନ୍ତେ କ୍ରିୟାକଳାପ | ମାନନିର୍ଦ୍ଧାରଣର ମାନଦଣ୍ଡ |
|---|---|---|
| ବ୍ୟକ୍ତିଗତ | • ତୁମେ ଦେଖିଥିବା ଏକ ନାଟକ ବିଷୟରେ ଏକ ସରଳ ସମୀକ୍ଷା ରଚନା କର ।<br>• ଶବ୍ଦର ମାତ୍ରା, ଶବ୍ଦର ତୀବ୍ରତା, କହିବା ଶୈଳୀ ଏବଂ ସ୍ୱର ସଞ୍ଚାରଣ ଆଦି ସ୍ୱର କୌଶଳ ବ୍ୟବହାର କରି ଏହାକୁ ବଡ଼ ପାଟିରେ ପଢ଼ ।<br>• ଯେତେସମ୍ଭବ ସୃଜନଶୀଳ ଓ ନାଟକୀୟଭାବେ ପାଠକର । | • ବିଭିନ୍ନ କୌଶଳ ଓ ଦକ୍ଷତାକୁ ସଙ୍ଗଠିତ କରିବା ନିମନ୍ତେ ଆତ୍ମବିଶ୍ୱାସ ।<br>• ଭାବନାରେ ସୃଜନଶୀଳତା ଓ ସ୍ୱଷ୍ଟତା । |
| ଦଳଗତ | • ସାମାଜିକ ବିଜ୍ଞାନ ଓ ସାହିତ୍ୟ ବହିରୁ ଏକ କାହାଣୀ ନିଅ ।<br>• ଏଥିରେ ଚରିତ୍ର ସୃଷ୍ଟି କରି, ବିଭିନ୍ନ ଦୃଶ୍ୟରେ ଏହାକୁ ଭାଗଭାଗ କରି ଏକ ନାଟକ ରଚନା କର । ଯେଉଁଠି ଆବଶ୍ୟକ ହେବ ସେଠାରେ ସଙ୍ଗୀତ ଓ ନୃତ୍ୟ ସଂଯୋଗ କର ।<br>• ଗୋଟିଏ ତିନି ମିନିଟ୍‌ର ନାଟକ ପ୍ରଦର୍ଶନ କର ।<br>• ମାଧ୍ୟମିକ ସ୍ତରର ଶିକ୍ଷା ସମାପ୍ତି ନିମନ୍ତେ ଏହି ପୁସ୍ତକରେ ସୂଚିତ ହୋଇଥିବା ୩୦ ମିନିଟ୍‌ର ନାଟକ ପରିବେଷଣକୁ ମଧ୍ୟ ମାନନିର୍ଦ୍ଧାରଣ ନିମନ୍ତେ ବ୍ୟବହାର କରାଯାଇପାରେ ।<br>• ବର୍ଷବର୍ଷ ଧରି ଶିକ୍ଷାଲାଭ କରିଥିବା ଜୀବନ କୌଶଳ ଓ ନାଟ୍ୟ କୌଶଳ ଆଦି ସମସ୍ତ ପ୍ରକ୍ରିୟା ଏହା ମଧ୍ୟରେ ଅନ୍ତର୍ଭୁକ୍ତ । | • ଦଳ ମଧ୍ୟରେ ନିଷ୍ପତ୍ତି ନେବା ।<br>• ଦଳର ସମସ୍ତ ସଦସ୍ୟଙ୍କ ଏକାଧିକ ଚିନ୍ତାଧାରାକୁ ସମ୍ମାନର ସହିତ ଅନ୍ତର୍ଭୁକ୍ତ କରିବା ।<br>• ସୃଜନଶୀଳତା, ସହଭାଗିତା ଓ ସହଯୋଗିତା । |

https://withteachers.in/





# ସଙ୍ଗୀତ

ଯୋଽସୌ ଧ୍ୱନିବିଶେଷସ୍ତୁ ସ୍ୱରବର୍ଣ୍ଣ ବିଭୂଷିତଃ ।

ରଂଜକୋ ଜନଚିତ୍ତାନାଂ ସଃ ରାଗଃ କଥତୋ ବୁଧୈଃ ।।

*- ବୃହଦ୍ଦେଶୀ, ତୃତୀୟ ଅଧ୍ୟାୟ, ଶ୍ଲୋକ ୨୬୪*

ସ୍ୱର ଓ ବର୍ଣ୍ଣଦ୍ୱାରା ବିଭୂଷିତ ହୋଇଥିବା ଧ୍ୱନି ବିଶେଷ, ଯାହା ଲୋକମାନଙ୍କର ଚିତ୍ତକୁ ରଞ୍ଜିତ କରିପାରେ ତାକୁ ରାଗ କୁହାଯାଏ । ଅନ୍ୟ ଭାବରେ କୁହାଯାଇପାରେ ଯେ "ରଞ୍ଜୀୟତି ଇତି" ରାଗ ବା ଯାହା ଚିତ୍ତ ରଞ୍ଜନ କରିପାରେ ତାହାକୁ ରାଗ କୁହାଯାଏ । ଏହା ସ୍ୱର-ବର୍ଣ୍ଣ ବିଭୂଷିତ ହେବା ସଙ୍ଗେସଙ୍ଗେ ବିଭିନ୍ନ ଲକ୍ଷଣଯୁକ୍ତ ହେବା ନିତାନ୍ତ ଆବଶ୍ୟକ । ଏହି ସୌନ୍ଦର୍ଯ୍ୟପୂର୍ଣ୍ଣ ସଂରଚନାକୁ ଜ୍ଞାନୀମାନେ ରାଗ ନାମରେ ଅଭିହିତ କରିଛନ୍ତି ।

*-ମତଙ୍ଗକୃତ ବୃହଦ୍ଦଶୀ, ତୃତୀୟ ଅଧ୍ୟାୟ, ଶ୍ଲୋକ ସଂଖ୍ୟା ୨୬୪*

https://withteachers.in/

# ଶିକ୍ଷକମାନଙ୍କ ପାଇଁ ଟିପ୍ପଣୀ

ସଙ୍ଗୀତ ଆମ ଜୀବନର ଏକ ଅବିଚ୍ଛେଦ୍ୟ ଅଙ୍ଗ । ପ୍ରତିଦିନ ଆମେ ପ୍ରତ୍ୟେକ କାର୍ଯ୍ୟକଳାପରେ ଏହାକୁ ଅନୁଭବ କରିଥାନ୍ତି । ପ୍ରିୟ ଛାତ୍ରଛାତ୍ରୀମାନେ ମଧ୍ୟ ଏହା ନିଶ୍ଚିତ ଭାବରେ ଅନୁଭବ କରିଥିବେ । ସେହିପରି ଆମ ଦେଶରେ ପ୍ରଚଳିତ ସଙ୍ଗୀତ ପରମ୍ପରା ଓ ତାହାର ମହନୀୟତା ସେମାନଙ୍କୁ ସମୃଦ୍ଧ କିରବା ସହିତ ବିଭିନ୍ନ କାର୍ଯ୍ୟକଳାପ କ୍ଷେତ୍ରରେ ସେମାନେ ବହୁ ପାରଦର୍ଶିତା ଅର୍ଜନ କରିଥିବେ ନିଶ୍ଚୟ । ଗୁରୁତ୍ୱପୂର୍ଣ୍ଣ ମୁହୂର୍ତ୍ତଗୁଡ଼ିକରେ ଲୋକମାନେ ସ୍ୱାଭାବିକ ଭାବରେ ନିଜକୁ ପ୍ରକାଶ କରିବା କ୍ଷେତ୍ରରେ କିପରି ସଙ୍ଗୀତ ଆଡ଼କୁ ଆକର୍ଷିତ ହୋଇଥାନ୍ତି, ଏହିସବୁ ଦିଗ ପ୍ରତି ଦୃଷ୍ଟିଦେଇ ଆପଣ ଛାତ୍ରଛାତ୍ରୀମାନଙ୍କୁ ଆହୁରି ଅଧିକରୁ ଅଧିକ ଅନୁସନ୍ଧାନ କରିବା କ୍ଷେତ୍ରରେ ଉତ୍ସାହିତ କରିବେ। ବର୍ତ୍ତମାନ ସମୟରେ ଏହାର ପ୍ରାସଙ୍ଗିକତାକୁ ଦୃଷ୍ଟିରେ ରଖି କାର୍ଯ୍ୟ କରିବେ।

ଯେତେବେଳେ ଛାତ୍ରଛାତ୍ରୀମାନେ କୌଣସି ସଙ୍ଗୀତ ସଂରଚନା ଶୁଣନ୍ତି କିମ୍ବା ସଙ୍ଗୀତ ଅଧ୍ୟୟନ କରନ୍ତି, ସେମାନଙ୍କୁ ଏହାର ବିଭିନ୍ନ ଦିଗ ବିଷୟରେ ଅନୁସନ୍ଧାନ କରିବାକୁ ଦିଅନ୍ତୁ । ଯେପରିକି, ବିଷୟବସ୍ତୁ, ଲେଖକ, ଶବ୍ଦର ସୌନ୍ଦର୍ଯ୍ୟ, ବିଭିନ୍ନ ସ୍ୱର ଏବଂ ସଙ୍ଗୀତକୁ ସଙ୍ଗଠିତ କରୁଥିବା ତାଳର ଅନନ୍ୟ ଶୈଳୀ ବା ଢାଞ୍ଚା ଇତ୍ୟାଦି । ବିଶେଷକରି ଗାୟକମାନଙ୍କ ଦ୍ୱାରା ପରିବେଷଣ କରାଯାଉଥିବା ବିଭିନ୍ନ ସ୍ୱର ସମ୍ବନ୍ଧରେ ଜ୍ଞାନ ପ୍ରଦାନ କରିବା ସହିତ ଏଥିରୁ ଅନେକ କିଛି ଶିଖିବା ଓ ଆବିଷ୍କାର କରିବା ପାଇଁ ସେମାନଙ୍କୁ ପ୍ରେରିତ କରିବା ଆବଶ୍ୟକ । ଆପଣଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ପ୍ରେରଣାଦାୟକ ସ୍ୱର, ଲୟ, ତାଳ ଓ ବିଭିନ୍ନ ଶବ୍ଦର ସ୍ପନ୍ଦନଶୀଳ ଉଚ୍ଚାରଣ ଦ୍ୱାରା ସେମାନେ କିପରି ଏକ ମନୋରମ ଦୁନିଆକୁ ଉନ୍ମୋଚିତ କରିବେ ଓ ସେହି ମହକରେ ଚତୁର୍ପାର୍ଶ୍ୱକୁ ମୋହିତ କରିବେ, ସେଥିପ୍ରତି ଆପଣମାନଙ୍କର ଯଥାସାଧ୍ୟ ଉଦ୍ୟମ ନିତାନ୍ତ ଆବଶ୍ୟକ ।

ଏଠାରେ ପ୍ରଦାନ କରାଯାଇଥିବା ପାଠ ସହିତ ତାହାର ମାନନିର୍ଦ୍ଧାରଣ ପ୍ରକ୍ରିୟାଗୁଡ଼ିକ ବୈଜ୍ଞାନିକ, ଯୁକ୍ତିଯୁକ୍ତ ଏବଂ ପଦ୍ଧତିଗତ ହେବା ଉଚିତ । ତେଣୁ ପ୍ରତ୍ୟେକ ଅଧ୍ୟାୟର ଶେଷରେ ଦିଆଯାଇଥିବା ଗଠନମୂଳକ ମାନନିର୍ଦ୍ଧାରଣ ପାଇଁ ନିର୍ଦ୍ଦେଶାବଳୀଗୁଡ଼ିକୁ ଅନୁକରଣ କରନ୍ତୁ । ଏହାର କାର୍ଯ୍ୟାନୁଷ୍ଠାନ ଅତ୍ୟନ୍ତ ସୁଖଦ ଓ ନିବିଡ଼ତାର ସହିତ କରାଯିବା ଆବଶ୍ୟକ । ମୁଖ୍ୟତଃ ଶ୍ରେଣୀଗୃହରେ ଓ ପର୍ଯ୍ୟବେକ୍ଷଣ ମାଧ୍ୟମରେ ଏହି କ୍ରିୟାକଳାପ ସଂଗଠିତ ହେବା ଜରୁରୀ । ଏହି ପୁସ୍ତକର ସଙ୍ଗୀତ ବିଭାଗର ଶେଷରେ ସଂକ୍ଷିପ୍ତ ମାନନିର୍ଦ୍ଧାରଣ ସମ୍ବନ୍ଧୀୟ ପରାମର୍ଶ ଓ ସୂଚନା ପ୍ରଦାନ କରାଯାଇଅଛି । ବିଶେଷକରି ଛାତ୍ରଛାତ୍ରୀମାନେ କିପରି ପାରଦର୍ଶିତାର ସହିତ ନିଜର ଦକ୍ଷତା ପ୍ରତିପାଦନ କରିବେ ଓ ଏ କ୍ଷେତ୍ରରେ ସେମାନଙ୍କୁ ଅଧିକରୁ ଅଧିକ ସହଯୋଗ ଓ ସମର୍ଥନର ଆବଶ୍ୟକତା ସମ୍ବନ୍ଧରେ ମଧ୍ୟ ଜାଣିବାର ବହୁ ଆବଶ୍ୟକତା ରହିଛି । ସେମାନଙ୍କଠାରେ ଏହି ଦିବ୍ୟଗୁଣର ବିକାଶ ସାଧନ କ୍ଷେତ୍ରରେ ଓ ନିୟମିତ ଭାବରେ ଗୁଣାତ୍ମକ ମତାମତ ଦେବା ନିତାନ୍ତ ଆବଶ୍ୟକ । ଏହି ପର୍ଯ୍ୟାୟ ପାଇଁ ଉଦ୍ଦିଷ୍ଟ ଦକ୍ଷତା ସମ୍ବନ୍ଧୀୟ ସାରଣୀ ନିମ୍ନୋକ୍ତେ ପ୍ରଦାନ କରାଗଲା ।



https://withteachers.in/

| | |
|---|---|
| **ଶୈକ୍ଷିକ ଲକ୍ଷ୍ୟ – ୧ :**<br>ବିଭିନ୍ନ କଳାବର୍ଗର ଅନୁସନ୍ଧାନ ଓ ତାହାର ପ୍ରକାଶ କରିବା କ୍ଷେତ୍ରରେ ନିଜର ମନକୁ ଖୋଲାଖୋଲି ଭାବରେ ବିକଶିତ କରିବା । | ଦକ୍ଷତା ୧.୧ : ବିଭିନ୍ନ ସଙ୍ଗୀତ କାର୍ଯ୍ୟକଳାପ ମାଧ୍ୟମରେ ସେମାନଙ୍କର ବ୍ୟକ୍ତିଗତ ଏବଂ ଦୈନନ୍ଦିନ ଜୀବନର ଅଭିଜ୍ଞତାକୁ ଆତ୍ମବିଶ୍ୱାସର ସହିତ ପ୍ରକାଶିତ କରେ ।<br>ଦକ୍ଷତା ୧.୨ : ମିଳିତ ଭାବରେ ସଙ୍ଗୀତର ଅଭ୍ୟାସ ଓ ତାହାର ବିକାଶ ପ୍ରକ୍ରିୟାରେ ନମନୀୟତା ପ୍ରଦର୍ଶନ କରେ । |
| **ଶୈକ୍ଷିକ ଲକ୍ଷ୍ୟ – ୨ :**<br>କଳା ମାଧ୍ୟମରେ ବିକଳ୍ପ ଚିନ୍ତାଧାରାର ଅନୁସନ୍ଧାନ କରିବା ସହିତ ସେମାନଙ୍କର କଳ୍ପନା ଏବଂ ସୃଜନଶୀଳତାକୁ ପ୍ରୟୋଗ କରିବା । | ଦକ୍ଷତା ୨.୧ : ଏପରି ଗୀତ ସଙ୍ଗୀତର ସଂରଚନା ସୃଷ୍ଟି କରିବା ଏବଂ ପରିବେଷଣ କରିବା ଯାହା ସେମାନଙ୍କ ପରିବେଶରେ ଦେଖାଯାଉଥିବା ପ୍ରଚଳିତ ଧାରଣାକୁ ଏକ ଆହ୍ୱାନ ସଦୃଶ ଗ୍ରହଣ କରାଯାଇପାରିବ । (ଯେପରିକି, ଲିଙ୍ଗଗତ ଭୂମିକା)<br>ଦକ୍ଷତା ୨.୨ : ସଙ୍ଗୀତରେ ପରିବେଷଣ କରାଯାଉଥିବା ବିଭିନ୍ନ ଉପାଦାନ ଯଥା : ଗୀତିକବିତା, ରାଗ, ତାଳ, ମାତ୍ରା, ଲୟ ଏବଂ ତାହାର ଢାଞ୍ଚା ବା ଶୈଳୀ ସହିତ ବ୍ୟକ୍ତିଗତ ଅଭିଜ୍ଞତା, ଭାବନା ଏବଂ କଳ୍ପନା ସହିତ ସଂଯୋଗ କରେ । |
| **ଶୈକ୍ଷିକ ଲକ୍ଷ୍ୟ – ୩ :**<br>କଳାତ୍ମକ ଉପାଦାନର ପ୍ରକ୍ରିୟା ଏବଂ କୌଶଳକୁ ବୁଝିବା ଏବଂ ପ୍ରୟୋଗ କରିବା । | ଦକ୍ଷତା ୩.୧ : ମଞ୍ଚରେ ଶିଷ୍ଟତା ପ୍ରଦର୍ଶନ କରିବା ସହିତ ବାଦ୍ୟଯନ୍ତ୍ରର ଯତ୍ନ ନେବା ଏବଂ ସଙ୍ଗୀତରେ ସମ୍ବଳ ଓ କୌଶଳ ବ୍ୟବହାର କରିବା ସମୟରେ ଠିକ୍ ଏବଂ ଉଚିତ ନିଷ୍ପତ୍ତି ନିଏ ।<br>ଦକ୍ଷତା ୩.୨ : ଯୋଜନା ପର୍ଯ୍ୟାୟରୁ ଶେଷ ପରିବେଷଣ ପର୍ଯ୍ୟନ୍ତ ସଙ୍ଗୀତର ପ୍ରକାଶ କ୍ଷେତ୍ରରେ ଅବଗତ ହେବା ଏବଂ ପଦ୍ଧତିଗୁଡ଼ିକ ସମ୍ବନ୍ଧରେ ସ୍ପଷ୍ଟ ବିଚାର ରଖିବା ସହିତ ସମଗ୍ର ପ୍ରକ୍ରିୟାର ସମୀକ୍ଷା କରେ । |
| **ଶୈକ୍ଷିକ ଲକ୍ଷ୍ୟ – ୪ :**<br>ସୌନ୍ଦର୍ଯ୍ୟର ପରିସର ଆଞ୍ଚଳିକ କଳା ଏବଂ ସାଂସ୍କୃତିକ ଅଭ୍ୟାସରେ ସମ୍ବେଦନଶୀଳତାକୁ ନେଇ ପରିଚିତ କରାଇବା । | ଦକ୍ଷତା ୪.୧ : ବିଭିନ୍ନ ସ୍ଥାନୀୟ ଏବଂ ଆଞ୍ଚଳିକ ସଙ୍ଗୀତର ସ୍ୱରୂପ ସହିତ ପରିଚିତ ହେବା<br>ଦକ୍ଷତା ୪.୨ : ସେମାନଙ୍କ ଅଞ୍ଚଳରେ ଏବଂ ସମଗ୍ର ଭାରତରେ କିଛି ସ୍ଥାନୀୟ ସଙ୍ଗୀତଜ୍ଞ ଏବଂ କଳାକାରଙ୍କ ଜୀବନ ଓ ସେମାନଙ୍କର କୃତିତ୍ୱ ସମ୍ବନ୍ଧରେ ଆଲୋକପାତ କରେ । |

https://withteachers.in/

# ୫ ସଙ୍ଗୀତର ଉପାଦାନଗୁଡ଼ିକୁ ଆବିଷ୍କାର କରିବା



**ଉପକ୍ରମଣିକା :**

ପ୍ରିୟ ଛାତ୍ରଛାତ୍ରୀମାନେ, ଅଷ୍ଟମ ଶ୍ରେଣୀ ଅନ୍ତର୍ଗତ ସଙ୍ଗୀତ ଶିକ୍ଷା କାର୍ଯ୍ୟକ୍ରମକୁ ତୁମମାନଙ୍କୁ ପୁଣି ଥରେ ସ୍ୱାଗତ କରୁଛି । ଯେତେବେଳେ ଆମେ କୌଣସି ଏକ ସଙ୍ଗୀତ ଶୁଣୁ କିମ୍ବା ଗୀତ ଗାଉ, ସେତେବେଳେ ଆମେ ଅନୁଭବ କରିଥାଉ ଯେ, ଏହି ସୁମଧୁର ସଙ୍ଗୀତ କିଛି କିଛି ଅନନ୍ୟ ଉପାଦାନଗୁଡ଼ିକୁ ନେଇ ତିଆରି ହୋଇଛି ।

ସଙ୍ଗୀତର କିଛି ମୁଖ୍ୟ ଉପାଦାନ ହେଉଛି ସ୍ୱର (ରାଗ), ତାଳ ଏବଂ ଗୀତ (ସାହିତ୍ୟ କଥାବସ୍ତୁ) । ଏହି ଅଧ୍ୟାୟରେ ଆମେ ତାଳ, ସ୍ୱର ଏବଂ ଗୀତର ବିଭିନ୍ନ ଦିଗକୁ ଆବିଷ୍କାର କରିବା ଏବଂ ଗୀତ ଗାଇବା ସମୟରେ ଏଗୁଡ଼ିକ କିପରି ଏକାଠି ହୋଇଥାନ୍ତି ତାହାର ପର୍ଯ୍ୟବେକ୍ଷଣ କରିବା ।



## କାର୍ଯ୍ୟକଳାପ ୫.୧ : ପରିସର

ପୂର୍ବରୁ ତୁମେମାନେ କଣ୍ଠସ୍ୱରର ପରିସର ଓ ତତ୍‌ସମ୍ବନ୍ଧୀୟ ଜ୍ଞାନ ଆହରଣ କରିଥିଲ । ବର୍ତ୍ତମାନ ଏହାକୁ ତୁମେମାନେ ଅତି ସହଜ ଓ ଆରାମରେ ଗାନ କରିପାରିବ । ଏପରିକି ସର୍ବନିମ୍ନ ସ୍ୱରରୁ ସର୍ବୋଚ୍ଚ ସ୍ୱର ପର୍ଯ୍ୟନ୍ତ ତୁମେମାନେ କେତେ ସମୟ ଧରି ରହିପାରିବ ତାହା ତୁମର ଅଭ୍ୟାସ ଉପରେ ନିର୍ଭର କରେ। ତୁମେମାନେ ତୁମ କଣ୍ଠସ୍ୱରର ପରିସରକୁ ବିସ୍ତାର କରିବାପାଇଁ ଭଲକରି ଅଭ୍ୟାସ କରିବା ନିତାନ୍ତ ଜରୁରୀ । ଏହି କଣ୍ଠ ଅଭ୍ୟାସ ଦ୍ୱାରା ତୁମେମାନେ ସଙ୍ଗୀତ ଗାୟନକୁ ସୁନ୍ଦର ଓ ବିକଶିତ କରାଇପାରିବ । ଏହାହିଁ ଉତ୍ତମ ଉପାୟ ଅଟେ ।

ଏହି କଣ୍ଠସ୍ୱରର ଅଭ୍ୟାସ ଦ୍ୱାରା ତୁମମାନଙ୍କୁ ସ୍ୱରର ନିମ୍ନ ବା ମନ୍ଦ୍ର ସପ୍ତକ ଅଭ୍ୟାସ କରିବାରେ ବିଶେଷ ସହାୟକ ହୋଇଥାଏ । ଅଭ୍ୟାସ କରିବା ସମୟରେ ଗଳାର ମାଂସପେଶୀକୁ ଚାପ ନ ପକାଇ ନିଜର ମୁଣ୍ଡ ଏବଂ ବେକକୁ ଏକ ନିରପେକ୍ଷ ଓ ସହଜ ସ୍ଥିତିରେ ରଖିବାକୁ ଚେଷ୍ଟା କରିବ ।

**ମନ୍ଦ୍ର ସପ୍ତକ ଅଭ୍ୟାସ**

ସା

ସା ନ଼ି ସା

ସା ନ଼ି ଧ଼ା ନ଼ି ସା

ସା ନ଼ି ଧ଼ା ପ଼ା ଧ଼ା ନ଼ି ସା

ସା ନ଼ି ଧ଼ା ପ଼ା ମ଼ା ପ଼ା ଧ଼ା ନ଼ି ସା

ତୁମେମାନେ ଉପରେ ଦିଆଯାଇଥିବା ସ୍ୱରଗୁଡ଼ିକର ଏକ ଢାଞ୍ଚା ବା ଶୈଳୀକୁ ଦେଖିଲ କି ? ସେହିପରି ବର୍ତ୍ତମାନ ତୁମେ ଉଚ୍ଚ ବା ତାର ସପ୍ତକର ସ୍ୱରଗୁଡିକୁ ନେଇ ନିଜର ପରିସରକୁ ବିସ୍ତାର କରିପାରିବ କି ? ତତ୍‌ସହିତ ଏହିଭଳି ଢାଞ୍ଚା ଅନୁସାରେ ତୁମେ ତାର ସପ୍ତକର ସ୍ୱରଗୁଡ଼ିକୁ ବ୍ୟବହାର କରିପାରିବ କି ? ଏହି କ୍ରିୟାଟିକୁ ବାରମ୍ବାର ଅଭ୍ୟାସ କରିବାକୁ ଚେଷ୍ଟା କର ।

https://withteachers.in/

## କାର୍ଯ୍ୟକଳାପ ୫.୨ : ନମନୀୟତା

ନିମ୍ନରେ ଦିଆଯାଇଥିବା ସ୍ୱରଗୁଡ଼ିକର ଢାଞ୍ଚାକୁ ଅଭ୍ୟାସ କର । ଏହାକୁ ଅଭ୍ୟାସ କରିବା ଦ୍ୱାରା ତୁମମାନଙ୍କ ସ୍ୱରରେ ନମନୀୟତା ବୃଦ୍ଧି ପାଇବାରେ ସହାୟକ ହେବ । ପ୍ରଥମେ ଏହାକୁ ବିଳମ୍ବିତ ଲୟ ଅନୁସାରେ ଗାନ କର । ଯେତେବେଳେ ତୁମେ ଗାଇବା ସମୟରେ ଟିକେ ସହଜ ଓ ଆରାମ ଅନୁଭବ କରିବ ସେତେବେଳେ ଅଭ୍ୟାସର ଗତିକୁ ବଢ଼ାଇପାରିବ ।

**ତିନ୍‌ତାଲରେ ସରଗମ୍ ଅଭ୍ୟାସ କରିବା :-**

| | | | |
|---|---|---|---|
| ସା ରେ ସା ଗା | ରେ ଗା ମା ଗା | ସା ଗା ରେ ଗା | ସା ରେ ଗା ମା |
| ରେ ଗା ରେ ମା | ଗା ମା ପା ମା | ରେ ମା ଗା ମା | ରେ ଗା ମା ପା |
| ଗା ମା ଗା ପା | ମା ପା ଧା ପା | ଗା ପା ମା ପା | ଗା ମା ପା ଧା |
| ମା ପା ମା ଧା | ପା ଧା ନି ଧା | ମା ଧା ପା ଧା | ମା ପା ଧା ନି |
| ପା ଧା ପା ନି | ଧା ନି ସାଂ ନି | ପା ନି ଧା ନି | ପା ଧା ନି ସାଂ |
| x | ୨ | ୦ | ୩ |
| | | | |
| ସାଂ ନି ସାଂ ଧା | ନି ଧା ପା ଧା | ସାଂ ଧା ନି ଧା | ସାଂ ନି ଧା ପା |
| ନି ଧା ନି ପା | ଧା ପା ମା ପା | ନି ପା ଧା ପା | ନି ଧା ପା ମା |
| ଧା ପା ଧା ମା | ପା ମା ଗା ମା | ଧା ମା ପା ମା | ଧା ପା ମା ଗା |
| ପା ମା ପା ଗା | ମା ଗା ରେ ଗା | ପା ଗା ମା ଗା | ପା ମା ଗା ରେ |
| ମା ଗା ମା ରେ | ଗା ରେ ସା ରେ | ମା ରେ ଗା ରେ | ମା ଗା ରେ ସା |
| x | ୨ | ୦ | ୩ |

## କାର୍ଯ୍ୟକଳାପ ୫.୩ : ସମନ୍ୱୟ ସ୍ୱରର ଅଭ୍ୟାସ

ଅଷ୍ଟମ ଶ୍ରେଣୀରେ ଆମେ କାନନ୍ ଗାଇବାର ସହଜ ପ୍ରଣାଳୀ ସମ୍ବନ୍ଧରେ ଶିକ୍ଷା ଗ୍ରହଣ କରିବାକୁ ଯାଉଛନ୍ତି । ଏହା ସମନ୍ୱୟ ସ୍ୱରର ଗାୟନ ପଦ୍ଧତିକୁ ଜାଣିବା, ଶିଖିବା ଓ ଗାୟନ କରିବାର ପ୍ରଥମ ପଦକ୍ଷେପ ଅଟେ । ଆସ, ଏବେ ଏହି କଣ୍ଠସ୍ୱର ଗାୟନ ପଦ୍ଧତିକୁ ଅଭ୍ୟାସ କରିବା ।

- ପ୍ରଥମେ ଦଳଗତ ଭାବରେ ଓ ମିଳିତ କଣ୍ଠରେ ଗୀତର ଧାଡ଼ିଗୁଡ଼ିକୁ ଗାନ କରିବା ।
- ପୁଣି, ଦୁଇଗୋଟି ଦଳରେ ବିଭକ୍ତ ହୋଇ ପ୍ରତ୍ୟେକ ଦଳ ଗୋଟିଏ ଗୋଟିଏ ଭାଗକୁ ଏକା ସମୟରେ ଗାନ କରିବା ।

ଆସ ଏହାକୁ ଏକା ସମୟରେ ଦୁଇଟି ଦଳରେ ଗାଇବାକୁ ଚେଷ୍ଟା କରିବା ।

**କଣ୍ଠ ଅଭ୍ୟାସ**

| | | | | | | |
|---|---|---|---|---|---|---|
| ଦଳ ୧ : | ସାରେଗା<br>ଧାନିସାଂ | ରେଗାମା<br>ପାଧାନି | ଗାମାପା<br>ମାପାଧା | ମାପାଧା<br>ଗାମାପା | ପାଧାନି<br>ରେଗାମା | ଧାନିସାଂ<br>ସାରେଗା |
| ଦଳ ୨ : | ଗାମାପା<br>ସାଂରେଂଗାଂ | ମାପାଧା<br>ନିସାଂରେଂ | ପାଧାନି<br>ଧାନିସାଂ | ଧାନିସାଂ<br>ପାଧାନି | ନିସାଂରେଂ<br>ମାପାଧା | ସାଂରେଂଗାଂ<br>ଗାମାପା |

**ସମନ୍ୱୟ (Harmony) :**

ସଙ୍ଗୀତରେ ଏକ ସୁଖଦ ପ୍ରଭାବ ସୃଷ୍ଟି କରିବାପାଇଁ ଏକ ସମୟରେ ବିଭିନ୍ନ ସ୍ୱରଗୁଡ଼ିକୁ ଗାୟନ କରାଯାଏ । ଏହାକୁ ସମନ୍ୱୟ (Harmony) କୁହାଯାଏ ।

ସମନ୍ୱୟକ୍ରିୟାରେ ସଙ୍ଗୀତ ପରିବେଷଣ କରିବା, ସହଯୋଗ କ୍ଷେତ୍ରରେ ଏକ ସୁନ୍ଦର ଉଦାହରଣ ଅଟେ । ଠିକ୍ ସେହିପରି ଯୁଗଳବନ୍ଦୀ(Duet) ମଧ୍ୟ ଏହାର ଏକ ଅନ୍ୟ ଉଦାହରଣ ହୋଇପାରେ । ତୁମେମାନେ ଚିନ୍ତା କରିଛ କି, ଜୀବନର ଅନ୍ୟକ୍ଷେତ୍ର ଗୁଡ଼ିକରେ ସମନ୍ୱୟ ଓ ସହଯୋଗର ଏହି ନୀତିକୁ ଆଗକୁ ଆଗକୁ ବଢ଼ାଇ କିପରି କାର୍ଯ୍ୟ କରାଯାଇ ପାରିବ ।



**ଶିକ୍ଷକଙ୍କ ପାଇଁ ଟିପ୍ପଣୀ :** ଅଭଙ୍ଗ, ଅଭୟ, ଛାନ୍ଦ, ଚମ୍ପୂ ଇତ୍ୟାଦି ସଙ୍ଗୀତର ରୂପଗୁଡ଼ିକୁ ଅନୁସନ୍ଧାନ କରି ତାହା ଛାତ୍ରଛାତ୍ରୀମାନଙ୍କୁ ଜଣାଇବାକୁ ଚେଷ୍ଟା କରନ୍ତୁ ।



https://withteachers.in/

## କାର୍ଯ୍ୟକଳାପ ୫.୪ : ସଂସ୍କୃତ ପଦ୍ୟ ଏବଂ ଛନ୍ଦ (ତାଳ)

ସଂସ୍କୃତ ଭାଷାରେ ବିଭିନ୍ନ କବି ଏବଂ ଦାର୍ଶନିକମାନଙ୍କ ଦ୍ୱାରା ରଚିତ ହୋଇଥିବା ଅନେକ ଶ୍ଳୋକ ଅଛି । ଏହି ଶ୍ଳୋକଗୁଡ଼ିକର ଏକ ନିର୍ଦ୍ଦିଷ୍ଟ ଧାରା (Pattern) ରହିଛି । ଏହାକୁ ସଂସ୍କୃତରେ ଛନ୍ଦ ବୋଲି କୁହାଯାଇଥାଏ । ତେଣୁ ସଂସ୍କୃତ ଶ୍ଳୋକଗୁଡ଼ିକୁ ଏକ ଭକ୍ତିପୂର୍ଣ୍ଣ ନୈବେଦ୍ୟ ଭାବରେ ଗ୍ରହଣ କରି ଗାୟନ କରାଯାଉଥିଲେ ମଧ୍ୟ ତାହା ଛନ୍ଦବଦ୍ଧ ତାଳ ସମ୍ବନ୍ଧୀୟ ଜ୍ଞାନ ମଧ୍ୟ ପ୍ରଦାନ କରିଥାଏ ।

### ଶ୍ଳୋକ ଏବଂ ଛନ୍ଦ

ଏଠାରେ ଏକ ଶ୍ଳୋକ ଦିଆଯାଇଅଛି, ଯାହାକୁ ତୁମେମାନେ ଅନୁଷ୍ଟୁପ ଛନ୍ଦରେ ପାଠ କରିପାରିବ ।

ଓଁକାରଂ ବିଂଦୁସଂଯୁକ୍ତଂ ନିତ୍ୟଂ ଧ୍ୟାୟତି ଯୋଗୀନଃ ।
କାମଦଂ ମୋକ୍ଷଦଂ ଚୈବ ଓଁକାରାୟ ନମୋନମଃ ।। ୧ ।।

-ରୁଦ୍ରଯାମଳା

ଅର୍ଥାତ୍, ଯିଏ ଆଧ୍ୟାତ୍ମିକ ହୃଦୟ କେନ୍ଦ୍ରରେ ଓଁକାର ଭାବରେ ବାସ କରନ୍ତି, ଯାହାଙ୍କୁ ଯୋଗୀମାନେ ନିରନ୍ତର ଧ୍ୟାନ କରନ୍ତି । ଯିଏ ତାଙ୍କ ଭକ୍ତମାନଙ୍କର ସମସ୍ତ ମନୋକାମନା ପୂର୍ଣ୍ଣ କରିବା ସହିତ ସମସ୍ତ ଇଚ୍ଛା ପ୍ରଦାନ କରିଥାନ୍ତି ଏବଂ ମୁକ୍ତି ପ୍ରଦାନ କରନ୍ତି । 'ଓଁ' ଅକ୍ଷର ଦ୍ୱାରା ନିଜକୁ ପ୍ରତିନିଧିତ୍ୱ କରୁଥିବା ସେହି ଆଦିଯୋଗୀ ଶିବଙ୍କୁ ନମସ୍କାର କରୁଅଛି ।

ଯେତେବେଳେ ତୁମେମାନେ ଏହି ପଦଗୁଡ଼ିକୁ କିଛିଥର ପାଇଁ ପାଠ କର, ଏହା ନିଶ୍ଚିତ ଭାବରେ ତୁମେ ଦେଖିପାରିବ ଯେ, ପଦାଂଶଗୁଡ଼ିକ ସ୍ୱାଭାବିକ ଭାବରେ ୪ର ଏକ ଢାଞ୍ଚା ବା ଶୈଳୀକୁ ଅନୁସରଣ କରୁଅଛି । ଏହାକୁ ଆମେ 'ଅନୁଷ୍ଟୁପ୍ ଛନ୍ଦ' କହିଥାନ୍ତି । ଏହି ଶ୍ଳୋକାବୃତ୍ତିରେ ସଂଗଠିତ ହେଉଥିବା ଅନ୍ତର୍ନିହିତ ତାଳର ଢାଞ୍ଚାକୁ ବୁଝିବାପାଇଁ ଶ୍ଳୋକ ପାଠ କରିବା ସମୟରେ ତୁମେମାନେ ତାଳି ମଧ୍ୟ ବଜାଇପାରିବ ।



https://withteachers.in/

## ଓଡ଼ିଶୀ ସଙ୍ଗୀତର ତାଳ ପଦ୍ଧତି

ହିନ୍ଦୁସ୍ତାନୀ ଏବଂ କର୍ଣ୍ଣାଟକୀ ସଙ୍ଗୀତ ପଦ୍ଧତିରେ ଯେଉଁ ତାଳ ବ୍ୟବହାର କରାଯାଏ ତାହା ଓଡ଼ଶୀ ସଙ୍ଗୀତ ପଦ୍ଧତିରେ ଠିକ୍ ଭାବରେ ସଙ୍ଗତ ହେବା କଷ୍ଟକର ଏବଂ ଏହା ଅରୁଚିକର ହୋଇଥାଏ । କେତେକ କ୍ଷେତ୍ରରେ ଓଡ଼ିଶୀ ତାଳର ମାତ୍ରା ସଂଖ୍ୟା ହିନ୍ଦୁସ୍ତାନୀ ତାଳର ମାତ୍ରା ସଂଖ୍ୟା ତଥା ଛନ୍ଦ ସମାନ ଥାଇ ମଧ୍ୟ ଓଡ଼ିଶୀ ସଙ୍ଗୀତର ବିଭିନ୍ନ ପ୍ରବନ୍ଧ ଗାୟନରେ ସଙ୍ଗତ କରିବା ସମୟରେ ତାହା ଠିକ୍ ଭାବରେ ଖାପ ଖାଇ ନଥାଏ । ନିଜର ହସ୍ତାଙ୍ଗୁଠି ଏବଂ ତାଳଦ୍ୱାରା ଗଣନା କାର୍ଯ୍ୟ କରାଯାଉଥିଲେ ହେଁ ଓଡ଼ିଶୀ ସଙ୍ଗୀତର କଳା ଓ ଅଂଶା ପଦ୍ଧତି ଅନ୍ୟ ଦୁଇଟି ସଙ୍ଗୀତ ପଦ୍ଧତି ଠାରୁ ଭିନ୍ନ ଅଟେ । ବିଶେଷକରି ଓଡ଼ିଶୀ ସଙ୍ଗୀତ ପଦ୍ଧତିରେ ୯ ଗୋଟି ମୁଖ୍ୟ ତାଳ ପ୍ରଚଳନ ଥିବା ଶାସ୍ତ୍ରରେ ଦର୍ଶାଯାଇଛି । ଯଥା :

*"ଆଦି, ଯତି, ନିଶାରୀ ମଠ ରୂପକ ଝମ୍ପକା,*
*ତ୍ରିପୁଟ ଦ୍ୱାଡ଼ମାନ ଚ ଏକତାଳୀ ପ୍ରକୀର୍ତ୍ତିତଃ ।" (ନାଟ୍ୟମନୋରମା)*

ଅର୍ଥାତ୍, ଓଡ଼ିଶୀ ସଙ୍ଗୀତରେ ଆଦି, ଯତି, ନିଶାରୀ, ମଠା, ରୂପକ, ଝମ୍ପା, ତ୍ରିପୁଟା, ଆଡ଼ତାଳ ଓ ଏକତାଳୀ ତାଳର ବହୁଳ ପ୍ରଚଳନ ରହିଛି । ବିଶେଷକରି ନିଶାରୀ ତାଳ ସମ୍ବନ୍ଧରେ ଶାସ୍ତ୍ରରେ ଉଲ୍ଲେଖ ଥିଲେ ମଧ୍ୟ ଏହାର ନିର୍ଦ୍ଦିଷ୍ଟ ବାଦନର ସ୍ୱରୂପ ସମ୍ବନ୍ଧରେ କୌଣସି ସୂଚନା ମିଳେନାହିଁ । କିନ୍ତୁ ଓଡ଼ିଶୀ ସଙ୍ଗୀତର ଏହି ନବତାଳ ମଧ୍ୟରେ ଖେମଟା ତାଳର ପ୍ରୟୋଗ ରହିଛି ।

ତୁମେମାନେ ପୂର୍ବ ଶ୍ରେଣୀଗୁଡ଼ିକରେ ଓଡ଼ିଶୀ ସଙ୍ଗୀତ ପଦ୍ଧତିରେ ବ୍ୟବହୃତ ବିଭିନ୍ନ ତାଳ ସମ୍ବନ୍ଧରେ ଅଧ୍ୟୟନ କରିଥିଲ । ଏଠାରେ ସେହି ତାଳଗୁଡ଼ିକର ବିଭିନ୍ନ ଗୁଣକ୍ରିୟା ବା ଲୟକ୍ରିୟା ବିଷୟରେ ଜାଣିବା ।



### କାର୍ଯ୍ୟକଳାପ ୫.୫ : ତ୍ରିପଟା ତାଳର ଗୁଣକ୍ରିୟା

ନିମ୍ନରେ ଦିଆଯାଇଥିବା ସାରଣୀଟିକୁ ଲକ୍ଷ୍ୟକର । ପ୍ରଥମ ଗତି, ଦ୍ୱିତୀୟ ଗତି, ତୃତୀୟ ଗତି ଏବଂ ଚତୁର୍ଥ ଗତି (ଗତି-speed) ବା ବେଗ ଅନୁସାରେ ତାଳଗୁଡ଼ିକର ୧ଗୁଣ, ୨ଗୁଣ, ୩ଗୁଣ ଏବଂ ୪ଗୁଣ ଲୟକ୍ରିୟା ଉଲ୍ଲେଖ କରାଯାଇଅଛି । ସେହି ଅନୁସାରେ ଆମେ ତାଳି ସ୍ଥାନରେ ତାଳି ପକାଇବା ଖାଲି ସ୍ଥାନରେ ଖାଲିକୁ ଦର୍ଶାଇବା । ଯାହା ତାଳର ନିୟମ ସେହି ଅନୁସାରେ କାର୍ଯ୍ୟ କରିବା । ଏଠାରେ ଓଡ଼ିଶୀ ସଙ୍ଗୀତରେ ବ୍ୟବହୃତ ଖେମଟା ଓ ଏକତାଳି ତାଳର ଗୁଣକ୍ରିୟା ପ୍ରଦାନ କରାଗଲା ।



ତାଳି ଚିହ୍ନ ଅନୁସାରେ ହସ୍ତ



ଖାଲି ଚିହ୍ନ ଅନୁସାରେ ହସ୍ତ



https://withteachers.in/

**ତାଳ : ଖେମଟା**

୬ ମାତ୍ରା ବିଶିଷ୍ଟ ତାଳ, ପ୍ରଥମ ମାତ୍ରା ଉପରେ ତାଳି, ଚତୁର୍ଥ ମାତ୍ରା ଉପରେ ଖାଲି, ଭାଗସଂଖ୍ୟା- ୨ , ଛନ୍ଦ - ୩+୩

| ତାଳର ମାତ୍ରା ସଂଖ୍ୟା | ୧ମ ମାତ୍ରା | ୨ୟ ମାତ୍ରା | ୩ୟ ମାତ୍ରା | ୪ର୍ଥ ମାତ୍ରା | ୫ମ ମାତ୍ରା | ୬ଷ୍ଠ ମାତ୍ରା |
|---|---|---|---|---|---|---|
| ପ୍ରଥମ ଗତି ୧ ଗୁଣ ଲୟକ୍ରିୟା | ଧାS | ଧିନା | କିଟା | ନାS | ତିନା | କିଟା |
| ଦ୍ୱିତୀୟ ଗତି ୨ ଗୁଣ ଲୟକ୍ରିୟା | ଧାSଧିନା | କିଟାନାS | ତିନାକିଟା | ଧାSଧିନା | କିଟାନାS | ତିନାକିଟା |
| ତୃତୀୟ ଗତି ୩ ଗୁଣ ଲୟକ୍ରିୟା | ଧାSଧିନାକିଟା | ନାSତିନାକିଟା | ଧାSଧିନାକିଟା | ନାSତିନାକିଟା | ଧାSଧିନାକିଟା | ନାSତିନାକିଟା |
| ଚତୁର୍ଥ ଗତି ୪ ଗୁଣ ଲୟକ୍ରିୟା | ଧାSଧିନାକିଟାନାS | ତିନାକିଟାଧାSଧିନା | କିଟାନାSତିନାକିଟା | ଧାSଧିନାକିଟାନାS | ତିନାକିଟାଧାSଧିନା | କିଟାନାSତିନାକିଟା |
| ତାଳି ଖାଲି ଚିହ୍ନ | X | | | O | | |

**ତାଳ : ଏକତାଳି**

୪ ମାତ୍ରା ବିଶିଷ୍ଟ ତାଳ, ପ୍ରଥମ ମାତ୍ରା ଉପରେ ତାଳି, ଭାଗସଂଖ୍ୟା- ୧ , ଖାଲିନାହିଁ

| ତାଳର ମାତ୍ରା ସଂଖ୍ୟା | ୧ମ ମାତ୍ରା | ୨ୟ ମାତ୍ରା | ୩ୟ ମାତ୍ରା | ୪ର୍ଥ ମାତ୍ରା |
|---|---|---|---|---|
| ପ୍ରଥମ ଗତି ୧ ଗୁଣ ଲୟକ୍ରିୟା | ତାS | Sଥି | ନାSତେକେକେଟେ | ତାକଥିନି |
| ଦ୍ୱିତୀୟ ଗତି ୨ ଗୁଣ ଲୟକ୍ରିୟା | ତାSSଥି | ନାSତେରେକେଟେତାକଥିନି | ତାSSଥି | ନାSତେରେକେକେଟେତାକଥିନି |
| ତୃତୀୟ ଗତି ୩ ଗୁଣ ଲୟକ୍ରିୟା | ତାSSଥିନାSତେରେକେଟା | ତାକଥିନିତାSSଥି | ନାSତେରେକେଟେତାକଥିନିତାS | SଥିନାSତେରେକେଟେତାକଥିନି |
| ଚତୁର୍ଥ ଗତି ୪ ଗୁଣ ଲୟକ୍ରିୟା | ତାSSଥିନାSତେରେକେଟେତାକଥିନି | ତାSSଥିନାSତେରେକେଟେତାକଥିନି | ତାSSଥିନାSତେରେକେଟେତାକଥିନି | ତାSSଥିନାSତେରେକେଟେତାକଥିନି |
| ତାଳି ଖାଲି ଚିହ୍ନ | X | | | |

ଏଠାରେ ତୁମେ ଲକ୍ଷ୍ୟ କର, ପ୍ରତ୍ୟେକଥର ଗତି ପରିବର୍ତ୍ତନ ହେବାଦ୍ୱାରା ତାଳର ଉକୁଟଗୁଡ଼ିକ କିପରି ଆନୁପାତିକ ସଂଖ୍ୟା ଅନୁସାରେ ପରିବର୍ତ୍ତିତ ହେଉଛି । ଏହା ଏକ ଗାଣିତିକ ଅବଧାରଣା ଏହି ବିଷୟରେ ତୁମେମାନେ ପରସ୍ପର ମଧ୍ୟରେ ଆଲୋଚନା କର ।

https://withteachers.in/

## କାର୍ଯ୍ୟକଳାପ ୫.୬ : ତାଳ ଏକତାଳିରେ ଏକ ଅଳଙ୍କାର ଅଭ୍ୟାସ କରିବା ।

ଆସ, ବର୍ତ୍ତମାନ ଆମେ ଏକ ଅଳଙ୍କାର ବିଭିନ୍ନ ଲୟକ୍ରିୟା ବା ଗୁଣକ୍ରିୟା ଅନୁସାରେ ଅଭ୍ୟାସ କରିବା । ପୂର୍ବପାଠରେ ତୁମେମାନେ ତାଳର ଗୁଣକ୍ରିୟାଗୁଡ଼ିକ ତାଳିପକାଇ ଶିଖିଥିଲ । ତାହାର ଅନୁସରଣରେ ତୁମେମାନେ ଏହି ଅଳଙ୍କାରଟିକୁ ମଧ୍ୟ ତାଳି ପକାଇ ଶିଖିପାରିବ ।

**ତାଳ : ଏକତାଳି** (୪ ମାତ୍ରା ବିଶିଷ୍ଟ)

| ତାଳର ମାତ୍ରା ସଂଖ୍ୟା | ୧ମ ମାତ୍ରା | ୨ୟ ମାତ୍ରା | ୩ୟ ମାତ୍ରା | ୪ର୍ଥ ମାତ୍ରା |
|---|---|---|---|---|
| ପ୍ରଥମ ଗତି ୧ ଗୁଣ ଲୟକ୍ରିୟା | ସା<br>ପା | ରେ<br>ଧା | ଗା<br>ନି | ମା<br>ସାଂ ଇତ୍ୟାଦିକ୍ରମ |
| ଦ୍ୱିତୀୟ ଗତି ୨ ଗୁଣ ଲୟକ୍ରିୟା | ସାରେ<br>ସାଂନି | ଗାମା<br>ଧାପା | ପାଧା<br>ମାଗା | ନିସାଂ<br>ରେସା |
| ତୃତୀୟ ଗତି ୩ ଗୁଣ ଲୟକ୍ରିୟା | ସାରେଗା<br>ମାଗାରେ | ମାପାଧା<br>ସାରେଗା | ନିସାଂସାଂ<br>ମାପାଧା | ନିଧାପା<br>ନିସାଂସାଂ... ଇତ୍ୟାଦି କ୍ରମ |
| ଚତୁର୍ଥ ଗତି ୪ ଗୁଣ ଲୟକ୍ରିୟା | ସାରେଗାମା | ପାଧାନିସାଂ | ସାଂନିଧାପା | ମାଗାରେସା |
| ତାଳି ଖାଲି ଚିହ୍ନ | X | | | |





### ଓଡ଼ିଶୀ ସଙ୍ଗୀତ ପଦ୍ଧତିରେ ମର୍ଦ୍ଦଳ ବାଦନ

ମର୍ଦ୍ଦଳ ଓଡ଼ିଶୀ ସଙ୍ଗୀତ ପଦ୍ଧତିର ମୁଖ୍ୟ ଏକମାତ୍ର ତାଳବାଦ୍ୟ ଅଟେ । ଓଡ଼ିଶୀ ଗୀତର ବିଭିନ୍ନ ପ୍ରବନ୍ଧରେ ଯଥା : ଛାନ୍ଦ, ଚମ୍ପୂ, ଚଉତିଶା, ପଲ୍ଲବୀ, ଭଜନ, ଜଣାଣ, ଗୀତଗୋବିନ୍ଦ ସହିତ ରାଗାଙ୍ଗ, ଭାବାଙ୍ଗ, ନାଟ୍ୟାଙ୍ଗ ଏବଂ ଧ୍ରୁବପଦାଙ୍ଗରେ ଏହାର ସହଯୋଗିତା ଅତ୍ୟନ୍ତ ମନମୁଗ୍ଧକର । ଏହାର ଏକକ ବାଦନରେ ଖଣ୍ଡି, ଗଡ଼ି, ଅରସା, ମାନ, ଛନ୍ଦବାଦ୍ୟ, ଉଦ୍ୟମା, ତ୍ରିପଲ୍ଲୀ, ଇତ୍ୟାଦି ବାଦନ କରାଯାଏ । ତୁମେମାନେ ଓଡ଼ିଶୀ ସଙ୍ଗୀତ ଶିଖିବା ସମୟରେ ଏହା ନିଶ୍ଚିତ ଉପଭୋଗ କରିଥିବ ।

### ହିନ୍ଦୁସ୍ତାନୀ ସଙ୍ଗୀତ ପଦ୍ଧତିରେ ତବଲା ବାଦନ

ହିନ୍ଦୁସ୍ତାନୀ ସଙ୍ଗୀତ ପଦ୍ଧତିରେ ତବଲା ମୁଖ୍ୟ ତାଳବାଦ୍ୟ ଅଟେ । କେବଳ ଧ୍ରୁପଦ ଗାୟନରେ ପଖାଓ୍ୱାଜ ବାଦନ କରାଯାଇଥାଏ । ଛୋଟା ଖୟାଲ, ବଡ଼ ଖୟାଲ, ଠୁମ୍ରୀ, ଗଜଲ୍, ତରନା ଇତ୍ୟାଦି ବନ୍ଦିଶ୍‌ରେ ତବଲାର ବହୁଳ ପ୍ରୟୋଗ ହୋଇଆସୁଅଛି । ଏହାର ଏକକ ବାଦନରେ ଉଠାନ୍, ପରନ୍, ଟୁକୁଡ଼ା, ତ୍ୟାହି, ପାଲଟା, ଚକ୍ରଦାର ବେଦମଦାର ଇତ୍ୟାଦି ବାଦନ କରାଯାଇଥାଏ । ପରବର୍ତ୍ତୀ ପୃଷ୍ଠାରେ ଏକତାଳର ଏକ ବନ୍ଦିଶ୍ ବା ପରନ ତୁମ ଶିଖିବାପାଇଁ ଦିଆଯାଇଅଛି ।



https://withteachers.in/

## କାର୍ଯ୍ୟକଳାପ ୫.୭ : ସରସ୍ୱତୀ ପରନ

**ସଙ୍ଗୀତ ସଂଯୋଜନା :** ସ୍ୱାମୀ ପାଗଳ ଦାସ

ଜୟତି ଜୟତି ଜୟ ମାତୃ ସରସ୍ୱତୀ
ଚମ ଚମ ଚନ୍ଦ୍ର ମୁକୁଟ ସୋହତ ଅତି
କର ବାନ୍ଧେ ସୁର ବିନୟ କରତ
ଲିୟେ ମୃଦଙ୍ଗ ଧାଗେ ଧାଗେ ଦିଗନ ଧା
ବୀଣା ପାଣି ଧାରେ-୩

| ମାତ୍ରା | ୧ ୨ | ୩ ୪ | ୫ ୬ | ୭ ୮ | ୯ ୧୦ | ୧୧ ୧୨ |
|---|---|---|---|---|---|---|
| ବୋଲ୍ | ଧିନ୍ ଧିନ୍ | ଧାଗେ ତିରକିଟ | ତୁ ନା | କତ୍ ତା | ଧାଗେ ତିରକିଟ | ଧିନ୍ ନା |
| ପରନ ବୋଲ୍ | ଜୟତି ଜୟତି ଜୟ | ମାତୃ ସରସ୍ୱତୀ | ଚମଚମ ଚନ୍ଦ୍ର | ମୁକୁଟ ସୋହତ ଅତି | କରବାନ୍ଧେ ସୁର | ବିନୟ କରତ ଲିୟେ |
| | ମୃଦଙ୍ଗ ଧାଗେ | ଧାଗଦିଗନ ଧା | ବୀଣା ପାଣି | ଧାରେ ବୀଣା | ପାଣି ଧାରେ | ବୀଣାପାଣି ଧାରେ |
| ତାଳର ଚିହ୍ନ | x | ୦ | ୨ | ୦ | ୩ | ୪ |

## କାର୍ଯ୍ୟକଳାପ ୫.୮ : ତାଳର ଢାଞ୍ଚା

ଯେତେବେଳେ ଆମେ ତାଳର ବୋଲ୍‌ଗୁଡ଼ିକୁ ମୁଖରେ ଉଚ୍ଚାରଣ କରୁ ସେତେବେଳେ ତାହାର ଢାଞ୍ଚାଗୁଡ଼ିକ କିପରି ଅନୁସୃତ ହୁଏ ତାହା ନିମ୍ନରେ ଉଲ୍ଲେଖ କରାଗଲା । ଯଥା :

ଏକଗୁଣ – ପ୍ରତି ମାତ୍ରା ଉପରେ ଗୋଟିଏ ବୋଲ ବା ଉକୁଟ ।
ଦୁଇଗୁଣ – ପ୍ରତି ମାତ୍ରା ଉପରେ ଦୁଇଟି ବୋଲ ବା ଉକୁଟ ।
ତିନିଗୁଣ – ପ୍ରତି ମାତ୍ରା ଉପରେ ତିନୋଟି ଲେଖାଏଁ ବୋଲ ବା ଉକୁଟ ।
ଚାରିଗୁଣ – ପ୍ରତି ମାତ୍ରା ଉପରେ ଚାରୋଟି ବୋଲ ବା ଉକୁଟ ।



## କାର୍ଯ୍ୟକଳାପ ୫.୯ : ଏକ ସମଷ୍ଟିର ନେତୃତ୍ୱ ନେବା ଏବଂ ଅଂଶଗ୍ରହଣ କରିବା ।

ସପ୍ତମ ଶ୍ରେଣୀରେ ତୁମେମାନେ ସମବେତ ସଙ୍ଗୀତ (Chorus) ଏବଂ କାନନ୍ ଅଭ୍ୟାସ କରିଛ । ତୁମେ ଯାହା ଶିଖିଛ ତାହାକୁ କୌଣସି ସମବେତ ବା ଗୋଷ୍ଠୀ ସଙ୍ଗୀତରେ ବ୍ୟବହାର କରିବାକୁ ଚେଷ୍ଟାକର ।

- ଯେକୌଣସି ଏକ ଗୀତ ଶିଖ ।
- ୧୫ରୁ ୨୦ ଜଣ ଛାତ୍ରଛାତ୍ରୀଙ୍କୁ ନେଇ ଏକ ଦଳ ଗଠନ କର ।
- ଦଳର ପ୍ରତ୍ୟେକ ସଦସ୍ୟସଦସ୍ୟାଙ୍କୁ କୌଣସି ନା କୌଣସି ଭୂମିକା ନ୍ୟସ୍ତ କର ।
  ଯେପରି-
  - **କଣ୍ଡକ୍ଟର :** ସମଗ୍ର କାର୍ଯ୍ୟଦକ୍ଷତାକୁ ସମନ୍ୱିତ ହେବା କ୍ଷେତ୍ରରେ ନିଶ୍ଚିତ କରିଥାନ୍ତି । ସରଳ ଭାବରେ କହିବାକୁ ଗଲେ କାର୍ଯ୍ୟକ୍ରମର ପରିଚାଳନା ଓ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ନିରୀକ୍ଷଣ ଓ ସଞ୍ଚାଳନ କରିବାର ଦାୟିତ୍ୱ ତାଙ୍କ ପାଖରେ ରହିଥାଏ ।
  - ମୁଖ୍ୟ ଗାୟକ ଗାୟିକା ବା ଅଗ୍ରଣୀ ଗାୟକ/ଗାୟିକା ।
  - ଦଳଗତ ବା ଗୋଷ୍ଠୀଗତ ଗାୟକ/ଗାୟିକା ।
  - ସ୍ୱର ଓ ତାଳ ବାଦ୍ୟଯନ୍ତ୍ର ବାଦକ/ ବାଦିକା ।
  - ତାଳି ବା ଶରୀରର ଆଘାତ ସହାୟତାରେ ତାଳର ଲୟକୁ ନିୟନ୍ତ୍ରଣ କରିବା ଓ କାର୍ଯ୍ୟକ୍ରମକୁ ସଫଳ କରାଇବାରେ ସହଯୋଗ କରିବା ।

- ବର୍ତ୍ତମାନ, ଆମେ ଦଳଗତ ଭାବରେ କାର୍ଯ୍ୟକ୍ରମ ଆରମ୍ଭ କରିବା ପୂର୍ବରୁ ନିଶ୍ଚିତ କରିବା ଆବଶ୍ୟକ ଯେ ଯାହାକୁ ଯେଉଁ ଦାୟିତ୍ୱ ଦିଆଯାଇଅଛି ସେ ସମ୍ବନ୍ଧରେ ସମସ୍ତେ ଅବଗତ ଅଛନ୍ତି କି ନାହିଁ ।
- ଗୀତଟିକୁ ବାରମ୍ବାର ଅଭ୍ୟାସ କରିବା ।
- ତୁମେମାନେ ପରସ୍ପର ମଧ୍ୟରେ ଆବଣ୍ଟିତ ହୋଇଥିବା ଦାୟିତ୍ୱ ବା ଭୂମିକାକୁ ଅଦଳବଦଳ କରି ମଧ୍ୟ କାର୍ଯ୍ୟକ୍ରମର ପୁନରାବୃତ୍ତି କରିପାରିବ । ଯାହା ପରିବେଷଣ କରିବ ତାହାକୁ ମନେରଖିବା ଓ ଅଭ୍ୟାସ କରିବା ନିତାନ୍ତ ଜରୁରୀ ଅଟେ ।





https://withteachers.in/

ଏକ ସଙ୍ଗୀତ ଦଳ କିମ୍ବା ବ୍ୟାଣ୍ଡରେ ସଦସ୍ୟ ସଦସ୍ୟାମାନେ ବିଭିନ୍ନ ପ୍ରକାରର ଦାୟିତ୍ୱ ଓ ଭୂମିକା ନିର୍ବାହନ କରିଥାନ୍ତି । ଯେପରିକି କିଛି ସଦସ୍ୟ, ମୁଖ୍ୟ ବା ଅଗ୍ରଣୀ ଗାୟକ/ଗାୟିକା ହୋଇଥିବା ସ୍ଥଳେ ଅନ୍ୟ ସଦସ୍ୟ ଦଳଗତ ବା ଗୋଷ୍ଠୀ ଗାୟକ/ଗୟିକା ହୋଇଥାନ୍ତି । ସେହିପରି କିଛି ବାଦ୍ୟକାର ସ୍ୱର ବାଦ୍ୟଯନ୍ତ୍ର ଓ କିଛି ସଦସ୍ୟ ତାଳ ବାଦ୍ୟଯନ୍ତ୍ର ବାଦନ କରିଥାନ୍ତି । ତଥାପି, ଆମେ ହୃଦୟଙ୍ଗମ କରିବା ଆବଶ୍ୟକ ଯେ, କାର୍ଯ୍ୟକ୍ରମକୁ ସଫଳ କରିବାକୁ ହେଲେ ଦଳର ପ୍ରତ୍ୟେକ ସଦସ୍ୟ/ସଦସ୍ୟାଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ଓ ସହଯୋଗ ରହିବା ନିତାନ୍ତ ଆବଶ୍ୟକ ।

'ମୈହାର' ନାମକ ବ୍ୟାଣ୍ଡ୍ ହେଉଛି ଏକ ସ୍ୱତନ୍ତ୍ର ଅର୍କେଷ୍ଟ୍ରା ଦଳ ଯାହା ଉସ୍ତାଦ ଆଲ୍ଲାଉଦିନ ଖାନ୍‌ଙ୍କ ଦ୍ୱାରା ପ୍ରତିଷ୍ଠିତ ହୋଇଅଛି । ଏହା ବିଭିନ୍ନ ବାଦ୍ୟଯନ୍ତ୍ରର ସଙ୍ଗତି ରକ୍ଷା ପୂର୍ବକ ସୁମଧୁର ବାଦ୍ୟ ସଙ୍ଗୀତର ଝଙ୍କାର ସୃଷ୍ଟିକରି ପ୍ରସିଦ୍ଧି ଅର୍ଜନ କରିଅଛି ।

## ଦେଶାତ୍ମବୋଧକ ସଙ୍ଗୀତ

### ଜୟତି ଜୟତି ଭାରତ ମାତା

ଭାରତମ୍, ଜୟତି ଜୟ ଜୟ ମମ ଭାରତମ୍
ମମ ଭାରତମ୍ ଜୟତି ଜୟ ଜୟ ଜୟତି ଜୟ ଜୟ
ଜୟତି ଜୟ
ମମ ଭାରତମ୍, ମମ ଭାରତମ୍
ହୋ ତେରି ଜୟ ଜୟ ତେରି ଜୟ,
ତେରି ଜୟ ମମ ଭାରତମ୍ (୩)
ଦେବ ଭୋମୈଃ ନମୋଃ ନମଃ
ବେଦଭୂମୈଃ ନମୋଃ ନମଃ
ତ୍ୟାଗଭୂମୈ ନମୋଃ ନମଃ
ମୈତ୍ରୀଭୂମୈ ନମୋଃ ନମଃ
ଗୁନ୍‌ଗାନ ତେରା ନମୋଃ ନମଃ
କରୋଁ ଗାନ୍ ତେରା ନମୋଃ ନମଃ
ଶତବାର ତେରା ନମୋଃ ନମଃ
ସମ୍ମାନ ତେରା ନମୋଃ ନମଃ
ନମୋଃ ନମଃ (୩)
ଜୟତି ଜୟ ଜୟ, ଜୟତି ଜୟ ଜୟ

ତେରେ ଅଙ୍ଗ ଅଙ୍ଗ ବହାରେ ରଙ୍ଗ ରଙ୍ଗ,
ନାରୀ ଶକ୍ତି କେ ସଙ୍ଗ ସଙ୍ଗ
ସଂସ୍କୃତି, ଉଦ୍ୟୋଗ, ଶିକ୍ଷା, କ୍ରୀଡ଼ା, ଆରୋଗ୍ୟ, ସମୃଦ୍ଧି କାଲେ
ବେଦ ଉର୍ଜା, କ୍ରିଷ୍ଣ କୋ ଲେ କରକେ ସଙ୍ଗ, ହରତି କ୍ରାନ୍ତୀ
ଭର ଡାଲେ ରଙ୍ଗ, ବିକାଶ ପଥପର ଦେଡେ ହୁଏ,
ଉନ୍ନତ ଉନ୍ନତ ଜିନେ କା ଢଙ୍ଗ, ହୋଙ୍ଗେ ଅନଥକ ସବ ପ୍ରୟାସ,
ନା ରୁକେଙ୍ଗେ ବାରୁମାସ, ସ୍ୱର୍ଣ୍ଣିମ ଭାରତ ମେରୀ ମା,
ହମ୍ ଫିର୍ ତୁହ୍ମ ବନାୟେଙ୍ଗେ ବିଶ୍ୱଗୁରୁକା ତାଜ ତେରେ ମାଥେପେ
ସଜାୟେଙ୍ଗେ, ସଜାୟେଙ୍ଗେ, ଜୟତି ଜୟ ଜୟ, ଜୟତି ଜୟ ଜୟ
ଜୟ, ଜୟ ଜୟ ଜୟ ଜୟ ଜୟ, ଜୟତି ଜୟ....... ।

https://withteachers.in/

## ମାନ ନିର୍ଦ୍ଧାରଣ

| ଅଧ୍ୟାୟ ୫ : ସଙ୍ଗୀତର ଉପାଦାନଗୁଡ଼ିକୁ ଆବିଷ୍କାର କରିବା | | | | |
|---|---|---|---|---|
| ଶୈକ୍ଷିକ ଲକ୍ଷ୍ୟ | ଦକ୍ଷତା | ଶିକ୍ଷଣ ଫଳାଫଳ | ଶିକ୍ଷକ | ନିଜସ୍ୱ |
| ୧ | ୧.୧ | ତାଳର ମାତ୍ରା ଅନୁସାରେ ସଙ୍ଗୀତ ସମ୍ବନ୍ଧରେ ବୁଝିବା, ଶ୍ଳୋକ ଏବଂ ତାଳର ବୋଲ୍‌କୁ ସଠିକ୍ ଭାବରେ ଉଚ୍ଚାରଣ କରିବାର ଦକ୍ଷତା । | | |
| ୧ | ୧.୨ | ବ୍ୟକ୍ତିଗତ ଭାବରେ କିମ୍ବା ଦଳଗତ ଭାବରେ ଦେଶାତ୍ମବୋଧକ କିମ୍ବା ଲୋକଗୀତ ଗାଇବା । | | |
| ୧ | ୧.୨ | ସୁସଙ୍ଗତ ଭବରେ ସ୍ୱରର ବିଭିନ୍ନ ଢାଞ୍ଚାଗୁଡ଼ିକୁ ଗାଇବା ସହିତ ସମସ୍ୱରତା ଉପରେ ଜ୍ଞାନ ରଖିବା । | | |

### ଶିକ୍ଷକଙ୍କ ମତାମତ

---------------------------------------------------------------------------

---------------------------------------------------------------------------

---------------------------------------------------------------------------

---------------------------------------------------------------------------

---------------------------------------------------------------------------

https://withteachers.in/


# ୬ ସଙ୍ଗୀତମୟ ବାଦ୍ୟଯନ୍ତ୍ର



## ଧ୍ୱନି ବିଜ୍ଞାନ

**କମ୍ପନ (Vibration) :**

ବସ୍ତୁ ବସ୍ତୁ ମଧ୍ୟରେ ଆଘାତ ହୋଇ କ୍ରମେ କମ୍ପନ ଓ ପରେ ପରେ ତାହା ଧ୍ୱନିରେ ପରିଣତ ହୋଇଥାଏ । ଯେତେବେଳେ କୌଣସି ବସ୍ତୁ କମ୍ପିତ ହୁଏ, ତାହା ଶବ୍ଦ ତରଙ୍ଗ ସୃଷ୍ଟି କରେ । ଏହି ଶବ୍ଦ ତରଙ୍ଗଗୁଡ଼ିକ ବିଭିନ୍ନ ମାଧ୍ୟମ ଯଥା : ବାୟୁ, ଜଳ ଇତ୍ୟାଦି ଦେଇ ଆମ କାନ ପାଖରେ ପହଞ୍ଚିଯାଏ । ଯାହାକୁ ଆମେ ଶୁଣିପାରୁ । ଏହି ଶବ୍ଦର ପ୍ରୟୋଗ ସଙ୍ଗୀତ କ୍ଷେତ୍ରରେ ଧ୍ୱନି ରୂପରେ ଗ୍ରହଣ କରାଯାଇଥାଏ । ସଙ୍ଗୀତକୁ ଆମେ ଧ୍ୱନି ରୂପରେ ଶୁଣିପାରୁ ବା ଅନୁଭବ କରିପାରୁ । ତେଣୁ ସଙ୍ଗୀତ ଧ୍ୱନ୍ୟାତ୍ମକ ଅଟେ ।





**ଅନୁରଣନ (Resonance) :**

ଅନୁରଣନ ମାଧ୍ୟମରେ ଧ୍ୱନି ବୃଦ୍ଧି ହେବା ସହିତ ଅଧିକ ଜୋର୍‌ରେ ତାହା ଶୁଣାଯାଏ, ଚମଡ଼ା ଦ୍ୱାରା ଆବୃତ୍ତ ହୋଇ ତିଆରି ହୋଇଥିବା କୌଣସି ଅବନଦ୍ଧ ତାଳ ବାଦ୍ୟ, ଯଥା : ମର୍ଦ୍ଦଳ, ତବଲା, ମୃଦଙ୍ଗ, ଢୋଲକ ଇତ୍ୟାଦି ବଜାଇଲେ ଯେଉଁ ଧ୍ୱନି ଆମେ ଶୁଣିବାକୁ ପାଉ, ତାହା ସେହି ସେହି ବାଦ୍ୟଯନ୍ତ୍ରର ଆଘାତ ଜନିତ କମ୍ପନରୁ ହିଁ ସୃଷ୍ଟି ହୋଇଥାଏ । ଅନୁରଣନ ମାଧ୍ୟମରେ ଅବନଦ୍ଧ ତାଳବାଦ୍ୟର ଶରୀର ଓ ତାହାର ଭିତର ଅଂଶ ଫମ୍ପା ହୋଇଥିବା ହେତୁ ଏହା ଅଧିକ କମ୍ପିତ ହୋଇ ଧ୍ୱନି ସୃଷ୍ଟି କରିଥାଏ ।


**ଆବୃତ୍ତି (Frequence) :**

ବାରମ୍ବାରତା ଫ୍ରିକ୍ୱେନ୍ସି ହେଉଛି ପ୍ରତି ସେକେଣ୍ଡର କମ୍ପନ ସଂଖ୍ୟା । ଏକ ଦ୍ରୁତ କମ୍ପନ ଅଧିକ ଫ୍ରିକ୍ୱେନ୍ସି ବା ବାରମ୍ବାରତତା ଉପାଦାନ କରିବା ସହିତ ଉଚ୍ଚ ଧ୍ୱନି ସୃଷ୍ଟି କରାଇବାରେ ସହାୟକ ହୋଇଥାଏ । ଉଦାହରଣ ସ୍ୱରୂପ ସିତାରର ଟ୍ୟୁନିଙ୍ଗ୍ ପେଗ୍‌କୁ ଟାଣିବା ଦ୍ୱାରା ତାହା ପ୍ରତିକ୍ରିୟାଶୀଳ ହୋଇ କମ୍ପନ ସୃଷ୍ଟି କରିବା ସହିତ ସେଥିରୁ ଅଧିକ ଉଚ୍ଚ ସ୍ୱର ଉତ୍ପନ୍ନ ହୋଇଥାଏ ।




**ଟିମ୍ବର (Timber) :**

ସଙ୍ଗୀତ କ୍ଷେତ୍ରରେ ଟିମ୍ବର ଶବ୍ଦର ପ୍ରୟୋଗ ଅତି ବିଶେଷ ଅର୍ଥରେ ବ୍ୟବହାର କରାଯାଏ, ତୁମେମାନେ ବିଭିନ୍ନ କଣ୍ଠ ସଙ୍ଗୀତ ଓ ବିଭିନ୍ନ ବାଦ୍ୟ ବଜାଉଥିବା କଳାକାରମାନଙ୍କୁ ଶୁଣିଛ । ବିଭିନ୍ନ କଣ୍ଠଶିଳ୍ପୀମାନଙ୍କର କଣ୍ଠସ୍ୱରର ଟିମ୍ବର ଭିନ୍ନ ଭିନ୍ନ ହୋଇଥିବାରୁ ପ୍ରତ୍ୟେକଙ୍କ ଗୀତ ଗାଇବାର ଶୈଳୀ ଓ ଆମେ ଶୁଣିବାରେ ଭିନ୍ନତା ଅନୁଭବ କରିଥାନ୍ତି । ଠିକ୍ ସେହିପରି ସ୍ୱର ବାଦ୍ୟଯନ୍ତ୍ର ଯଥା- ବଂଶୀ, ହାରମୋନିୟମ୍, ବେହେଲା, ସିତାର ଓ ତାଳବାଦ୍ୟଯନ୍ତ୍ର ଯେପରି ମର୍ଦ୍ଦଳ, ତବଲା, ଢୋଲକ, ଧୁମ୍‌ସା ଇତ୍ୟାଦି ଧ୍ୱନିର ସ୍ୱର ଓ ତାହାର ଟିମ୍ବର ଭିନ୍ନଭିନ୍ନ ହୋଇଥାଏ, ଏହାର ଗଠନ ଓ ବାଦନ ଶୈଳୀ ମଧ୍ୟ ଭିନ୍ନ ଅଟେ । ଟିମ୍ବରର ଏହି ବିଶେଷଗୁଣ ସଙ୍ଗୀତକୁ ବୈଚିତ୍ର୍ୟମୟ କରିଥାଏ । ତୁମେମାନେ ନିଶ୍ଚିତ ଭାବୁଥିବ ଯେ, ସଙ୍ଗୀତ ଉଭୟ କଳା ଓ ବିଜ୍ଞାନକୁ ନେଇ କିପରି ସମୃଦ୍ଧ ହୋଇଛି । ତାହା ଶ୍ରେଣୀରେ ଆଲୋଚନା କର ଓ ସେହି ବିଷୟରେ ଅଧିକ ଜାଣିବାକୁ ଚେଷ୍ଟାକର ।



https://withteachers.in/

## ସଙ୍ଗୀତମୟ ବାଦ୍ୟଯନ୍ତ୍ର ତିଆରି କରିବା

ସଙ୍ଗୀତରେ ବ୍ୟବହାର କରାଯାଉଥିବା ବାଦ୍ୟଯନ୍ତ୍ରକୁ ତିଆରି କରୁଥିବା କାରିଗରମାନେ, ପାରମ୍ପରିକ କଳାର ବିଭିନ୍ନ ବର୍ଗଗୁଡ଼ିକୁ ବଞ୍ଚାଇ ରଖିବାରେ ବଳିଷ୍ଠ ଭୂମିକା ନିର୍ବାହନ କରିଥା'ନ୍ତି । ଆଜିର ଏହି ଆଧୁନିକ ଯୁଗରେ ତାହାକୁ ବଞ୍ଚାଇରଖିବା ପାଇଁ ବିଭିନ୍ନ କାର୍ଯ୍ୟକ୍ରମରେ ତାହା ଉପଯୋଗ ଏକାନ୍ତ ଜରୁରୀ ଅଟେ । ବୈଜ୍ଞାନିକ ଜ୍ଞାନକୌଶଳ ଓ ନୀତି ନିୟମକୁ ଅନୁସରଣ କରି ଏହି ସଙ୍ଗୀତାତ୍ମକ ବାଦ୍ୟଯନ୍ତ୍ରଗୁଡ଼ିକୁ ତିଆରି କରାଯିବାର ବିଧି ରହିଛି ।



ବାଦ୍ୟଯନ୍ତ୍ର ତିଆରି କରୁଥିବା କାରିଗର ଜଣକ ଏକ କାଠଗଣ୍ଡିକୁ ନେଇ ସ୍ତମ୍ଭାକାର ଆକୃତିରେ ତିଆରି କରୁଛନ୍ତି ।




ପରେ ପରେ ଢୋଲ ଆକୃତିର ଏକ ବାଦ୍ୟଯନ୍ତ୍ର ଓ ତାହାର ଉପରି ଭାଗରେ ଦିଆଯିବାକୁ ଥିବା ଚମଡ଼ା ଛପରଟି ତିଆରି କଲେ ।



ସେହି କାଠରେ ତିଆରି ହୋଇଥିବା ଢୋଲ ଆକୃତିର ବାଦ୍ୟଯନ୍ତ୍ରର ଉଭୟ ପାଖରେ ତାହାକୁ ଦୃଢ଼ ଭାବରେ ବାନ୍ଧିଲେ ।




ସୁମଧୁର ଧ୍ୱନି ସୃଷ୍ଟି କରିବାପାଇଁ ଷ୍ଟ୍ରାପ୍ (ଗଛ) ବନ୍ଧାଯାଇ ତାହାକୁ ଦୃଢ଼ ଭାବରେ ଭିଡ଼ାଗଲା ।



**ଶିକ୍ଷକଙ୍କ ପାଇଁ ସୂଚନା :** ନିଜ ଅଞ୍ଚଳରେ ବାସ କରୁଥିବା କୌଣସି ସମ୍ପ୍ରଦାୟର ଜଣେ ବାଦ୍ୟଯନ୍ତ୍ର କାରିଗରଙ୍କୁ ଖୋଜନ୍ତୁ । ତାଙ୍କୁ ନିଜ ବିଦ୍ୟାଳୟକୁ ନିମନ୍ତ୍ରଣ କରିବା ସହିତ ବାଦ୍ୟଯନ୍ତ୍ରର ନିର୍ମାଣ ଶୈଳୀ ଓ ତାହାର ରକ୍ଷଣବେକ୍ଷଣ ବିଷୟରେ ପ୍ରତ୍ୟକ୍ଷ ଭାବରେ ସେ ଛାତ୍ରଛାତ୍ରୀଙ୍କ ସମ୍ମୁଖରେ କାର୍ଯ୍ୟ କରି ଦେଖାଇବେ । ଫଳସ୍ୱରୂପ ଆମ ସମାଜରେ କାରିଗରମାନଙ୍କର ମହତ୍ତ୍ୱ ବିଷୟରେ ଛାତ୍ରଛାତ୍ରୀମାନେ ଅବଗତ ହେବେ ।



https://withteachers.in/

## ସଙ୍ଗୀତଜ୍ଞ ଓ ସେମାନଙ୍କ ବାଦ୍ୟଯନ୍ତ୍ର

ସଙ୍ଗୀତଜ୍ଞମାନେ ପ୍ରାୟତଃ ସେମାନେ ବାଦନ କରୁଥିବା ବାଦ୍ୟଯନ୍ତ୍ରକୁ ନେଇ ପ୍ରସିଦ୍ଧି ଅର୍ଜନ କରିବା ସହିତ ସମାର୍ଥକ ହୋଇଥାନ୍ତି । ତୁମମାନଙ୍କ ଜାଣିବା ପାଇଁ ଏଠାରେ କେତେଜଣ ମହାନ ସଙ୍ଗୀତଜ୍ଞ ଓ ସେମାନଙ୍କ ଦ୍ୱାରା ବାଦନ କରାଯାଉଥିବା ବାଦ୍ୟଯନ୍ତ୍ର ପ୍ରସଙ୍ଗରେ ସାମାନ୍ୟ ଆଲୋଚନା କରାଯାଉଅଛି । ତତ୍‌ସହିତ ତୁମେମାନେ ଆମ ଦେଶର ଅନ୍ୟ ମହାନ ସଙ୍ଗୀତଜ୍ଞମାନଙ୍କ ବିଷୟରେ ଜାଣିବାକୁ ମଧ୍ୟ ଚେଷ୍ଟାକର ।



### ଅନ୍ନପୂର୍ଣ୍ଣା ଦେବୀ-ସୁର୍‌ବାହାର



ଅନ୍ନପୂର୍ଣ୍ଣା ଦେବୀ (୧୯୨୭-୨୦୧୮), ତାଙ୍କ ଜନ୍ମିତ ନାମ ରୋସନାରା ଖାନ । ଭାରତୀୟ ଶାସ୍ତ୍ରୀୟ ସଙ୍ଗୀତର ସବୁଠାରୁ ପ୍ରଭାବଶାଳୀ ବ୍ୟକ୍ତିତ୍ୱମାନଙ୍କ ମଧ୍ୟରୁ ସେ ଥିଲେ ଅନ୍ୟତମ । ସେ ମୈହାର ଘରାନାର ପ୍ରସିଦ୍ଧ ବାବା ଆଲ୍ଲାଉଦ୍ଦିନ ଖାନଙ୍କ ଝିଅ ଥିଲେ । ସୁର୍‌ବାହାର ବାଦନ କରି ସେ ନିଜକୁ ସଙ୍ଗୀତର ଜଣେ ମହାନ ସାଧିକା ଓ କଳାକାର ଭାବରେ ପ୍ରତିଷ୍ଠିତ କରିପାରିଥିଲେ । ସୁର୍‌ବାହାର ହେଉଛି ଏକ ବାସ୍ (Bass) ସିତାର, ଯାହାର ଗଭୀର ପ୍ରତିଧ୍ୱନିତ ସ୍ୱର ପାଇଁ ଶ୍ରୋତା ଓ ଦର୍ଶକମାନଙ୍କୁ ଆକୃଷ୍ଟ କରିଥାଏ । ସୁର୍‌ବାହାର ବାଦନକରିବା କ୍ଷେତ୍ରରେ ମହିଳାମାନଙ୍କର ଭୂମିକା ଅସାଧାରଣ ଓ ଏକ ଆହ୍ୱାନ ସଦୃଶ । ଶାରୀରିକ ଭାବରେ ଏହାକୁ ବହନ କରିବା ଓ ବାଦନ କରିବା ଏକ କଷ୍ଟକର କାର୍ଯ୍ୟ ଅଟେ, ତଥାପି ଅନ୍ନପୂର୍ଣ୍ଣା ଦେବୀ ଏଥିରେ ପାରଙ୍ଗମ ଥିଲେ । ତାଙ୍କ ପିତା ଆଲ୍ଲାଉଦ୍ଦିନ ଖାନ ତାଙ୍କୁ ନିଜର ସର୍ବୋତ୍ତମ ଛାତ୍ରୀଭାବରେ ସ୍ୱୀକାର କରିଥିଲେ । ସାର୍ବଜନୀନ ଭାବରେ ସେ କୌଣସି ମଞ୍ଚରେ ସୁରବାହାର ବାଦନ କରିନଥିଲେ ମଧ୍ୟ ପରମ୍ପରା ପ୍ରତି ତାଙ୍କର ପ୍ରତିବଦ୍ଧତା ଏବଂ ରାଗ ସଙ୍ଗୀତ କ୍ଷେତ୍ରରେ ତାଙ୍କର ଗଭୀର ଜ୍ଞାନ ପାଇଁ ସେ ଖୁବ୍ ଜଣାଶୁଣା ଥିଲେ । ତାଙ୍କର ଛାତ୍ର ବଂଶୀବାଦକ ହରିପ୍ରସାଦ ଚୌରାସିଆ ଏବଂ ସିତାର ବାଦକ ନିଖିଲ ବାନାର୍ଜୀ ସବୁଠାରୁ ପ୍ରଶଂସିତ ଓ ପ୍ରସିଦ୍ଧ ସଙ୍ଗୀତଜ୍ଞ ଭାବେ ନିଜକୁ ପ୍ରତିଷ୍ଠିତ କରିପାରିଥିଲେ ।

**ସୁର୍‌ବାହାର ବିଷୟରେ :** ସୁର୍‌ବାହାର ଏକ ତାର (ତତ୍) ବାଦ୍ୟଯନ୍ତ୍ର ଅଟେ । ଅନେକଗୁଡ଼ିଏ ତାରକୁ ଏହା ଧାରଣ କରିଥାଏ । ଏହାକୁ ବାସ୍ (Bass) ସିତାର ବୋଲି ମଧ୍ୟ କୁହାଯାଏ । ବର୍ତ୍ତମାନ ଏହା ହିନ୍ଦୁସ୍ତାନୀ ଶାସ୍ତ୍ରୀୟ ସଙ୍ଗୀତ ପଦ୍ଧତିର ଏକ ପ୍ରମୁଖ ବାଦ୍ୟଯନ୍ତ୍ର ଭାବରେ ପ୍ରତିଷ୍ଠିତ ହୋଇଅଛି । ସିତାର ତୁଳନାରେ ଏଥିରେ ଅଧିକ ଗମ୍ଭୀର ଓ ନିମ୍ନସ୍ୱରର ପରିସର ରହିଛି । ସଙ୍ଗୀତରେ ବିସ୍ତୃତ ଆଳାପ ବିଭାଗକୁ ଏହା ଉପଯୁକ୍ତ ଭାବରେ କାର୍ଯ୍ୟକାରୀ କରିବା କ୍ଷେତ୍ରରେ ବିଶେଷ ସହାୟକ ହୋଇଥାଏ ।

https://withteachers.in/

## ପଣ୍ଡିତ ଭୁବନେଶ୍ୱର ମିଶ୍ର - ବେହେଲା (Violin) :

ଓଡ଼ିଶାର ସଂସ୍କୃତି ସମ୍ପନ୍ନ ଗଞ୍ଜାମ ଜିଲ୍ଲାର ପାରଳାଖେମୁଣ୍ଡି ଅଞ୍ଚଳରେ ପଣ୍ଡିତ ଭୁବନେଶ୍ୱର ମିଶ୍ର (୧୯୨୭-୧୯୯୩)ଙ୍କ ଜନ୍ମ । ବାଲ୍ୟଜନ୍ମରୁ ନିଜ ଅଞ୍ଚଳରେ ଥିବା ମନ୍ଦିର ଓ ମଠ ପରମ୍ପରାରେ ପ୍ରଚାରିତ ଓ ପ୍ରସାରିତ ହେଉଥିବା ଓଡ଼ିଶୀ ସଙ୍ଗୀତ ପ୍ରତି ସେ ବହୁ ପ୍ରଭାବିତ ହୋଇଥିଲେ । ସେ ସମୟରେ ମଠ ଓ ମନ୍ଦିର ପରମ୍ପରା ଓଡ଼ିଶାର ସାଂସ୍କୃତିକ ଚେତନାର କେନ୍ଦ୍ରସ୍ଥଳ ଥିଲା । ପରେ ସେ ଗୁରୁ ଦ୍ୱାରମ୍ ଭେଙ୍କଟସ୍ୱାମୀ ନାୟଡୁ ଓ ଦ୍ୱାରମ୍ ନରସିଂହ ରାଓ ନାୟଡୁଙ୍କଠାରୁ ଉଭୟ ହିନ୍ଦୁସ୍ତାନୀ ଓ କର୍ଣ୍ଣାଟକୀ ସଙ୍ଗୀତ ଶୈଳୀରେ ବେହେଲା ବାଦନ ଶିକ୍ଷା ଗ୍ରହଣ କଲେ ।

ପଦ୍ମବିଭୂଷଣ ଗୁରୁ କେଳୁଚରଣ ମହାପାତ୍ରଙ୍କ ସହିତ ମିଶି ସେ ଓଡ଼ିଶୀ ସଙ୍ଗୀତ ଓ ନୃତ୍ୟକୁ ବିଶ୍ୱର କୋଣାନୁକୋଣରେ ପ୍ରଚାର ପ୍ରସାର କରିବାରେ ଅଗ୍ରଣୀ ଭୂମିକା ନିର୍ବାହ କରିଥିଲେ । ଶ୍ରୀ ଜୟଦେବ କୃତ ଗୀତଗୋବିନ୍ଦର ସଙ୍ଗୀତ ଓ ସ୍ୱର ସଂଯୋଜନା ତାଙ୍କର ଏକ ମହାନ କୃତିତ୍ୱ ଅଟେ । ମହାନ ବଂଶୀବାଦକ ହରିପ୍ରସାଦ ଚୌରାସିଆଙ୍କ ସହିତ ଯୋଗଦେଇ ସେ ଅନେକ ଓଡ଼ିଆ ଓ ହିନ୍ଦୀ ଚଳଚ୍ଚିତ୍ରରେ ସଙ୍ଗୀତ ସଂଯୋଜନା କରିଥିଲେ ।

ଓଡ଼ିଶୀ, ହିନ୍ଦୁସ୍ତାନୀ ଓ କର୍ଣ୍ଣାଟକୀ ସଙ୍ଗୀତ ପଦ୍ଧତିରେ ବେହେଲା ବାଦନ କରି ସେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ । ଆକାଶବାଣୀ କଟକ କେନ୍ଦ୍ରରେ ଓଡ଼ିଶୀ ସଙ୍ଗୀତର ମହାନ ସାଧକ ଓ ଗୁରୁ ସିଂହାରୀ ଶ୍ୟାମସୁନ୍ଦର କର, କାଶୀନାଥ ପୂଜାପଣ୍ଡା, ସଙ୍ଗୀତ ସୁଧାକର ବାଳକୃଷ୍ଣ ଦାଶ ଇତ୍ୟାଦିଙ୍କ ସଙ୍ଗୀତ ପରିବେଷଣରେ ସେ ବହୁତ ପ୍ରଭାବିତ ହୋଇଥିଲେ । ଓଡ଼ିଶାର ସଙ୍ଗୀତ ପ୍ରତି ତାଙ୍କର ମହତ୍ ଅବଦାନ ପାଇଁ ତାଙ୍କୁ ୧୯୭୯ ମସିହାରେ ଓଡ଼ିଶା ସଙ୍ଗୀତ ନାଟକ ଏକାଡ଼େମୀ ଏବଂ ୧୯୮୬ ମସିହାରେ କେନ୍ଦ୍ର ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାର ସହିତ ଦେଶ ବିଦେଶର ଅନେକ ସରକାରୀ ଓ ବେସରକାରୀ ପ୍ରତିଷ୍ଠାନ ତରଫରୁ ବିଭିନ୍ନ ପୁରସ୍କାରରେ ସମ୍ମାନିତ କରାଯାଇଥିଲା ।

## ସୁରମଣୀ ବାଉରୀବନ୍ଧୁ ସେଠୀ - ସିତାର (Sitar) :

ସୁରମଣି ବାଉରୀବନ୍ଧୁ ସେଠୀ (୧୯୫୧-୨୦୧୨) ଓଡ଼ିଶାର ସଙ୍ଗୀତ ଜଗତରେ ଜଣେ ଶ୍ରଦ୍ଧାଶୀଳ ଉଚ୍ଚାରଣ । ପିଲାଟି ଦିନରୁ ସେ ସଙ୍ଗୀତ ପ୍ରତି ଆକୃଷ୍ଟ ହୋଇ ପ୍ରଖ୍ୟାତ ସଙ୍ଗୀତଜ୍ଞ ତାରିଣୀ ଚରଣ ପାତ୍ରଙ୍କ ଦ୍ୱାରା ପ୍ରତିଷ୍ଠିତ ‘ଗାନ୍ଧିଜୀ ସଙ୍ଗୀତ କଳାମନ୍ଦିର’ କବିସୂର୍ଯ୍ୟନଗରରେ ପ୍ରଥମେ କଣ୍ଠ ସଙ୍ଗୀତ ଶିକ୍ଷା ଗ୍ରହଣ କରିଥିଲେ । ୧୯୬୫ ମସିହାରେ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ, ଭୁବନେଶ୍ୱରେ ଥିବା ସିତାର ବିଭାଗରେ ପଣ୍ଡିତ ଗଜାନନ ନନ୍ଦିଙ୍କଠାରୁ ସିତାର ବାଦନର ବିଧିବଦ୍ଧ ଶିକ୍ଷା ଗ୍ରହଣ କଲେ ।

ଛଅବର୍ଷ ବୟସରେ ବସନ୍ତ ରୋଗରେ ଆକ୍ରାନ୍ତ ହୋଇ ସେ ନିଜର ଦୃଷ୍ଟିଶକ୍ତି ହରାଇଥିଲେ ସତ କିନ୍ତୁ ସଙ୍ଗୀତ ସାଧନାରୁ କେବେ ବିରତ ହୋଇ ନଥିଲେ । କଠିନ ପରିଶ୍ରମ କରି ସିତାରରେ ସ୍ନାତକୋତ୍ତର ଶିକ୍ଷା ସମାପନ ପରେ ଜଣେ ସଙ୍ଗୀତାନୁରାଗୀ ମହନ୍ତ ତାଙ୍କୁ ସମ୍ବଲପୁରର ଏକ ମଠକୁ ନେଇଯାଇଥିଲେ । ୧୯୮୨ ମସିହାରେ ବିଶ୍ୱର ପ୍ରଖ୍ୟାତ ସିତାର ବାଦକ ପଣ୍ଡିତ ନିଖିଲ ବାନାର୍ଜୀଙ୍କ ସାନ୍ନିଧ ପ୍ରାପ୍ତ ହୋଇଥିଲେ । ପରେ ପରେ ପଣ୍ଡିତ ମଣିଲାଲ୍ ନାଗଙ୍କ ଠାରୁ ସେ ସିତାରର ବାଦନ କୌଶଳ ଓ ତାଲିମ୍ ହାସଲ କରିବାର ଗୌରବ ଅର୍ଜନ କରିଥିଲେ । ୧୯୭୯ରୁ ୨୦୧୧ ମସିହା ପର୍ଯ୍ୟନ୍ତ ସେ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟର ସିତାର ବିଭାଗର ଅଧ୍ୟାପକ ଭାବେ ଅନେକ ଛାତ୍ରଛାତ୍ରୀଙ୍କୁ ଶିକ୍ଷାଦାନ କରି ଓଡ଼ିଶାରେ ସିତାର ବାଦ୍ୟକୁ ଆଦୃତ କରାଇଥିଲେ ।

ସେ ଭାରତର ପ୍ରଖ୍ୟାତ ସଙ୍ଗୀତଜ୍ଞ ପଣ୍ଡିତ ସାମତା ପ୍ରସାଦ ମିଶ୍ର, ସମର ଶାହା, ରଫିଜ୍ ଉଦ୍ଦିନ୍ ସାବ୍ରୀ, ପଣ୍ଡିତ ଉମେଶ ଚନ୍ଦ୍ର କର, ପଣ୍ଡିତ ହରମୋହନ ଖୁଣ୍ଟିଆ ଇତ୍ୟାଦି ଜାତୀୟ ସ୍ତରର ଅନେକ ସଙ୍ଗୀତ ଶିଳ୍ପୀଙ୍କ ସହିତ ସେ ସଙ୍ଗୀତ ପରିବେଷଣ କରିଛନ୍ତି । ତାଙ୍କର ଏହି କୃତିତ୍ୱ ପାଇଁ ତାଙ୍କୁ ସରକାରୀ ଓ ବେସରକାରୀ ସ୍ତରରେ ଅନେକ ସମ୍ମାନରେ ସମ୍ମାନିତ କରାଯାଇଛି ।



https://withteachers.in/

**ପଣ୍ଡିତ ଉମେଶ ଚନ୍ଦ୍ର କର – ତବଲା**

ପଣ୍ଡିତ ଉମେଶ ଚନ୍ଦ୍ର କର (୧୯୫୦ – ୨୦୨୨) ଭାରତୀୟ ଶାସ୍ତ୍ରୀୟ ସଙ୍ଗୀତର ତବଲା ବାଦନ କ୍ଷେତ୍ରରେ ଏକ ଚିର ସ୍ମରଣୀୟ ନାମ । ଅନନ୍ୟ ତବଲା ସାଧକ ଓ ବାଗ୍ମୀ ବାଦ୍ୟବିନୋଦ କ୍ଷେତ୍ରମୋହନ କରଙ୍କର ସେ ଥିଲେ ସୁଯୋଗ୍ୟ ସନ୍ତାନ । ନିଜ ପିତାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଓ ପ୍ରେରଣାରୁ ତବଲା ବାଦନର ବିଧିବଦ୍ଧ ଶିକ୍ଷା ଗ୍ରହଣ କରି, ପରେ ପରେ ସେ ପଦ୍ମବିଭୂଷଣ ଜ୍ଞାନ ପ୍ରକାଶ ଘୋଷଙ୍କ ଠାରୁ ଦିଲ୍ଲୀ ଓ ଫାରୁକାବାଦ ଘରାନାର ବାଦନ ଶୈଳୀରେ ଶିକ୍ଷା ଗ୍ରହଣ କରିଥିଲେ । ୧୯୭୨ ମସିହାରେ ଆକାଶବାଣୀ ତରଫରୁ ତବଲାରେ ଶାସ୍ତ୍ରୀୟ ସଙ୍ଗୀତ ଶିଳ୍ପୀ ଭାବରେ 'ଏ' ଗ୍ରେଡ୍ ଏବଂ ୧୯୯୬ ମସିହାରେ ଜଣେ ଶ୍ରେଷ୍ଠ ଶାସ୍ତ୍ରୀୟ ସଙ୍ଗୀତ କଳାକାର ଭାବରେ ସ୍ୱୀକୃତି ଲାଭ କରିଥିଲେ । ଜାତୀୟ ସ୍ତରର ବିଭିନ୍ନ ସଙ୍ଗୀତ ସମ୍ମିଳନୀରେ ତବଲା ବାଦନ କରିବାରେ ସେ ହେଉଛନ୍ତି ଏକମାତ୍ର ଓଡ଼ିଆ କଳାକାର । ୧୯୭୮ ମସିହାରେ ସେ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟର ତବଲା ବିଭାଗର ବିଭାଗୀୟ ମୁଖ୍ୟ ଓ ପରେପରେ ମହାବିଦ୍ୟାଳୟର ଅଧକ୍ଷ ଭାବରେ କାର୍ଯ୍ୟ କରିଥିଲେ ।

ଭାରତୀୟ ସଙ୍ଗୀତ ଜଗତର ମହାନ କଳାକାର ଯଥା– ଉସ୍ତାଦ ବିସ୍‌ମିଲ୍ଲା ଖାଁ, ଅମିର ଖାଁ, ବେଗମ୍ ଅଖତର, ମାଣିକ ବର୍ମା, ପଣ୍ଡିତ ରବିଶଙ୍କର, ପଣ୍ଡିତ ଭି.ଜି. ଯୋଗ, ପଣ୍ଡିତ ଯସରାଜ, ଗିରିଜା ଦେବୀ, ରାଜନ–ସାଜନ ମିଶ୍ର ଇତ୍ୟାଦିଙ୍କ ସହିତ ତବଲା ବାଦନ କରି ସେ ଉଚ୍ଚ ପ୍ରଶଂସିତ ହୋଇଥିଲେ ।

ପୁରୀଧାମର ଶ୍ରୀମନ୍ଦିରରେ ଥିବା ଜଗମୋହନ, ଠିକ୍ ମହାପ୍ରଭୁଙ୍କ ସମ୍ମୁଖରେ ବସି ଅନେକ ସଙ୍ଗୀତଜ୍ଞମାନଙ୍କ ସହିତ ତବଲା ବାଦନ କରିବାର ସୌଭାଗ୍ୟ ତାଙ୍କୁ ପ୍ରାପ୍ତ ହୋଇଥିଲା । ତବଲାର ଦୁଇ ଗୋଲ କିରଣ ମଧ୍ୟରେ ସେ ଜଗତର ନାଥ ଜଗନ୍ନାଥଙ୍କୁ ଅନୁଭବ କରୁଥିଲେ । ଶ୍ରୀଜଗନ୍ନାଥଙ୍କ ଅପାର କରୁଣାରୁ ଓ ନିଜର ଅଭ୍ୟାସ ବଳରେ ୭ରୁ ୮ ଘଣ୍ଟା ପର୍ଯ୍ୟନ୍ତ ବିନା ବିଶ୍ରାମରେ ତବଲା ବାଦନ କରି ଶ୍ରୋତାମାନଙ୍କୁ ମୁଗ୍ଧ କରିଦେଉଥିଲେ । ତାଙ୍କର ସାଧନା ଓ ସିଦ୍ଧି ପାଇଁ ସେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାର ସହିତ ଆମେରିକାର ୱାଶିଂଟନଠାରେ ତାଙ୍କୁ ପଣ୍ଡିତ ଉପାଧିରେ ଭୂଷିତ କରାଯାଇଥିଲା । ସେହିପରି ସୁରସିଂହାର ସଂସଦ, ମୁମ୍ବାଇ ତାଙ୍କୁ ତାଳମଣି ଉପାଧିରେ ସମ୍ମାନିତ କରିଥିଲେ । ଓଡ଼ିଶାର ପୁରୀ ଜିଲ୍ଲାରେ ଜନ୍ମିତ ଏହି ମହାନ ବିଭୂତି ଆମ ଓଡ଼ିଆ ଜାତିର ଗର୍ବ ଓ ଗୌରବ ।

**ପନ୍ନାଲାଲ ଘୋଷ – ବଂଶୀ**

ପନ୍ନାଲାଲ ଘୋଷ (୧୯୧୧–୧୯୬୦) ଭାରତୀୟ ବଂଶୀ ବାଦନ କ୍ଷେତ୍ରରେ ଏକ ଅବିସ୍ମରଣୀୟ ନାମ । ସେ ଏକାଧାରରେ ବଂଶୀ ବାଦକ ଓ ସଙ୍ଗୀତଜ୍ଞ ଥିଲେ । ସେ ବାବା ଆଲ୍ଲାଉଦ୍ଦିନ୍ ଖାଁଙ୍କର ପରମ ଶିଷ୍ୟ ଥିଲେ । ହିନ୍ଦୁସ୍ତାନୀ ଶାସ୍ତ୍ରୀୟ ସଙ୍ଗୀତ ଧାରାରେ ବଂଶୀର ସମୂହ ବାଦନ ସହିତ ତାହାଙ୍କୁ ସେ ଲୋକପ୍ରିୟ କରାଇପାରିଥିଲେ । ପିଲାଦିନେ ସେ ଗୋପାଳକମାନେ ବଜାଉଥିବା ଛୋଟ ବଂଶୀ ଧରୁଥିଲେ । ପିତାଙ୍କ ଠାରୁ ସିତାର ବାଦନ କୌଶଳ ଅନୁସରଣରେ ସେ ସେହି ଶିକ୍ଷାର ଢାଞ୍ଚାକୁ ନିଜର ବଂଶୀ ବାଦନ କ୍ଷେତ୍ରରେ ପ୍ରୟୋଗ କଲେ । ଯେତେବେଳେ ତାଙ୍କୁ ୧୮ ବର୍ଷ ବୟସ ସେତେବେଳେ ସେ ବଂଶୀ ବାଦନ କ୍ଷେତ୍ରରେ ଅଧିକ ଧ୍ୟାନ କେନ୍ଦ୍ରିତ କଲେ । ସେ ଅନୁଭବ କଲେ ଯେ, ଏକ ବଡ଼ବଂଶୀର ସ୍ୱର ଉଭୟ ଶାସ୍ତ୍ରୀୟ ଓ ଉପଶାସ୍ତ୍ରୀୟ ସଙ୍ଗୀତ ପାଇଁ ଉପଯୁକ୍ତ ହେବ । ପରେ ପରେ ଘୋଷ ମହାଶୟ ଅନେକ ପ୍ରକାରର କାଠ ଓ ଧାତୁ ସହିତ ବିଭିନ୍ନ ସାମଗ୍ରୀକୁ ନେଇ ପରୀକ୍ଷଣ କଲେ ଏବଂ ସର୍ବଶେଷରେ ବଂଶୀର ଶରୀର ବାଉଁଶରେ ତିଆରି କରାଇବା ଓ ତାହାକୁ ବ୍ୟବହାର କରିବାକୁ ନିଷ୍ପତ୍ତି ନେଲେ । ୩୨ ଇଞ୍ଚର ଲମ୍ବା ବଂଶୀ ତିଆରି କରି ବାଦନ କରିବାକୁ ସ୍ଥିର କଲେ ।

କଲିକତାର ନ୍ୟୁ ଥିଏଟର୍ସ ଲିମିଟେଡ୍‌ରେ ସଙ୍ଗୀତ ସଂଯୋଜକ ଓ ପ୍ରଯୋଜକ ଭାବେ କାମ କରୁଥିଲେ । ସଙ୍ଗୀତରେ ନିଜର ଭବିଷ୍ୟତ ଗଢ଼ିବାକୁ ୧୯୪୦ ମସିହାରେ ସେ ବମ୍ବେ ଆସିଥିଲେ । ସ୍ୱାଧୀନ ଭାବେ ସେ 'ସ୍ନେହ ବନ୍ଧନ' (୧୯୪୦) ଚଳଚ୍ଚିତ୍ରରେ ସଙ୍ଗୀତ ସଂଯୋଜନା କରିଥିଲେ । ଏହି ଚଳଚ୍ଚିତ୍ରର ଲୋକପ୍ରିୟ ଗୀତଗୁଡ଼ିକ ଯଥା– "ଆବରୋ କେକ କମାନୋନ ମେ", ଏବଂ "ସ୍ନେହ ବନ୍ଧନ ମେଁ ବନ୍ଧେ ହୁଏ", ଯାହାକୁ ମସ୍ତାନ ଏବଂ ବିବୋ ଖାନ୍ ଏବଂ ପଣ୍ଡିତ ରବିଶଙ୍କରଙ୍କ ସହିତ ମିଶି "ଅନ୍ଧିଆନ" ଚଳଚ୍ଚିତ୍ର ପାଇଁ ପ୍ରଚ୍ଛଦ ସଙ୍ଗୀତ ସଂଯୋଜନା କରିଥିଲେ । ପନ୍ନାଲାଲ ଘୋଷ ସାତଗୋଟି ରନ୍ଧ୍ର ଥିବା ବଂଶୀର ପ୍ରଚଳନ କରାଇଥିଲେ ।

https://withteachers.in/

## କାର୍ଯ୍ୟକଳାପ ୬.୧ : ସଙ୍ଗୀତମୟ ବାଦ୍ୟଯନ୍ତ୍ରଗୁଡ଼ିକର ନାମ ଖୋଜିବା ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| I | B | K | S | L | B | U | M | M | L | E | T | U | L | F |
| S | R | R | A | I | S | R | A | H | A | B | R | U | S | W |
| A | T | U | Z | L | A | A | G | M | O | R | S | I | N | G |
| R | R | V | S | P | O | L | N | C | P | Y | J | S | K | J |
| O | U | I | D | N | Y | H | A | T | D | I | I | Y | T | A |
| D | M | O | G | R | A | L | D | V | O | T | A | X | G | W |
| D | P | L | R | N | B | B | I | P | A | O | V | N | O | A |
| U | E | I | O | A | A | O | R | R | C | E | R | I | O | H |
| R | T | N | T | G | L | R | M | L | E | N | A | A | X | K |
| M | A | T | A | H | G | T | A | N | Y | R | R | N | Y | A |
| G | U | I | T | A | R | R | A | S | U | A | S | H | F | P |
| J | Z | Y | U | U | I | P | D | P | T | F | R | E | A | H |
| R | L | K | T | N | L | A | N | K | P | X | Y | H | B | W |
| G | X | R | E | Z | F | A | E | O | Z | M | A | S | D | N |
| C | B | T | W | T | T | E | N | O | H | P | O | X | A | S |




**ଟିପ୍ପଣୀ :**

ଏହି ସାରଣୀ ମଧ୍ୟରେ ଦିଆଯାଇଥିବା ଶବ୍ଦଗୁଡ଼ିକ ଯେକୌଣସି ଦିଗକୁ ନିର୍ଦ୍ଦେଶିତ ହୋଇଥାଇପାରେ । ତାହାକୁ ଖୋଜିବା ।

ବାଂସୁରୀ (Bansuri), କ୍ଲାରିନେଟ୍ (Clarinet)
ଢୋଲକ (Dholok), ଏକତାରା (Ektara)
ବଂଶୀ (Flute), ଘଟମ୍ (Ghatam), ଗିଟାର୍ (Guitar)
ମୋର୍ସିଂ (Morsing), ସରୋଦ (Sarod)
ସାକ୍ସଫୋନ୍ (Saxophone), ସାହାନାଇ (Shehnai)
ସିତାର (Sitar)



https://withteachers.in/

## କାର୍ଯ୍ୟକଳାପ ୬.୨ : ବାଦ୍ୟଯନ୍ତ୍ରକୁ ନେଇ ମାନଚିତ୍ର ପ୍ରସ୍ତୁତ କରିବା ।

ଏଠାରେ ଭାରତର ବିଭିନ୍ନ ଅଞ୍ଚଳରୁ ପ୍ରତିନିଧିତ୍ୱ କରୁଥିବା ଅବନଦ୍ଧ ତାଳବାଦ୍ୟଯନ୍ତ୍ରଗୁଡ଼ିକର ଛବି ସହିତ ନାମ ଲେଖାଯାଇଅଛି । ଭାରତର ଏକ ରେଖାଙ୍କିତ ମାନଚିତ୍ର ତିଆରି କର ଏବଂ ନିମ୍ନୋକ୍ତ ବାଦ୍ୟଯନ୍ତ୍ରଗୁଡ଼ିକ କେଉଁ ସ୍ଥାନରୁ ମିଳେ ଓ ବାଦନ କରାଯାଏ ତାହା ଚିହ୍ନିତ କର ।


ହାଲ୍‌ଗେ
(ଗୁଜୁରାଟ ଏବଂ କର୍ଣ୍ଣାଟକ)


ଉଡୁକ୍କାଇ / ଡମ୍ବରୁ
(ତାମିଲନାଡୁ ଓ ଓଡ଼ିଶା)


ମାଦଳ / ମଣ୍ଡାର
(ଓଡ଼ିଶା, ଝାଡ଼ଖଣ୍ଡ ଓ ବିହାର)


ତୁମ୍ବାକନାରି
(ଜମ୍ମୁ ଏବଂ କାଶ୍ମୀର)


ଚେଣ୍ଡା
(କେରଳ)


ନାଗରା /ଧୁମ୍‌ସା
(ରାଜସ୍ଥାନ ଓ ଓଡ଼ିଶା)


ପୁଙ୍ଗ
(ମଣିପୁର)


ମର୍ଦ୍ଦଳ
(ଓଡ଼ିଶା)


ପଞ୍ଚମୁଖ ବାଦ୍ୟ
(ହରିୟାଣା ଏବଂ
ଦକ୍ଷିଣ ଭାରତୀୟ ରାଜ୍ୟ)


ଆନନ୍ଦ ଲହରୀ/ଗୋପୀଯନ୍ତ୍ର/ଗାପଚୁ
(ଆସାମ, ଓଡ଼ିଶା, ପଶ୍ଚିମବଙ୍ଗ)

https://withteachers.in/

## କାର୍ଯ୍ୟକଳାପ ୬.୩ : କ୍ରସ୍‌ୱାର୍ଡ୍

**ବାଦ୍ୟଯନ୍ତ୍ରର ନାମରେ ହୋଇଥିବା କ୍ରସ୍‌ୱାର୍ଡର ସମାଧାନ କରିବା ।**

୧. ଅଖରୋଟ କିମ୍ବା ଗୋଲାପ କାଠ ଭଳି କଠିନ କାଠରେ ତିଆରି ହୋଇଥିବା ଏକତାର ବାଦ୍ୟଯନ୍ତ୍ର, ଯେଉଁଥିରେ ଶହେରୁ ଅଧିକ ତାର ଥାଏ ।

୨. ଭାରତୀୟ ଶାସ୍ତ୍ରୀୟ ସଙ୍ଗୀତର ଧ୍ରୁପଦ ଶୈଳୀ ପରିବେଷଣ ପାଇଁ ବ୍ୟବହୃତ ଏକ ତାଳବାଦ୍ୟ ଯନ୍ତ୍ର ।

୩. ଏକ ବାଦ୍ୟଯନ୍ତ୍ର ଯାହାକୁ ପଦ୍ମବିଭୂଷଣ ଉସ୍ତାଦ୍ ଜାକିର୍ ହୁସେନ୍‌ଙ୍କ ଦ୍ୱାରା ବାଦନ କରାଯାଇଥିଲା ।

୪. ଭାରତରତ୍ନ ପୁରସ୍କାର ପ୍ରାପ୍ତ ପଣ୍ଡିତ ରବିଶଙ୍କର ଯେଉଁ ବାଦ୍ୟଯନ୍ତ୍ର ବଜାଉଥିଲେ ।

୫. ବୋ ମଧ୍ୟଦେଇ ଚାରିଗୋଟି ତାର ବାଦନ କରାଯାଉଥିବା ବାଦ୍ୟଯନ୍ତ୍ର ।

୬. ପାତ୍ର ପରି ଓ ପୋଡ଼ା ମାଟିରେ ତିଆରି ହୋଇଥିବା ତାଳବାଦ୍ୟଯନ୍ତ୍ର ।

**ତଳକୁ କରି**

୭. ଏକ ଲମ୍ବ ତାରଯୁକ୍ତ ବାଦ୍ୟଯନ୍ତ୍ର, ଯାହାର ଚାରିଗୋଟି ତାରକୁ ଆଙ୍ଗୁଠି ଦ୍ୱାରା ବଜାଯାଏ ।


୮. ପବନଦ୍ୱାରା ଫୁଙ୍କ ସାହାଯ୍ୟରେ ବାଦନ କରାଯାଉଥିବା ବାଦ୍ୟଯନ୍ତ୍ର ଯେଉଁଥିରେ ୬ କିମ୍ବା ୭ଟି ରନ୍ଧ୍ରଥାଏ ଓ ଅଙ୍ଗୁଠି ଦେଇ ବାଦନ କରାଯାଏ ।

୯. ପବନ ଦ୍ୱାରା ସଞ୍ଚାଳିତ ବାଦ୍ୟଯନ୍ତ୍ର ସହିତ କି ବୋର୍ଡ ଯାହା ରିଡ୍ସ ମାଧ୍ୟମରେ ପବନଦ୍ୱାରା ପ୍ରଭାବିତ ହୋଇ ଧ୍ୱନି ସୃଷ୍ଟି କରିଥାଏ ।

୧୦. ଧାତୁ ପାତ୍ରର ସେଟ୍‌ରେ ପାଣି ଭର୍ତ୍ତି ହୋଇ ରହିଥିବା ତାଳ ବାଦ୍ୟ

୧୧. ଭାରତରତ୍ନ ପୁରସ୍କାର ପ୍ରାପ୍ତ ବିସ୍ମିଲ୍ଲା ଖାଁ ବାଦନ କରୁଥିବା ପବନ ଚାଳିତ ବାଦ୍ୟଟିର ନାମ ।

୧୨. ରାଜସ୍ଥାନୀ ଓ ସିନ୍ଧ୍ ଅଞ୍ଚଳର ଲୋକ ସଙ୍ଗୀତରେ ବ୍ୟବହୃତ ହେଉଥିବା ବୋ ବାଦ୍ୟଯନ୍ତ୍ର ।






https://withteachers.in/

# ମାନ ନିର୍ଦ୍ଧାରଣ

## ଅଧ୍ୟାୟ ୬ : ସଙ୍ଗୀତମୟ ବାଦ୍ୟଯନ୍ତ୍ର

| ଶୈକ୍ଷିକ ଲକ୍ଷ୍ୟ | ଦକ୍ଷତା | ପ୍ରତ୍ୟାଶିତ ଫଳାଫଳ | ଶିକ୍ଷକ | ନିଜେ |
|---|---|---|---|---|
| ୩ | ୩.୧ | ସଙ୍ଗୀତରେ ବ୍ୟବହୃତ ବିଭିନ୍ନ ବାଦ୍ୟଯନ୍ତ୍ରର ଉତ୍ପତ୍ତି ବିଷୟରେ ଜାଣେ ଓ ଆଲୋଚନା କରେ । | | |
| ୩ | ୩.୧ | ସଙ୍ଗୀତର ଧ୍ୱନି ଓ ତାହାର ବୈଜ୍ଞାନିକ ଦୃଷ୍ଟିକୋଣ ସମ୍ବନ୍ଧରେ ବୁଝେ । | | |
| ୪ | ୪.୧ | ବିଶିଷ୍ଟ ସଙ୍ଗୀତଜ୍ଞମାନଙ୍କର ଜୀବନୀ ଏବଂ ତାଙ୍କର ଅବଦାନ ବିଷୟରେ ଜାଣେ କି ? | | |

**ଶିକ୍ଷକଙ୍କ ମତାମତ ଏବଂ ଛାତ୍ରଙ୍କ ପର୍ଯ୍ୟବେକ୍ଷଣ**

https://withteachers.in/

# ୭ ଭାରତୀୟ ଶାସ୍ତ୍ରୀୟ ସଙ୍ଗୀତ




ବିଦ୍ୟାର୍ଥୀ ଗଣ ! ଆମେମାନେ ବିଗତ ଶ୍ରେଣୀଗୁଡ଼ିକରୁ ଆରମ୍ଭ କରି ଏଯାବତ୍ ପର୍ଯ୍ୟନ୍ତ ଭାରତୀୟ ଶାସ୍ତ୍ରୀୟ ସଙ୍ଗୀତ ବିଷୟରେ କିଛି କିଛି କଥା ଜାଣିଛେ ଓ ଶିଖିଛେ । ଭାରତୀୟ ସଙ୍ଗୀତ ପଦ୍ଧତିରେ ଦୁଇ ପ୍ରକାରର ଶାସ୍ତ୍ରୀୟ ସଙ୍ଗୀତ ଥିବା କଥା ଆମେ ପୂର୍ବରୁ ପଢ଼ିଛେ । ତାହା ହେଲା ଉତ୍ତର ଭାରତୀୟ ହିନ୍ଦୁସ୍ତାନୀ ଶାସ୍ତ୍ରୀୟ ସଙ୍ଗୀତ ପଦ୍ଧତି ଓ ଦକ୍ଷିଣ ଭାରତୀୟ କର୍ଣ୍ଣାଟକୀ ଶାସ୍ତ୍ରୀୟ ସଙ୍ଗୀତ ପଦ୍ଧତି । ଆମ ଓଡ଼ିଶାରେ କର୍ଣ୍ଣାଟକୀ ସଙ୍ଗୀତର ପ୍ରଚଳନ ଓ ଶିକ୍ଷଣ ବ୍ୟବସ୍ଥା ନଥିବା କାରଣରୁ ସେହି ସ୍ଥାନରେ ଆମ ରାଜ୍ୟର ଶାସ୍ତ୍ରୀୟ ସଙ୍ଗୀତ ଓଡ଼ିଶୀ ସଙ୍ଗୀତ ପଦ୍ଧତି ବିଷୟରେ ଅଧିକରୁ ଅଧିକ ଜାଣିବା ଓ ଶିଖିବା । ତତ୍ ସହିତ ହିନ୍ଦୁସ୍ତାନୀ ସଙ୍ଗୀତ ପଦ୍ଧତି ଓ କର୍ଣ୍ଣାଟକୀ ସଙ୍ଗୀତ ବିଷୟରେ ପୂର୍ବଭଳି ସଂକ୍ଷେପରେ ଜ୍ଞାନଆହରଣ କରିବା ।

**କର୍ଣ୍ଣାଟକୀ ସଙ୍ଗୀତ ପଦ୍ଧତି :**

କର୍ଣ୍ଣାଟକୀ ସଙ୍ଗୀତ ପଦ୍ଧତି ଦକ୍ଷିଣ ଭାରତରୁ ସୃଷ୍ଟିହୋଇ କ୍ରମେ ଦେଶ ବିଦେଶର ବିଭିନ୍ନ ପ୍ରାନ୍ତରେ ପ୍ରଚାରିତ ଓ ପ୍ରସାରିତ ହୋଇଅଛି । କର୍ଣ୍ଣାଟକୀ ସଙ୍ଗୀତରେ ପରିବେଷଣ କରାଯାଉଥିବା ପ୍ରତିଟି ଉପାଦନାକୁ କୃତି ବୋଲି କୁହାଯାଇଥାଏ । ଏଥିରେ ରାଗମାଳିକା, ସ୍ୱରଜାତି, ଗୀତମ୍, ପଦମ୍, ବର୍ଣ୍ଣମ୍ (ଚୌକବର୍ଣ୍ଣମ୍, ପଦ ବର୍ଣ୍ଣମ୍, ଧ୍ୱଜ ବର୍ଣ୍ଣମ୍, ତାନ ବର୍ଣ୍ଣମ୍) ରାଗମ୍, ତାନମ୍, ପଲ୍ଲବୀ, କୀର୍ତ୍ତନମ୍, ନିର୍‌ବଲ, ତିଲ୍ଲାନା, ଇତ୍ୟାଦି କୃତିଗୁଡ଼ିକୁ ପରିବେଷଣ କରାଯାଏ । ଏଥିରେ ବ୍ୟବହାର କରାଯାଉଥିବା ବାଦ୍ୟଯନ୍ତ୍ରଗୁଡ଼ିକ ହେଲା ତମ୍ବୁରା, ବେହେଲା, ମୃଦଙ୍ଗମ୍, ମଞ୍ଜିର, ଘଟମ୍ ଇତ୍ୟାଦି ।

କର୍ଣ୍ଣାଟକୀ ସଙ୍ଗୀତ ପଦ୍ଧତିରେ ମୁଖ୍ୟତଃ ୨ ଗୋଟି ତାଳର ବହୁଳ ବ୍ୟବହାର କରାଯାଇଥାଏ । ସେଗୁଡ଼ିକ ହେଲା- ଧ୍ରୁବ, ମଠ୍ୟ, ରୂପକ, ଝମ୍ପା, ତ୍ରିପୁଟା, ଅଟ୍ଟ, ଏକତାଳ ଇତ୍ୟାଦି । ସେହିପରି ଅନେକ ରାଗ ଯଥା- ଶଙ୍କରାଭରଣମ୍, କଲ୍ୟାଣୀ, ମୋହନମ୍, ହଂସଧ୍ୱନୀ, ତୋଡ଼ୀ, ଭୈରବୀ, କାମ୍ଭୋଜୀ, ସାବେରୀ, ଆରଭୀ, ଚାରୁକେଶୀ ଇତ୍ୟାଦି ପ୍ରମୁଖ ଭାବରେ ପରିବେଷଣ କରାଯାଇଥାଏ । ତ୍ୟାଗରାଜା, ମୁଥୁସ୍ୱାମୀ ଦୀକ୍ଷିତର୍, ଶ୍ୟାମାଶାସ୍ତ୍ରୀଙ୍କୁ କର୍ଣ୍ଣାଟକୀ ସଙ୍ଗୀତର ତ୍ରିଦେବ ଭାବରେ ଗ୍ରହଣ କରାଯାଏ । ତତ୍‌ସହିତ ପୁରନ୍ଦର ଦାସ, ସ୍ୱାଥୀ ଥିରୁନଲ, ପାପନାଶମ ଶିବ୍ଙ୍କ ଇତ୍ୟାଦିଙ୍କ ପ୍ରତ୍ୟକ୍ଷ ପ୍ରେରଣାରୁ କର୍ଣ୍ଣାଟକୀ ଶାସ୍ତ୍ରୀୟ ସଙ୍ଗୀତ ପଦ୍ଧତି ନିଜର ସ୍ୱତନ୍ତ୍ରତା ପ୍ରତିପାଦନ କରିଆସିଛି ।



ପଣ୍ଡିତ ଉମେଶ ଚନ୍ଦ୍ର କର



ସନନ୍ଦା ପଟ୍ଟନାୟକ



https://withteachers.in/

## ହିନ୍ଦୁସ୍ତାନୀ ସଙ୍ଗୀତ ପଦ୍ଧତି

**ରାଗ ଆଶାବରୀ**

ଏହି ରାଗଟି ଆଶାବରୀ ଠାଠ୍‌ରୁ ଆସିଅଛି । ଏହି ରାଗରେ ଗାନ୍ଧାର (ଗା), ଧୈବତ (ଧା) ଏବଂ ନିଷାଦ (ନି) ସ୍ୱର କୋମଳ ଲାଗିବା ସହିତ ଅନ୍ୟ ସମସ୍ତ ସ୍ୱର ଶୁଦ୍ଧ ଭାବରେ ବ୍ୟବହୃତ ହୋଇଥାଏ । ଏହାର ବାଦୀ ସ୍ୱର ଧୈବତ (ଧା) ଏବଂ ସମ୍ବାଦୀ ସ୍ୱର ଗାନ୍ଧାର(ଗା) ଅଟେ । ସେହିପରି ଆରୋହରେ ଗାନ୍ଧାର (ଗା) ଏବଂ ନିଷାଦ(ନି) ସ୍ୱର ବର୍ଜିତ ବା ବ୍ୟବହାର ହୁଏ ନାହିଁ। ରାଗର ଜାତି ଔଡ଼ୁବ-ସମ୍ପୂର୍ଣ୍ଣ । ଏହି ରାଗର ଗାୟନ ସମୟ ଦିବା ଦ୍ୱିତୀୟ ପ୍ରହର । ଯୌନପୁରୀ ରାଗ ଏହି ରାଗ ସହିତ ସମାନତା ରକ୍ଷାକରିଥାଏ ।

ରାଗ : ଆଶାବରୀ

ଠାଠ୍ : ଆଶାବରୀ

ଆରୋହ : ସା, ରେ, ମା, ପା, ଧା, ସାଂ

ଅବରୋହ : ସାନିଧା ପା, ମା ଗା, ରେ, ସା

ପକ୍କଡ଼ : ରେ, ମା, ପା, ନି, ଧା, ପା

ବର୍ଜିତ ସ୍ୱର : ଗା (ଗାନ୍ଧାର), ନି (ନିଷାଦ) ଆରୋହରେ

ଜାତି : ଔଡ଼ବ-ସଂପୂର୍ଣ୍ଣ

କୋମଳ ସ୍ୱର : (ଗାନ୍ଧାର) ଗା, (ଧୈବତ) ଧା, (ନିଷାଦ) ନି

ବାଦୀସ୍ୱର : ଧା (ଧୈବତ)

ସମ୍ବାଦୀ ସ୍ୱର : ଗା (ଗାନ୍ଧାର)

ଗାୟନ ସମୟ : ଦିବା ଦ୍ୱିତୀୟ ପ୍ରହର (ପୂର୍ବାହ୍ନ ୧୧ ଘଟିକାରୁ ଅପରାହ୍ଣ ୧ ଘଟିକା)

**ଆଶାବରୀ ରାଗର ଲକ୍ଷଣ ଗୀତ (ତିନ୍‌ତାଲ)**

ସ୍ଥାୟୀ : କାହ୍ନା ମୋହେ ଆଶାବରୀ ରାଗ

ସୁନାୟେ ଗା ନି କୋ

ଆରୋହନ ମେଁ ଛୁପାୟେ ।

| | | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|---|
| ସା | ରେ | ମା | ରେ | ମା | ପା | ଧା | ପା | ଧା | ଗାଂ | ରେଂ | ସାଂ | ରେଂ | ନି | ଧା | ପା |

ଅନ୍ତରା : ଧୈବତ ବାଦୀ ଗା ସମ୍ବାଦୀ

ମଧ୍ୟମ ସୁର ଗ୍ରହ ନ୍ୟାସ

ସୁପଞ୍ଚମବୃହଣ ସଙ୍ଗ ପୂର୍ଣ୍ଣ

ଦିଖାବତ

| | | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|---|
| ସା | ରେ | ମା | ରେ | ମା | ପା | ଧା | ପା | ଧା | ଗାଂ | ରେଂ | ସାଂ | ରେଂ | ନି | ଧା | ପା |

**କାର୍ଯ୍ୟକଳାପ ୭.୧**

**ସହଯୋଗିତା :**

ଏହି ଅଧ୍ୟାୟରେ ଶିଖିଥିବା କୌଣସି ଏକ ସଙ୍ଗୀତ ସଂଯୋଜନା ମଧ୍ୟରୁ ଗୋଟିଏ ସଂଯୋଜନା ସହିତ ତୁମେ ଜାଣିଥିବା କୌଣସି ଏକ ବାଦ୍ୟଯନ୍ତ୍ର ବଜାଅ ।

**ଗତି (ଲୟ) ପରିବର୍ତ୍ତନ**

ଏହି ଅଧ୍ୟାୟରେ ଶିଖିଥିବା ଯେକୌଣସି ସ୍ୱର ବା ଗୀତର ଅଂଶକୁ ଦ୍ରୁତ ଲୟ ଓ ବିଲମ୍ବିତ ଲୟରେ ଗାନକର । ସଙ୍ଗୀତରେ ଲୟ ପରିବର୍ତ୍ତନ ହେଲେ ତାହା ମନୋଭାବ ଉପରେ କିପରି ପ୍ରଭାବ ପକାଏ ଅନୁସନ୍ଧାନ କର ।

https://withteachers.in/

## ରାଗ : ଆଶାବରୀ ଲକ୍ଷଣ ଗୀତର ସ୍ୱରଲିପି, ତାଳ : ତିନିତାଳ

### କ୍ରମିକ ପୁସ୍ତକ ମାଳିକା ଭାଗ-୨, ପୃଷ୍ଠା ସଂଖ୍ୟା - ୩୬୨

| ମାତ୍ରା ସଂଖ୍ୟା | ୧ | ୨ | ୩ | ୪ | ୫ | ୬ | ୭ | ୮ | ୯ | ୧୦ | ୧୧ | ୧୨ | ୧୩ | ୧୪ | ୧୫ | ୧୬ |
|---|---|---|---|---|---|---|---|---|---|---|---|---|---|---|---|---|
| ବୋଲ୍ | ଧା | ଧିନ୍ | ଧିନ୍ | ଧା | ଧା | ଧିନ୍ | ଧିନ୍ | ଧା | ଧା | ତିନ୍ | ତିନ୍ | ତା | ତା | ଧିନ୍ | ଧିନ୍ | ଧା |
| ଚିହ୍ନ | × | | | | ୨ | | | | ୦ | | | | ୩ | | | |
| ସ୍ଥାୟୀ | | | | | | | | | ମା | ପାସାଂ | ଧା | ପା | ଧା | ମା | ପାଧା | ମାପା |
| | | | | | | | | | କା | ହ୍ନା | ମୋ | ହେ | ଆ | ଶା | ବ | ରୀ |
| | ଗା | – | ରେ | ସା | ରେ | ମା | ପା | – | ଧା | ଧା | ଧା | – | ନି | ଧା | ପା | ଧାମା |
| | ରା | S | ଗ | ସୁ | ନା | S | ୟେ | S | ଗା | ନି | କୋ | S | ଆ | S | ରୋ | S S |
| | ମା | ପା | ପାଧା | ମାପା | ଗା | – | ରେ | ସା | | | | | | | | |
| | ହ | ନ | ମେ | ଛୁ | ପା | S | S | ୟେ | | | | | | | | |
| | | | | | | | | | ମା | – | ପା | ପା | ଧା | – | ଧା | – |
| | | | | | | | | | ଧୈ | S | ବ | ତ | ବା | S | ଦୀ | S |
| ଅନ୍ତରା | ସାଂ | – | ସାଂ | ସାଂ | ସାଂ | – | ସାଂ | – | ଧା | – | ଧା | ଧା | ସାଂ | ସାଂ | ସାଂ | ସାଂ |
| | ଗା | S | ଓ | ମ | ବା | S | ଦୀ | S | ମ | S | ଧ | ମ | ସୁ | ର | ଗ୍ର | ହ |
| | ସାଂରେଂ | ଗାଂ | ରେଂ | ସାଂ | ସାଂ | ରେଂନି | ଧା | ପା | ମା | ପା | ସାଂ | – | ଧା | ପା | ପାଧା | ମାପା |
| | ନ୍ୟା | S | ଓ | ସୁ | ପ | S S | ଞ୍ଚ | ମ | S | ଭ | ରୋ | S | ହ | ନ | ସଙ୍ଗ | S S |
| | ଗା | ଗା | ରେ | ସା | ରେ | – | ସା | ସା | | | | | | | | |
| | ପୂ | ର | ନ | ଦି | ଖା | S | ବ | ତ | | | | | | | | |



https://withteachers.in/

## କୃତି ।୮୦

### ରାଗ : ଆଶାବରୀ, ତାଳ : ଝାପତାଲରେ ଏକ ସରଗମ୍ ଗୀତ ଶିଖିବା

| ମାତ୍ରା ସଂଖ୍ୟା | ୧ | ୨ | ୩ | ୪ | ୫ | ୬ | ୭ | ୮ | ୯ | ୧୦ |
|---|---|---|---|---|---|---|---|---|---|---|
| ବୋଲ୍ | ଧି | ନା | ଧି | ଧି | ନା | ତି | ନା | ଧି | ଧି | ନା |
| ଚିହ୍ନ | x | | ୨ | | | ୦ | | ୩ | | |
| ସ୍ଥାୟୀ | ରେ<br>ରେ<br>x | ମା<br>ସା | ପା<br>ନି<br>୨ | ନି<br>ଧା | ଧା<br>ସାରେ | ପା<br>ମାପା<br>୦ | ମା<br>ଧା | ପା<br>ପା<br>୩ | ଗା<br>ମାଗା | ମା<br>ରେସା |
| ଅନ୍ତରା | ମା<br>ଗାଂ<br>x | ପା<br>ରେଂ | ଧା<br>ସାଂ<br>୨ | ଧା<br>ନି | ସାଂ<br>ଧାପା | ସାଂ<br>ମାପା<br>୦ | ସାଂମ<br>ଧାପା | ସାଂ<br>ମାପା<br>୩ | ରେଂ<br>ଗାଗା | –<br>ରେସା |



**ଶିକ୍ଷକଙ୍କ ପାଇଁ ସୂଚନା :** "ସଙ୍ଗୀତ ସରିତା" କାର୍ଯ୍ୟକ୍ରମ କେବେ ଦେଖିଛନ୍ତି ଓ ଶୁଣିଛନ୍ତି କି ? ଏହାକୁ ଆପଣ ଶୁଣିଲେ ଜାଣିବେ ଯେ, ସଙ୍ଗୀତ କିପରି ଜୀବନର ବିଭିନ୍ନ ଦିଗ ସହିତ ଜଡ଼ିତ । ସେ ସମ୍ବନ୍ଧରେ ଆପଣଙ୍କର ଏକ ନୂତନ ଅବଧାରଣା ସୃଷ୍ଟି ହେବ । ବିଭିନ୍ନ ସଙ୍ଗୀତ କାର୍ଯ୍ୟକ୍ରମର ମଞ୍ଚ ପରିବେଷଣ କିମ୍ବା ଇଣ୍ଟରନେଟ୍ ମାଧ୍ୟମରେ ଉପରୋକ୍ତ ରାଗଗୁଡ଼ିକୁ ଶୁଣିବାକୁ ଚେଷ୍ଟାକରନ୍ତୁ କିମ୍ବା ଏହି ରାଗରେ ନିବଦ୍ଧ ସଙ୍ଗୀତଗୁଡ଼ିକୁ ଶୁଣନ୍ତୁ । ବିଭିନ୍ନ କଳାକାରମାନଙ୍କ ଦ୍ୱାରା ପରିବେଷିତ ହୋଇଥିବା ରାଗଗୁଡ଼ିକୁ ଶୁଣିବାଦ୍ୱାରା ଆପଣ ପ୍ରତ୍ୟେକ ରାଗ ସଙ୍ଗୀତର ଗଭୀରତା ବୁଝିପାରିବେ ଓ ଜାଣିପାରିବେ ।

https://withteachers.in/


## ଓଡ଼ିଶୀ ସଙ୍ଗୀତ ପଦ୍ଧତି

ଓଡ଼ିଆ ସଂସ୍କୃତିର ଆରାଧ୍ୟ ଦେବତା ଶ୍ରୀ ଜଗନ୍ନାଥଙ୍କୁ କେନ୍ଦ୍ରକରି ଓଡ଼ିଶାର ସଙ୍ଗୀତ ଓ ନୃତ୍ୟକଳା ସୃଷ୍ଟି ହୋଇଛି । ଓଡ଼ିଶୀ ସଙ୍ଗୀତ ପରିବେଷଣରେ ସ୍ୱତନ୍ତ୍ରତା, ସାବଲୀଳତା, ମାଧୁର୍ଯ୍ୟ ଓ ଭାଷାଗତ ଉତ୍କର୍ଷତା କାରଣରୁ ଭାରତୀୟ ସଙ୍ଗୀତ ଜଗତରେ ଏକ ସ୍ୱତନ୍ତ୍ର ସ୍ଥାନ ଗ୍ରହଣ କରିଛି । ଏହାର ଗାୟନ ଶୈଳୀ ଅନନ୍ୟ । ତାହାର ଭାଷା, ଭାବ ଓ ଛନ୍ଦର ଚମତ୍କାରିତା ଅଚିରେ ଆମ ମନକୁ ଛୁଇଁଯାଏ ।

ଓଡ଼ିଶୀ ସଙ୍ଗୀତ ପଦ୍ଧତିରେ ମୁଖ୍ୟତଃ ଓଡ଼ିଶୀ, ଛାନ୍ଦ, ଚମ୍ପୂ, ଚଉତିଶା, ଗୀତଗୋବିନ୍ଦ, ଭଜନ, ଜଣାଣ ଇତ୍ୟାଦି ପ୍ରବନ୍ଧଗୁଡ଼ିକ ଗାନ କରାଯାଉଥିବାର ଦେଖାଯାଏ । ଓଡ଼ିଶୀ ସଙ୍ଗୀତ ପଦ୍ଧତିର ଗାୟନରେ ପ୍ରଥମେ ଓଡ଼ିଶୀ ଗୀତ ପରିବେଷଣ କରାଯାଏ । ତୁମେମାନେ ପୂର୍ବଶ୍ରେଣୀରେ ଓଡ଼ିଶୀ ସଙ୍ଗୀତ ପରିବେଷଣରେ ଓଡ଼ିଶୀ ଧ୍ରୁବପଦାଙ୍ଗ, ଓଡ଼ିଶୀ ରାଗାଙ୍ଗ, ଓଡ଼ିଶୀ ଭାବାଙ୍ଗ ଏବଂ ଓଡ଼ିଶୀ ନାଟ୍ୟାଙ୍ଗ ପ୍ରବନ୍ଧ ଗାୟନ କରାଯାଉଥିବା ବିଷୟରେ ପଢ଼ିଥିଲ ଓ ଜାଣିଥିଲ । ଆମେ ଓଡ଼ିଶୀ ସଙ୍ଗୀତର ପ୍ରବନ୍ଧଗୁଡ଼ିକୁ ଶୁଣିବା ଓ ଅନୁଭବ କରିବା ଦୃଷ୍ଟିରୁ ତାହା ଏହିପରି ୪ ଗୋଟି ଶ୍ରେଣୀରେ ବିଭକ୍ତ ହୋଇଅଛି । ଏହି ଅଧ୍ୟାୟରେ ଆମେ ଓଡ଼ିଶୀ ସଙ୍ଗୀତ ପଦ୍ଧତିରେ ଗାୟନ କରାଯାଉଥିବା ସମସ୍ତ ପ୍ରକାରର ପ୍ରବନ୍ଧ ଗୀତଗୁଡ଼ିକୁ ଭଲକରି ଶିଖିବାକୁ ଚେଷ୍ଟା କରିବା ।

ଓଡ଼ିଶୀ ରାଗାଙ୍ଗ ପ୍ରବନ୍ଧ ପରିବେଷଣ ସମୟରେ ଏହି ୬ଗୋଟି ପ୍ରକ୍ରିୟା ବା ନିୟମକୁ ପାଳନ କରାଯାଏ । ତାହା ହେଲା (୧) ଅନିବନ୍ଧ ଆଳାପ (୨) ପ୍ରବନ୍ଧ, (୩) ନିବନ୍ଧ ଆଳାପ, (୪) ପଦବିନ୍ୟାସ, (୫) ସ୍ୱରବିନ୍ୟାସ, (୬) ତାନ । ଏହି ପର୍ଯ୍ୟାୟଟି ଓଡ଼ିଶୀ ସଙ୍ଗୀତ ପଦ୍ଧତିର ମୁଖ୍ୟ ପର୍ଯ୍ୟାୟ ଅଟେ । ଏହା କୌଣସି ଗୋଟିଏ ରାଗ ଓ ଗୋଟିଏ ତାଳକୁ ଆଧାର କରି ଗାୟନ କରାଯାଏ । ଓଡ଼ିଶୀ ସଙ୍ଗୀତ ପଦ୍ଧତିରେ ପ୍ରୟୋଗ ହେଉଥିବା ରାଗ ଗୁଡ଼ିକ ହେଲା- ଶଙ୍କରାଭରଣ, ବିଲାହାରୀ, ମୋହନା, କେଦାର, ମାଳବଗୌଡ଼ା, ସାବେରୀ, ମୁଖାରୀ, କଲ୍ୟାଣ, କାମୋଦୀ, କୀରବାଣୀ, ଶୁଦ୍ଧଦେଶୀ, ବଜ୍ରକାନ୍ତି, କେଦାର କାମୋଦୀ, ଆନନ୍ଦ ଭୈରବୀ ଇତ୍ୟାଦି । ସେହିପରି ତାଳଗୁଡ଼ିକର ନାମ ହେଲା- ଏକତାଳି, ରୂପକ, ଖେମଟା, ତ୍ରିପଟା, ଝମ୍ପା, ମଠା, କୁଡୁକ, ଯତି, ଆଡ଼ତାଳି, ଆଦିତାଳ ଇତ୍ୟାଦି ।

ନୂତନ ଭାବରେ ଶିକ୍ଷା ଗ୍ରହଣ କରୁଥିବା ଛାତ୍ରଛାତ୍ରୀମାନଙ୍କ ପାଇଁ ସ୍ୱରମାଳିକା ସହିତ ଲକ୍ଷଣଗୀତ (ରାଗର ଶାସ୍ତ୍ରୀୟ ପରିଚୟକୁ ନେଇ ଗାନ କରାଯାଉଥିବା ଗୀତ) ଅଭ୍ୟାସ କରିବା ନିତାନ୍ତ ଜରୁରୀ । ତତ୍‌ସହିତ ସ୍ୱର ଓ ତାଳର ଭାଷାକୁ ନେଇ ପଲ୍ଲବୀର ସଂଯୋଜନା ଓଡ଼ିଶୀ ସଙ୍ଗୀତର ଏକ ବୈଚିତ୍ର୍ୟମୟ ପର୍ଯ୍ୟାୟ ଅଟେ । ଚତୁର୍ଥ ଶ୍ରେଣୀଠାରୁ ତୁମେମାନେ ଓଡ଼ିଶୀ ସଙ୍ଗୀତରେ ବ୍ୟବହାର କରାଯାଉଥିବା ବିଭିନ୍ନ ତାଳ ବିଷୟରେ ଭଲକରି ଜାଣିଥିବ ନିଶ୍ଚୟ । କାରଣ, ତୁମମାନଙ୍କ ଶିଖିବା ନିମନ୍ତେ ଏ ସମସ୍ତ ତାଳଗୁଡ଼ିକର ବିସ୍ତୃତ ପରିଚୟ ପୂର୍ବଶ୍ରେଣୀଗୁଡ଼ିକରେ ଦିଆଯାଇଥିଲା । ଯଦି ଭୁଲିଯାଇଛ ତେବେ ଶିକ୍ଷକଙ୍କ ସହାୟତାରେ ତାହାକୁ ପୁଣି ଅଭ୍ୟାସ କର । କାରଣ, ତାଳଗୁଡ଼ିକର ରୂପ, ଛନ୍ଦ ଭୁଲିଗଲେ ତୁମେ ଗୀତ ଗାଇବାରେ ଅସଫଳ ହୋଇପାର ।



ଗୁରୁ ମାର୍କଣ୍ଡେୟ ମହାପାତ୍ର



ଗୁରୁ ତାରିଣୀଚରଣ ପାତ୍ର



https://withteachers.in/

## କୃତି ।୮୨

# ମାଳବଗୌଡ଼ା ରାଗର ଏକ ସ୍ୱରମାଳିକା ଶିଖିବା

ଏହି ରାଗରେ ରେ ଓ ଧା ସ୍ୱର କୋମଳ ଓ ଅନ୍ୟ ସମସ୍ତ ସ୍ୱର ଶୁଦ୍ଧ ଲାଗିଥାଏ ।

ଆରୋହ : ସା ରେ ଗା ମା ପା ଧା ନି ସାଂ

ଅବରୋହ : ସାଂ ନି ଧା ପା ମା ଗା ର ସା

ବାଦୀ : ଧା (ଧୈବତ)

ସଂବାଦୀ : ରେ (ଋଷଭ)

ମେଳ : ଗୌରୀ

ଜାତି : ସଂପୂର୍ଣ୍ଣ

ଗାୟନ ସମୟ : ପ୍ରାତଃକାଳ

ମୁଖାଙ୍ଗ : ଗା ମା ଧା ପା ମା ଗା ମା ର, ସା

ରାଗ : ମାଳବଗୌଡ଼ା

ତାଳ : ଏକତାଳି

| ମାତ୍ରା ସଂଖ୍ୟା | ୧ | ୨ | ୩ | ୪ |
|---|---|---|---|---|
| ସ୍ଥାୟୀ | ଧା | –ପା | ମାପା | ଗାମାଧା |
| | ପା | –ମା | ଗାରେ | –ସା |
| | ସାରେ | –ରେ | –ଗା | ମାପା |
| | ଗାମାଗାପା | ମାଗା | ରେ | –ସା |
| ତାଳି/ଖାଲି ସ୍ଥାନ | x | | | |
| ଅନ୍ତରା | ପା | –ପା | –ଧା | ନିସାଂ |
| | ଧାରେଂ | –ରେଂ | –ସାଂ | ନିସାଂ |
| | ସାଂ | ରେଂଗାଂ | ମାଂଗାଂ | ରେଂସାଂ |
| | ସାଂ | –ନି | –ଧା | ରେଂସାଂ |
| | –ଧା | ରେଂସାଂ | ନିଧା | ପାଧା |
| | ଗାମା | ଧାପା | ମାଗା | ରେସା |
| ତାଳି/ଖାଲି ସ୍ଥାନ | x | | | |

| ମାତ୍ରା ସଂଖ୍ୟା | ୧ | ୨ | ୩ | ୪ |
|---|---|---|---|---|
| ପଡ଼ି | ଧା–ଧା | –ପା | ମାଗା | ରେସା |
| | –ସା | ରେଗା | ମାପା | ଧାପା |
| | –ପା | ପାଧା | ନିନି | ସାଂସାଂ |
| | ସାଂରେଂ | –ସାଂ | ନିଧା | ନିସାଂ |
| | –ସାଂ | ରେଂଗାଂ | ମାଂଗାଂ | ରେଂସାଂ |
| | ସାଂରେଂ | ସାଂନି | ଧାନି | ସାଂ |
| | ସାଂନି | ଧାନି | ଧାପା | ଧାପା |
| | ମାପା | ମାଗା | ମାଗା | ରସ |
| ତାଳି/ଖାଲି ସ୍ଥାନ | x | | | |

https://withteachers.in/

## ମାଳବଗୌଡ଼ା ରାଗରେ ଏକ ପ୍ରବନ୍ଧ ଶିଖିବା

**ପ୍ରବନ୍ଧ**

**ରଚନା : ଗୌରହରି**

**ତାଳ : ଝମ୍ପା**

ସ୍ଥାୟୀ : ଯାଅ ଯାଅ ଆହେ ବ୍ରଜ
ଲମ୍ପଟ ନଟରାଜ
ପଥ ଭୁଲି ଆସିଲକି
ଏ ନୁହେଁ କେଶର କୁଞ୍ଜ ।। ୦ ।।

ଅନ୍ତରା : ଏଡ଼େ ଭାଗ୍ୟ ଆଜ ଦିନ
ଏଡ଼େ ସକାଳୁ ବଦନ
ଦେଖିଲା କ୍ଷଣି ନୟନ
ସାର୍ଥ ହୋଇଗଲା ଜାଣ ।। ୧ ।।

ଭଣିତା : ନରେଶ ଗଉର ଚନ୍ଦ୍ର
ଗଜପତି କହେ ତାର
ଦୁଃଖ ହେଲେ ହେଁ ଅପାର
ବୁଡ଼ିବ ଭେଳା ତୁମ୍ଭର ।। ୨ ।।

## ପ୍ରବନ୍ଧର ସ୍ୱରଲିପି

**ରାଗ : ମାଳବଗୌଡ଼**

**ତାଳ : ଝମ୍ପା (୧୦ ମାତ୍ରା)**

| ତାଳର ମାତ୍ରା ସଂଖ୍ୟା | ୧ | ୨ | ୩ | ୪ | ୫ | ୬ | ୭ | ୮ | ୯ | ୧୦ |
|---|---|---|---|---|---|---|---|---|---|---|
| ଠେକା/ଧରଣ | ଧାତି | ନାମ୍ | ଧାକ୍ | ଧାତି | ନାମ୍ | ନାତି | ନାମ୍ | ତାକ୍ | ଧାତି | ନାମ୍ |
| ଚିହ୍ନ | x | | ୨ | | | ୦ | | ୩ | | |
| ସ୍ଥାୟୀ | ସା<br>ଯା | ସା<br>ଅ | ଧା<br>ଯା | –<br>S | ଧା<br>ଅ | ପାଧାପାଧା<br>ଆS S S | ମାପାମାପା<br>ହେS S S | ଧା<br>ବ୍ର | ପା<br>ଜ | –<br>S |
| | ଗା<br>ଲ | ଗା<br>S | ଗା<br>ମ୍ପ | –<br>S | ମା<br>ଟ | ଗାମାଗାପା<br>ନS S S | ମାଗା<br>ଟS | ରେ<br>ରା | –<br>S | ସା<br>ଜ |
| | ପା<br>ପ | ଧା<br>ଥ | ପାଧା<br>ଭୁ S | ନିସାଂ<br>S S | ସାଂ<br>ଲି | ନିସାଂନିରେଂ<br>ଆS S S | ସାଂନି<br>ସିS | ଧା<br>ଲି | –<br>S | ପା<br>କି |
| | ଗା<br>ଏ | ମା<br>ନୁ | ଗାମା<br>ହେଁS | ଧା<br>S | ପା<br>କେ | ଗାମାଗାପା<br>ଶS S S | ମାଗା<br>ରS | ରେ<br>କୁ | –<br>S | ସାଂ<br>ଞ୍ଜ |
| ଅନ୍ତରା | ମା<br>ଏ | ପା<br>ଡ଼େ | ଧା<br>ଭା | –<br>S | ଧା<br>ଗ୍ୟ | ନି<br>ଆ | ନି<br>ଜ | ସାଂ<br>ଦି | –<br>S | ସା<br>ନ |
| | ନି<br>ଏ | ନି<br>ଡ଼େ | ସାଂ<br>ସ | –<br>S | ଧା<br>କା | ନିସାଂନିରେଂ<br>ଳୁS S S | ସାଂନି<br>ବS | ଧା<br>ଦ | –<br>S | ପା<br>ନ |
| | ପା<br>ଦେ | ଧା<br>ଖି | ପାଧା<br>ଲାS | ନିସାଂ<br>S S | ସାଂ<br>କ୍ଷ | ନିସାଂନିରେଂ<br>ଣିS S S | ସାଂନି<br>ନS | ଧା<br>ୟ | –<br>S | ପା<br>ନ |
| | ଗା<br>ସା | ମା<br>ର୍ଥ | ଗାମା<br>ହୋS | ଧା<br>S | ପା<br>ଇ | ଗାମାଗାପା<br>ଗS S S | ମାଗା<br>ଲାS | ରେ<br>ଜା | –<br>S | ସା<br>ଣ |



https://withteachers.in/

## ଓଡ଼ିଶୀ ନାଟ୍ୟାଙ୍ଗ ପ୍ରବନ୍ଧ

**ରାଗ : ଭୈରବୀ** **ରଚନା : ବମାଳୀ**

**ତାଳ : ଖେମଟା**

ସ୍ଥାୟୀ : ମୋହନ ମୁରତୀ ଛଇଲୋ
ଉପମା ଦେବାକୁ ନାହିଁ ଲୋ
ଇନ୍ଦୀବର ନୀଳ-ରତନ-ମୁଦିରେ
ଏ ମାଦକ ଅବା କାହିଁ ଲୋ ।। ୦ ।।

ଅନ୍ତରା : କି ସୁନ୍ଦର ନେତ୍ର ଦୁହେଁ ଲୋ ସଜନି
କର୍ଣ୍ଣ ସରିଯାଏ ରହେ
ଫୁଟିଯାଏ ହୃଦ ମଦନ ବିଶିଖେ
ଗ୍ରୀବା ଢାଳି ଯେବେ ଚାହେଁ ଲୋ ।। ୧ ।।
ଅର୍ବୁଦେ ଥା'ନ୍ତା ନୟନ ଲୋ ସଜନି
ଦେଖୁଥାନ୍ତି ତା' ବଦନ,
ବନମାଳୀ କହେ ତେବେହେଁ ସନ୍ତୋଷ
ନୁହନ୍ତା କେବେହେଁ ମନ ଲୋ ।। ୨ ।।

ଆରୋହ – ସା ରେ ଗା ମା ପା ଧା ନି ସାଂ

ଅବରୋହ – ସାଂ ନି ଧା ପା ମା ଗା ରେ ସା

## ନାଟ୍ୟାଙ୍ଗ ପ୍ରବନ୍ଧର ସ୍ୱରଲିପି

**ରାଗ : ଭୈରବୀ**

**ତାଳ : ଖେମଟା (୬ ମାତ୍ରା)**

ସ୍ଥାୟୀ

| ୧ | ୨ | ୩ | ୪ | ୫ | ୬ |
|---|---|---|---|---|---|
| ଧା | ଧିନା | କିଟା | ନା | ତିନା | କିଟା |
| x | | | ୦ | | |
| – | ସାରେ | ସାନି | ସା | ମା | ମା |
| S | ମୋହ | ନS | ମୁ | ର | ତୀ |
| ଗାରେ | ମାଗା | ରେଗ | ସା | ସା | ସା |
| ଛS | S S | ଇS | ଲୋ | S | S |
| – | ସମା | ମା | ମା | ମା | ମା |
| S | ଉପ | ମା | ଦେ | ବା | କୁ |
| ଧାପା | ମାଗା | ଗାମା | ଧାପା | ମାଗ | ରେଗା |
| ନାS | S S | ହିଁS | ଲୋS | S S | S S |
| ସା– | ପାପା | ଗାମା | ମା | ପା | ପା |
| S S | ଇନ୍ଦୀ | ବS | ର | ନୀ | ଳ |
| – | ପାଧା | ନିସାଂ | ନଧା | ଧାପା | ପା |
| S | ରତ | ନS | ମୁS | ଦିS | ରେ |
| – | ସାଧା | ଧାପା | ପା | ମା | ଗାମା |
| S | ଏମା | ଦ | କ | ଅ | ବାS |
| ଧାପା | ମାଗା | ଗାମା | ଧାପା | ମାଗା | ରେଗା |
| କାS | S S | ହିଁS | ଲୋS | S S | S S |
| ସା | – | ମୋହନ | | | |
| S | | | | | |

ଅନ୍ତରା

| ୧ | ୨ | ୩ | ୪ | ୫ | ୬ |
|---|---|---|---|---|---|
| – | ପାପା | ମାଗା | ମା | ପା | ପା |
| S | କିସୁ | ନ୍ଦS | ର | ନେ | ତ୍ର |
| – | ପାଧା | ନିସାଂ | ନିଧା | ଧାପା | ପା |
| S | ଦୁହେଁ | ଲୋS | ସS | ଜS | ନୀ |
| – | ପାଧା | ନି | ସାଂ | ରେ | ସାଂନି |
| S | କର୍ଣ୍ଣ | ସ | ରିS | ଯାS | ଏS |
| ନି | ସାଂ | – | – | – | – |
| ର | ହେ | S | S | S | S |
| – | ପାଧା | ନି | ସାଂରେଂ | –ସାଂ | ରେଂଗଂ |
| S | ଫୁଟି | ଯାଂ | ଏହୃ | S ଦ | S S |
| ରେଂସାଂ | ନିନି | ସାରେ | ସାଂନି | ଧାପା | ପା– |
| S S | S ମଦ | ନS | ବିS | ଶିS | ଖେS |
| – | –ପାନି | ନିଧା | ଧାପା | ପାମା | ଗାମ |
| S | S ଗ୍ରୀବା | ଢାS | ଳିS | ଯେS | ବେS |
| ଗା | – | ମା | ଧାପା | ମାଗା | ରେରେ |
| ଚା | S | ହେଁ | ଲୋS | S S | S S |
| ସା | – | ମୋହନ | | | |
| S | | | | | |

https://withteachers.in/

## ଚମ୍ପୂ ପ୍ରବନ୍ଧ : 'ଶ' ଚମ୍ପୂ

**ରଚନା : କବିସୂର୍ଯ୍ୟବଳଦେବ ରଥ**

**ରାଗ : ମିଶ୍ରକାଫି**

**ତାଳ : ଖେମଟା (୬ ମାତ୍ରା)**

ସ୍ଥାୟୀ : ଶ୍ୟାମ ଶିଖଣ୍ଡ ଚୂଳ, ଶ୍ରମ କି ଆଜଯାକେ ହେଲା ସଫଳ ।। ୦ ।।

ଅନ୍ତରା : ଶର୍ବରୀ ନିଦ୍ରା ବିନା ଗଲା କି ସରି,

ଶମ୍ବର ପରପୁର କଲକି ଜୂରି ।। ୧ ।।

ଶ୍ରୀ ଅଙ୍ଗ ବେଶ କିମ୍ପା ଏପରି ଆଜ,

ଶରଦ ଚନ୍ଦ୍ର ତୁମ୍ଭୁ ନାହିଁ କି ଲାଜ ।। ୨ ।।

ଶିର ସୁନ୍ଦର ଦିଶେ ଯାବକ ବୋଳେ,

ଶରଣ ବୋଲି କି ପଡ଼ିଲ ପା' ତଳେ ।। ୩ ।।

ଶପଥ ଶତ ଅଛି କହଟି ସତ,

ଶ୍ରୀ ବାଲୁକେଶ ନୃପ ରଚିଲେ ଗୀତ ।। ୪ ।।

### ସ୍ୱରଲିପି

| ତାଳର ମାତ୍ରା ସଂଖ୍ୟା | ୧ | ୨ | ୩ | ୪ | ୫ | ୬ |
|---|---|---|---|---|---|---|
| ଠେକା / ଧରଣ | ଧା | ଧିନା | କିଟା | ନା | ତିନା | କିଟା |
| ତାଳର ଚିହ୍ନ | x | | | ୦ | | |
| ସ୍ଥାୟୀ | –<br>S | –<br>S | –<br>S | ସା<br>ଶ୍ୟା | ରେଗା<br>ମS | ରେଗା<br>S S |
| | ସାରେ<br>ଶିS | ଗାମା<br>S S | ପାଧା<br>ଖS | ପାମା<br>SS | ଗାରେ<br>ଣ୍ଡS | ମାଗା<br>SS |
| | ରେ<br>ଚୂ | ସା<br>ଳ | ସା<br>ଶ୍ର | ରେ<br>ମ | ମା<br>କି | –<br>S |
| | ରେ<br>ଆ | ମା<br>ଜ | –<br>S | ପା<br>ଯା | ପାଧା<br>କେS | ନିସାଂ<br>S S |
| | ନିଧା<br>S S | ପା<br>S | ଗା<br>ହେ | ମା<br>ଲା | ପାଧା<br>ସS | ନିସା<br>S S |
| | ମାପା<br>ଫS | ଗାମା<br>ଳS | ରେଗା<br>ହେS | ସାରେ<br>S S | ନି<br>ଶ୍ୟା | ସା<br>ମ |
| ଅନ୍ତରା | –<br>S | –<br>S | ସାଂ<br>ଶ | ସାଂ<br>ର୍ବ | ସାଂ<br>ରୀ | ରେଂ<br>S |
| | ସାଂନି<br>ନିS | ନି<br>ଦ୍ରା | ଧା<br>S | ପାଧା<br>ବିS | ପାସାଂ<br>ନାS | ନିଧା<br>S S |
| | ପାଧା<br>S S | ମା<br>S | ପା<br>ଗ | ପା<br>ଲା | ପା<br>କି | ଧା<br>S |
| | ପାଧା<br>ସS | ନିସାଂ<br>S S | ସଂ<br>ରି | –<br>S | ନିଧା<br>S S | ପାମା<br>S S |
| | ଗାରେ<br>S S | ସାଂ<br>S | ସା<br>ଶ | ରେ<br>ମ୍ବ | ମା<br>ର | –<br>S |
| | ରେ<br>ପ | ମା<br>ର | –<br>S | ପା<br>ପୁ | ପାଧା<br>ରS | ନିସାଂ<br>S S |
| | ନିଧା<br>S S | ପା<br>S | ଗା<br>କ | ମା<br>ଲ | ପାଧା<br>କିS | ପାଧା<br>S S |
| | ମାପା<br>S S | ପାମା<br>S | ରେପା<br>କ | ସାରେ<br>ଲ | ନି<br>ଶ୍ୟା | ସା<br>ମ |



https://withteachers.in/

## ଛାନ୍ଦ ପ୍ରବନ୍ଧ

**ବୃତ୍ତ : ମୁଖାରୀ**

**ତାଳ : ଖେମଟା**

**ରଚନା : ବିଶ୍ୱନାଥ ଖୁଣ୍ଟିଆ**

**କାବ୍ୟ : ବିଚିତ୍ର ରାମାୟଣ**

ହେମ ହରିଣୀ ଧୀରେ ଧାମନ୍ତେ ସୁନ୍ଦର ଧରଣୀ
ଧରୁ ଧରୁ କରୁ ମୃଗ ପଳାବନ୍ତେ
ଗୋଡ଼ାଉଛନ୍ତି ରଘୁମଣି ।। ୦ ।।
କେତେବେଳେ ମୃଗ ଦୃଷ୍ଟିକି ନ ଦିଶେ
କେତେବେଳେ ଦୃଷ୍ଟିଗୋଚର
କେତେବେଳେ ଦୂରେ କେତେବେଳେ ପାଶେ
ରାମଙ୍କୁ ହେଲା ଅଗୋଚର ।। ୧ ।।
ରାମଙ୍କୁ ବହୁତ ଦୂରେ ଘେନିଯାଇ
ଗଲା ଅଦୃଶ୍ୟ ହୋଇ କାହିଁ
ଫୁଟିଣ ରାମ ତରୁତଳେ ବସନ୍ତେ
ପୁଣି ଛାମୁରେ ହେଲା ଯାଇଁ ।। ୨ ।।
ମାରିବା ବୋଲି ମନରେ ବିଚାରିଣ
କୋଦଣ୍ଡରେ କାଣ୍ଡ ସନ୍ଧିଲେ
ବଜ୍ରାଘାତ ପ୍ରାୟ ଶବଦ ଶୁଭିଲା
ଯେତେବେଳେ ଶର ବିନ୍ଧିଲେ ।। ୩ ।।

## ସ୍ୱରଲିପି

| ତାଳର ମାତ୍ରା ସଂଖ୍ୟା | ୧ | ୨ | ୩ | ୪ | ୫ | ୬ |
|---|---|---|---|---|---|---|
| ଠେକା / ଧରଣ | ଧା | ଧିନା | କିଟା | ନା | ତିନା | କିଟା |
| ତାଳର ଚିହ୍ନ | x | | | ୦ | | |
| | – | – | – | – | ସା<br>ହେ | ସାରେ<br>ମ S |
| | ନି<br>ହ | ସା<br>ରି | ମାଗା<br>ଣୀS | ରେ<br>S | ରେ<br>ଧୀ | ଗା<br>ରେ |
| | ମା<br>ଧା | ପା<br>ମ | ପା<br>ନ୍ତେ | –<br>S | ମା–<br>ଧୀS | ପାଧା<br>ରେS |
| | ମା–<br>ଧାS | ପାନି<br>ମS | ନିଧା<br>ନ୍ତେS | ଧାପା<br>ସୁS | ପା<br>ନ୍ଦ | ପା<br>ର |
| | ରେଗା<br>ଧS | ଗାମା<br>ରS | ଧାପା<br>ଣୀS | ମାଗା<br>S S | ସା<br>ହେ | ସାରେ<br>ମS |
| | ନି<br>ହ | ସା<br>ରି | ମାଗା<br>ଣୀS | ରେ<br>S | ରେ<br>ଧୀ | ଗା<br>ରେ |
| | ମା<br>ଧା | ପା<br>ମ | ପା<br>ନ୍ତେ | –<br>S | –<br>S | –<br>S |
| | –<br>S | ସାଂସାଂ<br>ଧରୁ | ସାଂନି<br>ଧS | ନିଧା<br>ରୁS | ଧାପା<br>କS | ନିଧା<br>ରୁ |
| | ପାମା<br>S S | ମାପା<br>ମୃଗ | ପାଧା<br>ପS | ନି<br>ଳା | ନିସାଂ<br>ବS | ସାଂ–<br>ନ୍ତେS |
| | –<br>S | ସାପା<br>ଗୋଡ଼ା | –ପା<br>S ଉ | ପା<br>ଛ | ପା<br>ନ୍ତି | ପାଧା<br>ରS |
| | ମା<br>ଘୁ | ପା<br>ମ | ନିଧା<br>ଣୀS | ପାମା<br>SS | ସା<br>ହେ | ସାରେ<br>ମS |
| | ନି<br>ହ | ସା<br>ରି | ମାଗା<br>ଣୀS | ରେ<br>S | ରେ<br>ଧୀ | ଗା<br>ରେ |
| | ମା<br>ଧା | ପା<br>ମ | ପା<br>ନ୍ତେ | –<br>S | –<br>S | –<br>S |

https://withteachers.in/

## ଭକ୍ତି ସଂଗୀତ

ତୁମେମାନେ ସପ୍ତମ ଶ୍ରେଣୀରେ ଭାରତୀୟ ଭକ୍ତି ସଙ୍ଗୀତ ଓ ତାହାର ପ୍ରଚାର କ୍ଷେତ୍ରରେ କାର୍ଯ୍ୟ କରିଥିବା ମହାନ୍ ଧର୍ମଗୁରୁ, ଆଚାର୍ଯ୍ୟ, ବିଦ୍ୱାନ, କବି ଏବଂ ସଙ୍ଗୀତଜ୍ଞ ମାନଙ୍କ ବିଷୟରେ ଅଧ୍ୟୟନ କରିଛ । ସର୍ବଧର୍ମ ସମନ୍ୱୟରେ ପରିପୁଷ୍ଟ ଭାରତୀୟ ଭକ୍ତି ସଙ୍ଗୀତର ମୂଳ ଉତ୍ସ ଭାବରେ ଭକ୍ତି ଆନ୍ଦୋଳନକୁ ଆମେ ଗ୍ରହଣ କରିଥାନ୍ତି । ଏହା ଧାର୍ମିକ, ସାମାଜିକ ଏବଂ ସାହିତ୍ୟିକ ଆନ୍ଦୋଳନର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ଭାବରେ ଆମେ ଜାଣିଛେ । ଏହା କ୍ରମେ ଷଷ୍ଠ ଶତାବ୍ଦୀରୁ ଆରମ୍ଭ ହୋଇ ସମଗ୍ର ଭାରତକୁ ବ୍ୟାପିଯାଇଥିଲା । ତତ୍‌ସହିତ ୧୫ଶରୁ ୧୭ଶ ଶତାବ୍ଦୀ ମଧ୍ୟରେ ଏହାର ଚରମ ବିକାଶ ଘଟିଥିଲା । ଆଧ୍ୟାତ୍ମିକତାରେ ଭକ୍ତିର ପସରାକୁ ଅତି ସରଳ ଓ ସୁନ୍ଦର କରିବା ସହିତ ଭାରତୀୟ ସଙ୍ଗୀତରେ ତାହାର ବ୍ୟାପକ ପ୍ରଭାବ ପଡ଼ିଥିଲା । ଫଳରେ ଭଜନ, ଜଣାଣ ଓ କୀର୍ତ୍ତନ ସଙ୍ଗୀତର ଅସରନ୍ତି ଭଣ୍ଡାର ସୃଷ୍ଟି ହୋଇଥିଲା । ଉତ୍ତର ଭାରତର ମହାନ କବି ଓ ସାଧକ / ସାଧିକା ମାନଙ୍କ ମଧ୍ୟରେ ମୀରାବାଇ ଏବଂ ତୁଳସୀ ଦାସ ଏବଂ ଦକ୍ଷିଣ ଭାରତର ପୁରନ୍ଦର ଦାସ, ହରିଦାସ, କନକଦାସ ଭଳି ସନ୍ଥମାନେ ନିଜର ବହୁମୂଲ୍ୟ କାବ୍ୟ କବିତା ମାଧ୍ୟମରେ ଆଧ୍ୟାତ୍ମିକ ଭକ୍ତି ତତ୍ତ୍ୱର ପ୍ରଚାର ପ୍ରସାର କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ।

| ତାଳର ମାତ୍ରା ସଂଖ୍ୟା | ୧ | ୨ | ୩ | ୪ | ୫ | ୬ |
|---|---|---|---|---|---|---|
| ଠେକା / ଧରଣ | ଧା | ଧିନା | କିଟା | ନା | ତିନା | କିଟା |
| ତାଳର ଚିହ୍ନ | x | | | ୦ | | |
| | _<br>S | ନିସା<br>କେଁତେ | ରେଗା<br>ବେS | ରେଗା<br>ଳେS | ରେଗା<br>ମୃS | ମାପା<br>ଗS |
| | ପାମା<br>ଦୃS | ମାଗା<br>ଷ୍ଟିS | ଗାରେ<br>କିS | ମାଗା<br>ନS | ରେସା<br>ଦିS | ସା–<br>ଶେS |
| | _<br>S | ସାପା<br>କେତେ | _ପା<br>Sବେ | ପା–<br>ଳେS | ପା–<br>ହS | ପାଧା<br>ଷ୍ଟିS |
| | ମା<br>ଗୋ | ପା<br>ଚ | ନିଧା<br>ରS | ପାଧା<br>SS | –ପା<br>SS | –<br>S |
| | _<br>S | ସାଂସାଂ<br>କେତେ | ସାଂନି<br>ବେS | ନିଧା<br>ଳେS | ଧାପା<br>ଦୃS | ନିଧା<br>ରେS |
| | ପାମା<br>SS | ମାପା<br>କେତେ | ପାଧା<br>ବେS | ନି–<br>ଳେS | ନିସାଂ<br>ପାS | ସାଂ–<br>ଶେS |
| | _<br>S | ସାପା<br>ରାମ | –ପା<br>Sଙ୍କୁ | ପା–<br>ହେS | ପା–<br>ଲାS | ପାଧା<br>ଅS |
| | ମା<br>ଗୋ | ପା<br>ଚ | ନିଧା<br>ରS | ପାମା<br>S | ସା–<br>ହେS | ସାରେ<br>ମS |
| | ନି<br>ହ୍ନି | ସା<br>ରି | ମାଗା<br>ଣୀS | ରେ<br>S | ରେ<br>ଧୀ | ଗା<br>ରେ |
| | ମା<br>ଧା | ପା<br>ମ | ପା<br>ନ୍ତେ | –<br>S | –<br>S | –<br>S |

## ଓଡ଼ିଶାରେ ଆଧ୍ୟାତ୍ମିକ ତତ୍ତ୍ୱ ଏବଂ ଭକ୍ତି ସଙ୍ଗୀତ

ତୁମେମାନେ ଜାଣିଛ ଯେ ଆମ ଓଡ଼ିଆ ଜାତିର ପରମ ଆରାଧ୍ୟ ହେଉଛନ୍ତି ମହାପ୍ରଭୁ ଶ୍ରୀ ଜଗନ୍ନାଥ । ତାଙ୍କ ସେବାରେ ଛତିଶ ପ୍ରକାରର ସେବକ ନିଯୁକ୍ତ ହୋଇଥିବା କଥା ଆମେ ପୂର୍ବରୁ ପଢ଼ିଛେ । ବିଭିନ୍ନ ସେବା ମଧ୍ୟରୁ ନୃତ୍ୟ-ଗୀତ-ବାଦ୍ୟାଦି ସେବାର ମଧ୍ୟ ପ୍ରାଧାନ୍ୟ ରହିଛି, ଏ ସବୁ ସେବା ପ୍ରଦାନ କରୁଥିବା ସେବକ ସେବିକାମାନେ ମୁଖ୍ୟତଃ ଗାଏଣୀ (ଯେଉଁମାନେ ଭଜନ, ଜଣାଣ ଓ ଶ୍ରୀ ଗୀତ ଗୋବିନ୍ଦ ପରିବେଷଣ କରିଥାନ୍ତି) ବୀଣାକାର (ଯେଉଁମାନେ ମହାପ୍ରଭୁଙ୍କୁ ବୀଣାବଜାଇ ଶୁଣାଇଥାନ୍ତି) ମାଦେଳୀ (ଯେଉଁମାନେ ମର୍ଦ୍ଦଳ ବାଦନ କରିଥାନ୍ତି) ଏବଂ ସଂପ୍ରଦା (ଏହି ସେବା ନୃତ୍ୟ ସେବା ଅଟେ । ଯେଉଁଥିରେ ଦେବଦାସୀ ଓ ମହାରୀମାନେ ନୃତ୍ୟ ପରିବେଷଣ କରିଥାନ୍ତି) ଏ ସମସ୍ତ ସଙ୍ଗୀତମୟ କାର୍ଯ୍ୟ ମହାପ୍ରଭୁଙ୍କୁ ଲାଗିହୋଇ ଅତ୍ୟନ୍ତ ସମୃଦ୍ଧ ସଙ୍ଗୀତରେ ପରିଣତ ହୋଇଛି । ଯାହାକୁ ଆଜି ଆମେ ଓଡ଼ିଶୀ ସଙ୍ଗୀତ ରୂପରେ ଏକ ଭକ୍ତିପୂର୍ଣ୍ଣ ମାର୍ଜିତ ସଙ୍ଗୀତ ଶୈଳୀ ରୂପରେ ପାଇଛେ । ଏଠାରେ ତୁମମାନଙ୍କ ଶିଖିବା ପାଇଁ ତୁଳସୀ ଦାସଙ୍କ ଦ୍ୱାରା ରଚିତ ଏକ ଭଜନ ଦିଆଯାଇଛି । ଅନ୍‌ଲାଇନ୍‌ରୁ ପ୍ରଥମେ ଶୁଣ ଓ ପରେ ପରେ ଗୀତଟିକୁ ଗାନ କରିବାକୁ ଚେଷ୍ଟାକର ।

### ଗୀତ - ଠୁମକ ଚଲତ ରାମଚନ୍ଦ୍ର

ରଚନା - ତୁଳସୀ ଦାସ

ଠୁମକ ଚଲତ ରାମଚନ୍ଦ୍ର ବାଜତ ପୈଁଜନିୟାଁ<br>
କିଲକି-କିଲକି ଉଠତ ଧାୟ<br>
ଗିରତ ଭୂମି ଲଟପଟାୟ<br>
ଧାୟ ମାତ ଗୋଦ ଲେତ, ଦଶରଥ କି ରନିୟାଁ<br>
ତୁଳସୀଦାସ ଅତି ଆନନ୍ଦ ଦେଖକେ ମୁଖାରବିନ୍ଦ<br>
ରଘୁବର ଛବି କେ ସମାନ ରଘୁବର ଛବି ବନିୟାଁ



ଗୋସ୍ୱାମୀ ତୁଳସୀ ଦାସ

https://withteachers.in/

ସେହିପରି ଆଉ ଗୋଟିଏ ଗୀତ ହେଲା –

ଶ୍ରୀରାମଚନ୍ଦ୍ର କୃପାଳୁ ଭଜମନ,

ହରଣ ଭବ ଭୟ ଦାରୁଣମ୍

ନବକଂଜ ଲୋଚନ କଂଜ ମୁଖକର କଂଜ ପଦ କଞ୍ଜାରୁଣମ୍ ।

ଏହି ଗୀତଟିକୁ ଅନ୍‌ଲାଇନ୍‌ରୁ ଶୁଣ ଓ ସଂପୂର୍ଣ୍ଣ ଗୀତଟିକୁ ଗାନ କରିବାକୁ ଚେଷ୍ଟାକର ।

ଶ୍ରୀଜଗନ୍ନାଥଙ୍କ ପ୍ରତି ଭକ୍ତିପୂର୍ଣ୍ଣ ଭାବକୁ ପ୍ରକାଶ କରିବାକୁ ଯାଇ ଓଡ଼ିଶାରେ ଭକ୍ତି ଆନ୍ଦୋଳନ ଏକ ମହାନ ପରମ୍ପରା ସୃଷ୍ଟି ହୋଇଥିଲା । ଜଗତ୍‌ଗୁରୁ ଆଦି ଶଙ୍କରାଚାର୍ଯ୍ୟ ଶ୍ରୀଜଗନ୍ନାଥଙ୍କୁ ପ୍ରଥମେ ଦର୍ଶନ କରି ଅତିଭାବ ବିହ୍ୱଳ କଣ୍ଠରେ ସଂସ୍କୃତ ଭାଷାରେ ଏକ ସଙ୍ଗୀତ ଗାନ କରିଥିଲେ ଯାହା, ଶ୍ରୀଜଗନ୍ନାଥାଷ୍ଟକଂ ନାମରେ ପରିଚିତ ଓ ସୁଖ୍ୟାତି ଅର୍ଜନ କରିଛି । ତାହାର କେତେକ ପଂକ୍ତି ଏଠାରେ ଉଲ୍ଲେଖ କରାଗଲା ।

**ଶ୍ରୀଜଗନ୍ନାଥାଷ୍ଟକଂ**

ରଚନା : ଆଦି ଶଙ୍କରାଚାର୍ଯ୍ୟ

କଦାଚିତ୍ କାଳିନ୍ଦୀ ତଟ ବିପିନ ସଙ୍ଗୀତ କରବୋ

ମୁଦାଭୀରୀ ନାରୀ ବଦନ କମଳାସ୍ୱାଦ ମଧୁପଃ

ରମା ଶମ୍ଭୁ ବ୍ରହ୍ମାମର ପତି ଗଣେଶାର୍ଚ୍ଚିତ ପଦୋ

ଜଗନ୍ନାଥଃ ସ୍ୱାମୀ ନୟନ ପଥଗାମୀ ଭବତୁ ମେ ।୧ ।



ଆଦି ଶଙ୍କରାଚାର୍ଯ୍ୟ



https://withteachers.in/

ଭୁଜେ ସବ୍ୟେ ବେଣୁଂ ଶିରସି ଶିଖି ପୁଚ୍ଛଂ କଟି ତଟେ


ଦୁକୂଳଂ ନେତ୍ରାନ୍ତେ ସହରେ କଟାକ୍ଷଂ ବିଦଧତେ

ସଦା ଶ୍ରୀମଦ୍ ବୃନ୍ଦାବନ ବସତି ଲୀଳା ପରିଚୟୋ

ଜଗନ୍ନାଥଃ ସ୍ୱାମୀ ନୟନ ପଥଗାମୀ ଭବତୁମେ ।୨ ।

ଏହିପରି ଭାବରେ ଅନ୍ୟ ପଦଗୁଡିକୁ ଅନ୍‌ଲାଇନ୍ ଶୁଣି ଗାନ କରିବାକୁ ଚେଷ୍ଟାକର । ସେହିପରି ଦ୍ୱାଦଶ ଶତାବ୍ଦୀର ମହାନ୍ କବି ଶ୍ରୀ ଜୟଦେବଙ୍କ ଶ୍ରୀ ଗୀତଗୋବିନ୍ଦ ମହାପ୍ରଭୁଙ୍କର ଅତି ପ୍ରିୟ ସଙ୍ଗୀତ ଭାବରେ ପରିଚିତ । ତୁମେମାନେ ଶ୍ରୀ ଗୀତଗୋବିନ୍ଦର ପ୍ରଥମ ଗୀତ "ଦଶାବତାର ବନ୍ଦନା" "ପ୍ରଳୟ ପୟୋଧି ଜଳେ" ଗୀତଟିକୁ ଅନ୍‌ଲାଇନ୍‌ରୁ ଶୁଣି ସଂପୂର୍ଣ୍ଣ ଗୀତଟିକୁ ଶିଖିବାକୁ ଚେଷ୍ଟାକର । ପରବର୍ତ୍ତୀ ସମୟରେ ପଞ୍ଚସଖା  କବି ଯଥା ଶ୍ରୀବଳରାମ ଦାସ ଶ୍ରୀଜଗନ୍ନାଥ ଦାସ, ଶ୍ରୀ ଅଚ୍ୟୁତାନନ୍ଦ ଦାସ, ଶ୍ରୀ ଯଶୋବନ୍ତ ଦାସ ଓ ଶ୍ରୀ ଶିଶୁଅନନ୍ତ ଦାସ ଇତ୍ୟାଦି କବିମାନେ ଶ୍ରୀ ଚୈତନ୍ୟ ଦେବଙ୍କ ସଂସ୍ପର୍ଷରେ ଆସି ଅନବଦ୍ୟ ଭକ୍ତି ସାହିତ୍ୟର ଧାରା ସୃଷ୍ଟି କରି ସମଗ୍ର ଓଡ଼ିଆ ଜାତିକୁ ଆଧ୍ୟାତ୍ମିକ ରସରେ ବିମଣ୍ଡିତ କରୁଥିଲେ  । ଦ୍ୱାଦଶ ଶତାବ୍ଦୀରୁ ଅଷ୍ଟାଦଶ ଶତାବ୍ଦୀ ପର୍ଯ୍ୟନ୍ତ ଓଡ଼ିଶାର ବରେଣ୍ୟ କବିମାନେ ଶ୍ରୀଜଗନ୍ନାଥଙ୍କୁ କେନ୍ଦ୍ରକରି ଅନେକ ଭକ୍ତି ସାହିତ୍ୟ ଓ ସଙ୍ଗୀତ ସଂରଚନା କରିଯାଇଛନ୍ତି । ଯାହା ଆମ ଓଡ଼ିଆ ଜାତିର ଅମୂଲ୍ୟ ସମ୍ପଦ ସଦୃଶ ।

ଉପରୋକ୍ତେ ବର୍ଣ୍ଣିତ କବିମାନଙ୍କର କେତେକ ଗୀତ ଏଠାରେ ସଂକ୍ଷେପରେ ବର୍ଣ୍ଣନା କରାଗଲା । ତାହାକୁ ନିଜ ଶିକ୍ଷକଙ୍କ ଠାରୁ କିମ୍ବା ଅନ୍‌ଲାଇନ୍‌ରୁ ଶୁଣି ସଂପୂର୍ଣ୍ଣ ଗୀତଗୁଡ଼ିକୁ ଗାନ କରିବାକୁ ଚେଷ୍ଟାକର ।




ଶ୍ରୀ ଜୟଦେବ

https://withteachers.in/

## ଗୀତ ୧ : ଜୟ ଜୟ ଜଗନ୍ନାଥ

### ରଚନା : ଆଦିକବି ସାରଳା ଦାସ



ଜୟ ଜୟ ଜଗନ୍ନାଥ ଜଗତ କାରଣ ।
ଜୟ ନୀଳଗିରୀବାସୀ ଭକତ ଜୀବନ ।।
ଭକତଙ୍କ ହିତେ ହସ୍ତେ ଚକ୍ର ଧର ସଦା
ତାଙ୍କର ଅଭିଷ୍ଟ ପ୍ରଭୁ କରିଦିଅ ପଦା ।।
ମୁଁ ତୁମ୍ଭ ପଦକିଙ୍କର ହେ ନୀଳାଦ୍ରି ନାଥ ।
ତୁମ୍ଭବିନୁ ଆଶ୍ରା କେହି ନାହିଁ ମୁଁ ଅର୍କ୍ଷିତ ।।
ସାରଳା ଦାସ ମୋ' ନାମ ତବ ଭାବ ଭାବି ।
ଭାରତ ରଚନା କରି ବୋଲାଉଛି କବି ।।

## ଗୀତ ୨ : ମହାପ୍ରଭୁ ! ଭକତ ଦୁଃଖରେ ଦୁଃଖୀ

### ରଚନା : ବଳରାମ ଦାସ



ଭକତ ଦୁଃଖରେ ଦୁଃଖୀ,
ରୁଧୀର ନଦୀ ସାତତାଳ ମଧରୁ
ଭରତିଆ ପକ୍ଷୀ ରଖି ।ଘୋଷା।
ଭକତ ନିମନ୍ତେ ହସ୍ତିନା ପୁରକୁ
ପଡ଼ା ମାଗିବାକୁ ଗଲ
ବେଢ଼ି କଉରବେ ଯେତେ ଝିଙ୍ଗାସିଲେ
ଭକତ ହିତେ ସହିଲ ।୧।
ଚକ୍ଷୁକୁ ଯେସନେ ପିଛଡା କଷଣି
ଭକ୍ତକୁ ତେହେ ଗୋସାଇଁ
ବଳରାମ ଦାସ ଭାବରେ ଭଣିଲେ, ପ୍ରଭୁପଣେ ଲୁଚିଯାଇ ।୨।

## ଗୀତ ୩ : ନମସ୍ତେ ପ୍ରଭୁ ଜଗନ୍ନାଥ

### ରଚନା : ଜଗନ୍ନାଥ ଦାସ



ନମସ୍ତେ ପ୍ରଭୁ ଜଗନ୍ନାଥ ।
ଅନାଥ ଲୋକଙ୍କର ନାଥ ।
ନମସ୍ତେ ପ୍ରଭୁ ବାସୁଦେବ ।
ଭକତ ଜନଙ୍କ ବାନ୍ଧବ ।।
ନମସ୍ତେ ପ୍ରଭୁ ହୃଷିକେଶ ।
ଭକତ ଜନଙ୍କ ବିଶ୍ୱାସ ।।
ନମସ୍ତେ ପ୍ରଭୁ ବିଶ୍ୱରୂପୀ
ସକଳ ହୃଦେ ଅଛୁ ବ୍ୟାପୀ ।।
କହଇ ଜଗନ୍ନାଥ ଦାସ
କମଳ ଚରଣକୁ ଆଶ ।।

## ଗୀତ ୪ : ଦୀନବନ୍ଧୁ

### ରଚନା : ଅଚ୍ୟୁତାନନ୍ଦ ଦାସ



ଦୀନବନ୍ଧୁ ! ମୋ ଦୁଃଖ ନ ଗଲା ଯେ
ତୁମ୍ଭେ ଦୀନବନ୍ଧୁ ମୋ ବନ୍ଧୁ ନୋହିଲେ
ମୋ ବନ୍ଧୁ ହୋଇବ କେ ।ଘୋଷା।
ଅତି ଆରତରେ ମୃଗୁଣୀ ଡାକିଲା
ଇନ୍ଦ୍ରକୁ ପେଶିଲ ହରି
ମୃଗୁଣୀ ଆରତ ଫେଡ଼ି ଜଗନ୍ନାଥ
ତାହାର ମାନ ଉଦ୍ଧାରି ।୧।
ଚକ୍ଷୁକୁ ଯେସନେ ପିଛଡା ଆବୋରି
ଭକ୍ତକୁ ତେହ୍ନେ ଗୋସାଇଁ
ଦୀନ ଅଚ୍ୟୁତ ଯେ ଭାବରେ ଭଣିଲେ
ପ୍ରଭୁପଦ ଚିତ୍ତେ ଧ୍ୟାୟୀ ।୨।



https://withteachers.in/

## ଦେଶଭକ୍ତି ସଙ୍ଗୀତ

ଶ୍ରଦ୍ଧେୟ ଛାତ୍ରଛାତ୍ରୀ ବୃନ୍ଦ । ତୁମେମାନେ ଆମ ମହାନ୍ ରାଷ୍ଟ୍ର ପାଇଁ ରଚିତ ହୋଇଥିବା ଅନେକ ଭକ୍ତି ସଙ୍ଗୀତ ଗାୟନ କରିଥିବ ଓ ଶୁଣିଥିବ । ଯେତେବେଳେ ଆମେ "ବନ୍ଦେ ମାତରମ୍" ଗୀତଟିକୁ ଗାନକରୁ ଆମ ମନରେ ଏକ ସ୍ୱତନ୍ତ୍ର ଭକ୍ତିମୟ ସିହରଣ ଖେଳିଯାଏ । ସେହିପରି ଭାରତମାତାଙ୍କର ଜୟଜୟକାର ସ୍ଲୋଗାନରେ ଆମେ ଭାବବିହ୍ୱଳ ହୋଇଯାଉ । ତୁମେମାନେ ଜାଣିଥିବ ଯେ ଚଳିତ ବର୍ଷ ନଭେମ୍ବର ମାସ ୭ ତାରିଖରେ ତଥା ତା୭.୧୧.୨୦୨୫ ରିଖରେ ଆମେ ମହର୍ଷି ବଙ୍କିମ୍‌ଚନ୍ଦ୍ର ଚଟ୍ଟୋପାଧ୍ୟାୟଙ୍କ ଦ୍ୱାରା ରଚିତ 'ବନ୍ଦେମାତରମ୍' ରାଷ୍ଟ୍ରଗୀତର ୧୫୦ ତମ ବାର୍ଷିକ ମହୋତ୍ସବ ପାଳନ କରିଛେ । ମାନନୀୟ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ଆହ୍ୱାନ କ୍ରମେ ଆମ ମହାନ୍ ଦେଶର କୋଣାନୁକୋଣରେ ଆମେ ଏହାର ୧୫୦ ତମ ବାର୍ଷିକ ପାଳନକରି ଗର୍ବିତ ଓ ଗୌରବାନ୍ୱିତ । ତେବେ ଆସ ଏହି ପରିପ୍ରେକ୍ଷୀରେ କେତୋଟି ଦେଶାତ୍ମବୋଧକ ସଙ୍ଗୀତ ଜାଣିବା ଓ ଶିଖିବା ।

### ଗୀତ ୧ : (ଭାଷା : ସଂସ୍କୃତ)

**ମନସା ସତତଂ ସ୍ମରଣୀୟମ୍**

**ରଚନା : ବଙ୍କିମଚନ୍ଦ୍ର ଚଟ୍ଟୋପାଧ୍ୟାୟ**



ମନସା ସତତଂ ସ୍ମରଣୀୟମ୍
ବଚସା ସତତଂ ବଦନୀୟମ୍
ଲୋକହିତଂ ମମ କରଣୀୟମ୍ ।୦।

ନ ଭୋଗ ଭବନେ ରମଣୀୟମ୍
ନ ଚ ସୁଖ ଶୟନେ ଶୟନୀୟମ୍
ଅହର୍ନିଶଂ ଜାଗରଣୀୟମ୍
ଲୋକ ହିତଂ ମମ କରଣୀୟମ୍ ।୧।

### ଗୀତ ୨ : (ଭାଷା : ଓଡ଼ିଆ)





ତୁଙ୍ଗ ଶିଖରି ଚୂଳ କୁଞ୍ଜ କାନନ ମାଳ
ପୂର୍ଣ୍ଣ ଜଳଧି ଜଳ ଖେଳି ଉଠେ ସପନେ ।
ପ୍ରାଚୀ ଗଗନ ଶିରେ ଭାସି ଜନକ ନୀରେ
ଆସ ତପନ ଉଇଁ ଏ ଉତ୍କଳ ଭୁବନେ
ଆଜିବି ସରଗେ ଛବି ରାଜେ ରଚିର
କି ନବ ଜୀବନେ ଭରା କୋଟି ଅନ୍ତର
କିବା ଏ ସମ୍ପଦ ଶିରି ହୃଦେ ହୃଦେ ଆମେପୁରି
କି ପୁଲକେ ଧାରା ଖେଳି ଆସେ କୋଟି ବଦନେ
ଆହା ଏ ଉତ୍କଳ କିବା ସରଗ ଭୂମି
ବିଲ ବନ ଶୈଳ ସିନ୍ଧୁ ସୁଷମା ଘେନି
ଜନମି ଏ ଦେଶେ ଆଜି ଏ ଜନନୀ କୋଳେ ରାଜି
ଧନ୍ୟ କୋଟି ନରନାରୀ ମରଣର ଜୀବନେ ।

https://withteachers.in/

### ଗୀତ ୩ : ସମର୍ପିତ ମନ

ସମର୍ପିତ ମନ ସମର୍ପିତ ତନ
ସମର୍ପିତ ମୋର ଏ ଛାର ଜୀବନ
ମାତୃଭୂମି ଗୋ ତବ ପଦତଳେ
ସମର୍ପିତ ମୋର ଶ୍ରଦ୍ଧାର ସୁମନ... ।।୦ ।।
ଜୀବନର ଋଣ ନାହିଁ ତା କଳନା
ସବୁତ ଦାନ ତୁମରି
ସୃଷ୍ଟି ସ୍ଥିତି ମୋ ବିକାଶ ବିଳୟ
ସବୁ ପ୍ରଦାନ ତୁମରି
କି ଦେଇ କରିବି ଆରାଧନା ତବ
ସବୁତ ତୁମରି ଦାନ ।।୧ ।।
କ୍ଷୁଦ୍ର ଏ ତନୁ ତବ ପାଦରେଣୁ
ତୁମ କରୁଣାର ବିନ୍ଦୁ ।
ପୁଣ୍ୟମୟୀ ଗୋ ମୁଁ ତୁମ ସନ୍ତାନ
ତୁମେ ମମତାର ସିନ୍ଧୁ ।
ମମତାର ମୂଲ କିବା ଅଛି ତୁଲ
ଦେବି ମୁଁ ଯେ ପ୍ରତିଦାନ ।।୨ ।।



**ଶିକ୍ଷକଙ୍କ ପାଇଁ ସୂଚନା :** ଏଠାରେ ପ୍ରଦାନ କରାଯାଇଥିବା ଗୀତଗୁଡ଼ିକୁ ସ୍ୱର ସଂଯୋଜନା କରି ଶିଖାଇବେ କିମ୍ବା ପୁରତନ ସ୍ୱର ଅନୁସାରେ ଶିକ୍ଷାଦାନ ଦେବେ । ଗୀତରେ ବ୍ୟବହୃତ ହୋଇଥିବା କ୍ଲିଷ୍ଟ ଶବ୍ଦ ଓ ତାହାର ଅର୍ଥଗୁଡ଼ିକୁ ଛାତ୍ରଛାତ୍ରୀମାନଙ୍କୁ ଅବଗତ କରାଇବେ ।

### ଗୀତ ୪ : ନବ ଭାରତର ବୁକେ ଆମେ ଯୁଗ୍ମଧାରା

ନବ ଭାରତ ବୁକେ ଆମେ ଯୁଗ୍ମଧାରା
ଆମେ ସୂର୍ଯ୍ୟ ଆମେ ଚନ୍ଦ୍ର ପରା...
ଆମେ ଶିବାଜୀ, ଆମେ ପ୍ରତାପ
ଆମେ ଦେଇଛୁ ଶିର ଚିର ବିଶ୍ୱବୀର
ଆମ ଅମର-ଗାଥା ଗାଏ ଦୁନିଆ ସାରା ।୧ ।

ଆମେ ଦୁର୍ଗାବତୀ, ରାଣୀ ଅହଲ୍ୟାବାଈ
ଆମେ ଦେଇଛ ଶିର ଏହି ଦେଶ ପାଇଁ
ଆମ ଅମର ଗାଥା ଗାଏ ଦୁନିଆ ସାରା ।୨ ।

### ଗୀତ ୫ : ମୋ ଦେଶ ମହାନ୍, ମୋ ଜାତି ମହାନ

ମୋ ଦେଶ ମହାନ୍, ମୋ ଜାତି ମହାନ୍
ସନାତନ ଯା'ର ଧର୍ମ ସଂସ୍କୃତି ଶାସ୍ୱତ ସୁମହାନ ।୦ ।

ସ୍ଥାବର ଜଙ୍ଗମ ନିଖିଳ ପ୍ରକାଶ
ସର୍ବଭୂତ ଯହିଁ ବ୍ରହ୍ମ ନିବାସ
ସକଳ ସନ୍ତାନ ଅମୃତ ଶିଶୁ
ଅଣୀୟାନ୍ ଗରୀୟାନ୍ ।୧ ।

ସକଳ ଭୋଗର ନିହିତ ତିତିକ୍ଷା
ଚିତାର ଅନେକ ଜୀବନ ପ୍ରତୀକ୍ଷା
ନୁହେଁ କେହି ପର ସଭିଏଁ ନିଜର
ନାହିଁ ଲୋଭ ଅଭିମାନ ।୨ ।



https://withteachers.in/

# ମାନ ନିର୍ଦ୍ଧାରଣ

| ଅଧ୍ୟାୟ ୭ : ଭାରତୀୟ ଶାସ୍ତ୍ରୀୟ ସଙ୍ଗୀତ | | | | |
|---|---|---|---|---|
| ଶୈକ୍ଷିକ ଲକ୍ଷ୍ୟ | ଦକ୍ଷତା | ପ୍ରତ୍ୟାଶିତ ଫଳାଫଳ | ଶିକ୍ଷକ | ନିଜେ |
| ୧ | ୧.୧ | ଓଡିଶୀ ଏବଂ ହିନ୍ଦୁସ୍ଥାନୀ ସଙ୍ଗୀତ ପଦ୍ଧତିର ମୌଳିକ ଗୀତ ଗୁଡିକୁ ଗାନ କରିବାର କ୍ଷମତା | | |
| ୧ | ୧.୧ | ଗୀତ ଗାଇବା ଓ ରଚନା କରିବା ସମୟରେ ତାଳ ସହିତ ସଠିକ୍ ଭାବରେ କାର୍ଯ୍ୟ କରିବାର କ୍ଷମତା । | | |
| ୪ | ୪.୧ | ଭକ୍ତି ଆନ୍ଦୋଳନର ଗୁରୁତ୍ୱ ବୁଝିବା ସହିତ ଏକ ଭକ୍ତି ସଙ୍ଗୀତ ଗାନ କରିବାର ଦକ୍ଷତା ରଖିବା । | | |

**ଶିକ୍ଷକଙ୍କ ମତାମତ ଏବଂ ଛାତ୍ରଙ୍କ ପର୍ଯ୍ୟବେକ୍ଷଣ**

https://withteachers.in/

# ୮ ପ୍ରେରଣା ଏବଂ କଳ୍ପନା



## ପ୍ରେରଣାଦାୟକ କଳାକାର ବା ସଙ୍ଗୀତଜ୍ଞ

ସଙ୍ଗୀତଜ୍ଞ ବା କଳାକାରମାନେ ଏକ ପ୍ରାକୃତିକ ପ୍ରତିଭା କିମ୍ବା ଭଗବାନଙ୍କ ପ୍ରଦତ୍ତ ଉପହାର ସହିତ ଜନ୍ମଗ୍ରହଣ କରିଥିବା ଆମେ ଅନୁମାନ କରିଥାଉ । ସେମାନେ ମଞ୍ଚରେ ପରିବେଷଣ କରିବାରେ ଓ ଲୋକଙ୍କୁ ଆହ୍ଲାଦୀତ କରିପାରୁଥିବାରୁ ସେମାନେ ଭାଗ୍ୟବାନ । କିନ୍ତୁ, ଅନେକ କଳାକାର ଅଛନ୍ତି ଯେଉଁମାନେ ନିଜର ସ୍ୱାସ୍ଥ୍ୟଗତ ଅକ୍ଷମତା ପାଇଁ ଜଣେ ଭଲ ସଙ୍ଗୀତଜ୍ଞ ଭାବେ ନିଜକୁ ପ୍ରତିଷ୍ଠା କରିବା କ୍ଷେତ୍ରରେ ଅନେକ ବାଧାବିଘ୍ନ ସହ୍ୟ କରିଛନ୍ତି ।

### ରବୀନ୍ଦ୍ର ଜୈନ (୧୯୪୪-୨୦୧୫)



ଭାରତୀୟ ଚଳଚ୍ଚିତ୍ର ସଙ୍ଗୀତ ଜଗତରେ ରବୀନ୍ଦ୍ର ଜୈନ ଏକ ଶ୍ରଦ୍ଧାଶୀଳ ଉଚ୍ଚାରଣ । ସେ ଏକାଧାରରେ ଜଣେ ସଙ୍ଗୀତ ସଂଯୋଜକ ଏବଂ ଗୀତିକାର । ବିଶେଷକରି ସେ ହିନ୍ଦୀ ଚଳଚ୍ଚିତ୍ର କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କାରିଯାଇଅଛନ୍ତି । ଦୃଷ୍ଟିହୀନ ହେବା ସତ୍ତ୍ୱେ ସେ ଭାରତର ଜଣେ ଲୋକପ୍ରିୟ ସଙ୍ଗୀତଜ୍ଞ ହୋଇପାରିଥିଲେ । ସେ ଅନ୍ୟୁନ ୨୦୦ ରୁ ଅଧିକ (ବଲିଉଡ୍) ହିନ୍ଦୀ ଚଳଚ୍ଚିତ୍ରରେ ସଙ୍ଗୀତ ସଂଯୋଜନା କରିଥିଲେ । ତତ୍‌ସହିତ ଅତି ଲୋକପ୍ରିୟ ଦୂରଦର୍ଶନ (TV) ଧାରାବାହିକ "ରାମାୟଣ"ର ସେଥିରେ ସଫଳ ସଙ୍ଗୀତ-ନିର୍ଦ୍ଦେଶକ ଓ ସଂଯୋଜକ । ତାଙ୍କ ସଙ୍ଗୀତ, ନିର୍ଦ୍ଦେଶିତ ଚଳଚ୍ଚିତ୍ର 'ରାମ ତେରୀ ଗଙ୍ଗା ମୈଲି' ପାଇଁ ୧୯୮୫ ମସିହାରେ ତାଙ୍କୁ 'ଫିଲ୍ମଫେୟାର' ପୁରସ୍କାର ପ୍ରଦାନ କରାଯାଇଥିଲା । ଶହ ଶହ ଲାଇଭ୍ ଓଟିଭି ସୋରେ ନିଜର ସଙ୍ଗୀତ ପରିବେଷଣ କରି ସେ ଅନେକ ଲୋକପ୍ରିୟତା ଅର୍ଜନ କରିଥିଲେ ।

### କାର୍ଯ୍ୟକଳାପ ୮.୧: ଆହ୍ୱାନ (Challenges)କୁ ଅତିକ୍ରମ କରିଥିବା କଳାକାର:

- ତୁମେମାନେ ତୁମ ଅଞ୍ଚଳର ବା ସମ୍ପ୍ରଦାୟର ଅଥବା ରାଜ୍ୟର କୌଣସି କଳାକରମାନଙ୍କୁ ଜାଣିଛ କି, ଯେଉଁମାନେ ଭିନ୍ନକ୍ଷମ ହୋଇ ମଧ୍ୟ ନିଜର କାର୍ଯ୍ୟ ଓ ଦକ୍ଷତା ପ୍ରତିପାଦନ କରିବାପାଇଁ ସମସ୍ତ ପ୍ରତିବନ୍ଧକକୁ ପ୍ରତିହତ କରିଛନ୍ତି ।
- ଘଟମ୍ ସୁରେଶ ବୈଦ୍ୟନାଥ ଏମଂ ପୁଛରାଜ ଗଓ୍ୱାଇଙ୍କ ଭଳି କଳାକାରମାନଙ୍କ ବିଷୟରେ ଜାଣିବାକୁ ଚେଷ୍ଟା କର ।
- କଳାକାରମାନଙ୍କ ସମ୍ବନ୍ଧରେ ଅଧିକ ଜାଣିବାକୁ ଚେଷ୍ଟା କର । ଯେପରି-
  - ସେମାନେ କେଉଁଠାରୁ ଆସିଛନ୍ତି ?
  - ସେମାନେ କେଉଁକଳା ସହିତ ଅଭ୍ୟସ୍ତ ?
  - ସେମାନେ କିପରି ଶିଖିବା ପାଇଁ ଆଗ୍ରହୀ ହେଲେ ?
  - ସେମାନଙ୍କୁ କେଉଁ ସମସ୍ୟାଗୁଡ଼ିକୁ ଦୂରକରିବାକୁ ପଡ଼ିଲା ?
- ସେମାନଙ୍କ ଦ୍ୱାରା ପରିବେଷଣ କରାଯାଇଥିବା ସଙ୍ଗୀତଗୁଡ଼ିକୁ ଶୁଣିବା ଓ ଭିଡ଼ିଓ ଗୁଡ଼ିକୁ ଦେଖିବା ।

ସେମାନଙ୍କ ଜୀବନରୁ ତୁମେମାନେ କ'ଣ ଶିଖିଲ ଓ ଜାଣିଲ ତାହା ଉପରେ ଚିନ୍ତା କରିବା ସହିତ ତୁମ ସହପାଠୀ ମାନଙ୍କୁ ଏକଥା ଜଣାଅ ।


https://withteachers.in/

## ସଙ୍ଗୀତମୟ ଐତିହ୍ୟ


ଭାରତର ଅନେକ ମନ୍ଦିର ଓ ଐତିହାସିକ କୋଠାଗୁଡ଼ିକ ସହିତ ସଙ୍ଗୀତର ଗଭୀର ସମ୍ପର୍କ ରହିଛି । ଅନେକ ମନ୍ଦିରର ସ୍ଥାପତ୍ୟକଳା କ୍ଷେତ୍ରରେ ଖୋଦିତ ହୋଇଥିବା ସଙ୍ଗୀତମୟ ବାଦ୍ୟଯନ୍ତ୍ର ଧାରଣରତ ମୂର୍ତ୍ତିଗୁଡ଼ିକରୁ ଏହା ଜଣାପଡ଼େ, ଏଠାରେ କେତୋଟି ଉଦାହରଣ ଦିଆଗଲା ।



ଚେନ୍ନାକେଶ୍ୱର ମନ୍ଦିର, ବେଲୁର, କର୍ଣ୍ଣାଟକ



ଗ୍ୱାଲିୟର ଦୁର୍ଗ, ଗ୍ୱାଲିୟର, ମଧ୍ୟପ୍ରଦେଶ



କୋଣାର୍କ ସୂର୍ଯ୍ୟ ମନ୍ଦିର, କୋଣାର୍କ, ଓଡ଼ିଶା

- ଏହି ପ୍ରତ୍ୟେକ ଐତିହ୍ୟ ସ୍ମାରକୀ କିପରି ସଙ୍ଗୀତ ସହିତ ଜଡ଼ିତ ସେ ବିଷୟରେ ଅଧିକ ଜାଣିବା ।
- ସେହି ବିଷୟରେ ଗୋଟିଏ ପୃଷ୍ଠା ଲେଖିବାକୁ ଚେଷ୍ଟା କରିବା ।
- ବର୍ତ୍ତମାନ ସମୟରେ ଏହି ସ୍ଥାନଗୁଡ଼ିକରେ ସଙ୍ଗୀତ କନସର୍ଟ କିମ୍ବା ମହୋତ୍ସବ ଆୟୋଜିତ ହୁଏ କି ନାହିଁ ତାହା ଜାଣିବାକୁ ଚେଷ୍ଟାକରିବା ।

https://withteachers.in/

## ସଙ୍ଗୀତମୟ ସ୍ତମ୍ଭ

ଭାରତୀୟ ମନ୍ଦିରଗୁଡ଼ିକରେ ସଙ୍ଗୀତ ସମ୍ବନ୍ଧୀୟ ସ୍ତମ୍ଭର ଏକ ସୁଦୀର୍ଘ ପରମ୍ପରା ରହିଛି । ପଥରରେ ନିର୍ମିତ ବିଭିନ୍ନ ସାମଗ୍ରୀ ଏବଂ ସ୍ତମ୍ଭର ସଠିକ କାରୁକାର୍ଯ୍ୟ ଅତ୍ୟନ୍ତ ମନମୁଗ୍ଧକର । ଏହାକୁ ମୃଦୁ ଆଘାତ କଲେ ଏଥିରୁ ସଙ୍ଗୀତର ସ୍ୱର ଉତ୍ପନ୍ନ ହୋଇଥାଏ । ଯାହା ପ୍ରକୃତରେ ସଙ୍ଗୀତ, ବିଜ୍ଞାନ ଏବଂ ଭାସ୍କର୍ଯ୍ୟର ଏକ ଚମତ୍କାର ସମ୍ମିଶ୍ରଣ ଅଟେ । ଏହିଭଳି କେତେକ ମନ୍ଦିରର ସ୍ତମ୍ଭ ସମ୍ବନ୍ଧରେ ସାମାନ୍ୟ ଆଲୋଚନା କରାଗଲା ।

୧. ବିଜୟ ବିଠଲ ମନ୍ଦିର, ହାମ୍ପି, କର୍ଣ୍ଣାଟକ ।
ବୈଶିଷ୍ଟ୍ୟଗୁଡ଼ିକ ହେଲା- ଏଠାରେ ସଙ୍ଗୀତର ସ୍ୱର ସୃଷ୍ଟି କରୁଥିବା ୫୬ ଗୋଟି ସ୍ତମ୍ଭ ରହିଛି ।

୨. ଐରାବତେଶ୍ୱର ମନ୍ଦିର,
ଦରାସୁରାମ, ତାମିଲନାଡୁ ।
ବୈଶିଷ୍ଟ୍ୟଗୁଡ଼ିକ ହେଲା: ଏକ ପଥରର ସିଡ଼ି ରହିଛି, ଯାହା ଉପରେ କୁଦିଲେ ବା ସେଥିରେ ଆଘାତ କଲେ ସେଥିରୁ ବିଭିନ୍ନ ପ୍ରକାରର ସ୍ୱର ସୃଷ୍ଟି ହୋଇଥାଏ ।

୩. ପଦ୍ମନାଭସ୍ୱାମୀ ମନ୍ଦିର,
ଥିରୁଅନନ୍ତପୁରମ୍, କେରଳ ।
ବୈଶିଷ୍ଟ୍ୟଗୁଡ଼ିକ ହେଲା: ପଥର ଖୋଦିତ, କେରଳର ସ୍ତମ୍ଭ ଯାହାକୁ ଆଘାତ କଲେ ସଙ୍ଗୀତର ସ୍ୱର ସୃଷ୍ଟି ହୋଇଥାଏ ।







- ସ୍ତମ୍ଭଗୁଡ଼ିକ ପ୍ରତିଧ୍ୱନି ସୃଷ୍ଟି କରୁଥିବା ପଥରରେ ତିଆରି, ଯାହା ସ୍ୱଚ୍ଛ ଶ୍ରବଣୀୟ କମ୍ପନ ସୃଷ୍ଟି କରିଥାଏ ।
- ଏଗୁଡ଼ିକ ପ୍ରାୟତଃ ଫମ୍ପା ଏବଂ ଘନତ୍ୱ ଥିବା କାରଣରୁ ଏଥିରୁ ଶବ୍ଦ ବା ଧ୍ୱନି ସୃଷ୍ଟି ହୋଇଥାଏ ଓ ଏହା ପ୍ରତିଧ୍ୱନିତ ହୁଏ ।



https://withteachers.in/

## କାର୍ଯ୍ୟକଳାପ ୮.୨: ଏକ ସଙ୍ଗୀତ ପ୍ରତିଷ୍ଠାନର ଅନୁସନ୍ଧାନ

- ତୁମେମାନେ ନିକଟରେ କୌଣସି ସ୍ଥାନୀୟ ସଙ୍ଗୀତ ବିଦ୍ୟାଳୟ ଥିବାର ଜାଣିଛ କି ? ଯଦି ନାହିଁ, ତେବେ ଅନ୍‌ଲାଇନ୍‌ରେ ଖୋଜିବାକୁ ଚେଷ୍ଟା କର କିମ୍ବା ପରିବାର ଅଥବା ତୁମର ବନ୍ଧୁବାନ୍ଧବମାନଙ୍କୁ ପଚାରି ବୁଝ ।
- ସେହି ଅନୁଷ୍ଠାନରେ କ'ଣ କ'ଣ ସବୁ ଅନୁଷ୍ଠିତ ହୋଇଥାଏ ସେ ବିଷୟରେ ଅଧିକ ଜାଣ । ସେଠାରେ ସଙ୍ଗୀତ ଶିକ୍ଷା ପାଇଁ କିଛି ବ୍ୟବସ୍ଥା ଅଛି କି ? ସେମାନେ କନସର୍ଟ (ମିଳିତ ସଙ୍ଗୀତ) ସଙ୍ଗୀତ ଆୟୋଜନ କରନ୍ତି କି ? ସେହି ଅନୁଷ୍ଠାନରେ ଅନ୍ୟ କେଉଁ କାର୍ଯ୍ୟକଳାପଗୁଡ଼ିକ ହୁଏ ତାହା ଜାଣିବାକୁ ଚେଷ୍ଟା କର ।
- ଯଦି ପାରୁଛ, ତେବେ ସେଠାକୁ ଯାଅ ଏବଂ ସେମାନଙ୍କ କାର୍ଯ୍ୟକଳାପ ବିଷୟରେ ଅଧିକ ଜାଣିବାକୁ ପ୍ରୟାସ କର ।
- ତୁମେ ବ୍ୟକ୍ତିଗତ ଭାବରେ କିମ୍ବା ଅନ୍‌ଲାଇନ୍‌ରେ ସଙ୍ଗୀତ ଶ୍ରେଣୀରେ ଯୋଗଦେବା ବିଷୟରେ ତୁମ ଅବିଭାବକଙ୍କ ସହିତ ଆଲୋଚନା କର ।



*ମହିଶୁରର ଏକ ସଙ୍ଗୀତ ବିଦ୍ୟାଳୟରେ ଝିଅମାନଙ୍କର ଏକ ଗୋଷ୍ଠୀ ସଙ୍ଗୀତ ଅଧ୍ୟୟନ କରୁଛନ୍ତି । ଭାରତ (୧୮୯୫)*



**ଶିକ୍ଷକଙ୍କ ପାଇଁ ସୂଚନା:-**

୧. ଆପଣଙ୍କ ନିକଟବର୍ତ୍ତୀ ଅଞ୍ଚଳରେ କୌଣସି ସଙ୍ଗୀତ ଅନୁଷ୍ଠାନ ଥାଇପାରେ । ସେହି ସଙ୍ଗୀତମୟ ପରିବେଶର ପ୍ରତ୍ୟକ୍ଷ ଅଭିଜ୍ଞତା ପାଇବାପାଇଁ ଛାତ୍ରଛାତ୍ରୀମାନଙ୍କୁ ବିଭିନ୍ନ ଅନୁଷ୍ଠାନ ବା ପ୍ରତିଷ୍ଠାନଗୁଡ଼ିକୁ ବୁଲେଇନେବା କ୍ଷେତ୍ରରେ ସମ୍ଭାବନା ସୃଷ୍ଟି କରନ୍ତୁ ଓ ତାହାର ଅନୁସନ୍ଧାନ କରନ୍ତୁ ।

୨. ଆପଣ ଶୁଣିଛନ୍ତି କି –

(କ) ଶିଲଂ କୋରସ ସଙ୍ଗୀତ ପରିବେଷଣ କରୁଥିବା ଦଳ । (କୋରସ- ଦଳଗତ ଭାବରେ ସଙ୍ଗୀତ ପରିବେଷଣ କରିବା)

(ଖ) ଛତିଶଗଡ଼ – ବସ୍ତର ବ୍ୟାଣ୍ଡ୍ କିମ୍ବା ଭାରତରେ ବଜାଯାଉଥିବା ଅନ୍ୟ କୌଣସି ପାରମ୍ପରିକ ଆଦିବାସୀ ବ୍ୟାଣ୍ଡ୍‌ର ସଙ୍ଗୀତ ଶୁଣିଛନ୍ତି କି ? ସେଗୁଡ଼ିକୁ ଶୁଣିବା ପରେ ଆପଣ କିପରି ଅନୁଭବ କଲେ ତାହା ରେକର୍ଡ଼ କରନ୍ତୁ । ସେହିପରି ଅନ୍ୟ ସମ୍ପ୍ରଦାୟର ଯେଉଁମାନଙ୍କର ଅର୍କେଷ୍ଟ୍ରା କିମ୍ବା ଭୋକାଲ୍ (କଣ୍ଠ ସଙ୍ଗୀତ) ବ୍ୟାଣ୍ଡ୍ ଅଛି । ସେମାନଙ୍କ ବିଷୟରେ ଅନୁସନ୍ଧାନ କରନ୍ତୁ ।

https://withteachers.in/

## ମୋ ଭବିଷ୍ୟତର କଳ୍ପନା

ଏହି ବର୍ଷ ମଧ୍ୟରେ ଆମେ ସଙ୍ଗୀତର ବିଭିନ୍ନ ଉପାଦାନ, ବାଦ୍ୟଯନ୍ତ୍ର, ଗୀତ ଏବଂ ଭାବନାତ୍ମକ ଅବଧାରଣାର ସାମାନ୍ୟ ଅନୁସନ୍ଧାନ କଲେ । ତତ୍‌ସହିତ ଆମେ ସଙ୍ଗୀତ ଜଗତର କିମ୍ବଦନ୍ତୀମାନଙ୍କ ଜୀବନ ଓ କୃତୀତ୍ୱ ସମ୍ବନ୍ଧରେ ଜାଣିବା ସହିତ ବହୁଗୁଣରେ ଅନୁପ୍ରାଣିତ ହେଲେ । ତୁମେମାନେ ମଧ୍ୟ କଠିନ ପରିଶ୍ରମ, ଏକାଗ୍ରତା ଏବଂ ସମର୍ପଣ ମନୋଭାବ ରଖି କାର୍ଯ୍ୟ କଲେ ନିଶ୍ଚିତ ଭାବରେ ସଫଳ ହୋଇପାରିବ । ଏକ ଶକ୍ତିଶାଳୀ ରାଷ୍ଟ୍ର ଗଠନ ଦିଗରେ ନିଜକୁ ସାମିଲ୍ କରିପାରିବ । ଆସ, ନିଜର ଭବିଷ୍ୟତ ସମ୍ବନ୍ଧରେ କିଛି କଥା କଳ୍ପନା କରିବାରେ ସମୟ ଉପଯୋଗ କରିବା ।



## କାର୍ଯ୍ୟକଳାପ ୮.୩: ତୁମ ଭବିଷ୍ୟତ ବିଷୟରେ ବିବରଣୀ ପ୍ରସ୍ତୁତ କରିବା

ଜଣେ ତୃତୀୟ ପକ୍ଷର ବ୍ୟକ୍ତିଙ୍କ ଦୃଷ୍ଟିକୋଣ ଅନୁସାରେ, କୋଡ଼ିଏ ବର୍ଷ ପରେ ନିଜ ବିଷୟରେ ଖବର କାଗଜରେ ଏକ ଆଲେଖ୍ୟ ପ୍ରସ୍ତୁତ କର । ଯେତେବେଳେ ତୁମେ ନିଜ ବିଷୟରେ ଲେଖିବା ଆରମ୍ଭ କରିବ, ତାହାର ଅବ୍ୟବହିତ ପୂର୍ବରୁ ତୁମେ ତୁମ କାର୍ଯ୍ୟଦକ୍ଷତା ଅନୁସାରେ କୌଣସି ବୃତ୍ତି ଚୟନ କରିଛ;

- ତୁମର କିଛି ପ୍ରମୁଖ ସଫଳତା ଅଛି କି ? ତେବେ ତାହା କ'ଣ ?
- ତୁମର ବ୍ୟକ୍ତିଗତ ଜୀବନରେ ସଙ୍ଗୀତ କିମ୍ବା ଅନ୍ୟ କୌଣସି କଳାପ୍ରତି ଅବଦାନ ଅଛି କି ?
- ତୁମେ କରିଥିବା କୌଣସି ଏକ କାର୍ଯ୍ୟ ଏକ ମାଇଲଖୁଣ୍ଟ ସଦୃଶ, ଯାହାର ବିବରଣୀ ତୁମେ ପ୍ରସ୍ତୁତ କରିବାକୁ ଚାହୁଁଛ ।
- ବର୍ତ୍ତମାନ ତୁମେ କ'ଣ କରିବାକୁ ପସନ୍ଦ କରୁଛ ?
- ତୁମ ବ୍ୟକ୍ତିଗତ ଜୀବନରେ ଘଟିଥିବା କୌଣସି ଆକର୍ଷଣୀୟ ପ୍ରସଙ୍ଗକୁ ଭିତ୍ତିକରି ବିବରଣୀ ପ୍ରସ୍ତୁତ କର ।
- ଭବିଷ୍ୟତକୁ ଦୃଷ୍ଟିରେ ରଖି ତୁମର ସ୍ୱପ୍ନ କ'ଣ ରହିଛି ?

ଯଦି ତୁମମାନଙ୍କୁ ଏ କ୍ଷେତ୍ରରେ କିଛି ପ୍ରେରଣାର ଆବଶ୍ୟକତା ରହିଛି, ତେବେ ତୁମେମାନେ ଯେଉଁମାନଙ୍କ କାର୍ଯ୍ୟଧାରାକୁ ପ୍ରଶଂସା କରୁଛ ସେମାନଙ୍କ ଜୀବନୀ ଏବଂ ସଫଳତା ଗୁଡ଼ିକୁ ନିରିକ୍ଷଣ କର । ମନେରଖ, ତୁମେମାନେ ଏହି ସୁନ୍ଦର ବିଶ୍ୱକୁ ଏକ ମହନୀୟ ସ୍ଥାନରେ ରୂପାନ୍ତରିତ କରିବାରେ ତୁମର ଯଥେଷ୍ଟ ଶକ୍ତି ରହିଛି ।

ଏହି ବିଚାର ବିନ୍ଦୁଗୁଡ଼ିକୁ ବ୍ୟବହାର କରି ଏକ ଆଲେଖ୍ୟ ପ୍ରସ୍ତୁତ କର । ପରେ ପରେ ଏହାର ଏକ ଆକର୍ଷଣୀୟ ଶୀର୍ଷକ ବା ଶିରୋନାମା ବିଷୟରେ ଚିନ୍ତା କର । ୪୦୦-୫୦୦ ଶହ ଶବ୍ଦ ମଧ୍ୟରେ ଏକ ପ୍ରବନ୍ଧ ବା ନିବନ୍ଧ ଲେଖି ତୁମ ଶ୍ରେଣୀରେ ଥିବା ନୋଟିସ୍ ବୋର୍ଡ଼ରେ ଲଗାଅ ।

ସମ୍ପ୍ରସାରଣ କାର୍ଯ୍ୟକଳାପ: ଭବିଷ୍ୟତରେ ଗଣମାଧ୍ୟମ ଏବଂ ରିପୋର୍ଟିଂ କାର୍ଯ୍ୟକ୍ଷେତ୍ର କିପରି ବିକଶିତ ହୋଇପାରେ ତାହା ଚିନ୍ତା କର । ଯଦି ତୁମେମାନେ ଖବରକାଗଜ ଲେଖା ଅପେକ୍ଷା ପୋଡ଼କାଷ୍ଟ, ଏକ ପ୍ରସଙ୍ଗକୁ ନେଇ ଛୋଟ ଭିଡ଼ିଓ କ୍ଲିପ୍ କିମ୍ବା ବ୍ଲଗ୍ କରିବାକୁ ପସନ୍ଦ କରୁଛ ତେବେ ସେହି ବିକଳ୍ପଗୁଡ଼ିକ ମଧ୍ୟରୁ ଗୋଟିଏ ଚୟନ କର ଓ ସେହି କାର୍ଯ୍ୟଟିକୁ ସଫଳତାର ସହିତ ତୁଲାଇବା ପାଇଁ ଚେଷ୍ଟା କର ।



https://withteachers.in/

## କାର୍ଯ୍ୟକଳାପ ୮.୪ ସଙ୍ଗୀତମୟ ଆତ୍ମଜୀବନୀ

ଏକ ସାଙ୍ଗୀତିକ ଆତ୍ମଜୀବନୀରେ ଜଣେ ବ୍ୟକ୍ତି ବିଶେଷଙ୍କର ଜୀବନ ବୃତ୍ତାନ୍ତକୁ ସଙ୍ଗୀତ ମାଧ୍ୟମରେ ବା ସଙ୍ଗୀତର ବ୍ୟବହାର କରି ଦର୍ଶାଇବା । ଏହି କାର୍ଯ୍ୟଟିକୁ କରିବା ପାଇଁ ନିମ୍ନୋକ୍ତ ପଦଓ ପଦକ୍ଷେପଗୁଡ଼ିକୁ ଅନୁସରଣ କର । ଏ ପର୍ଯ୍ୟନ୍ତ ତୁମେ ତୁମ ଜୀବନରେ ଯାହା କରିଛ ଭାବ । ତତ୍‌ସହିତ ତୁମ ଜନ୍ମସ୍ଥାନ ବା ଯେଉଁଠାରେ ତୁମେ ଜନ୍ମ ହୋଇଥିଲ ତାହା ଉଲ୍ଲେଖ କର । ନିଜ ପରିବାର ଓ କରିଥିବା କିଛି ଆକର୍ଷଣୀୟ କାର୍ଯ୍ୟ ସହିତ ନିଜର ସଉକ (Hobby) ବିଷୟରେ ଜଣାଅ । ଆଉ କିଛି କଥା ଅଛି, ଯାହା ତୁମେ ତୁମ ବିଷୟରେ ଲୋକମାନଙ୍କୁ ଜଣାଇବାକୁ ଚାହୁଁଛ । ସେଗୁଡ଼ିକୁ ଲେଖିରଖିବା ସହିତ ପ୍ରତ୍ୟେକ ବିବରଣୀ ପାଇଁ ସଙ୍ଗୀତ ବା ଗୀତିକବିତାର କିଛି କିଛି ଅଂଶ ଚିହ୍ନଟ କରି ରଖ । ଏହି ସଙ୍ଗୀତାଂଶ ଗୁଡ଼ିକ ତୁମେ କ'ଣ ଜଣାଇବାକୁ ଚାହୁଁଛ ତାହାକୁ ହିଁ ପ୍ରତିପାଦିତ କରିଥାଏ । ଯେଉଁ ଗୀତଟିକୁ ତୁମେ ଚିହ୍ନଟକଲ ତାହା ତୁମର ଆତ୍ମଜୀବନୀ ପାଇଁ କାହିଁକି ପ୍ରାସଙ୍ଗିକ ସେ ବିଷୟରେ କିଛି ବାକ୍ୟ ଲେଖ । ଗୀତର ବର୍ଣ୍ଣନାତ୍ମକ ପଂକ୍ତି ବା ଧାଡ଼ି ଗୁଡ଼ିକୁ ନିଜ ସହପାଠୀମାନଙ୍କୁ ଶୁଣାଅ ।

**ପ୍ରସାରଣ ସୂଚକ କାର୍ଯ୍ୟକଳାପ:** ନିଜର ବ୍ୟକ୍ତିଗତ ଇତିହାସକୁ ନେଇ ତୁମେ ନିଜର ଆତ୍ମଜୀବନୀ ପାଇଁ ଗୀତ ଲେଖ, ଗୀତର କଥାବସ୍ତୁ (ସାହିତ୍ୟ/ଗୀତିକବିତା), ସ୍ୱର ସଂଯୋଜନା ଏବଂ ଏହାର ବ୍ୟବସ୍ଥା ବିଷୟରେ ବୁଝ । ତୁମେ ଚୟନ କରିଥିବା ଇଭେଣ୍ଟ (Event) ସଂଯୋଜକ/ନିର୍ଦ୍ଦେଶକ ତୁମ କାହାଣୀକୁ କେଉଁ ଦୃଷ୍ଟିରେ ଦେଖୁଛନ୍ତି ବା ଚିନ୍ତା କରୁଛନ୍ତି ସେ ବିଷୟରେ ଖବର ନିଅ ।






https://withteachers.in/

# ମାନ ନିର୍ଦ୍ଧାରଣ

| ଅଧ୍ୟାୟ-୮ : ପ୍ରେରଣା ଏବଂ କଳ୍ପନା | | | | |
|---|---|---|---|---|
| ଶୈକ୍ଷିକ ଲକ୍ଷ୍ୟ | ଦକ୍ଷତା | ଶିକ୍ଷଣ ଫଳାଫଳ | ଶିକ୍ଷକ | ନିଜେ |
| ୨ | ୨.୨ | ବ୍ୟକ୍ତିଗତ କାହାଣୀ କହିବା କ୍ଷେତ୍ରରେ ସଙ୍ଗୀତର ଉପଯୋଗ କରିବାର କ୍ଷମତା । | | |
| ୩ | ୩.୨ | ସଙ୍ଗୀତ ପରିବେଷଣ କିମ୍ବା ସଙ୍ଗୀତ ଅନୁଷ୍ଠାନ ପରିଦର୍ଶନରେ କ'ଣ ପ୍ରତିଫଳିତ କରେ।। | | |
| ୪. | ୪.୧ | ସମସାମୟିକ ଧାରର  କଳାକାରମାନଙ୍କ ସହିତ ଜଡ଼ିତ ହେବା । | | |

## ଶିକ୍ଷକଙ୍କ ମନ୍ତବ୍ୟ ଏବଂ ଛାତ୍ରଛାତ୍ରୀଙ୍କ ପର୍ଯ୍ୟବେକ୍ଷଣ

------------------------------------------------

------------------------------------------------

------------------------------------------------

------------------------------------------------

------------------------------------------------



https://withteachers.in/

# ୯ ମୋ ସଙ୍ଗୀତର ଜଗତ



ତୁମ ଜୀବନ ସଙ୍ଗୀତ ସହିତ କେଉଁଭଳି ଅଙ୍ଗାଙ୍ଗୀଭାବେ ଜଡ଼ିତ ହୋଇ ରହିଛି, ତାହା କେବେ ଅନୁଭବ କରିଛ କି ? ଆଜିର ସମୟରେ ବିଭିନ୍ନ ପ୍ରସଙ୍ଗ ଓ ପରିସ୍ଥିତିକୁ ନେଇ ସଙ୍ଗୀତ ନିଜର ଉପସ୍ଥିତି ଜାହିର୍ କରିବାରେ ସକ୍ଷମ ହୋଇପାରିଛି । ଯେପରି – ପାରମ୍ପରିକ ସଙ୍ଗୀତ ଯାହା କାଳକାଳ ଧରି ପରମ୍ପରା କ୍ରମେ ଚଳି ଆସୁଛି, ସେହି ସଙ୍ଗୀତର ଆଧୁନିକ ସଙ୍ଗୀତ ସଂଯୋଜନାର ସ୍ପର୍ଶ, ତାହାକୁ ଆହୁରି ସୁନ୍ଦର ଓ ଶ୍ରୁତି ମଧୁର କରିଦେଇଛି । ତୁମେମାନେ ଜାଣିଛ ଯେ ଆଜିର ଯୁଗ ବିଜ୍ଞାପନର ଯୁଗ ଅଟେ । ବାଣିଜ୍ୟ ବ୍ୟବସାୟ ଓ ଜନସଚେତନତା କ୍ଷେତ୍ରରେ ବ୍ୟବହାର କରାଯାଉଥିବା ବିଜ୍ଞାପନରେ ପରିବେଷିତ ହେଉଥିବା ସଙ୍ଗୀତ ଓ ତାହାର ସଂଯୋଜନା ଆମ ମନକୁ ଅଚିରେ ଛୁଇଁଯାଏ । ସେହିପରି ପ୍ରଶଂସାସୂଚକ ସଙ୍ଗୀତ ଓ ଜାତୀୟ ସଙ୍ଗୀତ ଇତ୍ୟାଦିରେ ମଧ୍ୟ ସଙ୍ଗୀତର ଜୟଯାତ୍ରା ଜାରିରହିଛି । ତେବେ ଆସ, ସଙ୍ଗୀତର ଏହି ବିବିଧ ପ୍ରସଙ୍ଗଗୁଡ଼ିକରୁ କିଛି କଥା ଅନୁସନ୍ଧାନ କରିବା ଓ ଜାଣିବ । ତେବେ କିଛି ଲୋକପ୍ରିୟ ଗୀତଗୁଡ଼ିକୁ ଗାନକରି ଏହି ପର୍ଯ୍ୟାୟଟିକୁ ଆରମ୍ଭ କରିବା ।

## ଲୋକପ୍ରିୟ ସଂସ୍କୃତିରେ ପାରମ୍ପରିକ ସଙ୍ଗୀତ

ପାରମ୍ପରିକ ଲୋକ ସଙ୍ଗୀତ ଓ ଭକ୍ତି ସଙ୍ଗୀତର ଅନେକ ଉଦାହରଣ ରହିଛି ଯାହା ଲୋକପ୍ରିୟ ସଂସ୍କୃତିରେ ପ୍ରବେଶ କରିଛି । ଏହି ପୁରାତନ ସ୍ୱର ଥିବା ଗୀତ ଗୁଡ଼ିକୁ ଆଧୁନିକ ସଙ୍ଗୀତ ବାଦ୍ୟଯନ୍ତ୍ର ସହାୟତାରେ, ନୂତନ ଭାବରେ ସଂଯୋଜିତ କରାଯାଇ ଚଳଚ୍ଚିତ୍ର ଓ ପପ୍ ସଙ୍ଗୀତରେ ରୂପାନ୍ତରିତ କରାଯାଇଛି । ଏହାର ଫଳ ସ୍ୱରୂପ ସଙ୍ଗୀତ ନୂତନ ପିଢ଼ୀର ଦର୍ଶକମାନଙ୍କ ପାଖରେ ସହଜ ଓ ସୁଲଭରେ ପହଞ୍ଚି ପାରିଛି । ଏହି ପୁରୁଣା ଗୀତର ନୂତନ ସଙ୍ଗୀତ ଶୈଳୀ ବିଶେଷକରି ଆଜିର ଯୁବଦର୍ଶକମାନଙ୍କ ପାଇଁ ଉପଭୋଗ୍ୟ ହୋଇପାରିଛି ।

ପରବର୍ତ୍ତୀ ପୃଷ୍ଠାରେ ପରମ୍ପରାକ୍ରମେ ଚଳି ଆସୁଥିବା ଦୁଇଟି ଲୋକପ୍ରିୟ ଗୀତର ଉଦାହରଣ ଦିଆଯାଇଛି ।

### କାର୍ଯ୍ୟକଳାପ ୯.୧

**ନିମ୍ବୋଡ଼ା ନିମ୍ବୋଡ଼ା**

ନିମ୍ବୋଡ଼ା ନିମ୍ବୋଡ଼ା ଗୀତଟି ରାଜସ୍ଥାନ ରାଜ୍ୟର ଏକ ପାରମ୍ପରିକ ଲୋକ ସଙ୍ଗୀତ ଅଟେ । ଏହି ଲୋକ ସଙ୍ଗୀତଟିକୁ ଲାଙ୍ଗା ଏବଂ ମାଙ୍ଗାନିଆର ସଙ୍ଗୀତକାର ମାନଙ୍କ ଦ୍ୱାରା ପରିବେଷିତ ହୋଇଥାଏ । ଏହିଭଳି ଆହୁରି ଅନେକ ଗୀତ କିଛି ଯାହା ଅଧୁନା ଚଳଚ୍ଚିତ୍ର ଗୁଡ଼ିକରେ ବ୍ୟବହୃତ ହୋଇ ଅନେକ ଲୋକପ୍ରିୟତା ଅର୍ଜନ କରିଛି । ଏଠାରେ ଦିଆଯାଇଥିବା ଗୀତ ଦୁଇଟିର ପାରମ୍ପରିକ ଏବଂ ବଲିଉଡ୍ ସଂସ୍କରଣ ଶୁଣ । ଗୀତର ଉଭୟ ସଂସ୍କରଣଗୁଡ଼ିକୁ ଶୁଣି ସାରିବା ପରେ ତୁମମାନଙ୍କୁ କେଉଁ ସଂସ୍କରଣଟି ଭଲ ଲାଗିଲା ଓ କାହିଁକି ଭଲ ଲାଗିଲା ଠିକଣା । ତତ୍‌ସହିତ ଉଭୟ ସଂସ୍କରଣରୁ ତୁମେମାନେ କ'ଣ ସମାନତା ଓ ଭିନ୍ନତା ଉପଲବ୍ଧି କଲ ତାହା ଆଲୋଚନା କର ।



https://withteachers.in/

## ରାଜସ୍ଥାନୀ ସଙ୍ଗୀତ

ନିମ୍ବୋଡ଼ା ନିମ୍ବୋଡ଼ା ନିମ୍ବୋଡ଼ା
ଆରେ କାଚା କାଚା ଛୋଟାଛୋଟା
ନିମ୍ବୋଡା ଲାୟି ଦୋ ।
ଆରେ ଲାୟିଦୋ ଲାୟିଦୋ ଲାୟିଦୋ
ଆରେ ଲାୟିଦୋ ଲାୟିଦୋ ଲାୟିଦୋ
ନିମ୍ବୋଡ଼ା ଲାୟିଦୋ
ଜା ଖେତ ସେ ହରିୟାଲା ନିମ୍ବୁଡ଼ା-ଲାୟି ଦୋ
ଆହା ନିମ୍ବୋ ଲାୟି ଲାୟି ଲାୟି – ଲାୟିଦୋ
ଆହା ଦିବାନୋ କି ବରି ନଜର ସେ ବଚନା ହୋ ତୋ ସୁନଲୋ
ଆରେ ଖଟୋ ଖଟୋ ନିମ୍ବୋ
ତେଜ ଛୁରି ସେ ସର୍‌ପେ କାଟୋ
ଫିର୍ ଛୋଟା ଛୋଟା ନିମ୍ବୁଡା କ୍ୟା ଯାଦୁ କରେଗା ଦେଖୋ
କି ବୁରୀ ନଜର ଓ ଖଟି ହୋଏଗି
ଫିର ଚୋରସ୍ତେପେ ଓ ଭତର ଗିରେଗୀ
ଓ ଲାଇଦୋ ଲାଇଦୋ ଲାଇଦୋ
ଓ ଲାଇଦୋ ଲାଇଦୋ ଲାଇଦୋ

## କାଶ୍ମିରୀ ସଙ୍ଗୀତ

ରିଂଜ ପୁଶ ମାଲ ଗିଂଜନୀ ଦ୍ରାଇ ଲୋ ଲୋ
ଶୁବି ଶାବାଶ ଚାନି ପୁଟ୍‌ଛାୟି ଲୋ ଲୋ
ରାଜ ଓ ହ୍ୱୋଂଜିୟାନି ନାଜ୍ କୟା ଏଏନଜନି ଗରଦାନ
ୟା ଇଲାହି ଚଶ୍ମେବଦ ନିଜ ରଚତମ
ଗୌସି କ୍ୟା କାମ ଚାନି ବାରଗାଦି ଲୋ ଲୋ
ଏଣାବି ସାବାସ –
ରିଂଜ ପୁଣ ମାଲ ଗିଂଜନୀ –
ଜେଲ ବାନ୍‌କନ୍ ବାୟଲ ୟେଲି ଲାଗି ସୁମର
ପଶ ଲଗ୍ନସ ଜେଞ୍ଚାନ ଲଚ ତାଇ ହଜାର
ଡୈମି ଶାଇ ନୋ ମକ୍ଲାନ ପାଇ ଲୋଲୋ
ଶୋବି ଶାବାସ୍
କାଲମୋୟାସ ତଲ ଛି ଐଶକାଇ ବୋମ୍‌ବେରୀ
ଫେଲଲେନଫାଇ ତଲ ଛି ଐଶକାଇ ବୋମ୍‌ବେରୀ
ଫେଲ୍‌ଲେନାଫାଇ ୱ୍ଲମୁତ୍ ମୁସ୍କ ଅଦଫ୍‌ତର
ହ୍ୱେଞ୍ଚ ପୈରାନ ଟୋନେଞ୍ଚେ ତେ ତାଇ ଲୋଲୋ
ଶୌବି ସାବାସ୍ –
ରୋନି ଗୋଡକୋ ୟାମାତ୍ ବେଜମ୍ ସାଜ୍ ସାଜ୍
ବୋଜନେ ଆମତ୍ ଶାହ ୟେଁନ୍ଦ୍ରାଜ୍
ପୋଶି ମାଲିକେମ୍ ପୋଶ୍ କୁଲ ଦାୟି ଲୋ ଲୋ
ଶୋବି ଶାବାସ୍
ରିନ୍ଦ୍ ପୁଶ ମାଲ –



https://withteachers.in/

## କାଶ୍ମୀର ସଙ୍ଗୀତର ଅର୍ଥ :

"ରିଣ୍ଡ ପୋଶ୍ ମାଲ" କାଶ୍ମୀର ଭୂଖଣ୍ଡରେ ଅବସ୍ଥିତ ସୁନ୍ଦର ଦୃଶ୍ୟଗୁଡ଼ିକ ବିଷୟରେ ବର୍ଣ୍ଣନା କରିଥାଏ । ଯେଉଁଥିରେ କି ସୁନ୍ଦର ହ୍ରଦ, ଜଙ୍ଗଲ, ଗଛ ଓ ଫୁଲ, ପର୍ବତ, ଇତ୍ୟାଦି ରହିଛି । ଏହି ଭୂଦୃଶ୍ୟକୁ ଏଠାରେ ବର୍ଣ୍ଣନା କରାଯିବାର ଉଦ୍ଦେଶ୍ୟ ହେଉଛି ଯେ, ସେଠାକୁ ଭ୍ରମଣ କରିବାକୁ ଆସୁଥିବା ଭ୍ରମଣକାରୀମାନେ ଏହାର ସୌନ୍ଦର୍ଯ୍ୟକୁ ଜାଣିବା ସହିତ ତାହାର ପ୍ରଶଂସା କରିବାରେ ସକ୍ଷମ ହେବେ ।

## ସଙ୍ଗୀତର ପ୍ରୟୋଗ

ବିଭିନ୍ନ ପ୍ରକାରର ବିଜ୍ଞାପନ, କ୍ରୀଡା କାର୍ଯ୍ୟକ୍ରମ ଏବଂ ଅନ୍ୟାନ୍ୟ କ୍ଷେତ୍ରରେ ସଙ୍ଗୀତର ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ରହିଛି ।

ତୁମେମାନେ ବିଭିନ୍ନ ପ୍ରକାରର ଉତ୍ପାଦ ପାଇଁ ଲେଖାଯାଇଥିବା ବିଜ୍ଞାପନ ଗୀତଗୁଡ଼ିକୁ ଶୁଣିଛ କି ? ଏହି ଗୀତ ଗୁଡ଼ିକୁ 'ଜିଙ୍ଗଲ' କୁହାଯାଏ । ବିଭିନ୍ନ ମାର୍କା (Brand) ର ଉତ୍ପାଦ ଗୁଡ଼ିକ ବିଷୟରେ କିପରି ଲୋକମାନେ ଭଲ ଭାବରେ ମନେରଖି ପାରିବେ ସେଥିପାଇଁ ଏହାକୁ ଅଧିକ ଆକର୍ଷଣୀୟ କରି ସଂଯୋଜନା କରାଯାଇଥାଏ ।

ତୁମର ମନେଥିବା କିଛି ଲୋକପ୍ରିୟ 'ଜିଙ୍ଗଲ'ର ନାମ ଏଠାରେ ଉଲ୍ଲେଖ କର ।

-----------------------------------------------------------

-----------------------------------------------------------

ଖେଲୋ ଇଣ୍ଡିଆ ଏବଂ ଅଲମ୍ପିକ୍ସ ଭଳି କେତେକ ପ୍ରମୁଖ କ୍ରୀଡା କାର୍ଯ୍ୟକ୍ରମ ବା ଇଭେଣ୍ଟ ପାଇଁ ସ୍ୱାକ୍ଷର ବହନ କରୁଥିବା ବିଷୟବସ୍ତୁକୁ ନେଇ ସଙ୍ଗୀତ ସଂଯୋଜନା କରାଯାଇଅଛି । ଏହି ଧ୍ୱନି ଏବଂ ଗୀତଗୁଡ଼ିକ କାର୍ଯ୍ୟକ୍ରମ ବା ଇଭେଣ୍ଟରେ ଯୋଗଦାନ କରୁଥିବା ଲୋକମାନଙ୍କ ମଧ୍ୟରେ ଜାତୀୟତା ଓ ନିଜର ମହାନ ସମ୍ପ୍ରଦାୟର ଭାବନା ସୃଷ୍ଟି କରିବାରେ ସାହାଯ୍ୟ କରିଥାଏ । କିଛି କ୍ରୀଡା ଇଭେଣ୍ଟର ତାଲିକା ପ୍ରସ୍ତୁତ କର । ଯେଉଁ ଇଭେଣ୍ଟର ବିଷୟବସ୍ତୁକୁ ନେଇ ସଙ୍ଗୀତ ସଂଯୋଜନା କରାଯାଇଅଛି ଏବଂ ତୁମେ ତାହାକୁ ମନେ ରଖିଛ । ତତ୍ ସହିତ ତୁମେମାନେ କୌଣସି ଜାତୀୟ ସ୍ତରର ପ୍ରସଙ୍ଗ କିମ୍ବା ଅତି ଗୁରୁତ୍ୱ ବହନ କରୁଥିବା ଅଭିଯାନ ସମ୍ବନ୍ଧୀୟ ସଙ୍ଗୀତ ମଧ୍ୟ ବାଛି ଲେଖିବାକୁ ଚେଷ୍ଟାକର ।

-----------------------------------------------------------

-----------------------------------------------------------

ତୁମ୍ଭେମାନେ ଚଳଚ୍ଚିତ୍ର ଦେଖିବାବେଳେ ତାହାର ପ୍ରଚ୍ଛଦପଟରେ ବାଜୁଥିବା ସଙ୍ଗୀତକୁ ନିଶ୍ଚିତ ଭାବରେ ଶୁଣିଥିବ । ସେହିପରି ଏକ ସ୍ୱତନ୍ତ୍ର ଚରିତ୍ର ପାଇଁ ଏକ ନିର୍ଦ୍ଦିଷ୍ଟ ପ୍ରକାରର ସଙ୍ଗୀତ ସଂଯୋଜନା କରାଯାଇଥାଏ । ବିଶେଷକରି ଚଳଚ୍ଚିତ୍ର ଗୁଡ଼ିକରେ ନିର୍ଦ୍ଦିଷ୍ଟ ନାୟକ ବା ନାୟିକାର କାର୍ଯ୍ୟ ଏବଂ ସେମାନଙ୍କର ଉପସ୍ଥିତିକୁ ପ୍ରମୁଖ ଲକ୍ଷଣ ଭାବରେ ଗ୍ରହଣ କରିବା ପାଇଁ ଏହି ସଙ୍ଗୀତ ସଂଯୋଜନାର ଯଥେଷ୍ଟ ଆବଶ୍ୟକତା ରହିଥାଏ ।

## କାର୍ଯ୍ୟକଳାପ ୯.୨ ଏକ ଜିଙ୍ଗଲ୍ ସୃଷ୍ଟି କରିବା


- ତୁମେ ପ୍ରତିଦିନ ବ୍ୟବହାର କରୁଥିବା କୌଣସି ଏକ ଜିନିଷକୁ ବାଛ ।
- ଜିନିଷର କୌଣସି ବିଶେଷତ୍ୱ ଅଛି କି ? ଯାହା ଅନ୍ୟମାନଙ୍କୁ ଜାଣିବା ପାଇଁ ଆକର୍ଷିତ କରିଥାଏ ।
- ସେହି ନିର୍ଦ୍ଦିଷ୍ଟ ଜିନିଷର ବୈଶିଷ୍ଟ୍ୟଗୁଡ଼ିକୁ ବ୍ୟବହାର କରି କିଛି ଧାଡ଼ି ଲେଖ ଯାହା ତୁମ ଜିଙ୍ଗଲ ପାଇଁ ଗୀତ ଭାବରେ ବ୍ୟବହାର କରାଯାଇ ପାରିବ ।
- ତୁମେ ଲେଖିଥିବା ଏହି ଗୀତକୁ ସ୍ୱର ଏବଂ ତାଳ ଦେଇ ସଙ୍ଗୀତ ସଂଯୋଜନା କର । ତତ୍‌ସହିତ ଏହାର ଧ୍ୱନିକୁ ପ୍ରଭାବି ଓ ମୁକ୍ତ କରାଇବାକୁ ଚେଷ୍ଟାକର ।
- ୧୫ ରୁ ୩୦ ସେକେଣ୍ଡ ମଧ୍ୟରେ ପ୍ରସ୍ତୁତ ହୋଇଥିବା ଜିଙ୍ଗଲକୁ ନିଜ ଶ୍ରେଣୀରେ ପଢୁଥିବା ସାଥି ମାନଙ୍କୁ ଜଣାଅ ।
- ଅତିରିକ୍ତ କାର୍ଯ୍ୟକଳାପ ଭାବରେ ତୁମେ ଉତ୍ପାଦ ପାଇଁ ତିଆରି କରିଥିବା ଜିଙ୍ଗଲସ୍ ଟ୍ୟାଗ୍‌ଲାଇନ୍ ବ୍ୟବହାର କରି ଏକ ବିଜ୍ଞାପନ ପୋଷ୍ଟର ଅଙ୍କନ କରିପାରିବ ।

https://withteachers.in/

## ସଙ୍ଗୀତ ଏବଂ ଜଳବାୟୁ ପରିବର୍ତ୍ତନ

ବର୍ତ୍ତମାନ ସମୟରେ ଜଳବାୟୁ ପରିବର୍ତ୍ତନ ଓ ବିଶ୍ୱ ଉତ୍ତାପନ ମାନବ ଜାତି ଓ ସମଗ୍ର ବିଶ୍ୱ ପାଇଁ ଅପୂରଣୀୟ କ୍ଷତି ଘଟାଇବାର ଆଶଙ୍କା ସୃଷ୍ଟି କରିଛି । ଆମ ପରିବେଶକୁ ଆହୁରି ଅଧିକରୁ ଅଧିକ କ୍ଷତିରୁ ରକ୍ଷା ପାଇବା ପାଇଁ ଆମକୁ ବ୍ୟକ୍ତିଗତ ଏବଂ ସାମୂହିକ ସ୍ତରରେ କିଛି ସୁଚିନ୍ତିତ ଉପାୟ ବାହାର କରି ଉଚିତ୍ ପଦକ୍ଷେପ ନେବାକୁ ପଡିବ । ଉଦ୍ଭିଦ, ପ୍ରାଣୀ, ପଶୁପକ୍ଷୀ ମାନଙ୍କ ସହିତ ପ୍ରାକୃତି ଜଗତର ଗୁରୁତ୍ୱ ବିଷୟରେ ଅଧିକ ଜନସଚେତନତା ଓ ତାହାର ପ୍ରଚାର ପ୍ରସାର ପାଇଁ ଆମେ ସଙ୍ଗୀତକୁ ଏକ ବଳିଷ୍ଠ ମାଧ୍ୟମରୂପେ ଗ୍ରହଣ କରିପାରିବା ।

ଗଙ୍ଗାନଦୀର ପୁନରୁଦ୍ଧାର ସହିତ ତାହାକୁ ପୁଣିଥରେ ସତେଜ ଓ ସୁନ୍ଦର କରିବା ପାଇଁ ଭାରତ ସରକାରଙ୍କ ତରଫରୁ ସ୍ୱଚ୍ଛ ଗଙ୍ଗା ଆନ୍ଦୋଳନ ପ୍ରକଳ୍ପ ହାତକୁ ନିଆଯାଇଛି । ଏହି ଆନ୍ଦୋଳନର ବିଷୟବସ୍ତୁକୁ ନେଇ ଏକ ଗୀତ "ନମାମି ଗଙ୍ଗେ" ସଂରଚନା କରାଯାଇଛି । ଯାହାକୁ ତୁମେମାନେ ଅନ୍‌ଲାଇନ୍‌ରୁ ବାହାରକରି ଶୁଣିପାରିବ ।



### କାର୍ଯ୍ୟକଳାପ ୯.୩ ପରିବର୍ତ୍ତନ ପାଇଁ ଏକ ଗୀତ ଲେଖିବା

- ତୁମ ଶ୍ରେଣୀରେ ପଢୁଥିବା ପ୍ରତି ୫ ରୁ ୬ ଜଣ ଛାତ୍ରଛାତ୍ରୀଙ୍କୁ ନେଇ ଗୋଟିଏ ଗୋଟିଏ ଦଳ ଗଠନ କର ।
- ଜାତୀୟ ସ୍ତରରେ ପ୍ରଚାରିତ ଓ ପ୍ରସାରିତ ହେଉଥିବା କୌଣସି ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ କିମ୍ବା ଅଭିଯାନ ଯଥା ସ୍ୱଚ୍ଛ ଭାରତ, ସ୍ୱଚ୍ଛଗଙ୍ଗା, ବେଟି ବଚାଓ ବେଟି ପଢ଼ାଓ ଇତ୍ୟାଦିରୁ କୌଣସି ଗୋଟିଏ ପ୍ରସଙ୍ଗକୁ ଚୟନ କର ।
- ବର୍ତ୍ତମାନ ତୁମେ ଚୟନ କରିଥିବା ପ୍ରସଙ୍ଗକୁ ନେଇ କିପରି ଗୀତ ଲେଖି ପାରିବ ଆସ, ସେହି ବିଷୟରେ ଏଠାରେ ପ୍ରଦାନ କରାଯାଇଥିବା କିଛି ଅବଧାରଣାକୁ ଗ୍ରହଣ କରିବାକୁ ଚେଷ୍ଟାକରିବା ।
- ପ୍ରଥମେ ତୁମେ ଗୀତ ମାଧ୍ୟମରେ ପ୍ରକାଶ କରିବାକୁ ଚାହୁଁଥିବା କିଛି ମୁଖ୍ୟ ବିଚାର ବିନ୍ଦୁ ଗୁଡିକୁ ଲେଖ ।
- ପରେ ପରେ ଏକ କୋରସ୍ କିମ୍ବା ହୁକ୍ ଲାଇନ ଖୋଜିବା ଯାହା ଗୀତର ବାର୍ତ୍ତାକୁ କ୍ୟାପ୍‌ସୁଲେଟ୍ କରିଥାଏ ।
- ବିଷୟଗୁଡିକୁ ଅନୁସନ୍ଧାନ କରାଇବାରେ ସାହାଯ୍ୟ କରୁଥିବା ଦୁଇଟି ପଦ ଲେଖିବା ।
- ପ୍ରଥମେ ତୁମେ ସ୍ୱର ସଂଯୋଜନା କିପରି ହେବ । ତାହା ଚିନ୍ତାକରି ଗୀତ ଲେଖିପାରିବ କିମ୍ବା ପ୍ରଥମେ ଗୀତ ଲେଖି ପରେ ତାକୁ ସ୍ୱରରେ ସଜାଇ ପାରିବ ।
- ସଙ୍ଗୀତରେ ବ୍ୟବହୃତ ଗୀତଟିର ଶୁଦ୍ଧତା ପ୍ରତି ଯତ୍ନବାନ ହେବ ।
- ବିଦ୍ୟାଳୟ ସଭା କିମ୍ବା ଶ୍ରେଣୀ କକ୍ଷରେ ଥିବା ତୁମ ସାଥୀ ମାନଙ୍କ ପାଇଁ ଏହି ଗୀତଟିକୁ ଉପସ୍ଥାପନ କର ବା ପରିବେଷଣ କର ।



https://withteachers.in/

ସଙ୍ଗୀତ କିପରି ସୃଷ୍ଟି ହୋଇଛି ଏବଂ ତାହାର ସୃଷ୍ଟି ହେବାର ବିଭିନ୍ନ ଦିଗଗୁଡ଼ିକ ସମ୍ବନ୍ଧରେ ଆମେ କିଛି କିଛି କଥା ଅନୁସନ୍ଧାନ କରିଛେ ଓ ଜାଣିଛେ । ଆମମାନଙ୍କ ମଧ୍ୟରେ କେତେଜଣ ସଙ୍ଗୀତକୁ ବହୁମାତ୍ରାରେ ଉପଭୋଗ କରିଥାନ୍ତି । ସଙ୍ଗୀତ ପ୍ରତିଥିବା ଏହି ଆଗ୍ରହ ଆମକୁ କ୍ରମେ ସଙ୍ଗୀତ କ୍ଷେତ୍ରରେ ଥିବା କର୍ମ ନିଯୁକ୍ତି ଆଡକୁ ଅଗ୍ରସର କରାଇପାରେ । ତେବେ ତୁମେମାନେ ଏ ବିଷୟରେ କ'ଣ ଭାବୁଛ ? ସଙ୍ଗୀତକୁ ନେଇ ନିଜର ଭବିଷ୍ୟତ ଗଢ଼ିବା ଓ କର୍ମ ନିଯୁକ୍ତି ବୃତ୍ତି ଭାବରେ ତୁମେମାନେ ତାହାକୁ ପାଥେୟ କରି କାମ କରିପାରିବ କି ? ଏହି ସୂଚନାଟିକୁ ଜାଣିବାପରେ ହୁଏତ ତୁମମାନଙ୍କୁ ଆଶ୍ଚର୍ଯ୍ୟ ଲାଗିପାରେ । ସଙ୍ଗୀତରେ କେବଳ ଗାୟକ ଓ ବାଦକ ହେବା ସହିତ ଆହୁରି ଅନେକ ଭିନ୍ନ ଭିନ୍ନ ପ୍ରକାରର ନିଯୁକ୍ତି ସୁଯୋଗ ରହିଛି । ସେହି ବିଷୟରେ ନିମ୍ନୋକ୍ତେ କିଛି ଆଲୋଚନା କରାଗଲା ।

## ସଙ୍ଗୀତରେ ବୃତ୍ତି ବା ପେଶା କିମ୍ବା ସଙ୍ଗୀତକୁ ଜୀବନର ଏକ ଅଂଶ ଭାବରେ ଚୟନ କରିବା ।

୧. **ଶବ୍ଦ ପରିଚାଳନା କରୁଥିବା ଯନ୍ତ୍ରୀ (Sound Engineer)** : ବୈଦ୍ୟୁତିକ ଯନ୍ତ୍ରଗୁଡ଼ିକ ନେଇ ସଙ୍ଗୀତର ରେକର୍ଡିଂ, ମିଶ୍ରଣ (Mixing) ଏବଂ ତାହାର ପୁନଃ-ଉତ୍ପାଦନ କ୍ଷେତ୍ରରେ ଜଣେ ଶବ୍ଦ ପରିଚାଳନା କାର୍ଯ୍ୟ ସମ୍ପାଦନ କରିଥାନ୍ତି । ସେମାନଙ୍କୁ ସାଉଣ୍ଡ ଇଞ୍ଜିନିୟର କିମ୍ବା ଅଡିଓ ଇଞ୍ଜିନିୟର ବୋଲି ଆମେ କହିଥାଉ । ସଙ୍ଗୀତର ପ୍ରତ୍ୟକ୍ଷ ଓ ପରୋକ୍ଷ ପରିବେଷଣରେ ସାଉଣ୍ଡ ଇଞ୍ଜିନିୟରଙ୍କ ଭୂମିକା ଅତିବ ଗୁରୁତ୍ୱପୂର୍ଣ୍ଣ ଅଟେ । ସେମାନେ ସଙ୍ଗୀତର ସୁମଧୁର ଧ୍ୱନି ଓ ଗୁଣବତ୍ତାକୁ ସୁନିଶ୍ଚିତ କରାଇଥାନ୍ତି । ସେଥିପାଇଁ ସେ ମାଇକ୍ରୋଫୋନ୍, ସ୍ପିକର ଏବଂ ମିଶ୍ରଣ କନ୍‌ସୋଲ୍ ଭଳି ଅଡ଼ିଓ ଉପକରଣ ବ୍ୟବହାର କରିଥାନ୍ତି ।



୨. **ସଙ୍ଗୀତ ପ୍ରଯୋଜକ** : ଜଣେ ସଙ୍ଗୀତ ପ୍ରଜୋଜକଙ୍କର କାମ ହେଲା ଯେ, ସେ କଳାକାରଙ୍କର ଗୀତ, ଆଲ୍‌ବମ୍ କିମ୍ବା ସଙ୍ଗୀତ ସମ୍ବନ୍ଧୀୟ କୌଣସି ପରିକଳ୍ପନା (Project)କୁ ରେକର୍ଡ କରିବାରେ ସହାୟତା ପ୍ରଦାନ କରିଥାନ୍ତି । ସଙ୍ଗୀତ ପ୍ରଯୋଜକମାନେ କଳାକାରମାନଙ୍କର ଦୃଷ୍ଟିଭଙ୍ଗୀକୁ ନେଇ କାର୍ଯ୍ୟ କରିଥାନ୍ତି । ଆଲ୍‌ବମ୍ କିମ୍ବା ଗୀତ ପାଇଁ କଳାକାରଙ୍କ ଯୋଜନା ସଫଳତାର ସହିତ କାର୍ଯ୍ୟକାରୀ ହେଉଛି କି ନାହିଁ ତାହାକୁ ଅନୁଧ୍ୟାନ କରିବା ସଙ୍ଗୀତ ପ୍ରଯୋଜକଙ୍କର ପ୍ରମୁଖ କାର୍ଯ୍ୟ ଅଟେ । ତତ୍‌ସହିତ ସମାପ୍ତ ହେଉଥିବା ସଙ୍ଗୀତ ପରିବେଷଣ ବା ରେକର୍ଡିଂ ଉତ୍ପାଦ ଗୁଡ଼ିକ ଭଲ ହୋଇଛି କି ନାହିଁ ତାହାର ତଦାରଖ ଓ ସୁନିଶ୍ଚିତ କରିବା ମଧ୍ୟ ତାଙ୍କର ମୁଖ୍ୟ କାମ ଅଟେ ।

୩. **କାର୍ଯ୍ୟକ୍ରମ ସଂଚାଳକ (ଇଭେଣ୍ଟ ମ୍ୟାନେଜର)** : ଜଣେ ଇଭେଣ୍ଟ ପରିଚାଳକ ବା ସଂଚାଳକ ଗୋଟିଏ ଲାଇଭ୍ କନସର୍ଟ (କାର୍ଯକ୍ରମ) ପାଇଁ ଆବଶ୍ୟକ ଥିବା ଉପକରଣ ଗୁଡ଼ିକୁ ଏକତ୍ର କରିଥାନ୍ତି । ଯେଉଁଥିରେ ପରିବେଷଣ ପାଇଁ କଳାକାରମାନଙ୍କୁ ଯୋଗାଯୋଗ କରିବା ଏବଂ ସେମାନଙ୍କ ମଧ୍ୟରୁ ଆବଶ୍ୟକ ଥିବା କଳାକାର ମାନଙ୍କୁ ଚୟନ କରିବା, ପରିବେଷିତ ହେବାକୁ ଯାଉଥିବା ଇଭେଣ୍ଟର (କାର୍ଯ୍ୟକ୍ରମ) ପ୍ରଚାର ପ୍ରସାର କରିବା, ଟିକେଟ୍‌ର ବିକ୍ରୟ ଓ ପ୍ରାୟୋଜକମାନଙ୍କ ଠାରୁ ପାଣ୍ଠି ସଂଗ୍ରହ କରିବା ଇତ୍ୟାଦି । ତତ୍‌ସହିତ କାର୍ଯ୍ୟକ୍ରମ ପରିବେଷଣ ପାଇଁ ଆବଶ୍ୟକ ଥିବା ସ୍ଥାନ ଶବ୍ଦ ଏବଂ ଆଲୋକର ସୁବ୍ୟବସ୍ଥାକୁ ମଧ୍ୟ ଗୁରୁତ୍ୱ ଦିଆଯିବା ଜରୁରୀ ହୋଇଥାଏ ।

୪. **ସଙ୍ଗୀତ ଚିକିତ୍ସକ**: ସଙ୍ଗୀତ ଚିକିତ୍ସକ ମାନେ ବୃତ୍ତିଗତ ଭାବରେ ଅନ୍ୟର ଯନ୍ତ୍ରଣା, ଦୂରକରିବା, ଚାପ ନିୟନ୍ତ୍ରଣ କରିବା, ମାନସିକ ସ୍ୱାସ୍ଥ୍ୟ ଏବଂ ପୁନର୍ବାସନ କ୍ଷେତ୍ରରେ କାର୍ଯ୍ୟକରିବା ପାଇଁ ସଙ୍ଗୀତକୁ ଏକ ଉପକରଣ ଭାବରେ ବ୍ୟବହାର କରିଥାନ୍ତି । ଜଣେ ରୋଗୀ ପାଇଁ ଚିକିତ୍ସାର ଆବଶ୍ୟକତାକୁ ଦୃଷ୍ଟିରେ ରଖି ଜଣେ ସଙ୍ଗୀତ ଚିକିତ୍ସକଙ୍କୁ ଉପଯୁକ୍ତ ରାଗ ଓ ଗୀତ ଚୟନକରି ପରିବେଷଣ କରିବାକୁ ପଡିଥାଏ । ଏ କ୍ଷେତ୍ରରେ ସଙ୍ଗୀତ ଚିକିତ୍ସକଙ୍କ ନିୟୋଜନ ନିତାନ୍ତ ଜରୁରୀ ହୋଇଥାଏ । ରୋଗୀମାନଙ୍କର ସକ୍ରିୟ ଶ୍ରବଣ ଏବଂ ପ୍ରତିକ୍ରିୟା ସଙ୍ଗୀତ ଚିକିତ୍ସାର ସ୍ୱରୂପକୁ ପ୍ରତିଷ୍ଠିତ କରାଇଥାଏ । ସଙ୍ଗୀତ ଚିକିତ୍ସାର ଗବେଷଣା, ପରୀକ୍ଷଣ ଇତ୍ୟାଦିର ପରିସର ଦିନକୁ ବୃଦ୍ଧି ପାଇବାରେ ଲାଗିଛି । ଏହା ସଙ୍ଗୀତ, ବିଜ୍ଞାନ ଏବଂ ଭେଷଜ ଚିକିତ୍ସାର ସଂଯୋଗସ୍ଥଳରେ ଅବସ୍ଥିତ ।



https://withteachers.in/

୫. **ସଙ୍ଗୀତ ଶିକ୍ଷକ / ଅଧ୍ୟାପକ:** ସଙ୍ଗୀତ ଶିକ୍ଷକମାନେ ବିଦ୍ୟାଳୟ, ମହାବିଦ୍ୟାଳୟ ଏବଂ ବିଶ୍ୱବିଦ୍ୟାଳୟ ସ୍ତରରେ ସଙ୍ଗୀତ ଶିକ୍ଷା ପ୍ରଦାନ କରିଥାନ୍ତି । ତତ୍‌ସହିତ ବିଭିନ୍ନ ସଙ୍ଗୀତ ଶିକ୍ଷାନୁଷ୍ଠାନ, ଶିକ୍ଷାକେନ୍ଦ୍ର ଏବଂ ଅନ୍‌ଲାଇନ୍ ମାଧ୍ୟମରେ ଛାତ୍ରଛାତ୍ରୀମାନଙ୍କୁ ସଙ୍ଗୀତ ଶିକ୍ଷା ପ୍ରଦାନ କରିଥାନ୍ତି । ବିଦ୍ୟାଳୟରେ ପଢୁଥିବା ଛାତ୍ରଛାତ୍ରୀମାନଙ୍କୁ ମିଳିତ ଭାବରେ ସଙ୍ଗୀତ ଶିକ୍ଷା ଦେବା ସହିତ ଯେଉଁ ଛାତ୍ରଛାତ୍ରୀମାନେ ସଙ୍ଗୀତ ଗାୟନ ଓ ବାଦନରେ ଭଲ ପରିବେଷଣ କରୁଛନ୍ତି ଓ ଆଗ୍ରହ ରଖୁଛନ୍ତି ସେମାନଙ୍କୁ ଗୋଟିଏ ଦଳକରି ମଧ୍ୟ ଶିକ୍ଷା ପ୍ରଦାନ କରିଥାନ୍ତି । ବେଳେବେଳେ ସଙ୍ଗୀତ ଶିକ୍ଷକମାନେ ଗଣିତ ଓ ବିଜ୍ଞାନର ଅବଧାରଣାକୁ ତୁମମାନଙ୍କ ଭିତରେ ଦୃଢ଼ୀଭୂତ କରିବା ପାଇଁ ସଙ୍ଗୀତର ବ୍ୟବହାର କରିଥାନ୍ତି । ତୁମେମାନେ ପୂର୍ବରୁ ଜାଣିଛ ଯେ ସଙ୍ଗୀତରେ କଳା ସଂସ୍କୃତି ସହିତ ବିଜ୍ଞାନ ଓ ଗଣିତର ଅପୂର୍ବ ସମାବେଶ ଘଟିଛି । ସଙ୍ଗୀତରେ ସମାବିଷ୍ଟ ଏହିସବୁ ଜ୍ଞାନ ଅର୍ଜନ କରିଥିବା ବ୍ୟକ୍ତି ଜଣେ ଭଲ ସଙ୍ଗୀତ ଶିକ୍ଷକ ହୋଇଥାନ୍ତି । ସଙ୍ଗୀତର ତଥ୍ୟାତ୍ମକ ଓ କ୍ରିୟାତ୍ମକ ଉତ୍ତମ ଜ୍ଞାନ ଓ ତାଲିମ୍ ସହିତ ଲୋକଙ୍କ ମଧ୍ୟରେ ତାହାର ପ୍ରଦର୍ଶନ କରିବା ଓ ତଥ୍ୟାତ୍ମକ କଥୋପକଥନ ସହିତ ତାହାର କ୍ରିୟାପକ୍ଷକୁ ପରିବେଷଣ କରି ଦେଖାଇବା ସଙ୍ଗୀତ ଶିକ୍ଷକମାନଙ୍କର ଏକ ବିଲକ୍ଷଣ କାର୍ଯ୍ୟ ଅଟେ ।





**କାର୍ଯ୍ୟକଳାପ ୯.୪ ସଙ୍ଗୀତକୁ ନେଇ ଭବିଷ୍ୟତ ଗଢ଼ିବା ସମ୍ବନ୍ଧରେ ଅନୁସନ୍ଧାନ କରିବା ।**

ଏହି ଅଧ୍ୟାୟରେ ତୁମ୍ଭେମାନେ ସଙ୍ଗୀତକୁ ଅଧ୍ୟୟନ କରି କିପରି ଆତ୍ମନିର୍ଭରଶୀଳ ହୋଇପାରିବ, ଏହି ଅଧ୍ୟାୟରେ ତତ୍‌ସମ୍ବନ୍ଧୀୟ ବିଭିନ୍ନ ବିକଳ୍ପର ତଥ୍ୟ ପ୍ରଦାନ କରାଗଲା । ତତ୍‌ସହିତ ତୁମେମାନେ ସଙ୍ଗୀତକୁ ନିଜର ବୃତ୍ତିଭାବେ କିପରି ଗ୍ରହଣ କରିପାରିବ ତାହାର ଅନ୍ୟ ବିକଳ୍ପ ବିଷୟରେ  କିଛି ଚିନ୍ତା କରିଛ କି ? ଅନ୍‌ଲାଇନ ମାଧ୍ୟମରେ ଏହି ବିକଳ୍ପଗୁଡିକ ସମ୍ବନ୍ଧରେ ଅନୁସନ୍ଧାନ କର । ତନ୍ମଧ୍ୟରୁ ଗୋଟିଏ ସଙ୍ଗୀତ ବିଷୟ ତନ୍ମଧ୍ୟରୁ ଗୋଟିଏ ସଙ୍ଗୀତ ବିଷୟ ସମ୍ବନ୍ଧୀୟ ବୃତ୍ତିକୁ ଚୟନ କର । ତତ୍‌ସହିତ ତୁମେ ଚୟନ କରିଥିବା ବୃତ୍ତି ବା ଚାକିରୀରେ ତୁମକୁ କ'ଣ କ'ଣ କାମ କରିବାକୁ ପଡ଼ିବ ସେହି ବିଷୟରେ କିଛି ଧାଡ଼ି ଲେଖ । ଏହି ବିଷୟରେ ତୁମର ଦୃଷ୍ଟିକୋଣ ବା ଭାବନାକୁ ତୁମ ଶ୍ରେଣୀରେ ପଢୁଥିବା ସାଥୀମାନଙ୍କୁ କଥୋପକଥନ ମାଧ୍ୟମରେ ଜଣାଅ ।



https://withteachers.in/

## କାର୍ଯ୍ୟକଳାପ ୯.୫ ପରଦାର ଅନ୍ତରାଳରେ:


ସଙ୍ଗୀତ କ୍ଷେତ୍ରରେ ଚାକିରି କରିଥିବା କେହି ଜଣେ ବୟୋଜ୍ୟେଷ୍ଠ ବ୍ୟକ୍ତି ବିଶେଷଙ୍କୁ ତୁମେମାନେ ଜାଣିଛ କି ?

ସେହିପରି ଜଣେ କଳାକାରଙ୍କ ସହିତ କଥାହୁଅ ଏବଂ ବୁଝିବାକୁ ଚେଷ୍ଟାକର ଯେ, ସେମାନଙ୍କର ଦିନଟି ସାଧାରଣତଃ କେମିତି କଟିଥାଏ ଓ ସଙ୍ଗୀତ ସାଧନା ପାଇଁ ସେ କେତେ ସମୟ ଦେଇଥାନ୍ତି ? ଯଦି ସମ୍ଭବ ହୁଏ, ସେମାନେ କାମକରୁଥିବା ସମୟରେ ଅଧାଦିନ ପାଇଁ ତାଙ୍କ ସହିତ ଯୋଗ ଦେବା ନିମନ୍ତେ ତାଙ୍କଠାରୁ ଅନୁମତି ନିଅ । ସେମାନେ କେଉଁ ଭଳି ଭାବରେ ନିଜ କାର୍ଯ୍ୟାଳୟରେ କାର୍ଯ୍ୟ ସମ୍ପାଦନ କରୁଛନ୍ତି ତାହା ଅନୁଧ୍ୟାନ କର ।

ତୁମେମାନେ ସେଠାରେ ଯୋଗଦାନ ଦେବାପରେ ଯାହା ଅନୁଧ୍ୟାନ କରି ଜାଣିଲ ଓ ଶିଖିଲ ତାହା ତୁମର ସହଯୋଗ ଓ ଶ୍ରେଣୀ ଶିକ୍ଷକଙ୍କୁ ଜଣାଅ ।

ତେବେ ତୁମେ ସଙ୍ଗୀତକୁ ଏକ ବୃତ୍ତି ଭାବରେ ଗ୍ରହଣ କରିବାକୁ ଚାହୁଁଛ କି ? ଯଦି ତୁମର ଏଭଳି କିଛି ଇଚ୍ଛା ଅଛି ତେବେ ତାହା ତୁମ ସାଙ୍ଗସାଥୀମାନଙ୍କୁ ଜଣାଅ ।

ଏହି କାର୍ଯ୍ୟକ୍ରମ ନିମନ୍ତେ ତୁମେମାନ ପ୍ରସ୍ତୁତ କରିଥିବା ପ୍ରୋତ୍ସାହନ ଯୋଜନାଟିକୁ ତୁମ ଶିକ୍ଷକ ଓ ସ୍ୱେଚ୍ଛାସେବୀମାନଙ୍କ ଠାରୁ ଅନୁମୋଦନ କରାଇବା ଜରୁରୀ ମଞ୍ଚ ସଜ୍ଜା, ଆଲୋକ, ଶବ୍ଦ ଓ ଟିକେଟ୍ ବିକ୍ରି ବ୍ୟବସ୍ଥାରେ ସେମାନେ ତୁମକୁ ସହାୟତା ପ୍ରଦାନ କରିବେ କି ନାହିଁ ପଚାରି ବୁଝ । ଏହାର ପ୍ରକ୍ରିୟା ଓ କାର୍ଯ୍ୟଦକ୍ଷତାକୁ ଲିପିବଦ୍ଧ କର ଏବଂ ତୁମର ଦସ୍ତାବିଜକୁ ଶ୍ରେଣୀରେ ଜଣାଅ ।





## କାର୍ଯ୍ୟକଳାପ ୯.୬ କାର୍ଯ୍ୟକ୍ରମକୁ ପ୍ରୋତ୍ସାହନ




କୌଣସି ଏକ ସଙ୍ଗୀତ ସମ୍ବନ୍ଧୀୟ କାର୍ଯ୍ୟକ୍ରମକୁ କିପରି ଆୟୋଜନ ଏବଂ ତାହାକୁ ପ୍ରୋତ୍ସାହିତ କରାଯାଏ ଆସ ସେହି ବିଷୟରେ ଜାଣିବା । ଜଣେ ସ୍ଥାନୀୟ ସଙ୍ଗୀତଜ୍ଞ କିମ୍ବା ସଙ୍ଗୀତ ଉପସ୍ଥାପକଙ୍କ ସହିତ କୌଣସି ଏକ କାର୍ଯ୍ୟକ୍ରମରେ ଯୋଗଦେବା ଓ ସେମାନଙ୍କ ନିର୍ଦ୍ଦେଶ ଅନୁସାରେ ସେମାନଙ୍କ କାର୍ଯ୍ୟକ୍ରମଟି ସଫଳ ହେବା କ୍ଷେତ୍ରରେ ଯଥୋଚିତ ସହାୟତା ପ୍ରଦାନ କରିବା । ଏହିସବୁ କାର୍ଯ୍ୟ ବାରମ୍ବାର କରିବା ଦ୍ୱାରା ଆମେ କାର୍ଯ୍ୟକ୍ରମ ଆୟୋଜନ ଓ ତାହାର ପ୍ରୋତ୍ସାହନ ବାବଦରେ ଅନେକ କଥା ଜାଣିବା ଓ ଶିଖି ପାରିବା ।

ବର୍ତ୍ତମାନ ଆସ, ଏକ କାର୍ଯ୍ୟକ୍ରମର ଆୟୋଜନ ଏବଂ ଯୋଜନା କରବାର ପର୍ଯ୍ୟାୟ ଗୁଡ଼ିକ ବିଷୟରେ ବିଚାର ଆଲୋଚନା କରିବା । ଆବଶ୍ୟକସ୍ଥଳେ ସପ୍ତମ ଶ୍ରେଣୀରେ ପଢ଼ିଥିବା ସଙ୍ଗୀତ ପାଠ୍ୟପୁସ୍ତକର ସହାୟତା ନେବା ।

ତୁମେମାନେ ତୁମ ବିଦ୍ୟାଳୟରେ ଆୟୋଜିତ ହେବାକୁ ଥିବା କାର୍ଯ୍ୟକ୍ରମ ପାଇଁ ଯେଉଁ ସଙ୍ଗୀତଜ୍ଞ କିମ୍ବା ଆୟୋଜକଙ୍କୁ ସ୍ୱେଚ୍ଛାସେବୀ ଭାବେ ଗ୍ରହଣ କରିବାକୁ ଚାହୁଁଛ, ସେହି ବିଷୟରେ ତୁମ ବିଦ୍ୟାଳୟର କର୍ତ୍ତୃପକ୍ଷଙ୍କ ସହିତ ଆଲୋଚନା କର । କର୍ତ୍ତୃପକ୍ଷଙ୍କ ଠାରୁ ଅନୁମତି ପାଇବା ପରେ ତୁମେ ସେହି ସ୍ୱେଚ୍ଛାସେବୀମାନଙ୍କ ସହିତ ଯୋଗାଯୋଗ କର । ସବୁ ବର୍ଗର ଲୋକମାନଙ୍କ ପାଇଁ ଆକର୍ଷଣୀୟ ହୋଇପାରିବା ଭଳି ଏହାର ପ୍ରଚାର ପ୍ରସାର ନିମନ୍ତେ ଏକ ଯୋଜନାର ପରିକଳ୍ପନା କର । ଅନ୍‌ଲାଇନ୍ ଓ ଅଫ୍‌ଲାଇନ୍‌ରେ କିପରି ବିଜ୍ଞାପନ ଦିଆଯିବ ଏବଂ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବାକୁଥିବା ଅଞ୍ଚଳର ନିକଟସ୍ଥ ସ୍ଥାନମାନଙ୍କରେ କିପରି ଅଧିକ ପ୍ରଚାର ପ୍ରସାର ହୋଇପାରିବ ତାହା ଚିନ୍ତା କର । ଏଥିପ୍ରତି ଆଗ୍ରହ ସୃଷ୍ଟିକରିବା ପାଇଁ ପ୍ରତିଯୋଗିତାର ଆୟୋଜନ ଏକ ସୁନ୍ଦର ପରିକଳ୍ପନା ଅଟେ ।

https://withteachers.in/

# ମାନ ନିର୍ଦ୍ଧାରଣ

| ଅଧ୍ୟାୟ ୯ : ମୋ ସଙ୍ଗୀତର ଜଗତ | | | | |
|---|---|---|---|---|
| ଶୈକ୍ଷିକ ଲକ୍ଷ୍ୟ | ଦକ୍ଷତା | ଶିକ୍ଷଣ ଫଳାଫଳ | ଶିକ୍ଷକ | ନିଜେ |
| ୨ | ୨.୧ | ସଙ୍ଗୀତର ବିଭିନ୍ନଧାରା ମଧ୍ୟରେ ଥିବା ଅନ୍ତଃସଂଯୋଗକୁ ପ୍ରଶଂସା କରିବେ । | | |
| ୨ | ୨.୨ | ସଙ୍ଗୀତର ପ୍ରୟୋଗ ସମ୍ବନ୍ଧରେ ଜାଣିବା ସହିତ ସଙ୍ଗୀତକୁ ନେଇ ଜିଙ୍ଗଲ ସୃଷ୍ଟି କରିବେ । | | |
| ୩ | ୩.୨ | ଜଣେ ବୃତ୍ତିଗତ ସଙ୍ଗୀତଜ୍ଞଙ୍କ କାର୍ଯ୍ୟଧାରା ଉପରେ ଅନ୍ତର୍ଦ୍ଦୃଷ୍ଟି ପ୍ରକାଶ କରିବେ । | | |
| ୪ | ୪.୨ | ସଙ୍ଗୀତରେ ବିଭିନ୍ନ ବୃତ୍ତି ସମ୍ବନ୍ଧୀୟ ସୁଯୋଗ ବିଷୟରେ ଅବଗତ ହେବା ସହିତ ତତସମ୍ବନ୍ଧୀୟ ଏକ ଉପସ୍ଥାପନା ପ୍ରସ୍ତୁତ କରିବେ । | | |

**ଶିକ୍ଷକଙ୍କ ମତାମତ ଏବଂ ଛାତ୍ରଙ୍କ ପର୍ଯ୍ୟବେକ୍ଷଣ**

--------------------------------------------------------------------

--------------------------------------------------------------------

--------------------------------------------------------------------

--------------------------------------------------------------------

--------------------------------------------------------------------




https://withteachers.in/

# ସମାପ୍ତି ସୂଚକ ମାନନିର୍ଦ୍ଧାରଣ

| ସଙ୍ଗୀତ | ସମାପ୍ତିସୂଚକ ମାନନିର୍ଦ୍ଧାରଣର ଉଦାହରଣ | ସମାପ୍ତିସୂଚକ ମାନନିର୍ଦ୍ଧାରଣର ଉଦାହରଣ |
|---|---|---|
| ବ୍ୟକ୍ତିଗତ | • ଛାତ୍ରଛାତ୍ରୀମାନଙ୍କୁ ଏକ ନିର୍ଦ୍ଦିଷ୍ଟ ବିଷୟବସ୍ତୁ ଉପରେ ଏକ ଗୀତ ଚୟନ କରି ଉପସ୍ଥାପନ କରିବାକୁ କୁହାଯାଇପାରେ । ତତ୍‌ସହିତ ଜଣେ କଳାକାର, ସଙ୍ଗୀତ ସମ୍ବନ୍ଧୀୟ ସ୍ମାରକୀ ଏବଂ ଏକ ସଙ୍ଗୀତ ପ୍ରତିଷ୍ଠାନ ବିଷୟରେ ଛାତ୍ରଛାତ୍ରୀମାନେ ଏକ ଉପସ୍ଥାପନା ମଧ୍ୟ ପ୍ରସ୍ତୁତ କରିବେ ।<br>• ଛାତ୍ରଛାତ୍ରୀମାନେ ସଙ୍ଗୀତରେ ବ୍ୟବହୃତ ଆରୋହ ଅବରୋହକୁ ନେଇ ତାଳ ସହିତ ଏକ ଶାସ୍ତ୍ରୀୟ ସଙ୍ଗୀତର ସଂରଚନା ଉପସ୍ଥାପନ କରିବେ । | • ସଙ୍ଗୀତରେ ବ୍ୟବହୃତ ସ୍ୱର ଓ ତାଳକୁ ଉପଯୁକ୍ତ ଭାବରେ ଚୟନ କରି ପ୍ରାଞ୍ଜଳ ଭାବରେ ଗାଇବାର କ୍ଷମତା ।<br>• ଗବେଷଣାର ଗୁଣବତ୍ତା, ଉପସ୍ଥାପନା ଏବଂ ଯୋଗାଯୋଗ କ୍ଷମତା ।<br>• ରାଗରେ ବ୍ୟବହୃତ ସ୍ୱର ଓ ତାଳକୁ ସଠିକ ଭାବରେ ଗାନକରିବାର ଦକ୍ଷତା । |
| ଦଳଗତ | • ଶ୍ରେଣୀରେ ଛାତ୍ରଛାତ୍ରୀମାନେ ଦଳଗତ ଭାବରେ ଏକ ପରିବେଶକୁ ନିଜ କ୍ଷମତା ଅନୁସାରେ ଉପସ୍ଥାପନ କରିବେ । ପରସ୍ପରର ଭୂମିକା ସ୍ଥିର କରିବା ସହିତ ବିଭିନ୍ନ ଦାୟିତ୍ୱ ମଧ୍ୟ ବଣ୍ଟନ କରିବେ । | • ସୃଜନଶୀଳ ଚିନ୍ତାଧାରା, ସମନ୍ୱୟ, ଦଳଗତ କାର୍ଯ୍ୟ ଏବଂ ଉତ୍ସାହ ପ୍ରବଣତା । |

https://withteachers.in/




# ନୃତ୍ୟ ଓ ଗତି

**"କାବ୍ୟ ନ ଭାବେନ ବିନା ନ ଭାବେନ ରସଃ ।**
**ନା ଭାବେନ ବିନା ନୃତ୍ୟ, ନା ଭାବେନ ବିନା ଜଗତ୍ ।। ୮ ।।**

*(ଶ୍ଳୋକ ନଂ. ୮, ସଙ୍ଗୀତ ଦାମୋଦର ପଣ୍ଡିତ ଶଭଙ୍କର)*

**ଅର୍ଥାତ୍ :** ଭାବନା ବିନା କବିତା ସୃଷ୍ଟି ହୁଏ ନାହିଁ ଏବଂ ଭାବ ବିନା ରସ ମଧ୍ୟ ସୃଷ୍ଟି ହୋଇପାରେନା । ଭାବ ବିନା ନୃତ୍ୟ ଓ ଜଗତ ମଧ୍ୟ ସମ୍ଭବ ନୁହେଁ ।

https://withteachers.in/



# ଶିକ୍ଷକଙ୍କ ପାଇଁ ଟିପ୍ପଣୀ

ଦୟାକରି ଛାତ୍ରମାନଙ୍କୁ ନୃତ୍ୟ କରିବା ପାଇଁ ଏକ ପ୍ରଶସ୍ତ କକ୍ଷ ପ୍ରଦାନ କରନ୍ତୁ । ଯେପରିକି ସେହି ସ୍ଥାନରେ ମୁକ୍ତ ବାୟୁଚଳନ ଏବଂ ପର୍ଯ୍ୟାପ୍ତ ଆଲୋକ ଥିବା ଆବଶ୍ୟକ । ତଳେ ଦିଆଯାଇଥିବା ନୀତି ଗୁଡିକୁ ଗ୍ରହଣ କରିବା ପାଇଁ ପିଲାମାନଙ୍କର ଦକ୍ଷତା ଅନୁସାରେ ମାର୍ଗଦର୍ଶନ କରାନ୍ତୁ । ସେମାନଙ୍କୁ ଦଳ ଗଠନ କରିବାରେ ଏବଂ ଦଳଗତ ଭାବରେ କାର୍ଯ୍ୟ କରିବାକୁ ସାହାଯ୍ୟ କରନ୍ତୁ ।

**ଶିକ୍ଷାଗତ ନୀତି**

୧. ନୃତ୍ୟପାଇଁ ଏକ ଆରାମଦାୟକ ଶରୀରର ଗୁରୁତ୍ୱ ଏବଂ ନିଃଶ୍ୱାସ ପ୍ରଶ୍ୱାସ ଚଳନର ଗୁରୁତ୍ୱ ବୁଝିବାରେ ଛାତ୍ରମାନଙ୍କୁ ସାହାଯ୍ୟ କରନ୍ତୁ ।

୨. ସ୍ଥିର ବିନ୍ଦୁରୁ ଆରମ୍ଭ ଏବଂ ସମାପ୍ତ ହେଉଥିବା ଗତିର ଧାରଣାକୁ ବୁଝାନ୍ତୁ ।

୩. ଭାରତର ପ୍ରମୁଖ ପାରମ୍ପରିକ ଏବଂ ବିଭିନ୍ନ ଲୋକ ନୃତ୍ୟ ମାଧ୍ୟମରେ ଥିବା ସାଂସ୍କୃତିକ ବିବିଧତା ବିଷୟରେ ଜଣାନ୍ତୁ ।

୪. ଯୋଗାଯୋଗ କରିବାର ଉପକରଣ ଭାବରେ ହସ୍ତ ମୁଦ୍ରାର ବ୍ୟବହାର ।

୫. ଭାବ ପ୍ରକାଶ କରିବାରେ ସୃଜନ ସ୍ତରଗୁଡ଼ିକ ଜାଣିବେ । ଭାବ ପ୍ରବଣତାରେ ସୁସ୍ଥତା ବୃଦ୍ଧି କରିବା ପାଇଁ ଛାତ୍ରଛାତ୍ରୀମାନଙ୍କୁ ସକରାତ୍ମକ ଏବଂ ନକରାତ୍ମକ ଉଭୟ ଭାବନା ପ୍ରକାଶ କରିବାକୁ ଉତ୍ସାହିତ କରନ୍ତୁ ।

୬. ଅନ୍ତର୍ନିବେଶୀ ଶିକ୍ଷାର ଧାରଣା ପାଇବେ ଏବଂ ଲିଙ୍ଗଗତ ସମ୍ବେଦନଶୀଳତାର ଧାରଣାଗୁଡ଼ିକୁ ପାରମ୍ପରିକ ନୃତ୍ୟ ମାଧ୍ୟମରେ ଚରିତ୍ର ଅଭିନୟ କରିପାରିବେ ।

୭. ସମସାମୟିକ ଭାରତୀୟ ନୃତ୍ୟ ଏବଂ ଲୋକପ୍ରିୟ ସଂସ୍କୃତିରେ ଏହାର ଭୂମିକାକୁ ବୁଝିବା ଏବଂ ଗତିବିଧି ସହିତ ସୃଜନଶୀଳତାକୁ ଅନୁସନ୍ଧାନ କରିବା ।

୮. ପ୍ରସିଦ୍ଧ ଭାରତୀୟ ନୃତ୍ୟ ବ୍ୟକ୍ତିତ୍ୱମାନଙ୍କ ବିଷୟରେ ଜାଣିବା ଏବଂ ଗବେଷଣା କରିବା ।

୯. ନୃତ୍ୟରେ ଦଳଗତ କାର୍ଯ୍ୟ ଏବଂ ସହଯୋଗ ମୂଳକ ଚେଷ୍ଟାର ଗୁରୁତ୍ୱ ବୁଝିବେ ।

୧୦. ନୃତ୍ୟ ଏବଂ ଗତିବିଧି ଥିବା ସମଗ୍ର ଉପାଦାନକୁ ବୁଝିବେ ଏବଂ ପ୍ରକୃତିର ଗୁରୁତ୍ୱକୁ ଗ୍ରହଣ କରିବା ।

ପାଠ୍ୟକ୍ରମର ଲକ୍ଷ୍ୟ ଏବଂ ଦକ୍ଷତା ପରବର୍ତ୍ତୀ ପୃଷ୍ଠାରେ ଦିଆଯାଇଛି ।



https://withteachers.in/



CG1. ଶିକ୍ଷାର୍ଥୀମାନେ ବିଭିନ୍ନ କଳାପଦ୍ଧତି ମାଧ୍ୟମରେ ନିଜ ଭାବକୁ ଅନୁସନ୍ଧାନ ଓ ଅଭିବ୍ୟକ୍ତି କରିପାରିବେ ।

C1.1 ଶିକ୍ଷାର୍ଥୀମାନେ ପ୍ରତିଦିନ ନିଜର ଅନୁଭବକୁ ବିଭିନ୍ନ ନୃତ୍ୟ ଓ ଗତିବିଧି ମାଧ୍ୟମରେ ଆତ୍ମବିଶ୍ୱାସର ସହ ପ୍ରକାଶ କରିପାରିବେ ।

C1.2 ନୃତ୍ୟ ପ୍ରସ୍ତୁତି ପ୍ରକ୍ରିୟାରେ ଦଳଗତ ସହଯୋଗ ଓ କମନୀୟ ଭାବ ପ୍ରଦର୍ଶନ କରିବେ ଏବଂ ନୃତ୍ୟରେ ଥିବା ଅଙ୍ଗ ଚାଳନାକୁ ଅଭ୍ୟାସ କରିବେ ।

CG2. କଳାର ମାଧ୍ୟମରେ ନୂତନ ଧାରଣା ବା ଭିନ୍ନ ଭାବନା ଗୁଡିକୁ ଖୋଜିବା ପାଇଁ ସେ ନିଜ କଳ୍ପନା ଓ ସୃଜନଶୀଳ ବ୍ୟବହାର କରିବେ ।

CG2.1 ସେ ଏମିତି ନୃତ୍ୟ ଓ କ୍ରମ ତିଆରି କରିବେ ଏବଂ ପ୍ରଦର୍ଶନ କରିବେ ଯାହାର ମାଧ୍ୟମରେ ପରିବେଶରେ ଥିବା ରୁଢ଼ୀବାଦୀ ଧାରଣା (ଯଥା-ଲିଙ୍ଗଗତ ଭେଦଭାବ ଭୂମିକା)କୁ ଆହ୍ୱାନ କରାଯାଏ ।

C2.2. ଅଙ୍ଗ ଚାଳନା, ମୁଦ୍ରା, ଭଙ୍ଗୀ, ନିଜର ଅନୁଭବ, ଭାବ ଓ କାଳ୍ପନିକ ଭାବଧାରାକୁ ନୃତ୍ୟ ଓ ଗତି ସହିତ ଯୋଡ଼ିବେ ।

CG3. କଳାର ବିଭିନ୍ନ ଉପାଦାନ ପ୍ରକ୍ରିୟା ଓ କୌଶଳ ଗୁଡ଼ିକ ବୁଝି ସେଗୁଡ଼ିକ ପ୍ରୟୋଗ କରିବେ ।


C31. ମଞ୍ଚ ଉପକରଣ, ସାମଗ୍ରୀ, ବେଶଭୂଷାଗୁଡ଼ିକ ପ୍ରଦର୍ଶନ କରିବା ସମୟରେ ମଞ୍ଚକୁ ଯତ୍ନ, ଆଦର ଓ ସମ୍ମାନ ଜଣାଇବେ ଏବଂ ଯେତେବେଳେ ମଞ୍ଚରେ ନୃତ୍ୟ ଓ ଗତିର କୌଶଳ ବ୍ୟବହାର କରୁଛ ସେତେବେଳେ ମଞ୍ଚର ବିଭିନ୍ନ ସ୍ଥାନକୁ ଚିହ୍ନ ଦେବେ ।

C3-2. ଅନ୍ତିମ ପ୍ରଦର୍ଶନର ଯୋଜନା ପ୍ରସ୍ତୁତ କରିବାପାଇଁ ନୃତ୍ୟରେ ବ୍ୟବହୃତ ପୂର୍ବ-ଅଭ୍ୟାସ ଓ ଭାବ ପ୍ରକାଶ ଗୁଡ଼ିକ ନେଇ ଚିନ୍ତାକର ଏବଂ ସଂପୂର୍ଣ୍ଣ ପ୍ରକ୍ରିୟାଟିକୁ ପୁଣି ଥରେ ଭଲଭାବରେ ସମୀକ୍ଷା କରିବେ ।

CG4. ସ୍ଥାନୀୟ କଳା ଓ ସାହିତ୍ୟ ସଂସ୍କୃତିର ଥିବା ବିଭିନ୍ନ ସୌନ୍ଦର୍ଯ୍ୟବୋଧକୁ ଜାଣିବାକୁ ଚେଷ୍ଟା କରିବେ ।

CG4.1. ଶିକ୍ଷାର୍ଥୀ ବିଭିନ୍ନ ସ୍ଥାନୀୟ ଓ ନୃତ୍ୟଶୈଳୀ ଓ ଗତି ସମ୍ପର୍କରେ ପରିଚାଳନା ପ୍ରଦର୍ଶନ କରେ ।

CG4.2. ସମଗ୍ର ଭାରତ ଓ ଆଞ୍ଚଳିକ ନୃତ୍ୟ କଳାକାରମାନଙ୍କର ଜୀବନୀ ଓ ଉଲ୍ଲେଖନୀୟ କାର୍ଯ୍ୟକୁ ବର୍ଣ୍ଣନା କରିବେ ।




https://withteachers.in/

# ୧୦ ନୃତ୍ୟର ଅଭ୍ୟନ୍ତରୀଣ ଗତିବିଧି (ଶକ୍ତି)



## ନୃତ୍ୟରେ ଶ୍ୱାସକ୍ରିୟା

ଯୋଗ ଦର୍ଶନ ଅନୁସାରେ ପ୍ରାଣ ଶବ୍ଦର ଅର୍ଥ ହେଉଛି ଜୀବନ ବଞ୍ଚିବା ପାଇଁ ଆବଶ୍ୟକ ବାୟୁ ବା ଶ୍ୱାସ କ୍ରିୟାକୁ ବୁଝାଏ । ପ୍ରଶ୍ୱାସ ନେବା ଓ ନିଶ୍ୱାସ ଛାଡିବା ସମୟରେ ଘଟୁଥିବା ଶ୍ୱାସ କ୍ରିୟାର ଚଳନ ବା ପ୍ରାଣ ବାୟୁର ନିୟନ୍ତ୍ରଣ କରିବାକୁ ପ୍ରାଣାୟାମ କୁହାଯାଏ । ନୃତ୍ୟ ମଧ୍ୟ ଏହି ପ୍ରାଣ ଶକ୍ତି ଦ୍ୱାରା ସଂଚାଳିତ ହୁଏ । ଶରୀରର ଏକ ସନ୍ତୁଳିତ ଅବସ୍ଥାରୁ ନୃତ୍ୟର ଗତିବିଧି ଆରମ୍ଭ ହୋଇଥାଏ । ସେତେବେଳେ ମେରୁଦଣ୍ଡ ମଧ୍ୟ ଗୋଟିଏ ସ୍ୱାଭାବିକ ଅବସ୍ଥା ଥାଏ । ଶ୍ୱାସକ୍ରିୟାର ଚଳନ ଦ୍ୱାରା ଶରୀରକୁ ଆରାମ ଦେବାରେ ସହାୟକ ହେବା ସହିତ ମେରୁଦଣ୍ଡକୁ ମଧ୍ୟ ଉପସମ ପ୍ରଦାନ କରିଥାଏ । ଯାହା ଦ୍ୱାରା ଶରୀର ଅତ୍ୟଧିକ ଚଞ୍ଚଳ ସହିତ ଗତି କରିବାକୁ ସକ୍ଷମ ହୋଇଥାଏ । ଶ୍ୱାସକ୍ରିୟା ହେଉଛି ଦୁଇଟି ସମନ୍ୱୟ ନୃତ୍ୟର ଗତି ଯଥା ବସିବା ଓ ଉଠିବା ମଧ୍ୟରେ ଥିବା ପ୍ରକ୍ରିୟା (ସମ୍ପର୍କ)କୁ ଯୋଡିଥାଏ ।







ଶାରିରୀକ ଗତିବିଧି ଓ ଭାବବ୍ୟକ୍ତ କରିବାରେ ଶ୍ୱାସ କ୍ରିୟାର ଚଳନ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥାଏ ।

ନୃତ୍ୟରେ ଯୋଗ ଆସନ ପରି ପ୍ରଶ୍ୱାସ ନେବା ସମୟରେ ଶରୀର ଭଲ ଭାବରେ ପ୍ରସାରିତ ଏବଂ ବିସ୍ତାରିତ ହୁଏ ।

ଠିକ୍ ସେହିପରି ଶରୀରକୁ ସଙ୍କୋଚିତ କରିବା ସମୟରେ ନିଶ୍ୱାସ ବାହାରକୁ ଛାଡିବ । ଯେତେବେଳେ ତୁମେ ଗୋଟିଏ ସ୍ଥିରଭଙ୍ଗୀରେ ରହିବ ସେହି ସମୟରେ ଶ୍ୱାସ କ୍ରିୟାର ଚଳନ ସ୍ୱାଭାବିକ ରହିବ ଏବଂ ମେରୁଦଣ୍ଡକୁ ସିଧା କରିବା ଉପରେ ଧ୍ୟାନ ଦେବା ଫଳରେ ଗୋଟିଏ ସ୍ଥାନରେ ଗୋଟିଏ ଭଙ୍ଗୀରେ ଦୀର୍ଘ ସମୟ ପର୍ଯ୍ୟନ୍ତ ସ୍ଥିର ଭାବରେ ରହିବାକୁ ସାହାଯ୍ୟ କରେ ।

https://withteachers.in/

## କାର୍ଯ୍ୟକଳାପ - ୧୦.୧ : ସ୍ଥିର ଓ ଗତିଶୀଳ ଅବସ୍ଥାରେ ଶ୍ୱାସକ୍ରିୟା :

- ନିଜକୁ ଚାରୋଟି ଦଳରେ ବିଭକ୍ତ କର ।
- ପ୍ରତ୍ୟେକ ଦଳ ପୂର୍ବ ଶ୍ରେଣୀରେ ଶିଖିଥିବା ନୃତ୍ୟର ସ୍ଥିରଭଙ୍ଗୀ ଗୁଡିକ ଅଭ୍ୟାସ କରିବେ । ଶ୍ୱାସକ୍ରିୟାର ପ୍ରବାହ ଦ୍ୱାରା ମେରୁଦଣ୍ଡ ବିସ୍ତାରିତ ଓ ସଙ୍କୁଚିତ ଚଳନକୁ ପର୍ଯ୍ୟବେକ୍ଷଣ କରିବେ ।
- ତାପରେ ଶରୀରକୁ ବିସ୍ତାର କରିବା ସହିତ ଅଙ୍ଗ ଚାଳନାକୁ ଅଭ୍ୟାସ କରିବ ଯେପରି କି ବାହୁ ବିସ୍ତାରିତ, ଶରୀରକୁ ଆଗକୁ ନୁଆଁଇବା, ପାହୁଣ୍ଡ ଗୁଡିକ ଲମ୍ବା ଭାବରେ ବିସ୍ତାର କରି ଆଗକୁ ଗତି କରିବା ସମୟରେ ଶ୍ୱାସକ୍ରିୟା କିପରି ଶରୀରକୁ ସାହାଯ୍ୟ କରେ ତାକୁ ପର୍ଯ୍ୟବେକ୍ଷଣ କରିବେ ।
- ଏହାପରେ ଅନ୍ୟ ଏକ ଅଙ୍ଗଚାଳନାକୁ ପରିବର୍ତ୍ତନ କରିବେ ଯେଉଁଠାରେ ଶରୀରକୁ ସଙ୍କୁଚିତ କରି ଭୟ କିମ୍ବା ବିଚଳିତ ଅବସ୍ଥାରେ ନଇଁ ପଡିବ । ଏହି ସମୟରେ ନିଶ୍ୱାସକୁ ବାହାରକୁ ଛାଡିବ ।
- ସ୍ୱାଭାବିକ ଶ୍ୱାସକ୍ରିୟା, ସହିତ ଅନ୍ୟ ଏକ ସ୍ଥିର ଭଙ୍ଗୀରେ ରହି ଏହି ଶିକ୍ଷଣ କାର୍ଯ୍ୟଟିକୁ ଶେଷ କରିବେ ।
- ଶେଷରେ ପ୍ରତ୍ୟେକ ଦଳ ସେମାନଙ୍କର ଗତିବିଧି ଗୁଡିକୁ ଉପସ୍ଥାପନା କରିବେ ଏବଂ ଶ୍ୱାସକ୍ରିୟା କିପରି ଉଭୟ ସ୍ଥିର ଓ ଗତିଶୀଳ ଅବସ୍ଥାରେ କାର୍ଯ୍ୟ କରିଥାଏ ତାହାକୁ ଆଲୋଚନା କରିବେ ।








https://withteachers.in/

## ନୃତ୍ୟର ଉପାଦାନ

ନୃତ୍ୟ ହେଉଛି ସ୍ଥିର ଏବଂ ଗତିଶୀଳ ଅବସ୍ଥାର ଏକ ମିଶ୍ରଣ । ଭଙ୍ଗୀରେ ଏକ ନିଶ୍ଚଳ ମୁହୂର୍ତ୍ତ ଥିଲାବେଳେ ଅଙ୍ଗଚାଳନା କରିବା ସମୟରେ ଶରୀର ଗତିଶୀଳ ହୋଇଥାଏ ।

**ମୁଖ୍ୟତଃ :** ଯଦି ତୁମେ ତୁମର କୌଣସି ଗତିବିଧିକୁ ଦେଖିବ ତେବେ ଏହା ଏକ ସ୍ଥିର ଅବସ୍ଥାରୁ ଆରମ୍ଭ ହୋଇ ପୁନଶ୍ଚ ସେହି ଅବସ୍ଥାରେ ଶେଷ ହୁଏ । ଯଦି ତୁମେ 'A' ବିନ୍ଦୁରୁ 'B' ବିନ୍ଦୁକୁ ଚାଲିବ ତେବେ A ବିନ୍ଦୁଠାରୁ ଚାଲିବା ଆରମ୍ଭ କରିବା ପୂର୍ବରୁ ଏକ ନିଶ୍ଚଳ / ସ୍ଥିର ମୁହୂର୍ତ୍ତଟିଏ ଥାଏ ଏବଂ B ବିନ୍ଦୁରେ ଅବତରଣ କରିବାପରେ ଏକ ସ୍ଥିର ମୁହୂର୍ତ୍ତ ରହିବ । ଏହି ଦୁଇଟି ଅବସ୍ଥା ମଧ୍ୟରେ ଏକ ଗତି ଅଛି ।





https://withteachers.in/








ବିଭିନ୍ନ ନୃତ୍ୟ ଗ୍ରନ୍ଥରେ ନୃତ୍ୟରେ ଥିବା ଭଙ୍ଗୀ ଓ ଗତି ଗୁଡିକ ସମ୍ପର୍କରେ ସଂପୂର୍ଣ୍ଣ ବର୍ଣ୍ଣନା କରିଛନ୍ତି । ପ୍ରତ୍ୟେକ ନୃତ୍ୟ ଗ୍ରନ୍ଥର ରଚୟିତା ମାନେ ଭିନ୍ନ ଭିନ୍ନ ଦୃଷ୍ଟି କୋଣରୁ ନୃତ୍ୟକୁ ବାଖ୍ୟା କରିଛନ୍ତି ଏବଂ ନିଜସ୍ୱ ଶବ୍ଦାବଳୀ ବ୍ୟବହାର କରିଛନ୍ତି ।

ନାଟ୍ୟ ଶାସ୍ତ୍ରରେ ଭଙ୍ଗୀକୁ "ସ୍ଥାନା" ବୋଲି କୁହାଯାଇଛି ଏବଂ ଗତି କରିବା ଉପାୟକୁ- ଚାରି, ଗତି ଓ ମଣ୍ଡଳ କୁହାଯାଇଛି ।

ସଙ୍ଗୀତ ରତ୍ନାକର (ସଙ୍ଗୀତ ସମୁଦ୍ର) ଗ୍ରନ୍ଥରେ ନୃତ୍ୟର ଏକାଧିକ ପଦ୍ଧତିକୁ ଜାଣିବା ପାଇଁ ଜ୍ଞାନ ପ୍ରଦାନ କରେ ଏବଂ ଆଞ୍ଚଳିକ ନୃତ୍ୟ ବା "ଦେଶୀ ନୃତ୍ୟ"କୁ ମଧ୍ୟ ଏଥିରେ ଅନ୍ତର୍ଭୁକ୍ତ କରିଛନ୍ତି ।

ଅଭିନୟ ଦର୍ପଣ ଅନୁସାରେ ଭଙ୍ଗୀକୁ ସ୍ଥାନକ ଓ ମଣ୍ଡଳ କୁହାଯାଇଛି ଏବଂ ଗତି କରିବାର ବିଭିନ୍ନ ଉପାୟକୁ ଚାରି ଓ ଗତି ବୋଲି ଦର୍ଶାଇଛନ୍ତି ।

ନାଟ୍ୟଶାସ୍ତ୍ର ଖ୍ରୀଷ୍ଟପୂର୍ବ ୫ମ ଶତାବ୍ଦୀରେ ଭରତ ମୁନିଙ୍କ ଦ୍ୱାର ରଚନା କରାଯାଇଛି । ଏହା ନୃତ୍ୟ ଓ ନୃତ୍ୟନାଟକ ଉପରେ ସବୁଠାରୁ ପୁରୁଣା ଓ ପ୍ରାମାଣିକ ଗ୍ରନ୍ଥ ଅଟେ । ଏହା ଭାରତର ପ୍ରଥମ ଗ୍ରନ୍ଥ ଯାହା ପ୍ରଦର୍ଶନ କଳାର ସମସ୍ତ ଦିଗ ବିଷୟରେ ଆଲୋଚନା କରାଯାଇଛି ।

ଭରତଙ୍କ ନାଟ୍ୟଶାସ୍ତ୍ରକୁ ୨୦୨୫ ମସିହାରେ ମିଳିତ ଜାତିସଂଘର ଶିକ୍ଷା ବୈଜ୍ଞାନିକ ଓ ସାଂସ୍କୃତିକ ସଂଗଠନ (UNESCO) ମେମୋରୀ ଅଫ୍ ୱାର୍ଲ୍ଡ ରେଜିଷ୍ଟରରେ (ବିଶ୍ୱ ପଞ୍ଜିକାର ସ୍ମୃତି)ରେ ଅନ୍ତର୍ଭୁକ୍ତ କରାଯାଇଛି ।

ସଂଗୀତ ରତ୍ନାକର ଖ୍ରୀଷ୍ଟାବ୍ଦ ଦ୍ୱାଦଶ ଶତାବ୍ଦୀରେ ଶାରଙ୍ଗଦେବଙ୍କ ଦ୍ୱାରା ଉଚିତ୍ । ସଙ୍ଗୀତ ଏକ ମିଶ୍ରଣ ଶବ୍ଦ ଯାହାର ଅର୍ଥ କଣ୍ଠ ସଙ୍ଗୀତ, ବାଦ୍ୟଯନ୍ତ୍ର ସଙ୍ଗୀତ ଏବଂ ନୃତ୍ୟ । ନୃତ୍ୟ ପାଇଁ ଏହି ଗ୍ରନ୍ଥଟି ବିଶେଷ ଗୁରୁତ୍ୱ ବହନ କରେ, କାରଣ ଅନେକ ଗ୍ରନ୍ଥ ମଧ୍ୟରୁ ଏହି ଗ୍ରନ୍ଥରେ ନୃତ୍ୟ ସମ୍ବନ୍ଧୀୟ ଏକ ସ୍ୱତନ୍ତ୍ର ଅଧ୍ୟାୟକୁ ଉଲ୍ଲେଖ କରାଯାଇଛି ।

ଏହି ଗ୍ରନ୍ଥଟି ନାଟ୍ୟଶାସ୍ତ୍ରରେ ଉଲ୍ଲେଖ ଥିବା ସମସ୍ତ ଶାସ୍ତ୍ର ଉପାଦାନକୁ ଅନୁସରଣ କରି ଯେଉଁ ନୃତ୍ୟ ପ୍ରଦର୍ଶନ କରାଯାଏ ତାହାକୁ, ମାର୍ଗୀ କୁହାଯାଏ ଏବଂ ବିପିନ୍ ଆଞ୍ଚଳିକ ଶୈଳୀରେ ପ୍ରଦର୍ଶନକୁ ଦେଶୀ କୁହାଯାଏ ।

ଅଭିନୟ ଦର୍ପଣ ହେଉଛି ନନ୍ଦୀକେଶ୍ୱରଙ୍କ ଦ୍ୱାରା ରଚିତ ଏକ ପ୍ରାଚୀନ ଗ୍ରନ୍ଥ, ଯାହା ସଂପୂର୍ଣ୍ଣ ଭାବେ ନୃତ୍ୟ ଉପରେ ଆଧାରିତ । ଆଜି ମଧ୍ୟ ଅନେକ ନୃତ୍ୟଶିଳ୍ପୀରେ ଏହି ଗ୍ରନ୍ଥକୁ ଅନୁସରଣ କରିଥାନ୍ତି ।



https://withteachers.in/

## ନୃତ୍ୟରେ ଭଙ୍ଗୀ

ନାଟ୍ୟଶାସ୍ତ୍ର ଅନୁସାରେ ସ୍ଥାନ ତିନି ପ୍ରକାରର - ଛିଡାହେବା, ବସିବା, ଏବଂ ଶୋଇବା ଭଙ୍ଗୀକୁ ବୁଝାଏ ।















https://withteachers.in/

ଅନେକ ପ୍ରକାରର ନୃତ୍ୟ ଶୈଳୀରେ ନିଶ୍ଚିତ ଭାବରେ ପୁରୁଷ ଏବଂ ମହିଳା ମାନଙ୍କ ପାଇଁ ବିଶେଷ ନୃତ୍ୟଭଙ୍ଗୀମାନ ରହିଅଛି । ଉଦାହରଣ ସ୍ୱରୂପ – ଓଡ଼ିଶୀ ନୃତ୍ୟରେ 'ମର୍ଦ୍ଦଳା ଭଙ୍ଗୀ ପୁରୁଷ ମାନଙ୍କ ପାଇଁ ଏବଂ ଅଳସା ଭଙ୍ଗୀ ମହିଳା ମାନଙ୍କ ପାଇଁ କରାଯାଇଥାଏ ।





## ବିଭିନ୍ନ ପ୍ରକାରର ଭିନ୍ନ ଭିନ୍ନ ନୃତ୍ୟଭଙ୍ଗୀକୁ ଦେଖନ୍ତୁ



ମଧ୍ୟପ୍ରଦେଶର ନବରାତ୍ର ସମୟର ନୃତ୍ୟଭଙ୍ଗୀ



ଉତ୍ତରପ୍ରଦେଶର କଥକ୍ ନୃତ୍ୟଭଙ୍ଗୀ



ପ୍ରେରିନ୍ ନାଟ୍ୟମ୍ ଆନ୍ଧ୍ରପ୍ରଦେଶ



କୁଡ୍ ନୃତ୍ୟ ଜାମ୍ମୁ



https://withteachers.in/

ପିତ୍ତଳରେ ତିଆରି ଭାସ୍କର୍ଯ୍ୟକଳା ଗୁଡିକରେ ଥିବା ସୁନ୍ଦର ଭଙ୍ଗୀ ଗୁଡିକୁ ଲକ୍ଷ୍ୟ କରି ଦେଖିବେ ଯେ, ବିଭିନ୍ନ କଳା କିପରି ଏକାଠି ଜଡିତ । ତାହା ଆଶ୍ଚର୍ଯ୍ୟଜନକ ନୁହେଁ କି ?









https://withteachers.in/

## କାର୍ଯ୍ୟକଳାପ ୧୦.୨ ଭଙ୍ଗୀରେ ରୁହନ୍ତୁ




- ଉପରେ ଦିଆଯାଇଥିବା ଚିତ୍ରକୁ ଦେଖି ଭଙ୍ଗୀରେ ରହିବାକୁ ପ୍ରଥମେ ଚେଷ୍ଟା କର ।
- ତୁମେ ଜାଣିପାରିବ କି କେଉଁଟି ପୁରୁଷ ଭଙ୍ଗୀ ଏବଂ କେଉଁଟି ନାରୀଭଙ୍ଗୀ ବା ଉଭୟ ଭଙ୍ଗୀ ଅଟେ ।
- ଆଞ୍ଚଳିକ କିମ୍ବା ପାରମ୍ପରିକ ନୃତ୍ୟ ଶୈଳୀରେ ଥିବା ଭଙ୍ଗୀଗୁଡିକୁ ଦେଖିବେ ଏବଂ ସେମାନେ ବ୍ୟବହାର କରୁଥିବା କିଛି ଭଙ୍ଗୀ କରିବାକୁ ଚେଷ୍ଟା କରିବେ ।

ଆପଣଙ୍କ ଚତୁର୍ପାର୍ଶ୍ୱକୁ ନିରୀକ୍ଷଣ କରନ୍ତୁ, ଏବଂ ଲକ୍ଷ୍ୟ କରନ୍ତୁ ଯେ ପ୍ରତ୍ୟେକେ ଦୈନନ୍ଦିନ କାର୍ଯ୍ୟକଳାପ କରିବା ସମୟରେ କିପରି ଏକ ଭିନ୍ନାଭିନ୍ନ ଭଙ୍ଗୀରେ ଛିଡା ହୁଅନ୍ତି, ଯେପରିକି ଆକାଶରେ ପକ୍ଷୀ ଉଡୁଥିବା ଦେଖିବା, ପାଣି ପିଇବା, ପଢ଼ିବା ବନ୍ଧୁମାନଙ୍କ ସହିତ ଗପସପ କରିବା ଇତ୍ୟାଦି ।





ଉପରେ ଦିଆଯାଇଥିବା କାର୍ଯ୍ୟକଳାପ ଅନୁଯାୟୀ ଚିତ୍ର




https://withteachers.in/

## କାର୍ଯ୍ୟକଳାପ ୧୦.୩ ଉପଯୁକ୍ତ ଚିତ୍ର

ଦୈନନ୍ଦିନ ଜୀବନର ବିଭିନ୍ନ ଚରିତ୍ର ବିଷୟରେ ଭାବନ୍ତୁ – ଜଣେ ବୟସ୍କ ବ୍ୟକ୍ତି, ସୁପର ହିରୋ, ବିଲ୍ଡର, ପୋଲିସ ଅଧିକାରୀ, ଖେଳାଳୀମାନେ ଏବଂ ସାଧାରଣତଃ କେଉଁ ଭଙ୍ଗୀରେ ଛିଡା ହୋଇଛନ୍ତି, ତାହା ଆଲୋଚନା କର । ତୁମେମାନେ ପର୍ଯ୍ୟବେକ୍ଷଣ ଆଧାରରେ ଏକ ସ୍ମରଣୀୟ ସ୍ଥିରଚିତ୍ରରେ ଥିବା ବିଭିନ୍ନ ଚିତ୍ରର ସ୍ମରଣୀୟ ମୁହୂର୍ତ୍ତକୁ ଚିତ୍ରଉତ୍ତୋଳନ କରି ରଖିବ ।





https://withteachers.in/

## ୪. ନୃତ୍ୟରେ ଗତି

ନୃତ୍ୟରେ ଗତି ଏକ ଅତ୍ୟନ୍ତ ରୋମାଞ୍ଚକର ଧାରଣା ଅଟେ ଯେଉଁଠାରେ ଜଣେ ନୃତ୍ୟଶିଳ୍ପୀ ଅନେକ ପ୍ରକାର ଭଙ୍ଗୀ, ଗତି, ଅଙ୍ଗ ବିସ୍ତାର ଏବଂ ପଦ ଚାଳନା ଦ୍ୱାରା ଗୋଟିଏ ସ୍ଥାନରୁ ଅନ୍ୟସ୍ଥାନକୁ ଯାଇପାରିବ । ଏହା ଚରିତ୍ରର ମନ ଏବଂ ଭାବ ଉପରେ ନିର୍ଭର କର । ସଂରଚନା କରିବା ଶୈଳୀରେ (ଯେପରିକି ବୃତ୍ତାକାର କିମ୍ବା ରୈଖିକ) ପ୍ରଦର୍ଶିତ କାର୍ଯ୍ୟ ଇତ୍ୟାଦି ଉପରେ ନିର୍ଭର କରେ । ନୃତ୍ୟରେ ଗତି କରିବାରେ ଅଗଣିତ ଉପାୟ ଅଛି । ପୂର୍ବରୁ ଉଲ୍ଲେଖ କରାଯାଇଥିବା ପ୍ରତ୍ୟେକ ପାଠ୍ୟରେ ଆମେମାନେ ନୃତ୍ୟର ବିଭିନ୍ନ ଗତିକୁ ଅଭ୍ୟାସ କରିଛୁ ।

ନାଟ୍ୟଶାସ୍ତ୍ର ଅନୁସାରେ :- ଚାରି ଦୁଇ ପ୍ରକାରର ଭୌମିଚାରି ଯାହା ପାର୍ଥିବ ଗତି, ଯେଉଁଠାରେ ପାଦଭୂମି ଛାଡିନଥାଏ ଏବଂ ଆକାଶୀ ଚାରି ଯାହା ବାୟୁଗତ ଯେଉଁଠାରେ ପାଦ ଭୂମି ଛାଡ଼ିଥାଏ । ଚାରିର ମିଶ୍ରଣ ଏକ ମଣ୍ଡଳ ତିଆରି କରେ ।

ତୁମେ ତୁମର ପାଦକୁ ଭୂମିରେ ବାଡ଼େଇ, ଘୋଷାରି କିମ୍ବା ଭୂମି ସହିତ ଜଡ଼ିତ ବିଭିନ୍ନ ଉପାୟ ବିଷୟରେ ଚିନ୍ତା କର ଏବଂ ତା'ପରେ ଅନ୍ୟ ଏଭ ଭିନ୍ନ ଚଳନ ବିଷୟରେ ଚିନ୍ତା କର, ଯେଉଁଠାରେ ତୁମ ଗୋଡ଼କୁ ଭୂମିଠାରୁ ଉଠାଇ ଚଳନ କରିବେ । ଯେପରିକି ଲମ୍ଫ ପ୍ରଦାନ, ଡେଇଁବା ଇତ୍ୟାଦି

ଗତି ନାଟକର ବିଭିନ୍ନ ଚରିତ୍ର ପାଇଁ ଉପଯୁକ୍ତ ଗତିବିଧି ଏବଂ ଚାଲିବାକୁ ବୁଝାଏ । ଯଦି ଆପଣ ଆପଣଙ୍କର ଆଞ୍ଚଳିକ ନୃତ୍ୟ ଶୈଳୀକୁ ପରୀକ୍ଷା କରନ୍ତି । ତେବେ ଆପଣ ଦେଖିବେ ଯେ କିଛି ନୃତ୍ୟ ଶୈଳୀରେ ପୁନରାବୃତିତ୍ମକ ପଦକ୍ଷେପ ଥାଏ, ଯେଉଁଠାରେ ସେମାନେ ଏକ ନିର୍ଦ୍ଦିଷ୍ଟ ଢାଞ୍ଚାରେ ଗତି କରନ୍ତି । ଉଦାହରଣ ସ୍ୱରୂପ ସମ୍ବଲପୁରର ସମ୍ବଲପୁରୀ ନୃତ୍ୟ ବା ଡାଲଖାଇ ନୃତ୍ୟ ଯାହାକି ପଶ୍ଚିମ ଓଡ଼ିଶାର ପ୍ରସିଦ୍ଧପର୍ବ ନୂଆଖାଇ ସମୟରେ କରାଯାଇଥାଏ । ସେମାନେ ସେମାନଙ୍କର ଉପକରଣକୁ ଧରି ସିଧା ଧାଡ଼ିରେ ଏବଂ ବୃତ୍ତାକାର ଗତିରେ ନୃତ୍ୟକରି ପରିବେଷଣ କରିଥା'ନ୍ତି ।

ଏହାକୁ ଅଧିକ ଆକର୍ଷଣୀୟ ଓ ରୋମାଞ୍ଚକର କରିବାପାଇଁ କେବଳ ନର୍ତ୍ତକୀମାନେ ଗତି କରନ୍ତି ନାହିଁ ବରଂ ସମଗ୍ର ଦଳ ଏକାଠି ଗତି କରନ୍ତି । ବାଦ୍ୟଯନ୍ତ୍ର ବଜାଉଥିବା ଦଳ ମଧ୍ୟ ନୃତ୍ୟର ତାଳେତାଳେ ଗତି କରନ୍ତି । ଏହା ଧୀରେ ଧୀରେ ଆରମ୍ଭ ହୋଇ ଦ୍ରୁତ ଗତିରେ ଶେଷ ହୋଇଥାଏ ।

ଚିନ୍ତା କର ଯେ, କିପରି ଭିନ୍ନ ଭିନ୍ନ ଚରିତ୍ରମାନେ ଚାଲିଥାନ୍ତି, ଯେପରିକି ଏକ ସୈନିକ, ଏକ ଶିଶୁ, ଏକ ଭାଲୁ, ଏକ ମାଙ୍କଡ଼ ।





https://withteachers.in/

**ଅଭିନୟ ଦର୍ପଣ ଅନୁସାରେ :–**

ଚାରି ଅର୍ଥ ହେଉଛି ନିଜକୁ ସ୍ଥାନାନ୍ତର କରିବା କିମ୍ବା ବିଭିନ୍ନ ଉପାୟରେ ପାଦର ଗତି କରିବାକୁ ବୁଝାଏ । ଏହା 'ଚାର' ଶବ୍ଦରୁ ଆସିଛି ଯାହାର ଅର୍ଥ ଗତି କରିବା ।

### ଚାରିର ଉଦାହରଣ – ଅଭିନୟ ଦର୍ପଣ ମତରେ
### ଅଭିନୟ ଦର୍ପଣ ମତରେ ଚାରି ଆଠ ପ୍ରକାର ଅଟେ ।

୧. ଚଳନ :–
୨. ଚକ୍ରମଣ :–
୩. ଶରଣ :–
୪. ବେଗିନୀ :–
୫. କୁଟ୍ଟନ :–
୬. ଲୁଠିତ :–
୭. ଲୋଳିତ :–
୮. ବିଷମ ସଞ୍ଚାର :–







ଗତି ହେଉଛି ପଶୁଙ୍କ ପରି ଏକ ବୈଶିଷ୍ଟପୂର୍ଣ୍ଣ ଚାଲିବା ଶୈଳୀ । ନୃତ୍ୟଶିଳ୍ପୀମାନେ ପଶୁର ଗତି କରିବ ଶୈଳୀକୁ ଅନୁକରଣ କରି ଅଙ୍ଗଭଙ୍ଗୀ ମାଧ୍ୟମରେ ପ୍ରଦର୍ଶନ କରିଥା'ନ୍ତି । ଏହା ପଶୁ କିମ୍ବା ପଶୁର ବୈଶିଷ୍ଟଗୁଡ଼ିକୁ ଚିତ୍ରଣ କରିବା ପାଇଁ ବ୍ୟବହାର କରାଯାଇ ପାରିବ ।

### ଗତିର ଉଦାହରଣ



ହରିଣର ପାଦଚଳାନା :
ଦ୍ରୁତ, ଉଚ୍ଚକୁ ଉଚ୍ଚକୁ ଡେଇଁ ଗତି କରୁଛି ।



ମାଙ୍କଡ଼ ଚାଲି :– ଦ୍ରୁତ ପାଦ ଚାଳନା ଏବଂ ଲମ୍ଫ ପ୍ରଦାନ



ବାଘର ଚାଲି :– ଉଭୟ ପାଦ ଓ ହସ୍ତ ଦ୍ୱୟରେ ଶରୀରର ଭାରକୁ ନିୟନ୍ତ୍ରଣ କରି ଭୂମିରେ ଚାଲିବା ଯେପରି ଉକ୍ତ ଚିତ୍ରରେ ଦର୍ଶାଯାଇଛି ।



ଗରୁଡ଼ (ପକ୍ଷୀ) ସରଳ ଓ ଉପରକୁ ଲମ୍ଫ ପ୍ରଦାନ

https://withteachers.in/

ଆପଣଙ୍କ ଅଞ୍ଚଳର ନୃତ୍ୟଶୈଳୀ ବିଷୟରେ ଚିନ୍ତା କରନ୍ତୁ ଏବଂ ସେଗୁଡିକର ଗତିବିଧି ପର୍ଯ୍ୟବେକ୍ଷଣ କରନ୍ତୁ ।

**ଉଦାହରଣ ସ୍ୱରୂପ :** ଓଡ଼ିଶାର ଓଡ଼ିଶୀ ନୃତ୍ୟରେ ପାଦର ଗୋଇଠି, ପଞ୍ଝାକୁ ଭୂମିରେ ସଂପାଦନ କରି ଚାରିରେ ବ୍ୟବହୃତ ହୁଏ ।

ଝାଡଖଣ୍ଡର ସରେଇକଳା ଛଉରେ, ନୃତ୍ୟରେ ସିଂହ, ମୟୁର, ବତକ, ହରିଣ, ଭାଲୁ, ଛେଳି, କୁମ୍ଭୀର ଇତ୍ୟାଦି ପ୍ରାଣୀମାନଙ୍କ ଦ୍ୱାରା ପ୍ରେରିତ ଅନେକ ଚାଲିଛି ।




## କାର୍ଯ୍ୟକଳାପ ୧୦.୪- ଉତ୍ସାହ ସହିତ ଅଙ୍ଗଚାଳନା

- ନିଜକୁ ଦୁଇଟି ଦଳରେ ଭାଗ କର ।
- ଗୋଟିଏ ଦଳ ରାଜା, ରାଣୀ, ଶିକାରୀ, ସୈନିକ, ଗ୍ରାମବାସୀ ଇତ୍ୟାଦି ବିଭିନ୍ନ ମାନବ ଚରିତ୍ରକୁ ନେଇ ପାରିବେ ।
- ଅନ୍ୟ ଦଳ ସିଂହ, ହାତୀ, ହରିଣ, ମୟୂର, ସାପ ଇତ୍ୟାଦି ବିଭିନ୍ନ ପ୍ରାଣୀ ଚରିତ୍ର ଗୁଡିକୁ ନେଇପାରିବେ ।



- ତୁମେମାନେ ବିଭିନ୍ନ ଗତି ସୃଷ୍ଟି କରିବା ସମୟରେ ଚରିତ୍ରମାନଙ୍କ ଠାରେ ଗତି, ଭାବର ସ୍ତର ବିଷୟରେ ଚିନ୍ତାକରିବ ।
- ଏହି କାର୍ଯ୍ୟକଳାପକୁ ନୃତ୍ୟ ମାଧ୍ୟମରେ ପ୍ରସ୍ତୁତ କରିବେ । ମଣିଷ ଏବଂ ପଶୁ ଚରିତ୍ର ମାନଙ୍କ ମଧ୍ୟରେ ପାରସ୍ପରିକ ସମ୍ପର୍କ ସ୍ଥାପନ କରନ୍ତୁ ଏବଂ ଏହାକୁ ଶ୍ରେଣୀରେ ପ୍ରଦର୍ଶନ କରନ୍ତୁ ।



**ଶିକ୍ଷକଙ୍କ ପାଇଁ ଟିପ୍ପଣୀ :** ଶିକ୍ଷକ କାହାଣୀ ଅନୁସାରେ କିଛି ପୃଷ୍ଠଭୂମି ସଙ୍ଗୀତ ବଜାଇ ପାରିବେ



https://withteachers.in/

## ୫ ଅଙ୍ଗଭଙ୍ଗୀ ଓ ଗତିବିଧିର ମିଶ୍ରଣ

ଚଳନଭଙ୍ଗୀ ଓ ଗତିମାନଙ୍କ ଦ୍ୱାରା ଗୋଟିଏ ସଂପୂର୍ଣ୍ଣ ନୃତ୍ୟ ଖଣ୍ଡ ସୃଷ୍ଟି ହୋଇଥାଏ । ଯେଉଁଥିରେ ହସ୍ତଚାଳନା ଓ ହସ୍ତମୁଦ୍ରାଗୁଡ଼ିକ ସହିତ ମିଳିତ ହୋଇଥାଏ ।

ନାଟ୍ୟଶାସ୍ତ୍ର ହାତ ଏବଂ ପାଦର ସମନ୍ୱିତ ଚାଳନାକୁ 'କରଣ' ଭାବରେ ବର୍ଣ୍ଣନା କରାଯାଇଛି ଏପରି ୧୦୮ ଟି କରଣ ବିଷୟରେ ବ୍ୟାଖ୍ୟା କରାଯାଉଛି । ତୁମେ ନୃତ୍ୟ କରୁଥିବା ଶିବଙ୍କର ତାମ୍ର ପ୍ରତିମ ଦେଖିଥିବ - ଏହି ପ୍ରତିମାଟି ନାଟ୍ୟଶାସ୍ତ୍ରର ଭୂଜଙ୍ଗତ୍ରସିତ କରଣ ନମ୍ବର ୨୪ରୁ ଉତ୍ତୋଳିତ ହୋଇଥିବା ଏପରି ଏକ ମୁହୂର୍ତ୍ତ ।

"ହସ୍ତପାଦ ସମାୟୋଗେ ନୃତ୍ୟସ୍ୟ ଭବେତ୍"

ନୃତ୍ୟରେ ହାତ ଏବଂ ପାଦ ମିଳିତ ଗତିକୁ 'କରଣ' କୁହାଯାଏ ।

ଶ୍ଳୋକ ନଂ ୩୦ ନାଟ୍ୟଶାସ୍ତ୍ରର ଚତୁର୍ଥ ଅଧ୍ୟାୟ ।





## କାର୍ଯ୍ୟକଳାପ ୧୦.୫ ନୃତ୍ୟରେ ଅଙ୍ଗଚାଳନା

ନିଜକୁ ଚାରୋଟି ଦଳରେ ଭାଗ କର ।

ପ୍ରତ୍ୟେକ ଦଳ ଭାବେ ଅଂଶ ଗ୍ରହଣ କରିବେ :

ତୁମ୍ଭେମାନେ ତୁମ ଶରୀର ବିଭିନ୍ନ ଭଙ୍ଗୀ ଓ ଚାଳନାକୁ ନେଇ ଗୋଟିଏ ଛୋଟ ଅନୁକ୍ରମ / କ୍ରମ ପ୍ରସ୍ତୁତ କର । ନିମ୍ନରେ ଦିଆଯାଇ ଥିବା ଅଙ୍ଗ ଚାଳନା ଓ ଭଙ୍ଗୀ ଗୁଡିକୁ ଅନ୍ତର୍ଭୁକ୍ତ କରିପାରିବେ । ସେଗୁଡିକ ହେଲା :

- ଗୋଟିଏ ସ୍ଥିର ଭଙ୍ଗୀ (ସ୍ଥାନକ)
- ତୁମ ପାଦ, ଗୋଇଠି, ପଞ୍ଝାକୁନେଇ ଗୋଟିଏ ଗତି ତିଆରି କର । (ଚାରି, କିମ୍ବା ଗତି)
- ହସ୍ତ ଚାଳନା ଓ ହସ୍ତ ମୁଦ୍ରା ଗୁଡିକ ବ୍ୟବହାର କରିପାରିବ ।

**ବିକଳ୍ପ ଭାବେ ନେଇ ପାରିବ :-**

ତୁମେ ପୂର୍ବ ଶିଖିଥିବା ଶରୀର ବିଭିନ୍ନ ଅଙ୍ଗ ଚାଳନା ଗୁଡିକ ଯେପରି- ବକ୍ଷ, ଗ୍ରୀବା ଓ ଶିର ଭେଦକୁ ଅନ୍ତର୍ଭୁକ୍ତ କରି ଅଭ୍ୟାସ କରିବ । ଏହି କ୍ରମରେ ଏକ ନିଶ୍ଚଳ ମୂହୁର୍ତ୍ତକୁ ଅନ୍ତର୍ଭୁକ୍ତ କରି କାର୍ଯ୍ୟକଳାପଟିକୁ ଶେଷ କରିବେ ।

**ଶ୍ୱାସକ୍ରିୟାର ସଚେତନତା :-** ଯେତେବେଳେ ତୁମେ ଗତି କରୁଛ ସେତେବେଳେ ତୁମର ଶ୍ୱାସକ୍ରିୟା ପ୍ରତି ଧ୍ୟାନ ଦେବ ।

ଶରୀର ବିସ୍ତାରିତ କିମ୍ବା ଉଠିବା ସମୟରେ ଧୀରେ ଧୀରେ ପ୍ରଶ୍ୱାସ ନେବ ।

ଶରୀର ମୁକ୍ତ ହେବା କିମ୍ବା ଭୂମିରେ ବସିବା ସମୟରେ ଧୀରେଧୀରେ ନିଶ୍ୱାସ ଛାଡିବେ ।

ନିରବ ଅବସ୍ଥାରେ ତୁମ ଶ୍ୱାସକ୍ରିୟା ଚଳନ ସ୍ୱାଭାବିକ ଥାଏ । ତାଳ ଅନୁସାରେ ଶରୀରର ଗତିକୁ ଶ୍ୱାସକ୍ରିୟା ନିୟନ୍ତ୍ରଣ କରେ ଏବଂ ପୁନଶ୍ଚ ସେହି ସ୍ଥିର ଅବସ୍ଥାକୁ ଫେରିଆସ ।





https://withteachers.in/

# ମାନନିର୍ଦ୍ଧାରଣ

## ଅଧ୍ୟାୟ ୧୦ : ନୃତ୍ୟର ଆଭ୍ୟନ୍ତରୀଣ ଗତିବିଧି (ଶକ୍ତି)

| ଶୈକ୍ଷିକ ଲକ୍ଷ୍ୟ | ଦକ୍ଷତା | ଶିକ୍ଷଣ ଫଳାଫଳ | ଶିକ୍ଷକ | ନିଜେ |
|---|---|---|---|---|
| ୧ | ୧.୧ | ସ୍ଥିରତା ଏବଂ ଗତି କରିବା ସମୟରେ ଶ୍ୱାସକ୍ରିୟା ନିୟନ୍ତ୍ରଣର ଗୁରୁତ୍ୱକୁ ଚିହ୍ନଟ କରିବେ ଏବଂ ନୃତ୍ୟରେ ଉପସ୍ଥିତ ଏବଂ ଅଭିବ୍ୟକ୍ତିକୁ ବୃଦ୍ଧି କରିବାରେ ଶ୍ୱାସକ୍ରିୟା କିପରି କରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ ତାହାକୁ ଜାଣିବେ । | | |
| ୧ | ୧.୧ | ନୃତ୍ୟରେ ସ୍ଥାନ, (ଶରୀରଭଙ୍ଗୀ) ଚାରି, (ପାଦଚାଳନା) ଏବଂ ଗତି (ଚଳନ)ର ମୂଳ ଧାରଣା ଗୁଡିକ ବୁଝିବେ ଓ ପ୍ରଦର୍ଶନ କରିବେ । | | |
| ୧ | ୧.୧ | ବିଭିନ୍ନ ପ୍ରକାରର ଚାରି ଏବଂ ଗତିକୁ ଚିହ୍ନଟ କରିବେ ଏବଂ ସେଗୁଡ଼ିକ ମଧ୍ୟରେ ଥିବା ପାର୍ଥକ୍ୟକୁ ଜାଣିବେ । ନୃତ୍ୟ ସଂରଚନା କ୍ରମରେ ଏହିଗୁଡ଼ିକର ବ୍ୟବହାରକୁ ବୁଝିପାରିବେ । | | |
| ୧ | ୧.୧ | ବିଭିନ୍ନ ଭଙ୍ଗୀ ଓ ଚଳନଗୁଡ଼ିକୁ ଅନ୍ତର୍ଭୁକ୍ତ କରି ଆଗ୍ରହ ସହିତ ନୃତ୍ୟ ସଂରଚନା ପ୍ରସ୍ତୁତି କରିବେ । | | |
| ୧ | ୧.୨ | ନୃତ୍ୟରେ ଥିବା ମୌଳିକ ଉପାଦାନଗୁଡ଼ିକୁ ବୁଝିବେ, ସେଗୁଡ଼ିକ ନୃତ୍ୟରେ ବ୍ୟବହାର କରିବା ଦ୍ୱାରା ସୃଜନଶୀଳତା ପ୍ରତିଫଳିତ ହେବ । | | |

**ଶିକ୍ଷକଙ୍କ ମତାମତ ଏବଂ ଛାତ୍ରଙ୍କ ପର୍ଯ୍ୟବେକ୍ଷଣ**

---------------------------------------------

---------------------------------------------

---------------------------------------------

https://withteachers.in/

# ୧୧ ସର୍ବଭାରତୀୟ ନୃତ୍ୟଶୈଳୀ

ନୃତ୍ୟଗୁଡ଼ିକ ଭାରତର ସାଂସ୍କୃତିକ ଐତିହ୍ୟ ଏବଂ ଇତିହାସର ଏକ ସୁନ୍ଦର ଅଂଶ । ଭାରତୀୟ ଶାସ୍ତ୍ରୀୟ ନୃତ୍ୟ ଆଠ ପ୍ରକାରର ଅଟେ ।
ବିଶେଷକରି ଏକ ଅର୍ଦ୍ଧ-ବସିବା ଅବସ୍ଥାରେ ରହି ନୃତ୍ୟ ଶିଳ୍ପୀମାନେ ନୃତ୍ୟ କରିଥା'ନ୍ତି ।



ପ୍ରମୁଖ ନୃତ୍ୟର ବିଭିନ୍ନ ଶୈଳୀକୁ ଚିତ୍ରଣ କରୁଥିବା ନର୍ତ୍ତକୀ ମାନେ


୧. ଭାରତ ନାଟ୍ୟମ୍
୨. କଥକ୍
୩. କଥାକଳୀ
୪. କୁଚିପୁଡ଼ି
୫. ମଣିପୁରୀ
୬. ଓଡ଼ିଶୀ
୭. ମୋହିନୀ ଆଟ୍ଟମ୍
୮. ସତ୍ରୀୟ

**ଭାରତନାଟ୍ୟମ୍ :-**

ଭାରତ ନାଟ୍ୟମ୍ ହେଉଛି ଦକ୍ଷିଣ ଭାରତ ତାମିଲ ନାଡୁର ଏକ ଶାସ୍ତ୍ରୀୟ ନୃତ୍ୟ । ଏହାର ଜ୍ୟାମିତିକ ଆକୃତି ଓ ସୁନ୍ଦର ଅଙ୍ଗଚାଳନା, ଦୃତପାଦ ଚାଳନା, ସୁନ୍ଦର ହସ୍ତମୁଦ୍ରା ଓ ମୁଖରେ ଭାବପ୍ରକାଶ ପାଇଁ ପ୍ରସିଦ୍ଧି ଲାଭ କରିଛି । ଏଥିରେ ଶିଳ୍ପୀମାନେ ନିଜର ଭାବ, ସଙ୍ଗୀତ ଓ ତାଳକୁ ବ୍ୟବହାର କରି ଗୋଟି ଏ କାହାଣୀକୁ ଉପସ୍ଥାପନା କରିଥା'ନ୍ତି । ଭାରତ ନାଟ୍ୟମ୍‌ର ବହୁତ(ବାଣୀ) ପରମ୍ପରା ମଧ୍ୟରୁ ତାଞ୍ଜାଭୁର, ପାଣ୍ଡୁନାଲୁର, ଭାଦୁଭୁର, ମୈଶୁର, ଶୈଳୀ ପ୍ରସିଦ୍ଧ । ଏହି ଶୈଳୀରେ ଅନେକ ଅନ୍ୟ ବାଣୀଗୁଡ଼ିକର ମଧ୍ୟ ଯୋଗଦାନ ଅଛି । ଯାହାକୁ ଆରମଣ୍ଡି କିମ୍ବା ଆୟତ ମଣ୍ଡଳ କୁହାଯାଏ ।ନୃତ୍ୟାଙ୍ଗନା ମାନେ ରଙ୍ଗବେରଙ୍ଗର ସିଲକ୍ ଶାଢ଼ୀ ପରିଧାନ କରନ୍ତି ଯାହାର କୁଞ୍ଚ ଗୁଡିକ ସମ୍ମୁଖ ଭାଗକୁ ପ୍ଲିଥ ହୋଇ ପଡିଥାଏ । ସେମାନେ ପାରମ୍ପରିକ ଗହଣା ବ୍ୟବହାର କରନ୍ତି । ଯାହା

https://withteachers.in/

ଅତି ସୁନ୍ଦର ଝଲମଲ ଓ ଆକର୍ଷଣ ଦେଖାଯାଏ । ସିଲ୍କ୍ କପଡାକୁ ସିଲେଇ କରି ଏପରି ଏକ ବସ୍ତ୍ର ପ୍ରସ୍ତୁତ କରିଥାନ୍ତି ଯେପରି ନୃତ୍ୟ ପରିବେଷଣ ବେଳେ ନୃତ୍ୟାଙ୍ଗନା ମାନେ ମୁକ୍ତ ଭାବରେ ଅଙ୍ଗଚାଳନା କରିପାରିବେ । ତାହାକୁ ବିଶେଷ ଭାବରେ ଗୋଟକଟୁ ବୋଲି କୁହାଯାଏ । ନୃତ୍ୟାଙ୍ଗନାମାନେ ମନ୍ଦିର ପରମ୍ପରାରେ ପ୍ରଚଳିତ ହୋଇ ଆସୁଥିବା ପାରମ୍ପରିକ ଅଳଙ୍କାରକୁ ପିନ୍ଧିଥାନ୍ତି ।





## କଥକ

'କଥକ' ଶବ୍ଦର ଅର୍ଥ ହେଉଛି କାହାଣୀକୁ କହିବା ବା କଥାକାର । ଏହା ଉତ୍ତର ଭାରତରେ ଦେଖାଯାଇଥିବା ଏକ ଶାସ୍ତ୍ରୀୟ ନୃତ୍ୟଶୈଳୀ ଯାହାର ଉତ୍ପତ୍ତି ଉତ୍ତର ପ୍ରଦେଶ ଓ ରାଜସ୍ଥାନ ଅଞ୍ଚଳରେ ହୋଇଛି । କଥକ ଏକ କଥା କହିବା ବା କାହାଣୀ କହିବା ଶୈଳୀ ଭାବେ ବିକଶିତ ହୋଇଥିଲା, ଯେଉଁଥିରେ ନିଖୁଣ ଭାବାଭିନୟ, ଜଟିଳ ପାଦଚାଳନା ଓ ସୁନ୍ଦର ଗତିବିଧି ବ୍ୟବହାର କରାଯାଏ । ନୃତ୍ୟ ଶିଳ୍ପୀମାନେ ଦ୍ରୁତ ଘୂର୍ଣ୍ଣନ ବା ଚକ୍କର ଚକକର, ଲୟବଦ୍ଧ ପାଦ ବାଡେଇବା, ହସ୍ତ ମୁଦ୍ରା ଓ ଭାବାଭିନୟ ଦ୍ୱାରା ଦର୍ଶକମାନଙ୍କୁ ଆକୃଷ୍ଟ କରନ୍ତି ଏବଂ କାହାଣୀଟିକୁ ଜୀବନ୍ତ କରନ୍ତି । କଥକରେ ଅନେକ ଘରାନା ମଧ୍ୟରୁ ଲକ୍ଷ୍ନୌ ଘରାନା, ଜୟପୁର ଘରାନା, ବନାରସ ଘରାନା ଓ ରାୟଗଡ଼ ଘରାନା ବିଶେଷ ଭାବରେ ପ୍ରସିଦ୍ଧ ଲାଭ କରିଛନ୍ତି । ଯଦିଓ ଅନ୍ୟ ଘରାନାମାନେ ଏହି ଶୈଳୀକୁ ସମୃଦ୍ଧି କରିଛନ୍ତି । ନୃତ୍ୟାଙ୍ଗନାମାନେ ସିଧା ଦଣ୍ଡାୟମାନ ଯଥା ସମଭଙ୍ଗରେ ସମସ୍ଥାନରେ ପାଦକୁ ହାଲୁକା ଭାବରେ 'V' ଆକୃତିରେ ରଖି ନୃତ୍ୟ ପ୍ରଦର୍ଶନ କରନ୍ତି । ପୋଷାକଗୁଡିକ ସାଧାରଣ ଭାବରେ ଲମ୍ବା ହୋଇଥାଏ । ଯଥା- ଅନାରକାଲି କିମ୍ବା ଲେହେଙ୍ଗା ସହିତ ଓଢ଼ଣୀ (ଦୁପଟା), ଯାହା ସାଧାରଣ ଭାବରେ ଉତ୍ତର ଭାରତୀୟ କପଡ଼ାରୁ ତିଆରି ହୋଇଥାଏ ।

https://withteachers.in/

### କଥାକଳୀ

କଥାକଳୀ ହେଉଛି କେରଳର ଏକ ପାରମ୍ପରିକ ନୃତ୍ୟ ଯାହା ପ୍ରାୟତଃ ପୁରୁଷମାନେ ପରିବେଷଣ କରିଥାନ୍ତି । ଏହା ରଙ୍ଗୀନ ନାଟକ ସଦୃଶ । ଯେଉଁଠାରେ ଶିଳ୍ପୀମାନେ ଭାରତୀୟ ପୁରାଣ, ମହାକାବ୍ୟର କାହାଣୀ ଗୁଡ଼ିକ ଅଭିନୟ କରନ୍ତି । ହସ୍ତମୁଦ୍ରା, ଅଙ୍ଗଚାଳନା ଓ ଅଭିନୟ, ଏହି ନୃତ୍ୟ ଶୈଳୀରେ ପ୍ରମୁଖ ଭୂମିକା ଗ୍ରହଣ କରେ । ଏଥିରେ ଦୁଇଟି ଶୈଳୀ ଅଛି । ଉତ୍ତର ଶୈଳୀକୁ ଭଡ଼କନ ଓ ଦକ୍ଷିଣ ଶୈଳୀକୁ ଥେକନ୍ ବୋଲି କୁହାଯାଏ । କଥାକଳୀର ମୌଳିକ ଭଙ୍ଗୀ ହେଉଛି ଅତି ମଣ୍ଡଳ ।

**ଉକ୍ତ ଭଙ୍ଗୀରେ ବସି ଆଣ୍ଠୁଗୁଡିକ ବାହାରକୁ ବାହାରିଥାଏ । ପଦଗୁଡିକ ପାର୍ଶ୍ୱରେ ମଜଭୁତ ଭାବରେ ରଖାଯାଇ ଥାଏ ।**

ନୃତ୍ୟାଙ୍ଗନା ମାନେ ଚାକଚକ୍ୟ ପୋଷାକ ପରିଧାନ ସହିତ ଶିରରେ ମୁକୁଟ ଓ ଅଧିକ ମେକପ ନେଇଥାନ୍ତି । ଚରିତ୍ର ଅନୁସାରେ ସେମାନେ ତାଙ୍କର ମୁଖକୁ ରଙ୍ଗ ଦ୍ୱାରା ରୂପସଜ୍ଜା କରାଯାଇଥାଏ । ଯଥା : ବୀରଙ୍କ ପାଇଁ ସବୁଜ, ଖଳନାୟକ ପାଇଁ ଲାଲ, ଇତ୍ୟାଦି । ମୁଖର ପ୍ରତ୍ୟେକ ଅଂଶ ଭାବପ୍ରକାଶ ପାଇଁ ବ୍ୟବହାର କରାଯାଇ ଥାଏ । କଥାକଳୀ ନୃତ୍ୟରେ ଶକ୍ତିଶାଳୀ ଭଙ୍ଗୀ ଓ ଦୃଷ୍ଟି ଚାଳନା ପ୍ରଖର ପ୍ରଦର୍ଶନ ଦେଖାଯାଏ ।



### ଆନ୍ଧ୍ରପ୍ରଦେଶ କୁଚିପୁଡ଼ି :-

କୁଚିପୁଡ଼ି ନୃତ୍ୟ ଆନ୍ଧ୍ରପ୍ରଦେଶ ଓ ତେଲେଙ୍ଗାନା ପ୍ରଦେଶରେ ଉତ୍ପତ୍ତି ହୋଇଥିବା ଏକ ଶାସ୍ତ୍ରୀୟ ନୃତ୍ୟଶୈଳୀ । ଏହାର ନାମ କୁଚିପୁଡି ଗାଁରୁ ଆସିଛି । ଆଜି ମଧ୍ୟ ଏହି ଗ୍ରାମରେ କେତେକ ପାରମ୍ପରିକ ନୃତ୍ୟ ସମ୍ପ୍ରଦାୟର ଲୋକମାନେ ବସବାସ କରୁଛନ୍ତି ଯଥା : ଲେମ୍ପତି ଭେଦାନ୍ତମ୍, ଭାଗବତୁଲା, ପାଶୁମାର୍ଥୀ । ଏହି ସମ୍ପ୍ରଦାୟର ଲୋକମାନେ ସେଠାକାର ସମୃଦ୍ଧି ଐତିହ୍ୟକୁ ପିଢ଼ି ପରେ ପିଢ଼ି ସୁରକ୍ଷା ଦେଇ ଆସୁଛନ୍ତି । ଏହା ଏକ ସମୃଦ୍ଧ ନୃତ୍ୟନାଟ୍ୟ ପରମ୍ପରାକୁ ଅନୁକରଣ କରେ । ଏଥିରେ ବାଚିକ ଅଭିନୟ (ସଂଳାପ)କୁ ନୃତ୍ୟ ସହିତ ମିଶାଇ ପ୍ରଦର୍ଶନ କରିବାରେ ବିଶେଷତ୍ୱ ରହିଛି । ଏହା ପ୍ରାୟତଃ ନାଟ୍ୟଶୈଳୀରେ ପ୍ରସ୍ତୁତି ହୋଇଥାଏ ଯେଉଁଠାରେ ଅଭିନୟ ଉପାଦାନ ଦେଖାଯାଏ । ନୃତ୍ୟଶିଳ୍ପୀମାନେ ପିତଳ ଥାଳି ଉପରେ ଜଟିଳ ପାଦ ଚାଳନା କରିଥାନ୍ତି । ତାହା ଅଦ୍ଭୁତ କୌଶଳ ଓ ସନ୍ତୁଳନ ରକ୍ଷା କରିଥାଏ । ପାରମ୍ପରିକ ଭାବରେ ଏହି ନୃତ୍ୟ କଳା କେବଳ ପୁରୁଷ ମାନଙ୍କ ଦ୍ୱାରା ପ୍ରଦର୍ଶିତ କରାଯାଇଥିଲା । ଯେଉଁମାନେ ପ୍ରାୟତଃ ନୃତ୍ୟନାଟକରେ ଉଭୟ ପୁରୁଷ ଓ ନାରୀ ଚରିତ୍ର ଅଭିନୟ କରୁଥିଲେ । ଏହାର ମୌଳିକ ନୃତ୍ୟଭଙ୍ଗୀ ଭାରତନାଟ୍ୟମ୍‌ର ଅରମଣ୍ଡି ସହିତ ସମାନ କିନ୍ତୁ ଅଧିକ ଜଟିଳ ନୁହେଁ । କୁଚିପୁଡିର ବିଶେଷତ୍ୱ ହେଲା ତୀବ୍ର ପାଦଚାଳନା, କଟିଚାଳନା, ମୂର୍ତ୍ତିମୟ ଭଙ୍ଗୀ ଓ ତ୍ୱରିତ ଗତି ।





https://withteachers.in/

## ମଣୀପୁରୀ ନୃତ୍ୟ

ମଣିପୁରୀ ହେଉଛି ଉତ୍ତରପୂର୍ବ ଭାରତରେ ଅବସ୍ଥିତ ମଣିପୁରର ଏକ ଶାସ୍ତ୍ରୀୟ ନୃତ୍ୟ । ଏହି ନୃତ୍ୟଶୈଳୀରେ କୋମଳ ବା ଲାସ୍ୟ ଏବଂ ପ୍ରବାହିତ । ଅଙ୍ଗଭଙ୍ଗୀ ହାସ୍ୟମୟୀ ଏବଂ ଗୋଲାକାର ପ୍ରାୟ କରାଯାଇଥାଏ । ନର୍ତ୍ତକୀ ମାନେ ସର୍ବଦା ଶାନ୍ତ ଏବଂ ଶାନ୍ତିପୂର୍ଣ୍ଣ ଦେଖାଯାଆନ୍ତି, ନୃତ୍ୟରେ ରାସଲୀଳା (କୃଷ୍ଣଙ୍କ କାହାଣୀ) ଏବଂ ଲାଇ ହାରୋବାର ପାରମ୍ପରିକ ଗତି ଅନ୍ତର୍ଭୁକ୍ତ । ମଣିପୁରୀ ନୃତ୍ୟରେ ସଂକୀର୍ତ୍ତନ ମଧ୍ୟ ଅନ୍ତର୍ଭୁକ୍ତ, ଏକ ଭକ୍ତି ସଂଗୀତ ଏବଂ ନୃତ୍ୟ ପ୍ରକାର ଯାହା ଝାଞ୍ଜ ଏବଂ ଢୋଲ ସହିତ ପରିବେଷଣ କରାଯାଏ । ପ୍ରାୟତଃ ମନ୍ଦିର ରୀତିନୀତିରେ ଅଂଶ ଭାବରେ ପୁଙ୍ଗ ଚୋଲେମ ନାମକ ଏକ ସ୍ୱତନ୍ତ୍ର ନୃତ୍ୟରେ ନାଚ କରିବା ସମୟରେ ମୃଦଙ୍ଗ ବଜାଇବା, ଉତ୍କୃଷ୍ଟ କୌଶଳ ଏବଂ ସମନ୍ୱୟ ପ୍ରଦର୍ଶନ କରାଯାଏ । ନୃତ୍ୟଶିଳ୍ପୀ ମାନେ ସାଧାରଣତଃ ସେମାନଙ୍କର ପାଦକୁ ଏକାଠି ରଖନ୍ତି ଏବଂ କୌଣସି କଠିନ ପାଦ ଚାଳନା ବିନା ବୃତ୍ତାକାର ଭାବରେ ଗତି କରି ନୃତ୍ୟ କରିଥାନ୍ତି । ଏହି ନୃତ୍ୟର ପ୍ରସିଦ୍ଧ ପୋଷାକ ହେଉଛି । ପୋଲୋର ପୋଷାକ-ଏକ ଗାଢ଼ ରଙ୍ଗୀନ ସ୍କର୍ଟ୍ ଯେଉଁଥିରେ ଏକ ପରଦା ଏବଂ ସୁନ୍ଦର ଅଳଙ୍କାର ଅଛି । ପୁରୁଷମାନେ ଧଳାଧୋତି ଏବଂ ପଗଡ଼ି ପିନ୍ଧନ୍ତି । ବିଶେଷ କରି ପୁଙ୍ଗ ଗେଲୋମ କିମ୍ବା ରାସ ପ୍ରଦର୍ଶନ ସମୟରେ ।



## ମୋହିନୀ ଆଟ୍ଟମ୍ ନୃତ୍ୟ

ମୋହିନୀ ଆଟ୍ଟମ୍ ହେଉଛି କେରଳର ଏଖ ସୁନ୍ଦର ନୃତ୍ୟ ଯାହା ମୂଳତଃ କେବଳ ମହିଳାମାନଙ୍କ ଦ୍ୱାରା ପରିବେଷଣ କରାଯାଇଥାଏ । ତାଣ୍ଡବ ଓ ଲାସ୍ୟ ଶୈଳୀଦ୍ୱାରା ପରିପୁଷ୍ଟ ଏହି ନୃତ୍ୟ ମୁଖ୍ୟତଃ ଏକକ ନୃତ୍ୟଶିଳ୍ପୀ ଦ୍ୱାରା ପରିବେଷିତ ହୋଇଥାଏ । ଏହି ନୃତ୍ୟରେ ପାଦର ଛନ୍ଦ ଏବଂ ଭଙ୍ଗୀ ତାଳର ସହିତ ସମନ୍ୱୟ ରକ୍ଷା କରି ମୃଦୁ ଓ ପ୍ରବାହମାନ ଗତିରେ ନୃତ୍ୟ ପରିବେଷଣ କରନ୍ତି । ଏଥିରେ ଭାବ ଓ ଭକ୍ତିପୂର୍ଣ୍ଣ ପ୍ରଦର୍ଶନ ଦର୍ଶକଙ୍କୁ ବିମୋହିତ କରିଥାଏ । ଏହି ନୃତ୍ୟରେ ମୁଖ୍ୟତଃ ଲାସ୍ୟ ଏବଂ ଗତିଯୁକ୍ତ, ଭଙ୍ଗୀ, ସ୍ୱତନ୍ତ୍ର ପାଦଶୈଳୀ, ହାତ ଚାଳନାର କମନୀୟ ଗତି ଏବଂ ମୁଦ୍ରାର ପରିପ୍ରକାଶ ସମସ୍ତ ଶାସ୍ତ୍ରୀୟତା ରକ୍ଷା କରିଥାଏ । ଏହି ନୃତ୍ୟର ଦୁଇଟି ପ୍ରମୁଖ ନୃତ୍ୟ ପରମ୍ପରା ଅଛି । ଯଥା କଳାମଣ୍ଡଳମ୍ ଏବଂ କଲ୍ୟାଣକୁଟ୍ଟି ଆମ୍ମା । ନୃତ୍ୟଶିଳ୍ପୀମାନେ ଆରମମଣ୍ଡଳ, ଚତୁର ମଣ୍ଡଳ, ଅତିମଣ୍ଡଳ ଭଙ୍ଗୀରେ ରହି ସ୍ଥାନ ପରିବର୍ତ୍ତନ କରି ନୃତ୍ୟ କରିଥା'ନ୍ତି । ସେମାନେ ସୁନ୍ଦର ଧଳା କିମ୍ବା କ୍ରିମ୍ ରଙ୍ଗ ଶାଢ଼ୀ ସହିତ ସୁନା ରଙ୍ଗର ଧଡ଼ି ଥାଏ ତାହାକୁ "କସାଲୁ" କୁହାଯାଏ ଏବଂ ପାରମ୍ପରିକ ଅଳଙ୍କାର ପିନ୍ଧନ୍ତି ।



https://withteachers.in/

## ଓଡିଶୀ

ପୂର୍ବଭାରତ ଓଡ଼ିଶାରୁ ଉତ୍ପତ୍ତି ଓଡ଼ିଶୀ ନୃତ୍ୟ ହେଉଛି ପ୍ରସିଦ୍ଧ ଶାସ୍ତ୍ରୀୟ ନୃତ୍ୟଶୈଳୀ, ଓଡ଼ିଶାର ମନ୍ଦିର ସ୍ଥାପତ୍ୟ କଳା ପ୍ରଦର୍ଶିତ ହେଉଥିବା ବିଭିନ୍ନ ଭଙ୍ଗୀ ଗୁଡିକ ଏହି ନୃତ୍ୟରେ ପ୍ରତିଫଳିତ ହୁଏ । ନୃତ୍ୟଟି ସୁନ୍ଦର, କୋମଳ ଓ ସାବଲୀଳଗତିରେ ପରିବେଷିତ ହୁଏ । ଧିର ଘୂର୍ଣ୍ଣନ(ଭ୍ରମରୀ) ଲଳିତ ପାଦ ଚାଳନା, ମୁଖ ଦ୍ୱାରା ଭାବ ପ୍ରକାଶ, ଏହାର ପ୍ରମୁଖ ବିଭାଗ ଅଟେ । ଓଡ଼ିଶାର ମାହାରୀ ଓ ଗୋଟିପୁଅ ପରମ୍ପରା ହେଉଛି ଏହି ନୃତ୍ୟର ମୂଳଉତ୍ସ । ଚଉକ ଓ ତ୍ରିଭଙ୍ଗୀ ଏହାର ମୁଖ୍ୟ ଭଙ୍ଗୀ ଭାବରେ ପ୍ରତିପାଦିତ ହୋଇଥାଏ । ଏହାର ପୋଷାକ ପରମ୍ପରାଗତ ପାଟଶାଢ଼ୀଦ୍ୱାରା ପ୍ରସ୍ତୁତ କରାଯାଏ । ତାର କୁଞ୍ଚ ସମ୍ମୁଖ କିମ୍ବା ପାର୍ଶ୍ୱଦେଶରେ ଭାଙ୍ଗ ଭାଙ୍ଗ ହୋଇ ଶୋଭାବର୍ଦ୍ଧନ କରିଥାଏ । ତାରକସି ରୂପା ନିର୍ମିତ ଗହଣା ଓ ମୁଣ୍ଡରେ ସୋଲଫୁଲ, ଟାହିଆ ଅତି ଆକର୍ଷଣୀୟ ହୋଇଥାଏ । ଭାରତୀୟ ଶାସ୍ତ୍ରୀୟ ନୃତ୍ୟ କ୍ଷେତ୍ରରେ ଏହା ସ୍ୱତନ୍ତ୍ର ପ୍ରତିପାଦିତ ହୋଇଥାଏ ।



## ସତ୍ରୀୟ

ସତ୍ରୀୟ ନୃତ୍ୟ ଆସାମରୁ ଉତ୍ପତ୍ତି ହୋଇଥିଲା । ଏହା ପ୍ରଥମେ ମଠ (ସତ୍ର) ମାନଙ୍କ ଦ୍ୱାରା ପ୍ରଦର୍ଶିତ ହେଉଥିଲା । ଏହି ନୃତ୍ୟରେ ଦ୍ରୁତ ଓ ବିଳମ୍ବିତ ଗତିର ସମନ୍ୱୟ ଘଟିଥାଏ । ବାସ୍ତବିକ ଘଟଣାବଳୀକୁ ଆଧାର କରି କାହାଣୀର କଥାବସ୍ତୁ ଗୁଡିକ ପ୍ରସ୍ତୁତ କରନ୍ତି । ଯେପରି ଖାଇବା, ଯୁଦ୍ଧକରିବା, ପ୍ରେମ ଭାବ ପ୍ରକାଶ କରିବା ନୃତ୍ୟଶିଳ୍ପୀମାନେ ଭାବ ପ୍ରକାଶ ପାଇଁ ଶରୀରର ଉପର ଭାଗରେ ଥିବା ମୁଖ ମଣ୍ଡଳକୁ ବ୍ୟବହାର କରନ୍ତି ଏବଂ ତାଳ ଆଶ୍ରିତ ଗତିକୁ ଅନୁକରଣ କରି ଶରୀର ନିମ୍ନ ଭାଗର ଥିବା ପାଦକୁ ଚାଳନା କରିଥାନ୍ତି । ପ୍ରଥମେ ଏହାକୁ ଭୋକ୍ତା ସନ୍ନ୍ୟାସୀମାନେ ନିଷ୍ଠାପର ଭାବରେ ନୃତ୍ୟ କରୁଥିଲେ । ପରେ ଏହାକୁ ସ୍ତ୍ରୀ ଲୋକ ଓ ସାଧାରଣ ବର୍ଗମାନଙ୍କ ପାଇଁ ଉଦ୍ଦିଷ୍ଟ କରାଯାଇଥିଲା । ଏହି ନୃତ୍ୟରେ ଦଳଗତ ନୃତ୍ୟକୁ ଅନ୍ତର୍ଭୁକ୍ତ କରିଛନ୍ତି ଯେପରି, ସୂତ୍ରଧାରା ନୃତ୍ୟ ଓ ଗୋପୀମାନଙ୍କର ନୃତ୍ୟଗୁଡିକ ପରିବେଷଣ ହୋଇଥାଏ । ନୃତ୍ୟଶିଳ୍ପୀମାନେ ୬୪ ପ୍ରକାର ମୌଳିକ ବ୍ୟାୟାମ ଗୁଡିକ ପ୍ରଶିକ୍ଷଣ ନେଇଥାନ୍ତି । ସେଗୁଡିକୁ ମାଟି ଅଖୋରା କୁହାଯାଏ ।





https://withteachers.in/

















https://withteachers.in/








https://withteachers.in/

## କାର୍ଯ୍ୟକଳାପ ୧୧.୧ : ନୃତ୍ୟ ମ୍ୟାଥିସ୍

ନୃତ୍ୟ ଶୈଳୀ ଗୁଡିକର ସ୍ୱତନ୍ତ୍ର ବୈଶିଷ୍ଟ ଆଧାରରେ ଏକ ତୁଳନାତ୍ମକ ସାରଣୀ ପ୍ରସ୍ତୁତ କରେ ।

| ନୃତ୍ୟ ଶୈଳୀ | ଏହା କେଉଁଠାରେ ଆସିଛି | ମୌଳିକ ଭଙ୍ଗୀ | ପାଦଚାଳନା | ବିଶେଷତ୍ୱ | ପୋଷାକ | ସଂଗୀତ |
|---|---|---|---|---|---|---|
| ଭାରତନାଟ୍ୟମ୍ | | | | | | |
| କଥକ୍ | | | | | | |
| କଥାକଲି | | | | | | |
| କୁଚିପୁଡି | | | | | | |
| ମଣିପୁରୀ | | | | | | |
| ମୋହିନୀ ଆଟ୍ଟମ୍ | | | | | | |
| ଓଡ଼ିଶୀ | | | | | | |
| ସତ୍ରିୟ | | | | | | |

https://withteachers.in/

## ଅନ୍ୟାନ୍ୟ ନୃତ୍ୟ ପରମ୍ପରା

ଆଠଟି ପ୍ରମୁଖ ଶାସ୍ତ୍ରୀୟ ନୃତ୍ୟ ଶୈଳୀ ବ୍ୟତୀତ, ସାରା ଭାରତରେ ଅନ୍ୟାନ୍ୟ ବିଭିନ୍ନ ଲୋକ ନୃତ୍ୟ ମାନ ରହିଅଛି । ଲୋକମାନଙ୍କ ବିଶ୍ୱାସ, ଧର୍ମୀୟ ଅନୁଷ୍ଠାନ ନିଜସ୍ୱ ନୃତ୍ୟ, ଗୀତ, ବାଦ୍ୟ ହିଁ ଗୋଟିଏ ନିର୍ଦ୍ଦିଷ୍ଟ ସମ୍ପ୍ରଦାୟ ମୂଳ ପ୍ରତୀକ ଏବଂ ସେମାନଙ୍କ ସାମାଜିକ ପରିସ୍ଥିତି ଓ ଅବସ୍ଥିତି ଆଧାରରେ ପୋଷଣ କରେ । ସେମାନେ ଦୈନନ୍ଦିନ ଜୀବନରେ ଏହି କଳାଗୁଡ଼ିକ ବିକଶିତ ହୁଏ । ରସବିହୀନ କାର୍ଯ୍ୟକଳାପରେ ସୌନ୍ଦର୍ଯ୍ୟ ଆଣିଥାନ୍ତି । ଏକ ନିର୍ଦ୍ଦିଷ୍ଟ ସାମାଜିକ-ସାଂସ୍କୃତିକ ପରିସ୍ଥିତି ଏଗୁଡ଼ିକର ଉତ୍ପତ୍ତି ଓ ବିକଶିତ ହୋଇଥିବା ପ୍ରତ୍ୟେକ କଳା ଶୈଳୀରେ ନିଜସ୍ୱ ପୌରାଣିକ କାହାଣୀ ଏବଂ ଇତିହାସ ଅଛି । ଯଦିଓ ସମୟ ସହିତ ଲୋକ ପରମ୍ପରା ପରିବର୍ତ୍ତନ ହୋଇଛି । ଆଜିର ଦୁନିଆ ଶିଳ୍ପାୟାନ ଓ ସହରୀକରଣ ଆଡ଼କୁ ଅଗ୍ରସର ହେଲେ ମଧ୍ୟ ସେମାନେ ଏହି ପରିବେଶ ପରିବର୍ତ୍ତନରେ ଖାପଖୁଆଇ କଳାର ମୌଳିକତାକୁ ବଞ୍ଚାଇ ରଖିଛନ୍ତି ।

ଦୁଇଟି ଆଞ୍ଚଳିକ ନୃତ୍ୟ ଶୈଳୀ-ନାଗାଲାଣ୍ଡ ଓ ଛତିଶଗଡ଼ ଏବଂ ଏହି କଳା ସମ୍ପର୍କିତ ପ୍ରସିଦ୍ଧ ନୃତ୍ୟଶିଳ୍ପୀମାନଙ୍କ ବିଷୟରେ ନିମ୍ନରେ ଉଲ୍ଲେଖ କରାଯାଇଛି ।

### ନାଗାଲ୍ୟାଣ୍ଡ ଆଓ୍ୱ ଜନଜାତି ମାନଙ୍କର ଲୋକନୃତ୍ୟ

ନାଗାଲ୍ୟାଣ୍ଡ ଉତ୍ତରପୂର୍ବ ଭାଗର ଆଓ୍ୱ ନାଗା ଜନଜାତିମାନେ ତାଙ୍କର କ୍ଷେତ ସଫା କରିବା, ଜଙ୍ଗଲ ଜାଳିବା ଏବଂ ବିହନ ବୁଣିବାର କଠିନ ପରିଶ୍ରମ ପରେ ମେତ୍‌ସୁ ମୋଙ୍ଗ୍ ପର୍ବଟିକୁ ଅତି ଆନନ୍ଦ ଭାବେ ପାଳନ କରିଥାନ୍ତି । ଏହି ପର୍ବରେ ସୁନ୍ଦର ଗୀତ, ନୃତ୍ୟ ଓ ଆନନ୍ଦ-ଉଲ୍ଲାସ ସହିତ ପାଳିତ ହୁଏ । ଅନ୍ୟ ଏକ ପ୍ରମୁଖ ଉତ୍ସବ ଯାହା ସଙ୍ଗରେମ୍, ମୋଙ୍ଗ୍ ଫସଲ ଅମଳର ପୂର୍ବ ସନ୍ଧ୍ୟାରେ ପରମଶକ୍ତି ପ୍ରତି କୃତଜ୍ଞତା ଅର୍ପଣ କରିବା ପାଇଁ ପାଳନ କରାଯାଏ । ରଙ୍ଗୀନ ପୋଷାକ, ଗୀତ ଓ ନୃତ୍ୟ ଦ୍ୱାରା ଏହି ପର୍ବକୁ ମଧ୍ୟ ପାଳନ କରାଯାଇଥାଏ । ଆଓ୍ୱନାଗାଙ୍କର ପୋଷାକରେ ଏକ ସମୃଦ୍ଧ ପରମ୍ପରା ଅଛି ଯାହା ସାଧାରଣ ଲୋକ ଓ ଯୋଦ୍ଧାମାନଙ୍କ ମଧ୍ୟରେ ପୃଥକ କରେ । ଏକକ୍ଷୋକା ଭାବରେ ଜଣାଶୁଣା ମାଙ୍ଗକୋଟେଙ୍ଗ୍ସା ଯୁଦ୍ଧରେ ବିଜୟକୁ ପାଳନ କରିବା ପାଇଁ ସୁମିଜନଜାତି ଶକ୍ତିଶାଳୀ ସୁମି ଯୁଦ୍ଧ ନୃତ୍ୟ ପ୍ରଦର୍ଶନ କରନ୍ତି । ଯେତେବେଳେ ଲୋଥା ମହିଳାମାନେ (ଟୋଖୁ ଏମୋନ୍) ପର୍ବ ସମୟରେ ମୁଙ୍ଗ୍ୟାଣ୍ଟା ନାମକ ଏକ ନୃତ୍ୟ ଅମଳ ସମୟର ନୃତ୍ୟ ପ୍ରଦର୍ଶନ କରିଥାନ୍ତି । ନାଗାଲ୍ୟାଣ୍ଡ ପ୍ରାୟ ୩୦ଟି ପାରମ୍ପରିକ ନୃତ୍ୟର ଉତ୍ପତ୍ତି ସ୍ଥଳ, ଯେଉଁଥିରେ ସଂଗତମ, ଯୁଦ୍ଧନୃତ୍ୟ, ହର୍ଣ୍ଣବିଲ୍ ନୃତ୍ୟ, ଚାଙ୍ଗ୍ ଲୋକ ଏବଂ ପ୍ରଜାପତି ନୃତ୍ୟ ଅନ୍ତର୍ଭୁକ୍ତ । ପ୍ରତ୍ୟେକଟି ନୃତ୍ୟ ଶୈଳୀ ଅନେକ ଆଦିବାସୀ ସମ୍ପ୍ରଦାୟର ସାଂସ୍କୃତିକ ସମୃଦ୍ଧିକୁ ପ୍ରତିଫଳିତ କରେ । ଆଓ୍ୱ ସମ୍ପ୍ରଦାୟର ନୃତ୍ୟରେ ବହୁତ ଅବଦାନ ଦେଇଥିବା ଗୁରୁତ୍ୱପୂର୍ଣ୍ଣ ବ୍ୟକ୍ତିମାନଙ୍କ ମଧ୍ୟରୁ ଜଣେ ହେଉଛନ୍ତି ଆଓ୍ୱ ସମ୍ପଦାୟର ସାଙ୍ଗ୍ୟୁସାଙ୍ଗ ଠୋଙ୍ଗେନ୍ ଲୋକନୃତ୍ୟ କ୍ଷେତ୍ର ବିଶେଷ ଅବଦାନ ପାଇଁ ସେ ସଙ୍ଗୀତ ନାଟକ ଏକାଡ଼େମୀ ପୁରସ୍କାର ପାଇଥିଲେ ।





https://withteachers.in/

## ସଖୀନାଟ

ସଖୀନାଟ ଓଡ଼ିଶାର ପ୍ରାଚୀନ ଓ ଲୋକପ୍ରିୟ ଲୋକନାଟ୍ୟର ଗୋଟିଏ ଅଂଶ । ଗଞ୍ଜାମ ଜିଲ୍ଲା ଏହାର ଉତ୍ପତ୍ତି ଭଗବାନ କୃଷ୍ଣଙ୍କ ଲୀଳା, ରାଧାକୃଷ୍ଣଙ୍କ ପ୍ରେମ ବର୍ଣ୍ଣନା, ଭକ୍ତି ରସ ଓ ଭାଗବତ ପୁରାଣର କଥାବସ୍ତୁ ଏହି ନାଟର ମୁଖ୍ୟଭୂମିକା ଥିଲା । ନାରୀ ଚରିତ୍ରରେ ମଧ୍ୟ (ସଖି, ରାଧା) ପୁରୁଷମାନେ ନାରୀବେଶ ହୋଇ ଅଭିନୟ କରୁଥିଲେ । ପରେ ପରେ ଅନେକ ସ୍ଥାନରେ ନାରୀମାନେ ମଧ୍ୟ ଅଂଶଗ୍ରହଣ କଲେଣି । ଏହା ଗୋଟିଏ ନୃତ୍ୟନାଟ୍ୟ ଯାହା ନୃତ୍ୟ, ଗୀତ, ସଂଗୀତ, ସଂଳାପ ଓ ଅଭିନୟ ଏକା ସହିତ ପ୍ରଦର୍ଶିତ କରାଯାଉଥିଲା । ଅଧିକାଂଶ ଓଡ଼ିଆ ଭକ୍ତିଗୀତ ଏବଂ ଜୟଦେବଙ୍କ ଗୀତଗୋବିନ୍ଦରେ ମଧ୍ୟ ପ୍ରଭାବ ରହିଥାଏ । ଏଥିରେ ନୃତ୍ୟ ଓ ଅଭିନୟରେ ଗୁରୁତ୍ୱ ଦିଆଯାଏ । ସୁନ୍ଦର ଚେହେରା ସହିତ ହସ୍ତ ମୁଦ୍ରା, ଶରୀର, ଭଙ୍ଗୀ ଓ ଛନ୍ଦ ମାଧ୍ୟମରେ କାହାଣୀ ପ୍ରକାଶିତ ହୋଇଥାଏ । ପ୍ରାୟତଃ ଧାର୍ମିକ ଉତ୍ସବ, ଗାଁର ଯାତ୍ରା, ରଥଯାତ୍ରା, ଦୋଳଯାତ୍ରା, ଇତ୍ୟାଦି ସମୟରେ ନାଟ ପ୍ରଦର୍ଶିତ ହୁଏ । ଏହା ଭକ୍ତିର ପ୍ରୟାସ ଓ ମନୋରଞ୍ଜନ ପାଇଁ ଉଦ୍ଦିଷ୍ଟ । ଏହି ନାଟ ମାଧ୍ୟମରେ ଗ୍ରାମ୍ୟ ସମାଜରେ ବୈଷ୍ଣବ ସାହିତ୍ୟ, ଭକ୍ତି ଚେତନା ଓ କଳା ଚେତନା ପ୍ରସାର ଘଟିଥିଲା । ଏହା ଲୋକମାନଙ୍କର ସାମାଜିକ ଓ ସାଂସ୍କୃତିକ ସଚେତନତାକୁ ବୃଦ୍ଧି କରିଥାଏ ।

## ଛତିଶଗଡ଼ରେ ପାରମ୍ପରିକ ନୃତ୍ୟ

ଭାରତର ଏହି ଅଞ୍ଚଳରେ ଏକ ଜୀବନ୍ତ ସଂସ୍କୃତି ଯାହାର ବିଭିନ୍ନ ନୃତ୍ୟ ତାର ଅନନ୍ୟ ଐତିହ୍ୟ ଏବଂ ପ୍ରକୃତି ସହିତ ଘନିଷ୍ଠ ସମ୍ପର୍କକୁ ପ୍ରତିଫଳିତ କରେ । ଏହି ନୃତ୍ୟ ଗୁଡିକ ସାଧାରଣତଃ ପର୍ବପର୍ବାଣୀ, ଫସଲ ଅମଳ ରୀତିନୀତି ସମୟରେ ପରିବେଷଣ କରାଯାଏ । ଛତିଶଗଡ଼ର ସତ୍‌ନାମୀ ସମ୍ପ୍ରଦାୟ ମଧ୍ୟରେ ଲୋକପ୍ରିୟ ପନ୍ଥୀ ନୃତ୍ୟରେ ପୁରୁଷମାନଙ୍କ ଗୋଷ୍ଠୀ ମଳର ଢୋଲ ଏବଂ ଝାଞ୍ଜର ତାଳେ ତାଳେ ନୃତ୍ୟ କରିଥାନ୍ତି । ବସ୍ତର ମାଳଭୂମିର ବାଇସନ୍ ଇର୍ଣ୍ଣ ମାରିଆ, ଗୌଡ ମାରିଆ ସମ୍ପ୍ରଦାୟର ଲୋକମାନେ ତାଙ୍କର ଜନ୍ମ ଓ ବିବାହ ଭଳି ଅବସରରେ ପୁରୁଷ ଓ ମହିଳା ଉଭୟଙ୍କ ଦ୍ୱାରା ପରିବେଷଣ କରାଯାଏ । ଅନ୍ୟାନ୍ୟ ଉଲ୍ଲେଖନୀୟ ନୃତ୍ୟ ମଧ୍ୟରେ ଫସଲ ଅମଳ ସମୟରେ କର୍ମ ଦେବୀଙ୍କ ପାଇଁ କରାଯାଉଥିବା କରମା ଏବଂ ଦୀପାବଳୀ ସମୟରେ ମହିଳା ମାନଙ୍କ ଦ୍ୱାରା କରାଯାଇଥାଏ । ସ୍ୱତ ଦଣ୍ଡ ଏବଂ ତୋତା ନୃତ୍ୟ ମଧ୍ୟ ଫସଲ ଅମଳ ଦୀପାବଳୀ ସମୟରେ ମହିଳା ମାନଙ୍କ ଦ୍ୱାରା ପ୍ରଦର୍ଶିତ ହୋଇଥାଏ । ଗଣ୍ଡ ଲୋକଙ୍କ ଦ୍ୱାରା ଗେଡି ନୃତ୍ୟ ବାଉଁଶ ଏବଂ ଷ୍ଟିଲ୍ ପାଇପ୍ ସାହାଯ୍ୟରେ ପ୍ରଦର୍ଶନ ହୋଇଥାଏ । ଏହିପରି ଭାବରେ ଏହି ଅଞ୍ଚଳରେ ଅନେକ ଜୀବନ୍ତ ନୃତ୍ୟ ସଙ୍ଗୀତ ପରମ୍ପରା ରହିଅଛି ।



ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାର ପ୍ରାପ୍ତ ମମତାଚନ୍ଦ୍ରାକର, ଛତିଶଗଡ଼ର ଆଦିବାସୀ ନୃତ୍ୟକୁ ସଂରକ୍ଷଣ ଏବଂ ପ୍ରୋତ୍ସାହିତ କରିବାରେ ଜଣେ ପ୍ରମୁଖ ବ୍ୟକ୍ତିତ୍ୱ ଏଥି ସହିତ ସେ ପଦ୍ମଶ୍ରୀ ପୁରସ୍କାର ମଧ୍ୟ ପ୍ରାପ୍ତ କରିଛନ୍ତି ।

https://withteachers.in/

## କାର୍ଯ୍ୟକଳାପ ୧୧.୨ ଜ୍ଞାନ ଭାବରେ ନୃତ୍ୟ ଅଭିଜ୍ଞତା ଭାବରେ ନୃତ୍ୟ ।

ଉପରେ ଉଲ୍ଲେଖ କରାଯାଇଥିବା ଗୁରୁତ୍ୱପୂର୍ଣ୍ଣ ବ୍ୟକ୍ତିତ୍ୱମାନଙ୍କ ବିଷୟରେ ଜାଣନ୍ତୁ । ଏହା ସହିତ କିଛି ଯୁବ ନୃତ୍ୟଶିଳ୍ପୀଙ୍କ ବିଷୟରେ ଜାଣନ୍ତୁ ଯେଉଁମାନେ ବୃତ୍ତିଗତ ଭାବରେ ପ୍ରଦର୍ଶନ କରୁଛନ୍ତି ।





ଆପଣଙ୍କ ଅଞ୍ଚଳର ଜଣେ ନୃତ୍ୟଶିଳ୍ପୀଙ୍କୁ ଚିହ୍ନଟ କରନ୍ତୁ ଏବଂ ସେମାନଙ୍କୁ ଏକ ଛୋଟ ପ୍ରଦର୍ଶନ ସହିତ କର୍ମଶାଳା ପରିଚାଳନା କରିବାକୁ ନିମନ୍ତ୍ରଣ କରନ୍ତୁ । ସେମାନଙ୍କ ପ୍ରଦର୍ଶନରେ ଆପଣ ଦେଖିଥିବା ନୃତ୍ୟ ଏବଂ ନୃତ୍ୟ ଉପାଦାନ ଗୁଡ଼ିକ ବିଷୟରେ ଆଲୋଚନା କରନ୍ତୁ ଏବଂ ତାହା ଶିଖିବାକୁ ଚେଷ୍ଟା କରନ୍ତୁ ।







https://withteachers.in/

# ମାନନିର୍ଦ୍ଧାରଣ

## ଅଧ୍ୟାୟ ୧୧ : ସର୍ବଭାରତୀୟ ନୃତ୍ୟ ଶୈଳୀ

| ଶୈକ୍ଷିକ ଲକ୍ଷ୍ୟ | ଦକ୍ଷତା | ଶିକ୍ଷଣ ଫଳାଫଳ | ଶିକ୍ଷକ | ନିଜେ |
|---|---|---|---|---|
| ୨ | ୨.୨ | ଏକ ନୃତ୍ତ (ଶୁଦ୍ଧନୃତ୍ୟ) ଏବଂ ନୃତ୍ୟ (ଭାବରସପୂର୍ଣ୍ଣ ପ୍ରଦର୍ଶିତ ନୃତ୍ୟ)ର ଉପାଦାନଗୁଡ଼ିକୁ ଚିହ୍ନଟ କର ଏବଂ ପାର୍ଥକ୍ୟ ଦର୍ଶାଇବେ । ସେମାନଙ୍କର ଆପେ ବୈଶିଷ୍ଟ୍ୟ ଏବଂ ଉଦ୍ଦେଶ୍ୟ ବିଷୟରେ ବୁଝିବେ ଓ ପ୍ରଦର୍ଶନ କରିବେ । | | |
| ୩ | ୪.୧ | ଭାରତର ଆଠଟି ପ୍ରମୁଖ ଶାସ୍ତ୍ରୀୟ ନୃତ୍ୟଶୈଳୀ, ଅନ୍ୟାନ୍ୟ ଆଞ୍ଚଳିକ ଏବଂ ପାରମ୍ପରିକ ନୃତ୍ୟରୂପ ବିଷୟରେ ଜାଣିବା ପାଇଁ ଆଗ୍ରହ ପ୍ରଦର୍ଶନ କର । | | |
| ୩ | ୪.୨ | ପ୍ରସିଦ୍ଧ ନୃତ୍ୟ ବ୍ୟକ୍ତିତ୍ୱ ଏବଂ ନୃତ୍ୟ କ୍ଷେତ୍ରରେ ସେମାନଙ୍କର ଅବଦାନ ବିଷୟରେ ଜାଣିବା ପାଇଁ ଆଗ୍ରହ ପ୍ରକାଶ କରିବେ । | | |

**ଶିକ୍ଷକଙ୍କ ମତାମତ ଏବଂ ଛାତ୍ରଙ୍କ ପର୍ଯ୍ୟବେକ୍ଷଣ**

----------------------------------------

----------------------------------------

----------------------------------------

----------------------------------------

----------------------------------------

https://withteachers.in/

# ୧୨ ସୁସ୍ଥତା ପାଇଁ ନୃତ୍ୟ



## ଭାବ ପ୍ରକାଶ ଓ ଯୋଗାଯୋଗ :-

ପୂର୍ବ ଶ୍ରେଣୀ ଗୁଡିକରେ ଶିଖିଥିବା ବିଭିନ୍ନ ହସ୍ତ ମୁଦ୍ରାର ବିନିଯୋଗ ଗୁଡିକୁ ମନେ ପକାଇବା । ପ୍ରତ୍ୟେକ ହସ୍ତ ମୁଦ୍ରା ବିନିଯୋଗ ମାଧ୍ୟମରେ ଏକ ବା ଏକାଧିକ ଅର୍ଥକୁ ବୁଝିପାରିବା । ଯେପରି ନିଜ ନିଜ ମଧ୍ୟରେ ଯୋଗାଯୋଗ ସ୍ଥାପନ କରିବା ନିମନ୍ତେ ହସ୍ତ ମୁଦ୍ରା ଗୁଡିକର ସାହାଯ୍ୟ ନେଇ ପାରିବେ, ଠିକ୍ ସେହିପରି ଗୋଟିଏ ସୁନ୍ଦର କାହାଣୀକୁ ହସ୍ତ ମୁଦ୍ରାର ବିନିଯୋଗ ମାଧ୍ୟମରେ ପରିପ୍ରକାଶ କରି ପାରିବେ ।

ଗୋଟିଏ ହସ୍ତ / ଏକ ହସ୍ତରେ ଯେଉଁ ମୁଦ୍ରା ପ୍ରକାଶ ପାଇଥାଏ, ତାହାକୁ ଅସଂଯୁକ୍ତ ହସ୍ତ ମୁଦ୍ରା କୁହାଯାଏ ।

ଉଭୟ ହସ୍ତ ସଂଲଗ୍ନ / ସଂଯୋଗ କରି ଯେଉଁ ହସ୍ତମୁଦ୍ରା ପ୍ରକାଶ ପାଇଥାଏ, ତାହାକୁ ସଂଯୁକ୍ତ ହସ୍ତ ମୁଦ୍ରା କୁହାଯାଏ ।

ଆସନ୍ତୁ, ଏହିଶିକ୍ଷଣ ପ୍ରକ୍ରିୟାଟିକୁ ଆଉ ପାଦେ ଆଗକୁ ନେବା, ଅଭିନୟ ଦର୍ପଣ ଗ୍ରନ୍ଥରେ ଏହି ହସ୍ତ ମୁଦ୍ରା ଗୁଡିକର ବିନିଯୋଗ ସମ୍ବନ୍ଧରେ ସବିଶେଷ ତଥ୍ୟ ସଂସ୍କୃତ ଶ୍ଲୋକରେ ଉଲ୍ଲେଖ କରିଛନ୍ତି ।

ଅଭିନୟ ଦର୍ପଣ, ଶ୍ଲୋକ ସଂଖ୍ୟା-୮୯-୯୨ ମଧ୍ୟରେ ୨୮ ପ୍ରକାରର ଅସଂଯୁକ୍ତ ହସ୍ତ ମୁଦ୍ରା ଗୁଡିକର ବର୍ଣ୍ଣନା କରାଯାଇଛି, ଏହା ବ୍ୟତୀତ ଆହୁରୀ ୪ଟି ହସ୍ତ ମୁଦ୍ରା । ଉଲ୍ଲେଖ ରହିଛି ।

ପତାକସ୍ତ୍ରିପତାକୋଽର୍ଦ୍ଧ ପତାକଃ କର୍ତ୍ତରୀ ମୁଖଃ ।
ମୟୂରାଖ୍ୟୋଽର୍ଦ୍ଧଚନ୍ଦ୍ରଶ୍ଚ ଅରାହଃ ଶୁକତୁଣ୍ଡକଃ ।। ୮୯ ।।
ମଷ୍ଟିଶ୍ଚ ଶିଖରାଖ୍ୟଶ୍ଚ କପିତାଥଃ କଟକାମୁଖଃ ।
ସୂଚୀ ଚନ୍ଦ୍ରକଲା ପଦ୍ମକୋଶଃ ସର୍ଦଶିରସ୍ତଥା ।। ୯୦ ।।
ମୃଗଶୀର୍ଷ ସିଂହମୁଖଃ କାଙ୍ଗୁଲଶ୍ଚାଳପଦ୍ମକଃ ।
ଚତୁରୋ ଭ୍ରମର ଶ୍ଚୈବ ହଂସାସ୍ୟୋ ହଂସ ପକ୍ଷକଃ ।। ୯୧ ।।
ସଦଂଶୋ ମୁକୁଲଶ୍ଚୈବ ତାମଚୁଡତ୍ରିଶୂଳକଃ । ୮୯ ।।
ଇତ୍ୟଅସଂଯୁକ୍ତ ହସ୍ତାନାମ ଷ୍ଟାବିଂଗତି ରୀରିତା ।। ୯୨ ।।

*ଶ୍ଲୋକ ନଂ ୮୯ ରୁ ୯୨ ପୃଷ୍ଠା*
*ନନ୍ଦକେଶ୍ୱରଙ୍କ ଅଭିନୟ ଦର୍ପଣ*

ଏଗୁଡିକ ହେଲା ପତାକ, ତ୍ରିପତାକ, ଅର୍ଦ୍ଧପତାକ, କର୍ତ୍ତରୀମୁଖ, ମୟୁର, ଅର୍ଦ୍ଧଚନ୍ଦ୍ର, ଅରାଳ ଶୁକତୁଣ୍ଡ, ମୁଷ୍ଟି, ଶିଖର, କପତ୍‌ଥ, କଟାକମୁଖ, ସୂଚୀ, ଚନ୍ଦ୍ରକଳା, ପଦ୍ମକୋଶ, ସର୍ପଶିର, ମୃଗଶୀର୍ଷ, ସିଂହମୁଖ, କାଙ୍ଗୁଳ, ଅଳପଦ୍ମ, ଚତୁର, ଭ୍ରମର, ହଂସାସ୍ୟ ହଂସପକ୍ଷ, ସଂନ୍ଦଶ, ମୁକୁନ୍ଦ, ତାମ୍ରଚୂଡ ଓ ତ୍ରିଶୂଳ । ଏହିପରି ଅଠାଇଶଟି ଅସଂଯୁକ୍ତ ହସ୍ତ ମୁଦ୍ରା ଅଛି ।

https://withteachers.in/

## ସଂଯୁକ୍ତ ହସ୍ତ

ଶ୍ଳୋକ ମାଧ୍ୟମରେ ୨୩ଗୋଟି ସଂଯୁକ୍ତ ହସ୍ତ ମୁଦ୍ରାର ବର୍ଣ୍ଣନା ରହିଛି । ପ୍ରତ୍ୟେକ ଶବ୍ଦ ଏକ ନିର୍ଦ୍ଦିଷ୍ଟ ହସ୍ତ ମୁଦ୍ରା ରୂପେ ସୂଚନା ପ୍ରଦାନ କରାଯାଇଛି ।

ଅଞ୍ଜଲିଶ୍ଚ କପୋତଶ୍ଚ କର୍କଟଃ ସସ୍ତିକସ୍ତଥା ।। ୧୭୨ ।।
ଡୋଲାହସ୍ତଃ ପୁଷ୍ପପୁଟ ଉତ୍ସଙ୍ଗଃ ଶିବଲିଙ୍ଗକଃ,
କଟକା ବର୍ଦ୍ଧନଶ୍ଚୈବ କର୍ତ୍ତରୀ ସ୍ୱସ୍ତିକସ୍ତଥା ।। ୧୭୩ ।।
ଶକଟଂ ଶଙ୍ଖଚକ୍ରେ ଚ ସଂମ୍ପୁଟଃ ପାଶକୀ ଲକୌ
ମତ୍ସ୍ୟଃ କୂର୍ମୌ ବରାହଶ୍ଚ ଗରୁଡୋ ନାଗ ବନ୍ଧକଂ ।। ୧୭୪ ।।
ଖଟ୍ୱା ଭେରୁଣ୍ଡ ଇତ୍ୟେତେ ସଂଖ୍ୟାତୋ ସଂଯୁକ୍ତା କରାଃ ।
ତ୍ରୟୋବିଂଶତିରିତ୍ୟୁକ୍ତାଃ ପୂର୍ବଗୈର୍ଭରତାଦଭିଃ ।। ୧୭୫ ।।

ଶ୍ଳୋକ ୧୭୨ ରୁ ୧୭୫
ନନ୍ଦକେଶ୍ୱରଙ୍କ ଅଭିନୟ ଦର୍ପଣ

ଅଞ୍ଜଳି, କପୋତ, କର୍କଟ, ସ୍ୱସ୍ତିକ, ଡୋଳାହସ୍ତ, ପୁଷ୍ପପୁଟ, ଉତ୍ସଙ୍ଗ, ଶିବଲିଙ୍ଗ, କଟକାବର୍ଦ୍ଧନ, କର୍ତ୍ତରୀସ୍ୱସ୍ତିକ, ଶକଟ, ଶଙ୍ଖ, ଚକ୍ର ସମ୍ପୁଟ, ପାଶ, କୀଳକ, ମତ୍ସ୍ୟ, କୁର୍ମ, ବରାହ, ଗରୁଡ, ନାଗବନ୍ଧ, ଖଟ୍ୱା, ଭେରୁଣ୍ଡ ଏହି ୨୩ ପ୍ରକାର ସଂଯୁକ୍ତ ହସ୍ତମୁଦ୍ରା ପୂର୍ବ ନୃତ୍ୟଶାସ୍ତ୍ରମାନଙ୍କ ଦ୍ୱାରା କୁହାଯାଇଛି ।

### କାର୍ଯ୍ୟକଳାପ - ୧୨.୧

ହସ୍ତ ମୁଦ୍ରାର ବିନିଯୋଗ ଅଭ୍ୟାସ କରିବା ସମୟରେ ଅଭିନୟ ଦର୍ପଣରେ ଉଲ୍ଲେଖ ଥିବା ହସ୍ତ ମୁଦ୍ରା ନିମନ୍ତେ ଶ୍ଳୋକ ଗୁଡିକୁ ଆବୃତ୍ତି କରିବା ।




## ହସ୍ତକୁ ଏକ ସାଙ୍କେତିକ ଭାଷାରୂପେ ବିନିଯୋଗ କରିବା :-



ପୂର୍ବକାଳରେ କୌଣସି ଭାଷା ନ ଥିଲା, ଲୋକମାନେ ନିଜର ହସ୍ତକୁ ସାଙ୍କେତିକ ଭାଷା ରୂପେ ବ୍ୟବହାର କରି ନିଜ ନିଜ ମଧ୍ୟରେ ଯୋଗାଯୋଗରେ ସମ୍ପର୍କ ସ୍ଥାପନ କରୁଥିଲେ । ଆଜି ମଧ୍ୟ, ଯେତେବେଳେ ତୁମେ ମଞ୍ଚରେ ପରିବେଷଣ ହୋଇଥିବା ଏକ ନୃତ୍ୟଟିକୁ ଦେଖ ତୁମେ ଲକ୍ଷ୍ୟ କରିଥିବ ଯେ, ନିଜର ଭାବନା ଓ ଚିନ୍ତାଧାରା ଗୁଡିକ ପ୍ରକାଶ କରିବା ପାଇଁ କିପରି ନୃତ୍ୟ ଓ ସଙ୍ଗୀତ ଏକ ମାଧ୍ୟମ ରୂପେ ବ୍ୟବହାର କରାଯାଏ । ତୁମେ ଶିଖିଥିବା ହସ୍ତମୁଦ୍ରା ଗୁଡିକର ବିନିଯୋଗ କରି ନିଜ ନିଜ ମଧ୍ୟରେ ଯୋଗାଯୋଗ ସ୍ଥାପନ କରିପାରିବ । ଏବେ, ତୁମେ ନିଜର ଚତୁର୍ପାର୍ଶ୍ୱକୁ ନିରୀକ୍ଷଣ କରିବା ପରେ ଲକ୍ଷ୍ୟ କରିବ ଯେ, ଲୋକମାନେ କଥାବାର୍ତ୍ତା କରିବା ସମୟରେ କିପରି ସ୍ୱାଭାବିକ ଭାବରେ ହସ୍ତ ମୁଦ୍ରାଗୁଡିକର ବ୍ୟବହାର କରନ୍ତି । ତୁମେ କ'ଣ ସେହି ମୁଦ୍ରାଗୁଡିକ ଚିହ୍ନିଛ ? ତୁମେ ଶିଖିଥିବା କିଛି ହସ୍ତ ମୁଦ୍ରାର ସହିତ ପାରମ୍ପରିକ ମୁଦ୍ରାର ବିନିଯୋଗ କରି ଯେ ଏକ ସାଙ୍କେତିକ ଭାଷା ତିଆରି କରିବାକୁ ଚେଷ୍ଟା କର ଏବଂ ସେହି ସମ୍ପର୍କିତ ଏକ ଚାର୍ଟ ପ୍ରସ୍ତୁତ କର ।





## କାର୍ଯ୍ୟକଳାପ ୧୨.୨-
## ନିରବ ଭାଷା :

**(କ) କାହାଣୀ କହିବା :-**

- ଶ୍ରେଣୀରେ ଥିବା ପିଲାସଂଖ୍ୟା ଦେଖି ୪ଟି ଦଳରେ ବିରକ୍ତ କରିବେ ।
- କିଛି ପରିସ୍ଥିତି ସମ୍ପର୍କିତ ବିଷୟ ବସ୍ତୁ ମଧ୍ୟରେ ଥିବା ବିଭିନ୍ନ ଚରିତ୍ର ମାନଙ୍କୁ ନେଇ ମାନସ ମନ୍ଥନ କରିବେ ।
- **ଉଦାହରଣ ସ୍ୱରୂପ :**

  (୧) ପୋଲିସ୍ ଅଧିକାରୀ, କାର ଓ ପଦଯାତ୍ରୀଙ୍କ ସହିତ ଏକ ବ୍ୟସ୍ତବହୁଳ ରାସ୍ତା ।

  (୨) ପର୍ବ ପାଳନ କରିବାକୁ ପ୍ରସ୍ତୁତ ହେଉଥିବା ଏକ ପରିବାର ।

  (୩) ବନ୍ଧୁମାନଙ୍କ ମେଳରେ ଶିବିର ବୁଲିଯିବା କିମ୍ବା ବାହାରକୁ ଖେଳିବାକୁ ଯାଉଛ କିମ୍ବା ହଳ କରୁଥିବା ଲୋକ ମାନଙ୍କର ଏକ ଗୋଷ୍ଠୀ ।
- କୌଣସି ଶବ୍ଦକୁ ବ୍ୟବହାର ନ କରି ଗୋଟିଏ ପରିସ୍ଥିତି ମଧ୍ୟରେ ଥିବା ଭାବ ଗୁଡିକୁ ପ୍ରକାଶ କରିବା ପାଇଁ ଉପଯୁକ୍ତ ହସ୍ତ ମୁଦ୍ରାର ବିନିଯୋଗ କରିବ ।
- ଏହି କାର୍ଯ୍ୟକଳାପଟି, ସପ୍ତମ ଶ୍ରେଣୀ ନାଟ୍ୟକଳା ପାଠ୍ୟପୁସ୍ତକରେ ଉଲ୍ଲେଖ ଥିବା (Mime) ଅଭିନୟ ସହିତ ସମାନ କିନ୍ତୁ ଏଠାରେ ନୃତ୍ୟର ବିଭିନ୍ନ ଶୈଳୀ ଓ ମୌଳିକ ଉପାଦାନ ଗୁଡିକ ଉପରେ ଅଧିକ ଧ୍ୟାନ ଦିଆଯାଏ ।



https://withteachers.in/

**କୃତି । ୧୪୪**

**(ଖ) ଯୋଗାଯୋଗ କର**

- ନିଜ ମଧ୍ୟରେ ଚାରୋଟି ଦଳରେ ବିଭକ୍ତ କର ।
- ତୁମେ ପ୍ରତିଦିନ ବିଦ୍ୟାଳୟ ଶ୍ରେଣୀ ଗୃହ ହେଉ କିମ୍ବା ଘରେ କଥାବାର୍ତ୍ତା ସମୟରେ ବ୍ୟବହାର କରୁଥିବା ଦୁଇଟି ସଂପୂର୍ଣ୍ଣ ବାକ୍ୟଟିକୁ ନେଇ ବିଚାର ମନ୍ଥନ କର ।
- କୌଣସି ଭାଷାକୁ ବ୍ୟବହାର ନକରି କେବଳ ହସ୍ତ ମୁଦ୍ରାଗୁଡ଼ିକୁ ବିନିଯୋଗ କରି ଏକ ଅଭିନୟ କର । ଦେଖନ୍ତୁ ସେମାନେ ଏହି ଧାରଣାଗୁଡ଼ିକୁ ସ୍ପଷ୍ଟ ଭାବରେ ପ୍ରକାଶ କରିପାରୁଛନ୍ତି କି ନାହିଁ ।
- କଥାବାର୍ତ୍ତା ମାଧ୍ୟମରେ ହେଉଥିବା ଏହି ଯୋଗାଯୋଗ ପଦ୍ଧତିଟିକୁ ତୁମେ ତୁମ ସାଙ୍କେତିକ ଭାଷା ଚାର୍ଟରେ ଯୋଡାଯାଇ ପାରିବ ।



**ଶିକ୍ଷକଙ୍କ ସୂଚନା :** ପୂର୍ବ ଶ୍ରେଣୀରେ ଶିଖାଯାଇଥିବା ହସ୍ତ ମୁଦ୍ରା ବିନିଯୋଗକୁ ଦେଖନ୍ତୁ, ସେଥିରେ ବ୍ୟବହାର ଉପଯୁକ୍ତ ସଙ୍ଗୀତଟିକୁ ଶିକ୍ଷକ ବଦଳାଇବା ଉଚିତ୍ ।

## କାର୍ଯ୍ୟକଳାପ ୧୨.୩ : ଯେତେବେଳେ ତୁମ ହାତ କଥା କୁହେ

ଏଠାରେ କ'ଣ ସୂଚନା ଦିଆଯାଇଛି ତାହା ବର୍ଣ୍ଣନା କରିପାରିବେ କି ? ନିମ୍ନରେ ଦିଆଯାଇ ଥିବା ଖାଲିସ୍ଥାନକୁ ପୂରଣ କର ।






---------------------------- ---------------------------- ---------------------------- ----------------------------

https://withteachers.in/

## ନୃତ୍ୟ ମାଧ୍ୟମରେ ଭାବ ପ୍ରକାଶ :-

ତୁମେ କିଛି ଭାବୁଛ କାହିଁକି ? ଯେତେବେଳେ ତୁମେ ଏକ ଦୁଃଖପୂର୍ଣ୍ଣ ଭାବନାକୁ କୌଣସି ନୃତ୍ୟ କିମ୍ବା ନାଟକରେ ପରିବେଷଣ ଦେଖିଲ, ସେତେବେଳେ ତୁମ ଆଖିରୁ ଲୁହ ଝରି ପଡେ କି ? କିମ୍ବା ଯେତେବେଳେ ତୁମେ କିଛି ସୁନ୍ଦର ଜିନିଷଟିକୁ ଦେଖ, ସେତେବେଳେ ତୁମେ ତୁମର ହସ ଓ ଖୁସିର ଅନୁଭବକୁ ରୋକି ପାରିବ କି ? ଏହାର କାରଣ ନୃତ୍ୟ ଶିଳ୍ପୀ ଦ୍ୱାରା ପ୍ରକାଶିତ ଦୁଃଖ କିମ୍ବା ଆନନ୍ଦର ଭାବ ପ୍ରକାଶ, ଏତେ ପ୍ରଭାବଶାଳୀ ଯେ, ଏହା ତୁମମାନଙ୍କ ହୃଦୟ ସ୍ପର୍ଶ କରେ । ସପ୍ତମ ଶ୍ରେଣୀରେ ତୁମେ ତୁମର ଜୀବନର ଅଭିଜ୍ଞତାର ସମୁହକୁ (ରସ) ଓ ନିଜର ଅନୁଭବ ପ୍ରକାଶକୁ (ଭାବ) ବିଷୟରେ ଶିଖିଛ, ଏବେ ନୃତ୍ୟ ମଧ୍ୟରେ ଭାବ ପ୍ରକାଶ କରିବାର ସମୟ ଆସିଛି । ଭାବ ହେଉଛି, ପ୍ରଥମ ଚିନ୍ତାଧାରା, ଯେତେବେଳେ କୌଣସି ଘଟଣା ଘଟିଲେ, ସେତେବେଳେ ତୁମ ମନ ଭିତରେ ଯେଉଁ ଅନୁଭବଟି ପ୍ରକାଶ ପାଇଥାଏ ତାହା ହିଁ ଭାବ । ବେଳେବେଳେ ଭାବ ଗୁଡିକର ଅନୁଭବ ବା ଅଭିଜ୍ଞତା ଆମ ପାଇଁ ଉପସମ ହୋଇଥାଏ, କାରଣ ଆମର ମନର ଗଭୀର ଭାବନା ଗୁଡିକ ବାହାରକୁ ପାଇଁ ବାଟ ଖୋଜୁଥାନ୍ତି । ତୁମ ଦେଖିଥିବା କୌଣସି ଚଳଚ୍ଚିତ୍ର, ଗୀତ କିମ୍ବା ନୃତ୍ୟକୁ ବର୍ଣ୍ଣନା କର, ଯାହା ତୁମକୁ ପ୍ରଭାବଶାଳୀ ଓ ନିର୍ଭିକ ହେବାରେ ସାହାଯ୍ୟ କରେ, ଏହା ଦେଶାତ୍ମକବୋଧ ଭାବ ପ୍ରକାଶ ହୋଇପାରେ, କିମ୍ବା ଆନନ୍ଦର ମୁହୂର୍ତ୍ତ ହୋଇପାରେ କିମ୍ବା ଦୁଃଖ ଘଟଣା ମଧ୍ୟ ହୋଇପାରେ ।

### କାର୍ଯ୍ୟକଳାପ ୧୨.୪ : ଉତ୍ସାହ ସହିତ ନୃତ୍ୟ (ଉତ୍ସାହ ଭାବ)

ଗୋଟିଏ ଦେଶ ଭକ୍ତି ଗୀତଟିକୁ ବାଛ, ଏବଂ ସେଥିରେ ନୃତ୍ୟ ସଂରଚନା କର ।



**ଶିକ୍ଷକଙ୍କ ସୂଚନା :** ଶିକ୍ଷକ ଗୋଟିଏ ଉପଯୁକ୍ତ ଦେଶ ପ୍ରେମ ଗୀତଟିକୁ ବଜାଇବେ ।

ଏବେ ଆସ ତୁମେ ତୁମ ଅନୁଭୂତି ଉପରେ ଧ୍ୟାନ ଦେବ । ମନେଅଛି କି ? ଅଧ୍ୟାୟ ୧ରେ ତୁମେ ଦେଖିଥିବ ଶ୍ୱାସକ୍ରିୟା ଚଳନ କିପରି ନିଜ ନିଜ ଭାବ ପ୍ରକାଶ କରିବାରେ ସାହାଯ୍ୟ କରିପାରେ ।

ଯେତେବେଳେ ତୁମେ ଭୟଭୀତ ହୁଅ, ସେତେବେଳେ ତୁମ ମନୋଭାବ କ'ଣ ହୁଏ ତାହା କେବେ ଚିନ୍ତା କର । ତୁମେ ଦ୍ରୁତ ଓ ଗଭୀର ପ୍ରଶ୍ୱାସ ନେବାକୁ ଆରମ୍ଭ କର, ଯାହା ଫଳରେ ତୁମର ଶରୀର ଅନେକ ପ୍ରକାର ଭୟପ୍ରକାଶ କରେ, ଯେପରିକି ଶରୀରରୁ ଝାଳ ବାହାରିବ, ଥରିବା ଏବଂ ମୁହଁରୁ ଭାବ ପରିବର୍ତ୍ତନ ହୋଇଥାଏ । ଶ୍ୱାସକ୍ରିୟା ଚଳନ ହିଁ ସେହି ଭାବ ଗୁଡିକୁ ସ୍ପଷ୍ଟ ଭାବରେ ପ୍ରକାଶ କରିବାରେ ସାହାଯ୍ୟ କରେ ।





https://withteachers.in/

ଶ୍ୱାସକ୍ରିୟା ନିଜେ ହିଁ ଏକ ପ୍ରଭାବଶାଳୀ ଅଭିବ୍ୟକ୍ତି ହୋଇପାରେ ।

**ଉଦାହରଣ ସ୍ୱରୂପ :** ନିରାଶ ହେବା ଦେଖାଇବା ପାଇଁ ଏକ ଗମ୍ଭୀର ନିଶ୍ୱାସ ଛାଡ଼ିବା ।

ନାଟକର ଏହି ସମାନ ଭାବକୁ ବିଭିନ୍ନ ଉପାୟରେ ପ୍ରକାଶ କରାଯାଏ । ଯେତେବେଳେ ନୃତ୍ୟରେ ଏହି ପ୍ରକ୍ରିୟାକୁ ବ୍ୟବହାର କରାଯାଏ ସେତେବେଳେ ନୃତ୍ୟଟି ଅଧିକ ଅଳଙ୍କୃତ ଓ ଅଧିକ ଉଦ୍ଦେଶ୍ୟପୂର୍ଣ୍ଣ ଭାବ ପ୍ରଦର୍ଶନ କରିଥାଏ ।

ନୃତ୍ୟରେ ତୁମ ଅଙ୍ଗଚାଳନା, ପ୍ରମୁଖ ମଣ୍ଡଳର ଅଭିବ୍ୟକ୍ତି ଓ ଶ୍ୱାସକ୍ରିୟା ଚଳନକୁ ମିଶ୍ରଣ କରି ତୁମେ ତୁମର ଭାବକୁ ପ୍ରକାଶ କରିବାର ଆଉ ଏକ ଉପାୟ ଅବଲମ୍ବନ କରିପାରିବ ।






ଏହାହିଁ କଳାର ସୌନ୍ଦର୍ଯ୍ୟ ପ୍ରତ୍ୟେକ ପଦ୍ଧତିରେ ନିଜସ୍ୱ ସ୍ୱତନ୍ତ୍ର ଭାଷା ଓ ଭାବ ପ୍ରକାଶ ମଧ୍ୟରେ ପରସ୍ପର ନିବିଡ଼ ସମ୍ପର୍କ ରହିଥାଏ । ନିରାଶ / ଦୁଃଖ ଭାବରୁ ଆନନ୍ଦ ଭାବକୁ ପରିବର୍ତ୍ତନ କରିବେ :– ନୃତ୍ୟରେ ଏହି ଭାବ ପ୍ରକାଶ କିପରି ହେବ ?

**ଉଦାହରଣ ସ୍ୱରୂପ :** ତାମିଲନାଡୁର କୋଲାଟମ୍ କିମ୍ବା ଗୁଜୁରାଟର ଦାଣ୍ଡିଆରେ ଶୋଭା ପାଉଥିବା ହସ ହସ ମୁହଁ ସହିତ ମନରେ ଆନନ୍ଦ କିମ୍ବା ଖୁସିକୁ ପ୍ରକାଶ କରିଥାନ୍ତି । କୁଚିପୁଡ଼ି ଓ ଓଡ଼ିଶୀ ନୃତ୍ୟ ମଧ୍ୟରେ ଅନେକ ଅଙ୍ଗଚାଳନା ଦ୍ୱାରା ତୁମକୁ ସମାନ ଆନନ୍ଦ ଓ ଖୁସି ଦେଇ ପାରିବ ।

ନିଜର ଭାବ ପ୍ରକାଶ କରିବା ପାଇଁ ଗୋଟିଏ ସର୍ବୋତ୍ତମ ମାଧ୍ୟମ ହେଉଛି ନୃତ୍ୟ । ତୁମେ ଦୈନନ୍ଦିନ ଜୀବନରେ ଆଠଟି ଭାବକୁ ପ୍ରକାଶ କରିବାକୁ ପଡ଼ିବ । ଏହି ଭାବଗୁଡ଼ିକ କିପରି ପ୍ରକାଶ କରିବେ ।

https://withteachers.in/

## କାର୍ଯ୍ୟକଳାପ ୧୨.୫ : ନୃତ୍ୟରେ ଅଷ୍ଟରସ



ନିକଟ ଅତୀତରେ ଘଟିଥିବା ଏକ ମୁହୂର୍ତ୍ତକୁ ମନେ ପକାଅ ଯାହା ତୁମକୁ ଭଲ ପାଇବାର ଅନୁଭବ କରାଇଥିଲା । ସେହି ସ୍ଥାୟୀ ଭାବ ଉପରେ ରହି ସେହି ସୁନ୍ଦର ଭାବନାକୁ ତୁମେ ତୁମ ସାଙ୍ଗମାନଙ୍କ ସହିତ ଆଲୋଚନା କରିବେ ।
ଏହା ହେଉଛି ରତିଭାବ ଯାହା ଶୃଙ୍ଗାର ରସରୁ ସୃଷ୍ଟି ।



ଅତୀତ ନିକଟରେ କିଛି ଦେଖିଥିବା କିମ୍ବା ପଢିଥିବା କୌଣସି ଏକ କଥାବସ୍ତୁକୁ ନେଇ ତୁମେ ବହୁତ ହସିଥିଲ କି ? ସେହି ପରିସ୍ଥିତିକୁ ପୁନରାବୃତ୍ତି ପ୍ରଦର୍ଶନ କରିବ ଯାହାଦ୍ୱାରା ତୁମ ସାଙ୍ଗମାନେ ହସିବେ ।
ଏହା ହେଉଛି ହସ ଭାବ ଯାହା ହାସ୍ୟ ରସରୁ ଉତ୍ପତ୍ତି ।



ସମସ୍ତଙ୍କ ଜୀବନରେ କିଛି ଦୁଃଖ ମୁହୂର୍ତ୍ତ ଥାଏ, ଯାହାକୁ ଆମେ କେବେ ମନେ ପକାଇବା ପାଇଁ ଚାହୁଁ ନାହୁଁ । କିନ୍ତୁ ଜଣେ ବିଶ୍ୱସ୍ତଙ୍କ ନିକଟରେ ସେହିଭାବ ପ୍ରକାଶ କରନ୍ତୁ ଦେଖିବେ ଏହା ତୁମ ପାଇଁ ଏକ ଭଲ ଅନୁଭବ କରାଇବ ।
ଏହା ହେଉଛି ଶୋକ ଭାବ, ଯାହା କରୁଣ ରସରୁ ଉତ୍ପତ୍ତି ।




କ୍ରୋଧ ହେଉଛି ଏକ ବିପଜ୍ଜନକ ଭାବ ହୋଇପାରେ । ସାଧାରଣତଃ ଆମେମାନେ ଆଲୋଚନା ଏହି ଭାବଟିକୁ ଅନ୍ୟ ଉପରେ ପ୍ରକାଶ କରିଥାଉ । ତୁମେ ଗୋଟିଏ କ୍ରୋଧଭାବ ଉତ୍ପନ୍ନ ହୋଇଥିବା ବିଷୟବସ୍ତୁ ସମ୍ବନ୍ଧରେ ଚିନ୍ତା କରିବେ । ଏହି କ୍ରୋଧ ଭାବକୁ ଉତ୍ପତ୍ତି କରି ନୃତ୍ୟ ଚଳନରେ ବ୍ୟବହାର କରିପାରିବ ।
ଏହା ହେଉଛି କ୍ରୋଧ ଭାବ, ଯାହା ରୁଦ୍ର ରସରୁ ଉତ୍ପତ୍ତି ।



ତୁମେ କେବେ ଏମିତି କିଛି କରିଛ କି, ଯାହା ତୁମ ପାଇଁ ଏକ ସାହସିକତାର ପରିଚୟ ପ୍ରଦାନ କରିଥିଲା ।
ଏହା ହେଉଛି ଉତ୍ସାହ ଭାବ, ଯାହା ବୀର ରସରୁ ଉତ୍ପତ୍ତି ।



ଯଦି ତୁମେ ଭୟଭୀତ ହୋଇଥାନ୍ତ, ତେବେ ତୁମେ କିପରି ପ୍ରତିକ୍ରିୟା ପ୍ରକାଶ କରିଥାନ୍ତ ? ଏହି ଭାବନାଟିକୁ ତୁମେ ତୁମ ଭୟଭାବ ସହିତ ହସ୍ତ ମୁଦ୍ରାର ବିନିଯୋଗ କରି ଦେଖାଅ ।
ଏହା ହେଉଛି ଭୟ, ଭାବ, ଯାହା ଭୟାନକ ରସରୁ ଉତ୍ପତ୍ତି ।



ନିଶ୍ଚିତ ଭାବରେ ବର୍ତ୍ତମାନ ତୁମେ କୌଣସି ପୋଡି ଗନ୍ଧମୟ ପଦାର୍ଥ ନେଇ ତୁମ ମନ ଭିତରେ ଘୃଣା ଭାବ ଜାତ ହେଲା, ସେହି ମୁହୂର୍ତ୍ତରେ ତୁମର ତୁରନ୍ତ ପ୍ରତିକ୍ରିୟା କ'ଣ ଥିଲା ? ଏହାକୁ ପୁନର୍ବାର ସୃଷ୍ଟି କର ।
ଏହା ହେଉଛି ଯୁଗୁପସା ଭାବ ଯାହା ବିଭତ୍ସ ରସରୁ ଉତ୍ପତ୍ତି ।



ଯେତେବେଳେ ତୁମେ ଅଲୌକିକ ଶକ୍ତିକୁ ଅନୁଭବ କରି କହିଲ, ଓଃ କି ଚମତ୍କାର ? ଆଶ୍ଚର୍ଯ୍ୟ ଓ ଚମତ୍କୃତ ଦେଖାଇବା ପାଇଁ ସାଙ୍ଗ ମାନଙ୍କୁ ନେଇ ଏକାଠି କର ବା ଗୋଟିଏ ଦଳ ତିଆରି କର ।
ଏହା ହେଉଛି ବିସ୍ମୟଭାବ, ଯାହା ଅଦ୍ଭୁତ ରସରୁ ଉତ୍ପତ୍ତି ।

ଏବେ, ଆମେମାନେ ଅଧ୍ୟାୟ ୧ ରୁ ଆଲୋଚନା କରିଥିବା ଧାରଣାଗୁଡିକୁ ଏକତ୍ରିକ ଭାବେ ସଙ୍ଗଠିତ କରି ଦେଖନ୍ତୁ । ଶ୍ୱାସକ୍ରିୟା, ଭଙ୍ଗୀ, ପାଦଚାଳନା, ହସ୍ତ ମୁଦ୍ରା, ଭାବ, ଆଦି ଗୁଡିକ ଅଭ୍ୟାସ କରି ଦେଖନ୍ତୁ । ପରବର୍ତ୍ତୀ କାର୍ଯ୍ୟକଳାପରେ ତୁମେ କିପରି ଏହି ସମସ୍ତ ଉପାଦାନ ଗୁଡିକୁ ନେଇ ଭାବ ପ୍ରକାଶ କରିବ ।



https://withteachers.in/

## କାର୍ଯ୍ୟକଳାପ ୧୨.୬

- ନିଜକୁ ଦୁଇଟି ଦଳରେ ବିଭକ୍ତ କର ।
- ପାଳିକ୍ରମରେ କାମ କରିବା ବା ଗୋଟିଏ ଦଳରେ ପରିବେଷଣ କରିବା ସମୟରେ ଅନ୍ୟ ଦଳ ସଦସ୍ୟ ମାନେ ପର୍ଯ୍ୟବେକ୍ଷଣ କରିବେ । ତା'ପରେ ନିଜନିଜ ଦଳ ମଧ୍ୟରେ ଥିବା ଭୂମିକାକୁ ଅଦଳ ବଦଳ କରିବେ ।
- ତୁମେ ଶିଖିଥିବା ଆଠଟି ରସରୁ ପ୍ରତ୍ୟେକ ଦଳ ଗୋଟିଏ ରସକୁ ବାଛିବେ ।
- ସେହି ଭାବକୁ ଦର୍ଶାଇଥିବା ଏକ ଗୀତଟିକୁ ବଜାନ୍ତୁ ।
- ତା'ପରେ ତୁମର ଆଖି ବନ୍ଦ କର ଏବଂ ଏପରି କଳ୍ପନା କର ଯାହା ତୁମକୁ ସେହିଭାବ ଅନୁଭବ କରିପାରିବେ ।
- ତାପରେ ଆଖି ଖୋଲି, ତୁମେ କିପରି ଭାବ ପ୍ରକାଶ କରିବାକୁ ଚାହୁଁଛ ତାହା ତୁମ ଦଳ ସହିତ ଆଲୋଚନା କରି ଏକ କଥାବସ୍ତୁ ବାଛ ।
- ଅଭିବ୍ୟକ୍ତି, ହସ୍ତ ମୁଦ୍ରା, ଭଙ୍ଗୀ, ଅଙ୍ଗଚାଳନା, ଶ୍ୱାସକ୍ରିୟା ଚାଳନା, ଆଦିକୁ ବ୍ୟବହାର କରି ଉପରୋକ୍ତ ପରିସ୍ଥିତି ଉପରେ କେନ୍ଦ୍ରିତ କରି ଏକ ନୃତ୍ୟ ସଂରଚନା କର ।
- ଆଖି ବନ୍ଦ କରିବା ସମୟରେ ତୁମେ ଯାହା ଅନୁଭବ କରିଥିଲ ସେହି ଭାବଟିକୁ ମନେ ପକାନ୍ତୁ ।



**ଶିକ୍ଷକଙ୍କ ସୂଚନା :-** ଶିକ୍ଷକ ଉଭୟ କାର୍ଯ୍ୟକଳାପ ପାଇଁ ବିଭିନ୍ନ ଭାବ ପ୍ରକାଶ ପାଇଁ ଉପଯୁକ୍ତ ଗୀତ ବଜାଇବେ ।

ଉଭୟ ଦଳ, ଏହି ଶିକ୍ଷଣ କାର୍ଯ୍ୟଟିକୁ ପରିସମାପ୍ତି କରିବା ପରେ, ଶିକ୍ଷକ ଧ୍ୟାନ ନିମନ୍ତେ ଧ୍ୟାନ ସଙ୍ଗୀତଟିକୁ ବଜାଇବେ, ପିଲାମାନେ ବିଶ୍ରାମ ସମୟରେ ହସ୍ତରେ ଧ୍ୟାନ ମୁଦ୍ରା ଧାରଣ କରି ପଦ୍ମ ଆସନରେ ବସି ପ୍ରଶ୍ୱାସ ନେବା ଉଚିତ୍ । ଏବେ ତୁମେ ଶାନ୍ତି ଓ ସନ୍ତୋଷ ଭାବନା ଉପରେ ଧ୍ୟାନ କେନ୍ଦ୍ରିତ କରିବ, ଯାହା ତୁମକୁ ଏକ ନିର୍ବେଦ ଭାବରୁ ଶାନ୍ତ ରସ ଆଡକୁ ନେଇ ଯାଏ ।

- ଏହି କାର୍ଯ୍ୟକଳାପଟି କରିବା ସମୟରେ ତୁମକୁ କିପରି ଅନୁଭବ ହେଲା ସେହି ସମ୍ବନ୍ଧରେ ଚିନ୍ତା କର । ହୁଏତ ଯେତେବେଳେ ତୁମକୁ ଅନ୍ୟ କିଏ ବିରକ୍ତ କରାଏ ସେତେବେଳେ ତୁମେ ଏହି ପ୍ରକ୍ରିୟାଟିକୁ ବ୍ୟବହାର କରିପାରିବେ ?
- ଏହି କାର୍ଯ୍ୟକଳାପଟିକୁ ଦେଖିବା ସମୟରେ ତୁମେ କିପରି ଅନୁଭବ କରୁଛ, ଚିନ୍ତା କର ?

  ବହୁ ସମୟରେ ଯେତେବେଳେ ତୁମେ ତୁମର ଭାବନାକୁ ପରିପ୍ରକାଶ କରିବାକୁ ଚେଷ୍ଟା କରିଥାଅ, ସେତେବେଳେ ସେହି ପରିପ୍ରକାଶର ଅନୁଭବ ତୁମ ପାଇଁ ଏକ ମାନସିକ ଉପଶମ ଭାବରେ କାର୍ଯ୍ୟ କରିଥାଏ ।




https://withteachers.in/

ନୃତ୍ୟ ମାଧ୍ୟମରେ ନିଜର ଶାରୀର ଓ ଭାବ ପ୍ରବଣ ଗୁଡ଼ିକ ସୁସ୍ଥ ରହେ । ନୃତ୍ୟ ଅଭ୍ୟାସ କରିବା ଦ୍ୱାରା ନିଜର ଶାରୀରିକ ସର୍ବଦା ସୁସ୍ଥ ରହିଥାଏ ଓ ନିଜ ଭାବ ପ୍ରବଣ ଗୁଡ଼ିକ ନିଜସ୍ୱ ଅଧୀନରେ ରହିଥାଏ ।

**ଉଦାହରଣ ସ୍ୱରୂପ :** ଶିରଭେଦ, ଗ୍ରୀବା ଭେଦ (ଶ୍ରେଣୀ-୪ ପାଠ୍ୟପୁସ୍ତକ ଦେଖନ୍ତୁ) ଗୁଡ଼ିକୁ ଦୈନନ୍ଦିନ ଅଭ୍ୟାସ କରିବା ଦ୍ୱାରା ସ୍ନାୟୁରୋଗରୁ ଆରୋଗ୍ୟ ଲାଭ ହୋଇଥାଏ । ଦୃଷ୍ଟିଭେଦ (ଶ୍ରେଣୀ-୨ ପାଠ୍ୟ ପୁସ୍ତକ ଦେଖନ୍ତୁ) ଗୁଡ଼ିକୁ ଅଭ୍ୟାସ କରିଲେ, ଆଖିର ଦୃଷ୍ଟି ଶକ୍ତି ବୃଦ୍ଧି କରିବାରେ ସହାୟକ ହୋଇଥାଏ ।

ନୃତ୍ୟ ଚଳନରେ ଚିକିତ୍ସା - ନୃତ୍ୟ ମାଧ୍ୟମରେ ଶରୀର ସୁସ୍ଥତା ଏବଂ ନୃତ୍ୟ ଓ ସ୍ୱାସ୍ଥ୍ୟ ଗୋଟିଏ ଏପରି ବିଷୟ ଯାହାକୁ ତୁମ ଜୀବନରେ ଏକ ବୃତ୍ତି ଭାବରେ ଜୀବିକା ଅର୍ଜନ କରିପାରିବ । ଯେଉଁଥିରେ ସୁସ୍ଥ ମନୋଭାବ ପରିପ୍ରକାଶ କରିବାରେ ସାହାଯ୍ୟ କରେ । ମନସ୍ତତ୍ତ୍ୱବିତ୍ ଓ ଶାରୀରିକ ବୈଜ୍ଞାନିକମାନେ ନୃତ୍ୟରେ ବ୍ୟବହୃତ ହୋଇଥିବା ଅଙ୍ଗଚଳନକୁ ଏକ ପ୍ରକାର ଚିକିତ୍ସା ପଦ୍ଧତି ରୂପେ ବ୍ୟବହାର କରନ୍ତି ।

ପୁତନାମୋକ୍ଷ କିମ୍ବା ସୂର୍ପଣେଖା ନୃତ୍ୟ ପରିବେଷଣରେ ବିଭିନ୍ନ ରୁଚି ଓ ବିଭିନ୍ନ ରସ ପ୍ରଦର୍ଶନ ଦ୍ୱାରା ଲୋକ ମାନଙ୍କ ପାଇଁ ଏକ ଆନନ୍ଦ ଦାୟକ ହୋଇଥାଏ ।



## କାର୍ଯ୍ୟକଳାପ ୧୨.୭ ନୃତ୍ୟ ସଂରଚନା

ପିଲାମାନେ ନିଜକୁ ୪ଟି ଦଳରେ ବିଭକ୍ତ କରନ୍ତୁ, ତୁମେ ସଙ୍ଗୀତ ଶ୍ରେଣୀରେ ଶିକ୍ଷାଗ୍ରହଣ କରିଥିବା ଏକ ଗୀତକୁ ବାଛନ୍ତୁ । ଯାହା ତୁମର ମନକୁ ଛୁଇଁବ । ତୁମେ ଶିଖିଥିବା ନୃତ୍ୟର ସମସ୍ତ ଉପାଦାନଗୁଡ଼ିକୁ ବ୍ୟବହାର କରି ଗୋଟିଏ ଗୀତରେ ନୃତ୍ୟ ସଂରଚନା କର । ପ୍ରତ୍ୟେକ ଦଳକୁ ଦିଆଯାଇଥିବା ଗୀତର ଗୋଟିଏ ଗୋଟିଏ ପଦକୁ ନେଇ ଦଳ ମଧ୍ୟରେ ନୃତ୍ୟ ସଂରଚନା କର । ତା'ପରେ ଦଳ ମଧ୍ୟରେ ପ୍ରସ୍ତୁତ କରିଥିବା ସମସ୍ତ ନୃତ୍ୟ ଖଣ୍ଡ ଗୁଡ଼ିକୁ ମିଶ୍ରଣ କରି ଏକ ସଂପୂର୍ଣ୍ଣ ନୃତ୍ୟ ସଂରଚନା କର ।



https://withteachers.in/

# ମୂଲ୍ୟାୟନ

## ଅଧ୍ୟାୟ ୧୨ : ନୃତ୍ୟ ଓ ସୁସ୍ଥତା

| ଶୈକ୍ଷିକ ଲକ୍ଷ୍ୟ | ଦକ୍ଷତା | ଶିକ୍ଷଣ ଫଳାଫଳ | ଶିକ୍ଷକ | ନିଜେ |
|---|---|---|---|---|
| ୧ | ୧.୧ | ଶିକ୍ଷାର୍ଥୀମାନେ ନୃତ୍ୟ ଶିକ୍ଷଣ ପ୍ରକ୍ରିୟାରେ ସକ୍ରିୟ ଭାଗନେବେ ଏବଂ କଳା ହେଉଛି ତୁମର ଭାବନା ଓ ମନୋବୃତ୍ତିକୁ ସୁସ୍ଥ ରଖିବା ପାଇଁ ଗୁରୁତ୍ୱପୂର୍ଣ୍ଣ ଏକ ଉତ୍ସ, ନୃତ୍ୟରେ ଥିବା ଚିକିତ୍ସାତ୍ମକ ଓ ଉପଚାରମାତ୍ମକ ସାମର୍ଥ୍ୟକୁ ସେମାନେ ଚିହ୍ନଟ କରିବେ । | | |
| ୧ | ୧.୨ | ସହପାଠୀମାନଙ୍କ ସହିତ ଏକାଠି ହୋଇ ପ୍ରଭାବଶାଳୀ ଢ଼ଙ୍ଗରେ କାର୍ଯ୍ୟ ଏବଂ ନୃତ୍ୟ ଶିକ୍ଷଣ ପ୍ରକ୍ରିୟାରେ ତୁମେ ତୁମର ନିଜସ୍ୱ ଧାରଣା ଓ ସହଯୋଗ ପ୍ରଦାନ କରିବେ । | | |
| ୨ | ୨.୨ | ହସ୍ତମୁଦ୍ରା ସହିତ ହସ୍ତ ମୁଦ୍ରା ନିମନ୍ତେ ଦିଆଯାଇଥିବା ଶ୍ଲୋକ ଗୁଡିକ ଆବୃତ୍ତି କରିବା ସମୟରେ ଏକାଗ୍ରତା ସହ ଅଭ୍ୟାସ କରିବାକୁ ଚେଷ୍ଟା କରିବେ । ହସ୍ତମୁଦ୍ରା ଓ ଶ୍ଲୋକ ଆବୃତ୍ତି ମଧ୍ୟରେ ଉତ୍ତମ ସମନ୍ୱୟ ରକ୍ଷାକରି ଉପଯୁକ୍ତ ଅର୍ଥ ବୁଝି ପ୍ରଦର୍ଶନ କରିବେ । | | |
| ୨ | ୨.୨ | ହସ୍ତ ମୁଦ୍ରାଗୁଡିକୁ ବ୍ୟବହାର କରି ଗୋଟିଏ ପ୍ରଭାବଶାଳୀ ଯୋଗାଯୋଗ ସ୍ଥାପନ କରିବା ପାଇଁ ଆଗ୍ରହ ପ୍ରକାଶ କରିବେ ଏବଂ ହସ୍ତ ମୁଦ୍ରାଗୁଡିକ ନୃତ୍ୟ ଭାବ ପ୍ରକାଶ କରିବା ପାଇଁ ସାଙ୍କେତିକ ଭାଷା ରୂପେ ପ୍ରୟୋଗ କରାଯାଏ । | | |
| ୨ | ୨.୨ | ଅଙ୍ଗଚାଳନା ଓ ମୁଖ ମଣ୍ଡଳର ଭାବନା ମାଧ୍ୟମରେ ତୁମେ ତୁମର ଆତ୍ମବିଶ୍ୱାସୀ ଓ ଆନନ୍ଦଦାୟକ ଅନୁଭବଗୁଡ଼ିକ, ନିଜର ଭାବ ଦ୍ୱାରା ପ୍ରକାଶ କରିବେ । | | |

**ଶିକ୍ଷକଙ୍କ ମତାମତ ଏବଂ ଛାତ୍ରଙ୍କ ପର୍ଯ୍ୟବେକ୍ଷଣ**

----------------------------------------

----------------------------------------

----------------------------------------

----------------------------------------

https://withteachers.in/

# ୧୩ ଅଭିନବ, ସମାବେଶ ଓ ପରିବର୍ତ୍ତନ ପାଇଁ ପ୍ରେରଣା

## ନୃତ୍ୟରେ ଅଭିନବ ଧାରା

ଗଛ ଚେର ଯେତେ ଗଭୀର ଯାଏ ତା ଡ଼ାଳ ଗୁଡ଼ିକ ସେତେ ଆକାଶ ମୁହା ହୋଇଥାଏ । ସେହିପରି ତୁମେ ନୃତ୍ୟ ପରମ୍ପରା ବିଷୟରେ ଯେତେ ଗଭୀର ମୌଳିକ ଜ୍ଞାନର ଅଧିକାରୀ ହୋଇପାରିବ, ସେତେ ଅଧିକ ନୂତନତ୍ୱକୁ ଆବିଷ୍କାର କରିପାରିବ ।

ଯଦି ତୁମେ ତୁମର ଚତୁର୍ପାର୍ଶ୍ୱକୁ ଦେଖ, ତୁମେ ସବୁଠି ଗତିଯୁକ୍ତ ତାଳ ଦେଖିବାକୁ ପାଇବ । ଯେପରିକି ପକ୍ଷୀମାନଙ୍କ ଫଡ଼ ଫଡ଼, ପତ୍ରର କମ୍ପନ, ଘାସ ଦୋଳନ (ହଲିବା), ଝାଡୁରେ ସଫା କରିବା, ଚା ପତ୍ର ତୋଳିବା ଇତ୍ୟାଦି ।

ଏ ସବୁ ହେଉଛି ଗୋଟିଏ ଗୋଟିଏ ଚଳନ ଦୋଳାୟନ । ଯଦି ତୁମେ ଏପରି ଏକ କାର୍ଯ୍ୟକଳାପକୁ ବାଛ ଯେଉଁଥିରେ ତୁମେ ଶିଖିଥିବା ଉପରୋକ୍ତ ଆଧାରକୁ ଅନୁସରଣ କରି ନୃତ୍ୟରେ ବ୍ୟବହୃତ ହୋଇଥିବା ସମସ୍ତ ଉପାଦାନଗୁଡ଼ିକ ମିଶ୍ରଣ କରି ଏକ ନିଜସ୍ୱ ଅଙ୍ଗଚଳନାରେ ନୃତ୍ୟ ପ୍ରସ୍ତୁତ କରିପାରିବ । ପ୍ରତ୍ୟେକ ନୃତ୍ୟଶିଳ୍ପୀ, ନୃତ୍ୟରେ କିଛି ନୂତନତ୍ୱ ସମ୍ଭାବନା ସୃଷ୍ଟି କରିଥାନ୍ତି ।

ନୃତ୍ୟରେ ଥିବା ଦୃଢ଼ ଭିତ୍ତିଭୂମି ସହିତ ପର୍ଯ୍ୟବେକ୍ଷଣ, ଅଭିଜ୍ଞାତ ଏବଂ ତୁମର ମୌଳିକ ଚିନ୍ତାଧାରା ଆଧାରରେ ତୁମକୁ ଏକ ଅନନ୍ୟ ନୃତ୍ୟ ସଂରଚନା କରିବାରେ ପ୍ରେରଣା ଯୋଗାଇଥାଏ ।

### ନୃତ୍ୟରେ ଅନ୍ୟାନ୍ୟ ସହଯୋଗୀ ପଦ୍ଧତିଗୁଡ଼ିକୁ ସମନ୍ୱୟ କରିବା:

ନୃତ୍ୟରେ ଅନ୍ୟାନ୍ୟ ସହଯୋଗୀ ପଦ୍ଧତିଗୁଡ଼ିକରେ ଥିବା ପାଦଚାଳନାଗୁଡ଼ିକ ଅନ୍ତର୍ଭୁକ୍ତ କରି ଏକ ନୂତନତ୍ୱ ଆବିଷ୍କାର କର । ଯେପରିକି: ସମର କଳା ନୃତ୍ୟ ।

ଭାରତରେ କିଛି ପାରମ୍ପରିକ କ୍ରୀଡ଼ା ଓ ସମରକଳା ପରମ୍ପରା ଅଛି । ଯେଉଁଠି ଯୁଦ୍ଧଭିତ୍ତିକ ତାଲିମ ଦିଆଯାଇଥିବା ଅଙ୍ଗଚାଳନା ଗୁଡ଼ିକର ଗୋଟିଏ ନିର୍ଦ୍ଦିଷ୍ଟ ଧାରା ଅଛି । ଯାହାକୁ ବହୁ ନୃତ୍ୟ ଶିଳ୍ପୀମାନେ ସୃଜନଶୀଳ ଭାବରେ ନିଜ ନୃତ୍ୟରେ ଏହାର ପ୍ରୟୋଗ କରିଛନ୍ତି ।

ତୁମେ ଛଉ ନୃତ୍ୟ ବିଷୟରେ ଜାଣିଛ, ଯାହା ଫରିଖଣ୍ଡା/ରୁକ୍‌ମାର (ଏକ ସମରକଳାନୃତ୍ୟ ଶୈଳୀ) ପରମ୍ପରା ସହିତ ବିକଶିତ ହୋଇଛି ।



ସମର କଳା ସହିତ ନୃତ୍ୟର ନୂତନତ୍ୱ

https://withteachers.in/

ତୁମେ ଏବେ, ଆଉ ଦୁଇଟି ସମରକଳା ନୃତ୍ୟ ସମ୍ବନ୍ଧରେ ଶିଖିବ, ଯାହାର ସୃଜନଶୀଳ ଧାରାକୁ ବ୍ୟବହାର କରି ଆଜିର ନୃତ୍ୟ ବିକଶିତ ।

**୧. କଲାରିପାୟାଟ୍ଟୁ-** କେରଳରେ ଅଭ୍ୟାସ କରାଯାଉଥିବା ଏକ ସମରକଳା ନୃତ୍ୟ ପଦ୍ଧତି ଅଟେ ।

ଏହା ବିଶ୍ୱର ସର୍ବପୁରାତନ ସମରକଳା ନୃତ୍ୟ ପଦ୍ଧତି ରୂପେ ପରିଚିତ । କିମ୍ବଦନ୍ତୀରେ ଉଲ୍ଲେଖ ଅଛି ଯେ, ମହର୍ଷି ପରଶୁରାମଠାରୁ ଏହି ନୃତ୍ୟକଳାର ଉତ୍ପତ୍ତି । ଯାହାକୁ କେରଳର ସୃଷ୍ଟିକର୍ତ୍ତା ବୋଲି ମଧ୍ୟ ବିବେଚନା କରିଥାନ୍ତି । ସାମ୍ପ୍ରତିକ ଗବେଷଣାରୁ ଜଣାପଡ଼େ ଯେ, ଏହା ସଙ୍ଗମ ଯୁଗ ୬୦୦-୩୦୦ ଖ୍ରୀଷ୍ଟ ପୂର୍ବ କଥା ସହିତ ସଂଯୋଗ କରେ ।

ଏକ ଆତ୍ମରକ୍ଷା ପଦ୍ଧତିରୁ ହିଁ ଏହା ବିକଶିତ, ଏହି ନୃତ୍ୟ ପ୍ରଶିକ୍ଷଣ ଆୟୁର୍ବେଦର ବୈଜ୍ଞାନିକ ମର୍ମଜ୍ଞାନ ଉପରେ ଆଧାରିତ । ଏଥିରେ ବିଭିନ୍ନ ଅଙ୍ଗଚାଳନା ବିଭିନ୍ନ ପଦ, ପରି, ଶବ୍ଦ ସମୂହ ଅଛି ଯାହା ପଶୁମାନଙ୍କର ସ୍ଥିତି ଓ ଗତି ବିଧି ଉପରେ ଆଧାରିତ ।



**୨. ଥାଙ୍ଗ-ତା:-**

ମଣିପୁରରେ ପ୍ରଶିକ୍ଷଣ ଦିଆଯାଉଥିବା ଏକ ସମରକଳା ପଦ୍ଧତି । ଏହି ଶବ୍ଦର ଅର୍ଥ- ଖଣ୍ଡା ଓ ବର୍ଚ୍ଛାର ଦ୍ୱାର ପ୍ରଦର୍ଶନ ହୋଇଥିବା ଏକ ଯୁଦ୍ଧ ନୃତ୍ୟ ।

ଏହା ଆନ୍ତରିକ ଶକ୍ତିକୁ ବାହ୍ୟ କାର୍ଯ୍ୟ ସହିତ ସୁନ୍ଦର ଭାବରେ ସମନ୍ୱୟ ରକ୍ଷା କରି ଅଙ୍ଗଚାଳନା କରିବା ସହିତ ଭାବ ପ୍ରକାର କରିଥାନ୍ତୁ । ଏଥିରେ ସଙ୍ଗୀତର କ୍ରୟ ସହିତ ଶ୍ୱାସକ୍ରିୟା ନିୟନ୍ତ୍ରଣ କରି ବିଭିନ୍ନ ପ୍ରକାର ଗତିବିଧି କରିଥାନ୍ତି । ଏହାକୁ ଧର୍ମୀୟ ଅନୁଷ୍ଠାନରେ ମଧ୍ୟ ପରିବେଷଣ କରାଯାଏ ।

ଏହା ବିଶ୍ୱାସ କରାଯାଏ ଯେ, ମୈତେଇ ସମ୍ପ୍ରଦାୟ ଲୋକମାନଙ୍କ ସମସ୍ତ ଗତିବିଧିରୁ ଥାଙ୍ଗତା ଉତ୍ପନ୍ନ ହୋଇଛି ।



ନୃତ୍ୟର ବ୍ୟବହୃତ ସମରକଳା :- ପ୍ରସିଦ୍ଧ ନୃତ୍ୟ ଶିଳ୍ପୀ ତଥା ନୃତ୍ୟ ନିର୍ଦ୍ଦେଶକା ଚନ୍ଦ୍ର ଲେଖା, ତାଙ୍କର ନୃତ୍ୟ ନିର୍ଦ୍ଦେଶନା ଏବଂ ନୃତ୍ୟ ପ୍ରସ୍ତୁରେ ଭାରତନାଟ୍ୟମ ସହିତ ଯୋଗ ଓ କଲାରି ପାୟଟ୍ଟୁ ଏକତ୍ର କରିବାରେ ଏକ ଅଗ୍ରଣି ଭୂମିକା ନେଇ ଥିଲେ ।

https://withteachers.in/

## କାର୍ଯ୍ୟକଳାପ-୧୩.୧ : ଦେଖି ଏବଂ ଶିଖ

ସମରକଳା ନୃତ୍ୟ ଶିଖୁଥିବା ଜଣେ ଅଭ୍ୟାସକାରୀ ନୃତ୍ୟଶିଳ୍ପୀ କିମ୍ବା ଗୁରୁଙ୍କଠାରୁ ଗୋଟିଏ କିମ୍ବା ଦୁଇଟି ଅଙ୍ଗଚାଳନାର ଗତିବିଧିକୁ ଶିଖି ଏବଂ ସେଗୁଡ଼ିକ ଅଭ୍ୟାସ କରିବା ପାଇଁ ଚେଷ୍ଟା କର ।

ଶିକ୍ଷକମାନେ: ୟୁଟ୍ୟୁବରେ ଥିବା ସମରକଳା ନୃତ୍ୟ ଭିଡ଼ିଓଟିକୁ ପିଲାମାନଙ୍କୁ ଦେଖାଇବେ ।






**ଶିକ୍ଷକଙ୍କ ପାଇଁ ସୂଚନା:** ପିଲାମାନଙ୍କୁ ଛୋଟ ଛୋଟ ଦଳରେ ଗଠନ କରିବାକୁ ପରାମର୍ଶ ଦେବେ ।

### ଅଭିନବ ନୃତ୍ୟର ଉଦାହରଣ:-

ବର୍ତ୍ତମାନ ପରିସ୍ଥିତିରେ ପରିବେଷଣ କରିବା ପାଇଁ ଅନେକ ନୃତ୍ୟଶିଳ୍ପୀ ମାନେ ସାମୟିକ କାହାଣୀ ଓ ବିଭିନ୍ନ ନୃତ୍ୟ ଶୈଳୀଗୁଡ଼ିକ ନେଇ ନିଜର ନୃତ୍ୟ ସଂରଚନା କରିବା ପାଇଁ ପରୀକ୍ଷା ନୀରିକ୍ଷା କରୁଛନ୍ତି । ସପ୍ତମ ଶ୍ରେଣୀରେ ତୁମେ ଜାଣିଛ ଯେ, ଭାରତରେ ଆଧୁନିକ ନୃତ୍ୟଧାରାକୁ ବିକାଶ କରିଥିବା ଦୁଇଜଣ ପ୍ରସିଦ୍ଧ ନୃତ୍ୟ ଗୁରୁଙ୍କ ବିଷୟରେ । ଏହି ଧାରାକୁ ଜାରି ରଖିବାପାଇଁ ଅଭ୍ୟାସକାରୀ ନୃତ୍ୟଶିଳ୍ପୀ ଓ ବିଭିନ୍ନ ନୃତ୍ୟ ଶିକ୍ଷା ଅନୁଷ୍ଠାନ ଅଛି । ଯେଉଁମାନେ କି ନୃତ୍ୟ ମାଧ୍ୟମରେ ଆଜିର କାହାଣୀ ଗୁଡ଼ିକ ଦେଖିବା ପାଇଁ ନୃତ୍ୟର ସୃଜନଶୀଳ ଗତିବିଧି ଓ ପାରମ୍ପରିକ ନୃତ୍ୟ ଗୁଡ଼ିକରେ ଥିବା ମୌଳିକ ଅଙ୍ଗଚାଳନାକୁ ବ୍ୟବହାର କରିଥାନ୍ତି । ନୃତ୍ୟ କ୍ଷେତ୍ରକୁ ଶୋଭାବର୍ଦ୍ଧନ ଓ ବିକାଶ କରିବାରେ ଏମାନେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛନ୍ତି । ନିମ୍ନଲିଖିତ ନୃତ୍ୟଶିଳ୍ପୀମାନଙ୍କ ମଧ୍ୟରୁ କିଛି ପ୍ରସିଦ୍ଧ ନୃତ୍ୟଶିଳ୍ପୀ ଅଛନ୍ତି ଯେଉଁମାନଙ୍କର ଗୁରୁତ୍ୱପୂର୍ଣ୍ଣ ସୃଜନଶୀଳ ନୃତ୍ୟ ନିର୍ଦ୍ଦେଶନା ପାଇଁ ସଙ୍ଗୀତ ନାଟକ ଏକାଡ଼େମୀ ପୁରସ୍କାରେ ସମ୍ମାନିତ କରାଯାଇଛି ।



ସେ ନୃତ୍ୟକଳାରେ ନୂତନ ଦିଗ ଗୁଡ଼ିକୁ ଉନ୍ମୋଚନ କରିଥିଲେ । ସୃଜନଶୀଳ ନୃତ୍ୟ ବିକାଶରେ ନିଜ ପାଇଁ ଏକ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିଥିଲେ । ଉଦୟ ଶଙ୍କର ଶିଷ୍ୟମାନଙ୍କ ମଧ୍ୟରୁ ଜଣେ ବରିଷ୍ଠ ଛାତ୍ର ଥିଲେ । ତାଙ୍କର ଅନେକ ନୃତ୍ୟ ନିର୍ଦ୍ଦେଶନା ଓ ନୃତ୍ୟନାଟିକାରେ ସାମ୍ପ୍ରତିକ ସ୍ଥିତିରେ ସାମାଜିକ ପ୍ରାସଙ୍ଗିକତା ଥିଲା ସେ ପିଲାମାନଙ୍କ ଶରୀର ସୁସ୍ଥତା ପାଇଁ ମୁକ୍ତ ଅଙ୍ଗଚାଳନା ସୃଷ୍ଟି କରିଥିଲେ ।

ତାଙ୍କର ଏହି ଉଦ୍ୟମ ନୃତ୍ୟଶିକ୍ଷା ଅନୁଷ୍ଠାନଗୁଡ଼ିକରେ ଯଥେଷ୍ଟ ସଫଳତା ଦେଖାଯାଇଥିଲା । ସେ ୪୦ଟିରୁ ଅଧିକ ଚମତ୍କାର ନୃତ୍ୟକଳା ପ୍ରସ୍ତୁତ କରିଥିଲେ ।

ତାଙ୍କର ଉଲ୍ଲେଖନୀୟ ନୃତ୍ୟ ପ୍ରସ୍ତୁତଗୁଡ଼ିକ ମଧ୍ୟରୁ । କାମାୟନୀ (୧୯୭୦), ଓଲ୍ଡ-ବୟ (୧୯୭୭), ଅନ୍ତିମ ଅଧ୍ୟାୟ (୧୯୮୮) ଗାନ୍ଧୀ-(୨୦୦୭) ଏହି ନୃତ୍ୟ ପ୍ରସ୍ତୁତି ଗୁଡ଼ିକରେ ଥିବା ଅଭିନବ ବିଷୟବସ୍ତୁ ଓ ନୃତ୍ୟ ନିର୍ଦ୍ଦେଶନା ପାଇଁ ସେ ପ୍ରଶଂସିତ ହୋଇଥିଲେ ।



https://withteachers.in/



**ଆଚାର୍ଯ୍ୟ ପାର୍ବତୀ କୁମାର:-** ଡିସ୍କଭରୀ ଅଫ ଇଣ୍ଡିଆ, ରିଦମ୍ ଅଫ କଲଚର ଏବଂ ଦେଖ ତେରୀ ବମ୍ବାଇ ଭଳି ନୃତ୍ୟ ନାଟକରେ ନିର୍ଦ୍ଦେଶନା ଦେଇଥିଲେ । ଯେଉଁଠାରେ ସେ ବିଭିନ୍ନ ଭାରତୀୟ ନୃତ୍ୟଶୈଳୀକୁ ସୁନ୍ଦର ଭାବରେ ମିଶ୍ରଣ କରି ଏକ ଅଭିନବ ନୃତ୍ୟ ସଂରଚନା କରିଥିଲେ । ପାରମ୍ପରିକ ନୃତ୍ୟ ପଦ୍ଧତିକୁ ବ୍ୟବହାର କରି ସମସାମୟିକ ଧାରଣାଗୁଡ଼ିକ ପ୍ରଦର୍ଶନ କରିଥିଲେ । ଉଦାହରଣ ସ୍ୱରୂପ:- ଡ଼ବାୱାଲାମାନେ କଥକ ନୃତ୍ୟରେ ଥିବା ବିଭିନ୍ନ ଚାଲିକୁ ବ୍ୟବହାର କରି ସହର ସାରା ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନ ଗତି କରିବାରୁ ଏକ ଦୃଶ୍ୟ ସୃଷ୍ଟି କରିଥିଲେ । ହୁ-ତୁ-ତୁ ଖେଳ ବ୍ୟବହାର କରି ପୋଲିସ ଚୋରଙ୍କ ମଧ୍ୟରେ ଗୋଡ଼ାଇବା ଗତିକୁ ଦେଖାଇଥିଲେ । ପାରମ୍ପରିକ ନୃତ୍ୟ କ୍ଷେତ୍ରରେ ସେ ଏକମାତ୍ର ନୃତ୍ୟଗୁରୁ ଥିଲେ ଯିଏ ଭାରତନାଟ୍ୟମରେ ଭୋସଲେ ରାଜବଂଶର ଦ୍ୱିତୀୟ ରାଜା ସରଫୋଜୀଙ୍କ ମରାଠୀ ରଚନାଗୁଡ଼ିକର ଗବେଷଣା ଓ ନୃତ୍ୟ ନିର୍ଦ୍ଦେଶନା କରିଥିଲେ । ସେ ଅଭିନୟ ଦର୍ପଣ ପାଠ୍ୟ ପୁସ୍ତକଟିକୁ ନେଇ ଏକ ଅଡ଼ିଓ-ଭିଜୁଆଲ ରୂପରେ ନୃତ୍ୟ ନିର୍ଦ୍ଦେଶନା କରିଥିଲେ । ଯେଉଁଥିରେ ସେ ଅଭିନୟ ଦର୍ପଣର ଲିଖିତ ତତ୍ତ୍ୱ ଓ ତା'ର ବ୍ୟବହାରିକ ମଧ୍ୟରେ ଥିବା ଦୂରତାକୁ ସୀମିତ କରିଥିଲେ ।



**ଚନ୍ଦ୍ରଲେଖା:** ଚନ୍ଦ୍ରଲେଖା ପ୍ରଥମ ନୃତ୍ୟଶିଳ୍ପୀ ଥିଲେ ଯିଏ ପାରମ୍ପରିକ ନୃତ୍ୟ ପଦ୍ଧତିକୁ ର ନାଟକୀୟ ଭାବରେ ପରିବର୍ତ୍ତନ ଆଣିଥିଲେ । ବିଭିନ୍ନ ଭାରତୀୟ ନୃତ୍ୟ, ଯୋଗ, କଲାରିପାୟ ଦର୍ଶନ ଶାସ୍ତ୍ର ଓ ସାହିତ୍ୟର ସମନ୍ୱୟ କରିଥିଲେ । ତାଙ୍କର ନୃତ୍ୟ ପ୍ରସ୍ତୁତି "ଆଙ୍ଗିକ" । ଯେଉଁଥିରେ ସେ ଅଭିନୟ ଦର୍ପଣରେ ଥିବା ସୂତ୍ର ଆଧାରିତ ନୃତ୍ୟ ସଂରଚନା କରିଥିଲେ । ଏଥିରେ ପାରମ୍ପରିକ ଭାରତନାଟ୍ୟରେ ଥିବା ମୌଳିକ ଉପାଦାନଗୁଡ଼ିକ ସହିତ କଲୋରିପାୟ ନୃତ୍ୟ ଉପାଦନର ସମନ୍ୱୟ ରକ୍ଷା କରି ନୃତ୍ୟ ସଂରଚନା କରିଥିଲେ ।

ଲିଲାବତୀ, ଭାସ୍କରାଚାର୍ଯ୍ୟଙ୍କ ଗଣିତ ସୂତ୍ର ଉପରେ ଆଧାରିତ ଥିବା ଏକ ନୃତ୍ୟ ନାଟିକା, ଯେଉଁଥିରେ ସଂଖ୍ୟା, ପ୍ରକୃତି ଓ କଳ୍ପନିକ ଭାବକୁ ନୃତ୍ୟ ସଂରଚନାରେ ବ୍ୟବହାର କରିଛନ୍ତି ।

ତାଙ୍କର ଅନ୍ୟ ଏକ ପ୍ରମୁଖ ନୃତ୍ୟନାଟିକାର ନାମ ହେଲା "ପ୍ରାଣ" ଯାହା "ନୃତ୍ୟରେ ବ୍ୟବହାର ହୋଇଥିବା ଶ୍ୱାସକ୍ରିୟା ଓ ଯୋଗ, ଉପରେ ଆଧାରିତ ଏକ ନୃତ୍ୟ । ପାଶ୍ଚାତ୍ୟ ଦେଶଗୁଡ଼ିକରେପରିବେଷଣ ହେଉଥିବା ଆଧୁନିକ ନୃତ୍ୟର ନୃତଶିଳ୍ପୀ ଓ ଅଭିନେତାମାନଙ୍କ ସହିତ ପରୀକ୍ଷା ମୂଳକ ନୃତ୍ୟ ପ୍ରସ୍ତୁତିରେ ଅଂଶ ଗ୍ରହଣ କରିଥିଲେ । ସେ ନୃତ୍ୟ ଉପରେ ଚଳଚ୍ଚିତ୍ର ନିର୍ମାଣ କରିବା ସହ ସେହି ବିଷୟଟିକୁ ମଧ ଲେଖିଥିଲେ । ତାଙ୍କ ଚଳଚ୍ଚିତ୍ର ମଧ୍ୟରେ :-


The myth of woman (1976) ଏବଂ 'Hasta' (୧୯୮୪) ପ୍ରମୁଖ ଅଟେ ।

## କୁମୁଦିନି ଲାଖିଆ:



ପ୍ରସିଦ୍ଧ କଥକ ନୃତ୍ୟଶିଳ୍ପୀ କୁମୁଦିନୀ ଲାଖିଆ ଏକ ନୂତନ ଦୃଷ୍ଟିକୋଣ ଆଣିବାରେ ଆଗ୍ରଣୀ ଭୂମିକା ନେଇଥିଲେ ।

ସେ ଥିଲେ ଜଣେ ପ୍ରସିଦ୍ଧ କଥକ ନୃତ୍ୟ ଶିଳ୍ପୀ ଓ ନୃତ୍ୟ ନିର୍ଦ୍ଦେଶିକା । ଯିଏ କଥକ ନୃତ୍ୟ ପଦ୍ଧତିରେ ଥିବା ଏକକ ନୃତ୍ୟ ପରମ୍ପରାକୁ ପରିବର୍ତ୍ତନ କରି ସାମୟିକ ବିଷୟବସ୍ତୁ ଉପରେ ଆଧାରିତ ଦଳଗତ ନୃତ୍ୟ ପରମ୍ପରା ସୃଷ୍ଟି କରି ଏକ ବିରାଟ ବିପ୍ଳବ ଆଣିଥିଲେ । ପାରମ୍ପରିକ ପରିବେଷଣରୁ ବାହାରକୁ ଯାଇ ସେ ପଚାରିଥିଲେ "ମୁଁ ଏଠାରୁ କେଉଁଠାକୁ ଯିବି" ? ଏହିପରି ତାଙ୍କର ପ୍ରଥମ ଅଭିନବ ନୃତ୍ୟ ନିର୍ଦ୍ଦେଶନାରେ ପ୍ରସ୍ତୁତ ନୃତ୍ୟ-ନାଟିକା ଥିଲା "ଅତଃ କମ୍" । ଅନ୍ୟାନ୍ୟ ସୃଜନଶୀଳ ନୃତ୍ୟ ଗୁଡ଼ିକ ହେଲା ଧାବକର (Pluse), ଦି କୋଟ (The coat) ଫେଦେର କ୍ଲଥ (Feathered cloth) ଇତ୍ୟାଦି ।



ସାମ୍ପ୍ରତିକ ପରିସ୍ଥିତର ବିଷୟବସ୍ତୁ ଆଧାରିତ କାହାଣୀ ଓ ତାର ସାରାଂଶକୁ ସମନ୍ୱୟ କରି ନୃତ୍ୟ ନିର୍ଦ୍ଦେଶନା କରିଥିଲେ ।

https://withteachers.in/

## କାର୍ଯ୍ୟକଳାପ- ୧୩.୨

ପରିବେଶ, ପରିଷ୍କାର ପରିଚ୍ଛନ୍ନତା କିମ୍ବା ଜଳବାୟୁ ପରିବର୍ତ୍ତନ ଭଳି ସାମାଜିକ ପ୍ରାସଙ୍ଗିକ ସହିତ ଜଡ଼ିତ ଥିବା, ଏକ ସାମ୍ପ୍ରତିକ ବିଷୟବସ୍ତୁଟିକୁ ବାଛନ୍ତୁ ।

ତୁମର ସୃଜନଶୀଳ ଚିନ୍ତାଧାରାକୁ ନୃତ୍ୟରେ ପ୍ରୟୋଗ କରନ୍ତୁ ।





ନୃତ୍ୟ ସଂରଚନା



**ଶିକ୍ଷକଙ୍କ ସୂଚନା:-** ସେହି ଅଞ୍ଚଳରେ ପ୍ରସିଦ୍ଧ ଥିବା ଗୀତ କିମ୍ବା ଛାତ୍ରଛାତ୍ରୀ ମାନେ ପରିଚିତ ଥିବା ଏକ ଗୀତକୁ ନେଇ ନୃତ୍ୟ ସଂରଚନା କରିବାପାଇଁ ପରାମର୍ଶ ଦିଅନ୍ତୁ ।



https://withteachers.in/

## ସମାବେଶି ନୃତ୍ୟଶିକ୍ଷା

ନୃତ୍ୟରେ ଅଂଶ ଗ୍ରହଣ କରିବା ଆଜିର ଯୁବସମାଜ ପାଇଁ ଏକ ଅତ୍ୟାବଶ୍ୟକୀୟ କାର୍ଯ୍ୟ ଅଟେ । ଅଧିକରୁ ଅଧିକ ନୃତ୍ୟ ଶିଳ୍ପୀ ଏପରି କାମ କରନ୍ତୁ ଯେପରି କି ନୃତ୍ୟ ଶିକ୍ଷଣ କାର୍ଯ୍ୟରେ ଭିନ୍ନକ୍ଷମ ଛାତ୍ରଛାତ୍ରୀ ମାନଙ୍କ ସହିତ ଅନ୍ୟ ସମସ୍ତ ବର୍ଗର ଛାତ୍ରଛାତ୍ରୀ ମାନଙ୍କ ପାଇଁ ଏକ ସମାନ ନୃତ୍ୟଶିକ୍ଷା ଉପଲବ୍ଧ କରାଇବେ । ନୃତ୍ୟ ଗୁରୁମାନେ ସବୁ ବୟସ ଓ ବିଭିନ୍ନ ଦକ୍ଷତା ଥିବା ଲୋକମାନଙ୍କ ସହିତ କାମ କରନ୍ତି । ବିନା କୌଣସି ବାଧାରେ ନୃତ୍ୟ ଗୁରୁମାନେ ସମସ୍ତଙ୍କ ପାଇଁ ଆନନ୍ଦ ଉପଯୋଗୀ ନୃତ୍ୟ ସୃଜନ କରିଥାନ୍ତି । ଜାତୀୟ ଟେଲିଭିଜନ ଓ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ (ବୈଷୟିକ ପ୍ଲାଟଫର୍ମ) ମାଧ୍ୟମରେ ତୁମେ ଭିନ୍ନକ୍ଷମ ପିଲାମାନଙ୍କ ଦ୍ୱାରା ନୃତ୍ୟ ପରିବେଷଣ ହୋଇଥିବାର ନୃତ୍ୟଗୁଡ଼ିକ ଦେଖିପାରିବ । ନୃତ୍ୟ ମଧ୍ୟରେ ଥିବା ଲିଙ୍ଗଗତ ଭେଦଭାବକୁ ଦୂରେଇ ଦେବା ।

ନୃତ୍ୟ ପରମ୍ପରାରେ ମୁଖ୍ୟତଃ ପୁରୁଷ ନୃତ୍ୟଶିଳ୍ପୀମାନଙ୍କ ଦ୍ୱାରା ନୃତ୍ୟ ପରିବେଷଣ କରାଯାଇଥିଲା କିନ୍ତୁ ବର୍ତ୍ତମାନ ନୃତ୍ୟରେ ନାରୀମାନଙ୍କ ପାଇଁ ମୁକ୍ତ ଅବସର ପ୍ରଦାନ କରାଯିବା ସହିତ ନୃତ୍ୟ କ୍ଷେତ୍ରରେ ନାରୀମାନେ ଏକ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିପାରିଛନ୍ତି । ଅଧିକାଂଶ ଲୋକନୃତ୍ୟରେ ପୁଅ, ଝିଅମାନେ ନିଜ ନିଜ ସହିତ ହାତ ଧରାଧରି ହୋଇ ନୃତ୍ୟ ପରିବେଷଣ କରିଥାନ୍ତି । ଏଥିରେ କୌଣସି ଲିଙ୍ଗଗତ ଭେଦଭାବ ନାହିଁ ।

ନୃତ୍ୟରେ ଥିବା ସୌନ୍ଦର୍ଯ୍ୟ ତତ୍ତ୍ୱ ଲୋକମାନଙ୍କୁ ଏକାଠି କରିବାର ଭୂମିକା ଗ୍ରହଣ କରିଥାଏ ।

ଏହା ହିଁ ଅନ୍ତର୍ନିବେଶୀ ଶିକ୍ଷା

ତୁମ ପାଇଁ ଆନ୍ତର୍ନିବେଶିର ଅର୍ଥ କ'ଣ ?

### କାର୍ଯ୍ୟକଳାପ- ୧୩.୩

*ସମସ୍ତଙ୍କ ପାଇଁ ନୃତ୍ୟ* ତୁମେ ଏପରି ଏକ ନୃତ୍ୟ ପରିକଳ୍ପନା କର, ଯେଉଁଥିରେ ଭିନ୍ନକ୍ଷମ ପିଲାମାନଙ୍କ ଶିଖିବା ପାଇଁ ସହଜ, ସୁନ୍ଦର ଓ ଆନନ୍ଦଦାୟକ ହୋଇପାରିବ ।

୨୬ ଜାନୁଆରୀ ୨୦୨୫ରେ ଭାରତ ତା'ର ୭୬ତମ ଗଣତନ୍ତ୍ର ଦିବସ ପାଳନ କରିବା ଅବସରରେ ସଂସ୍କୃତି ମନ୍ତ୍ରଣାଳୟ ଦ୍ୱାରା ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଗିନିଜବୁକ ରେକର୍ଡ଼ରେ ସ୍ଥାନ ପାଇଥିଲା । ନୂଆ ଦିଲ୍ଲୀର କର୍ତ୍ତବ୍ୟ ପଥ ଉପରେ ନୃତ୍ୟ ପରିବେଷଣ କରିବା ପାଇଁ ଭାରତର କୋଣ ଅନୁକୋଣର ୫୦୦୦ରୁ ଅଧିକ ଲୋକକଳା ଓ ଜନଜାତି କଳାକାରମାନଙ୍କର ଏକ ବିରାଟ ସମାବେଶ ହୋଇଥିଲା । ଗୋଟିଏ ମଞ୍ଚରେ ସମସ୍ତ ଜନଜାତି ଓ ଲୋକକଳାର ସମାବେଶ ଏକ ଉତ୍ସବଠାରୁ କ'ଣ ନଥିଲା । ଏହି ସ୍ମରଣୀୟ କାର୍ଯ୍ୟକ୍ରମ କେବଳ ଏକ ବିଶ୍ୱ ରେକର୍ଡ଼ ସ୍ଥାପନ କରିନଥିଲା ବରଂ ଅନ୍ତର୍ନିବେଶୀ ଶିକ୍ଷା ବା ଭାଇଚାରାର ଏକ ପ୍ରତୀକ ମଧ୍ୟ ଥିଲା କାରଣ ବିଭିନ୍ନ ସାଂସ୍କୃତିକ ଓ ଜନଜାତି ପୃଷ୍ଠଭୂମିରୁ ଆସିଥିବା କଳାକାରମାନେ ଗୋଟିଏ ମଞ୍ଚରେ ଅଂଶଗ୍ରହଣ କରି ବିବିଧତା ମଧ୍ୟରେ ଏକତା ସନ୍ଦେଶ ଦେଇଥିଲେ ।



https://withteachers.in/

## କାର୍ଯ୍ୟକଳାପ- ୧୩.୪ ପ୍ରେରଣାଦାୟକ ପରିବର୍ତ୍ତନ

ଭାରତର ସ୍ୱାଧୀନତା ଆନ୍ଦୋଳନ ସମୟରେ ଗୀତ ଓ ନୃତ୍ୟ ସମସ୍ତଙ୍କୁ ପ୍ରେରିତ କରିଥିଲା । ଲିଙ୍ଗଗତ ଭେଦଭାବଠାରୁ ଜଳବାୟୁ ପରିବର୍ତ୍ତନ ପର୍ଯ୍ୟନ୍ତ, ଜଟିଳ ବିଷୟବସ୍ତୁଗୁଡ଼ିକୁ ନେଇ ନୃତ୍ୟରେ ରୂପାନ୍ତରିତ କରଥିଲା । ଯାହାକୁ ଦର୍ଶକମାନେ ସହଜ ଓ ଆନନ୍ଦରେ ଗ୍ରହଣ କରି ପାରିବେ । ଏହି ବିଷୟ ବସ୍ତୁଗୁଡ଼ିକରେ ଥିବା ରୌଦ୍ର ଭାବକୁ ଶରୀରର ଉଦ୍ଧତ ଅଙ୍ଗ ଚାଳନା ଦ୍ୱାରା ପ୍ରଭାବଶାଳୀ ନୃତ୍ୟ ପରିବେଷଣ କରିପାରିବେ ।

ଉଦାହରଣ ସ୍ୱରୂପ: ଇମ୍ଫାଲରେ ଥିବା ପ୍ରମୁଖ ମଣିପୁରୀ ନୃତ୍ୟ ଅନୁଷ୍ଠାନ, JNMDA । ୧୯୮୫ ମସିହାରେ ଏମ୍.କେ. ବିନୋଦନୀ ଦେବୀଙ୍କ ଲିଖିତ ପଣ୍ଡୁଲିପିରେ, ପରିବେଶବାଦ ଉପରେ ଆଧାରିତ ବିଷୟବସ୍ତୁ ନେଇ ସେମାନେ "କେଇବୁଲ କାମଦଓ" ନାମ ଏକ ପ୍ରସିଦ୍ଧ ନୃତ୍ୟ-ନାଟିକାକୁ ପ୍ରସ୍ତୁତ କରିଥିଲେ ।



ଯାହା ସାଙ୍ଗାଇ ହରିଣମାନଙ୍କର ସଂରକ୍ଷଣକୁ ଦର୍ଶାଇଥାଏ ।

ନୃତ୍ୟ ତୁମକୁ ଭିନ୍ନ ଭିନ୍ନ ଚିନ୍ତାବ୍ୟକ୍ତ କରିବା ପାଇଁ ଏକ ସୁନ୍ଦର ଅବସର ପ୍ରଦାନ କରେ ଏବଂ ତୁମ ଚିନ୍ତା ପରିସରରୁ ଉର୍ଦ୍ଧ୍ୱକୁ ଯାଇ ମଧ୍ୟ ଚିନ୍ତା କରିବାରେ ପ୍ରେରଣା ଯୋଗାଇଥାଏ । ନୃତ୍ୟ ପରିବେଷଣ ମାଧ୍ୟମରେ ଦୁନିଆକୁ ଅଧିକ କରୁଣା ଓ ପ୍ରେମମୟ ରୂପେ ଉପସ୍ଥାପନା କରିବା ।

ତୁମେ ତୁମେର ନୃତ୍ୟ ଦ୍ୱାରା କେଉଁ ପରିବର୍ତ୍ତନ ଆଣି ପାରିବ ?



## କାର୍ଯ୍ୟକଳାପ- ୧୩.୫ ଲିଙ୍ଗଗତ ଭେଦଭାବ ଉର୍ଦ୍ଧ୍ୱରେ ନୃତ୍ୟ

ଆଜିକାଲି ଅନେକ ସମଲିଙ୍ଗୀ କଳାକାରମାନେ ନୃତ୍ୟ ପରିବେଷଣ କରୁଛନ୍ତି । ଜଣେ ସମଲିଙ୍ଗୀ କଳାକାରଙ୍କ ସମ୍ପର୍କରେ ଏକ ଗବେଷଣା କରନ୍ତୁ ଏହାକୁ ଏକ ପତ୍ରିକାରେ ଉପସ୍ଥାପନା କର ।



https://withteachers.in/

# ମୂଲ୍ୟାୟନ

## ଅଧ୍ୟାୟ ୧୨ : ନୃତ୍ୟ ଓ ସୁସ୍ଥତା

| ଶୈକ୍ଷିକ ଲକ୍ଷ୍ୟ | ଦକ୍ଷତା | ଶିକ୍ଷଣ ଫଳାଫଳ | ଶିକ୍ଷକ | ନିଜେ |
|---|---|---|---|---|
| ୨ | ୨.୧ | କିପରି ସମରକଳା ସହିତ ସମନ୍ୱୟ ରକ୍ଷା କରି ନୃତ୍ୟ ପରିବେଷଣ କରିବା ପଦ୍ଧତିକୁ ବୁଝିବେ ଏବଂ ନୃତ୍ୟ ପରିବେଷଣର କିପରି ଭାବ ଓ ଅଙ୍ଗଚାଳନାର ଅର୍ଥପୂର୍ଣ୍ଣ ବ୍ୟବହାରକୁ ମଧ୍ୟ ଜାଣିବେ । | | |
| ୨ | ୨.୧ | ସମ୍ପ୍ରାତିକ ସମାଜ ବା ସାଂସ୍କୃତିକରେ ଘଟୁଥିବା ଘଟଣାବଳିକୁ ଅନୁସନ୍ଧାନ କର । ସେହି ବିଷୟବସ୍ତୁ ଆଧାରିତ ଗୋଟିଏ ନୃତ୍ୟ ପରିକଳ୍ପନା କରିବେ ଯାହା ପିଲାମାନଙ୍କ ତର୍କିକ ଚିନ୍ତା ଓ ଦୂର ଦୃଷ୍ଟିକୁ ବୃଦ୍ଧି କରିବେ । | | |
| ୨ | ୨.୧ | ବିଭିନ୍ନ କ୍ଷେତ୍ର ଓ ସମ୍ପ୍ରଦାୟରେ ଅଭ୍ୟାସ କରାଯାଇଥିବା ନୃତ୍ୟ ବିବିଧଗୁଡ଼ିକ କିପରି ଅନ୍ତର୍ଭୁକ୍ତ କରାଯାଇପାରିବ ତାହାକୁ ଅନୁସନ୍ଧାନ କରିବେ ଏବଂ ସେଗୁଡ଼ିକ କୌତୁହଳ ଓ ଖୋଲା ମନୋଭାବ ଦ୍ୱାରା ପ୍ରଦର୍ଶନ କରିବେ । | | |
| ୩ | ୨.୧ | କୌତୁହଳ ପରିସ୍ଥିତିରେ ସୃଷ୍ଟି ହେଉଥିବା ଏକ ବିଷୟବସ୍ତୁକୁ ନେଇ ଏକ ଅଭିନବ ନିର୍ଦ୍ଦେଶନାର ପରିକଳ୍ପନା କର ଏବଂ ନିଜର ନୃତ୍ୟ ସଂରଚନାରେ ନୃତ୍ୟର ମୌଳିକ ଓ ସୃଜନଶୀଳ ଉପାଦାନକୁ ବ୍ୟବହାର କରିବେ । | | |
| ୪ | ୪.୨ | ନିଜେ ଏକ ଗବେଷଣା କରନ୍ତୁ ଏବଂ ସମଲିଙ୍ଗୀ ନୃତ୍ୟଶିଳ୍ପୀ ପାଇଁ ବିସ୍ତୃତ ଅଧ୍ୟୟନ କରନ୍ତୁ କିମ୍ବା ପତ୍ରିକାରେ ଉପସ୍ଥାପନା କର, ନୃତ୍ୟ କ୍ଷେତ୍ରରେ ସେମାନଙ୍କର ଅବଦାନ ଏବଂ ନୃତ୍ୟରେ ବିବିଧତାକୁ ପ୍ରୋତ୍ସାହିତ କରିବାରେ ତାତ୍ତ୍ୱିକ ବିଶ୍ଳେଷଣ କରିବେ । | | |

**ଶିକ୍ଷକଙ୍କ ମତାମତ ଏବଂ ଛାତ୍ରଙ୍କ ପର୍ଯ୍ୟବେକ୍ଷଣ**

---

---

https://withteachers.in/

# ୧୪ ନୃତ୍ୟ ପରିବେଷଣ ପାଇଁ ନୃତ୍ୟ ସଂରଚନା


ତୁମେ ଏବେ, ନାଟ୍ୟଶାସ୍ତ୍ର ଓ ଅଭିନୟ ଦର୍ପଣ ସହିତ ପରିଚିତ । ପ୍ରାଚୀନ କାଳରେ ଏଗୁଡ଼ିକ ରଚନା କରାଯାଇଥିଲା, ସେତେବେଳେ, ନୃତ୍ୟକୁ ସାଧାରଣତଃ ନୃତ୍ତ, ନୃତ୍ୟ ଓ କୁହାଯାଉଥିଲା ବେଳେ ନୃତ୍ୟ-ନାଟିକାକୁ ନାଟ୍ୟ କୁହାଯାଉଥିଲା ।

ତୁମେ କେବେ ଭାବିଛ କି ନୃତ୍ୟର ଉତ୍ପତ୍ତି କେମିତି ହେଲା ?

ଯଦି ତୁମେ ତୁମର ଷଷ୍ଠ ଶ୍ରେଣୀ, କଳା ପାଠ୍ୟପୁସ୍ତକରେ ଥିବା ନାଟକ ବିଭାଗଟିକୁ ପଢ଼ିଛ । ତେବେ ତୁମେ ପ୍ରଦର୍ଶନ କଳାର ସୃଷ୍ଟି ବିଷୟରେ ଏକ ଆକର୍ଷଣୀୟ କାହାଣୀକୁ ମନେ ପକାଇବ । ସେହିପରି ଅଭିନୟ ଦର୍ପଣରୁ ନୃତ୍ୟର ସୃଷ୍ଟି ବିଷୟରେ ଏବେ ଜାଣିବା ।



କୁହାଯାଏ ଯେ, ସ୍ୱୟଂ ବ୍ରହ୍ମା ଚାରୋଟି ବେଦରୁ ସାର ତତ୍ତ୍ୱକୁ ନେଇ ଅନ୍ୟ ଏକ ବେଦ ରଚନା କରିଥିଲେ । ତାହାକୁ ପ୍ରାୟତଃ ପଞ୍ଚମବେଦ/ନାଟ୍ୟବେଦ କୁହାଯାଏ ।




ବ୍ରହ୍ମା, ଋଷି ଭରତ ମୁନିଙ୍କୁ ନାଟ୍ୟବେଦ ଅର୍ପଣ କରିଥିଲେ । ଯିଏ, ନୃତ୍ତ, ନୃତ୍ୟ ଓ ନାଟ୍ୟ ଏହି ତିନୋଟି ପଦ୍ଧତିକୁ ଅଧ୍ୟୟନ କରିବାରେ ପାରଙ୍ଗମ ଥିଲେ ।

https://withteachers.in/

ଭରତ ମୁନି ତାଙ୍କର ଶିଷ୍ୟ, ଗାନ୍ଧର୍ବ ଗଣ (ସ୍ୱର୍ଗରେ ରହୁଥିବା ସଙ୍ଗୀତଜ୍ଞ) ଏବଂ ଅପସରା (ସ୍ୱର୍ଗରେ ନୃତ୍ୟ କରୁଥିବା ନର୍ତ୍ତକୀ) ଗଣମାନଙ୍କୁ ନେଇ ପ୍ରଥମେ ନାଟ୍ୟ ପରିବେଷଣ କରିଥିଲେ ।

ସେହି ସମୟରେ, ମହାନ ନୃତ୍ୟ ଶିଳ୍ପୀ ଶିବ ମଧ୍ୟ ଦର୍ଶକଙ୍କ ଗହଣରେ ଉପସ୍ଥିତ ଥିଲେ ।





ସେ ଏହି ପ୍ରଦର୍ଶନ ଦେଖି ଏତେ ଖୁସି ହେଲେ ଯେ, ଭରତ ମୁନିଙ୍କୁ ତାଙ୍କର ସର୍ବୋତ୍ତମ/ପ୍ରିୟ ତଣ୍ଡୁ (ପରିଚାରକ) ସହିତ ତାଣ୍ଡବ ନାମକ ଏକ ବିଶେଷ ନୃତ୍ୟ ଶିକ୍ଷା ଦେଇଥିଲେ । ପରବର୍ତ୍ତୀ ସମୟରେ ମହାଦେବଙ୍କ ଗଣ, ତଣ୍ଡୁ ଋଷିମାନଙ୍କୁ ଏହି ନୃତ୍ୟ ଶିକ୍ଷା ପ୍ରଦାନ କଲେ ପରେ ଏହି ଋଷିମାନେ ମର୍ତ୍ତ୍ୟ ବସବାସ କରୁଥିବା ସାଧାରଣ ଲୋକମାନଙ୍କୁ ଏହି ଶିକ୍ଷା ଦେଇ ଥିଲେ ।

https://withteachers.in/



ଅନ୍ୟ ପକ୍ଷରେ ଦେବୀ ପାର୍ବତୀ ଭରତ ମୁନିଙ୍କୁ ଏକ କୋମଳ ଓ ଲାଳିତ୍ୟ ଅଙ୍ଗ ଭଙ୍ଗୀର ନୃତ୍ୟ ପ୍ରଶିକ୍ଷଣ ଦେଇଥିଲେ ଯାହା ଲାସ୍ୟ ନାମରେ ପ୍ରସିଦ୍ଧ ।

ଦେବୀ ପାର୍ବତୀ ମଧ୍ୟ ରାଜା ବାଣାଶୁରଙ୍କ କନ୍ୟା ଉଷାଙ୍କୁ ଏହି ଲାସ୍ୟ ନୃତ୍ୟ ଶିକ୍ଷା ଦେଇଥିଲେ । ପରେ ଉଷା ଦ୍ୱାରକାର ଗୋପୀମାନଙ୍କୁ ଏହି ନୃତ୍ୟ ଶିଖାଇଥିଲେ, ପରବର୍ତ୍ତୀ ସମୟରେ ସେହି ଗୋପୀମାନେ ସୌରାଷ୍ଟ୍ରର ରମଣୀମାନଙ୍କୁ ଏହି ନୃତ୍ୟ ଶିକ୍ଷା ଦେଲେ ।

ଏହିଭଳି ଭାବରେ ଅଧିକରୁ ଅଧିକ ଲୋକମାନେ ଏହି ନୃତ୍ୟ ଶିଖିବା ଫଳରେ ପୃଥିବୀ ପୃଷ୍ଠରେ ଏହି କଳାର ପ୍ରଚାର, ପ୍ରସାର ହୋଇଥିଲା ।



ଭାରତୀୟ ନୃତ୍ୟ ପଦ୍ଧତିରେ କାହାଣୀ କହିବା ପାଇଁ କିମ୍ବଦନ୍ତୀ ବିଷୟବସ୍ତୁ ଏକ ପ୍ରମୁଖ ଉତ୍ସ । ପୁରାଣ, ଜାତକ କାହାଣୀ, ପଞ୍ଚତନ୍ତ୍ର ଇତ୍ୟାଦିରେ ଥିବା ସୁନ୍ଦର କାହାଣୀ ବର୍ଣ୍ଣନା କରାଯାଇଛି । କାହାଣୀ ଗୁଡ଼ିକ ପ୍ରଦର୍ଶନ ଅତି ଚମତ୍କୃତ ଓ ଏଥିରେ ଗଭୀର ନୈତିକତାର ବାର୍ତ୍ତା ବହନ କରେ ।

ବର୍ତ୍ତମାନ ସମୟ ଅନୁସାରେ ବ୍ୟାଖ୍ୟା କଲେ ଏହି କାହାଣୀଗୁଡ଼ିକ ଆଜି ମଧ୍ୟ ପ୍ରାସଙ୍ଗିକ ଅଟେ ।



https://withteachers.in/

ସ୍ୱର୍ଗରୁ ମର୍ତ୍ତ୍ୟଲୋକକୁ ମାତା ଗଙ୍ଗାଙ୍କ ଅବତରଣ କରିଥିବା ବିଷୟରେ ତୁମେ ଦୃଶ୍ୟକଳା ମାଧ୍ୟମରେ ଶିଖିଛ । ଏହା ପୃଥିବୀରେ ଜୀବନ ଧାରଣ ପାଇଁ ନଦୀମାନଙ୍କର ଗୁରୁତ୍ୱ ବିଷୟରେ ଏକ ପ୍ରଭାବଶାଳୀ କଥା ବସ୍ତୁ ଅଟେ । କିନ୍ତୁ ଯଦି ତୁମେ ଏହାକୁ ଅଧିକ ଧ୍ୟାନପୂର୍ବକ ପଢ଼ିବ, ତେବେ ତୁମେ ବୁଝିପାରିବ ଯେ, ଏଥିରେ ଗୁଢ଼ ରହସ୍ୟ ଅଛି ଯାହା ଆମକୁ ଭଲ ଶିକ୍ଷା ଦିଏ ।

ଏହି ଗଳ୍ପଟିରେ ପ୍ରଦର୍ଶିତ କରେ:-

(i) ଏହି ଘଟଣାରେ ମାତା ଗଙ୍ଗା ଦେବୀଙ୍କୁ ଜଣେ ନାରୀ ଶକ୍ତିର ପ୍ରତୀକ ଓ ଦୃଢ଼ ସଂକଳ୍ପ ରୂପରେ ଦେଖାଯାଏ ।

(ii) ପ୍ରକୃତିରେ କିପରି ବିଭିନ୍ନ ଉପାଦାନ, ସ୍ୱର୍ଗର ଦେବତାଗଣ ସମେତ ସମସ୍ତେ କିଛି ଭଲ କାର୍ଯ୍ୟ ପାଇଁ ଏକାଠି କାମ କରିବା ଆବଶ୍ୟକ ଉଦାହରଣ ସ୍ୱରୂପ: ଗଙ୍ଗାମାତା ଯେତେବେଳେ ପୃଥିବୀ ପୃଷ୍ଠକୁ ଅବତରଣ କରିବାକୁ ଯାଉଥିଲେ, ସେତେବେଳେ ତାଙ୍କର ବେଗ ଏତେ ପ୍ରଖର ଥିଲା ଯେ, ପୃଥିବୀକୁ ମଧ୍ୟ ଧ୍ୱଂସ କରିଦେଇଥାନ୍ତି । ତେଣୁ ମହାଦେବ (ଶିବ) ତାଙ୍କର ଜଟାରେ ଗଙ୍ଗାମାତାଙ୍କୁ ଧାରଣ କରି ପ୍ରଥମେ ତାଙ୍କର ପ୍ରଖର ବେଗକୁ ନିୟନ୍ତ୍ରଣ କଲେ, ପରେ ଆସ୍ତେ ଆସ୍ତେ ଗଙ୍ଗାମାତାଙ୍କୁ ପୃଥିବୀ ପୃଷ୍ଠକୁ ଅବତରଣ କରାଇ ଥିଲେ ।

(iii) ରାଜା ଭାଗୀରଥଙ୍କ ଅତୁଟ ବିଶ୍ୱାସ ଓ କଠିନ ପରିଶ୍ରମର ଏକ ଉତ୍ତମ ଉଦାହରଣ ଅଟେ ।

(iv) ଆଜିକାଲି ନଦୀମାନେ କିପରି ଦୟନୀୟ ଅବସ୍ଥାରେ ଅଛନ୍ତି ଏବଂ ସେମାନେ କିପରି ପ୍ରଦୂଷିତ ହେଉଛନ୍ତି ।

(v) ନଦୀମାନଙ୍କୁ କିପରି ସମ୍ମାନ ଦିଆଯିବ ଏବଂ ସେମାନଙ୍କର ପରିଷ୍କାର ଓ ପବିତ୍ର ରଖାଯିବ ।

ଯଦି ଏହି କାହାଣୀକୁ ନେଇ ଏକ ନୃତ୍ୟ ନାଟିକା ପ୍ରସ୍ତୁତ କରାଯାଏ, ତେବେ କ'ଣ କରିବେ ?

## ଏକ ନୃତ୍ୟର କଥା...
## ନୃତ୍ୟ ପ୍ରସ୍ତୁତି ପାଇଁ ଏକ ନୃତ୍ୟ ସଂରଚନା କରିବା:-

ଏକ କିମ୍ବଦନ୍ତୀ କିମ୍ବା ଐତିହାସିକ କାହାଣୀ ବିଷୟବସ୍ତୁଟିକୁ ଚିନ୍ତା କର ଯାହାକୁ ନେଇ ତୁମେ ସମସାମୟିକ ଦୁନିଆରେ ପ୍ରଦର୍ଶିତ କରିପାରିବ । ବର୍ତ୍ତମାନ ସମୟ ସହିତ ଏହାକୁ ତୁଳନାତ୍ମକ ବ୍ୟାଖ୍ୟା କରିବେ ଏବଂ କାହାଣୀ ଗୁଡ଼ିକ ପ୍ରଦର୍ଶିତ କରିବା ପାଇଁ ଏକ ନୃତ୍ୟ ପ୍ରସ୍ତୁତିର ଯୋଜନା କରିବେ ।

### ପର୍ଯ୍ୟାୟ-୧ : ଯୋଜନା ଓ ପ୍ରାକ୍-ପ୍ରସ୍ତୁତି

**ମାନସ ମନ୍ଥନ ପାଇଁ ସମୟ:**

୧. ପ୍ରସଙ୍ଗ ଆଧାରିତ ବିଷୟବସ୍ତୁ କିମ୍ବା କାହାଣୀ:

- ତୁମର ନୃତ୍ୟ ପ୍ରସ୍ତୁତି କେଉଁ ବିଷୟବସ୍ତୁ ଉପରେ ଆଧାରିତ ?
- ଗୋଟିଏ ପୌରାଣିକ, କିମ୍ବଦନ୍ତୀ କିମ୍ବା ଐତିହାସିକ କାହାଣୀଟିକୁ ବାଛିବେ, ଏବଂ ଆଜିର ପରିସ୍ଥିତି ଅନୁଯାୟୀ ନୂତନ ଢଙ୍ଗରେ ନୃତ୍ୟ ପ୍ରସ୍ତୁତି କରିବେ ।
- ତୁମେ ନିଜେ ଗୋଟିଏ ପାଣ୍ଡୁଲିପି ଲେଖିବ କିମ୍ବା ଆଗରୁ ଲେଖି ହୋଇଥିବା ପାଣ୍ଡୁଲିପିକୁ ବ୍ୟବହାର କରିପାରିବ ।
- ପ୍ରତ୍ୟେକ ନୃତ୍ୟ ପରିବେଷଣ ମାଧ୍ୟମରେ କାହାଣୀର ଛୋଟ ଛୋଟ ଅଂଶକୁ ଦେଖାଇ ପାରିବ କି ?
- କେତୋଟି ନୃତ୍ୟ ଖଣ୍ଡକୁ ଅନ୍ତର୍ଭୁକ୍ତ କରିବ ?

**୨. ନୃତ୍ୟ ଶୈଳୀ ଓ ଦଳ**

- ତୁମେ କେଉଁ ଶୈଳୀ କିମ୍ବା ନୃତ୍ୟ ଶୈଳୀ ଗୁଡ଼ିକ ଯୋଡ଼ିବ । ନିଶ୍ଚିତ କରିବ ଯେପରି ଏହି ବିଷୟବସ୍ତୁ ସହିତ ନୃତ୍ୟଟି ମେଳ ଖାଇବ ?
- ତୁମର କେତୋଟି ନୃତ୍ୟ ଦଳ ଅଛି ? ଏବଂ ପ୍ରତ୍ୟେକ ଦଳରେ କେତେଜଣ ପିଲା ଅଛନ୍ତି ?
- ତୁମେ ନୃତ୍ୟ ଉପକରଣଗୁଡ଼ିକୁ ନୃତ୍ୟରେ ବ୍ୟବହାର କରିବାକୁ ଚାହିଁବ କି ?

https://withteachers.in/

### ୩. ସଙ୍ଗୀତ ବିଭାଗ

- ତୁମ ବିଷୟବସ୍ତୁ ଓ ନୃତ୍ୟଶୈଳୀ ସହିତ ମେଳ ଖାଉଥିବା ଏକ ସୁନ୍ଦର ସଙ୍ଗୀତକୁ ବାଛ ?
- ତୁମେ ପୂର୍ବରୁ ରେକର୍ଡ଼ କରାଯାଇଥିବା ଟ୍ରାକ ଗୁଡ଼ିକୁ ବ୍ୟବହାର କରି ପାରିବ, ନିଜସ୍ୱ ସଙ୍ଗୀତ ସଂରଚନା କରି ପାରିବ କିମ୍ବା ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ରଙ୍ଗମଞ୍ଚରେ ପ୍ରତ୍ୟକ୍ଷ ସଙ୍ଗୀତ ପରିବେଷଣ କରିବା, ପର୍ଯ୍ୟାୟକୁ ଅନ୍ତର୍ଭୁକ୍ତ କରିପାରିବେ ।

### ୪. ଭୂମିକା ଓ ଦାୟିତ୍ୱ

- ନୃତ୍ୟ ସଂରଚନା/ନିର୍ଦ୍ଦେଶନା: ନୃତ୍ୟ ପରିକଳ୍ପନା କରିବେ, ଅଭ୍ୟାସ କରୁଥିବା ନୃତ୍ୟ ଦଳର ନେତୃତ୍ୱ ନିଅନ୍ତି ।
- ପରିବେପଣକାରୀ: ନର୍ତ୍ତକ ଏବଂ ଅଭିନେତା
- ନିର୍ଦ୍ଦେଶକ କିମ୍ବା ସଂଯୋଜକ: ସବୁକିଛି ସୁଗମ/ଠିକ୍ ଭାବରେ କାମଟିକୁ ପରିଚାଳନା କରିଥାନ୍ତି ।
- ପଣ୍ଡୁଲିପି ଲେଖକ: ସଂଳାପ ଓ ଗୀତଟିକୁ ଲେଖନ୍ତି ।
- ସଙ୍ଗୀତ ନିର୍ଦ୍ଦେଶକ: ଦର୍ଶକ ଉପରେ ପ୍ରଭାବ ପକାଉ ଥିବା ଗୋଟିଏ ନିଜସ୍ୱ ସଙ୍ଗୀତ ରଚନା କରନ୍ତି କିମ୍ବା ଗୀତଟିକୁ ବାଛନ୍ତି ।
- ମଞ୍ଚ ସଜ୍ଜା ଏବଂ ନୃତ୍ୟ ଉପକରଣ ପ୍ରସ୍ତୁତକାରୀ – ରଂଗମଞ୍ଚ ସାଜସଜ୍ଜା କରିବେ ଏବଂ ନୃତ୍ୟରେ ବ୍ୟବହୃତ ଉପକରଣ ଗୁଡ଼ିକ ଉପରେ ଧ୍ୟାନ ଦେବେ ।
- ଆଲୋକ ସଂପାଦନ ଓ ବୈଷୟିକ ଦଳ:
  ଆଲୋକ, ଧ୍ୱନି, ଶବ୍ଦ ଓ ପ୍ରଯୁକ୍ତିକ ବିଦ୍ୟାର ପ୍ରୟୋଗକୁ ନୃତ୍ୟରେ ସୁବ୍ୟବସ୍ଥିତ କରନ୍ତି ।
- ବେଶଭୂଷା ପ୍ରସ୍ତୁତକାରୀ
- ଚରିତ୍ରମାନଙ୍କ ଅନୁସାରେ ବେଶଭୂଷା ଯୋଜନା କରନ୍ତି ।
- ମାର୍କେଟିଂ ଦଳ: ତୁମ ନୃତ୍ୟ ପରିବେଷଣକୁ ଚାରିଆଡ଼େ ପ୍ରଚାର ପ୍ରସାର କରିଥାନ୍ତି ।

### ୫. ଅନ୍ୟାନ୍ୟ ବିଷୟରେ ଏହି ଜ୍ଞାନକୁ ବ୍ୟବହାର କର ।

- ନାଟକ: ପାଣ୍ଡୁଲିପି ଲେଖିବା, ଅଭିନୟ ଓ ସଂଳାପ ପାଇଁ
- ଦୃଶ୍ୟକଳା: ମଞ୍ଚ ସାଜସଜ୍ଜା ପରିକଳ୍ପନା କରିବା, ବେଶଭୂଷା ଓ ନୃତ୍ୟ ଉପକରଣ ପ୍ରସ୍ତୁତି ପାଇଁ
- ସଙ୍ଗୀତ: ପ୍ରତ୍ୟକ୍ଷ ବାଦ୍ୟଯନ୍ତ୍ର ଗୁଡ଼ିକର ପରିବେଷଣ, ଗୀତ ଏବଂ ପ୍ରଚ୍ଛଦ ସଙ୍ଗୀତ ।
- ଗଣିତ ଓ ଗଣନା: ଆୟ-ବ୍ୟୟ ଯୋଜନା, ସମୟ କିମ୍ବା ଆଲୋକ ସଂପାଦନ ସମୟରେ ଆଲୋକ ରଶ୍ମିକୁ ଅଦଳ ବଦଳ କରିବପାଇଁ ଯେଉଁ ବିଶେଷ ମୁହୂର୍ତ୍ତ ଥାଏ । ତାହାକୁ ସଙ୍କେତକୁ ଗଣନା ଭାବେ ବ୍ୟବହାର କରିପାରିବେ ।

### ୬. ସ୍ଥାନ ଓ ତାରିଖ

- ତୁମେମାନେ ନୃତ୍ୟ ପରିବେଷଣ କେଉଁଠାରେ କରିବ ?
- ତୁମେମାନେ ନୃତ୍ୟ ଅଭ୍ୟାସ ପାଇଁ ସମୟସୂଚୀ ଏବଂ ନୃତ୍ୟ ପରିବେଷଣର ତାରିଖ ସ୍ଥିର କରିବ ।

## ପର୍ଯ୍ୟାୟ-୨ : ନୃତ୍ୟ ସଂରଚନା ଓ ଅଭ୍ୟାସ

### ୧. ନୃତ୍ୟ ସଂରଚନା ପର୍ଯ୍ୟାୟଗୁଡ଼ିକ:-

- କାହାଣୀର ଦୃଶ୍ୟ କିମ୍ବା ମୁହୂର୍ତ୍ତଗୁଡ଼ିକୁ ତୁମେ ବିଭକ୍ତ କରିବେ ।
- ପ୍ରତ୍ୟେକ ଚରିତ୍ର କିମ୍ବା ଦୃଶ୍ୟ ପାଇଁ ବ୍ୟବହୃତ ନୃତ୍ୟଗତିବିଧି ଓ ଭାବଗୁଡ଼ିକୁ ଅନୁସନ୍ଧାନ କରିବେ ।
- ନୃତ୍ୟରେ ବ୍ୟବହୃତ ବିଭିନ୍ନ ପ୍ରକାର ମୌଳିକ ଉପାଦାନ, ଯେପରି ସ୍ଥାନକ, ଚାରି, ହସ୍ତମୁଦ୍ରା, ଭଙ୍ଗୀ ଆଦିକୁ ବ୍ୟବହାର କରି ନୃତ୍ୟରେ ଏକ ସୃଜନଶୀଳ ସ୍ପର୍ଶ ଦିଅନ୍ତୁ ।
- ସେମାନେ ନୃତ୍ୟ କରୁଥିବା କାହାଣୀର ସମସ୍ତ ଅଂଶରେ ବ୍ୟବହାର ହୋଇଥିବା, ଶ୍ୱାସକ୍ରିୟାର ଚଳନ ଓ ତାଳ ବିଷୟ ଗୁଡ଼ିକୁ ନିରବତା ସହିତ ଚିନ୍ତା କରନ୍ତୁ ।



https://withteachers.in/

**୨ . ନୃତ୍ୟ ସଂରଚନାର ଶିକ୍ଷଣ ପ୍ରକ୍ରିୟା ଓ ପୂର୍ବ ଅଭ୍ୟାସ**

- ନିର୍ଦ୍ଦିଷ୍ଟ ଲକ୍ଷ୍ୟ ସହିତ ନିୟମିତ ନୃତ୍ୟ ଅଭ୍ୟାସର କାର୍ଯ୍ୟସୂଚୀ କରିବେ ।
- ଦଳଗତ ନୃତ୍ୟଗୁଡ଼ିକରେ ସବୁବେଳେ ଦଳରେ ହିଁ ନୃତ୍ୟ ଶିକ୍ଷା ଦେବେ ।
- ନୃତ୍ୟରେ ନୃତ୍ୟଶିକ୍ଷାର୍ଥୀମାନେ ବିଭିନ୍ନ ଆକର୍ଷଣୀୟ ଆକୃତି ଗଠନ ଓ ଦଳ ଗଠନର ପ୍ରକ୍ରିୟାକୁ ବୁଝିବେ ।
- ପ୍ରବେଶ ଓ ପ୍ରସ୍ଥାନ ପଥଗୁଡ଼ିକୁ ସବୁବେଳେ ସୁଗମ ଓ ସଂଯୁକ୍ତ ରଖନ୍ତୁ ।
- ଆବଶ୍ୟକ ଅନୁଯାୟୀ ନୃତ୍ୟଗୁଡ଼ିକୁ ଦେଖିବେ, ସମୀକ୍ଷା କରିବେ ଏବଂ ସଂଶୋଧନ କରିବେ ।

**୩. ପ୍ରସ୍ତୁତିର ପରିକଳ୍ପନା** (Production design):

- ନୃତ୍ୟରେ ବ୍ୟବହୃତ ନୃତ୍ୟ ଉପକରଣ, ବେଶଭୂଷା, ଆଲୋକ ଏବଂ ଧ୍ୱନି ଗୁଡ଼ିକର ଶେଷ ପର୍ଯ୍ୟାୟରେ ଚୂଡ଼ାନ୍ତ କରିବେ ।
- ସଂପୂର୍ଣ୍ଣ ବେଶ ସଜ୍ଜା ଓ ସଙ୍ଗୀତ ସହିତ ନୃତ୍ୟ ଅଭ୍ୟାସ କରିବେ ଯାହାକୁ ଡ୍ରେସ୍ ଅଭ୍ୟାସ (dress rehearshal) କୁହାଯାଏ ।
- ରଙ୍ଗମଞ୍ଚର ପ୍ରଚ୍ଛଦ ଭାଗରେ ବ୍ୟବହୃତ ହେଉଥିବା ବିଭିନ୍ନ ଉପାଦାନ ଓ ପ୍ରଯୁକ୍ତି ବିଦ୍ୟାର କୌଶଳ ଗୁଡ଼ିକ ସହିତ ନୃତ୍ୟର ପୂର୍ବ ଅଭ୍ୟାସ କରିବେ ।

ଦ୍ୱିତୀୟ ପର୍ଯ୍ୟାୟରେ ସମ୍ପାଦିତ ହୋଇଥିବା ବିଭିନ୍ନ କାର୍ଯ୍ୟଗୁଡ଼ିକୁ ଏକକାଳୀନ ପ୍ରଦର୍ଶିତ ହୋଇପାରେ । କିନ୍ତୁ ମନେରଖନ୍ତୁ, ଯେକୌଣସି ନୂତନ କାର୍ଯ୍ୟ ବା ସୃଜନାତ୍ମକ କାର୍ଯ୍ୟ ଆରମ୍ଭ କରିବା ପୂର୍ବରୁ ଉତ୍ତମ ଯୋଜନା ଓ ପ୍ରାକ୍-ପ୍ରସ୍ତୁତି ଅତ୍ୟନ୍ତ ଜରୁରୀ ଅଟେ । ଗୋଟିଏ ଘର ତିଆରି କରିବା ପୂର୍ବରୁ ଆମ୍ଭେମାନେ ଶକ୍ତିଶାଳୀ ଭିତ୍ତିଭୂମି ସ୍ଥାପନ ପାଇଁ ଗଭୀର ଖନନ କରିଥାଉ । ଯଦି ତୁମଘର ଭିତ୍ତିଭୂମି ସୁଦୃଢ଼ ଥିବ, ତେବେ ତୁମର ନିର୍ମାଣ ପ୍ରକ୍ରିୟାରେ ଥିବା ଗଠନ ଗୁଡ଼ିକ ସେତେ ସହଜ ହୋଇଥାଏ ଏବଂ ସମସ୍ତ କାଞ୍ଚା ସାମଗ୍ରୀ ଗୁଡ଼ିକୁ ନେଇ ଭିନ୍ନ ଭିନ୍ନ ସମୟରେ ଭିନ୍ନ ଭିନ୍ନ ଉପକରଣ ପ୍ରସ୍ତୁତ ପାଇଁ କାର୍ଯ୍ୟ କରି ପାରିବେ, ପରେ ସେଗୁଡ଼ିକୁ ଏକତ୍ରିତ କରି ଘର ନିର୍ମାଣ ପାଇଁ ମଧ୍ୟ ଉପଯୋଗୀ କରିପାରିବେ ।



**ପର୍ଯ୍ୟାୟ-୩: ପରିବେଷଣ - ଶେଷ ଅଭ୍ୟାସ (Grand Rehersal):**

ନୃତ୍ୟ ପରିବେଷଣ ପୂର୍ବରୁ ଯେଉଁ ଅନ୍ତିମ ନୃତ୍ୟ ଅଭ୍ୟାସଟି କରିଥାଉ, ଯାହାକୁ ଶେଷ ବା ଅନ୍ତିମ ଅଭ୍ୟାସ (Grand Reashal) କୁହାଯାଏ । ଏହା ଏକ ମହତ୍ତ୍ୱପୂର୍ଣ୍ଣ ପର୍ଯ୍ୟାୟ ଅଟେ । ଏହି ପର୍ଯ୍ୟାୟରେ ତୁମେ ତୁମ ନୃତ୍ୟରେ ବ୍ୟବହୃତ ହୋଇଥିବା ସମସ୍ତ ଅଙ୍ଗହାର ସହିତ, ସଙ୍ଗୀତ, ନୃତ୍ୟଉପକରଣ ଓ ଆଲୋକ ସଂଯୋଜନାକୁ ଏକତ୍ରିତ ମିଶ୍ରଣ କରି ସଂପୂର୍ଣ୍ଣ କାହାଣୀଟିକୁ ପ୍ରଦର୍ଶିତ କରିବ ଯେପରି ମଞ୍ଚରେ ନୃତ୍ୟ ପରିବେଷଣ କରାଯାଏ । ଠିକ୍ ସେହିଭଳି ଏହି ଶେଷ ଅଭ୍ୟାସଟିକୁ କରିବେ । ଏହି ଅନ୍ତିମ ଅଭ୍ୟାସ (Grand Reheasal) କାର୍ଯ୍ୟଟିକୁ ଦେଖିବାପାଇଁ ବିଶିଷ୍ଟ ଲୋକମାନଙ୍କୁ ନିମନ୍ତ୍ରଣ କରିବେ । ସେମାନେ ଏହି ଅଭ୍ୟାସ କାର୍ଯ୍ୟଟିକୁ ଦେଖିସାରିଲା ପରେ ତାଙ୍କ ମତାମତ ନେବେ, ଯଦି ସେଥିରେ କିଛି ତ୍ରୁଟିକୁ ନର୍ଦ୍ଦେଶ କରନ୍ତି, ତେବେ ସେଗୁଡ଼ିକ ଗୋଟିଏ ଖାତାରେ ଲେଖିବେ । (ଯଦିଓ ଏହି ଅଭ୍ୟାସ କାର୍ଯ୍ୟରେ କୌଣସି ତ୍ରୁଟି ରହିବା ଉଚିତ୍ ନୁହେଁ)

https://withteachers.in/

- ଅନ୍ତିମ ମଞ୍ଚ ପରିବେଷଣ: ଏହି ପରିବେଷଣ ପାଇଁ ତୁମେ ଆନନ୍ଦିତ କି ?
- ପ୍ରତିଫଳନ: ନୃତ୍ୟ ପରିବେଷଣ ପରେ ଦର୍ଶକଙ୍କ ମତାମତ:

ବର୍ତ୍ତମାନ, ତୁମେ ଏହି ସୌନ୍ଦର୍ଯ୍ୟ କଳା ବିଷୟରେ ବହୁତ କିଛି ଶିଖିଲ, ତୁମ ସୁନ୍ଦର ନୃତ୍ୟ ପରିବେଷଣ ଦ୍ୱାରା ରଙ୍ଗମଞ୍ଚରେ ଏକ ଯାଦୁକାରୀ ପରିବେଶ ସୃଷ୍ଟି କରିଛି ଏବଂ ଏହି ଖୁସିର ମୁହୂର୍ତ୍ତଟିକୁ ପରସ୍ପର ଭିତରେ ଭାବ ବିନିମୟ ଦ୍ୱାରା ଆନନ୍ଦିତ ଅନୁଭବ କରିବେ । ଉଜ୍ଜ୍ୱଳ ବେଶଭୂଷା ସହିତ ହସ ହସ ମୁହଁରେ ଦର୍ଶକମାନଙ୍କ ଉଦ୍ଦେଶ୍ୟରେ ଅଭିବାଦନ ଜାଣିବା ନିମନ୍ତେ ନତମସ୍ତକ କରିବାର ସମୟ ଆସିଛି । ଶେଷରେ ଏହି ପରିବେଷଣର ସଫଳତା ପାଇଁ ମନଖୁସିରେ ନାଚିଥାଉ ।





https://withteachers.in/


ଓଡ଼ିଶୀ ନୃତ୍ୟ


ନୂତନ ପଦ୍ଧତିର ନୃତ୍ୟ


ଯୋଡ଼ି ଶଙ୍ଖ ନୃତ୍ୟ


ଏକକ ଛଉନୃତ୍ୟ


ମୟୂରଭଞ୍ଜର ଆଦିବାସୀ ନୃତ୍ୟ

https://withteachers.in/

# ମାନ ନିର୍ଦ୍ଧାରଣ

## ଅଧ୍ୟାୟ ୧୪

| ଶୈକ୍ଷିକ ଲକ୍ଷ୍ୟ | ଦକ୍ଷତା | ଶିକ୍ଷଣ ଫଳାଫଳ | ଶିକ୍ଷକ | ନିଜେ |
|---|---|---|---|---|
| ୧ | ୧.୨ | ଉତ୍ସାହ ସହିତ ସହଯୋଗମୂଳକ କାର୍ଯ୍ୟରେ ଭାଗ ନେବେ ଏବଂ ସୃଜନଶୀଳ ପ୍ରକ୍ରିୟା / ନୂତନ ନୃତ୍ୟ ସଂରଚନା ପ୍ରକ୍ରିୟାରେ, ତୁମେ ତୁମ ଚିନ୍ତାଧାରାକୁ ଅନ୍ୟମାନଙ୍କ ସହିତ ଆଲୋଚନା କରିବେ ଓ ସାଙ୍ଗମାନଙ୍କର ସହଯୋଗ ନେବେ । | | |
| ୩ | ୩.୧ | ନୃତ୍ୟ ପ୍ରସ୍ତୁତିର ସମସ୍ତ ପର୍ଯ୍ୟାୟରେ ସକ୍ରିୟ ଭାବରେ ଅଂଶ ଗ୍ରହଣ କରିବେ-<br>ଯେପରିକି:- (୧) ଯୋଜନା ଓ ପ୍ରାକ୍-ପ୍ରସ୍ତୁତି<br>(୨) ନୃତ୍ୟ ସଂରଚନା ଓ ପୂର୍ବଅଭ୍ୟାସ<br>(୩) ଅନ୍ତିମ ପରିବେଷଣ | | |
| ୩ | ୩.୨ | ନୃତ୍ୟ ଉତ୍ପତ୍ତି ସମ୍ପର୍କିତ ପୌରାଣିକ କଥାବସ୍ତୁ ଓ ସାଂସ୍କୃତିକ କାହାଣୀ ଗୁଡ଼ିକୁ ବୁଝିବେ ଏବଂ ସେଗୁଡ଼ିକ ପ୍ରଦର୍ଶିତ କରିବେ । | | |
| ୩ | ୩.୨ | ଚୂଡ଼ାନ୍ତ ଉପସ୍ଥାପନାରେ ଉନ୍ନତ ପରିବେଷଣ ପାଇଁ ନୃତ୍ୟର ସମସ୍ତ ଉପାଦାନ ଯେପରି:- ଅଙ୍ଗଚାଳନା, ସଙ୍ଗୀତ, ବେଶଭୂଷା, ଭାବ ପ୍ରକାଶ, ରଙ୍ଗମଞ୍ଚର ଥିବା ସ୍ଥାନଗୁଡ଼ିକରେ ସୁବିନିଯୋଗ କରି ତୁମର କଳ୍ପନା ଓ ସୃଜନଶୀଳତାରେ ପ୍ରୟୋଗ କରିପାରିବେ । | | |

**ଶିକ୍ଷକଙ୍କ ମତାମତ ଏବଂ ଛାତ୍ରଙ୍କ ପର୍ଯ୍ୟବେକ୍ଷଣ**

---------------------------------------------------------------

---------------------------------------------------------------

---------------------------------------------------------------



https://withteachers.in/

## ସମାପ୍ତିସୂଚକ ମାନ ନିର୍ଦ୍ଧାରଣ


| | ମାନ ନିର୍ଦ୍ଧାରଣର ଉଦାହରଣ | ମାନ ନିର୍ଦ୍ଧାରଣ ପାଇଁ ମାନଦଣ୍ଡ |
|---|---|---|
| ନିଜେ | • ଭଙ୍ଗୀର ସ୍ଥିତି, ଅଙ୍ଗଚାଳନା (ଗତି) ସହିତ ଶ୍ୱାସକ୍ରିୟାର ସମନ୍ୱୟକୁ ଅନ୍ତର୍ଭୁକ୍ତ କରି ତୁମେ ନୃତ୍ୟକ୍ରମରେ ପ୍ରଦର୍ଶିତ କରିବେ ।<br>• ଗୋଟିଏ ନୃତ୍ତ କ୍ରମାଂଶଟିକୁ (ଶୁଦ୍ଧ ନୃତ୍ୟ) ପରିବେଷଣ କରିବେ ଏବଂ ଗୋଟିଏ ନୃତ୍ୟ କ୍ରମ (କାହାଣୀର କଥାବସ୍ତୁକୁ ପ୍ରକାଶ କରିବ) ପରିବେଷଣ କରିବେ ।<br>• ଉପଯୁକ୍ତ ହସ୍ତ ମୁଦ୍ରାର ବ୍ୟବହାର କରି ଦୁଇଟି ଭାବ ପ୍ରକାଶ କରିବେ ଏବଂ ସେହି ପ୍ରକ୍ରିୟାଟିକୁ ବ୍ୟାଖ୍ୟା କରିବେ ।<br>• ନୃତ୍ୟ ସମ୍ବନ୍ଧୀୟ ଏକ ପ୍ରକଳ୍ପ କାର୍ଯ୍ୟଟିକୁ ସମାପ୍ତ କରିବେ । | • ଶରୀର ଚଳନ, ଭଙ୍ଗୀ ଓ ଶ୍ୱାସକ୍ରିୟାର ଚଳନକୁ ସମନ୍ୱୟ କରି ସ୍ୱଷ୍ଟତା ଓ ସଚେତନାପୂର୍ବକ ନୃତ୍ୟ ଅଭ୍ୟାସ କରିବେ ।<br>• ଅଙ୍ଗଚାଳନାର କ୍ରମ, ତାଳ ଏବଂ କାହାଣୀର କଥାବସ୍ତୁକୁ ଆଧାର କରି ନିଜର ଭାବପ୍ରକାଶ କରିବାର ପ୍ରକ୍ରିୟାଟିକୁ ବୁଝିବେ ।<br>• ସହଜ ଓ ସ୍ୱଷ୍ଟ ଭାବରେ ନିଜର ଭାବ ପ୍ରକାଶ କରିବା ସହିତ ସଠିକ୍ ହସ୍ତମୁଦ୍ରା ଗୁଡ଼ିକୁ ବ୍ୟବହାର କରିବେ ।<br>• ବିଷୟବସ୍ତୁର ଗଭୀରତା, ସୃଜନଶୀଳତା ଓ ପ୍ରାସଙ୍ଗିକତାକୁ ନିଜର ପ୍ରକଳ୍ପ କାର୍ଯ୍ୟଦ୍ୱାରା ପ୍ରଦର୍ଶିତ କରିବେ । |
| ଦଳଗତ କାର୍ଯ୍ୟ<br>(୪ କିମ୍ବା ୩ ଜଣକୁ ନେଇ ଦଳ ଗଠନ କରିବେ) | • ପ୍ରାସଙ୍ଗିକ କଥାବସ୍ତୁ କିମ୍ବା ସାମ୍ପ୍ରତିକ ସାମାଜିକ ସମସ୍ୟାକୁ ଆଧାର କରି, ସାଙ୍ଗମାନଙ୍କ ମିଳିତ ସହଯୋଗରେ ଏକ ନୃତ୍ୟ ସଂରଚନା କରିବେ ।<br>• ଦଳଗତ ନୃତ୍ୟ ପରିବେଷଣ ପାଇଁ ଗୋଟିଏ କାହାଣୀକୁ ରଚନା କର କିମ୍ବା ଉପସ୍ଥାନ କରିବେ । | • କୌଣସି ବିଷୟବସ୍ତୁ ଆଧାରରେ ନିଜସ୍ୱ ସ୍ୱତନ୍ତ୍ର ଚିନ୍ତାଧାରା ଓ ସୃଜନଶୀଳତାକୁ ବ୍ୟବହାର କରି ଗୋଟିଏ ନୃତ୍ୟ ସଂରଚନା କିମ୍ବା ନୃତ୍ୟ ଉପସ୍ଥାପନା କରିବେ ।<br>• ଦୃଢ଼ ସହଯୋଗ ଓ ଦଳଗତ କାର୍ଯ୍ୟ କରିବା ଦ୍ୱାରା ଯେକୌଣସି କଠିନ କାର୍ଯ୍ୟ ମଧ୍ୟ ସଫଳ ରୂପାୟନ ହୋଇଥାଏ ଏହାର ପ୍ରମାଣ ଅଛି । |

https://withteachers.in/

# ଦୃଶ୍ୟକଳା

ମୂଲରଙ୍ଗାଃ ସ୍ମୃତାଃ ପଞ୍ଚଶ୍ୱେତଃ ପୀତୋ ବିଲୋହିତଃ
ନୀଲଃ କୃଷ୍ଣଶ୍ଚ ରାଜେନ୍ଦ୍ର ଶତଶୋନ୍ୟନ୍ତରାଃ ।୧୬।
ପୂର୍ବରଙ୍ଗସମାୟୋଗାଦ୍ ଭାବ କଳ୍ପନ୍ୟା ତଥା
ସ୍ୱବୁଦ୍ଧ୍ୟା କାରୟେଦ୍ରଙ୍ଗାଚ୍ଛତଶୋଥ ସହସ୍ରଶଃ ।୧୭।

ଅଧ୍ୟାୟ ୪୦, ଚିତ୍ରସୂତ୍ର, ବିଷ୍ଣୁଧର୍ମୋତ୍ତରପୁରାଣମ୍



# ଶିକ୍ଷକଙ୍କ ପାଇଁ ସୂଚନା

ପ୍ରିୟ ଶିକ୍ଷକ,

ଆମ ବିଦ୍ୟାର୍ଥୀମାନେ ବିଦ୍ୟାଳୟରେ ଆଉ ଏକ ଶିକ୍ଷାବର୍ଷ ସମ୍ପୂର୍ଣ୍ଣ କରିସାରିଥିବାରୁ, ଚାଲନ୍ତୁ ତାଙ୍କ କଳାଶିକ୍ଷା ଯାତ୍ରାରେ ଆଉ କିଛି ରଙ୍ଗ ଯୋଡ଼ିଦେବା । ଏହି ଭାଗରେ ଥିବା ବିଭିନ୍ନ ଅଧ୍ୟାୟଗୁଡ଼ିକ ସେମାନଙ୍କର ଦୃଶ୍ୟକଳା ସମ୍ବନ୍ଧୀୟ ମୌଳିକ ଜ୍ଞାନ ବଢ଼େଇବା ସହ ଦକ୍ଷତା ବୃଦ୍ଧି ଓ ସାଂସ୍କୃତିକ ସଚେତନାତର ବିକାଶ କରାଇବାରେ ସହାୟକ ହେବ । ଆବଶ୍ୟକତା ଅନୁସାରେ ଆପଣ ସ୍ଥାନୀୟ ପ୍ରସଙ୍ଗକୁ ଆଧାର କରି କ୍ରିୟାକଳାପରେ ବିଦ୍ୟାର୍ଥୀଙ୍କୁ ସୁହାଇବା ଭଳି କିଛି ପରିବର୍ତ୍ତନ ମଧ୍ୟ କରିପାରନ୍ତି ।

ସମସ୍ତ ବିଦ୍ୟାର୍ଥୀମାନଙ୍କ ପାଇଁ ଉତ୍କୃଷ୍ଟ ଶିକ୍ଷଣୀୟ ଅନୁଭବ ପାଇଁ ନିମ୍ନରେ ଦିଆଯାଇଥିବା ବିନ୍ଦୁଗୁଡ଼ିକ ପ୍ରତି ଧ୍ୟାନ ଦିଅନ୍ତୁ ।

**ଦୃଶ୍ୟକଳା ଶ୍ରେଣୀଗୃହରେ ଆବଶ୍ୟକତା:**

୧. ସୁରୁଖୁରୁରେ କାମ କରିବାପାଇଁ ପର୍ଯ୍ୟାପ୍ତ ସ୍ଥାନ ।

୨. ପ୍ରାକୃତିକ ଆଲୋକ ଓ ମୁକ୍ତ ବାୟୁ ଚଳାଚଳ ।

୩. ସଂଗଠିତ ଭଣ୍ଡାରଣ ବ୍ୟବସ୍ଥା ସହ କଳା ସାମଗ୍ରୀ, ଅନ୍ୟାନ୍ୟ ମୌଳିକ ଉପକରଣ ଓ ଦୃଶ୍ୟ-ଶ୍ରାବ୍ୟ ଯନ୍ତ୍ରର ସୁବିଧାଜନକ ବ୍ୟବହାର ।

୪. ସମୟାନୁକ୍ରମେ କଳାକୃତିଗୁଡ଼ିକର ପ୍ରଦର୍ଶନ ପାଇଁ ସ୍ଥାନର ବ୍ୟବସ୍ଥା ।

**ଦୃଶ୍ୟକଳା ଶିକ୍ଷା ପ୍ରଣାଳୀରେ ଉପଯୋଗୀ:**

୧. ଚିନ୍ତନ ଓ କାର୍ଯ୍ୟଧାରାକୁ ବୋଧଗମ୍ୟ କରିବାପାଇଁ ଗପ କହିବାର ପଦ୍ଧତି ଓ ଦୈନନ୍ଦିନ ଜୀବନର ଉଦାହରଣ ଦିଅ ।

୨. ବିଦ୍ୟାର୍ଥୀମାନଙ୍କୁ ମୁକ୍ତ ଭାବରେ ସେମାନଙ୍କର ମୌଳିକ ଚିନ୍ତନ, କଳ୍ପନା, ଭାବ ଓ କୌତୁହଳ ପ୍ରକାଶ କରିବାକୁ ଉତ୍ସାହିତ କରନ୍ତୁ ।

୩. ବିଭିନ୍ନ ସ୍ରୋତରୁ ନକଲ କରିବା ଅପେକ୍ଷା ନିଜର ମୌଳିକ ସୃଜନ ଆଧାରିତ କଳାକୃତି ସୃଷ୍ଟି କଲାବେଳେ ତାଙ୍କର ଦୈନନ୍ଦିନ ଅନୁଭବ ଓ ପର୍ଯ୍ୟବେକ୍ଷଣକୁ ଆଧାର କରିବାକୁ ଉତ୍ସାହିତ କରନ୍ତୁ ।

୪. ଅନୁସନ୍ଧାନ, ପରୀକ୍ଷା-ନିରୀକ୍ଷା, ସହଭାଗିତା ତଥା ପର୍ଯ୍ୟବେକ୍ଷଣ କରିବାପାଇଁ ପିଲାମାନଙ୍କୁ ଅନୁମତି ଦିଆଯାଉ ।

୫. ସେମାନଙ୍କ ଅଞ୍ଚଳରେ ଥିବା ସାଂସ୍କୃତିକ ପରିଚୟ ତଥା ଜୀବନଶୈଳୀକୁ ବୁଝିବା ତଥା ସେମାନଙ୍କୁ ଶ୍ରେଣୀ ବାହାରର ଦୁନିଆ ସହିତ ପରିଚିତ କରିବା ପାଇଁ ବିଭିନ୍ନ ସ୍ଥାନକୁ ନିଅନ୍ତୁ ।

୬. ସଂଗ୍ରହାଳୟ, ଐତିହ ସ୍ଥଳ ଓ ମେଳା ଆଦିକୁ ପିଲାଙ୍କୁ ନେବାର ବ୍ୟବସ୍ଥା କରନ୍ତୁ ।

୭. ସ୍ଥାନୀୟ କଳାକାର ଓ କାରିଗରଙ୍କୁ କଳା କର୍ମଶିବିରକୁ ଆମନ୍ତ୍ରଣ କରନ୍ତୁ, ଯାହାଦ୍ୱାରା ବିଦ୍ୟାର୍ଥୀମାନେ ପାରସ୍ପରିକ ଅଭିଜ୍ଞତା ଆହରଣ କରିପାରିବେ ।

୮. କାମ ସରିଲା ପରେ ଶ୍ରେଣୀଗୃହକୁ ପରିଷ୍କାର-ପରିଚ୍ଛନ୍ନ ରଖିବା ସହ ବ୍ୟବହୃତ ହେଲାପରେ ବଳିଯାଇଥିବା ଜିନିଷଗୁଡ଼ିକୁ ଯଥା ସ୍ଥାନରେ ଠିକ୍ ଭାବରେ ସଜାଡ଼ି ରଖିବାର ଅଭ୍ୟାସ କରନ୍ତୁ ।

୯. ଶ୍ରେଣୀଗୃହରେ ବା ପ୍ରଦର୍ଶନୀରେ ପ୍ରଦର୍ଶିତ କରିବା ସକାଶେ କଳାକୃତି ଚୟନ ବେଳେ ବିଦ୍ୟାର୍ଥୀଙ୍କ ସହଭାଗିତା ତଥା ନିଷ୍ପତ୍ତି ନେବାପାଇଁ ଉତ୍ସାହିତ କରନ୍ତୁ ।

https://withteachers.in/

ନିମ୍ନଲିଖିତ କାର୍ଯ୍ୟଦକ୍ଷତା ଗୁଡ଼ିକୁ ଆଧାର କରି ଦୃଶ୍ୟକଳାରେ ମୂଲ୍ୟାଙ୍କନ କରାଯିବା ଉଚିତ ।

C-1.1: ବିଭିନ୍ନ ଦୃଶ୍ୟକଳା ଚିତ୍ରାକୃତି ମାଧ୍ୟମରେ ସେମାନେ ନିଜର ବ୍ୟକ୍ତିଗତ ତଥା ଦୈନନ୍ଦିନ ଜୀବନର ଅନୁଭୂତିକୁ ଆତ୍ମବିଶ୍ୱାସର ସହ ପରିପ୍ରକାଶ କରିଛନ୍ତି ।

C-1.2: ସହଭାଗିତା ସହ କଳା ଅଭ୍ୟାସରେ ଉନ୍ନତି କରିବାରେ ନମନୀୟତାର ପ୍ରଦର୍ଶନ କରିଛନ୍ତି ।

C-2.1: ସମାଜରେ ବା ଆଖପାଖ ଅଞ୍ଚଳରେ ଚଳି ଆସୁଥିବା ଚୀରାଚରିତ ବିଷୟ (ଯଥା ଲିଙ୍ଗଭେଦ) ବା କାହାଣୀ ଉପରେ ଆଧାରିତ ଚିତ୍ର ସଂରଚନା କରିଛନ୍ତି ।

C-2.2: ନିଜର ବ୍ୟକ୍ତିଗତ ଅନୁଭବ, ଆବେଗ ଓ ସୃଜନକୁ କୌଣସି ରୂପକଳ୍ପ, ଛବି, ବା ପ୍ରତୀକ ସହ ସଂଯୁକ୍ତ କରିଛନ୍ତି ।

C-3.1 : ଚିତ୍ରରେ ବ୍ୟବହୃତ ବିଭିନ୍ନ ଉପକରଣର ଚୟନ, ଯତ୍ନ ତଥା ବ୍ୟବହୃତ କୌଶଳ ଆଦି ଜଣେଇବା ।

C-3.2 : ସୃଜନ ଚିନ୍ତନକୁ ମାର୍ଜିତ କରିବା ଏବଂ ଦୃଶ୍ୟର ଅଭିବ୍ୟକ୍ତି ଆଦି ଦିଗଗୁଡ଼ିକର ଚିତ୍ରାରମ୍ଭରୁ ସଂପୂର୍ଣ୍ଣତା ପର୍ଯ୍ୟନ୍ତ ପୁରା କାର୍ଯ୍ୟଶୈଳୀର ସମୀକ୍ଷା କରିବା ।

C-4.1 : ବିଭିନ୍ନ ସ୍ଥାନୀୟ କିମ୍ବା ଆଞ୍ଚଳିକ ଚାରୁକଳା କିମ୍ବା କାରୁକଳାର ସାମଞ୍ଜସ୍ୟ ବା ପରିଚୟର ପ୍ରଭାବ ପ୍ରଦର୍ଶନ ହୋଇଥିବା ।

C-4.2 : ନିଜ ଅଞ୍ଚଳର ବା କିଛି ସ୍ଥାନୀୟ ଶିଳ୍ପୀଙ୍କ ଜୀବନଶୈଳୀ ଓ ତାଙ୍କର କଳା ସଂରଚନା ଏବଂ ଭାରତର ଅନ୍ୟ ପ୍ରାନ୍ତରେ ତାହାର ପ୍ରଭାବ ବିଷୟରେ ବର୍ଣ୍ଣନା ।

## ସମସ୍ତ ଅଧ୍ୟାୟ ଗୁଡ଼ିକରୁ କ'ଣ ଜ୍ଞାନଗତ ମୂଲ୍ୟାଙ୍କନ ହୋଇପାରିବ

| CG | C | ଶିକ୍ଷଣ ଫଳାଫଳ | ଶିକ୍ଷକ | ବିଦ୍ୟାର୍ଥୀ |
|---|---|---|---|---|
| 1 | 1.1 | କଳାକୃତି ପ୍ରଦର୍ଶନ, ଆତ୍ମବିଶ୍ୱାସର ସହ ନିଜର ଚିତ୍ର-ଚିନ୍ତନର ପରିପ୍ରକାଶ, ଅନୁଭବ ଓ କାର୍ଯ୍ୟଧାରା | | |
| 1 | 1.2 | ମତର ଆଦାନ-ପ୍ରଦାନ ବେଳେ ସହଭାଗିତା ଓ ସହଯୋଗ । | | |
| 2 | 2.1 | କଳା ସୃଷ୍ଟି କଲାବେଳେ ଧରାବନ୍ଧା ନିତିଦିନିଆ କଥାଗୁଡ଼ିକ ବାବଦରେ ସମ୍ବୋଧନ | | |
| 3 | 3.1 | ସାମଗ୍ରୀଗୁଡ଼ିକର ଯତ୍ନର ସହକାରେ ବ୍ୟବହାର, ସଫାସୁତୁରା ଓ ଥାକରେ ସଜାଡ଼ି ରଖିବା । | | |
| 4 | 4.1 | ଦୈନନ୍ଦିନ ଅଭିଜ୍ଞତାରେ କଳାର ସମ୍ପର୍କ ବାବଦରେ ଆଲୋଚନା । | | |
| 4 | 4.2 | କଳା ଚର୍ଚ୍ଚା ବା ଲେଖିଲା ବେଳେ ଦୃଶ୍ୟକଳା ଶବ୍ଦାବଳୀର ବ୍ୟବହାର । | | |
| | | ଶ୍ରେଣୀ କାର୍ଯ୍ୟକଳାପର ସାମଗ୍ରିକ ଅଂଶ ଗ୍ରହଣ । | | |

https://withteachers.in/

# ୧୫ ଦୃଶ୍ୟକଳା ତଥା ରୂପାଙ୍କନରେ ମୌଳିକତା ଓ ସିଦ୍ଧାନ୍ତ

ବିଭିନ୍ନ ଉପାଦାନର ସମିଶ୍ରଣରେ ସ୍ୱାଦିଷ୍ଟ ଖାଦ୍ୟ ପ୍ରସ୍ତୁତି ହେଲା ଭଳିଆ ଦୃଶ୍ୟକଳା ତଥା ରୂପାଙ୍କନରେ ମଧ୍ୟ ଅନେକ ତତ୍ତ୍ୱର ମିଳନ ହୋଇଥାଏ । ଯେପରିକି ଖିରି ରାନ୍ଧିବା ପାଇଁ ଚାଉଳ, ଖିର, ଘିଅ, ଚିନି ଓ ଜଳର ଆବଶ୍ୟକ ହୋଇଥାଏ । ସେହି ଭଳି ଏକ ଦୃଶ୍ୟର ସଂରଚନା ପାଇଁ ବିନ୍ଦୁ, ରେଖା, ଆକାର, ରଙ୍ଗ, ମଶୃଣ ଓ କାଗଜ ବା ପରିଧିର ଆବଶ୍ୟକ ହୋଇଥାଏ ।

୧. **'ବିନ୍ଦୁ'** କୌଣସି ଦୃଶ୍ୟର ସବୁଠାରୁ କ୍ଷୁଦ୍ରତମ ଉପାଦାନ ଅଟେ ।

୨. ଦୁଇଟି ବିନ୍ଦୁର ଦୃଶ୍ୟମାନ ପଥକୁ **'ରେଖା'** କୁହାଯାଏ । ଏହା ସମାନ୍ତରାଳ, ଉର୍ଦ୍ଧ୍ୱମୁଖୀ, ତିର୍ଯ୍ୟକ, ତରଙ୍ଗିତ, ଅଙ୍କ ବଙ୍କା ଆଦି ହୋଇପାରେ । ସେଗୁଡ଼ିକ ମଧ୍ୟରେ ମୋଟେଇ ଅନୁସାରେ ପାର୍ଥକ୍ୟ ଥାଇପାରେ ।

୩. **ଆକାର ଓ ଆକୃତି**

**'ଆକାର'** ଏକ ସମତଳ ତଥା ଦୁଇ-ପାର୍ଶ୍ୱିକ ଘେରା ରେଖାଞ୍ଚଳ ଅଟେ । ଏହା ଜ୍ୟାମିତିକ ଅଥବା ଜୈବିକ ହୋଇ-ପାରେ ।



**'ଆକୃତି'** ଏକ ତ୍ରି-ପାର୍ଶ୍ୱିକ ଆକାର ଅଟେ । ଏହା କିଛି ସ୍ଥାନ ଦଖଲ କରିବା ସହ ଏହାର ଗଭୀରତା ମିଳିଥାଏ । ଅନେକ ଦୁଇ-ପାର୍ଶ୍ୱିକ ଆକାରକୁ ଯୋଡ଼ି ବା ଏକାଠି କରି ମଧ୍ୟ ଆକୃତି ସୃଷ୍ଟି କରାଯାଇପାରେ ।


**'ଆବଡ଼ା-ଖାବଡ଼ା ପୃଷ୍ଠଭାଗ'** ଏକ ଦୃଶ୍ୟ ଅଥବା ବସ୍ତୁ ସମ୍ବନ୍ଧୀୟ ହୋଇପାରେ । ଏହାର ପୃଷ୍ଠଭାଗକୁ ସ୍ପର୍ଶ କରି ଜାଣିହୁଏ ଯେ ଏହା ନରମ, ଚିକ୍କଣ, ଖଦଖଦଡ଼ିଆ, ରେଶମି, କଣ୍ଟକିତ ଇତ୍ୟାଦି ଅଟେ । ଏହାକୁ ରେଖା, ବିନ୍ଦୁ ଓ ଢାଞ୍ଚାଗତ ଦୃଶ୍ୟ ଆକାରରେ ମଧ୍ୟ ବୁଝି ହୁଏ ।

https://withteachers.in/

୫. ଆମକୁ ରଙ୍ଗ ସେତେବେଳେ ଦୃଶ୍ୟମାନ ହୁଏ ଯେତେବେଳେ ଆଲୋକ ଆମ ଚକ୍ଷୁରେ ପ୍ରତିଫଳିତ ହୋଇ ରଙ୍ଗର ଉପସ୍ଥିତିକୁ ଜାଣିବାରେ ସାହାଯ୍ୟ କରିଥାଏ । ରଙ୍ଗ, ପ୍ରାକୃତିକ ସ୍ରୋତରୁ ସଂଗ୍ରହ କିମ୍ବା କୃତ୍ରିମ ଉପାୟରେ ପ୍ରସ୍ତୁତ କରାଯାଇଥାଏ । ପାର୍ଶ୍ୱରେ ଦିଆଯାଇଥିବା ଛବିରେ ରଙ୍ଗପ୍ରତି ଧ୍ୟାନ ଦିଅ । ଏଥିରେ ପ୍ରାକୃତିକ ସାମଗ୍ରୀର ବ୍ୟବହାର ବାବଦରେ କିଛି ଅନୁମାନ କରିପାରୁଛ କି ?

୬. ରଙ୍ଗରେ ହାଲକା ଓ ଗାଢ଼ତ୍ୱକୁ **ଟୋନାଲ ଭ୍ୟାଲୁ** କୁହାଯାଏ । ରଙ୍ଗରେ ଧଳା ମିଶ୍ରଣ କଲେ ତାହା **ହାଲକା (ଟିଣ୍ଟ)** ହୋଇଥାଏ, ସେହିପରି କଳାରଙ୍ଗ ମିଶେଇଲେ ମୂଳରଙ୍ଗଟି **ଗାଢ଼ (ସେଡସ୍)** ହୋଇଥାଏ । ଏପରି କରିବା ଦ୍ୱାରା ରଙ୍ଗର ବିଭିନ୍ନ ପ୍ରକାରଭେଦ ବା ସ୍ତର ସୃଷ୍ଟି କରି ଛବିରେ ପୟୋଗ କରିହୁଏ ।

୭. କାଗଜ କିମ୍ବା କ୍ୟାନଭାସରେ ଛବି କଲାବେଳେ ଆମେ ତାକୁ **ଚିତ୍ରାଞ୍ଚଳ ବା ସ୍ପେସ୍** ବୋଲି କହିଥାଉ । ଏଥିରେ ଆମେ ଅନେକ ଆକାର ଓ ଉପାଦାନକୁ ସଜେଇ ଛବି ସୃଷ୍ଟି କରୁ । ସେହି ଚିତ୍ରାଞ୍ଚଳର କିଛି ଅଂଶକୁ ସକରାତ୍ମକ କିମ୍ବା ନକରାତ୍ମକ ରୂପେ ଭାଗ କରାଯାଇଥାଏ ।



ବୋଧିସତ୍ତ୍ୱ ବଜ୍ରପାଣି
ଅଜନ୍ତା ଭିତ୍ତିଚିତ୍ର, ଗୁମ୍ଫା ସଂଖ୍ୟା- ୧



https://withteachers.in/

## କ୍ରିୟାକଳାପ ୧୫.୧ : ଦୃଶ୍ୟ ଉପାଦାନଗୁଡ଼ିକୁ ଚିହ୍ନ

ଆମେ ଆମର ଚିନ୍ତନ ଓ ଭାବକୁ ଦୃଶ୍ୟରୂପେ ପରିପ୍ରକାଶ କରିବାପାଇଁ କଳା ଓ ରୂପାଙ୍କନରେ ବିଭିନ୍ନ ଉପାଦାନ ଦ୍ୱାରା ଦର୍ଶାଇଥାଉ । ସତର୍କତାର ସହିତ ଦେଖ, ତୁମ ଚତୁଃପାର୍ଶ୍ୱରେ ଥିବା ଦୃଶ୍ୟ ଉପାଦାନ ଗୁଡ଼ିକୁ ଆବିଷ୍କାର କର ଓ ଚିହ୍ନ ।




ଭୂମିରେ ଅଙ୍କାଯାଇଥିବା ଝୋଟି-ଚିତାରେ ରେଖା ଓ ଆକାର ଗୁଡ଼ିକୁ ବର୍ଣ୍ଣନା କର

------------------------------------

------------------------------------

------------------------------------



ତାଞ୍ଜାଭୁର କାରୁକାର୍ଯ୍ୟ ଶୈଳୀରେ ନିର୍ମିତ ଏହି ଥାଳିଆଟିରେ କ'ଣ କ'ଣ ରେଖା ଓ ଟେକ୍ସଚର୍ ଦେଖାଯାଉଛି ?

ଏହି ବସ୍ତୁଟିରେ ତୁମେ ଅନ୍ୟ କ'ଣ ଉପାଦାନ ଯୋଡ଼ିବାକୁ ଚାହୁଁଛ ?

------------------------------------

------------------------------------

------------------------------------



ଏହି ଚିତ୍ର-ବିଚିତ୍ର ବସ୍ତ୍ରରେ କେଉଁ କେଉଁ ପ୍ରମୁଖ ଦୃଶ୍ୟଗତ ଉପାଦାନ ଦର୍ଶାଯାଇଛି ?

------------------------------------

------------------------------------

------------------------------------

------------------------------------

ଜଣେ ଚିତ୍ରକାର କଳାକୃତି ସର୍ଜନାବେଳେ ଲଗାତାର ଭାବରେ ବିଭିନ୍ନ ଦୃଶ୍ୟ ଉପାଦାନକୁ ନେଇ ପରୀକ୍ଷା-ନିରୀକ୍ଷା କରିଥାନ୍ତି ।

ଚାଲନ୍ତୁ, ଆଧୁନିକ ଭାରତୀୟ ଶିଳ୍ପୀଙ୍କର କଳାକୃତିରେ ଏହି ପରୀକ୍ଷା ନିରୀକ୍ଷା କଥା ଆବିଷ୍କାର କରିବା, ଯେଉଁମାନେ ଭାରତୀୟ କଳା ପରମ୍ପରା ଦ୍ୱାରା ଅନୁପ୍ରାଣିତ ଅଟନ୍ତି ।



**ଶୀର୍ଷକ** - ମା ଓ ଶିଶୁ

**ଚିତ୍ରକର** - ଯାମିନୀ ରାୟ (୧୮୮୭-୧୯୭୨)

**ମାଧ୍ୟମ** - ଟେମ୍ପେରା

**ପ୍ରଭାବ** - ଓଡ଼ିଶୀ ଭିତ୍ତିଚିତ୍ର, ଝୋଟି-ଚିତା, ଟେରାକୋଟା ଇତ୍ୟାଦି

କଳାକୃତିର ଦୃଶ୍ୟ ଉପାଦାନ

---------------------------------------------

---------------------------------------------

---------------------------------------------

---------------------------------------------

---------------------------------------------



**ଶିକ୍ଷକଙ୍କ ପାଇଁ ସୂଚନା-**

ପ୍ରତ୍ୟେକ କଳାକୃତିରେ ବ୍ୟବହୃତ ମାଧ୍ୟମ ବାବଦରେ ଅଧିକ ତଥ୍ୟ ସଂଗ୍ରହ କର ଏବଂ ତତ୍ ସମ୍ପର୍କୀୟ କଳାକୌଶଳ ବିଷୟରେ ବିଦ୍ୟାର୍ଥୀମାନଙ୍କୁ ପରିଚୟ କରାଅ ।



https://withteachers.in/

**ଶୀର୍ଷକ-** କ୍ଷୁଧା

**ମୂର୍ତ୍ତିକାର-** ବିପ୍ରଚରଣ ମହାନ୍ତି

**ମାଧ୍ୟମ-** କାଂସ୍ୟ ବା ବ୍ରୋଞ୍ଜ

**ପ୍ରଭାବ** – ଢ଼ୋକ୍ରା ଶିଳ୍ପ

**କଳାକୃତିରେ ଦୃଶ୍ୟ ଉପାଦାନ:**



---------------------------------
---------------------------------
---------------------------------
---------------------------------
---------------------------------
---------------------------------
---------------------------------
---------------------------------
---------------------------------
---------------------------------
---------------------------------

**ଶୀର୍ଷକ-** ଅନ୍-ଟାଇଟେଲ୍

**ଚିତ୍ରକାର -** ସୟଦ ହାଇଦର୍ ରଜା

**ମାଧ୍ୟମ -** ଆକ୍ରାଟିଣ୍ଟ୍

**ପ୍ରଭାବ -** ଭାରତୀୟ ଦର୍ଶନରେ ବିନ୍ଦୁତତ୍ତ୍ୱ ଓ ବନଭୂଖଣ୍ଡର ଦୃଶ୍ୟ ।

**କଳାକୃତିରେ ଦୃଶ୍ୟ ଉପାଦାନ:**



---------------------------------
---------------------------------
---------------------------------
---------------------------------
---------------------------------
---------------------------------
---------------------------------
---------------------------------
---------------------------------
---------------------------------


https://withteachers.in/

## କ୍ରିୟାକଳାପ ୧୫.୨: ଦୃଶ୍ୟ ଉପାଦାନକୁ ନେଇ ଏକ ପତ୍ରିକା ପ୍ରସ୍ତୁତ କର ।

ନିଜ ପରିପାର୍ଶ୍ୱରେ ଦେଖୁଥିବା ବିଭିନ୍ନ ସ୍ଥାପତ୍ୟ, ବୟନ, ଉଦ୍ଭିଦ ଓ ଜିନିଷପତ୍ରର ଚିତ୍ର ତୁମେ ସ୍କେଚ୍ ଖାତାରେ ଆଙ୍କ । ସେହିଭଳି ଏକ ସପ୍ତାହ ପର୍ଯ୍ୟନ୍ତ ଯାହାସବୁ ନିରୀକ୍ଷଣ କରିଛ ଓ ଚିତ୍ରରେ ସ୍ଥାନଦେଇଛ ସେଗୁଡ଼ିକର ପରିଚୟ ଲେଖିରଖ ।

ସେ ସବୁକୁ ସହପାଠୀଙ୍କ ସହ ଚର୍ଚ୍ଚାକର ଓ ଶିକ୍ଷକଙ୍କୁ ଜଣାଅ ଯେ ତୁମେ କ'ଣ କ'ଣ ସବୁ ଅନୁଭବ କଲ ।








https://withteachers.in/

## ଷଡ଼ାଙ୍ଗ

କଳାରେ ଛଅଟି ଅଙ୍ଗର ପ୍ରସଙ୍ଗଙ୍କୁ ଷଡ଼ାଙ୍ଗ କୁହାଯାଇଛି । ଭାରତୀୟ ପ୍ରାଚୀନ ଗ୍ରନ୍ଥ ବିଷ୍ଣୁ ଧର୍ମୋତ୍ତର ପୁରାଣରେ ଏ ବାବଦରେ ବର୍ଣ୍ଣିତ ହୋଇଛି । ଉକ୍ତ ଗ୍ରନ୍ଥରେ ଦୃଶ୍ୟ ଉପାଦାନ ଗୁଡ଼ିକୁ କିପରି ଭାବରେ ସରସ-ସୁନ୍ଦର ତଥା ରୁଚିପୂର୍ଣ୍ଣ ରୂପେ କଳା ସୃଷ୍ଟି ବେଳେ ଛବିରେ ସ୍ଥାନ ଦେଇ ହେବ, ସେ ବିଷୟରେ ପଥ ପ୍ରଦର୍ଶିତ ହୋଇଛି । ଯେପରି କି ଖାଦ୍ୟର ସ୍ୱାଦ ସେଥିରେ ସମ୍ମିଶ୍ରିତ ହୋଇଥିବା ବିଭିନ୍ନ ମସଲା, ତତ୍ ସମ୍ବନ୍ଧୀୟ ପନିପରିବା ଓ ଉପଯୁକ୍ତ ଉତ୍ତାପ ଇତ୍ୟାଦି ଉପରେ ନିର୍ଭର ଅଟେ ।




https://withteachers.in/

୧. **ରୂପଭେଦ** - ଆକାର ବା ରୂପ ମଧ୍ୟରେ ପାର୍ଥକ୍ୟ

୨. **ପ୍ରମାଣାନୀ** - ଢ଼ାଞ୍ଚାଗତ ମାପ-ଚୁପ

୩. **ଭାବ**- ଆବେଗ ଓ ଅଭିବ୍ୟକ୍ତି

୪. **ଲାବନ୍ୟ ଯୋଜନମ୍** - ସଂରଚନାରେ ସୌନ୍ଦର୍ଯ୍ୟବୋଧ ଓ କମନୀୟତା

୫. **ସାଦ୍ରିଶ୍ୟମ୍** - ସମାନତା

୬. **ବର୍ଣ୍ଣିକାଭଙ୍ଗମ୍** - ରଙ୍ଗ ଓ ଯନ୍ତ୍ରପାତିର ବ୍ୟବହାର





https://withteachers.in/

## ଦୃଶ୍ୟକଳା ଓ ରୂପାଙ୍କନର ନୀତିଗତ ସିଦ୍ଧାନ୍ତ

ଭଲ ଭାବରେ ସଂଯୋଜନା ହୋଇଥିବା ଯେ କୌଣସି ଦୃଶ୍ୟ ସେଥିରେ ଦର୍ଶାଯାଇଥିବା ଚିନ୍ତନ ଓ ଆବେଗକୁ ଦେଖଣାହାରୀ ନିକଟରେ ବୋଧଗମ୍ୟ କରାଇଥାଏ କାରଣ ସେଥିରେ ଦୃଶ୍ୟକଳା କିମ୍ବା ରୂପାଙ୍କନର ନୀତିଗତ ସିଦ୍ଧାନ୍ତର ଅନୁସରଣ ହୋଇଥାଏ ।

୧. ଆକାର, ରଙ୍ଗ ଆଦି କଳାର ବିଭିନ୍ନ ଉପାଦାନ ମଧ୍ୟରେ **ଏକତା ଓ ସାମଞ୍ଜସ୍ୟ** ରଖିବା ଦ୍ୱାରା ବା ଏକାଠି ରଖିବା ଯୋଗୁଁ କଳାକୃତି ଆଖିକୁ ରୁଚିକର ଲାଗେ । ଏଠାରେ ଦର୍ଶାଯାଇଥିବା **ଚିତ୍ରକଳାଟିରେ** ଗୋଟିଏ ରଙ୍ଗ ସହ ଅନ୍ୟ ରଙ୍ଗର ସଂଯୋଗ ଓ ବଣ୍ଟନ କିପରି ହୋଇଛି ଧ୍ୟାନ ଦିଅନ୍ତୁ ।

୨. କଳାକୃତିରେ **ଭାରସାମ୍ୟ** ଦୃଶ୍ୟଗତ ସ୍ଥିରତା ପ୍ରଦାନ କରିଥାଏ, ଯଥା ଯଦି ଛବିର ବାମ ପାର୍ଶ୍ୱରେ କିଛି ବୃହତ୍ତାକାର ଆକାର ଆଦି ସ୍ଥାନିତ ହୋଇଛି ତେବେ ଡ଼ାହାଣ ପାର୍ଶ୍ୱକୁ ସେ ଅନୁସାରେ ଭାରସାମ୍ୟ ରକ୍ଷା କରିବାପାଇଁ କିଛି ବ୍ୟବସ୍ଥା କରାଯାଇଥାଏ ଯେପରି ଗାଢ଼ରଙ୍ଗ ବା ଏକାଧିକ ଆକାରରୁ ରଖାଯାଏ । ତାହା ସମାନ ରୂପରେ, ଅସମାନ ରୂପରେ କିମ୍ବା ଛୋଟ ବା ବଡ଼ ମଧ୍ୟ ହୋଇପାରେ । ଛବିକୁ ଦେଖ, କିପରି ତ୍ରି-ଭଙ୍ଗୀ ଠାଣିରେ ଯଶୋଦା ମାଆ ଠିଆ ହୋଇଛନ୍ତି ଓ ବାଳକୃଷ୍ଣଙ୍କୁ ଧରିଛନ୍ତି ।

୩. **ଛବିରେ ତାଳ, ଲୟ ଏବଂ ଗତି** ଥିବା ଦ୍ୱାରା ଆମ ଆଖିକୁ ଆକର୍ଷକ ଦେଖାଯାଏ । ଏପରି ସ୍ଥଳ ବିଶେଷରେ ପ୍ୟାଟର୍ଣ୍ଣ ବା ଢ଼ାଞ୍ଚାଗତ ଆକାରର ପୁନରାବୃତ୍ତି ହୋଇଥାଏ ।



ଯଶୋଦାମାତାଙ୍କ ପାର୍ଶ୍ୱରେ ଦର୍ଶାଯାଇଥିବା ଛବିଟି ଉଦ୍ଭିଦର ଗଢ଼ଣ ଓ ବସ୍ତ୍ରରେ ରେଖା ଗୁଡ଼ିକର ଉପସ୍ଥିତିକୁ ନିରୀକ୍ଷଣ କର ।

୪. ଛବିରେ ଗୋଟିଏ ନିର୍ଦ୍ଦିଷ୍ଟ ଉପାଦାନକୁ **ଗୁରୁତ୍ୱ** ଦିଆଯାଇଥାଏ । ଏପରି କରିବା ଦ୍ୱାରା ତାହା ସବୁଠାରୁ ଅଲଗା କିମ୍ବା ପ୍ରମୁଖ ବୋଲି ଜଣାଯାଏ । ଯଶୋଦାଙ୍କ ପାପୁଲିର ରଙ୍ଗ ଓ ସେ ଧରିଥିବା ଫୁଲକୁ ଦେଖ ।

**୫. ସମାନୁପାତ ବା ପ୍ରୋପୋରସନ୍** ହେଉଛି ଛବିରେ ଦର୍ଶାଯାଇଥିବା ବିଭିନ୍ନ ଉପାଦାନ ଗୁଡ଼ିକର ଆକାର ପ୍ରାକର ମଧ୍ୟରେ ଥିବା ସମ୍ପର୍କ । ଏହା ଚିନ୍ତନ, ଆବେଗ ସହ ସୌନ୍ଦର୍ଯ୍ୟର ବୃଦ୍ଧିରେ ମଧ୍ୟ ଅବଦାନ ଦେଇଥାଏ । ଛବିଟିରେ ଦେଖନ୍ତୁ କିପରି ଭାବରେ ବାଳକୃଷ୍ଣଙ୍କୁ ମା ଯଶୋଦାଙ୍କ ଶାରୀରିକ ଆକାର ସହ ତୁଳନା କରାଯାଇଛି ।

**୬. ସ୍ତର ବା ହାଇରାର୍ଚି** ଏପରି ଏକ କ୍ରମ ଯାହା ଛବିରେ ଦୃଶ୍ୟଗତ ଗୁରୁତ୍ୱର କଥା ଜଣାଏ । ଧ୍ୟାନ ଦିଅ ଯେ, ଏଥିରେ ଯଶୋଦାଙ୍କୁ ଚିତ୍ରଣରେ ସର୍ବାଧିକ ସ୍ଥାନ ପ୍ରଦାନ କରାଯାଇଛି । ତା'ପରେ ଯାଇ ବାଳକୃଷ୍ଣଙ୍କ ଆଡ଼କୁ ଧ୍ୟାନ ଯାଉଛି । ପରେ ପରେ ଅନ୍ୟାନ୍ୟ ଉପାଦାନ ଓ ପରିବେଶ ଆଦିର ବିବରଣୀ ଦେଖିବାକୁ ମିଳୁଛି ।

https://withteachers.in/

## କ୍ରିୟାକଳାପ ୧୫.୩: ଦୃଶ୍ୟକଳା ଓ ରୂପାଙ୍କନରେ ନୀତିଗତ ସିଦ୍ଧାନ୍ତଗୁଡ଼ିକୁ ଚିହ୍ନ

ପ୍ରଦତ୍ତ ଛବିରେ ଦୃଶ୍ୟକଳା ଓ ରୂପାଙ୍କନର ନୀତିଗତ ସୈଦ୍ଧାନ୍ତିକ ପରିଚୟକୁ ବ୍ୟାଖ୍ୟା କର । ଦୁଇଟି ଛବିରୁ ପ୍ରତ୍ୟେକଟିର ଦୁଇଟି ଲେଖାଏଁ ରୂପାଙ୍କନ ସିଦ୍ଧାନ୍ତ ବୁଝି ଲେଖି ରଖ । ତୁମ ନିରୀକ୍ଷଣ ତୁମ ସହପାଠୀଙ୍କ ଠାରୁ ଅଲଗା ହୋଇପାରେ, ତାହା ମଧ୍ୟ ବୈଧ ଅଟେ ।



**୧. ଗଙ୍ଗା,** ପୋଡ଼ାମାଟିର ମୂର୍ତ୍ତି, ୫ମ ଶତାବ୍ଦୀ ।

**ଉଦାହରଣ:** କଳାକୃତିଟିରେ ତାଳ, ଲୟ ଓ ଗତିକୁ ଦର୍ଶାଇବାକୁ ଯାଇ ମା ଗଙ୍ଗା ଓ ତାଙ୍କର ସହଚାରୀଙ୍କୁ ଗତିଶୀଳ ଭଙ୍ଗୀରେ ଦଣ୍ଡାୟମାନ ଦର୍ଶାଯାଇଛି ତଥା ଜଳ ସହ ସମାନତା ଆଣିବାପାଇଁ ବସ୍ତ୍ରରେ ତରଙ୍ଗ ଭଳିଆ ଉପାଦାନ ବା ରୂପକୁ ସ୍ଥାନ ଦିଆଯାଇଛି ।

---------------------------------
---------------------------------
---------------------------------
---------------------------------
---------------------------------
---------------------------------

**୨. ଦେବୀ,** ଜ୍ୟୋତି ଭଟ୍ଟଙ୍କ ଏଚିଙ୍ଗ ମୁଦ୍ରଣକଳା

**ଉଦାହରଣ:** ମୁଦ୍ରଣ କଳାଟିରେ କପାଳ ଅଂଶକୁ ଗୁରୁତ୍ୱପୂର୍ଣ୍ଣ ଭାବେ ଦର୍ଶାଇବାକୁ ଯାଇ ସେଠାରେ ଏକ ଲାଲ୍ ବିନ୍ଦି ମୁଦ୍ରିତ ହୋଇଛି ।

---------------------------------
---------------------------------
---------------------------------
---------------------------------
---------------------------------
---------------------------------
---------------------------------






https://withteachers.in/

## କ୍ରିୟାକଳାପ ୧୫.୪: କଳା ଓ ରୂପାଙ୍କନର ସିଦ୍ଧାନ୍ତକୁ ପ୍ରୟୋଗ କର

ଦୃଶ୍ୟଗତ ସିଦ୍ଧାନ୍ତକୁ ତୁମେ ଯେମିତି ବୁଝିଛ ସେ ଅନୁସାରେ ଏକ ପ୍ରତୀକ ଅଥବା ବିଷୟବସ୍ତୁ ଅଙ୍କନ କର ଯାହା ତୁମ ଆବେଗ ଓ ଚିନ୍ତନର କଥା ଜଣାଉଥିବ ।

ସେଥିପାଇଁ ପ୍ରକୃତି, ପରିପାର୍ଶ୍ୱିକ ଅବସ୍ଥା, ଜିନିଷପତ୍ର, ଅକ୍ଷର, ରେଖା, ବିନ୍ଦୁ, ଆକାର ଆଦିର ପ୍ରଭାବରେ ନିଜସ୍ୱ ଏକ ରୂପକଳ୍ପ ବା ରୂପାଙ୍କନ ଅଙ୍କନ କର ଓ ଯଥା ସମ୍ଭବ ତାହାକୁ ସରଳ ଭାବରେ ଦର୍ଶାଇବାକୁ ଚେଷ୍ଟା କର ।

- ଦର୍ଶାଯାଇଥିବା ଉଦାହରଣକୁ ଦେଖି ତୁମ ରୂପାଙ୍କନରେ ତାହାକୁ କିପରି ପରିବର୍ତ୍ତିତ ହୋଇଛି ତୁଳନା କର ।
- ସିମେଟ୍ରି ବା ସମରୂପତା କିମ୍ବା ଅସମରୂପତା ବ୍ୟବହାର କରି ଦୃଶ୍ୟଗତ ଭାରସାମ୍ୟ ସୃଷ୍ଟି କର ।
- ସମ୍ପୂର୍ଣ୍ଣ ଛବିରେ ଛୋଟ ଛୋଟ ଉପାଦାନଗୁଡ଼ିକର ପ୍ରୋପୋର୍ସନ ବା ସମାନୁପାତ ଲିପିବଦ୍ଧ କର ।
- ତାହାର ଯେ କୌଣସି ଗୋଟିଏ ଅଂଶକୁ ଗୁରୁତ୍ୱ ଦିଅ ।
- ବିଭିନ୍ନ ଉପାଦାନଗୁଡ଼ିକର ଗୁରୁତ୍ୱ ଅନୁସାରେ ତାହାର ବିଭିନ୍ନ ଅଂଶର ଆକାର, ମୋଟେଇ, ରଙ୍ଗ, ଆଲୋକ ଛାୟା ଆଦିର ପରିବର୍ତ୍ତିତ ରୂପ ପ୍ରୟୋଗ କରିବା ।
- ସବୁ ଗୁଡ଼ିକୁ ଏକତ୍ର କରି ସମାନତା ସୃଷ୍ଟି କର ।












https://withteachers.in/

## ମାନ ନିର୍ଦ୍ଧାରଣ

| ଅଧ୍ୟାୟ-୧୫ : ଦୃଶ୍ୟକଳା ଓ ରୂପାଙ୍କନରେ ମୌଳିକତା ଓ ସିଦ୍ଧାନ୍ତ | | | | |
|---|---|---|---|---|
| CG | C | ଶିକ୍ଷଣ ଫଳାଫଳ | ଶିକ୍ଷକ | ବିଦ୍ୟାର୍ଥୀ |
| ୧ | ୧.୧ | ଚତୁଃପାର୍ଶ୍ୱରେ ଦେଖୁଥିବା ବିଭିନ୍ନ ଦୃଶ୍ୟ ଉପାଦାନକୁ ଜାଣିବା ଓ ସେଗୁଡ଼ିକୁ ଏକ ପତ୍ରିକା ଆକାରରେ ଚିତ୍ର କରି ସାଇତିବା । | | |
| ୨ | ୨.୨ | ବିଭିନ୍ନ ଦୃଶ୍ୟକୁ ଚିହ୍ନିବା ତଥା ତାହାକୁ ଦୃଶ୍ୟଗତ ସିଦ୍ଧାନ୍ତରେ ବ୍ୟବହାର କରି ଛବି ସୃଷ୍ଟି କରିବା । | | |
| ୩ | ୩.୧ | ପତ୍ରିକା ପ୍ରସ୍ତୁତିରେ ବହୁବିଧ ସାମଗ୍ରୀକୁ ବିନିଯୋଗ କରିବା । | | |
| | | ସାମଗ୍ରୀକ ଅଂଶଗ୍ରହଣ | | |

### ଶିକ୍ଷକଙ୍କ ମତାମତ ଓ ବିଦ୍ୟାର୍ଥୀଙ୍କ ନିରୀକ୍ଷଣ



https://withteachers.in/

# ୧୬ ସ୍ଥିର ବସ୍ତୁ ଚିତ୍ରଣରେ ରଙ୍ଗର ପ୍ରୟୋଗ



ଗୁମ୍ଫା ଚିତ୍ରଠାରୁ ଆରମ୍ଭ କରି ମନ୍ଦିର ଭାସ୍କର୍ଯ୍ୟ ପର୍ଯ୍ୟନ୍ତ, ସବୁଠାରେ ବସ୍ତୁଚିତ୍ରଣ ଏକ ଅବିଚ୍ଛେଦ୍ୟ ଅଙ୍ଗ ଭାବେ ଦେଖାଯାଏ, କିନ୍ତୁ ଏହା କେବେ ମଧ୍ୟ **ପ୍ରମୁଖ ବିଷୟବସ୍ତୁ** ଭାବେ ପରିଗଣିତ ହୋଇନାହିଁ ।

ଭାରତୀୟ କଳାରେ, ବସ୍ତୁମାନଙ୍କୁ ସାଙ୍କେତିକ ଅର୍ଥ ବୁଝେଇବାପାଇଁ ବ୍ୟବସ୍ଥିତ ବିଷୟବସ୍ତୁର ଏକ ଅବିଚ୍ଛେଦ୍ୟ ଅଙ୍ଗ ଭାବେ ଦର୍ଶାଯାଇଛି, ଯଥା; ଧର୍ମ-ଚକ୍ର, ଦେବାଦେବୀ ଓ ପାରିଷଦ ବର୍ଗ ଧରିଥିବା ଅସ୍ତ୍ର-ଶସ୍ତ୍ର ତଥା ବାଦ୍ୟଯନ୍ତ୍ର ଇତ୍ୟାଦି ।



ସାଞ୍ଚି ସ୍ତୁପରେ ପଥର ଖୋଦେଇ ଧର୍ମ-ଚକ୍ରରେ ଥିବା ଚକଟିକୁ ଧର୍ମର ପ୍ରତୀକ ଭାବେ ଦର୍ଶାଯାଇଛି ।



କାଙ୍ଗ୍ରା ଚିତ୍ରକଳାରେ ଦୋଳିକୁ ଆନନ୍ଦର ପ୍ରତୀକ ଭାବେ ଦର୍ଶାଯାଇଛି ।

ଦୃଶ୍ୟକଳାରେ ୧୬ ଶତାବ୍ଦୀ ବେଳକୁ ଏକ ବିରାଟ ପରିବର୍ତ୍ତନ ଦେଖିବାକୁ ମିଳିଲା । ଧୀରେ ଧୀରେ ବସ୍ତୁଗୁଡ଼ିକ କଳାକୃତିର ପ୍ରମୁଖ ସ୍ଥାନ ଅଧିକାର କରିନେଲା । ଚିତ୍ରକରମାନେ ପ୍ରାକୃତିକ ଓ ମାନବ ତିଆରି ନିର୍ଜିବ ବସ୍ତୁ ବା ଜିନିଷ ପତ୍ରକୁ ବ୍ୟବସ୍ଥିତ ଭାବେ ସଜେଇ **ସ୍ଥିର ଚିତ୍ର** ଆଙ୍କିବାରେ ଆଗ୍ରହ ପ୍ରକାଶ କଲେ । ସେହି ବ୍ୟବସ୍ଥିତ କରାଯାଇଥିବା ବସ୍ତୁଗୁଡ଼ିକ ତ୍ରି-ପାର୍ଶ୍ୱିକ ହୋଇଥିଲେ ହେଁ ତାକୁ ଦ୍ୱି-ପାର୍ଶ୍ୱିକ ଭାବେ ଚିତ୍ରରେ ଆଙ୍କିଲେ, ଯାହା **ପ୍ରାଣବନ୍ତ** ଲାଗିଲା । ତେଣୁ ତାକୁ ସ୍ଥିର ପ୍ରାଣ (ଷ୍ଟିଲ୍-ଲାଇଫ୍) ବା ସ୍ଥିର ଚିତ୍ରଣ କୁହାଗଲା ।

ଏହି ପ୍ରକାରର କଳାକୃତିଗୁଡ଼ିକ କେବଳ ଚିତ୍ରକଳା ବା ରେଖାଙ୍କନ ମଧ୍ୟରେ ସୀମିତ ନଥିଲା, ମୂର୍ତ୍ତିକଳା ଓ ଫଟୋଗ୍ରାଫ୍ (ଆଲୋକଚିତ୍ର)ରେ ମଧ୍ୟ ଏହା ଦେଖିବାକୁ ମିଳିଲା । ଆଜିର ପ୍ରଚାର ଯୁଗରେ ବିଜ୍ଞାପନ ପାଇଁ ତଥା ପତ୍ରିକା, ଖବରକାଗଜ, ଟେଲିଭିଜନ, ହୁଡ଼ିଙ୍ଗ୍ ଆଦିରେ ଦେଖାଯାଉଥିବା ଷ୍ଟିଲ୍ ଲାଇଫକୁ ପ୍ରଡ଼କ୍ଟ ଫଟୋଗ୍ରାଫି ବା ଉତ୍ପାଦ ଆଲୋକ ଚିତ୍ର କୁହାଯାଏ ।





## କ୍ରିୟାକଳାପ ୧୬.୧ : ସ୍ଥିର ଚିତ୍ରଣ ପାଇଁ ବସ୍ତୁଗୁଡ଼ିକୁ ବ୍ୟବସ୍ଥିତ କରିବା

ଏକ ଷ୍ଟିଲ-ଲାଇଫକୁ ଦୃଷ୍ଟି ଆକର୍ଷିତ କରିବାପାଇଁ ତାହାକୁ ବ୍ୟବସ୍ଥିତ ଢ଼ଙ୍ଗରେ ସଜେଇବାକୁ ପଡ଼ିଥାଏ । ଏହା ଆମ ଆଖିକୁ ଦୃଷ୍ଟି ରୁଚିକର ହେବା ସହ ବସ୍ତୁଗୁଡ଼ିକର ରୂପ, ରଙ୍ଗ, ଟେକ୍ସଚର୍ ଇତ୍ୟାଦିର ସାମୂହିକ ଉପସ୍ଥିତିକୁ ଆଙ୍କିବା, ଗୋଟିଏ ବସ୍ତୁ ସହିତ ଅନ୍ୟଟିର ବା ତା ଚାରିପାର୍ଶ୍ୱରେ ରଖିଯାଇଥିବା ବସ୍ତୁ ସହ ତୁଳନାତ୍ମକ ଅନୁସନ୍ଧାନ କରିବାରେ ସହାୟକ ହୋଇଥାଏ ।

ତୁମେମାନେ ନିଜ ନିଜର ରୁଚି ଅନୁସାରେ ଛୋଟ ଛୋଟ ଦଳରେ ବିଭକ୍ତ ହୋଇ ଏହି କ୍ରିୟାକଳାପ ଆରମ୍ଭ କର ।

### ପଦକ୍ଷେପ-୧ : ସ୍ଥିର ଚିତ୍ରଣ ପାଇଁ ବସ୍ତୁର ଚୟନ

୧. ତୁମ ସହ ଜଡ଼ିତ, ଦୈନନ୍ଦିନ ଜୀବନର ତଥା ସଂସ୍କୃତି ସମ୍ବନ୍ଧିତ କିଛି ବସ୍ତୁକୁ ଚୟନ କର । ତୁମେ ତାହାକୁ ଆଙ୍କିବାକୁ ଖୁସି ହେବ କାରଣ ତାହା ବିଷୟରେ ତୁମେ ପୁଙ୍ଖାନୁପୁଙ୍ଖ ବା ସବିଶେଷ ବିବରଣୀ ଜାଣିଛ, ଯଥା; ଏକ ଫଳ ଝୁଡ଼ି, କାନ୍ଥ ଘଣ୍ଟା, ଖେଳନା, ପୁଷ୍ପଗୁଚ୍ଛ, ପୂଜା-ସାମଗ୍ରୀ, ବିଜୟ ସ୍ମାରକ ବା ଟ୍ରଫି ଇତ୍ୟାଦି ।

୨. ସ୍ଥାନୀୟ ଶିଳ୍ପୀଙ୍କ ଦ୍ୱାରା ନିର୍ମିତ କିଛି ଦୁର୍ଲଭ, ଅସାଧାରଣ ବସ୍ତୁ ତଥା ତତ୍ ସମ୍ପର୍କିତ ଜିନିଷ ଖୋଜି ଆଣ ।

୩. ସେଥିରୁ ଆକାର- ପ୍ରକାର, ରଙ୍ଗ, ଢ଼ାଞ୍ଚା, ଟେକ୍ସଚର୍ ଆଦି ଅନୁସାରେ ଭିନ୍ନ ଥିବା ତିନୋଟି କିମ୍ବା ଚାରୋଟି ଜିନିଷ ଚୟନ କର ।

### ପଦକ୍ଷେପ-୨ : ପଛ ପରଦା ଚୟନ

ଏକ ରଙ୍ଗ ବିଶିଷ୍ଟ ଏକ ଅଥବା ଦୁଇଟି ବଡ଼ ପରଦା ପଛରେ ଡ୍ରାପେରୀ ଭାବେ ବ୍ୟବହାର କରିବା ପାଇଁ ବାଛ, ତାହାର ରଙ୍ଗ ଷ୍ଟିଲ ଲାଇଫ୍ ବିଷୟବସ୍ତୁକୁ ସୁହାଉଥିବା ଦରକାର, ନଚେତ୍ ତାହା ବିଷୟ ଆଙ୍କିଲା ବେଳେ ତୁମ ଦୃଷ୍ଟିକୁ ଅନ୍ୟମନସ୍କ କରାଇପାରେ । କପଡ଼ା ନଥିଲେ ଅନ୍ୟ କିଛି ସମତଳ ରଖିହେଲା ଭଳିଆ ଜିନିଷ ମଧ୍ୟ ବ୍ୟବହାର କରିପାରନ୍ତି ଯେପରି କି ବିଷୟବସ୍ତୁଟି ପ୍ରତି ଧ୍ୟାନ କେନ୍ଦ୍ରୀତ କରିହେଉଥିବ ।

### ମୋର କିଛି ପସନ୍ଦର ବିଷୟ ବସ୍ତୁ







https://withteachers.in/


**ପଦକ୍ଷେପ-୩: ବସ୍ତୁଗୁଡ଼ିକୁ ସଜେଇ ଥୋଇବା**

୧. ବିଷୟବସ୍ତୁର ପଛ ପାର୍ଶ୍ୱରେ ପୃଷ୍ଠଭୂମି ଭାବେ ପରଦାଟିକୁ ଏପରି ଟଙ୍ଗେଇବା, ଯାହାର ଭାଙ୍ଗ ଗୁଡ଼ିକ ପ୍ରାକୃତିକ ଲାଗିବା ଉଚିତ ।

୨. ତା ସମ୍ମୁଖରେ ଜିନିଷଗୁଡ଼ିକୁ ଟିକିଏ ଆଗ ପଛ କରି ଥୋଇବା, ଯାହା ଜଣକ ଉପରେ ଆଉ ଜଣେ ଠେଲି ପେଲି ହେଲା ଭଳିଆ ମଧ୍ୟ ଲାଗିପାରେ ।

୩. ଅନ୍ତିମ ନିର୍ଣ୍ଣୟରେ ପହଞ୍ଚିବା ପୂର୍ବରୁ ଦୁଇ-ଚାରି ଥର ଭିନ୍ନ ଭିନ୍ନ ପ୍ରକାରେ ତାକୁ ସଜେଇ ଦେଇ ଦେଖ କେଉଁଟି ବେଶି ପସନ୍ଦ ଲାଗୁଛି, ଯେପରି କି ଗୋଟିଏ ବସ୍ତୁ ଟିକିଏ ଢ଼ଳିଲା ଭଳିଆ ରଖାଯାଇପାରେ ।

୪. **ଆଲୋକ ଓ ଛାୟା:** ବସ୍ତୁଗୁଡ଼ିକୁ ଏପରି ଭାବେ ସଜାଇ ରଖ ଯେପରିକି ଗୋଟିଏ ଦିଗରୁ ଆଲୋକ ଆସି ତା' ଉପରେ ପଡୁଥିବ, ଯାହା ଫଳରେ ଆଲୋକ-ଅନ୍ଧାରର ଉପସ୍ଥିତି ତଥା ଛାୟା ଯୋଗୁଁ ଆଙ୍କିବାକୁ ସୁବିଧାଜନକ ହେବ । ଏଥି ପାଇଁ ଝରକା, କବାଟ ନିକଟରେ ସେଗୁଡ଼ିକୁ ରଖି କିମ୍ବା ଟେବୁଲ ଲ୍ୟାମ୍ପ ଇତ୍ୟାଦିକୁ ଆଲୋକର ଉତ୍ସ ହିସାବରେ ବ୍ୟବହାର କରିପାର ।



**ଶିକ୍ଷକଙ୍କ ପାଇଁ ସୂଚନା:**

ପିଲାମାନଙ୍କୁ ବସ୍ତୁ ଗୁଡ଼ିକୁ ଚୟନ ତଥା ସଂଗ୍ରହ କରିବା ଓ ଭିନ୍ନ ଭିନ୍ନ ପ୍ରକାରେ ସଜେଇ ଥୋଇବା ପାଇଁ ପ୍ରଥମ ଦିନ ଉତ୍ସାହିତ କରନ୍ତୁ । ଏପରି ଭାବେ ସେମାନେ ଭାବିଥିବା ବିଭିନ୍ନ ସଜ୍ଜିକରଣ ପର ବର୍ଷ ଶ୍ରେଣୀରେ ମଧ୍ୟ କାମରେ ଲଗେଇପାରିବେ ।

ପ୍ରଦତ୍ତ ଛବି ଗୁଡ଼ିକରେ ଆଲୋକ କେଉଁ ଦିଗରୁ ଆସୁଛି ତାହା ଜାଣ ।







ମାଟିରେ ବିଭିନ୍ନ ଜିନିଷ ତିଆରି କରି ତାକୁ ହାତରେ ରଙ୍ଗ ଦେବାର ପରମ୍ପରା ସାରା ଭାରତରରେ ଦେଖିବାକୁ ମିଳେ । କିଛି କାରିଗର ବିଭିନ୍ନ ଆକାରର ଫଳ ଓ ପନିପରିବା ଆଦି ନିର୍ମାଣ କରିଥାନ୍ତି ଯାହା ପ୍ରାୟତଃ ସତସତିକା ଭଳିଆ ଲାଗେ ।

**ତୁମେ ଜାଣିଛ କି ?**




https://withteachers.in/

## କ୍ରିୟା କଳାପ-୧୬.୨ : ସ୍ଥିରବସ୍ତୁର ଚିତ୍ର ଅଙ୍କନ ଓ ରଙ୍ଗର ପ୍ରୟୋଗ

### ଆବଶ୍ୟକୀୟ ସରଞ୍ଜାମ

ମାପର କାଗଜ, କିମ୍ବା ଚାର୍ଟ ପେପରର ଏକ ଚତୁର୍ଥାଂଶ, ପେନ୍‌ସିଲ୍, ପେନ୍‌ସିଲ୍‌କୁ ମୁନିଆ କରିବା ଯନ୍ତ୍ର, ଲିଭେଇବା ରବର ଓ ନିଜ ପସନ୍ଦ ମୁତାବକ ତୂଳୀ, ରଙ୍ଗ, ରଙ୍ଗଥାଳିଆ (ପ୍ୟାଲେଟ୍) ଇତ୍ୟାଦିର ଚୟନ ।



### ଶିକ୍ଷକଙ୍କ ପାଇଁ ସୂଚନା

- ଏହି କ୍ରିୟାକଳାପ ପାଇଁ ୪୦ ମିନିଟ୍ଟିଆ ଲଗାତାର ଦୁଇଟି ପିରିଅଡ଼ ହୋଇପାରିଲେ ଭଲ ।
- ଛାତ୍ରଛାତ୍ରୀମାନେ ଅଙ୍କନ କାମ କରୁଥିଲାବେଳେ ଷ୍ଟିଲ-ଲାଇଫ୍ ଷ୍ଟଡ଼ିରେ ରଖାଯାଇଥିବା ଜିନିଷଗୁଡ଼ିକୁ କୌଣସି ପ୍ରକାରେ ବାଧା ବା ପରିବର୍ତ୍ତନ ବା ଘୁଞ୍ଚାଘୁଞ୍ଚ କରାଯିବ ଉଚିତ ନୁହେଁ ।
- ଯଦି ସେମାନେ ମାର୍କର୍ କିମ୍ବା ସ୍କେଚ୍‌ପେନ୍ ବ୍ୟବହାର କରୁଛନ୍ତି, ତେବେ ସେଗୁଡ଼ିକ ଦ୍ୱାରା କ୍ରସ୍-ହାଚିଙ୍ଗ ଓ ଷ୍ଟିପଲିଙ୍ଗ କୌଶଳ ବ୍ୟବହାର କରି ତଥା ବିଭିନ୍ନ ରଙ୍ଗର ପ୍ରୟୋଗ ଦ୍ୱାରା ଗାଢ଼, ଫିକା, ମଧ୍ୟମା ଆଦି ବର୍ଣ୍ଣକ୍ରମ ଦର୍ଶାଇପାରନ୍ତି ।



- ଯଦି କୌଣସି ବିଦ୍ୟାର୍ଥୀ ସ୍ୱୟଂ ରଙ୍ଗ ସୃଷ୍ଟି କରିବାକୁ ଚାହୁଁଛି, ତେବେ ତାଙ୍କୁ କ୍ରିୟାକଳାପ ଆରମ୍ଭ ପୂର୍ବରୁ ରଙ୍ଗ ପ୍ରସ୍ତୁତ କାର୍ଯ୍ୟ ଶେଷ କରିବାକୁ କହିବେ ।
- ସେମାନେ ନିଜେ କିଏ କେଉଁଠି ଶ୍ରେଣୀ ଗୃହ ଭିତରେ ବସିବେ ଓ କେଉଁ କୋଣରୁ ଷ୍ଟିଲ ଲାଇଫ୍ ଷ୍ଟଡ଼ି କାମ କରିବାକୁ ସୁବିଧା ହେବ ତାହା ମିଳିମିଶି ବ୍ୟବସ୍ଥିତ କରିବେ । ସେମାନେ ବସ୍ତୁଗୁଡ଼ିକର ଚତୁଃପାର୍ଶ୍ୱରେ ବସିଲେ ସଭିଏଁ ଅଲଗା ଅଲଗା ଦିଗରୁ କାମ କରିବାକୁ ସୁବିଧା ହେବ ।



https://withteachers.in/

**ପଦକ୍ଷେପ ୧ : ତୁମେ ବସିଥିବା ଦିଗରୁ ଷ୍ଟିଲ-ଲାଇଫକୁ ନିରୀକ୍ଷଣ କର**

ନିମ୍ନରେ ପ୍ରଦତ୍ତ ୫ଟି ଅଲଗା ଅଲଗା ବିଦ୍ୟାର୍ଥୀଙ୍କ ଦ୍ୱାରା ସୃଷ୍ଟ କାମ ଗୁଡ଼ିକୁ ଦେଖ। ପ୍ରତ୍ୟେକ ଜଣ ସେହି ଗୋଟିଏ ବିଷୟ ବସ୍ତୁକୁ ଅଲଗା ଅଲଗା କୋଣରୁ ଦେଖୁଥିବାରୁ ସେଗୁଡ଼ିକରେ ଫରକ ଆସିଛି।

ନିମ୍ନ ବିନ୍ଦୁଗୁଡ଼ିକୁ ଧ୍ୟାନରେ ରଖି ସେମାନଙ୍କ ଛବିର ବିଭିନ୍ନତାକୁ ତର୍ଜମା କର।

- ନୀଳ ଓ ସବୁଜ ରଙ୍ଗର ପଛ ପରଦା ଦ୍ୱାରା ଦଖଲ ହୋଇଥିବା ଅଞ୍ଚଳ।
- ଗୋଟିଏ ବସ୍ତୁ ଉପରେ ଆଉ ଗୋଟିଏ ବସ୍ତୁ ଚଢ଼ିଗଲା ଭଳିଆ ଲାଗୁଥିବା ଅଂଶ ଓ ସେ ଦୁଇ ବସ୍ତୁ ମଝିରେ ଥିବା ଖୋଲା ସ୍ଥାନ।
- ବସ୍ତୁରେ ହାଇଲାଇଟ୍ ଓ ଛାୟା।
- ଦୁଇଟିଯାକ ପାତ୍ରର ମୁଖ ଅଞ୍ଚଳ।

**ପଦକ୍ଷେପ ୨ : ପାଞ୍ଚ ମିନିଟିଆ ନିରୀକ୍ଷଣ**

ତୁମେ ବ୍ୟବସ୍ଥିତ କରିଥିବା ଷ୍ଟିଲ-ଲାଇଫଟିକୁ ଦେଖି ବିଚାର କର । ତାହା ସମାନ୍ତରାଳ କିମ୍ବା ଭର୍ଟିକାଲ ଭାବରେ ଭଲରେ ଆଙ୍କି ହେବ । ତୁମ କାଗଜରେ ଥିବା ଅଧିକାଂଶ ସ୍ଥାନ ସେଥିରେ କାମରେ ଲଗାଅ ।

ତା'ପରେ, ନିମ୍ନ ବିଷୟଗୁଡ଼ିକ ପ୍ରତି ଧ୍ୟାନ ଦିଅ ।

- ପ୍ରତ୍ୟେକ ବସ୍ତୁର ଅନ୍ୟ ବସ୍ତୁ ତୁଳନାରେ ତା'ର ଶାରୀରିକ ଗଠନ ଜନିତ ମାପଚୁପ ।
- ପ୍ରତ୍ୟେକ ବସ୍ତୁର ବାହ୍ୟରେଖା ।
- ଅନେକ ଆକୃତିର ସମାହାରରେ ନିର୍ମିତ ପ୍ରତ୍ୟେକ ବସ୍ତୁ ।



https://withteachers.in/


- ସମରୂପ (ସିମେଟ୍ରି) ଓ ଅସମରୂପ
- ଗୋଟିଏ ବସ୍ତୁର ଅନ୍ୟ ବସ୍ତୁ ଉପରେ ଚଢ଼ିଯାଇଥିବା ଅଂଶ, ଯାହା ତୁମେ ବସିଥିବା ଦିଗରୁ ଦେଖାଯାଉନାହିଁ ।
- ବସ୍ତୁଗୁଡ଼ିକ ମଧ୍ୟରେ ତୁଳନାତ୍ମକ ଦୂରତା, ବ୍ୟବଧାନ, ସକାରାତ୍ମକ ଓ ନକାରାତ୍ମକ ସ୍ଥାନ ।
- ବସ୍ତୁ, କପଡ଼ା (ଡ୍ରାପେରୀ) ଓ ପୃଷ୍ଠଭାଗ (ସରଫେସ୍)ରେ ଆଲୋକ କେଉଁ କୋଣ ବା ଦିଗରୁ ଆସି ପଡ଼ିଛି ଓ ଛାୟା ସୃଷ୍ଟି କରିଛି ।

**ପଦକ୍ଷେପ-୩ : ହାଲୁକା ଭାବରେ ବାହ୍ୟରେଖା ଅଙ୍କନ**

- ଲକ୍ଷକର, କିଛି ବସ୍ତୁର ଅଂଶ, କାଗଜର ମାର୍ଜିନ ପର୍ଯ୍ୟନ୍ତ ଆଙ୍କିବାକୁ ପଡୁଛି । ଏହା ସ୍ଥିର କରିବ ଯେ ସମ୍ପୂର୍ଣ୍ଣ ବିଷୟର ରେଖାଚିତ୍ର କାଗଜର ମାର୍ଜିନ ଭିତରେ ରହୁଥିବ ।
- ବସ୍ତୁ ଗୁଡ଼ିକର ଆନୁପାତିକ ଗଠନ ପ୍ରତି ଧ୍ୟାନ ଦିଅ । ନିଜ ପେନ୍‌ସିଲ୍ ସାହାଯ୍ୟରେ ସବୁଠୁ ଛୋଟ ଓ ସବୁଠୁ ଡ଼େଙ୍ଗା ବସ୍ତୁର ଆକାର ଭେଦକୁ ମାପି ତୁଳନା କର ।

**ସୂଚନା:** ଧ୍ୟାନ ଦିଅ ଯେ ଏପରି କରିବା ଦ୍ୱାରା ଏଠାରେ ତୁମେ ଠିକ୍ ଭାଗ-ମାପରେ ପହଞ୍ଚୁଛ କିନ୍ତୁ ବସ୍ତୁ ଗୁଡ଼ିକର ପ୍ରକୃତ ଆକାରକୁ ମାପି ଅଙ୍କନ କରୁନାହଁ ।

- ପ୍ରତି ବସ୍ତୁର ଲୁଚିଯାଇଥିବା ମୌଳିକ ଆକାରକୁ ତୁମେ ଚିହ୍ନିତ କରିଥିବା ସ୍ଥାନରେ ଆଙ୍କିଦିଅ, ଯାହା ସେଠାରେ ଠିକ୍‌ଠାକ୍ ଲାଗିବା ଉଚିତ ।
- ସମ୍ପୂର୍ଣ୍ଣ ବାହ୍ୟ ରେଖାକୁ ହାଲୁକା ଭାବରେ ଅଙ୍କନ କର ।



**ପ୍ରାୟୋଗିକ ସୂଚନା**

କିଛି କିଛି ସେକେଣ୍ଡ ବ୍ୟବଧାନରେ ମୁଣ୍ଡକୁ ଉପରକୁ ଉଠାଇ ଷ୍ଟିଲ-ଲାଇଫ ସଜ୍ଜିକରଣକୁ ଦେଖି ଦେଖି ଆଙ୍କନ୍ତୁ । ଏପରି କରିବା ଦ୍ୱାରା ତୁମର ଚିତ୍ର ନିରୀକ୍ଷଣ ଭଲ ହେବ ଓ ଛବିଟି ଉନ୍ନତ ହୋଇପାରିବ କାରଣ ରେଖାଙ୍କନ ଓ ରଙ୍ଗ ପ୍ରଲେପରେ ସାମଞ୍ଜସ୍ୟ ରହି ଛବିଟି ଅବିକଳ ଦେଖାଯିବ ।




https://withteachers.in/

### ପଦକ୍ଷେପ-୪ : ସ୍ଥିର ବସ୍ତୁ ଚିତ୍ରଣରେ ରଙ୍ଗ ଦିଅ

ନିଜ ପସନ୍ଦ ଅନୁସାରେ କୌଣସି ଏକ ରଙ୍ଗ ବ୍ୟବହାରର ମାଧ୍ୟମ ବାଛ, ତଥା ବିଭିନ୍ନ ଶୈଳୀରେ ରଙ୍ଗ ପ୍ରଲେପନ କରି, ଆଲୋକ ଓ ଛାୟାର ଉପସ୍ଥିତିକୁ ଦର୍ଶାଅ । ସେଥିରେ ବିଭିନ୍ନ ବିନ୍ଦୁ, ରେଖା, ରଙ୍ଗ ମିଶ୍ରଣ, ତୂଳୀକା ଚାଳନା, ପ୍ୟାଚ୍, ଷ୍ଟ୍ରୋକ୍ ଆଦିର ପ୍ରୟୋଗ ବେଳେ ସୃଜନାତ୍ମକ ଦୃଷ୍ଟିକୋଣକୁ ନେଇ ଚିତ୍ରକଳା ପ୍ରସ୍ତୁତ କର ।






ସ୍କେଚ୍‌ପେନ ଦ୍ୱାରା ଷ୍ଟିପଲିଙ୍ଗ ବା ବିନ୍ଦୁ ପ୍ରୟୋଗ




ଅଏଲ ପାଷ୍ଟାଲ ସାହାଯ୍ୟରେ ବିନ୍ଦୁ ବିନ୍ୟାସ





ରଙ୍ଗୀନ ପେନ୍‌ସିଲ ସାହାଯ୍ୟରେ ହ୍ୟାଚିଙ୍ଗ



ପୋଷ୍ଟର ରଙ୍ଗ ସାହାଯ୍ୟରେ କ୍ଷିପ୍ର ତୂଳୀକ ଚାଳନା

https://withteachers.in/

## ସ୍ଥିର ବସ୍ତୁ ଚିତ୍ରକଳା ପାଇଁ ପ୍ରସିଦ୍ଧି ଲାଭ କରିଥିବା ଶିଳ୍ପୀଗଣ

କଳାର କୌଣସି ସୀମା ନାହିଁ ତଥା କଳାକାରମାନେ ନିଜ ତଥା ଅନ୍ୟ ସଂସ୍କୃତିରୁ ମଧ୍ୟ ପ୍ରେରଣା ନେଇଥାନ୍ତି ।

ଏଠାରେ ଷ୍ଟିଲ-ଲାଇଫ୍ ଚିତ୍ରକଳାର ଦୁଇଟି ଉଦାହରଣ ଦିଆଗଲା । ସେ ଦୁଇଟି ମଧ୍ୟରେ ଥିବା ସମାନତା, ଅସମାନତା, ବ୍ୟବସ୍ଥିତ ବସ୍ତୁ, ରଙ୍ଗ ବିନ୍ୟାସ, ତୂଳୀକା ଚାଳନାରେ କ୍ଷୀପ୍ରତା ଇତ୍ୟାଦି ।

ପାଉଲ୍ ସେଜାଁ ୧୯ ଶତାବ୍ଦୀର ଫ୍ରାନ୍ସ ଦେଶର ଜଣେ ଚିତ୍ରକର ଅଟନ୍ତି । ସେ ଚିତ୍ରକଳାରେ ନୂଆଁ ନୂଆଁ ଶୈଳୀର ପ୍ରୟୋଗ କରୁଥିଲେ, ଯାହା ସେ ସମୟର ଅନେକଙ୍କୁ ଗ୍ରହଣୀୟ ଲାଗୁ ନଥିଲା ।



ପାଉଲ୍ ସେଜାଁ, ସେଓ ଏବଂ ପ୍ରିମୋରୋଜ ଫୁଲକୁଣ୍ଡର ଷ୍ଟିଲ୍-ଲାଇଫ, ୧୮୯୦



କ୍ରିଷ୍ଣା ହାଓଲାଜୀ ଅରା, ଷ୍ଟିଲ-ଲାଇଫ୍, ୨୦ ଶତାବ୍ଦୀ

କ୍ରିଷ୍ଣା ହାଓଲାଜୀ ଅରା ବିଂଶ ଶତାବ୍ଦୀର ଭାରତର ଜଣେ ପ୍ରମୁଖ ଚିତ୍ରକର ଅଟନ୍ତି । ସେ ସମୟର ବମ୍ବେର ପ୍ରୋଗେସିଭ ଆର୍ଟିଷ୍ଟ ଗ୍ରୁପର ସେ ସଦସ୍ୟ ଥିଲେ, ଯିଏକି ବିଶ୍ୱର ଅନେକ ଚିତ୍ରକରଙ୍କ ଦ୍ୱାରା ପ୍ରଭାବିତ ହୋଇଥିଲେ । ସେ ନିଜର ସୁନ୍ଦର ସ୍ଥିରବସ୍ତୁ ଚିତ୍ରକଳା ପାଇଁ ସୁନାମ ଅର୍ଜନ କରିଥିଲେ ।



**ଶିକ୍ଷକଙ୍କ ପାଇଁ ସୂଚନା:** ବିଦ୍ୟାର୍ଥୀମାନଙ୍କୁ ବିଭିନ୍ନ ଶୈଳୀର ଷ୍ଟିଲ-ଲାଇଫ ଛବି ଓ ସେଗୁଡ଼ିକୁ ଆଙ୍କିଥିବା ଶିଳ୍ପୀମାନଙ୍କର ବିଷୟରେ ଜଣାଅ ।



https://withteachers.in/

## ମାନ ନିର୍ଦ୍ଧାରଣ

| ଅଧ୍ୟାୟ-୧୬ : ସ୍ଥିର ବସ୍ତୁ ଚିତ୍ରଣରେ ରଙ୍ଗର ପ୍ରୟୋଗ | | | | |
|---|---|---|---|---|
| CG | C | ଶିକ୍ଷଣ ଫଳାଫଳ | ଶିକ୍ଷକ | ବିଦ୍ୟାର୍ଥୀ |
| ୧ | ୧.୧ | ସ୍ଥିର ବସ୍ତୁ ଚିତ୍ରଣ ବେଳେ ବସ୍ତୁଗୁଡ଼ିକର ଅବସ୍ଥାନ, ପ୍ରୟୋଗ ସାମଗ୍ରୀରେ ବିଭିନ୍ନତା ତଥା ରଙ୍ଗ ଚୟନ ଆଦି ଦିଗ ଗୁଡ଼ିକର ନିରୀକ୍ଷଣ । | | |
| ୩ | ୩.୨ | ବସ୍ତୁ ଚୟନ, ସେ ଗୁଡ଼ିକୁ ସଜେଇ ରଖିବା, ଇତ୍ୟାଦି ନିଷ୍ପତ୍ତି ନେଲାବେଳେ ଶିକ୍ଷକଙ୍କୁ ଜଣାଇବା । | | |
| | | ସାମଗ୍ରିକ ଅଂଶ ଗ୍ରହଣ । | | |

### ଶିକ୍ଷକଙ୍କ ମତାମତ ଓ ବିଦ୍ୟାର୍ଥୀଙ୍କ ନିରୀକ୍ଷଣ

------------------------------------------------------------

------------------------------------------------------------

------------------------------------------------------------

------------------------------------------------------------

------------------------------------------------------------

https://withteachers.in/

# ୧୭ ବିଭିନ୍ନ ସ୍ଥାନଗୁଡ଼ିକରେ ଲୋକମାନେ



**ପରିପ୍ରେକ୍ଷଣ ବା ପର୍ସପେକ୍ଟିଭର ପରିଚୟ ପ୍ରଦାନ**

ରେଖାଙ୍କନ ଓ ଚିତ୍ରକଳାର ଏପରି ସାମର୍ଥ୍ୟ ଅଛି ଯେ ସେ ତୁମକୁ ଅନ୍ୟ ଏକ ଦୁନିଆଁକୁ ନେଇଯାଇପାରିବ । ସେଥିରୁ କିଛି **ଟୁ-ଡ଼ାଇମନ୍ସନାଲ୍** (ଦ୍ୱି-ଆୟାମୀ) ହୋଇଥିଲେ ହେଁ ସେଥିରେ ଥିବା ବିଭିନ୍ନ ରେଖା, ରଙ୍ଗ, ଢ଼ାଞ୍ଚା, ଟେକ୍ସଚର ଯୋଗୁଁ ତାହା ସୁନ୍ଦର ଓ ପ୍ରଲୋଭିତ ଲାଗେ । ଆଉ କିଛି ଥ୍ରୀ-ଡ଼ାଇମନ୍ସନାଲ୍ ବା ତ୍ରୀ-ଆୟାମୀ ଭଳି ହୋଇଥିବାରୁ ଛବିରୁ ବାହାରି ଆସିଲା ଭଳିଆ ଭ୍ରମ ସୃଷ୍ଟି କରେ । ତୁମେ କେବେ ଏପରି ଭାବେ ଚକିତ ହୋଇଛ କି ?

**ପର୍ସପେକ୍ଟିଭ** ଏପରି ଏକ କୌଶଳ ଯାହା ତ୍ରୀ-ଆୟାମୀ ବିଷୟକୁ ଦ୍ୱି-ଆୟାମୀ ଭାବେ କାଗଜ / କ୍ୟାନଭାସ୍ ଉପରେ ଦର୍ଶାଇଥାଏ । ଏହା ଦୂରତ୍ୱ ଓ ଗଭୀରତାର ଏକ ମାୟା ସୃଷ୍ଟି କରିଥାଏ, ଯେଉଁଠି ନିକଟ ଜିନିଷ ବଡ଼ ଓ ପ୍ରାଞ୍ଜଳ ଦେଖାଯାଏ ତଥା ଦୂର ଜିନିଷ ଛୋଟ ଲାଗେ । ନିମ୍ନରେ ଦିଆଯାଇଥିବା ଉଦାହରଣ ଅନୁସାରେ ଆଙ୍କିବା ଅଭ୍ୟାସ କର ଦେଖିବ ତୁମେ ମଧ୍ୟ ଏଭଳି ଚମତ୍କାର ସୃଷ୍ଟି କରିପାରିବ ।


ନିମ୍ନରେ ପ୍ରଦତ୍ତ ଛବିଟିକୁ ଦେଖ । ଯଦିଓ ରାସ୍ତାର ଦୁଇଟିଯାକ ପାର୍ଶ୍ୱର ରେଖା ସମାନ୍ତରାଳ ଅଟେ ତଥାପି ଦୂରରେ ଯାଇ ସେ ଦୁଇଟି ମିଶି ଯାଇଛନ୍ତି । ଏପରି ଅନୁଭବ ତୁମେ ରେଳପଥକୁ ଦୂର ପର୍ଯ୍ୟନ୍ତ ଦେଖିଲେ ହେବ ।

**ନିରୀକ୍ଷଣ କର**

- ହରାଇଜୋନ୍ ଲାଇନ୍ ଆମ ଆଇ ଲେବଲ ସହ ସମାନ୍ତରାଳ ଥାଏ ।
- ରେଖା ଗୁଡ଼ିକ ଭାନିସିଙ୍ଗ ପଏଣ୍ଟରେ ମିଶିଯାଆନ୍ତି । ଯାହା ମଧ୍ୟ ଆମ ଆଇ ଲେବଲ୍‌ର ସମାନ୍ତରାଳ ଅଟେ ।






https://withteachers.in/

ଚାଲ ଦେଖିବା ରେଖାଗୁଡ଼ିକ କିପରି ଭାବରେ ପର୍ସପେକ୍ଟିଭ୍‌ରେ ଦେଖାଯାଉଛି ।

- ନିଜ ଆଖି ଡ଼ୋଳାକୁ ଏକ ବୃତ୍ତ ଭାବ ଓ ତାହାର ବିନ୍ଦୁକୁ ଭାନିସିଙ୍ଗ ପଏଣ୍ଟ ।
- ଭାବ ଯେ ଆଖିର ସେହି କେନ୍ଦ୍ରବିନ୍ଦୁ ମଧ୍ୟ ଦେଇ ଏକ ହରାଇଜୋଣ୍ଟାଲ ରେଖା ଦେଖାଯାଉଛି ।
- ଆଖି ଡ଼ୋଳାର ସେହି କେନ୍ଦ୍ରବିନ୍ଦୁରୁ ବିଭିନ୍ନ ଦିଗକୁ ରେଖାମାନ ବ୍ୟାପି ଯାଉଛି ବୋଲି ଭାବ ।



**ପର୍ସପେକ୍ଟିଭ୍ ଅଙ୍କନ କରିବା ପାଇଁ ତିନୋଟି କଥା ଗୁରୁତ୍ୱପୂର୍ଣ୍ଣ ।**

୧. ଦୃଶ୍ୟରେ ହରାଇଜନ୍ ରେଖା କଳ୍ପନା କର ଓ ତାକୁ ନିଜର ଆଖି ସିଧା (ଆଇଲେବଲ୍) ଅନୁସାରେ ରଖ ।

୨. ସେହିପରି ଭାନିସିଙ୍ଗ୍ ପଏଣ୍ଟକୁ କଳ୍ପନା କର ।


୩. ନିରୀକ୍ଷଣ କର ଯେ, ବହୁ ଦିଗ ବା କୋଣରୁ ରେଖା ଗୁଡ଼ିକ ଆସି ଭ୍ୟାନସିଙ୍ଗ ପଏଣ୍ଟରେ ମିଶୁଛନ୍ତି ।




*ରାଣୀଙ୍କ ଭାବ, ପାହାଚ କୂଅ, ପତନ, ଗୁଜରାତ*

ବିଭିନ୍ନ କୋଠବାଡ଼ି ଓ ସ୍ଥାପତ୍ୟ କୀର୍ତ୍ତିଗୁଡ଼ିକୁ ନିରୀକ୍ଷଣ କରି ଅବିକଳ ଚିତ୍ର ଆଙ୍କିବାରେ ପର୍ସପେକ୍ଟିଭ ସହାୟକ ହୁଏ । ଶହେ ଟଙ୍କିଆ ନୋଟ୍‌ରେ ଥିବା ଛବିଟିକୁ ଏହି କ୍ରମରେ ଉଦାହରଣ ଭାବେ ନିଅ ।


ଲକ୍ଷକର, କିପରି ଭାବରେ ଦର୍ଶାଯାଇଥିବା ଗୁଜରାତର ଏକ ପାହାଚ କୂଅର ଦୃଶ୍ୟରେ ଉପର ମହଲାରୁ ତଳ ମହଲା ପର୍ଯ୍ୟନ୍ତ କାଳ୍ପନିକ ରେଖାଗୁଡ଼ିକ ଗତିକରି ଏକ ନିର୍ଦ୍ଦିଷ୍ଟ ବିନ୍ଦୁରେ ବା ଭାନିସିଙ୍ଗ ପଏଣ୍ଟରେ ଏକାଠି ହୋଇଛନ୍ତି ।





https://withteachers.in/

ଠିକ୍ ସେହିଭଳି ଲକ୍ଷ କର କୋଠାବାଡ଼ିର ଆଭ୍ୟନ୍ତରୀଣ ଫଟୋଗୁଡ଼ିକରେ କିପରି ଭାବରେ କାଳ୍ପନିକ ରେଖାମାନ ଏକ ନିର୍ଦ୍ଦିଷ୍ଟ କେନ୍ଦ୍ରବିନ୍ଦୁରେ ଆସି ଏକାଠି ହୋଇଛନ୍ତି ଯାହାକୁ ଭାନିସିଙ୍ଗ ପଏଣ୍ଟ କୁହାଯାଇଥାଏ ।


ପର୍ସପେକ୍ଟିଭ୍ ଅଙ୍କନ କରିବା ପାଇଁ ଏହାର ନୀତିଗତ ସିଦ୍ଧାନ୍ତ ଗୁଡ଼ିକୁ ଥରେ ଭଲ ଭାବରେ ବୁଝିଗଲେ, ତାହା ସମ୍ବନ୍ଧୀୟ ଚିତ୍ର ପାଇଁ ଯେକୌଣସି ସାଧାରଣ ବସ୍ତୁକୁ ମଧ୍ୟ ସହଜରେ ଅଙ୍କନ କରିପାରିବ ।






https://withteachers.in/



ଏକ ଟେବୁଲ୍‌ର ବିଭିନ୍ନ ପର୍ସପେକ୍ଟିଭ ଦିଗରୁ ଉଦାହରଣ

## କ୍ରିୟାକଳାପ - ୧୭.୧: ଦୃଶ୍ୟାଙ୍କନ ପୂର୍ବରୁ

**ଦୃଶ୍ୟଚୟନ ପାଇଁ ଏକ କାର୍ଡ଼ ପ୍ରସ୍ତୁତ କର**


**ସରଞ୍ଜାମ:** ଅବ୍ୟବହୃତ ଅଥବା ଅଦରକାରୀ ପ୍ଲାଷ୍ଟିକ୍ କାଗଜ, ବଲ୍ ପେନ୍, ମାପିବା ପାଇଁ ସ୍କେଲ୍, ସ୍ଥାୟୀ ମାର୍କର୍ କଲମ ଓ କଇଁଚି ।

**କାର୍ଯ୍ୟପଦ୍ଧତି:**

- A4 ମାପର ଏକ ପ୍ଲାଷ୍ଟିକ ଟ୍ରାନସପରେଣ୍ଟ କାଗଜ ସଂଗ୍ରହ କର ।
- ଦର୍ଶା ଯାଇଥିବା ଫୋଟ ଅନୁସାରେ ସେ କାଗଜ ଉପରେ ବଲ୍ ପେନ୍ କିମ୍ବା ସ୍ଥାୟୀ ମାର୍କର୍ କଲମ ତଥା ସ୍କେଲ୍ ସାହାଯ୍ୟରେ ଗ୍ରୀଡ୍ ଅଙ୍କନ କର । ଏହା ତୁମ ପାଇଁ ଦୃଶ୍ୟ ଜାଲି ବା ଦୃଶ୍ୟ-ଗ୍ରୀଡ୍ ଭାବରେ କାମରେ ଆସିବ ।
- ତୁମ ଚତୁଃପାର୍ଶ୍ୱକୁ ଏହି ଗ୍ରୀଡ୍ ମାଧ୍ୟମରେ ଦେଖ ଓ ତାକୁ ସିଧା ବା ସଳଖ ଭାବେ ଧରି କାମ କର ।
- ଦୃଶ୍ୟକୁ ଦେଖିଲାବେଳେ ଗ୍ରୀଡ୍‌ର ହରାଇଜନ୍ ଲାଇନ୍ ଓ ତୁମ ଆଇ ଲେବଲ୍‌କୁ ସମାନ କରିବାକୁ ଚେଷ୍ଟା କର ।

https://withteachers.in/


- ଗ୍ରୀଡ୍ ମଧ୍ୟଦେଇ ଦୃଶ୍ୟକୁ ଦେଖିଲାବେଳେ ଲକ୍ଷ କର ଗ୍ରୀଡ଼ର କେଉଁ କେଉଁ ରେଖା ଗୁଡ଼ିକ ଦୃଶ୍ୟର ହରାଇଜନ୍ ଲାଇନ ସହିତ ମେଳ ଖାଉଛି ।
- ସେହି ଭଳି ବସ୍ତୁଟିର ବାକି ରେଖା ଓ ଆକାରଗୁଡ଼ିକୁ ଗ୍ରୀଡ୍‌ର ରେଖା ଓ ସ୍କୋୟାର ସହ ନିରୀକ୍ଷଣ କର ।
- ବସ୍ତୁ ଉପରେ ନିକଟ ଓ ଦୂରତାକୁ ନିରୀକ୍ଷଣ କରିବ ସହ ରେଖାଗୁଡ଼ିକର କୋଣକୁ ତୁଳନା କର ।



ଗ୍ରୀଡ୍ ମଧ୍ୟଦେଇ ଦୃଶ୍ୟକୁ ଦେଖ

- ଯାହାକୁ ତୁମେ ଅଙ୍କନ କରିବାକୁ ଚାହୁଁଛ । ସେ ଭଳିଆ ଦୃଶ୍ୟଟିଏ ପସନ୍ଦ କର ।
- ସେହି ଦୃଶ୍ୟଟିକୁ ଅବିକଳ ଆଙ୍କିଲାବେଳେ ଗ୍ରୀଡ୍ କରାଯାଇଥିବା ପ୍ଲାଷ୍ଟିକ ଟ୍ରାନସପରେଣ୍ଟ କାଗଜଟିକୁ ବ୍ୟବହାର କର ।

ସେହି ଟ୍ରାନସପରେଣ୍ଟ ସିଟ୍ ମଧ୍ୟ ଦେଇ ଯାହା ଦେଖୁଛ ତାକୁ ଅବିକଳ ତୁମ କାଗଜରେ ଅଙ୍କନ କର ।







https://withteachers.in/

## ମାନବ ଶରୀର ଗଠନ

ମାନବର ଶାରୀରିକ ଢ଼ାଞ୍ଚାକୁ ଆନାଟୋମୀ କୁହାଯାଏ । ତୁମର ପିଲା ଦିନର ଫଟୋକୁ ଦେଖିଲେ ତୁମେ ବର୍ତ୍ତମାନ ବୟସରେ ଜାଣିପାରିବ ଯେ ବୟସର ଭିନ୍ନ ଭିନ୍ନ କାଳରେ କିପରି ଭାବେ ଆମ ଶରୀର ଗଠନ ବା ଶାରୀରିକ ଢ଼ାଞ୍ଚାରେ ପରିବର୍ତ୍ତନ ହୋଇଆସିଛି । ବର୍ଷକୁ ବର୍ଷ ତୁମ ଶରୀରର କିଛି ଅଂଶ ବା ଅଙ୍ଗ ଅନ୍ୟ ଅଙ୍ଗ ତୁଳନାରେ ଶୀଘ୍ର ବଢ଼ିଛି ।

ଶରୀରର ବିଭିନ୍ନ ଅଂଶକୁ ଗୋଟିଏ ସହ ଅନ୍ୟଟିର ତୁଳନା କରିବା ବା ମାପଚୁପ କରିବାକୁ ରାସିଓ ଓ ପ୍ରୋପୋର୍ସନ୍ କୁହାଯାଏ, ଯାହାକୁ ଆମେ ତୁଳନାତ୍ମକ ସମାନୁପାତ ମଧ୍ୟ କହିଥାଉ । ଯଥା; ଆମେ ଯଦି ମୁଣ୍ଡକୁ ଗୋଟିଏ ମାପ ଭାବେ ଗ୍ରହଣ କରିବା ତେବେ ସେହି ଅନୁସାରେ ଦେଖିବା ଯେ ସେହି ମାପଟି ଶରୀରର ଆଉ କେଉଁ ଅଂଶ ସହ ମେଳ ଖାଉଛି (୧:୧), କେଉଁଟି ଦୁଇଟି ମୁଣ୍ଡର ଆକାରର (୧.୨) ଓ ସେହିପରି କେଉଁଟି ତିନୋଟି ମୁଣ୍ଡର ଆକାରର ଅଟେ ।








https://withteachers.in/

## ମାନବ ଶରୀର ଗଠନ

ଭାରତୀୟ ଚିତ୍ରକଳା ଓ ମୂର୍ତ୍ତିକଳାରେ ମାନବ ଶରୀରର ତୁଳନାତ୍ମକ ମାପଚୁପ ଏକ ପ୍ରମୁଖ ଅଂଶ ଅଟେ । ପ୍ରାଚୀନ ଗ୍ରନ୍ଥ ଶିଳ୍ପଶାସ୍ତ୍ରରେ ଲିଖିତ ଅଛି ଯେ କିପରି ଭାବରେ ବିଭିନ୍ନ ପ୍ରକାରର ଶାରୀରିକ ଗଠନ ପ୍ରତି ଚିତ୍ର ଦର୍ଶାଇଲା ବେଳେ ଧ୍ୟାନ ଦେବାକୁ ହୁଏ ଯଥା, ଦେବା-ଦେବୀ, ରାଜପରିବାର, ଯୋଦ୍ଧା, ଶିଶୁ, ପଶୁ ଓ ଅନ୍ୟାନ୍ୟ ବିଭିନ୍ନ ପୌରାଣିକ ପ୍ରାଣୀଙ୍କ ରୂପ ବର୍ଣ୍ଣନା । ଏହି ପ୍ରଣାଳୀକୁ **ତାଳମାନ ପଦ୍ଧତି** କୁହାଯାଏ । ଅର୍ଥାତ୍ ଯେଉଁଥିରେ ହାତ ପାପୁଲିର ଲମ୍ବକୁ (ଜଣେ ଯୁବ ବୟସର ମଣିଷର ହାତର ମଣିବନ୍ଧ ଠାରୁ ମଝି ଅଙ୍ଗୁଳିର ଅଗ୍ରଭାଗ ପର୍ଯ୍ୟନ୍ତ) ଏକ ତାଳ କୁହାଯାଏ ।






**ଶିକ୍ଷକଙ୍କ ପାଇଁ ସୂଚନା**

ରାସିଓ ଏବଂ ପ୍ରୋପୋର୍ସନ୍ ବାବଦରେ ବୁଝେଇଲାବେଳେ ବିଦ୍ୟାର୍ଥୀମାନଙ୍କୁ ତାଙ୍କର ଗାଣିତିକ ଦକ୍ଷତାର କୁଶଳ ବିନିଯୋଗ କରିବାରେ ଉତ୍ସାହିତ କରନ୍ତୁ ।




https://withteachers.in/

## କ୍ରିୟାକଳାପ ୧୭.୨ : ପ୍ରୋପୋର୍ସନକୁ ଚିହ୍ନିତ କର


ଉଦାହରଣରେ ଦର୍ଶାଯାଇଥିବା ଛବିଟିରେ ବିଭିନ୍ନ ବ୍ୟକ୍ତି ବିଶେଷଙ୍କର ସମାନୁପାତିକ ଶାରୀରିକ ଭାଗମାପକୁ ଚିହ୍ନିତ କର ।

- ମୁଣ୍ଡର ଆକାରକୁ ମାପିବା ସକାଶେ ଦୁଇଟି ହରାଇଜେଣ୍ଟାଲ ଲାଇନ୍ ଚିହ୍ନିତ କର ।
- ଏହି ଦୁଇ ରେଖା ମଧ୍ୟରେ ଦୂରତା ଅନୁସାରେ ଶରୀରର ଉଚ୍ଚତାକୁ ସେହିଭଳି ଅନେକ ହରାଇଜେଣ୍ଟାଲ୍ ଲାଇନ୍ ଦ୍ୱାରା ମାପି ଦିଅ ।
- ପୁରା ଶରୀରର ଉଚ୍ଚତାକୁ ତୁଳନା କଲାବେଳେ କେତୋଟି ଥର ମୁଣ୍ଡର ମାପକୁ ଗଣନା କରାଯାଇଛି ତାହା ଲେଖିରଖ ।
- ମୁଣ୍ଡର ମାପ ଅନୁସାରେ ଶରୀରର ଉଚ୍ଚତାକୁ ତୁଳନା କରି ତାର ରାସିଓ ବା ଭାଗ-ମାପ ଲେଖିରଖ ।

ବିଭିନ୍ନ ବୟସର ବ୍ୟକ୍ତି ବିଶେଷଙ୍କ ଶାରୀରିକ ଗଠନ ଓ ତା' ସହ ସେମାନଙ୍କର ମୁଣ୍ଡର ମାପ ଜନିତ ତଫାତ୍ ବାବଦରେ ଆଲୋଚନା କର ।



**ଶିକ୍ଷକଙ୍କ ପାଇଁ ସୂଚନା:** ଏହି କ୍ରିୟାକଳାପ କଲାବେଳେ ଗଣିତ ଶିକ୍ଷକଙ୍କ ସହ ଆଲୋଚନା କରି ବିଦ୍ୟାର୍ଥୀମାନଙ୍କୁ ଗଣିତ ଶିକ୍ଷକଙ୍କ ସହଯୋଗ ନେଇ ଶାରୀରିକ ରାସିଓ ଏବଂ ପ୍ରୋପୋର୍ସନ୍ ଚିତ୍ରଣକୁ ବୁଝିବାରେ ସହାୟକ ହୁଅନ୍ତୁ ।




https://withteachers.in/

## କ୍ରିୟାକଳାପ ୧୭.୩: ନିଜ ସାଙ୍ଗମାନଙ୍କ ଚିତ୍ର ଅଙ୍କନ କର

ପ୍ରତ୍ୟେକ ବ୍ୟକ୍ତିଙ୍କଠାରେ କିଛି କିଛି ଶାରୀରିକ ପ୍ରୋପୋର୍ସନ ବାବଦରେ କିଛିଟା ଅସମାନତା ରହିଥାଏ, ଯାହା ତାଙ୍କୁ ଅନ୍ୟମାନଙ୍କଠାରୁ ଅଲଗା ଦର୍ଶାଏ । ସେମିତି କିଛି ଧରାବନ୍ଧା ପ୍ରୋପୋର୍ସନ୍ ନାହିଁ ଯାହା ସମସ୍ତଙ୍କ କ୍ଷେତ୍ରରେ ଲାଗୁ ହୋଇପାରିବ ।

ତୁମ ସାଙ୍ଗ ତଥା ସହପାଠୀଙ୍କର ଶାରୀରିକ ଭାଗମାପକୁ ନିରୀକ୍ଷଣ କରି ସେଥିରୁ ଚିତ୍ର ଅଙ୍କନ କର । ତାଙ୍କର ପୁରା ଶରୀରର ଚିତ୍ର ଆଙ୍କିବା ପାଇଁ ତାଙ୍କୁ ଠିଆ ହୋଇଥିବା ମୁଦ୍ରାରେ ଦେଖ ଓ ଅଙ୍କନ କର ।

**ପଦକ୍ଷେପ ୧ : ମୁଣ୍ଡ ଠାରୁ ଆରମ୍ଭ କରି ପ୍ରୋପୋର୍ସନ ଗୁଡ଼ିକ ଲେଖ**

ପେନସିଲକୁ ଦୃଶ୍ୟ ମାପିବା ପାଇଁ କିପରି ବ୍ୟବହାର କରାଯାଏ ତାହା ଷ୍ଟିଲ-ଲାଇଫ ଷ୍ଟଡ଼ି ବେଳେ ତୁମେ ବୁଝିସାରିଛ । ଠିକ୍ ସେମିତି ଏଠି ମଧ୍ୟ ପେନସିଲ୍‌କୁ ଏକ ମାପକ ଭାବେ ବ୍ୟବହାର କରି ଦେଖ ମୁଣ୍ଡର ଆକାରର ମାପଟି ଶରୀର ଅଙ୍କନ ବେଳେ କେତେଥର ପୁନରାବୃତ୍ତି ହୋଇଛି ।

**ପଦକ୍ଷେପ ୨ :** ତୁମେ ମାପି ଥିବା ପ୍ରୋପୋର୍ସନ୍ ଅନୁସାରେ କାଗଜ ଉପରେ ହାଲକା ଭାବରେ ଆଙ୍କ ଯେପରିକି ପୁରା ଶରୀରର ଚିତ୍ର ସେଥିରେ ସ୍ଥାନ ପାଇ ପାରୁଥିବ ।


**ପଦକ୍ଷେପ ୩:** ସେହି ପରି ଭାବରେ ଶରୀରର ବିଭିନ୍ନ ଅଂଶକୁ ମାପି ଓ ପ୍ରୋପୋର୍ସନ୍ ପ୍ରତି ଧ୍ୟାନ ରଖି ଆଙ୍କି ଚାଲ ।

**ପଦକ୍ଷେପ-୪ :** ଚିତ୍ରଟିକୁ ସମ୍ପୂର୍ଣ୍ଣ କର ସାଙ୍ଗ ମାନଙ୍କୁ ଦେଖାଅ । ତୁମ ଚିତ୍ରରେ କେଉଁ କେଉଁ ଅଂଶରେ ପ୍ରୋପୋର୍ସନ ଠିକ୍ ଲାଗୁଛି କିମ୍ବା ଉନ୍ନତି ଆବଶ୍ୟକ ହେଉଛି, ଶିକ୍ଷକଙ୍କ ଠାରୁ ବୁଝିନିଅ ।

## ଶାରୀରିକ ଭାବଭଙ୍ଗୀ

ଠିଆ ହୋଇଥିବା ଗୋଟିଏ କିମ୍ବା ଦୁଇଟି ଚିତ୍ର ଆଙ୍କିସାରିଲା ପରେ ଅନ୍ୟାନ୍ୟ ପ୍ରକାରର ଆସନ ବା ଭାବଭଙ୍ଗୀର ଯଥା, ବସିଥିବା, ନଇଁଥିବା, ଶୋଇଥିବା, ଆଣ୍ଠେଇଥିବା ଓ ଏହିଭଳି ଅନ୍ୟାନ୍ୟ ପ୍ରକାରର ଶାରୀରିକ ପୋଜିସନର ବା ମୁଦ୍ରାର ଚିତ୍ର ଅଙ୍କନ କର । ଏଥିପାଇଁ ତୁମେ ତୁମର ସାଙ୍ଗ କିମ୍ବା ପରିବାରର ସଦସ୍ୟଙ୍କୁ ତୁମ ପାଇଁ ବିଭିନ୍ନ ପ୍ରକାରର ଅଙ୍ଗଭଙ୍ଗୀରେ ବସିବାକୁ ଅନୁରୋଧ କର ।

ସେମାନଙ୍କୁ ତୁମେ ଅଙ୍କନ କରିଥିବା ଚିତ୍ର ଗୁଡ଼ିକ ଦେଖାଅ ଓ ମାନବ ଶରୀରର ପ୍ରୋପୋର୍ସନ ଆଙ୍କିଲା ବେଳେ କ'ଣ କ'ଣ ସବୁ ଆକର୍ଷକ କଥା ଜାଣିଲ ତାହା ତାଙ୍କୁ ମଧ୍ୟ ଜଣାଅ ।





https://withteachers.in/

## କ୍ରିୟାକଳାପ-୧୭.୪: ପର୍ସପେକ୍ଟିଭରେ ସଂଯୋଜନା



**ପଦକ୍ଷେପ ୧ :** ତୁମ ସଂଯୋଜନାର ଲେଆଉଟ୍ ପାଇଁ କିଛି ପ୍ରାରମ୍ଭିକ ସ୍କେଚ୍ ଅଙ୍କନ କର ।

- ତୁମର ପୂର୍ବ ଚିତ୍ରଗୁଡ଼ିକୁ ବ୍ୟବହାର କରି ଏହି ଛବିରେ ସମ୍ମୁଖ ଭାଗ, ମଧ୍ୟଭାଗ ଓ ବ୍ୟାକଗ୍ରାଉଣ୍ଡ ଉପାଦାନ ଗୁଡ଼ିକର ଯୋଜନା କର ।
- ଏଥିରେ ହରାଇଜନ ଲାଇନ୍ ଓ ଭ୍ୟାନିସିଙ୍ଗ୍ ପଏଣ୍ଟ୍‌କୁ ଚିହ୍ନିତ କର ।
- ଏହା ଆରମ୍ଭ କରିବା ପାଇଁ ଛବିରେ ଦର୍ଶାଯାଇଥିବା ଭଳି ତିନୋଟି ମାନବ ଆକୃତିକୁ ଭିନ୍ନ ଭିନ୍ନ ଦୂରତ୍ୱରେ ଅଙ୍କନ କର ଯେପରି କି ଦୁଇଜଣ ପାଖାପାଖି ଥିଲାବେଳେ ଅନ୍ୟ ଜଣକ ଟିକିଏ ଦୂରରେ ଥିବେ ।
- ତୁମ ନିଜର ପର୍ସପେକ୍ଟିଭ ତଥା ପ୍ରୋର୍ପୋସନ ଜ୍ଞାନ ଅନୁସାରେ ଅନ୍ୟାନ୍ୟ ଉପାଦାନ ଗୁଡ଼ିକୁ ଯୋଡ଼ ଯଥା ଆସବାସ ପତ୍ର, ଗଛ, ରାସ୍ତାଘାଟ, ମୋଟରଗାଡ଼ି, କୋଠାବାଡ଼ି ଇତ୍ୟାଦି ।

**ଧ୍ୟାନ ଦିଅ:** ମାନବ ଆକୃତି ଗୁଡ଼ିକ ଚିତ୍ରରେ ଆଙ୍କିଥିବା ଭୂ-ଦୃଶ୍ୟ କିମ୍ବା ଘର ଭିତରର ପରିବେଶ ବା ପୃଷ୍ଠଭୂମି ସହ ପ୍ରୋପୋର୍ସନେଟ୍ ଲାଗିବା ଆବଶ୍ୟକ ।

**ପଦକ୍ଷେପ-୨ :** ଗୋଟିଏ ଲେଆଉଟ୍ ପସନ୍ଦ କର । ତୁମର ପୂର୍ବର ସ୍କେଚ୍ ଗୁଡ଼ିକ ଶିକ୍ଷକଙ୍କୁ ଦେଖାଅ, ତାଙ୍କର ମତାମତ ନିଅ ଓ ତୁମେ କ'ଣ ଅଙ୍କନ କରିବାକୁ ପସନ୍ଦ କରୁଛ ଆଲୋଚନା କରି ଚୂଡ଼ାନ୍ତ ନିଷ୍ପତ୍ତି ନିଅ ।

**ପଦକ୍ଷେପ-୩:** ଚୂଡ଼ାନ୍ତ ଛବିଟି ଆଙ୍କିବା ଆରମ୍ଭ କର ।

- **ରେଖା ଚିତ୍ରଣ-** ଆଗରୁ ଅଙ୍କନ କରିଥିବା ପୂର୍ବ ବା ପ୍ରିପାରାଟୋରୀ ସ୍କେଚ୍ ଗୁଡ଼ିକ ଆଧାରରେ ଚୂଡ଼ାନ୍ତ ବା ଫାଇନାଲ୍ ଛବିଟି ଅଙ୍କନ କର ।
- **ଆବଶ୍ୟକୀୟ ପରିବର୍ତ୍ତନ ବା ସଂଶୋଧନ କର-** ମୁଖ୍ୟ ଛବିଟି ଅଙ୍କନ କଲାବେଳେ ଆବଶ୍ୟକ ଅନୁସାରେ ଛୋଟ ଛୋଟ ପରିବର୍ତ୍ତନ କିମ୍ବା ଯୋଗଦାନ ତୁମର ସଜ୍ଜିକରଣ ବା କମ୍ପୋଜିସନ୍‌ରେ କର ।

https://withteachers.in/


**ପଦକ୍ଷେପ-୪ : ରଙ୍ଗ ପ୍ରଦାନ ପ୍ରକ୍ରିୟା**

- ତୁମ ଚିତ୍ରରେ ରଙ୍ଗ ଲଗେଇବା ପାଇଁ ଯେ କୌଣସି ମାଧ୍ୟମର ରଙ୍ଗ ପସନ୍ଦ କର । (ପେନ୍‌ସିଲ୍ ରଙ୍ଗ, ପାଷ୍ଟେଲ୍, କ୍ରେୟନ, ଜଳରଙ୍ଗ, ପୋଷ୍ଟର କଲର, ଆକ୍ରିଲିକ୍ ରଙ୍ଗ, ପ୍ରାକୃତିକ ରଙ୍ଗ ଇତ୍ୟାଦି) ।
- ଋତୁ, ସମୟ, ମାନସିକ ଅବସ୍ଥା ଇତ୍ୟାଦିକୁ ଆଧାର କରି ରଙ୍ଗର ଏକ ବିଷୟବସ୍ତୁ ବା ଥିମ୍‌କୁ ଚୟନ କର ।
- ତୁମର ପ୍ରାରମ୍ଭିକ ସ୍କେଚ୍‌ଗୁଡ଼ିକ ଉପରେ ରଙ୍ଗର ବିଭିନ୍ନ କମ୍ବିନେସନ୍‌କୁ ପ୍ରୟୋଗ କରି ଦେଖ ।
- ବର୍ତ୍ତମାନ ତୁମେ ତୁମର ଚୂଡ଼ାନ୍ତ ଛବିଟିକୁ ପ୍ରସ୍ତୁତ କରିବା ସ୍ଥିତିକୁ ଆସିଗଲ ।

**ପଦକ୍ଷେପ-୫ : ତୁମ ଚିତ୍ରକଳାର ଶୀର୍ଷକ ଲେଖ ।**


- ତୁମ ଚିତ୍ରକଳାଟି ବାବଦରେ କିଛି ଚିନ୍ତନ ବା ଥଟ୍ସ ଟିପି ରଖ (ତୁମର ବିଚାର ବା ଆଇଡ଼ିଆ, ପ୍ରେରଣା, ସ୍ମୃତି ଓ ବ୍ୟକ୍ତିଗତ ସମ୍ପର୍କ ଇତ୍ୟାଦି) ।
- ଏହି ଚିନ୍ତନକୁ ଆଧାର କରି ଏକ ସଂକ୍ଷିପ୍ତ ଲେଖା ଲେଖ ଯାହାକୁ କଳାକୃତିଟିର ଶୀର୍ଷକ ବା ନାମକରଣ ଭାବେ ଗ୍ରହଣ କରିପାରିବା ।

**ଧ୍ୟାନ ଦିଅ:** ସବୁ ବିଦ୍ୟାର୍ଥୀମାନଙ୍କର କଳାକୃତି ସଂଗ୍ରହ କରି ଶିକ୍ଷକ ଗୋଟିଏ ଶ୍ରେଣୀଗୃହରେ ପ୍ରଦର୍ଶିତ କରିପାରନ୍ତି ।










https://withteachers.in/

# ମାନ ନିର୍ଦ୍ଧାରଣ

## ଅଧ୍ୟାୟ-୧୭: ବିଭିନ୍ନ ସ୍ଥାନରେ ଲୋକମାନେ

| CG | C | ଶିକ୍ଷଣ ଫଳାଫଳ | ଶିକ୍ଷକ | ବିଦ୍ୟାର୍ଥୀ |
|---|---|---|---|---|
| ୧ | ୧.୧ | ମାନବ ଶରୀର ଗଠନରେ ଶାରୀରିକ ଭାଗମାପ ବା ପ୍ରୋପୋର୍ସନ ଏବଂ ଅନୁପାତ ବା ରାସିଓର ନିରୀକ୍ଷଣ । | | |
| ୧ | ୧.୧ | ମାନବ ଶରୀରର ଚିତ୍ରଣ ବେଳେ ତାହାର ଶାରୀରିକ ଅଙ୍ଗଭଙ୍ଗୀ ଅନୁସାରେ ପ୍ରୋପୋର୍ସନକୁ ପ୍ରୟୋଗ । | | |
| ୨ | ୨.୨ | ବାସ୍ତବ ଜୀବନରେ ତୁମେ ଯାହା ସବୁ ନିରୀକ୍ଷଣ କରୁଛ, ତାହାକୁ ପର୍ସପେକ୍ଟିଭ୍ ଚିତ୍ର ଆଙ୍କିଲା ବେଳେ ଛବିରେ ସଂଯୋଗ ବା କନେକ୍ଟ । | | |
| ୩ | ୩.୧ | ଦୈନନ୍ଦିନ ଅନୁଭୂତି ଆଧାରିତ ସଜ୍ଜିକରଣ ବା କମ୍ପୋଜିସନ୍ ପ୍ରସ୍ତୁତ କଲାବେଳେ ପର୍ସପେକ୍ଟିଭ୍ ଓ ପ୍ରୋପେର୍ସନର ପ୍ରୟୋଗ । | | |
| | | | | |

### ଶିକ୍ଷକଙ୍କ ମତାମତ ଓ ବିଦ୍ୟାର୍ଥୀଙ୍କ ନିରୀକ୍ଷଣ

https://withteachers.in/

# ୧୮ କଳା; ଜନତାଙ୍କର, ଜନତାଙ୍କ ପାଇଁ ଓ ଜନତାଙ୍କ ଦ୍ୱାରା



ପ୍ରାକ୍-ଐତିହାସିକ ଯୁଗରୁ କଳା ମାନବ ଜୀବନର ଏକ ଅବିଚ୍ଛେଦ୍ୟ ଅଙ୍ଗ ପାଲଟି ଯାଇଛି । ସେ ସମୟର ମାନବକୃତ ସମସ୍ତ ହାତ ତିଆରି ଜିନିଷ ଅନେକ କାଳ ପରେ ମଧ୍ୟ ଆଜି ଆମକୁ ସେ ଯୁଗର ସ୍ୱର ବା ସ୍ପର୍ଶ ସହିତ ସମ୍ପର୍କ ସ୍ଥାପନ କରିପାରୁଛି । ଯେପରି ବିଭିନ୍ନ ଉପକରଣର ଉଦ୍ଭାବନ, ସାମଗ୍ରୀକ ବିକାଶ ତଥା ଯାନ୍ତ୍ରିକ ଯୁଗର ପ୍ରଭାବ କଳା ପ୍ରସ୍ତୁତିକୁ ପ୍ରଭାବିତ କରିଛି, ଠିକ୍ ସେହି ପରି ପରିବର୍ତ୍ତିତ ସାମାଜିକ ମୂଲ୍ୟବୋଧ, କଳ୍ପନା ଓ ବ୍ୟବହାର ମଧ୍ୟ ସୃଜନ ଚିନ୍ତନ ଓ ପରିପ୍ରକାଶକୁ ପ୍ରଭାବିତ କରିଛି । ଶିଳ୍ପକାରଙ୍କ ଜୀବନ ଓ କଳାକୃତି ଗୁଡ଼ିକ ବିଷୟରେ ଶିକ୍ଷାଲାଭ କରିବା ଭାରି ଚମତ୍କାର ଲାଗେ । ସେମାନେ ଆମକୁ ତାଙ୍କର ସୃଜନ ଦୁନିଆକୁ ନେଇଯାଆନ୍ତି, ବିଭିନ୍ନ ଭାବାବେଗକୁ ତ୍ୱରାନ୍ୱିତ କରାନ୍ତି ଯାହା ଆମ ଜୀବନ ଓ କର୍ମରେ ମଧ୍ୟ ପ୍ରତିବିମ୍ବିତ ହୋଇଥାଏ ।

କଳା ଆମ ଦୈନନ୍ଦିନ ଜୀବନର ଏକ ଅଂଶ । ଆମର ପରିଧାନଠାରୁ ଆରମ୍ଭ କରି ଖାଇବା ପ୍ଲେଟ୍ ପର୍ଯ୍ୟନ୍ତ ସବୁଗୁଡ଼ିକ ଗୋଟିଏ ଗୋଟିଏ କଳାକୃତି । ଏହି ଅଧ୍ୟାୟରେ ତୁମେ ଭିନ୍ନ ଭିନ୍ନ ପ୍ରକାରର କଳାପ୍ରଥା ବା କଳାଭ୍ୟାସ ସହିତ ପରିଚିତ ହେବ, ଯାହା ମୂଳତଃ ଆମର ଦୈନନ୍ଦିନ ଜିନିଷମାନ ଯଥା ସୂତା, କାଗଜ, ବସ୍ତ୍ର ଆଦି ବ୍ୟବହୃତ ହୋଇ ସୁନ୍ଦର ବସ୍ତୁ ତଥା କଳାକୃତି ସୃଷ୍ଟି ହୋଇଥିବା ବିଷୟରେ ଜାଣିବାକୁ ପାଇବ । ଏହି ଜିନିଷ ଗୁଡ଼ିକରେ କିପରି ଭାବେ ନିର୍ଦ୍ଦିଷ୍ଟ କଳା କୌଶଳ ପ୍ରୟୋଗ, ଅତି ଧୈର୍ଯ୍ୟର ସହ ଶହ ଶହ ଶିଳ୍ପକାରଙ୍କ ଉତ୍ସର୍ଗୀକୃତ ଭାବ ଓ ପରିଶ୍ରମ ଏହି ପରମ୍ପରାକୁ ବଞ୍ଚାଇ ପାରିଛି, ସେ ବାବଦରେ ଜାଣିବ ।












https://withteachers.in/

## କ୍ରିୟାକଳାପ - ୧୮.୧: ବନ୍ଧନ ଓ ସଂଯୋଗ

ପ୍ରକୃତି ଚମତ୍କାର ବ୍ୟବସ୍ଥା ଦ୍ୱାରା ସମସ୍ତ ପ୍ରାଣୀଙ୍କୁ ଜଣକୁ ଅନ୍ୟଜଣ ସହିତ ଯୋଡ଼ି ରଖିଛି ।

ଏପରି କି ଗୋଟିଏ ଉଦ୍ଭିଦ ବା ଗଛର ଚେର ଦେଖା ଯାଉନଥିଲେ ହେଁ ଆମେ ଜାଣିଥାଉ ଯେ ତାର ଜୀବନ ଅଛି । କିଛି ଗଛ ଯଥା ବରଗଛ ରହିଛି, ଯାହାର ଚେର ଗଛଟିର ଶାଖା ପ୍ରଶାଖାରୁ ଭୂଇଁ ଆଡ଼କୁ ଓହଳ ରହିଥାଏ ।

ମେଘାଳୟ ରାଜ୍ୟରେ, ଭାରତୀୟ ପ୍ରଜାତିର ରବର ଗଛର ବଳିଷ୍ଠ ଚେର ଭୂଇଁ ଉପରେ ବଢ଼ିଥାଏ । ଏହି ଜୀବନ୍ତ ଚେରକୁ ନେଇ ମେଘାଳୟ ଅଞ୍ଚଳର ତାଲିମପ୍ରାପ୍ତ କାରିଗରମାନେ ଝରଣା ଓ ନଦୀ ଉପରେ ଲମ୍ବା ପୋଲ ତିଆରି କରିଥାନ୍ତି ।

ଏହି ପୋଲ ନିର୍ମାଣ ପାଇଁ ବହୁତ ସମୟ ଲାଗିଥାଏ । ସେମାନେ ଜୀବନ୍ତ ଚେରକୁ ନେଇ ଗୋଟିଏ ସହ ଆଉ ଗୋଟିଏକୁ ମୋଡ଼ି, ଛନ୍ଦି ଓ କିଛି ସ୍ଥାନରେ ବାନ୍ଧି ପୋଲ ତିଆରି କରିଥାନ୍ତି । ଚେର ଗୁଡ଼ିକ ଜୀବନ୍ତ ଥିବାରୁ ବୃଦ୍ଧିପାଇ ସମୟାନୁକ୍ରମେ ପୋଲକୁ ବଳିଷ୍ଠ କରି ଗଢ଼ି ତୋଳିଥାଏ ।



ବୁଣିବା, ମୋଡ଼ିବା, ଛନ୍ଦିବା, କ୍ରୋଚେଟ୍ (ବଙ୍କା ଛୁଞ୍ଚିରେ ବୁଣିବା) କୌଶଳ ଗୁଡ଼ିକ ଦ୍ୱାରା ଆମ ଦେଶର ବିଭିନ୍ନ ଅଞ୍ଚଳରେ କାରିଗରମାନେ ସୁନ୍ଦର ସୁନ୍ଦର ଶିଳ୍ପକଳାମାନ ସୃଷ୍ଟି କରିଥାନ୍ତି । ଝୁଡ଼ି, ଟୋକେଇ, ବୟନ ପାଇଁ ସୂତା, ହାତପଙ୍ଖା ଏବଂ ଖଟ ମଧ୍ୟ ଏହିପରି ପ୍ରଣାଳିରେ ସୃଷ୍ଟି କରାଯାଇଥାଏ । ଏହା ସବୁ ଆମର ଦୈନନ୍ଦିନ ଜୀବନରେ ବ୍ୟବହାରରେ ଆସୁଥିବା ବସ୍ତୁ ଯାହା ଲୋକଙ୍କ ପାଇଁ, ଲୋକଙ୍କ ଦ୍ୱାରା ପ୍ରସ୍ତୁତ କରାଯାଇଥାଏ ।



**ଶିକ୍ଷକଙ୍କ ପାଇଁ ସୂଚନା:** ଏହାଦ୍ୱାରା ମାନବ ସମାଜ ସହ ପ୍ରକୃତିର ସମ୍ପର୍କ ତଥା କଳା ଅଭ୍ୟାସରେ ଦୀର୍ଘକାଳୀନ ପ୍ରଭାବ ବାବଦରେ ଆଲୋକପାତ କରନ୍ତୁ ।

ତୁମ ଅଞ୍ଚଳରେ ମିଳୁଥିବା ଦଉଡ଼ି, ଯାହା କପା, ଝୋଟ, କତା କିମ୍ବା ଅନ୍ୟ କୌଣସି ପ୍ରାକୃତିକ ଫାଇବରରୁ ପ୍ରସ୍ତୁତ ହୋଇପାରୁଥିବ, ତାକୁ ସଂଗ୍ରହ କରି ସେଥିରୁ ଛୋଟ ଗୋଟିଏ ଶିଳ୍ପକଳା ନିଜେ ସୃଷ୍ଟି କର ।



https://withteachers.in/

## ଗଣ୍ଠି ପକେଇବାର କଳା ଶିଖ

ଏହି କ୍ରିୟାକଳାପଟିକୁ କରିବା ପାଇଁ ସଭିଏଁ ଛୋଟ ଛୋଟ ଦଳରେ ବିଭକ୍ତ ହୁଅ । ମୌଳିକ ସ୍ତରରେ ଗଣ୍ଠି ପକେଇବାଟା ବୁଝିବା ପାଇଁ ଦର୍ଶାଯାଇଥିବା ଫୋଟକୁ ଅନୁସରଣ କର । ବେଳେବେଳେ ଏହି କାମ କରିବାରେ ଦ୍ୱନ୍ଦ ସୃଷ୍ଟି ହୋଇପାରେ, ତେଣୁ ଜଣେ ଅନ୍ୟ ଜଣକୁ ନିଜର କାମ ଭାବି, ବୁଝି, ଗଣ୍ଠି ପକେଇବାରେ ସହଯୋଗ କର । ଏହାକୁ ତ୍ରୀ-ରଙ୍ଗା ଭଳିଆ କରିବା ପାଇ ରଙ୍ଗୀନ ମାଳି ବା ଅନ୍ୟ କିଛି ସାମଗ୍ରୀ ମଧ ବ୍ୟବହାର କରିପାରିବେ ।



୧ ରୁ ୬ ଯାଏଁ ଦର୍ଶା ଯାଇଥିବା ପଦକ୍ଷେପକୁ ଅନୁସରଣ କରି ଏକ ଫ୍ରେଣ୍ଡସିପ୍ ବ୍ୟାଣ୍ଡ, ରିଷ୍ଟ ବ୍ୟାଣ୍ଡ୍ ଅଥବା ରାକ୍ଷି ତିଆରି କରି, ତାକୁ ଆମର ସୈନିକ ଭାଇଙ୍କ ପାଖକୁ ପଠାଅ । ଏହା ଦ୍ୱାରା ସେମାନଙ୍କର ଆମ ଦେଶ ପାଇଁ ତ୍ୟାଗ ଓ ବଳିଦାନର ତୁମେ ପ୍ରଶଂସା ଓ ସମ୍ମାନ କରିପାରିବ ।
























https://withteachers.in/

## କୃତି । ୨୦୮

ଦଳଗତ ଭାବେ କାମ କରିବା ଜାରି ରଖ ଓ ପଦକ୍ଷେପ- ୧ ୧ ପର ଠାରୁ କାନ୍ଥ ଟଙ୍ଗା, ତୋରଣ ଇତ୍ୟାଦି ବଡ଼ ବଡ଼ କାମ ମଧ୍ୟ ହାତକୁ ନିଅ ।












## କ୍ରିୟାକଳାପ-୧୮.୨: ପ୍ୟାଚ୍ ପକେଇ ମ୍ୟାଚ୍ କର

କେବେ ଆଶ୍ଚର୍ଯ୍ୟ ଚକିତ ହୋଇଛ କି ଯେ ଅବ୍ୟବହୃତ କନା ବା କପଡ଼ା ସବୁ କୁଆଡ଼େ ଯାଉଛି ଓ ସେଗୁଡ଼ିକ କ'ଣ କିଛି କାମରେ ଲାଗୁଛି କି ?

କପଡ଼ାର ଏକ ଦୀର୍ଘ ଜୀବନ ରହିଛି । ପ୍ୟାଚ୍ ଓ୍ୱାର୍କ ଏକ କଳା କୌଶଳ ଯାହା ପୃଥିବୀର ଅନେକ ଅଞ୍ଚଳରେ ବ୍ୟବହୃତ ହେଉଛି, ଯେଉଁଥିରେ ଟୁକୁଡ଼ା କନାଗୁଡ଼ିକୁ ସଂଗ୍ରହ କରି, ତାକୁ ଯୋଡ଼ି ସିଲେଇ କରି ଏକ ବଡ଼ କପଡ଼ାରେ ପରିବର୍ତ୍ତିତ କରାଯାଇଥାଏ । ସେଗୁଡ଼ିକୁ ଘୋଡ଼େଇ ହେବା ପାଇଁ, ରେଜେଇ, ଶେଯ, ସୋଫା ଗଦିର ଖୋଳ, ବ୍ୟାଗ, ଦୋଳି, ଟେବୁଲ ମ୍ୟାଟ୍, ଦରି ଇତ୍ୟାଦି ରୂପେ ବ୍ୟବହାର କରାଯାଏ । ଭାରତର ଅନେକ ଅଞ୍ଚଳରେ ମହିଳାମାନେ ପୁରୁଣା କନା, ଲୁଗାପଟା, ପୋଷାକ ପରିପାଟି ଆଦିର ଅଦରକାରୀ ବା ଟୁକୁଡ଼ା ଅଂଶକୁ ସଂଗ୍ରହ କରି, ତାକୁ ଏକାଠି ଉପର-ତଳ, ଯୋଡ଼ା-ଯୋଡ଼ି କରି ସିଲେଇ କରନ୍ତି ।



ଏହି ଯୋଡ଼ାଯୋଡ଼ି ବା ପ୍ୟାଚ୍ ଓ୍ୱାର୍କ ହୋଇଥିବା ଶେଯ ବା ରେଜେଇ ଗୁଡ଼ିକ ସ୍ମୃତିର ପ୍ରତୀକ ବା ସନ୍ତକ ଅଟେ ।

ଆମ ସମାଜକୁ ତୁମେ ଏହି ପ୍ୟାଚଓ୍ୱାର୍କ ଭଳିଆ ଭାବିକ ଦେଖ । ପ୍ରତ୍ୟେକ ବ୍ୟକ୍ତି ସମାନ ଗୁରୁତ୍ୱ ବହନ କରି ପୂର୍ଣ୍ଣ ଛବିଟିକୁ ନିଜର ଅବଦାନ ଦେଉଛନ୍ତି । ସେଥିରେ ଯିଏ କେହି ଯଦି କିଛି ସୃଷ୍ଟି କରୁଛି, ତାହା ପୁରା ସମାଜର ଛବିଟିକୁ ପରିବର୍ତ୍ତିତ କରିବାର କ୍ଷମତା ରଖୁଛି ।





https://withteachers.in/

## କନା ପ୍ୟାଚ୍ ଗୁଡିକୁ ଯୋଡ଼ି ସିଲେଇ କରିବା ଶିଖ

ଏହି କ୍ରିୟାକଳାପ କରିବା ପାଇଁ ଛୋଟ ଛୋଟ ଦଳରେ ବିଭକ୍ତ ହୁଅ ।

**ପଦକ୍ଷେପ-୧ :** ତୁମ ଘରୁ ପୁରୁଣା ଓ ଅଦରକାରୀ କପଡ଼ା ସଂଗ୍ରହ କର । ସ୍କୁଲରେ ମଧ୍ୟ ସେହିପରି ଖୋଜି ଦେଖ ।

**ପଦକ୍ଷେପ-୨ :** ୩୦ X ୩୦ ସେଣ୍ଟିମିଟର ଏକ ବଡ଼ କପଡ଼ା ଖଣ୍ଡ ସଂଗ୍ରହ କର । ଯାହାକୁ ପ୍ୟାଚ୍‌ୱାର୍କର ମୂଳଦୁଆ ବା ବେସ୍ ଭାବେ ବ୍ୟବହାର କରିବା ।

**ପଦକ୍ଷେପ-୩ :** ସଂଗ୍ରହ କରିଥିବା ଅନ୍ୟ କପଡ଼ା ବା କନା ଖଣ୍ଡ ଗୁଡିକୁ ୫-୬ ସେଣ୍ଟିମିଟର ପାଖାପାଖି ଆକାରର ତିନି କୋଣିଆ ଓ ଚାରିକୋଣିଆ ଭାବେ କାଟି ଦିଅ ।

**ପଦକ୍ଷେପ-୪ :** ମୂଳ ବଡ କନା ଖଣ୍ଡ ଉପରେ ଏହି ଟୁକୁଡ଼ା କନା ଗୁଡିକୁ ଏପରି ସଜେଇ ରଖ ଯେପରି ତାହା ତୁମକୁ ଏକ ଚିତ୍ତାକର୍ଷକ ଦୃଶ୍ୟ ଭଳିଆ ଦେଖାଯିବ ।

**ପଦକ୍ଷେପ-୫ :** ଏଥର ସେଗୁଡ଼ିକର ଧାର ଗୁଡିକୁ ଓଲଟା ମୋଡି ଗୋଟିଏ ପରେ ଗୋଟିଏ ଏହି ପରି ସିଲେଇ କରିଦିଅ । ଏପରି କରି କପଡ଼ାଟିକୁ ଓଲଟାଇ ଦେଖ ପଛ ପଟର ସିଲେଇ ଦେଖାଯାଉନଥିବା ଆବଶ୍ୟକ ।

**ପଦକ୍ଷେପ-୬ :** ସବୁତକ ଛୋଟ କପଡ଼ା ଖଣ୍ଡ ଗୁଡିକୁ ସିଲେଇ କରି ସାରିଲା ପରେ ତାକୁ ମୂଳ କପଡ଼ା ଉପରେ ଥୋଇ ତା ଉପରେ ଲଗାତାର ଭାବରେ ସିଧା ସିଧା ଧାଡ଼ି ଭଳି ସିଲେଇ କରିଚାଲ । ଏପରି କଲାବେଳେ ବିଭିନ୍ନ ରଙ୍ଗୀନ ସୂତା ବ୍ୟବହାର କରି ତୁମେ ସୁନ୍ଦର ଓ ଆକର୍ଷକ ପ୍ୟାଟର୍ଣ୍ଣମାନ ସୃଷ୍ଟି କରିପାରିବ ।

**ପଦକ୍ଷେପ-୭ :** ତୁମେ ପ୍ରସ୍ତୁତ କରିଥିବା ଏହି ଶେଯ ବା ରେଜେଇର ଧାର ଗୁଡିକୁ ଅନ୍ୟ କପଡ଼ା ଦ୍ୱାରା ଘୋଡେଇ ସିଲେଇ କର କିମ୍ବା ସେହି ଚାରିପଟର ଧାରକୁ ମୋଡ଼ି ମଧ୍ୟ ସିଲେଇ କରିପାର ।



**ସୁରକ୍ଷା ଦୃଷ୍ଟିରୁ ଧ୍ୟାନ ଦିଅ:** ଧାରୁଆ ବସ୍ତୁ କଇଁଚି ଓ ଛୁଞ୍ଚି ଆଦି ବ୍ୟବହାର ବେଳେ ସତର୍କତା ଅବଲମ୍ବନ କର । ଏକ ସ୍ପଞ୍ଜ କିମ୍ବା ମୋଟା କପଡ଼ା ଖଣ୍ଡକୁ ଛୁଞ୍ଚି ରଖିବା ପାଇଁ ବ୍ୟବହାର କର, ଯାହା ଫଳରେ ଛୁଞ୍ଚିଗୁଡ଼ିକ ଅବ୍ୟବସ୍ଥିତ ଭାବରେ ଏଠି ସେଠି ନ ରହି, କାହାକୁ କ୍ଷତି ପହଞ୍ଚାଇ ପାରିବ ନାହିଁ ।

**ତୁମେ ଜାଣିଛ କି ?**



କିଛି ସିଲେଇ କାରିଗର ଏହି ପରି ବଡ଼ ବଡ଼ କପଡ଼ାରେ କଳା କୌଶଳ ଦେଖେଇ କାହାଣୀମାନ ପରିବେଷଣ କରିଥିବା ଦେଖିବାକୁ ମିଳେ ।

https://withteachers.in/

## କ୍ରିୟାକଳାପ-୧୮.୩: କାଗଜ ମଣ୍ଡ ଓ ରଙ୍ଗ

ପ୍ରତ୍ୟେକ ଦିନ ହଜାର ହଜାର ଖବର କାଗଜ ଛପାଯାଏ । ସେଗୁଡ଼ିକ ପଢ଼ିସାରିଲା ପରେ ଅଦରକାରୀ ହୋଇପଡୁଥିଲେ ହେଁ ଅନେକ କ୍ଷେତ୍ରରେ ସେ ଗୁଡ଼ିକୁ ପୁନଃ ବ୍ୟବହାର କରିବା ପାଇଁ ତାକୁ ବ୍ୟାଗ୍, ପ୍ୟାକିଙ୍ଗ, ଖାତାର ମଲାଟ ଆଦି ଅନେକ କାମରେ ଲଗାଯାଇଥାଏ ।


ତୁମେ ପୁରୁଣା ଖବରକାଗଜକୁ ନେଇ କ'ଣ କ'ଣ କର ? ଯେତେବେଳେ ନିର୍ଦ୍ଦିଷ୍ଟ ପ୍ରକାରର ନରମ କାଗଜ ଯଥା ଖବରକାଗଜ, ଟିସୁ ପେପର୍ ଆଦିକୁ ପାଣିରେ ଭିଜେଇ ଅଠା ମିଶେଇ ଦେଲେ ତାହା ମଜଭୁତ୍ ହୋଇଯାଇଥାଏ ।



'ପେପର-ମାଶି' ଏକ କଳା କୌଶଳ ଯାହା ବିଭିନ୍ନ କାଗଜ, ଅଠା ଓ ପାଣିର ସମ୍ମିଶ୍ରଣକୁ ଛାଞ୍ଚ ସାହାଯ୍ୟରେ ତ୍ରୀ-ପାର୍ଶ୍ୱିକ ବା ଥ୍ରୀ-ଡ଼ାଇମେନସନ୍ କଳାକୃତିର ରୂପ ଦିଆଯାଇଥାଏ ।

ଏହିସବୁ ଆକୃତି ଗୁଡ଼ିକ କାରିଗରଙ୍କର ସ୍ଥାନୀୟ ପରିବେଶ ଓ ସଂସ୍କୃତି ଉପରେ ଆଧାରିତ ଥାଏ । ତେଣୁ ସେହି ଅଞ୍ଚଳରେ ସହଜରେ ମିଳୁଥିବା ରଙ୍ଗର ବ୍ୟବହାର ଦେଖିବାକୁ ମିଳିଥାଏ । ଏପରି କି ସମାନ ପ୍ରଣାଳିରେ ପ୍ରସ୍ତୁତ ହେଉଥିବା ପେପର-ମାଶି ଗୁଡ଼ିକର ମୋଟିଫ୍ ଓ ରୂପାଙ୍କନ ଗୋଟିଏ ଅଞ୍ଚଳଠାରୁ ଅନ୍ୟ ଅଞ୍ଚଳରେ ଅଲଗା ହୋଇଥାଏ ।

ସବୁ ଦିନେ ମିଳିପାରୁଥିବା ସରଞ୍ଜାମ ଯଥା କାଗଜକୁ ମନୋହର କଳାକୃତିରେ ରୂପାନ୍ତରିତ କରିହୁଏ । ଆମ ଦେଶର ବିଭିନ୍ନ ଅଞ୍ଚଳରେ ଏହା ବହୁଳଭାବେ ପ୍ରସ୍ତୁତ ହୋଇଥାଏ । ଏହି କଳା କୌଶଳ କିପରି ଭାବେ ଆମ ଦେଶର ଗୋଟିଏ ପ୍ରାନ୍ତରୁ ଅନ୍ୟ ପ୍ରାନ୍ତକୁ କିପରି ଯାତ୍ରା କଲା, ସେ ବାବଦରେ ତୁମେ କ'ଣ ଭାବୁଛ ?





**ଶିକ୍ଷକଙ୍କ ପାଇଁ ସୂଚନା:** ପେପର-ମାଶିର ନିର୍ମାଣ କାର୍ଯ୍ୟବେଳେ ପ୍ରତ୍ୟେକଟି ପଦକ୍ଷେପ ସମୟରେ ଜିନିଷଗୁଡ଼ିକୁ ଧ୍ୟାନର ସହ ନିରୀକ୍ଷଣ କରିବାକୁ ପଡ଼େ । ଏହି କାର୍ଯ୍ୟ କଲାବେଳେ ବିଜ୍ଞାନ ଶିକ୍ଷକଙ୍କ ସହଯୋଗ ନେଇ ପାରନ୍ତି ଯେ କିପରି ଭାବରେ ପାଣି ଓ ଅଠା ମିଶି ବତୁରିଥିବା କାଗଜର ଗୁଣରେ ପରିବର୍ତ୍ତନ ଆସୁଛି ।



https://withteachers.in/

## ପେପର-ମାଶି ତିଆରି ଶିଖ

ଏହି କ୍ରିୟାକଳାପ କରିବା ପାଇଁ ଛୋଟ ଛୋଟ ଦଳରେ ବିଭକ୍ତ ହୋଇଯାଅ । ଏଠାରେ ଉଲ୍ଲେଖ ଥିବା କାର୍ଯ୍ୟପନ୍ଥା ଗ୍ରହଣ କରି ଛୋଟ ପେପର-ମାଶିଟିଏ ପ୍ରସ୍ତୁତ କର ।

**ପଦକ୍ଷେପ-୧ :** ଗୋଟିଏ ବଡ଼ କୁଣ୍ଡରେ ପୁରୁଣା ଖବର କାଗଜକୁ ଛୋଟ ଛୋଟ ଟୁକୁରା କରି ବା ସରୁ ସରୁ ଲମ୍ବା କାଟି କିଛିଦିନ ପର୍ଯ୍ୟନ୍ତ ପାଣିରେ ବୁଡ଼େଇ ରଖ ।

**ପଦକ୍ଷେପ-୨ :** ବତୁରି ଯାଇଥିବା ଭିଜା କାଗଜ ସବୁକୁ କୁଣ୍ଡରୁ ବାହାର କରି ଚିପୁଡ଼ି ଦେଇ ପାଣିତକ ନିଗାଡ଼ି ଦିଅ ।

**ପଦକ୍ଷେପ-୩:** ସେହି ଚିପୁଡ଼ା କାଗଜକୁ ବାଟି କିମ୍ବା ଅଟା ଦଳିଲା ଭଳି କାଦୁଆ କରିଦିଅ, ଯାହାକୁ ପଲ୍ପ କୁହାଯାଏ ।

**ପଦକ୍ଷେପ-୪ :** ସେହି କାଗଜ ବଟା ବା ପଲ୍ପରେ କିଛି ଅଠା ଭଲ ଭାବରେ ମିଶାଅ ।

**ପଦକ୍ଷେପ-୫:** ଗୋଟିଏ ଖାଲୁଆ ଗିନା ବା ପାତ୍ର ନିଅ । ତାହାର ବାହାର ପାର୍ଶ୍ୱରେ ବହଳିଆ ତେଲ ବା ପେଟ୍ରୋଲିୟମ୍ ଜେଲି ବୋଳିଦିଅ ।

**ପଦକ୍ଷେପ-୬:** ସେହି ଗିନାଟିକୁ ତଳ ମୁହାଁ କରି ରଖି ତା' ଉପରେ ହାଲକା ଓଦାଳିଆ ଖବର କାଗଜ ଷ୍ଟ୍ରିପ୍‌ମାନରେ ପୁରା ଗିନାଟିକୁ ଘୋଡ଼େଇ ଦେଇ ତା ଉପରେ ତୁମେ ପ୍ରସ୍ତୁତ କରିଥିବା ପଲ୍ପକୁ ସମାନ ଭାବରେ ସମ୍ପୂର୍ଣ୍ଣ ଗିନା ଉପରେ ଥାପି ଦିଅ । ତାହାକୁ ପୁରାପୁରି ଭାବରେ ଶୁଖିବା ପାଇଁ କିଛି ଦିନ ଛାଡ଼ି ଦିଅ ।

**ପଦକ୍ଷେପ-୭ :** ଶୁଖିଗଲା ପରେ ସେ ପାତ୍ରକୁ ଓଲଟାଇ ସେଥିରୁ ପେପର-ମାଶିଟିକୁ ଅଲଗା କରିଦିଅ ।

**ପଦକ୍ଷେପ-୮ :** ସେହି ପେପର-ମାଶିକୁ ସରୁ ବାଲିକାଗଜ ଦ୍ୱାରା ଘଷି, ସଫା ସୁତରା କରି, ସେଥିରେ ରଙ୍ଗ ଦେଇ ଅଳଙ୍କରଣ ବା ସୁନ୍ଦର ଚତ୍ରଣ କର ।







https://withteachers.in/

## ମାନ ନିର୍ଦ୍ଧାରଣ

| ଅଧ୍ୟାୟ-୧୮ : କଳା; ଜନତାଙ୍କର, ଜନତାଙ୍କ ପାଇଁ ଓ ଜନତାଙ୍କ ଦ୍ୱାରା | | | | |
|---|---|---|---|---|
| CG | C | ଶିକ୍ଷଣ ଫଳାଫଳ | ଶିକ୍ଷକ | ବିଦ୍ୟାର୍ଥୀ |
| ୧ | ୧.୧ | ଦଳବଦ୍ଧ ହୋଇ କଳାକୃତି ପ୍ରସ୍ତୁତ କର ଓ ମିଳିତ ଭାବେ କାମ କରିବାର ମହତ୍ୱ ବୁଝ । | | |
| ୪ | ୪.୧ | ଭାରତର ବିଭିନ୍ନ ଅଞ୍ଚଳରେ ପ୍ରଚଳିତ ଅଦରକାରୀ ସାମଗ୍ରୀର ସାମଗ୍ରୀକ ବ୍ୟବହାର କରି କଳାକୃତି ନିର୍ମାଣର କଳାଭ୍ୟାସକୁ ଦର୍ଶାଇବା ଓ ସେ ବାବଦରେ ସଚେତନତା ସୃଷ୍ଟି କରିବା । | | |
| ୪ | ୪.୨ | କାରିଗରଙ୍କର ତାଙ୍କ ଅଞ୍ଚଳର କାରିଗରୀକୁ ଅନ୍ୟମାନଙ୍କ ସହ ପରିଚିତ କରିବାପାଇଁ ପ୍ରଦର୍ଶନ କରିବା । | | |
| | | ସଭିଙ୍କର ସାମଗ୍ରୀକ ଅଂଶଗ୍ରହଣ | | |

### ଶିକ୍ଷକଙ୍କ ମତାମତ ଓ ବିଦ୍ୟାର୍ଥୀଙ୍କ ନିରୀକ୍ଷଣ



https://withteachers.in/

# ୧୯ କଳା ସଚେତନତା ପାଇଁ ପ୍ରଚାର-ପ୍ରସାର



କୌଣସି ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ ଆଧାରିତ ସଚେତନତାର ପ୍ରଚାର କରିବା ଦ୍ୱାରା ସେହି ବିଷୟ ବା ବାର୍ତ୍ତା ପ୍ରତି ସଭିଙ୍କର ଧ୍ୟାନ କେନ୍ଦ୍ରୀତ ହୋଇଥାଏ । ଏହି ବାର୍ତ୍ତା କୌଣସି ଏକ ନୂଆ କରି ଆରମ୍ଭ ହୋଇଥିବା ସେବା ବା ସର୍ବିସର ଅଥବା ଉତ୍ପାଦ (ପ୍ରଡ଼କ୍ଟ) ହୋଇପାରେ । ଏହା ଏକ ସର୍ବଜନୀନ ଘୋଷଣା ହୋଇପାରେ ଯେପରିକି କରୋନ ମହାମାରୀ ସମୟରେ ସମସ୍ତଙ୍କୁ ନାକ ଓ ପାଟିକୁ ଘୋଡ଼େଇବା ପାଇଁ ମୁଖା ଲଗେଇ ରହିବାକୁ କୁହାଯାଇଥିଲା । ସେହିପରି ନିର୍ବାଚନ ପୂର୍ବରୁ ଭୋଟର ମାନଙ୍କର ନାମ ପଞ୍ଜିକରଣ କରିବା ପାଇଁ ଘୋଷଣା କରାଯାଇଥାଏ । ଏହି ପରି ସଚେତନତାର ପ୍ରଚାର ପାଇଁ କଳାର ବ୍ୟବହାର ପ୍ରାୟତଃ ସ୍ୱାସ୍ଥ୍ୟ, ପରିଚ୍ଛନ୍ନତା, ପରିବେଶ, ନ୍ୟାୟ ଆଦି କ୍ଷେତ୍ରରେ ପ୍ରଚଳିତ ହୋଇଥାଏ ।

ପୋଷ୍ଟର, ଫ୍ଲାୟର, ବ୍ୟାନର, ହୋର୍ଡ଼ିଙ୍ଗ, ବ୍ରୋଚର, କାଟାଲଗ୍ ଇତ୍ୟାଦି ଏହି ଭଳିଆ ବାର୍ତ୍ତାଗୁଡ଼ିକୁ ଲୋକଙ୍କ ପାଖରେ ପହଞ୍ଚିବା ପାଇଁ ଡିଜାଇନ୍ ବା ରୂପାଙ୍କନ କରାଯାଇଥାଏ । ଏହି ପ୍ରତ୍ୟେକଟିକୁ ଧ୍ୟାନର ସହ ଚିତ୍ରାୟିତ କରାଯାଇଥାଏ, ଯେପରି କି ଏଥିରେ ସ୍ଥାନ ପାଇଥିବା ଅକ୍ଷର, ବାର୍ତ୍ତା ଓ ଦୃଶ୍ୟଗୁଡ଼ିକ ସାଧାରଣ ଜନତାଙ୍କର ଦୃଷ୍ଟିକୁ ଆକର୍ଷିତ କରିପାରିବ । ତୁମେ ତୁମ ବିଦ୍ୟାଳୟର ବିଭିନ୍ନ କାର୍ଯ୍ୟକ୍ରମ ବେଳେ ପୂର୍ବରୁ ଏହିପରି ପୋଷ୍ଟର, ବ୍ୟାନର ଇତ୍ୟାଦି ପ୍ରସ୍ତୁତ କରିଥିବ କିମ୍ବା ଦେଖିଥିବ ।

ତୁମେ କ'ଣ ଭାବୁଛ କି ଯେ, ବିଭିନ୍ନ କଳାର ବିଷୟରେ ଜନ ସଚେତନତା ସୃଷ୍ଟି କରିବା ଗୁରୁତ୍ୱପୂର୍ଣ୍ଣ ଅଟେ ? ଏହି ଅଧ୍ୟାୟରେ ତୁମେ ବିଭିନ୍ନ ପ୍ରକାର କଳାକୃତି, କାରୁକାର୍ଯ୍ୟ ଓ ସାଂସ୍କୃତିକ ବିଷୟ ସମ୍ବଳିତ ମଣିଷ ତିଆରି ବସ୍ତୁର ଏକ ପ୍ରଚାର ଓ ପ୍ରସାରର ବ୍ୟବସ୍ଥା ପ୍ରସ୍ତୁତ କରିବ ଯାହା ଅନ୍ୟମାନଙ୍କୁ ଏଥିରେ ଅଂଶ ଗ୍ରହଣ କରିବା ପାଇଁ ଉତ୍ସାହିତ କରିବ ।

ଏକ ପ୍ରଚାର-ପ୍ରସାର ଆରମ୍ଭ କରିବା ପାଇଁ ସାମଗ୍ରୀ ସଂଗ୍ରହ, ଗବେଷଣା, ଫର୍ମାଟ୍ ଚୟନ (ମାପଚୁପ ଓ ମାଧ୍ୟମ ଇତ୍ୟାଦି), ମୁଖ୍ୟବାର୍ତ୍ତା ଲିଖନ ଓ ଛବିଳ କରି ଆଙ୍କିବା ଇତ୍ୟାଦି ଅନେକ ଗୁଡ଼ିଏ ପଦକ୍ଷେପ ନେବାକୁ ହେବ । କଳାର ପ୍ରଚାର ପ୍ରସ୍ତୁତ କରିବା ପାଇଁ ଏହିସବୁ ପଦକ୍ଷେପ ନିହାତି ଆବଶ୍ୟକ ଅଟେ ।







https://withteachers.in/

## କ୍ରିୟାକଳାପ-୧୯.୧: ତୁମର ପ୍ରଚାର-ପ୍ରସାର ପାଇଁ ଏକ ବିଷୟ ଚୟନ କର

ତୁମର କ୍ୟାମ୍ପେନ୍ ବା ପ୍ରଚାର-ପ୍ରସାର ପାଇଁ ସର୍ବପ୍ରଥମେ ଏକ ବିଷୟ ପସନ୍ଦ କର । ଏହି କାମ ପାଇଁ ତୁମେ ଜଣେ ଚିତ୍ରକାର, ମୂର୍ତ୍ତିକାର, ଡ଼ିଜାଇନର୍, ଅଥବା ଫଟୋଗ୍ରାଫରଙ୍କ ସହିତ ମିଶି କାମ କରିପାର । ଏପରିକି ତୁମେ କୌଣସି ଏକ କାରିଗର ଗୋଷ୍ଠୀ ଯଥା ବୁଣାକାର, କଂସାରୀ, କୁମ୍ଭାର ଇତ୍ୟାଦିଙ୍କୁ ଚୟନ କର ଯିଏକି କୌଣସି ଏକ ଶିଳ୍ପକଳା ବା କାରୁକଳା ପରମ୍ପରାକୁ ବଞ୍ଚେଇ ରଖିଥିବେ, ଯେପରି ତୁମେ ପୂର୍ବ ଅଧ୍ୟାୟରେ ପଢ଼ିଛ କିମ୍ବା ନିଜେ କୌଣସି କାର୍ଯ୍ୟକ୍ରମରେ ଭାଗନେଇଛ, କିମ୍ବା ତୁମର କୌଣସି ଏକ ପ୍ରୋଜେକ୍ଟରେ ନିଜେ କରିଛ ।

୪ରୁ ୫ ଜଣିଆ ଛୋଟ ଛୋଟ ଦଳ ଗଢ଼ ଓ ନିଜେ ନିଜ ଦଳର କ୍ୟାମ୍ପେନ୍ ପାଇଁ ବିଷୟବସ୍ତୁ କ'ଣ ନେବ ତାହା ମିଳିତ ଭାବେ ପ୍ରତ୍ୟେକ ଦଳ ଭାବି ନିଅ । ନିମ୍ନରେ ଦିଆଯାଇଥିବା ବିନ୍ଦୁଗୁଡ଼ିକୁ ତତ୍‌ପରତା ସହ ବୁଝ ।

- ତୁମ ଅଞ୍ଚଳରେ କୌଣସି ଶିଳ୍ପୀ ଓ କାରିଗରୀ ବାବଦରେ କିଛି ଜାଣିଛ କି ?
- ତୁମ ଅଞ୍ଚଳରେ କୌଣସି ଶିଳ୍ପକଳା ମେଳା, ମହୋତ୍ସବ ଆଦି ଆଗାମି ଦିନମାନଙ୍କରେ ହେବାକୁ ଯାଉଛ କି ?
- ତୁମ ଅଞ୍ଚଳରେ କୌଣସି କଳା ଅନୁଷ୍ଠାନ କିମ୍ବା ଡ଼ିଜାଇନ୍ ସ୍କୁଲ ଅଛି କି ?
- ତୁମ ଘର ପାଖାପାଖି କୌଣସି ସଂଗ୍ରହାଳୟ ବା ଆର୍ଟ ଗ୍ୟାଲେରୀ ଅଛି କି ? ସେଠାରେ କେଉଁ ପ୍ରକାରର କଳାକୃତିମାନ ପ୍ରଦର୍ଶିତ ହୋଇଥାଏ ?

ତୁମ ରାଜ୍ୟରେ ବହୁତ ପ୍ରକାରର ଶିଳ୍ପକାର ଓ କଳା ପରମ୍ପରାମାନ ରହିଛି, ଯାହା ତୁମେ ଜାଣିନଥିବ !

ସେଥିରୁ ଗୋଟିଏ ବାଛି ତା ବିଷୟରେ ଶିକ୍ଷକଙ୍କ ସହ ଚର୍ଚ୍ଚା କର ।










https://withteachers.in/

## କ୍ରିୟାକଳାପ-୧୯.୨: ତଥ୍ୟ ସଂଗ୍ରହ

ନିଜେ ଚୟନ କରିଥିବା ବିଷୟବସ୍ତୁ ବାବଦରେ ପର୍ଯ୍ୟାପ୍ତ ତଥ୍ୟ ସଂଗ୍ରହ କରିବା ପାଇଁ ନିମ୍ନଲିଖିତ ପ୍ରକାରେ କାମ କର ।

- ଶିକ୍ଷକ, ସହପାଠୀ ଓ ପରିବାରର ସଦସ୍ୟଙ୍କ ସହ କଥା ହୁଅ ।
- ପାଠାଗାରକୁ ଯାଅ, ସ୍ଥାନୀୟ ଖବର କାଗଜ ଓ ତୁମର ଗତ ବର୍ଷର ପାଠ୍ୟ ପୁସ୍ତକରୁ ସୂଚନା ବା ତଥ୍ୟ ସଂଗ୍ରହ କର ।
- ଶିଳ୍ପୀଙ୍କ ଚିତ୍ରଶାଳା ଓ ତାଙ୍କର କର୍ମସ୍ଥଳକୁ ଯାଅ ।
- ଆର୍ଟ ଗ୍ୟାଲେରୀ, ସଂଗ୍ରହାଳୟ, କଳାମେଳା କିମ୍ବା ହାଟକୁ ଯାଅ ।
- ତୁମ ଠାରୁ ବୟସରେ ବଡ଼ ହୋଇଥିବା କୌଣସି ବ୍ୟକ୍ତିଙ୍କ ତଦାରଖରେ ଇଣ୍ଟରନେଟ୍‌ରୁ ଆଉ ଅଧିକ ତଥ୍ୟ ସଂଗ୍ରହ କର ।

ଯାହାସବୁ ତଥ୍ୟ ସଂଗ୍ରହ କଲ ସେସବୁକୁ ଲେଖି ରଖ । ତତ୍ ସମ୍ପର୍କୀୟ ଲେଖା ଓ ଛବିଗୁଡ଼ିକ ସଂଗ୍ରହ କର । ନିମ୍ନରେ ଉଲ୍ଲେଖିତ ସୂଚନା ଖଣ୍ଡଗୁଡ଼ିକୁ ଦେଖ ଓ କରିବାକୁ ଚେଷ୍ଟା କର ।

- ଏହି ଶିଳ୍ପୀ ବା କଳାକୃତିର ସମାଜ ପ୍ରତି କ'ଣ ଅବଦାନ ରହିଛି ?
- ଶିଳ୍ପୀ ଓ କଳାକୃତି ବାବଦରେ କ'ଣ କାହାଣୀ ରହିଛି ?
- ଏହି ଶିଳ୍ପୀ କିମ୍ବା କଳାକୃତି କିମ୍ବା ତାଙ୍କର କଳାଭ୍ୟାସ ବାବଦରେ କ'ଣ ବିଶେଷ କଥା ତୁମେ ଜାଣିବାକୁ ପାଇଲ ।
- ଏହି କଳାକୃତି କେଉଁ ପ୍ରେରଣା ଦ୍ୱାରା ପ୍ରଭାବିତ ହୋଇଛି ?
- ସେ କଳାକୃତିଟି ପ୍ରସ୍ତୁତ କରିବାରେ ଶିଳ୍ପୀ ସାମାଜିକ, ଆର୍ଥିକ କିମ୍ବା ପରିବେଶଗତ ଆହ୍ୱାନର ସମ୍ମୁଖୀନ ହୋଇଛନ୍ତି କି ?





**ଶିକ୍ଷକଙ୍କ ପାଇଁ ସୂଚନା:** ବିଦ୍ୟାର୍ଥୀମାନେ ତଥ୍ୟ ବା ସୂଚନା ପ୍ରଦାନ ବେଳେ କେବଳ ଶିଳ୍ପୀଙ୍କର ଜୀବନୀ, ଘଟଣାକ୍ରମ ଓ କାଳଗଣନା କରିବା ବଦଳରେ କାହାଣୀ ଓ ଦୃଶ୍ୟ ଆଧାରରେ କହିଲେ, ତାହା ଅଧିକ ଆକର୍ଷକ ହୋଇପାରିବ । ବିଦ୍ୟାର୍ଥୀମାନଙ୍କୁ ସେମାନେ ସଂଗ୍ରହ କରିବାକୁ ଚାହୁଁଥିବା ଲେଖା, ତଥ୍ୟ ଓ ଫୋଟ ବାବଦରେ ସହଯୋଗ କରନ୍ତୁ ।

https://withteachers.in/

## କ୍ରିୟାକଳାପ-୧୯.୩: ସୂଚନା ଗୁଡ଼ିକୁ ସଂଗଠିତ କର

- ତୁମର ପ୍ରଚାର କାର୍ଯ୍ୟକ୍ରମ ଦ୍ୱାରା ତୁମେ କ'ଣ ମୁଖ୍ୟ ବାର୍ତ୍ତା ଦେବାକୁ ଚାହୁଁଛ ସେ ବିଷୟରେ ଭାବି ରଖ ।
- ପ୍ରଚାର ପାଇଁ ଏକ ଆକର୍ଷକ ସ୍ଲୋଗାନ ସୃଷ୍ଟି କର । ତୁମର ବାର୍ତ୍ତାର ସଫଳ ପ୍ରତିଫଳନ ପାଇଁ ୫ରୁ ୭ଟି ଶବ୍ଦକୁ ସ୍ଲୋଗାନରେ ସ୍ଥାନ ଦିଅ ।
- ତୁମେ ଯଦି ନୃତ୍ୟ କିମ୍ବା ମଞ୍ଚ ଅଭିନୟର ଏକ ପ୍ରଚାର କାର୍ଯ୍ୟ କରୁଛ, ତେବେ ତାହାର ଶୀର୍ଷକ ଓ ମୁଖ୍ୟ ବାର୍ତ୍ତା ଏପରି ହେବା ଉଚିତ୍ ଯେପରି କି ତାହା ସାଧାରଣ ଜନତାଙ୍କୁ ପ୍ରଭାବିତ ବା ଅନୁପ୍ରାଣିତ କରିପାରୁଥିବ, ଯାହା ଫଳରେ ସେମାନେ ଆସି ତୁମ କାର୍ଯ୍ୟକ୍ରମର ଆନନ୍ଦ ନେଇ ପାରୁଥିବେ ।



**ତୁମେ ଜାଣିଛ କି ?**

ବିଶିଷ୍ଟ ସିନେମା ନିର୍ମାତା ସତ୍ୟଜିତ୍ ରାୟ "ଇନର୍ ଆଇ" ନାମକ ଏକ ପ୍ରାମାଣିକ ଚଳଚ୍ଚିତ୍ର ବା ଡକୁମେଣ୍ଟାରୀ ଫିଲ୍ମ ନିର୍ମାଣ କରିଛନ୍ତି । ଏହା ସୁନାମଧନ୍ୟ ଶିଳ୍ପୀ ବିନୋଦ ବିହାରୀ ମୁଖାର୍ଜୀଙ୍କ ଉପରେ ଆଧାରିତ ହୋଇଛି, ଯିଏ ଜଣେ ଦୃଷ୍ଟିହୀନ ବ୍ୟକ୍ତି ଅଟନ୍ତି । ସେ ବୃହତ୍ତାକାର ମ୍ୟୁରାଲ ବା ଭିତ୍ତିଚିତ୍ର, ଚିତ୍ରକଳା ଓ କୋଲାଜ ସୃଷ୍ଟି କରି ଢ଼େର ସଫଳତା ପାଇଛନ୍ତି । ଏହି ସିନେମାଟିର ଏପରି ନାମକରଣ ସତ୍ୟଜିତ୍ ରାୟ କାହିଁକି କରିଛନ୍ତି ତାହାର କାରଣ ତୁମ ମତରେ କ'ଣ ହୋଇପାରେ ?

- ଯାହା ତଥ୍ୟ ବା ସୂଚନା ସଂଗ୍ରହ କରିଛ ସେ ଗୁଡ଼ିକୁ ଧ୍ୟାନର ସହ ପଢ଼ି ବୁଝ ।
- ସେ ଗୁଡ଼ିକୁ ନିମ୍ନ ଲିଖିତ ଶୀର୍ଷକ ଅନୁସାରେ ଏକାଠି କର ।

(କ) ଉପକ୍ରମ

(ଖ) ନିର୍ମାଣ କୌଶଳ

(ଗ) ପୃଷ୍ଠଭୂମିର ସୂଚନା ବା ବ୍ୟାଗ୍ରାଉଣ୍ଡ ଇନଫରମେସନ୍

(ଘ) ଭିଜୁଆଲ ଗ୍ୟାଲେରୀ ବା ଦୃଶ୍ୟ ବିଥି

ଏହି ବର୍ଗୀକରଣ ତୁମେ ଚୟନ କରିଥିବା ବିଷୟବସ୍ତୁ ତଥା ସ୍ଥାନ, କାଳ, ପାତ୍ର ଅନୁସାରେ ବଦଳିପାରେ ।

ଏକ ପ୍ରଚାରର ଉଦାହରଣ, ଶୀର୍ଷକ- 'ଏ ଷ୍ଟିଚ୍ ଇନ୍ ଟାଇମ୍' ବା 'ଉପଯୁକ୍ତ ସମୟରେ ସିଲେଇ', ଏହା ଏକ ଏମବ୍ରୋଇଡ଼େରୀ ବା ପ୍ୟାଚ୍‌ୱାର୍କ ପରମ୍ପରା କାର୍ଯ୍ୟକ୍ରମର ଶୀର୍ଷକ ହୋଇପାରେ । ଯେହେତୁ ପ୍ରତିଟି ସିଲେଇକୁ ଯତ୍ନର ସହ କରାଯାଇଥାଏ, ସମୟକୁ ଗୁରୁତ୍ୱ ଦିଆଯାଇଥାଏ, ତେଣୁ ଏହା ସିଲେଇ କରିଲା ଲୋକର ଧୈର୍ଯ୍ୟ ତଥା ଧ୍ୟାନଯୁକ୍ତ କୌଶଳର ପରାକାଷ୍ଠା ଦର୍ଶାଏ ।






https://withteachers.in/

## କ୍ରିୟାକଳାପ-୧୯.୪: ଦୃଶ୍ୟ ସୃଷ୍ଟି କର ଓ ତାକୁ ଆଣି ଏକାଠି କର

ତୁମର ପ୍ରଚାର କାର୍ଯ୍ୟକ୍ରମ ପାଇଁ ଜଣେ ଶିଳ୍ପୀ ବା ତାଙ୍କର କଳା-ଅଭ୍ୟାସକୁ ଆଧାର କରି ଏକ ପ୍ରାଚୀର ପତ୍ର ବା ପୋଷ୍ଟର ଡ଼ିଜାଇନ କର, ଅଥବା ତାଙ୍କର ଗୋଟିଏ ସିରିଜ ବା ଶୃଙ୍ଖଳାର ଅନେକ ଗୁଡ଼ିଏ ଛବିକୁ ନେଇ ଏକ ବ୍ରୋଚର୍ ବା ସଂକଳନ ପ୍ରସ୍ତୁତ କର । ଏପରିକି ମଧ୍ୟାହ୍ନ ଭୋଜନ ସମୟରେ ବାଣ୍ଟିବା ପାଇଁ ତୁମେ ଏକ ଛୋଟ ଫ୍ଲାୟର୍ ବା ଝୁଲନ୍ତା ବିଜ୍ଞାପନ ମଧ୍ୟ ପ୍ରସ୍ତୁତ କରିପାର । ଭାବି ଦେଖ କେଉଁ କାମଟା ତୁମର ପ୍ରଚାର ପାଇଁ ସର୍ବ ଉତ୍କୃଷ୍ଟ ଅଟେ ।




### ବ୍ରୋଚର ତିଆରି ପାଇଁ ପଦକ୍ଷେପ

- ଏକ A4 ଆକାରର କାଗଜକୁ ତିନୋଟି ସମାନ ମାପରେ ଭାଙ୍ଗ ପକାନ୍ତୁ ।
- ଆଗ ପଛକୁ ମିଶାଇ ତାହାର ଛଅଟି ପାର୍ଶ୍ୱକୁ ନିମ୍ନରେ ଦିଆଯାଇଥିବା ସୂଚନା ଅନୁସାରେ ବାଣ୍ଟି ଦିଅନ୍ତୁ ।

(କ) **ସାମନା ପୃଷ୍ଠା:** ତୁମର କାର୍ଯ୍ୟକ୍ରମର ଶୀର୍ଷକ ଓ ମୁଖ୍ୟ ବାର୍ତ୍ତାକୁ ସାମନା ପୃଷ୍ଠାରେ ସ୍ଥାନ ଦିଅ ।

(ଖ) **ପରିଚୟ:** ଅଳ୍ପ କିଛି ଶବ୍ଦ ଓ ଛବି ଦ୍ୱାରା ପାଠକକୁ ଏହି ବ୍ରୋଚର ବାବଦରେ ଏହା କ'ଣ ଅଟେ ଜଣାନ୍ତୁ ।

(ଗ) **ପ୍ରଣାଳୀ:** ଜଣେ ଶିଳ୍ପୀଙ୍କର କିଛି ଗୁରୁତ୍ୱପୂର୍ଣ୍ଣ କାମକୁ ନେଇ ଏକ ଟାଇମ୍-ଲାଇନ୍ ପ୍ରସ୍ତୁତ କର କିମ୍ବା ଏକ ନିର୍ଦ୍ଦିଷ୍ଟ କଳାକୃତିଟି କିପରି ଭାବେ ସୃଷ୍ଟି ହେଲା ତାହାର କାହାଣୀ ଜଣାଅ ।

(ଘ) **ଗ୍ୟାଲେରୀ:** ଅନେକ ଗୁଡ଼ିଏ ଦୃଶ୍ୟକୁ ନେଇ ଏକ ଦୃଶ୍ୟ ଗ୍ୟାଲେରୀ ପ୍ରସ୍ତୁତ କର, ଓ ସେଥିରେ ଜଣେ ଶିଳ୍ପୀଙ୍କର କିଛି ଚିତ୍ର, ଫୋଟ, ତାଙ୍କର ବ୍ୟବହୃତ ଯନ୍ତ୍ରପାତି, ରଙ୍ଗ, ତୂଳୀ ଇତ୍ୟାଦି ସ୍ଥାନିତ କର ।

(ଙ) **ସଂଗ୍ରହ ଉତ୍ସ:** କୋଉଁ ସୋର୍ସରୁ ତୁମେ ଏହି ତଥ୍ୟ ସଂଗ୍ରହ କଲ, ତାକୁ ସୂଚୀତ କରିବାକୁ ଭୁଲନ୍ତୁ ନାହିଁ । ତୁମର ପାଠକମାନେ ସ୍ୱୟଂ ଏହି ବିଷୟରେ ଅଧିକ ଜାଣିବାପାଇଁ ଆଗ୍ରହ ପ୍ରକାଶ କରିପାରନ୍ତି ।

କୋଲାଜ୍ (ପରସ୍ତ-ପରସ୍ତ ରଙ୍ଗୀନ କାଗଜକୁ ଅଠା ଲଗାଇ ତିଆରି ହୋଇଥିବା କଳାକୃତି) ଏବଂ ମୁଦ୍ରଣକଳା ଭଳି ମାଧ୍ୟମକୁ ନେଇ ମଧ୍ୟ ପରୀକ୍ଷା-ନିରୀକ୍ଷା କର । ଶିଳ୍ପୀ ଓ ତାଙ୍କର କଳା ନିର୍ମାଣରେ କ'ଣ କ'ଣ ଜିନିଷମାନ ବ୍ୟବହୃତ ହୋଇଛି, ତାକୁ ନିରୀକ୍ଷଣ କର । ଏଥିରୁ ତୁମେ କିଛି ପ୍ରେରଣା ନେଇପାରିବ କି ?

https://withteachers.in/

# ମାନ ନିର୍ଦ୍ଧାରଣ

| ଅଧ୍ୟାୟ-୧୯ : କଳା ସଚେତନତା ପାଇଁ ପ୍ରଚାର-ପ୍ରସାର | | | | |
|---|---|---|---|---|
| CG | C | ଶିକ୍ଷଣ ଫଳାଫଳ | ଶିକ୍ଷକ | ବିଦ୍ୟାର୍ଥୀ |
| ୨ | ୨.୨ | ବ୍ରୋଚ୍‌ରରେ ଥିବା ଗୁରୁତ୍ୱପୂର୍ଣ୍ଣ ସୂଚନା ଶୀଘ୍ର ନଜରକୁ ଆଣିବା ପାଇଁ କିଛି ଦୃଶ୍ୟାବଳୀର ବ୍ୟବହାର । | | |
| ୩ | ୩.୨ | ବ୍ରୋଚର ନିର୍ମାଣ ବେଳେ କାହା ପରେ କ'ଣ କରିବେ, ସେହି କ୍ରମ ପ୍ରତି ଧ୍ୟାନ ରଖିବା । | | |
| ୪ | ୪.୨ | ଆଞ୍ଚଳିକ ସ୍ତରର ଜଣେ ଯୁଗୋପଯୋଗୀ ଶିଳ୍ପୀ କିମ୍ବା ତାଙ୍କର କଳା ଅଭ୍ୟାସକୁ ଚୟନ କରି, ତାହାର ଜନ ସଚେତନତା ପାଇଁ ପ୍ରଚାର କାର୍ଯ୍ୟ ହାତକୁ ନେବ । | | |
| | | ସଭିଙ୍କର ସାମଗ୍ରୀକ ଅଂଶ ଗ୍ରହଣ | | |

**ଶିକ୍ଷକଙ୍କ ମତାମତ ଓ ବିଦ୍ୟାର୍ଥୀଙ୍କ ନିରୀକ୍ଷଣ**

---------------------------------------------

---------------------------------------------

---------------------------------------------

---------------------------------------------



https://withteachers.in/

## ସମାପ୍ତି ସୂଚକ ମାନ ନିର୍ଦ୍ଧାରଣ

| | ମାନ ନିର୍ଦ୍ଧାରଣ ପାଇଁ କ୍ରିୟାକଳାପ (ଉଦାହରଣ) | ମାନ ନିର୍ଦ୍ଧାରଣର ମାନଦଣ୍ଡ |
|---|---|---|
| **ବ୍ୟକ୍ତିଗତ** | ନିଜର ପୋର୍ଟଫୋଲିଓ ଉପସ୍ଥାପନା କର ।<br>ସେହିପରି ୫ଟି କଳାକୃତି ଚୟନ କର, ଯାହା ତୁମର କଳା ଶିକ୍ଷାକୁ ଦିଗ୍‌ଦର୍ଶନ ଦେଉଥିବ ଓ ସେଥିରେ ନିମ୍ନରେ ଦିଆଯାଇଥିବା କଥା ଗୁଡ଼ିକ ଅନ୍ତର୍ଭୁକ୍ତ ହେଉଥିବ ।<br>• ଏକ କଳାକୃତି ଯାହା ତୁମ ପାଇଁ ପ୍ରବଳ ଆହ୍ୱାନ ସୃଷ୍ଟି କରୁଥିବ ।<br>• ଏକ କଳାକୃତି ଯାହା ତୁମକୁ ଅଧିକ ସନ୍ତୁଷ୍ଟ କରୁଥିବ ।<br>• ଏକ କଳାକୃତି ଯେଉଁଥିରେ ତୁମେ ପ୍ରଥମ ଥର ନୂଆଁ ନୂଆଁ ସରଞ୍ଜାମ ଓ କୌଶଳ ବ୍ୟବହାର କରିଲ ।<br>• ନମୁନା ଓ ରଫ୍ ସ୍କେଚ୍‌କୁ ମଧ୍ୟ ଅନ୍ତର୍ଭୁକ୍ତ କର । | **ଧ୍ୟାନ ଦିଅ:-**<br>• ଦୃଶ୍ୟ କଳାର ମୌଳିକ ଉପାଦାନ ଓ ସିଦ୍ଧାନ୍ତ ।<br>• କମ୍ପୋଜିସନ୍ ବା ଦୃଶ୍ୟ ସଜ୍ଜିକରଣ । |
| **ଦଳଗତ** | • ଯୋଜନା କରି ଏକ ଶ୍ରେଣୀରେ କଳା ପ୍ରଦର୍ଶନୀର ଆୟୋଜନ କର ।<br>• ୬ ରୁ ୮ ଜଣଙ୍କୁ ନେଇ ଏକ ଦଳ ଗଢ଼ ।<br>• କଳାକୃତି ଗୁଡ଼ିକୁ ଧ୍ୟାନର ସହ ଦେଖ କିମ୍ବା ସହପାଠୀଙ୍କର ପୋର୍ଟଫୋଲିଓରୁ ସମାନ ବିଷୟବସ୍ତୁ ଥିବା କାମ ଗୁଡ଼ିକ ପ୍ରଦର୍ଶନୀ ପାଇଁ ଚୟନ କର ।<br>• ତୁମ ଦଳର ପ୍ରଦର୍ଶନୀ ପାଇଁ ଏକ ଶୀର୍ଷକ ବିଷୟରେ ଭାବ ।<br>• କିପରି ଭାବରେ କଳାକୃତି ଗୁଡ଼ିକୁ ପ୍ରଦର୍ଶିତ କରିବ, ସେ ବାବଦରେ ଯୋଜନାବଦ୍ଧ ଭାବେ କାମ କର ।<br>• ପ୍ରତ୍ୟେକଟି କଳାକୃତି ତଳେ ଲେବଲ୍ ଲଗାଅ ଯେଉଁଥିରେ ବିଦ୍ୟାର୍ଥୀଙ୍କ ନାମ, କଳାକୃତିର ଶୀର୍ଷକ, ମାଧ୍ୟମ ଓ ତାରିଖ ଉଲ୍ଲେଖ କର । | • ଉପଯୁକ୍ତ ବିଷୟବସ୍ତୁ ଓ ଦଳଗତ ପ୍ରଦର୍ଶନୀର ଶୀର୍ଷକ ଚୟନ ।<br>• କଳାକୃତି ମନୋନୟନ<br>• କଳାକୃତି ଗୁଡ଼ିକୁ ପ୍ରଦର୍ଶିତ କଲାବେଳେ ଡ଼ିଜାଇନ୍ ପ୍ରିନ୍ସିପଲ୍ ବା ରୂପାଙ୍କନ ସିଦ୍ଧାନ୍ତକୁ ବ୍ୟବହାର କର । |

https://withteachers.in/

## ଟିପ୍ପଣୀ-



https://withteachers.in/

ଟିପ୍ପଣୀ-

## ଟିପ୍ପଣୀ-



https://withteachers.in/

ଟିପ୍ପଣୀ–